

ଟକ୍କିକ୍‌ରେ କଳାକାରଙ୍କ ଷ୍ଟଣ୍ଟ ସିନ୍
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-41 ◆MONDAY ◆4 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୧ ◆ସୋମବାର ◆୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଅଗଷ୍ଟ ୧୫ରୁ ବାର୍ଷିକ ଫାସ୍‌ଟ୍ୟାଗ୍ ପାସ୍

■ **ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନୂତନ ବାର୍ଷିକ ଫାସ୍‌ଟ୍ୟାଗ୍ ପାସ୍ ବ୍ୟବସ୍ଥା ଆରମ୍ଭ କରିଛି । ଅଗଷ୍ଟ ୧୫ରୁ ଏହା ସାରା ଦେଶରେ ଲାଗୁ ହେବ । ଏତାଛଡା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ପୂର୍ବ ପରି ଜାରି ରହିବ । ଯେଉଁମାନେ ବାର୍ଷିକ ପାସ୍ ନେବାକୁ ଚାହୁଁନାହାନ୍ତି, ସେମାନେ ପୂର୍ବ ପରି ସେମାନଙ୍କର ଫାସ୍‌ଟ୍ୟାଗ୍ ସହିତ ସାଧାରଣ ଟୋଲ୍ ପେମେଣ୍ଟ ଜାରି ରଖିପାରିବେ । ଜଣେ ଏହି ପାସ୍ ପାଇଁ ନୂତନ ଆବେଦନ କରିପାରିବେ କିମ୍ବା ପୂର୍ବରୁ ଥିବା ଫାସ୍‌ଟ୍ୟାଗ୍ ବ୍ୟବହାର କରିପାରିବେ । ଏଥିପାଇଁ ଗାଡ଼ି ବାହାନ ଡାଟାବେସ୍‌ରେ ବୈଧ ଥିବା ଉଚିତ, ଗାଡ଼ିର ୱିଣ୍ଡସିଲ୍ଡରେ ଫାସ୍‌ଟ୍ୟାଗ୍ ଲାଗିବା ଜରୁରି । ଏହାବାଦ୍ ଗାଡ଼ିର ପଞ୍ଜୀକରଣ ନମ୍ବର କଳା ତାଲିକାଭୁକ୍ତ ହୋଇ ନ ଥିବା ଉଚିତ୍ ।



## କେନାଲକୁ ଖସିଲା ବୋଲେରୋ; ୧୧ ମୃତ



**ଗୋଟିଏ ପରିବାରର ୯ ମୃତ**

■ **ଗୋଣ୍ଡା, ୩।୮ (ଏଜେନ୍ସି):** ଉତ୍ତରପ୍ରଦେଶର ଗୋଣ୍ଡାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୧ ଜଣ ଲୋକ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରର ୯ ଜଣ ସଦସ୍ୟ ଅଛନ୍ତି । ଦ୍ରୁତଗତିରେ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ କେନାଲକୁ ଖସି ପଡିବାରୁ ଏହି ଦୁର୍ଘଟଣା ଘଟିଛି । ତେବେ ଡ୍ରାଇଭରଙ୍କ ସମେତ ୪ ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଜଣେ ୧୦ ବର୍ଷୀୟ ବାଳିକା ନିଖୋଜ ଅଛନ୍ତି । ରବିବାର ସକାଳ ୧୦ଟାରେ ଏହି ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ବେଳେ ଗାଡ଼ି ୬୦ କିମି ବେଗରେ ଚାଲୁଥିଲା ବୋଲି ପୁଲିସ କହିଛି । ମୃତକଙ୍କ ମଧ୍ୟରେ ୬ ମହିଳା ଓ ୩ ଜଣ ଛୋଟ ପିଲା ରହିଛନ୍ତି । ▶ପୃଷ୍ଠା-୭

**ଦାଦନ ନୀତି ଚୁଲିରେ**

### ଆନ୍ଧ୍ରପ୍ରଦେଶ ପଥର ଖାଦାନରେ ବିସ୍ଫୋରଣ

## ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

■ **ମୋହନା/ଦିଗପହଣ୍ଡି/ଧରାକୋଟ, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ବାଲିକୁରଭା ମଣ୍ଡଳ ମଲାୟାପୁଲମ ଗ୍ରାମସ୍ଥିତ ଏକ ଗ୍ରାନାଇଟ୍ ପଥର ଖଣିରେ ରବିବାର ସକାଳେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଗଜପତି ଜିଲ୍ଲା ମୋହନାର ୨ଜଣ ଥିବା ବେଳେ ଗଞ୍ଜାମ ଜିଲ୍ଲାର ୪ଜଣ ରହିଛନ୍ତି । ଏକ ବଡ଼ ପଥର ତଳେ ଚାପି ହୋଇ ଏମାନଙ୍କ ମୃତ୍ୟୁ ହୋଇଛି । ସେହିପରି ଏହି ଅଘଟଣରେ ଏକାଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ମୃତକମାନେ ହେଲେ, ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ଗ୍ରାମର ଦଣ୍ଡ ବାଡତ୍ୟା ଓରଫ ବୁଢ଼ା, ଫାଶୀଗୁଡ଼ା ପଞ୍ଚାୟତ ବାଙ୍ଗରଡ଼ା ଗ୍ରାମର ବନମାଳୀ ବେହେରା, ଧରାକୋଟ ବ୍ଲକ୍ ଡଉଗାଁ ପଞ୍ଚାୟତ ବାଇଡାଗୁଡ଼ାର ମୂଷା ଜେନା (୪୩), ଓଳମ୍ବା ପଞ୍ଚାୟତ କଷେଇ ଗ୍ରାମର ସନ୍ତୋଷ ଗୌଡ଼ (୩୬) ଏବଂ ମୋହନା ଥାନା ଢ଼େପାଗୁଡ଼ା ପଞ୍ଚାୟତ ଅଲରାଗାଁର ଭାସ୍କର ବିଷୋୟୀ (୪୦) ଓ ଟୁକୁନା ଦଳାଇ (୩୭) ।

ସୂଚନା ଅନୁଯାୟୀ, ପରିବାର ପୋଷଣ ନିମନ୍ତେ ଦିଗପହଣ୍ଡି ବ୍ଲକର ୯ ଜଣ ଓ ଗଜପତି ଜିଲ୍ଲା ମୋହନା ବ୍ଲକ ଢେପାଗୁଡ଼ା ପଞ୍ଚାୟତର ୨ ଜଣ ଓଡ଼ିଆ ଶ୍ରମିକ ଏହି ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ । ରବିବାର ସକାଳେ ଉକ୍ତ ପଥର ଖାଦାନରେ ଏକ ବିସ୍ଫୋରଣ ଘଟିଥିଲା । ଏହି ଭୟଙ୍କର ବିସ୍ଫୋରଣରେ ଏକ ବଡ଼ ପଥର ତଳେ ଚାପି ହୋଇ ଶ୍ରମିକମାନଙ୍କ ମୃତ୍ୟୁ ହୋଇଥିବା ଖବର ପ୍ରଚାର ହୋଇଥିଲା । ବିଳମ୍ବିତ ରାତି ସୁଦ୍ଧା ସେଠାକାର ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି ।



**ମୃତକଙ୍କ ମଧ୍ୟରେ ମୋହନାର ୨ ଓ ଦିଗପହଣ୍ଡିର ୪ଜଣ**

**ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

### ଦୁଃଖ ପ୍ରକାଶ କଲେ ନବୀନ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶର ପଥର ଖଣିରେ ବିସ୍ଫୋରଣ ଘଟି ୬ଜଣ ଓଡ଼ିଆ ଶ୍ରମିକ ପ୍ରାଣ ହରାଇଥିବା ଘଟଣାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ନବୀନ ଏକ୍ସ ଯୋଗେ ଦର୍ଶାଇଛନ୍ତି ଯେ ଏହି ଘଟଣା ବିଷୟରେ ଜାଣି ମୁଁ ଦୁଃଖିତ । ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି । ଏପରି ସମୟକୁ ସାମ୍ନା କରିବା ପାଇଁ ପରିବାରର ସଦସ୍ୟମାନଙ୍କୁ ମହାପ୍ରଭୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ । ଏଥିସହ ନବୀନ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

**୧୫ମାସରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରବାସୀ ମୃତ**

## ଗୋଟିଏ ବୈଠକରେ ସୀମିତ ଟାସ୍କଫୋର୍ସ

■ **ଭୁବନେଶ୍ୱର, ୩।୮ (ସମିସ):** ଆନ୍ଧ୍ରପ୍ରଦେଶରେ ଏକ ଗ୍ରାନାଇଟ ପଥର ଖଣିରେ ବିସ୍ଫୋରଣରେ ୬ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଏହି ୬ ଜଣ ଶ୍ରମିକ ପ୍ରାଣ ହରାଇଥିବା ପରେ ରାଜ୍ୟ ସରକାର ଦାଦନ ରୋକିବା ଦିଗରେ ଘୋଷଣାର ଆନ୍ତରିକତାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଓଡ଼ିଶାରୁ କେହି ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ବୋଲି ଗତ ନିର୍ବାଚନ ସମୟରେ ବିଜେପି ନେତାମାନେ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବିଡ଼ମ୍ବନା ହେଉଛି ଯେ ଗତ ୧୫ ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୧୫୦ରୁ ଊର୍ଦ୍ଧ୍ୱ ଦାଦନ ପ୍ରାଣ ହରାଇଥିବେଳେ ଶହଶହ ବିକଳାଙ୍ଗ ହୋଇଫେରିଛନ୍ତି ।

ଦାଦନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଟାସ୍କ ଫୋର୍ସ ଗଠନ କଲେ । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି କମିଟିର ଅଧ୍ୟକ୍ଷ ରହିଥିଲେ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଦସ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗ ମନ୍ତ୍ରୀ, ମୁଖ୍ୟ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବ ପ୍ରମୁଖ ଟାସ୍କଫୋର୍ସ ସଦସ୍ୟ ରହିଥିଲେ । ଏହି ଟାସ୍କଫୋର୍ସ ଦାଦନ ସମସ୍ୟା ଦୂର କରିବାକୁ ବିଭିନ୍ନ କାର୍ଯପନ୍ଥା ସ୍ଥିର କରିବାର ଥିଲା । ପ୍ରତି ୬ ମାସରେ ଅନ୍ୟୂନ ଥରେ ଟାସ୍କ ଫୋର୍ସ ବୈଠକ କରି ଦାଦନ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ଓ ଆନୁଷଙ୍ଗିକ ପ୍ରସଙ୍ଗ ଗୁଡ଼ିକର ସମୀକ୍ଷା କରିବ ବୋଲି ସରକାର କହିଥିଲେ । ମାତ୍ର ଏହି ଟାସ୍କଫୋର୍ସ ▶ପୃଷ୍ଠା-୭

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

## ବୋର୍ଡ ଉପସଭାପତି ଗିରଫ

**୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ**

**‘ଏଫ୍‌ଟିପି’ ବଦଳରେ ଉପସଭାପତିଙ୍କ ଲାପ୍‌ଟପ୍‌କୁ ‘ଇ-ମେଲ୍’ରେ ଆସିଥିଲା ପ୍ରଶ୍ନ**

**ମୁଖ୍ୟ ଅଭିଯୁକ୍ତକୁ ୨ ମାସରେ ୧୦୦ଥର କଲ୍ କରି ସନ୍ଦେହକୁ ଆସିଥିଲେ ନୀହାର**



■ **କଟକ, ୩।୮ (ସମିସ):** ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରି କୋର୍ଟଚାଲାଣ କରିଛି । କୋର୍ଟ ତାଙ୍କର ଜାମିନ ନାମଞ୍ଜୁର କରିବା ସହ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଏହି ଘଟଣାରେ ପୂର୍ବରୁ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ନୀହାରଙ୍କୁ ମିଶାଇ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ଅପରପକ୍ଷେ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପ୍ରଚଳିତ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଚାଲିଥିବା ନିୟମ ବହିର୍ଭୂତ କାର୍ଯ୍ୟ ସାମ୍ନାକୁ ଆସିଛି । ସବୁ ନିୟମକୁ ଉଲ୍ଲଙ୍ଘନ କରି ବୋର୍ଡ ଉପସଭାପତି କିଭଳି କାର୍ଯ୍ୟ କରୁଥିଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବୋର୍ଡ ଉପସଭାପତିଙ୍କ ଲାପ୍‌ଟପ୍‌ରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଥିବା କ୍ରାଇମବ୍ରାଞ୍ଚ ସ୍ପଷ୍ଟ କରିଛି । ଗତ କିଛି ଦିନ ହେବ, ଉପସଭାପତି ନୀହାରଙ୍କ ଉପରେ କ୍ରାଇମବ୍ରାଞ୍ଚର ସନ୍ଦେହ ବଢ଼ିଥିଲା । ତାଙ୍କୁ ଗିରଫ ପାଇଁ ମଧ୍ୟ ଅନେକ ମହଲରେ ଦାବି ଉଠିଥିଲା । ଏହାକୁ ନେଇ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଥିଲେ ନୀହାର । ଗତକାଲି କ୍ରାଇମବ୍ରାଞ୍ଚ ତାଙ୍କୁ ଡାକି ମାରାଥନ ଜେରା କରି ଅନେକ ବିଷୟରେ ପ୍ରଶ୍ନ କରିଥିଲା । ସେଥିରେ ସେ ସତ ଓଗାଳିଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ଆଜି ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ପଚରାଉଚରା ବେଳେ ନୀହାର କଥାକୁ ବୁଲାଇବାକୁ ଚେଷ୍ଟା କରୁଥିଲେ । ଫଳରେ, କ୍ରାଇମବ୍ରାଞ୍ଚର ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା । ତେବେ ପ୍ରଶ୍ନପତ୍ର ଛପା ଏଜେନ୍ସି ସହ ତାଙ୍କର କି’ ସମ୍ପର୍କ ରହିଛି, ତାହା ଆଗକୁ ଖୋଳତାଡ଼ କରାଯିବ । ସେହିଭଳି ଆର୍ଥିକ କାରବାର ଲିଙ୍କ୍‌ର ମଧ୍ୟ ଯାଞ୍ଚ ଚାଲିଛି । ଯେଉଁମାନେ ପ୍ରଶ୍ନପତ୍ର କିଣିଛନ୍ତି, ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ । ▶ପୃଷ୍ଠା-୭



## କୋଟିପତି ଏମ୍‌ଭିଆଇଙ୍କ ୪୪ ପ୍ଲଟ୍, କେଜିଏ ସୁନା

■ **ବୌଦ୍ଧ/ବାରିପଦା/ଭୁବନେଶ୍ୱର, ୩।୮ (ସମିସ):** ଚାକିରି ଏମ୍‌ଭିଆଇ, ହେଲେ ନିଶା ପ୍ଲଟ୍ କିଣିବା । ଗୋଟିଏ କି ଦୁଇଟି ନୁହେଁ, ବାରିପଦା ଓ ଆଖପାଖ ଅଞ୍ଚଳରେ ନିଜ ଓ ସଂପର୍କୀୟ ନାମରେ କିଣିଛନ୍ତି ୪୩ ମୂଲ୍ୟବାନ ପ୍ଲଟ୍ । ସେହିପରି ବାଲେଶ୍ୱର ଶ୍ରୀବନ୍ତପୁରରେ ଗୋଟିଏ ପ୍ଲଟ୍ ରହିଛି । ସବୁ ପ୍ଲଟ୍ ମିଶିଲେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ହେବ । ଏହି ସବୁ ପ୍ଲଟ୍‌ର ମୂଲ୍ୟ ୧.୪୯ କୋଟି ଟଙ୍କା ହେବ । ଖାଲି ସେତିକି ନୁହେଁ, ଘରେ ରଖିଛନ୍ତି ୧ କେଜିର ସୁନା ବିସ୍କୁଟ । ପ୍ରତି ସୁନା ବିସ୍କୁଟର ଓଜନ ୫୦ ଗ୍ରାମ । ରୁପା ଅଳଙ୍କାର ବି କିଛି କମ୍ ନାହିଁ । ସବୁଆଡ଼ୁ ଦରାଣ୍ଡିଲା ପରେ ୨.୧୨୬ କେଜିର ରୁପା ଅଳଙ୍କାର ଠାବ ହୋଇଛି । ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୧କୋଟି ୩୪ ଲକ୍ଷ ୯ହଜାର ଟଙ୍କା ରହିଥିବା ବେଳେ ନଗଦ ୨ଲକ୍ଷ ୩୮ ହଜାର ଟଙ୍କା ଠାବ ହୋଇଛି । ଏସବୁ ବାଦ୍ ଝିଅର ମେଡିକାଲ ପାଠପଢ଼ା ବାବଦକୁ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି । ଏପରି ଜଣେ କୋଟିପତି ବାବୁ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ସେ ହେଲେ, ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦା । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କର ୬ଟି ଠିକଣାରେ ଚଢ଼ଉ କରି ବିପୁଳ ସମ୍ପତ୍ତି ଠାବ କରିଛି । ଶ୍ରୀ ହାଁସଦାଙ୍କର ବାରିପଦାସ୍ଥିତ ଘର ▶ପୃଷ୍ଠା-୭



### ନିର୍ମାଣାଧୀନ ପ୍ରକଳ୍ପ ଶେଷ ପୂର୍ବରୁ ଆଲୋଚନା ପାଇଁ ଛତିଶଗଡ଼ ଅରାଜି !

**‘ମହା’ ବିବାଦ**

## ଚାପରେ ମୋହନ-ବିଷ୍ଣୁ

■ **ଭୁବନେଶ୍ୱର, ୩।୮ (ସମିସ):** ୧୯୮୩ ମସିହାରୁ ଦୀର୍ଘ ୪୨ ବର୍ଷ ଧରି ମହାନଦୀକୁ ନେଇ ଲଢ଼େଇ କରୁଛି ଓଡ଼ିଶା । ପ୍ରଥମେ ମହାନଦୀକୁ ନେଇ ମଧ୍ୟପ୍ରଦେଶ ସହ ବିବାଦ ଚାଲିଥିଲା ଓ ମଧ୍ୟପ୍ରଦେଶ ବିଭାଜନ ପରେ ଏବେ ଲଢ଼େଇ ଛତିଶଗଡ଼ ସହ ଚାଲିଛି । ୮୬୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ମହାନଦୀର ୫୩% ଛତିଶଗଡ଼ରେ ରହିଥିବାବେଳେ ଓଡ଼ିଶାରେ ୪୭% ରହିଛି । ମାତ୍ର ବିଡ଼ମ୍ବନା ହେଉଛି ଯେ ଓଡ଼ିଶାକୁ ଅନ୍ଧାରରେ ରଖି ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ବାନ୍ଧି ଜଳ ପ୍ରବାହରେ ପ୍ରତିବନ୍ଧକ ଲଗାଇଛି । ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ଓ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ବିରୋଧୀ ମହାନଦୀ ବିବାଦର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଉଛନ୍ତି । ମାତ୍ର କୌତୂହଳର କଥା ହେଉଛି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ‘ଆପୋସ’ ସମାଧାନ ନିମନ୍ତେ ଲେଖିଥିବା ଚିଠିର ଉତ୍ତର ଛତିଶଗଡ଼ ▶ପୃଷ୍ଠା-୭



**ଗୁଣିଗାରେଡ଼ି ସନ୍ଦେହରୁ ହତ୍ୟା**

## ଗୁପ୍ତାଙ୍ଗ କାଟି ପଥର ଛେଚିଲେ

**୧୪ ଅଭିଯୁକ୍ତ ଗିରଫ**

■ **ମୋହନା, ୩।୮ (ସମିସ):** ଗୁଣିଗାରେଡ଼ି ସନ୍ଦେହ ଏବଂ ଗାଁ କୋଠ ଘରକୁ ତେନ୍ତୁଳି ଗଛ ନଦେବାକୁ କେନ୍ଦ୍ର କରି ମୋହନା ଥାନା ରାଚାଗୁଡ଼ା ଗ୍ରାମରେ ଶନିବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ଗ୍ରାମବାସୀମାନେ ଜଣେ ଯୁବକଙ୍କ ଗୁପ୍ତାଙ୍ଗକୁ କାଟିବା ପରେ ପଥରରେ ଛେଚି ହତ୍ୟା କରିଛନ୍ତି । ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଡ୍ୟାମ୍‌କୁ ଫିଙ୍ଗି ଦେଇଛନ୍ତି । ମୃତକ ହେଲେ, ଗୋପାଳ ମଲିକ (୩୫) । ଏହି ଘଟଣାରେ ପୁଲିସ ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନା ଅନୁଯାୟୀ, ଗୋପାଳଙ୍କର ପ୍ରାୟ ୩୦ଟି ତେନ୍ତୁଳି ଗଛ ଥିଲା । ଗାଁ ଲୋକେ ସେହି ତେନ୍ତୁଳି ଗଛଗୁଡ଼ିକୁ ଗାଁ କୋଠଘରକୁ ଦେବା ପାଇଁ ଦାବି କରିଥିଲେ । କିନ୍ତୁ ଗୋପାଳ ▶ପୃଷ୍ଠା-୭

## ଶେଷଯାତ୍ରାରେ ବଳଙ୍ଗା ପୀଡ଼ିତା

**ଗାଁରେ ପହଞ୍ଚିଲା ମରଶରୀର; ଆଜି ଶେଷକୃତ୍ୟ**

■ **ଭୁବନେଶ୍ୱର, ୩।୮ (ସମିସ):** ଦିଲ୍ଲୀ ଏମ୍‌ସରେ ଗତକାଲି ପ୍ରାଣ ହରାଇଥିବା ବଳଙ୍ଗା ନାବାଳିକାର ମୃତଦେହ ଆଜି (ରବିବାର) ମଧ୍ୟରାତ୍ରରେ ନିଜ ଗାଁ ନୂଆ ଗୋପାଳପୁରରେ ପହଞ୍ଚିଛି । ସୋମବାର ସକାଳେ ଧର୍ମୀୟ ରୀତିନୀତିରେ ମୁତାବକ ମରଶରୀରକୁ କବର ଦିଆଯିବ ବୋଲି ଜଣାପଡ଼ିଛି ।

ଆଜି ରାତି ପ୍ରାୟ ୧୧.୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା । ଭୁବନେଶ୍ୱର ବିମାନ ବନ୍ଦରରେ ମରଶରୀର ପହଞ୍ଚିବା ପରେ ବିଭିନ୍ନ ଦଳର ନେତୃବୃନ୍ଦ ତାଙ୍କୁ ଶେଷ ଦର୍ଶନ କରିଥିଲେ । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେହିପରି ବିଜେଡି ପକ୍ଷରୁ ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ପ୍ରଦୀପ ମାଝୀ, ଉମାକାନ୍ତ ସାମନ୍ତରାୟ, ସୁଶାନ୍ତ ରାଉତ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଇପ୍‌ସିତା ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ▶ପୃଷ୍ଠା-୭



## ସନ୍ଦେହ ବଢ଼ାଉଛି ପୁଲିସର ଭୂମିକା

- ▶▶ ପ୍ରଥମରୁ ତିନି ଦୁର୍ବୃତ୍ତ, ଶେଷରେ କାହାରି ସମ୍ପୃକ୍ତି ନାହିଁ
- ▶▶ ୩ ଦୁର୍ବୃତ୍ତ ନିଆଁ ଲଗାଇଥିବା ମା’ ଅଭିଯୋଗ କରିଥିଲେ
- ▶▶ ଘଟଣାସ୍ଥଳରୁ ଜବତ ରୁପା ମୁଦି ଓ ଚୁଡ଼ି କାହାର ?



■ **ପୁରୀ, ୩।୮ (ସମିସ):** ଦୀର୍ଘ ୧୫ ଦିନର ଜୀବନ ମରଣ ସହ ଲଢ଼େଇ ଭିତରେ ହାରିଯାଇଛନ୍ତି ବଳଙ୍ଗା ପୀଡ଼ିତା । ସେ ସୁସ୍ଥ ହୋଇ ଘରକୁ ଫେରିବାର ବିଶ୍ୱାସକୁ ଭାଙ୍ଗି ତାଙ୍କ ଦେହାନ୍ତ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା କରିଦେଇଛି । ପୀଡ଼ିତାଙ୍କ ମୃତ୍ୟୁଠାରୁ ପୁଲିସର ତଦନ୍ତ, ସବୁକୁ ନେଇ ରାଜ୍ୟବାସୀ ବି ଦ୍ୱନ୍ଦ୍ୱରେ । ଚିକିତ୍ସା ଠିକ୍ ଥିଲା, ତଦନ୍ତ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ହଠାତ୍ ଏମିତି କ’ଣ ହେଲା? ପୀଡ଼ିତାଙ୍କ ମୃତ୍ୟୁ ପରେ ସବୁକିଛି କାହିଁକି ସନ୍ଦେହ ଭିତରକୁ ଟାଣି ହୋଇଯାଇଛି । ଏହାର ଉତ୍ତରକୁ ଅପେକ୍ଷା କରିଥିବା ରାଜ୍ୟବାସୀଙ୍କୁ ସବୁଠୁ ଅଧିକ ଚକିତ କରିଛି ପୁଲିସର ସ୍ୱଷ୍ଟୋକ୍ତି । ପୀଡ଼ିତା ଦିଲ୍ଲୀ ଏମ୍ସରେ ଆଖି ବୁଜିବାର ମାତ୍ର କେଇ ମିନିଟ୍ ପରେ ଓଡ଼ିଶା ପୁଲିସ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଉଲ୍ଲେଖ କରିଥିଲା, ‘ଏହି ଘଟଣାରେ ପୁଲିସ ପକ୍ଷରୁ ନିଷ୍ଠାର ସହ ତଦନ୍ତ କରାଯାଇଛି । ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ଅନୁଯାୟୀ ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି’ । ଯଦି ପୀଡ଼ିତାଙ୍କ ଦେହରେ ନିଆଁ ଲଗାଇବାରେ କାହାର ସମ୍ପୃକ୍ତି ନାହିଁ, ତେବେ ପୀଡ଼ିତା କ’ଣ ନିଜେ କିରାସିନି ଢାଳି ନିଆଁ ଲଗାଇ ଦେଇଛନ୍ତି? କ’ଣ ଏମିତି ଘଟଣା ଘଟିଥିଲା ତାଙ୍କ ସହ, ଯେଉଁଥିପାଇଁ ନିଜ ଜୀବନ ନେବାକୁ ସେ ନିଷ୍ପତ୍ତି ନେଇଥିଲେ? ତଦନ୍ତରୁ ପୁଲିସ ଯଦି ଜାଣିଥିଲା ଏଥିରେ କାହାର ହାତ ନାହିଁ, ତେବେ ୧୫ ଦିନ ଧରି କାହିଁକି ଅପେକ୍ଷା କରିଥିଲା? ବିଭିନ୍ନ ସମୟରେ ପୁଲିସ ତଦନ୍ତରେ ▶ପୃଷ୍ଠା-୭

# ଅଣ୍ଡର ପାସ୍‌ରେ ଅବୈଧ ଗାଡ଼ି ପାର୍କିଂ




ଜଳେଶ୍ୱର,୩।୮ (ସମିସ): ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ବାରାଗଡ଼ିଆ ଅଣ୍ଡର ପାସ୍ ତଳେ ଦୀର୍ଘଦିନ ଧରି ଯାତ୍ରୀବାହୀ ବସ୍ ଓ ଡମ୍ପର ଅବୈଧ ଭାବେ ପାର୍କିଂ ହେଉଛି। ପ୍ରତିଦିନ ଶହଶହ ଛୋଟ ବଡ଼ ଯାନ ଚଳାଚଳ କରୁଥିବା ବେଳେ ଉକ୍ତ ସଡ଼କ ଚଳଚଞ୍ଚଳ ହୋଇଥାଏ। ବୃହତ ଯାନଗୁଡ଼ିକ ପୋଲ ତଳ ପାର୍ଶ୍ୱରେ ଛିଡ଼ା ହୋଇଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ଫଳରେ ଯାନ ତଳେ ଅପରିଷ୍କାର ପାଣି ଜମି ହେବା ସହିତ ଦୁର୍ଗନ୍ଧ ମଧ୍ୟ ହେଉଛି। ବର୍ଷା ହେଲେ ଲୋକେ ବ୍ରିଜ ତଳେ ଆଶ୍ରୟ ନେଉଥିବା ବେଳେ ବହୁ ସମୟରେ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ତେଣୁ ଶନିବାର ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପେଟ୍ରୋଲିଂ ଗାଡ଼ି ପହଞ୍ଚି ଯାନ ଗୁଡ଼ିକର ମାଲିକଙ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ମ୍ୟୁନିସିପାଲଟି,ପରିବହନ ବିଭାଗକୁ ଜଣାଇବା ସହିତ ଆଗାମୀ ଦିନରେ ଯାନ ଗୁଡ଼ିକ ଟାଣି, ଲକ୍ଷ୍ମଣନାଥ କୋର୍ଟସ୍ଥିତ ଡମ୍ପିୟାର୍ଡରେ ରଖାଯିବ ବୋଲି ଚେତାବନୀ ଦିଆଯାଇଛି।

# ବର୍ତ୍ତନା-ନାହାଳିଆ ରାସ୍ତା କାଦୁଅ ପଚପଚ

ବାଲେଶ୍ୱର(ଉତ୍ତର),୩।୮ (ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ଗ୍ରାମ ପଞ୍ଚାୟତ ଅଧୀନ ବର୍ତ୍ତନା ଗ୍ରାମର ସ ମିଲ୍ ଛକରୁ ନାହାଳିଆ ଦେଇ ବର୍ତ୍ତନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ରାସ୍ତାର ପରିସ୍ଥିତି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ବର୍ଷା ଦିନ ଆସିଲେ କାଦୁଅ ପଚ ପଚ ହୋଇଥିବା ଏହି ରାସ୍ତାରେ ଗାଡ଼ି, ସାଇକେଲ ତ ଦୂରର କଥା ସାଧାରଣ ପଥଚାରୀ ଟିଏ ଚାଲିବା ଅସମ୍ଭବ ହୋଇପଡୁଛି। ବର୍ଷ ବର୍ଷ ଧରି ବର୍ଷା ଦିନ ଆସିଲେ ଏହି ସାହିର ଲୋକେ ଦୁର୍ଦ୍ଦଶା ଭୋଗୁଥିଲେ ବି ଏଥିପ୍ରତି ନେତା ଠାରୁ ପ୍ରଶାସନ ପର୍ଯ୍ୟନ୍ତ କେହି ଦୃଷ୍ଟିପାତ କରୁନାହାନ୍ତି। ବିଶେଷକରି ଜରୁରୀ ପରିସ୍ଥିତି ଡାକ୍ତରଖାନାକୁ ରୋଗୀ, ଗର୍ଭବତୀ ମହିଳାମାନଙ୍କୁ ନେଇ ଠିକ୍ ସମୟରେ ଚିକିତ୍ସା କରାଇବା ସମ୍ଭବପର ହେଉନାହିଁ। ଫଳରେ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ସ୍କୁଲ୍‌କୁ ଯାଉଥିବା ଛାତ୍ରଛାତ୍ରୀ ପ୍ରତିଦିନ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନେକ ସମୟରେ ସେମାନଙ୍କର ସ୍କୁଲ ଯିବା ବନ୍ଦ ହୋଇଯାଉଛି। ପ୍ରକାଶ ଯେ, ଏହି ପଞ୍ଚାୟତ ର ନାହାଳିଆ ଅଞ୍ଚଳରେ ପ୍ରାୟ

**ସ୍ଥାୟୀ ପକ୍କା ସଡ଼କ ନିର୍ମାଣ ଦାବି**



୨୫୦ରୁ ଅଧିକ ଅନୁସୂଚିତ ଜାତିର ଲୋକ ବାସ କରନ୍ତି। ସମସ୍ତେ ଚାଷ ବାସ ଓ ମୂଲ ଲାଗି ଚଳୁଛନ୍ତି। ୭୮ ବର୍ଷ ସ୍ୱାଧୀନତା ପରେ ମଧ୍ୟ ଏଠାକାର ଲୋକେ ଦୁର୍ବଳ ସଡ଼କ, ସ୍ୱାସ୍ଥ୍ୟ, ଶିକ୍ଷା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବର୍ଷ ବର୍ଷ ଧରି ଲୋକେ କାଦୁଅ ରାସ୍ତା ରେ ଯାତାୟାତ କରୁଥିଲେ ମଧ୍ୟ ଏ ଅଞ୍ଚଳର ଲୋକଙ୍କ ପାଇଁ ସ୍ଥାୟୀ ରାସ୍ତା ଟିଏ ନିର୍ମାଣ ହୋଇପାରୁନାହିଁ।ଅପରପକ୍ଷରେ ଉକ୍ତ ପଞ୍ଚାୟତର ସରପଞ୍ଚ ମଧୁମିତା ବେହେରା ଏବଂ ପୂର୍ବତନ ସରପଞ୍ଚ ସରପଞ୍ଚ ପଦ୍ମଲୋଚନ ବେହେରା କହିଛନ୍ତି ଯେ ୪ବର୍ଷ ପୂର୍ବରୁ ପଞ୍ଚାୟତ ତରଫରୁ ଏହି ରାସ୍ତାରେ ମାଟି କାମ ହୋଇଥିଲା। ପରେ ପଞ୍ଚାୟତ ଅଧିନ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପଞ୍ଚାୟତ ସମିତି ବୈଠକରେ ପାଶ ହୋଇଛି। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ବାରମ୍ବାର ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ଭେଟି ଦାବି କରାଯାଉଥିବା ବେଳେ କଂକ୍ରିଟ ରାସ୍ତା ନିର୍ମାଣ ହୋଇପାରୁନାହିଁ। ବର୍ତ୍ତନା ଗାଁର ଗ୍ରାମବାସୀ ତୁରନ୍ତ ପଦକ୍ଷେପ ନେଇ ଏହି ସଡ଼କକୁ ନିର୍ମାଣ କରିବା ପାଇଁ ନିବେଦନ କରିଛନ୍ତି। ନଚେତ୍ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ଅଭିନବ ଉପାୟରେ ତେଲ ଚୋରି

**ଅଭିଯୋଗକୁ ଖଣ୍ଡନ କଲେ କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ**

ନୀଳଗିରି, ୩।୮ (ସମିସ): ନୀଳଗିରି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜୈନିକ ଅଧିକାରୀ ବ୍ଲକ୍ ସମେତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନୀଳଗିରି ଏବଂ ରେମୁଣା ବ୍ଲକ ଆଦି ୩ଟି ଦପ୍ତର ଦାୟିତ୍ୱରେ ଥାଇ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ହରିଲୁଟ କରୁଥିବାର ଅଭିଯୋଗ ହୋଇଆସୁଛି। ଯାହାର ସଦ୍ୟ ଉଦାହରଣ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ଉକ୍ତ କାର୍ଯ୍ୟାଳୟର ସରକାରୀ କାର୍ଯ୍ୟରେ ଲାଗିଥିବା ଓଡି ୦୧ଏ ଟି- ୯୧୩୫ନମ୍ବର ବୋଲେରୋରେ ଗତ ଜୁଲାଇ ୩୦ତାରିଖରେ ଡିଜେଲ ପକାଇବାକୁ ବିଲ୍ ଆଣି ଶ୍ରୀ ପଞ୍ଚଲିଙ୍ଗେଶ୍ୱର ଫୁଏଲ ପଏଣ୍ଟ ବାଲିଗୋହିରୀରୁ ୪୦ଲିଟର ଡିଜେଲ ପରିବର୍ତ୍ତେ ନିଜ ଘରୋଇ ଗାଡି ନମ୍ବର ଓ ଡି- ୦୧ପି-୯୮୦୦ କାରରେ ପେଟ୍ରୋଲ ଭରିବା ଓ ୧୦ଲିଟର ପାଖାପାଖି ବଳକା ପେଟ୍ରୋଲ ପ୍ଲାଷ୍ଟିକ ଜାର୍କିନରେ ଭରି ଉକ୍ତ ଗାଡି ଡିକିରେ ରଖି ଘରକୁ ନେଉଥିବାର ଦେଖାଯାଇଛି। ଯାହା ସିସିଟିଭି ଫୁଟେଜରେ କଏଦ ହୋଇଛି। ସରକାରୀ କାମରେ ବ୍ୟବହାର ହେଉଥିବା ଗାଡ଼ିରେ ଡିଜେଲ ଭରିବା ବାହାନାରେ ଯନ୍ତ୍ରୀ ମହାଶୟ ଜଣକ ନିଜର ଘରୋଇ ଗାଡିରେ ଡିଜେଲ ପରିବର୍ତ୍ତେ ପେଟ୍ରୋଲ ଭରିବା ଏବଂ ବଳକା ପେଟ୍ରୋଲକୁ ଜାରକିନରେ ଭର୍ତ୍ତିକରି ନେଇଯିବା ଏବଂ ସଂପୃକ୍ତ ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ହାତବାରିସି କରି ଡିଜେଲର ବିଲ ଆଣି କାର୍ଯ୍ୟାଳୟରେ ପ୍ରଦାନକରିବା ବାବୁଙ୍କର ସର୍ବଗିଳା ପ୍ରକୃତିକୁ ପଦାରେ ପକାଇଛି। ଯନ୍ତ୍ରୀବାବୁ ଜଣକ ବର୍ତ୍ତମାନ ନୀଳଗିରି ବ୍ଲକ, ରେମୁଣା ବ୍ଲକ ଓ ନୀଳଗିରି ଆଇଟିଡିଏ ସହ ୩ଗୋଟି ଦପ୍ତରରେ କାର୍ଯ୍ୟ କରି ସରକାରୀ ଅର୍ଥ ହରିଲୁଟ୍ କରିଚାଲିଥିଲେ ହେଁ ଅଭିଯୋଗ ହେଲେ ତଦନ୍ତ ନହୋଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତବାରିଶି କରି ତଦନ୍ତକୁ ବାଟବଣା କରିଚାଲିଥିବାର ଅଭିଯୋଗ ଉଠିଛି। ମାସକୁ ତିନିଥରରୁ ଚାରିଥର ସଂପୃକ୍ତ କାରରେ ପେଟ୍ରୋଲ ପକାଉଥିବାର ପେଟ୍ରୋଲ ପମ୍ପର କର୍ମଚାରୀ କହୁଥିବା ବେଳେ ପ୍ରତିମାସ ହାରାହାରି ୧୬୦ଲିଟର ପେଟ୍ରୋଲ କିମ୍ବା ତତଜନିତ ସରକାରୀଟଙ୍କା ଆକସାତ କରୁଥିବାର ଏକ ଗୁରୁତର ଅଭିଯୋଗ ଉଠିଛି। ତେବେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ କାରୁ ସୋରେନ ଘଟଣାବାବଦରେ ଜାଣିନାହାନ୍ତି ବୋଲି କହୁଥିଲା ବେଳେ ଡିଜେଲ ବିଲ୍ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦସ୍ତଖତରେ ଯାଇଥିବାର ରସିଦରୁ ସ୍ପଷ୍ଟ ଜଣାପଡୁଛି। କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କୁ ପଚାରିବାରୁ ଏ ବିଷୟକୁ ସେ ଖଣ୍ଡନ କରିବା ସହ ସେ କହିଛନ୍ତି ତାଙ୍କ ବ୍ୟକ୍ତିଗତ ଟଙ୍କାରେ ପେଟ୍ରୋଲ ପକାଇଥିଲେ। ତାଙ୍କୁ ବଦନାମ କରିବାପାଇଁ କିଛି ଠିକାଦାର ସୁପରିକଳ୍ପିତ ଯୋଜନା ବୋଲି ମତ ରଖିଛନ୍ତି।

# ଭୋଗରାଇରେ ଏକଲ ବିଦ୍ୟାଳୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ଚନ୍ଦନେଶ୍ୱର, ୩।୮ (ସମିସ): ଭୋଗରାଇ ବ୍ଲକରେ ଏକଲ ବିଦ୍ୟାଳୟ ନିମନ୍ତେ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଚନ୍ଦନେଶ୍ୱର ନିଉ ଯାତ୍ରୀନିବାସ ଠାରେ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିର ପାଞ୍ଚ ଦିନ ବ୍ୟାପି ଚାଲିବ। ଉକ୍ତ ଶିବିରରେ ଚାଳିଶ ଜଣ ପ୍ରଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ଭୋଗରାଇରେ ଦଳିତ, ଅବହେଳିତ ଇଲାକାରେ ଶିକ୍ଷାର ପ୍ରସାର ପାଇଁ ସର୍ବ ଭାରତୀୟ ଏକଲ ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ଉତ୍ସବରେ ଭୋଗରାଇ ବିଶ୍ୱ ହିନ୍ଦୁ ପରିଷଦର ସମ୍ପାଦକ ଡା.ବିଧୁଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା କାର୍ଯ୍ୟକର୍ତ୍ତା ଅନୁପମ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦ ଭୋଗରାଇ ଉପସଭାପତି ରାମହରି ସୁର, ବିଶିଷ୍ଟ ଶିକ୍ଷାବିତ ସୁବ୍ରତ ଘଡ଼ାଇ, ସମାଜସେବୀ ପରମାନନ୍ଦ ପରିଡା,ଅଜିତ କୁମାର ଚାନ୍ଦ, ଚନ୍ଦନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଗଠନ ମୂଳକ ଓ ସଂସ୍କାର ଯୁକ୍ତ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଅଞ୍ଚଳ ଅଭିଯାନ ପ୍ରମୁଖ ବାଲେଶ୍ୱର ସ୍ୱପ୍ନେଶ୍ୱର ନାୟକ, ପ୍ରାଥମିକ ଶିକ୍ଷା ପ୍ରମୁଖ ଗୀତା ପ୍ରଭାସିନୀ ପାଢ଼ୀ, ମୁକେଶ କୁମାର ବେହେରା ସମ୍ଭୋଗ ଅଭିଯାନ ପ୍ରମୁଖ ଓଡିଶା, ଅନିମା ମଣ୍ଡଳ ସଞ୍ଚ ପ୍ରମୁଖ, ଦୁର୍ଗାଶଙ୍କର ଦାସ, କୃପାସିନ୍ଧୁ ଦାସ ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ।

# ଆବାସ କାର୍ଯ୍ୟାଦେଶ, ଜଙ୍ଗଲ ଜମି ଓ ଭୂମିହୀନଙ୍କୁ ପଟ୍ଟାବଣ୍ଟନ

**ବସ୍ତିମୁକ୍ତ ହେବ ବାରିପଦା**

ବାରିପଦା, ୩।୮ (ସମିସ): ବାରିପଦା ପୌରପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ)୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ଓ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହରର ବିଭିନ୍ନ ୱାର୍ଡର ୪୯ ଜଣ ହିତାଧିକାରଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ ଜଣଙ୍କୁ ଜଙ୍ଗଲ ଜମି ଓ ବସୁନ୍ଧରା ଯୋଜନା ଅଧୀନ ୧୩ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ। ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକଗୁଡ଼ିଏ କାର୍ଯ୍ୟହାତକୁ ନିଆଯାଉଛି। ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି। ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ। ପୌରପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ତତ ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଞ୍ଚଳ କରାଯିବା ନେଇ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ତାଙ୍କ ସହିତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ ଓ ଭରତ ପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯିବା ସହିତ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପୌରପାଳିକା ପକ୍ଷରୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ନଭେମ୍ବର ୩୦ରୁ ଅଷ୍ଟମ ବର୍ଷ ମୟୂରଭଞ୍ଜ ମହୋତ୍ସବ



- ୧୦ଦିନ ପର୍ଯ୍ୟନ୍ତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ୨୦୦ଷ୍ଟଲ୍ ସହିତ ସେଲ୍‌ଫି ଜୋନ୍

ବାରିପଦା, ୩।୮ (ସମିସ): ଜିଲ୍ଲାର ସ୍ୱତନ୍ତ୍ର ପରିଚୟ କଳା ଓ ସଂସ୍କୃତିର ବିକାଶର ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବ ୮ମ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବ। ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ ବୋଲି ରବିବାର ବାରିପଦା ଦେଉଳସାହିସ୍ଥିତ ମଣ୍ଡପରେ ପ୍ରସ୍ତୁତି ବୈଠକରେ ଘୋଷଣା କରାଯାଇଛି। ମହୋତ୍ସବ ଆୟୋଜକ କମିଟି ସଭାପତି ଅସିତ ପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକରେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଭାଦବ ହାଁସଦା, ସଞ୍ଜୀବ ଦ୍ୱିବେଦୀ, ସୁଜିତ୍ ମହାନ୍ତି, ବିପ୍ଳବ ବୁଗୁଡେଇ, ରାକେଶ ସିଂ, ବିଶ୍ୱଜିତ୍ ନାୟକ, ଜିତେନ୍ଦ୍ର ହେମ୍ବ୍ରମ, ଅମର ସେଠୀ, ସବିତା ହାଁସଦା, ତାପସ ପାଢ଼ୀ, ବିଜୟ ଦାସ, ଲିଲି ଭୋଳ, ଉମେଶ ପଟ୍ଟନାୟକ, ତରୁଣ ମହାନ୍ତି, କାଶୀନାଥ ରଣା, ଅଞ୍ଜନ ବରାଳ, ମାଇକେଲ ମହାନ୍ତ, ନିମାଇଁ ତ୍ରିପାଠୀ, ସତ୍ୟମ୍ ଶୁଭମ୍ ପାଣି, ସତ୍ୟ ସ୍ୱରୂପ ଦାଶ, ଅରୁଣ ବରାଡ, ପିଣ୍ଟୁ ମାଇତି, ରବିନ୍ ମହାନ୍ତି, କନିକା ବୋଷ, ମୂର୍ଚ୍ଛନା ଦାସ ପଟ୍ଟନାୟକ, ରାଜୀବ ଜେନା, ରାଜେଶ ଦାଶ, ଅଭିଷେକ ବେହେରା, ସମୀର ଦେ ଓ ସୁବ୍ରତ ମୁଖୀଙ୍କ ସମେତ ସମଗ୍ର ଜିଲ୍ଲାରୁ ୨୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ମହୋତ୍ସବର ପ୍ରଥମ ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଛଉପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ ସାଂସ୍କୃତିକ ଶୋଭାଯାତ୍ରା। ଡିସେମ୍ବର ୧ରୁ ୧୦ତାରିଖ ପର୍ଯ୍ୟନ୍ତ ବାରିପଦାର ଐତିହାସିକ ଛଉପଡ଼ିଆରେ ଚାଲିବ ମହୋତ୍ସବ। ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାର କଳାକାରଙ୍କ ସହିତ ରାଜ୍ୟ ତଥା ବାହାର କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ସିନେ ଜଗତର ବହୁ ନାମୀଦାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଲିଉଡ୍ ସୁନାମ ଧନ୍ୟ ଗାୟିକ ଗାୟିକା ଧମକା ମଚାଇବେ ବୋଲି କମିଟି ସୂଚନା ଦେଇଛନ୍ତି। ଚଳିତ ବର୍ଷ ମଧ୍ୟ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୩ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ୧୦ଦିନ ମଧ୍ୟରେ ୨ଦିନ ବଲିଉଡ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତତ୍ ସହିତ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆହୁରି ଅଧିକ ପୁରସ୍କାର ରାଶି ସହିତ ଜିଲ୍ଲାସ୍ତରୀୟ ଫୁଟବଲ୍, ଲାଖବିନ୍ଧା ଓ ରିଲସ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଇ ପାରିବେ ଦର୍ଶକ। ମହୋତ୍ସବରେ ୨୦୦ରୁ ଅଧିକ ଷ୍ଟଲ ଖୋଲିବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଯୁବପିଢିଙ୍କ ଆଗ୍ରହକୁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ ହେବ। ଜିଲ୍ଲାସ୍ତରୀୟ ବୈଠକ ପରେ କପ୍ତିପଦା ଉପଖଣ୍ଡ ଓ ବାମନଘାଟି ଉପଖଣ୍ଡ ଏବଂ ପଞ୍ଚପିଢ଼ ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖପାତ୍ର ସତ୍ୟଜିତ ସୋମ ସୂଚନା ଦେଇଛନ୍ତି।

# ମାଳତୀ ମଞ୍ଜରୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବାଲିଆପାଳ, ୩।୮ (ସମିସ): ବାଲିଆପାଳ ହନୁମାନ ମନ୍ଦିର ସମ୍ମୁଖରେ ଥିବା ମାଳତୀମଞ୍ଜରୀ ଶିଶୁ ବିଦ୍ୟାମନ୍ଦିରର ପ୍ରାଣ ପ୍ରତିଷ୍ଠାତା ଡା. ଦେବବ୍ରତ ଦଣ୍ଡପାଟଙ୍କ ମାତା ମାଳତୀମଞ୍ଜରୀଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଂଚାନନ ପଣ୍ଡା ପୌରହିତ୍ୟ କରିଥିଲେ। ସଂପାଦକ ଡା.ଦେବବ୍ରତ ଦଣ୍ଡପାଟ,ଶିକ୍ଷାବିତ୍ ଜଗନ୍ନାଥ ପ୍ରଧାନ,କବି ଶଚୀନ୍ଦ୍ର ନାଥ ନନ୍ଦୀ ଏବଂ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ଜେନା ,ସଂଜୁବାଳା ମହାନ୍ତି,ଅଶୋକ କୁମାର କର, ପୁନିଲ କୁମାର ନନ୍ଦୀ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ଲାବଣ୍ୟ ପ୍ରଭୁ ଏବଂ ଡେଉଁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ସାହୁ ପିଲାମାନଙ୍କୁ ଆର୍ଶୀବାଦ କରିଥିଲେ।




# ଗୋମାଂସ ବିକ୍ରି କରୁଥିବା ବେଳେ ୨ ଅଟକ

ମୋରଡା/ଶୁଳିଆପଦା, ୩।୮ (ସମିସ): ଚାନ୍ଦୁଆ ଥାନା ଅଞ୍ଚଳରେ ଗୋରୁକୁ କାଟି ମାଂସ ବିକ୍ରି କରିବା ଏବଂ ଖାଇବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ଦେଉଳି ଗ୍ରାମର ଗୋପୀନାଥ ପାଣିଙ୍କ କିଛି ଗୋରୁ ଶନିବାର ସ୍ଥାନୀୟ ଡ୍ୟାମକୁ ଚରିବାକୁ ଯାଇଥିବା ବେଳେ ଘରକୁ ଆଉ ଫେରିନଥିଲେ। ତେବେ ଦେବାଶିଷ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳିନଥିଲା। ତେବେ ପଚାଖାଲି ନିକଟରେ ଗୋଟିଏ ଗୋରୁକୁ ହତ୍ୟାକରି ତାର ମାଂସ କଟା ହେଉଥିବାର ଖବର ପାଇ ଗୋପୀନାଥ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ ଘଟଣାସ୍ଥଳରୁ ଗୋ ମାଂସ କାଟୁଥିବା ଲୋକେ ଫେରାର ହୋଇଯାଇଥିଲେ। ସେହିପରି ଅନ୍ୟ ଏକ ଗୋରୁକୁ ବିଷ ଦେଇ ସାନଯୋଗିବନ୍ଧ ଗ୍ରାମର ଜଣଙ୍କ ଘର ବାଡ଼ିରେ ତାର ମାଂସ କଟା ହେଉଥିବାର ଖବର ପାଇଥିଲେ। ଖବର ପାଇ ଚାନ୍ଦୁଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଥାନାରେ ୧୧୧/୨୫ରେ ମାମଲା ରୁଜୁ ହୋଇଛି।

**ପଶୁଦା-ଖୁଣ୍ଟା ରାସ୍ତା ନବୀକରଣ**

# ୫୦୦ ମିଟର ଅଧାପନ୍ତରିଆ ପାଇଁ ଲୋକେ ହୀନସ୍ତା

ଖୁଣ୍ଟା, ୩।୮ (ସମିସ): ପଶୁଦା-ଖୁଣ୍ଟା ରାସ୍ତାର ନବୀକରଣ ବେଳେ ଦାମୋଦରପୁରଠାରେ ପ୍ରାୟ ୫୦୦ ମିଟର ଅଧାରେ ରହିଛି। ଫଳରେ ଲୋକେ ହୀନସ୍ତା ହେଉଛନ୍ତି। ସେଠାରେ ଜଣେ ଗ୍ରାମବାସୀ ନିଜ ଜମିକୁ ପାଣି ନେବାକୁ ସରକାରୀ ରାସ୍ତା କାଟି ହ୍ୟୁମପାଇପ ପକାଇଲେ। ତା'ପରେ ପଶୁଦା-ଖୁଣ୍ଟା ରାସ୍ତାର ନିର୍ମାଣକାରୀ ଅଜୟ ରାଉତ ସେହି ରାସ୍ତାର ନିର୍ମାଣ କରିବା କଥା। ମାତ୍ର ପ୍ରଥମେ ସରକାରୀ ରାସ୍ତା



ଜାଗାରେ ପାଚେରୀ କରିଥିବା ଜନୈକ ବ୍ୟକ୍ତି ନିଜ ପାଚେରୀ ଭାଙ୍ଗି ରାସ୍ତା କରିବାକୁ ସମ୍ମତି ଦେଇଥିବା ସ୍ଥଳେ ପରେ ଶ୍ରୀ ରାଉତ ତାଙ୍କ ପାଚେରୀ କାହିଁକି ଭାଙ୍ଗିଲେ ବୋଲି କୋର୍ଟରେ ମାମଲା ରୁଜୁ କରିଛନ୍ତି। ତେଣୁ ଉକ୍ତ ରାସ୍ତାର ସେହି ପାଞ୍ଚଶହ ମିଟର ନୂଆ ନିର୍ମାଣ କରାଯାଇ ପାରୁନି। ଏଥିଯୋଗୁଁ ପ୍ରାୟ କେତେମାସ ଧରି ଲୋକେ ରାସ୍ତାରେ ଯାତାୟାତ କାଳରେ ହଇରାଣ ହୋଇ ଆସୁଥିଲେ। ମାତ୍ର ସାତ/ଆଠ ଦିନ ହେବ ପ୍ରବଳ ବର୍ଷା ଯୋଗୁଁ ମରଣଯନ୍ତା ପାଲଟିଛି।

# ଅଙ୍ଗନବାଡ଼ି କେନ୍ଦ୍ରକୁ ନାହିଁ ରାସ୍ତା



ରାଇରଙ୍ଗପୁର, ୩।୮ (ସମିସ): ତିରିଂ ବ୍ଲକ ବଡ଼ଡାଲିମା ପଞ୍ଚାୟତ ସାଲଗାଡିପା ଅଙ୍ଗନବାଡି କେନ୍ଦ୍ରକୁ ଆଜିଯାଏ ସ୍ଥାୟୀ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଶିଶୁମାନେ ଚଲାପଥ ରାସ୍ତାରେ ଯିବାଆସିବା କରୁଛନ୍ତି। କିନ୍ତୁ ବର୍ଷାରେ ଉକ୍ତ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଶିଶୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା କାଦୁଅ ହୋଇଥିବାରୁ ଶିଶୁ ଅଙ୍ଗନବାଡି ଯିବାକୁ ଅମଙ୍ଗ ହେଉଛନ୍ତି। ଗାଁରୁ ଅଙ୍ଗନବାଡି କେନ୍ଦ୍ର ପ୍ରାୟ ଅଧା କିମି ଯିବା ପାଇଁ ରାସ୍ତା ବହୁତ ଖରାପ ଅଛି। ହାତରେ ଚପଲ ଧରି କେନ୍ଦ୍ରକୁ ଯିବାପାଇଁ ପଡେ। ଆଜିଯାଏ ବିଜୁଳି ମଧ୍ୟ ସଂଯୋଗ ହୋଇନାହିଁ କି ପାଚେରୀ ନାହିଁ। ଫଳରେ ଗାଈ ଗୋରୁ ଏବଂ ବୁଲା କୁକୁର କେନ୍ଦ୍ରକୁ ପଶିଆସୁଛନ୍ତି। ରାସ୍ତା ନିର୍ମାଣ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଫଳଶୂନ।



## ବାଲେଶ୍ୱର ପୌରପାଳିକା

# ସରକାରୀ ଟଙ୍କାରେ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ

ବାଲେଶ୍ୱର, ୩।୮ (ସମିସ)




**ତେଜିଲା ବିବାଦ**

ବାଲେଶ୍ୱରପୌରପାଳିକାରେରାସ୍ତାନିର୍ମାଣକୁ ନେଇ ସୃଷ୍ଟି ହୋଇଛି ବିବାଦ। ବ୍ୟକ୍ତିଗତ ପ୍ଲଟରେ ନୂଆ ରାସ୍ତା ନିର୍ମାଣ ହୋଇଛି, ହେଲେ କେହି ବ୍ୟବହାର ପାଇଁ ନାହାନ୍ତି। ଅର୍ଥାତ୍ ଜାଗା ପ୍ଲଟିଂ କରି ବିକ୍ରି କରିବା ପାଇଁ ଏସବୁ ରାସ୍ତା ତିଆରି ହେଉଛି। ଏହା ଜାଗା ଦଲାଲମାନଙ୍କୁ ସୁହାଇଲା ଭଳି ପୌରପାଳିକା ରାସ୍ତା ନିର୍ମାଣ ଚଳାଇଛି। ବ୍ୟକ୍ତିଗତ ଜାଗା ବିକ୍ରି ପାଇଁ ପୌରପାଳିକା ରାସ୍ତା ନିର୍ମାଣ କରୁଛି। ଏହା ପଛରେ ବଡ଼ ସିଣ୍ଡିକେଟ କାମ କରୁଥିବା ବେଳେ ପୌରପାଳିକାର ପାଣ୍ଠି ବିନିଯୋଗ ହେଉଥିବା ଅଭିଯୋଗ ହେଉଛି। ପୌରପାଳିକା ବିରୁଦ୍ଧରେ ଆସିଥିବା ଏଭଳି ସାଙ୍ଘାତିକ ଅଭିଯୋଗ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅବଗତ ଥିବା ନେଇ କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜାଗାରେ ପୌରପାଳିକା ପୂର୍ବରୁ ରାସ୍ତା ନିର୍ମାଣ କରିଛି କେମିତି ? ଏମିତିକି ଗୋଟିଏ ବି ଘର ନଥିବା ବ୍ୟକ୍ତିଗତ ଜାଗାରେ ପୌରପାଳିକା ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରିଛି। ଏଭଳି ଅଭିଯୋଗ ଆସିବା ସହିତ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏବଂ କିଛି କାଉନସିଲର ଏ ନେଇ ପୌରପାଳିକା ଇଓଙ୍କୁ ଜଣାଇବା ସହ ପ୍ରମାଣ ମଧ୍ୟ ହସ୍ତଗତ କରାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ବାଲେଶ୍ୱର ପୌରାଞ୍ଚଳରେ ରହିଛି ୩୧ଟି ୱାର୍ଡ। ସେଥିମଧ୍ୟରୁ ୧୩ ନମ୍ବର ୱାର୍ଡ ମାନସିଂହ ବଜାର ଅଞ୍ଚଳରେ ପେଭର୍ ବ୍ଲକ ରାସ୍ତା ନିର୍ମାଣ ହୋଇଛି ଯାହା ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ଏହା ପ୍ରାଇଭେଟ୍ ରାସ୍ତା। ସେହିପରି ୫ ନମ୍ବର ୱାର୍ଡରେ ମଧ୍ୟ ଏହିପରି କାମ ହୋଇଥିବା ସୂଚନା ମିଳିଛି। ଏଥିରେ ଏମ୍ ଏମ୍ ଏସ୍ ବି ୱାଇ ଯୋଜନା ଅଧୀନରେ କାମ ଆପ୍ରୋଭାଲ୍ ପାଇଁ ସରକାରଙ୍କୁ ପାଖକୁ ଯାଇଥିବା ସୂଚନା ମିଳିଛି। ଅଥଚ ଯେଉଁ ରାସ୍ତା କାମ ପାଇଁ ଦିଆଯାଇଛି ତାହା ବ୍ୟକ୍ତିଗତ ରାସ୍ତା କହି କାମ ଅଟକାଯାଇଛି। ତେବେ ଏହି କାମ ବାବଦରେ ଖବର ପାଇବା ପରେ ଉଭୟ କାଉନସିଲର ଓ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କୁ ଭେଟି ଜଣାଇଛନ୍ତି। ଏ ବାବଦରେ ପୂର୍ବତନ ସଦର ବିଧାୟକ ସ୍ୱରୁପ କୁମାର ଦାସ କହିଛନ୍ତି, ଯେଉଁଠି ରାସ୍ତା ଶେଷରେ ମାତ୍ର ଗୋଟିଏ ଘର ରହିଛି, ସେଠାରେ ପୌରପାଳିକା ରାସ୍ତା ତିଆରି କରିଦେଇଛି। ଅଥଚ ଯେଉଁଠି ପ୍ରକୃତରେ ରାସ୍ତା ଦରକାର ସେଠାରେ କହୁଛନ୍ତି ଯେ ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇନାହିଁ। ୩୦/୪୦ ବର୍ଷର ରାସ୍ତା ହେବା ସତ୍ତ୍ୱେ ବି ହସ୍ତାନ୍ତର କରିବା କଥା ଉଠୁଛି। ଯଦି ପୌରପାଳିକାର ସବୁ ବ୍ୟବସ୍ଥା ଯେଉଁ ରାସ୍ତାରେ ଅଛି ତାହେଲେ ସେଠି ପୁଣି ରାସ୍ତା ହସ୍ତାନ୍ତର କଥା ଆସୁଛି କେଉଁଠୁ। ଯେଉଁଠି ରାସ୍ତା ହସ୍ତାନ୍ତର ହୋଇନି ସେଇଠି ପୌରପାଳିକା ରାସ୍ତା କାମ କରୁଛି। ଏମିତି ଆମେ ଖବର ପାଇବା ପରେ ପୌରପାଳିକା ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଏଥିସହ ବିଲ୍ ମଧ୍ୟ ଅଟକ ରଖିଥିଲୁ। ୫ ନମ୍ବର ୱାର୍ଡରେ ଏମିତି ଏକ ପ୍ରାଇଭେଟ୍ ରାସ୍ତା ନିର୍ମାଣ ହୋଇଛି ଯେଉଠି ରାସ୍ତା ସାମ୍ନାରେ ଗୋଟେ ଲୁହା ଗେଟ୍ ଲାଗିଛି। ସେଠାରେ ପୌରପାଳିକା ରାସ୍ତା ନିର୍ମାଣ କରିଛି। ଆମେ କହିବା ପରେ କିଛି ପେମେଣ୍ଟ ଅଟକାଇଥିଲେ। ସରକାରୀ ଟଙ୍କାରେ ବ୍ୟକ୍ତିଗତ ଜମିରେ ରାସ୍ତା କରି ଦିଆଯାଉଛି। ଉନ୍ନତି ଯୋଜନାରେ ୫ ନମ୍ବର ୱାର୍ଡରେ କିଛି ରାସ୍ତା କାମ ପାଇଁ ଯାଇଛି ହେଲେ ତାହା ପ୍ରାଇଭେଟ୍ ଜାଗା ବୋଲି ଉଲ୍ଲେଖ କରାଯାଇଛି। ଏ ବାବଦରେ ଆମେ ଯେତେବେଳେ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲୁ ସେତେବେଳେ ୫ ନମ୍ବର ଓ୍ୱାର୍ଡ କାଉନସିଲର ଆପତ୍ତି କରିଥିଲେ। ଯଦି ଏସବୁ ବ୍ୟକ୍ତିଗତ ତାହେଲେ ସରକାରଙ୍କୁ କାହିଁକି ପଠାଗଲା। ଅନ୍ୟପଟେ ସେଇ ୫ ନମ୍ବର ଓ୍ୱାର୍ଡରେ ବିଗତ ଦିନରେ ବ୍ୟକ୍ତିଗତ ଜାଗାକୁ ରାସ୍ତା କରିଦିଆଯାଇଛି। ଏବାବଦରେ ଇଓ ଏବଂ ଏମ୍‌ଇଙ୍କୁ ଜଣାଇବା ପରେ ବିଲ୍ ଅଟକା ଯାଇଛି। ମୋର କହିବା କଥା ପୌରପାଳିକା ରାସ୍ତା କରିବା ପୂର୍ବରୁ ଜେଇମାନେ ଯେଉଁ ଜାଗାକୁ ଯାଉଛନ୍ତି ସେଠାରେ ଯିବା ପରେ କେଉଁଟା ବ୍ୟକ୍ତିଗତ ଓ କେଉଁଟା ପବ୍ଲିକ ରାସ୍ତା ନିଶ୍ଚୟ ଜାଣିପାରିବେ। ଏହା ଜାଣିଲା ପରେ ଏଷ୍ଟିମେଟ୍ କରି ସରକାରଙ୍କୁ ପଠାନ୍ତୁ। ଏବେ ଯେଉଁ ନୂଆ ଆପ୍ ଦ୍ୱାରା ରାସ୍ତା ନିର୍ଦ୍ଧାରଣ କରୁଛନ୍ତି ସେଥିରେ ସାଟେଲାଇଟ ଇମେଜ୍ ରେ ଦେଖଉଛି ଯେ ବହୁତ ଜାଗା ପୌରପାଳିକାକୁ ହସ୍ତାନ୍ତର ହୋଇନାହିଁ। କିନ୍ତୁ ବର୍ଷ ବର୍ଷ ଧରି ସେଠାରେ ରାସ୍ତା ଅଛି, ଡ୍ରେନ୍ ଅଛି, ପାନୀୟ ଜଳ ପାଇପ୍ ଯାଇଛି। କିନ୍ତୁ ବର୍ତମାନ ସେଠାରୁ ଆଉ ରାସ୍ତା ତିଆରି ହୋଇପାରୁନାହିଁ। ନୂଆ ଆପ୍‌ରେ ଅଧିକାଂଶ ରାସ୍ତା ବ୍ୟକ୍ତିଗତ ଦେଖଉଛି। ଏନେଇ ଜନସାଧାରଣଙ୍କୁ ନୋଟିସ୍ କରାଯାଉ। ଯେହେତୁ ଏସବୁ ଆପ୍‌ରେ ଦେଖଉନି ସେମାନେ ଲିଖିତ ଭାବେ ପୌରପାଳିକାକୁ ହସ୍ତାନ୍ତର କରନ୍ତୁ। ଲୋକଙ୍କୁ ସଚେତନ କରାଇବା ଦରକାର। ଚୁପଚାପ ବସିଲେ ହେବନି। ବ୍ୟକ୍ତିଗତ ଜାଗାରେ ବିନା ଲେଖାପଢାରେ ଲୋକ ନାହାନ୍ତି ଏବଂ ଗୋଟିଏ ଘରକୁ ୧୦/୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ତିଆରି କରାଯାଉଛି। ଏହାକୁ ଆମେ ଦୃଢ ନିନ୍ଦା କରୁଛୁ। ଆମ ପାଖକୁ ଏହି ପ୍ରକାର ଘଟଣା ଆସିଛି। ଭିଡିଓ ରେକର୍ଡିଂ କରି ପୌରପାଳିକାକୁ ମଧ୍ୟ ଜଣାଇଛୁ।

ଏହାପରେ ଏବାବଦରେ ଇଓ ଏକ ଚିଠି କରିଛନ୍ତି। ଏଷ୍ଟିମେଟ୍ ପୂର୍ବରୁ ଟିକିନିଖି ଯାଞ୍ଚ କରିବାକୁ କୁହାଯାଇଛି। ଏପ୍ରକାର ଆଦୌ ହେବା ଉଚିତ ନୁହେଁ। ଏ ବାବଦରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତିଙ୍କୁ ପଚାରିବାରୁ କହିଥିଲେ, କଚ୍ଚା ରାସ୍ତାର ନୂଆ ପ୍ରୋଜେକ୍ଟ ପାଇଁ ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇଥିବା ନେଇ ଭେରିଫିକେସନ୍ ଦରକାର। ଏହି ରାସ୍ତା ପୌରପାଳିକାକୁ ହସ୍ତାନ୍ତର ହୋଇଛି ନା ବ୍ୟକ୍ତିଗତ ରାସ୍ତା। ଏନେଇ ନିୟମ ଲାଗୁ ହୋଇଛି। ବାକି ଯାହା ପୁରୁଣା ରାସ୍ତା ପୌରପାଳିକାର ଅଛି ସେନେଇ ଆଉ କିଛି ସମସ୍ୟା ନାହିଁ। ସେଥିରେ କାମ ହୋଇପାରିବ। ଯଦି କେହି ବ୍ୟକ୍ତିଗତ ରାସ୍ତା ପୌରପାଳିକାକୁ ଅଫିସିଆଲ୍ ପ୍ରକ୍ରିୟାରେ ଦାନ କରିପାରିବେ, ତାହେଲେ ସେଇ ପ୍ରକ୍ରିୟାରେ ଆମେ ରାସ୍ତା କାମ କରିପାରିବୁ। କିଛି ଅସୁବିଧା ନାହିଁ। କିନ୍ତୁ କୌଣସି ବ୍ୟକ୍ତିଗତ ଜାଗାରେ ଲୋକଙ୍କ ବିନା ଅନୁମତିରେ ପୌରପାଳିକା ରାସ୍ତା କରିବ ନାହିଁ।

## 'କ୍ରୀଡ଼ାରେ କ୍ୟାରିୟର' ସମ୍ପର୍କିତ ସେମିନାର

ବାଲେଶ୍ୱର,୩।୮ (ସମିସ): ଫକୀରମୋହନକନିଷ୍ଠମହାବିଦ୍ୟାଳୟକମର୍ସବ୍ଲକପରିସରରେ କ୍ରୀଡ଼ାରେ କ୍ୟାରିୟର ସମ୍ପର୍କିତ ଏକ ସେମିନାର ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମିଳିତ ଜାତିସଂଘର ୟୁନିସେଫ୍ ଆନ୍ତର୍ଜାତୀୟ ସଂସ୍ଥାର ମିଳିତ ଆନୁକୁଲ୍ୟରେ ଜୁମ୍ ମିଟ ଅନଲାଇନ ପ୍ଲାଟଫର୍ମ ଦ୍ୱାରା ସମ୍ପାଦିତ ହୋଇଯାଇଛି। ଏହି ଆଲୋଚନାରେ +୨ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଅନେକ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ପଣ୍ଡା, ଅଧ୍ୟାପିକା ଅନୁପମା ବେହେରା ଓ ମିତାଲି ରାଉତ ରାୟ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ। ବିଶିଷ୍ଟ କ୍ରୀଡ଼ା ବିଶେଷଜ୍ଞ ଜୟଦେବ ମହାପାତ୍ର କ୍ରୀଡ଼ାରେ କ୍ୟାରିୟର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ପ୍ରଶ୍ନ ଉତ୍ତର ଭିତ୍ତିକ ଆଲୋଚନା ହୋଇଥିଲା। ଏହି ଆଲୋଚନା ସୁଚାରୁରୂପେ ସମ୍ପାଦନା କ୍ଷେତ୍ରରେ ଅଧକ୍ଷ ପ୍ରଦୀପ କୁମାର ରଣା ଓ ଉପାଧକ୍ଷ ଡକ୍ଟର ସନ୍ତୋଷ କୁମାର ରାଉତ ପ୍ରମୁଖ ଭୂମିକା ତୁଲାଇ ଥିଲେ।




## ଆରପାରିରେ ବିଶିଷ୍ଟ ମଲ୍ଲଯୋଦ୍ଧା ଦିଲ୍ଲୀପ ଭୂୟାଁ



ବାଲେଶ୍ୱର,୩।୮ (ସମିସ): ବାଲେଶ୍ୱରର ବିଶିଷ୍ଟ ମଲ୍ଲଯୋଦ୍ଧା ଦିଲ୍ଲୀପ ଭୂୟାଁ( ବୁନୁ ଭାଇ)ଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ଆଜି ସକାଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ଘର ଲୋକେ ତାଙ୍କୁ ରେମୁଣା ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୋପାଳ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ରାଜୀବ ଲୋଚନ ଭୂୟାଁ ବାପାଙ୍କୁ ମୁଖାଗ୍ନି ଦେଇଛନ୍ତି। ଦିଲ୍ଲୀପଙ୍କ ପିଲାଟି ବେଳୁ ସମରକଳା ପ୍ରତି ଆଗ୍ରହ ଥିଲା। ସେ ବିଭିନ୍ନ ସମାଜ ସେବା କାର୍ଯ୍ୟରେ ମଧରେ ନିଜକୁ ନିୟୋଜିତ କରିଥିଲେ। ସେ ବୀରବଜରଙ୍ଗ ବ୍ୟାୟାମଗାରର ଆଜୀବନ ସଦସ୍ୟ ଥିବା ବେଳେ ଗୋପାଳଗାଁ ଆଖଡ଼ା କମିଟିର ମୁଖ୍ୟ ଥିଲେ। ବାଲେଶ୍ୱର ଠାରୁ ଆରମ୍ଭ କରି ରାଜ୍ୟ ଓ ରାଜ୍ୟ ବାହାରେ ସମରକଳା ପ୍ରଦର୍ଶନ କରି ସେ ପ୍ରଶଂସିତ ହୋଇଥିଲେ। ଏସବୁ ବାଦ ବାଲେଶ୍ୱର ସହରରେ ରାମନବମୀ ଦିନ ତାଙ୍କର ନୃତ୍ୟନାଟିକା ରାମରାବଣ ଯୁଦ୍ଧ ଦର୍ଶକଙ୍କୁ ବିମୋହିତ କରୁଥିଲା। ସେହିପରି ମହିଳାମାନଙ୍କ ଆତ୍ମସୁରକ୍ଷା ପାଇଁ ଏକ ଟିମ ଗଠନ କରି ସେମାନଙ୍କୁ ତାଲିମ ଦେଉଥିଲେ। ମହାବୀର ଆଖଡ଼ା ସଂଘ ଏବଂ ବିଭିନ୍ନ ମହଲରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

## ଅରାଜକତା ବିରୋଧରେ ଆଲୋଚନା



ବାଲେଶ୍ୱର, ୩।୮ (ସମିସ): ସୁନହଟ ଅଞ୍ଚଳ ତଥା ଆଖଡ଼ାଶାଳା, ଦେୱାନପାଟଣା, କନକଦୁର୍ଗା, ମହୁଲପାଡ଼ିଆ, ନନ୍ଦସାହି, ଆରଆର ଦାସ ଷ୍ଟ୍ରିଟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ପାଇଁ ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ଆଜି ସକାଳ ସମୟରେ ଗ୍ରାମବାସୀଙ୍କ ଦ୍ୱାରା ସାଗର କଲେଜ ପ୍ରାଙ୍ଗଣରେ ସାହିର ସମସ୍ତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅରାଜକତା ବିରୁଦ୍ଧରେ ଆଲୋଚନା କରିଥିଲେ। ଅନ୍ୟ ଅଞ୍ଚଳରୁ କିଛି ଦୁଷ୍ଟ ପ୍ରକୃତିର ଲୋକମାନେ ଆସି ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି। ଆଗାମୀ ଦିନରେ ପୋଲିସର ସହାୟତା ନେଇ ଏହାକୁ କିପରି ଦମନ କରାଯିବ ସେହି ବିଷୟରେ ସାହି ମୁରବିମାନେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଗ୍ରାମବାସୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାର ଯୋଜନା ରହିଛି। ଏହି ଆଲୋଚନାରେ ସନତ ଦାସ, ଗୌତମ ଦାସ, ରାଜେନ୍ଦ୍ର ଦାସ, ଭଜ ସ୍ୱାଇଁ, ଜିତେନ୍ଦ୍ର ସ୍ୱାଇଁ, ଶ୍ରୀପତି ମାଝୀ, ସତ୍ୟେନ୍ଦ୍ର ଦାସ, ଶ୍ରୀମନ୍ତ ମହାନ୍ତି, ବିଜୟ ନନ୍ଦ, ଦେବାଶିଷ ଦାସ, ପ୍ରଭାସ ନାୟକ, ତାପସ ବାରିକ, ରାଜଦର୍ଶୀ ଦାସ, ଦେବବ୍ରତ ମିଶ୍ର, ଦୟା ମାଝୀ, କୈଳାସ ମାଝୀ, ଭାସ୍କର ଦାସ, ଜଗବନ୍ଧୁ ଆଚାର୍ଯ୍ୟ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମାହେଶ୍ୱର ସମାଜ ପକ୍ଷରୁ କାଉଡ଼ି ଯାତ୍ରା

ବାଲେଶ୍ୱର,୩।୮ (ସମିସ): ବାଲେଶ୍ୱର ମାହେଶ୍ୱରୀ ସମାଜ ପକ୍ଷରୁ ଶ୍ରାବଣମାସରେ କାଉଡି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ଆଜି ବାଲିଘାଟଠାରୁ ପାଣି ନେଇ ଝାଡେଶ୍ୱର ମନ୍ଦିରରେ ପାଣି ଢ଼ାଳିଥିଲେ। ମାହେଶ୍ୱରୀ ସମାଜ ପକ୍ଷରୁ ଏହି କାଉଡି ଯାତ୍ରା ଦୀର୍ଘ ୧୫ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ସେମାନେ ଶ୍ରାବଣ ମାସର ଯେକୌଣସି ଏକ ରବିବାର ଦିନ ପାଣି ନେଇ ଠାକୁରଙ୍କ ଉପରେ ଢ଼ାଳନ୍ତି ଏବଂ ବିଶ୍ୱାସ ରହିଛି ଯେ, ଶ୍ରାବଣ ମାସରେ ପାଣି ଢ଼ାଳିରେ ସାମଜର ଉନ୍ନତି ହେବା ସହ ପରିବାରର ମଧ୍ୟ ଉନ୍ନତି ହୋଇଥାଏ।

## ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ଦାବି




**କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ନିଷ୍ପତ୍ତି**

ବାଲେଶ୍ୱର,୩।୮ (ସମିସ): ଜିଲ୍ଲାର ସ୍ୱାସ୍ଥ୍ୟସେବା ସମସ୍ୟା ଦିନକୁ ଦିନ ବଢି ଚାଲିଥିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁ?ିକରେ ରୋଗୀମାନେ ଆବଶ୍ୟକୀୟ ସେବା ପାଇପାରୁନଥିବାର ଅଭିଯୋଗ ହେଉଛି। ସେହିପରି ରେମୁଣାସ୍ଥିତ ମେଡିକାଲ୍ କଲେଜ ଓ ହସ୍‌ପିଟାଲରେ ମଧ୍ୟ ଉପଯୁକ୍ତ ସେବା ମିଳୁନାହିଁ। ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଆବଶ୍ୟକୀୟ ଯନ୍ତ୍ରପାତି ଓ ଚିକିତ୍ସା ଉପକରଣଗୁଡ଼ିକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର ପରେ ରୋଗୀ ସେବାରେ ଉତ୍କଟ ସମସ୍ୟା ଉପୁଜିଛି। ବହୁ ସ୍ୱେଚ୍ଛାସେବୀ ସଂଗଠନମାନେ ଓ ଗଣମାଧ୍ୟମମାନେ ରୋଗୀମାନଙ୍କ ଏହି ସମସ୍ୟା ସମାଧାନ ପାଇଁ ସ୍ୱରଉତ୍ତୋଳନ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ମେଡିକାଲ୍ କଲେଜକୁ ସମସ୍ତ ବିଭାଗ ସ୍ଥାନାନ୍ତର ପୂର୍ବରୁ ଅନେକ ସମସ୍ୟାର ସମାଧାନ କରାଯାଇପାରନ୍ତା। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବରୁ ଓ ଅପରିଣାମଦର୍ଶୀ ନିଷ୍ପତ୍ତି ଯୋଗୁଁ ଏହି ସମସ୍ୟା ଉତ୍କଟ ହୋଇଛି ବୋଲି ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ବୈ?ଠକରେ ମତପ୍ରକାଶ ପାଇଛି। ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈ?ଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଡ. କ୍ଷିତିଶ୍ୱର ଦାଶ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା ଓ ଡ. କେଶବ ଚରଣ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବାଲେଶ୍ୱରର ସମସ୍ତ ସାମାଜିକ ଓ ଗଣସଂଗଠନମାନଙ୍କୁ ନେଇ ଏକ ସପ୍ତାହବ୍ୟାପୀ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ସମର୍ଥନ ଜଣାଇ ଅକ୍ଷୟ କୁମାର ତ୍ରିପାଠୀ, ରବୀନ୍ଦ୍ର ଭୋଳ, ଶ୍ୟାମସୁନ୍ଦର ଜେନା ଓ ମାୟାଧର ନାୟକ ପ୍ରମୁଖ ଏହି ଆନ୍ଦୋଳନ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ। ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ଚଳିତ ମାସରେ ଗଣଧାରଣା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶେଷରେ ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।

## ଅଙ୍ଗଦାନ ଦିବସ ଅବସରରେ ସଚେତନତା ରାଲି

ବାଲେଶ୍ୱର, ୩।୮(ସମିସ): ଅଙ୍ଗଦାନ ଦିବସ ଅବସରରେ ଆଜି ବାଲେଶ୍ୱରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ବାଲେଶ୍ୱରଙ୍କ ଅଧକ୍ଷତାରେ ଇନରହୁଇଲ୍ କ୍ଲବ ବାଲେଶ୍ୱର ଓ ରୋଟାରାକ୍ଟ କ୍ଲବ ସହଯୋଗରେ ଏହା ଅନୁଷ୍ଠିତ ହୋଇଛି। ଏହି ଉଦ୍ୟମ ଦ୍ୱାରା ସମାଜରେ ଅଙ୍ଗଦାନ ସମ୍ପର୍କରେ ସଚେତନତା ବୃଦ୍ଧି କରିବା, ଲୋକଙ୍କ ମଧ୍ୟରେ ଏହାର ଗୁରୁତ୍ୱ ବିଷୟରେ ସଠିକ ଜ୍ଞାନ ପହଞ୍ଚାଇବା ଓ ଅଙ୍ଗଦାନ ପ୍ରତି ସକାର।।କ ଦୃଷ୍ଟିକୋଣ ଗଢିତ କରିବା ଉଦ୍ଦେଶ୍ୟ ରହିଛି। ଏହି ରାଲିର ସ୍ୱତନ୍ତ୍ରତା ଓ ଗୁରୁତ୍ୱ ଉଦ୍‌ଘାଟନ କରି ଧ୍ୱଜାତୋଳନ କରିଥିଲେ ବାଲେଶ୍ୱର ଜିଲ୍ଲାର ଏଡିଏମ। ରାଲିରେ ବହୁ ସଂଖ୍ୟକ ରୋଟାରୀ ସଦସ୍ୟ, ଇନରହୁଇଲ୍ ସଦସ୍ୟ, ରୋଟାରାକ୍ଟ ସଦସ୍ୟ ଓ ସ୍ଥାନୀୟ ନାଗରିକମାନେ ଉତ୍ସାହର ସହ ଯୋଗଦେଇଥିଲେ। ସଭାରେ ବିଭିନ୍ନ ପ୍ରମୁଖ ବକ୍ତାଙ୍କ ଦ୍ୱାରା ଅଙ୍ଗଦାନର ଆବଶ୍ୟକତା, ଏହାର ଲାଭ ଓ ଜୀବନ ରକ୍ଷାରେ ଏହାର ଭୂମିକା ବିଷୟରେ ଉତ୍ତେଜକ ଭାଷଣ ଦିଆଯାଇଥିଲା। ରାଲି ମାଧ୍ୟମରେ ସମାଜରେ ଅଙ୍ଗଦାନ ପ୍ରତି ଅନୁକୂଳ ମନୋଭାବ ସୃଷ୍ଟି କରିବା, ଭ୍ରମାତ୍ମକ ଧାରଣା ଓ ଆନ୍ଧବିଶ୍ୱାସକୁ ଅନ୍ୟ ମାନସିକତାରେ ପରିଣତ କରିବା ପ୍ରଚେଷ୍ଟା ହୋଇଥିଲା। ଅଙ୍ଗଦାନ ମାନବଜୀବନକୁ ରକ୍ଷା କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦୃଷ୍ଟିଗୋଚର ହୋଇଥିବା ଏହି ଅଭିଯାନ ମାଧ୍ୟମରେ ଅଧିକାଧିକ ଲୋକଙ୍କୁ ଅଙ୍ଗଦାନ ପାଇଁ ଆଗକୁ ଆସିବାକୁ ପ୍ରେରିତ କରାଯାଇଛି। ବାଲେଶ୍ୱର ରୋଟାରୀ କ୍ଲବ, ଇନରହୁଇଲ୍ କ୍ଲବ ବାଲେଶ୍ୱର ଓ ରୋଟାରାକ୍ଟ କ୍ଲବ ବାଲେଶ୍ୱରଙ୍କ ପକ୍ଷରୁ ସମସ୍ତଙ୍କୁ ଏହି ଉଦ୍ୟମରେ ସହଯୋଗ କରିବା ଓ ଅଙ୍ଗଦାନ ପାଇଁ ସଚେତନ ହେବା ନିମନ୍ତେ ଆହ୍ୱାନ ଜଣାଯାଇଛି।




## ଦୁର୍ଘଟଣାରେ ଜଣେ ଗୁରୁତର

ରାଜଘାଟ, ୩।୮ (ସମିସ): ୬୦ ନମ୍ବର ଜାତୀୟ ରାଜପଥର ମାଥାନୀ ବାୟ ପାସ ନିକଟରେ ସଡ଼କ ଦୁର୍ଘଟଣା ହୋଇ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଆଜି ଅପରାହ୍ନ ପାଞ୍ଚ ଟା ସମୟରେ ବାଲେଶ୍ୱରରୁ ବସ୍ତା ଥାନା ବାହାର୍ଦା ଅଭିମୁଖେ ଏକ ବାଇକ ଯୋଗେ ସୁରେନ୍ଦ୍ର ଦାସ ଏବଂ ତାଙ୍କର ସ୍ତ୍ରୀ ଗୀତାଞ୍ଜଳି ଦାସ ଆସୁଥିବା ବେଳେ ମାଥାନୀ ବାୟ ପାସ ନିକଟରେ ପଛ ଆଡୁ ଦ୍ରୁତ ଗତିରେ ଆସି ଏକ ବାଇକ ଆରୋହୀ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ସ୍ୱାମୀ ସ୍ତ୍ରୀ ତଳେ ପଡିଥିବାବେଳେ ମହିଳା ଜଣକ ଗୁରୁତର ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ଏହି ସମୟରେ ବିଦ୍ୟାଧରପୁର ଗାଁର ଶେଖ ସରତାଜ କାର ଯୋଗେ ସପରିବାରକୁ ନେଇ ବସ୍ତା ଆସୁଥିବା ବେଳେ ମହିଳାଙ୍କୁ ନିଜ ଗାଡି ରେ ବସ୍ତା ମେଡିକାଲ କୁ ଆଣିଥିଲେ। ହେଲେ ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ଉକ୍ତ ଗାଡି ନମ୍ବରକୁ ଆଧାର କରି ଥାନା ରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାଲେଶ୍ୱର,୩।୮ (ସମିସ): ସଦର ବ୍ଲକ ହଳଦୀପଦା ରମାକାନ୍ତ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁନି କୁନି ପିଲାମାନଙ୍କୁ ନେଇ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୁପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଗଣିତ ଅଧାପକ ଶ୍ରବଣ କୁମାର ନାୟକ ଯୋଗଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏଥିରେ ତାଙ୍କୁ ପଦାର୍ଥ ବିଜ୍ଞାନ ଦାୟିତ୍ୱରେ ଥିବା ବାସନ୍ତୀ ସାହୁ ସହଯୋଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ସଭାପତି କାର୍ତ୍ତିକଚନ୍ଦ୍ର ବାରିକ, ସମ୍ପାଦକ ଗଣେଶ୍ୱର ସାହୁ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର ସାହୁ, କୋଷାଧକ୍ଷ ଶରତଚନ୍ଦ୍ର ଜେନା, ପ୍ରଧାନ ଆଚାର୍ଯ୍ୟ ସାଗରିକା ଜେନା, ବିଜ୍ଞାନ ପ୍ରମୁଖ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମୋଟ ୪୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମା ଓ ଅନ୍ୟପିଲାମାନେ ସହଯୋଗ କରିଥିଲେ।

# ବାଲେଶ୍ୱର ବିକାଶରେ ବାଧକ ଦୁର୍ନୀତିଗ୍ରସ୍ତ ବାବୁ

ବାଲେଶ୍ୱର,୩।୮ (ସମିସ)




ଗତ୧୦ଦିନ ହେବ ବାଲେଶ୍ୱର ଜଳସେଚନ ବିଭାଗରେ ଗୋଟିଏ ଚୌକି ପାଇଁ ଦୁଇ ଜଣ ବାବୁ ରହିଥିବା ବେଳେ ଜଣେ ବାବୁ ତାଲା ପକାଇ ପଳାଇଯାଉଥିବା ବେଳେ ଅନ୍ୟ ଜଣେ ବାବୁ କିରାଣୀଙ୍କ ରୁମରେ ବସି ଘରକୁ ଫେରିଯାଉଛନ୍ତି। ଯାହାକୁ ନେଇ ଯୁବ ନେତା ବିକ୍ରମ ପଣ୍ଡା ଏକ ସାମ୍ବଦିକ ସମ୍ମିଳନୀରେ ବିଭିନ୍ନ ବିଭାଗରେ ହେଉଥିବା ଦୁର୍ନୀତିକୁ ନେଇ ସେ ଖୁବ୍‌ଶିଘ୍ର ଭିଜିଲାନସ ବିଭାଗ ଠାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ତାଙ୍କ ସୂଚନା ଅନୁସାରେ, ବାଲେଶ୍ୱରର ବିକାଶ ପାଇଁ ଆସୁଥିବା କୋଟି କୋଟି ଟଙ୍କା ବାଟମାରଣା କରିବା ସହିତ ସରକାରୀ ଯନ୍ତ୍ରୀମାନେ ବିଶେଷ କରି ପିଡବ୍ଲୁଡି, ଆରଏଣ୍ଡବି, ପିଏଚଡି, ଡ୍ରେନେଜ, ଜଳସେଚନ ଆଦି ବିଭିନ୍ନ ବିଭାଗରେ ଥିବା ଯନ୍ତ୍ରୀମାନେ ବର୍ଷ ବର୍ଷ ଧରି ଟଙ୍କା ଖାଉଛନ୍ତି। ଯାହାର ପରିଣାମ ଏବେ ବାଲେଶ୍ୱର ଭୋଗୁଛି। ଏପରିକି ସବୁ ବିଭାଗରେ ଉପରିସ୍ଥ ଇଂଜିନିୟରଙ୍କଠାରୁ ଆରମ୍ଭ କରି ଜେଇ ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ବାଲେଶ୍ୱରରେ ରହିବା ଏବଂ ଏଠାରୁ ବଦଳି ନ ହେବା ଏକ ସଙ୍ଗୀନ କଥା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ ବାଲେଶ୍ୱରରେ ତାହା ହେଉନି। ଗତ ଦୁଇ ବର୍ଷ ତଳେ ଚାନ୍ଦିପୁର ବେଳାଭୂମୀରେ ୩୦କୋଟି ବ୍ୟୟରେ ଡ୍ରେନେଜ ବିଭାଗ ଦ୍ୱାରା ଯେଉଁ ଲୁଣା ବନ୍ଧ ହୋଇଥିଲା ଦୁଇମାସ ପରେ ତାହାର ଅବସ୍ଥା ଖରାପ ହୋଇପଡ଼ିଥିଲା। ବାଲେଶ୍ୱର ଜିଲ୍ଲା ଏକ ବନ୍ୟା ପ୍ରଭାବିତ ଜିଲ୍ଲା ହୋଇଥିବା ବେଳେ ବନ୍ୟା ପରବର୍ତ୍ତି ଏବଂ ପୂର୍ବବର୍ତି କାର୍ଯ୍ୟ ପାଇଁ ଶହ ଶହ କୋଟି ଟଙ୍କା ସରକାରୀ ଅନୁଦାନ ଆସିଥାଏ। ଜଳସେଚନ ବିଭାଗ ଦ୍ୱାରା କାର୍ଯ୍ୟ ହୋଇଥାଏ। ବିଭିନ୍ନ ସମୟରେ ଏଠାରେ କାମ କମ ହେଉଥିବା ବେଳେ ବାଟମାରଣା ଅଧିକ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଯେପରିକି ଜୈନିକ ଯନ୍ତ୍ରୀ ଜିଲ୍ଲାର ବିଭିନ୍ନ ଜାଗାରେ ଏକ ସାଙ୍ଗରେ ଦାୟିତ୍ୱରେ ରହିଛନ୍ତି। ରେମୁଣା ବ୍ଲକ, ନୀଳଗିରି ବ୍ଲକ ଏବଂ ଆଇଟିଡିଏ ନୀଳଗିରି ଏକ ସାଙ୍ଗରେ କାର୍ଯ୍ୟରତ ଏବଂ ବାଲେଶ୍ୱର ଜଳସେଚନ ବିଭାଗର ଯନ୍ତ୍ରୀ ପଦବୀ ପାଇଁ ଦୁଇ ଅଧିକାରୀ ଏକା ସଙ୍ଗେ ଭିଡା ଓଟରା ହେବା ବାଲେଶ୍ୱର ପାଇଁ ଲଜ୍ୟା ଜନକ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ବାଲେଶ୍ୱରର ବେକାର ଯୁବକ ଯୁବତୀ ଦାଦନ ଖଟିବା ପାଇଁ ବିଭିନ୍ନ ରାଜ୍ୟକୁ ଯାଉଥିବା ବେଳେ ବାଲେଶ୍ୱରର ବିକାଶ ନାମରେ କୋଟି କୋଟି ଟଙ୍କା ଚଲୁ ହେବାର ଅଭିଯୋଗ ଅତ୍ୟନ୍ତ ନିନ୍ଦନୀୟ। ଏଣୁ ଉପରୋକ୍ତ ବିଭାଗରେ କାର୍ଯ୍ୟ ହେବାକୁ ଥିବା ବହୁ ପ୍ରକଳ୍ପ ଭିଜିଲାନ୍ସ ତଦନ୍ତ ସହ ଏହି ସବୁ ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନଙ୍କର ସମ୍ପତି ତାଲିକା ଯାଂଚ କରାଯାଉ। ନହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

**ଭିଜିଲାନ୍ସ ତଦନ୍ତ ଦାବି କଲେ ଯୁବନେତା**

# ସରକାର ଓଡ଼ିଶାରେ ମଦ ବନ୍ଦ କରନ୍ତୁ: ମିଳିତ ନିଶା ନିବାରଣ ଅଭିଯାନ

ଭଦ୍ରକ, ୩।୮ (ସମିସ)



ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ଉପସଭାପତି ତଥା ଭଦ୍ରକ ଜିଲ୍ଲା ସଂଯୋଜକ ଖେଗଶ୍ୱର ବଳଙ୍କ ସଭାପତିତ୍ୱରେ ଜିଲ୍ଲା କମିଟି ବୈଠକ ସାଳନ୍ଦୀ ଆବାସିକ କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ରାଜ୍ୟ ସଭାପତି ତଥା ପୂର୍ବତନ ଶତାୟୁ ବିଧାୟକ ପଦ୍ମଚରଣ ନାୟକ ଓଡିଶାର ଡବଲ୍ ଇଞ୍ଜିନ୍ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶୃତିକୁ ପାଳନ କରିନାହାନ୍ତି ବୋଲି ଅଭିଯୋଗ କରିବା ସହ ଓଡିଶା ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏହି ବର୍ଷକ ଭିତେର ଓଡ଼ିଶା ନିଶାମୁକ୍ତ ହେବା ବଦଳରେ ନିଶାଯୁକ୍ତ ହୋଇପଡିଛି ବୋଲି ସେ ଉଦେବଗ ପ୍ରକାଶ କରିଥିଲେ। ଆଗାମୀ ବିଧାନସଭା ଅଧିବେଶନେର ନିଶାମୁକ୍ତ ପାଇଁ ଓ ସରକାରୀ ନିଶା ଦୋକାନ ବନ୍ଦ ପାଇଁ ବିଲ୍ ଆସି ଆଇନରେ ପରିଣତ ନେହେଲ ତମାମ ଓଡିଶାର ସମସ୍ତ ସରକାରୀ ମଦ ଦୋକାନକୁ ସାଧାରଣ ଜନତା ଭଙ୍ଗାରୁଜା କରିବେ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀ ଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୁଣ୍ୟାତ୍ମା ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ନେଭମ୍ବର-୨୩ ପର୍ଯ୍ୟନ୍ତ ଓଡିଶାକୁ ମଦମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଗଠନର ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଉପସଭାପତି ଅଗଣି ଚରଣ ଜେନା, ଅଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଅମରକୁମାର ପାଣିଗ୍ରାହୀ, ଯୁବ ଆଇନଜୀବୀ ବିକାଶ ନାଥ, ମହିଳା ନେତ୍ରୀ ସରସ୍ୱତୀ ସେନାପତି, ରୁକ୍ମଣୀ ଘଡାଇ, ମିନାକ୍ଷୀ ଜେନା, ଧାମନଗର ବ୍ଲକ ସଭାପତି ସଚିକାନ୍ତ ପଣ୍ଡା, ଯୁବନେତା ଅଲୋକ ସ୍ୱାଇଁ, ଶିକ୍ଷାବିତ୍ ସନାତନ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ସମାଜେସବୀ ଗୋଲକ ପ୍ରସାଦ ମଲ୍ଲିକ, ସଂଗଠନର ଜିଲ୍ଲା କମିଟିସଭ୍ୟ ଶ୍ରୀକାନ୍ତ ପଣ୍ଡା, ଜଗନ୍ନାଥ ରାୟ, ଧନଞ୍ଜୟ ଦାସ, ରଘୁନାଥ ସାହୁ, ଅଭିମନ୍ୟୁ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଶୁଭେନ୍ଦୁ ରାଉତରାୟ ଅଂଶଗ୍ରହଣ କରିଥିଲେ। ଭଦ୍ରକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୮୦ ଜଣ ନାଗରିକ ଉପସ୍ଥିତ ଥିଲେ।

## ପାଣିରେ ପଡ଼ି ଯୁବକ ମୃତ

ବାରିକପୁର,୩।୮ (ସମିସ): ଭଣ୍ଡାରିପୋଖରୀ ଥାନା ରହଣିଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଜଣେ ଯୁବକ ପାଣିରେ ପଡ଼ି ପ୍ରାଣ ହରାଇଛନ୍ତି। ଗ୍ରାମର ସ୍ୱର୍ଗତ ଅନନ୍ତ ସାମଲଙ୍କ ସାନପୁଅ ତାପସ (୪୩) ଗତ ଶନିବାର ରାତିରେ ଶୌଚ ହେବା ପାଇଁ ବାହାରକୁ ଆସିଥିଲେ। କିଛି ସମୟ ପରେ ସେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଁମୁଣ୍ଡ ଏକ ଗାଡିଆରେ ଯୁବକ ଜଣକ ଭାସୁଥିବା ଘର ଲୋକ ଦେଖିବାକୁ ପାଇଥିଲେ। ତତକ୍ଷଣାତ ତାଙ୍କୁ ପାଣିରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ସୁଦ୍ଧା ଡାକ୍ତର ସେଠାରେ ତାପସଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଭଦ୍ରକ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ବୈତରଣୀ କୂଳ ବାରୁଣୀ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି।

## ନାଗ ସାପ ଉଦ୍ଧାର



ବାରିକପୁର, ୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ଗ୍ରାମରୁ ଏକ ୫ଫୁଟ ଲମ୍ବର ନାଗ ସାପ ଉଦ୍ଧାର ହୋଇଛି। ସାପଟି ଗ୍ରାମର ଗୋବର୍ଦ୍ଧନ ଜେନାଙ୍କ ବାଡ଼ିରେ ଗଛିତ ଥିବା ଇଟା କାଣ୍ଡିରୁ ବାହାରିଥିଲା। କାମ ପାଇଁ ଗୃହସ୍ଥ ଇଟା ବାହାର କରୁଥିବା ବେଳେ ସାପକୁ ଦେଖି ଭୟଭୀତ ହୋଇଯାଇଥିଲେ। ସାପଟି ଉକ୍ତ ସ୍ଥାନରେ ଦୀର୍ଘ ସମୟ ଧରି ରହିଥିବା ବେଳେ ଭଦ୍ରକ ସାପ ଧରାଳି ସେକ ମିର୍ଜାଙ୍କୁ ଖବର ଦିଆଯାଇଥିଲା। ସାପ ଧରାଳି ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଘଟଣାସ୍ଥଳରେ ପହଞ୍ଚି ନାଗ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷାସହାୟକଙ୍କ ପରଲୋକ



ଅସୁରାଳି, ୩।୮ (ସମିସ): ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ହରିହଂସ ଗାଁର ଧର୍ମପରାୟଣ ବ୍ୟକ୍ତି, କୋଠାର ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷାସହାୟକ ନବକୁମାର ନାୟକଙ୍କ ୭୨ବର୍ଷ ବୟସରେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ସମୟରେ ପୁଅ ଶୋଭନ ନାୟକ, ଗିରିଶ ନାୟକଙ୍କ ସହ ଅନ୍ୟ ସମସ୍ତ ଭାଇବନ୍ଧୁ, ପରିବାରବର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଦସ୍ୟ ପ୍ରଦୀପ ମଲ୍ଲିକ, ବରିଷ୍ଠ ସମାଜସେବୀ ଚତୁର୍ଭୁଜ ନାୟକ, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ, ଉପସଭାପତି ସିଦ୍ଧାର୍ଥ ଶଙ୍କର ମିଶ୍ର ଏବଂ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଗୌରଚନ୍ଦ୍ର ପଣ୍ଡା ଇଷ୍ଟକୋଷ୍ଟ ରେଲୱେ ଡିଆରୟୁସିସି ସଦସ୍ୟ



ଭଦ୍ରକ, ୩।୮ (ସମିସ): ଭଦ୍ରକ ଚ୍ୟାମ୍ବର ଅଫ କମର୍ସର ସଭାପତି ତଥା ବିଶିଷ୍ଟ ସମାଜସେବୀ ଗୌରଚନ୍ଦ୍ର ପଣ୍ଡାଙ୍କୁ ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ଡିଭିଜନ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି(ଡିଆରୟୁସିସି) ସଦସ୍ୟ ଭାବେ ମନୋନୀତ କରିଛି। ଶ୍ରୀ ପଣ୍ଡା ଆସନ୍ତା ୨ ବର୍ଷ ପାଇଁ ଏହି କମିଟି ସଦସ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଭଦ୍ରକ ସାଂସଦ ତଥା ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନ ଡିଆରୟୁସିସି ସଦସ୍ୟ ଅଭିମନ୍ୟୁ ସେଠୀଙ୍କ ସୁପାରିସକ୍ରମେ ଇଷ୍ଟକୋଷ୍ଟ ରେଳବାଇ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଏହି ନିଯୁକ୍ତିରେ ଜିଲ୍ଲାବାସୀ ଉତ୍ତମ ରେଳସେବା ପାଇବା ସହିତ ଭଦ୍ରକ ରେଳଷ୍ଟେସନରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବନ୍ଧୁକ ମୁନରେ ଲୁଟ୍ ଘଟଣା: ଦୁଇ ଗିରଫ

ଭଦ୍ରକ, ୩।୮ (ସମିସ): ବନ୍ଧୁକ ମୁନରେ ତିହିଡି ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କରୁ ଲୁଟ ଘଟଣାର ପର୍ଦ୍ଦାଫାସ କଲା ପୁଲିସ। ଲୁଟରେ ସାମିଲ ଥିବା ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି ତିହିଡି ପୁଲିସ। ଗିରଫ ୨ଜଣଙ୍କ ମଧ୍ୟରେ ଜଣେ ପୂର୍ବତନ କର୍ମଚାରୀ ଓ ଅନ୍ୟ ଜଣେ ସହଯୋଗୀ ବୋଲି ଜଣାପଡିଛି।



ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନରେ ଥିବା ଏୟୁ ଫାଇନାନ୍ସ ବ୍ୟାଙ୍କରେ ଗତ ଜୁନ ୧୧ ତାରିଖରେ ୪ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ବ୍ୟାଙ୍କକୁ ପଶିଥିଲେ। ପରେ ବନ୍ଧୁକ ଦେଖାଇ ୭ ଲକ୍ଷ ୫୪ ହଜାର ଟଙ୍କା ଲୁଟ କରିଥିଲେ। ତିହିଡି ଥାନାରେ ଏତଲା ପରେ ତିହିଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଏୟୁ ଫାଇନାନ୍ସ ବ୍ୟାଙ୍କ୍‌ର ପୂର୍ବତନ କର୍ମଚାରୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଳାଙ୍ଗ ଗାଁର ପ୍ରହଲ୍ଲାଦ ରାଉତଙ୍କ ସହ ଫୁଲବାଣୀ ସଦର ଜାମୁଝରି ଗାଁର ଅନୀଲ ବେହେରାଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ୨ ଜଣ ଫେରାର ଥିବା ନେଇ ପୁଲିସ ସୂଚନା ଦେଇଥିବା ବେଳେ ମାତ୍ର ୨ ହଜାର ଟଙ୍କା ଓ ୪ଟି ମୋବାଇଲ୍ ଜବତ ହୋଇଥିବା କହିଛି ପୁଲିସ। ତେବେ ଫେରାର ୨ ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ସୂଚନା ଦେଇଛନ୍ତି।

## ମନୋରମାଙ୍କୁ କେବେ ମିଳିବ ବାସଗୃହ ?



ଅସୁରାଳି, ୩।୮ (ସମିସ): ମନୋରମା ନାଥ ବୟସ ଆସି ୫୮ ହେଲାଣି। ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଗାଁର ବାସିନ୍ଦା। ସ୍ୱାମୀ ଆର ପାରିକୁ ଚାଲି ଗଲେଣି ୫ ବର୍ଷ ହେବ। ପରିବାର କହିଲେ ତାଙ୍କ ଗୋଟିଏ ମାତ୍ର ପୁଅ ଅଜୟ ନାଥ (୩୫)। ପୁଅ ମା'ର ପେଟରେ ମୁଠେ ଦାନା ଦେବା ପାଇଁ ବହୁତ୍ ଦିନ ହେଲା ଦାଦନ ଖଟୁଛନ୍ତି। ଏଠି ମା' ମନୋରମା ଖଣ୍ଡିଏ ଆବାସ ପାଇଁ ହେଉଛନ୍ତି ହନ୍ତସନ୍ତ। ସରକାରୀ ସହାୟତା ଭାବେ କେବଳ ଭତ୍ତା ଆଉ ରାସନ୍ ସାମଗ୍ରୀ ମିଳୁଛି। ମାତ୍ର ବଂଚିବା ପାଇଁ ଖାଦ୍ୟ, ବସ୍ତ୍ର ପରେ ବାସଗୃହ ନିତାନ୍ତ ମୌଳିକ ଆବଶ୍ୟକ। ଏଯାଏଁ ଖଣ୍ଡେ ବାସଗୃହ ମିଳି ପାରିଲା ନାହିଁ। ପାଲ ଜରି ତଳେ ମଶା, ମାଛି, ସାପ ବେଙ୍ଗ ସହ ରହୁଛନ୍ତି। ବିକାଶର ଡେଙ୍ଗୁରା ପିଟୁଥିବା ସରକାର ମନୋରମାଙ୍କ ପାଖରେ ମାରିଛି ଫେଲ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବାସିନ୍ଦା ମଧ୍ୟ ବହୁ ଥର ପ୍ରଶାସନିକ ସ୍ତରରେ ଦାବି ଉଠାଇଛନ୍ତି କିନ୍ତୁ ବିଫଳ। ଏଣୁ ଆଗାମୀ ଦିନରେ ମନୋରମାଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ନ ଦେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ୧୧ରୁ ସାମୂହିକ ଛୁଟିରେ ଅମଲା ସଂଘ କର୍ମକର୍ତ୍ତା



ଭଦ୍ରକ, ୩।୮ (ସମିସ): ବାରମ୍ବାର ଦାବି ପରେ ମଧ୍ୟ ରାଜ୍ୟ ସରକାର ଦାବିଗୁଡିକ ପ୍ରତି କର୍ଣ୍ଣପାତ ନକରି ଓଲଟା ଦାବି ବିରୋଧରେ ସରକାରଙ୍କ ପଦକ୍ଷେପକୁ ନେଇ ତାତିଛି ଓଡିଶା ରାଜସ୍ୱ ଅମଲା ସଂଘ। ଦାବି ପୂରଣ ନହେଲେ ଆଗାମୀ ୧୧ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅମଲା ସାମୂହିକ ଛୁଟିରେ ଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଆଜି ଭଦ୍ରକ ସହର କର୍ମଚାରୀ ଭବନରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ସଙ୍ଘର କର୍ମକର୍ତ୍ତାମାନେ ଯୋଗଦାନ କରି ଏହି ନିଷ୍ପତ୍ତି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ଜୁଲାଇ ୯ ତାରିଖରେ ରାଜ୍ୟ ସରକାରଙ୍କ ସହ ଅମଲା ସଙ୍ଘର ୧୦ ଦଫା ଦାବିକୁ ନେଇ ଆଲୋଚନା ସକାରାତ୍ମକ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ଓଲଟା ରାଜ୍ୟ ସରକାର ଦାବି ବିରୋଧରେ ଯାଇ ଏକ ପଦୋନ୍ନତିକୁ ବନ୍ଦ କରିବାକୁ ବାହାରିଥିବା ନୋଟିଫିକେସନକୁ ସଂଘ ବିରୋଧ କରିଛି। ଏ ସଂପର୍କରେ ରାଜ୍ୟର ସମସ୍ତ ବିଧାୟକ, ସାଂସଦ, ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ବେଳେ ଏଥିନେଇ ସରକାର କୌଣସି ଆଲୋଚନା ପାଇଁ ଡାକି ନାହାନ୍ତି। ଯାହାକୁନେଇ ଆସନ୍ତା ୧୧ରୁ ରାଜ୍ୟତମାମ ଅମଲାମାନେ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନେବା ସହିତ ଲୋକଙ୍କ କାର୍ଯ୍ୟରେ ସମସ୍ତ ବାଧା ପାଇଁ ସରକାର ଦାୟୀ ରହିବେ ବୋଲି ଓଡିଶା ରାଜସ୍ୱ ଅମଲା ସଂଘ ଭଦ୍ରକ ଜିଲ୍ଲା ସଭାପତି ତାପସ ସ୍ୱାଇଁ ସୂଚନା ଦେଇଛନ୍ତି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ




ଦୋବଲ, ୩।୮ (ସମିସ): ଧାମନଗର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନଶିକ୍ଷକ ଅର୍ଜୁନ କୁଣ୍ଡଙ୍କ ନିଜ ଗ୍ରାମ ସୋଧ ଗ୍ରାମରେ ପରଲୋକ ଘଟିଛି। ଦୋବଲସ୍ଥିତ ଏସଏଜେ ହାଇସ୍କୁଲରେ ପୂରାତନ ଛାତ୍ରଙ୍କ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଭୋଳାନାଥ ସାହୁଙ୍କ ସଂଯୋଜନାରେ ପୁରାତନ ଛାତ୍ର ତଥା ଏବିଇଓ ତପନ ଦ୍ୱିବେଦୀ, ଶିକ୍ଷାବିତ ଶରତ ସାହୁ, ସେକ ତାୟୁଦୀନି, ହେମେନ୍ଦ୍ର ମହାନ୍ତି, ପ୍ରମୋଦ ନାୟକ, ଶରତ ସାହୁ, ଶ୍ରୀକାନ୍ତ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

**ସ୍ୱଚ୍ଛଭାରତ ବାଟବଣା**

## ଅପନ୍ତରା ପାଲଟିଛି କୃଷି କାର୍ଯ୍ୟାଳୟ

ବନ୍ତ/ଆଗରପଡ଼ା,୩।୮ (ସମିସ): ଅଧିକାରୀମାନଙ୍କ ଖାମଖିଆଲି ନୀତି ଯୋଗୁଁ ଆଗରପଡ଼ାଠାରେ ଥିବା ସରକାରୀ କାର୍ଯ୍ୟାଳୟ ବର୍ତ୍ତମାନ ସଂରକ୍ଷିତ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ସ୍ୱଚ୍ଛତାକୁ କେତେ ଗୁରୁତ୍ୱ ଦିଆଯାଇଛି ତାହା ଉକ୍ତ କାର୍ଯ୍ୟାଳୟର ପରିସରକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଏହି ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ଲୋକମାନେ ଯାଆଆସ କରିଥାନ୍ତି। କୃଷି କାର୍ଯ୍ୟାଳୟ ପରିସରରେ ଅନାବନା ଗଛ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ କାଟି ସଫା କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ଦୃଷ୍ଟି ନଦେବାକୁ ନେଇ ।ଚଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଭିନ୍ନ ସମୟରେ ଏହି କାର୍ଯ୍ୟଳୟକୁ ବିଭିନ୍ନ ଉଦ୍ଦେଶ୍ୟ ରଖି ଆସିଥାନ୍ତି; ମାତ୍ର କାର୍ଯ୍ୟାଳୟ ପ୍ରବେଶ ପଥ ଉଭୟ ପାଶ୍ୱର୍ରେ ନାନାଦି ଅନାବନା ଗଛ ଉଠି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଏଥି ମଧ୍ୟରେ ବିଷଧର ସାପମାନେ ରହିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ବିଶେଷ କରି ସାପ ଭୟରେ ଚାଷୀମାନେ ଏହି କାର୍ଯ୍ୟାଳୟକୁ ଆସିବା ପାଇଁ ନାପସନ୍ଦ କରୁଛନ୍ତି। ସେହିପରି ଉକ୍ତ କାର୍ଯ୍ୟାଳୟର ପ୍ରବେଶ ପଥରେ ବଜାର ଅଞ୍ଚଳରେ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନଥିବାରୁ ପାଣି ଜମି ରହି ଅପରିଷ୍କାର ପରିବେଶ ସୃଷ୍ଟି କରିବା ସହ ଡେଙ୍ଗୁକୁ ଆମନ୍ତ୍ରଣ କରୁଥିବାରୁ ସରକାରଙ୍କ ସ୍ୱଚ୍ଛଭାରତ ଅଭିଯାନ ଏଠାରେ ସଂପୂର୍ଣ୍ଣ ବାଟବଣା ହୋଇପଡ଼ିଛି। ଆଗରପଡ଼ାର ୮୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଏଠାରେ ଏକ କୃଷି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ୫୦ରୁ ଅଧିକ ବର୍ଷ ବିତି ଯାଇଥିଲେ ସୁଦ୍ଧା ବର୍ତ୍ତମାନ ଏହା ଚାଷୀଙ୍କ ଯେତିକି ସୁବିଧା ଯୋଗାଇବା କଥା ତାହା ଯୋଗାଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ନା ସହକାରୀ କୃଷି ଅଧିକାରୀ ନା କର୍ମଚାରୀ କେହିବି ଏଠାକୁ ଆସୁଛନ୍ତି। ଜଣେ ମାତ୍ର କର୍ମଚାରୀ (ଡ଼ାଟା ଏଣ୍ଟ୍ରି ଅପରେଟର)ରେ ଉକ୍ତ କାର୍ଯ୍ୟାଳୟ ଚାଲିଛି। ଖରିଫ ଋତୁ ଏବଂ ରବି ଋତୁରେ ଉକ୍ତ କାର୍ଯ୍ୟାଳୟରୁ ସମସ୍ତ ପ୍ରକାର ଚାଷ ଉପକରଣ ସାମଗ୍ରୀ ଯେପରିକି ଟ୍ରାକ୍ଟର, ପାୱାର ଟିଲର, ବିଷପକା ମେସିନ ଓ କୃଷି ଯନ୍ତ୍ରପାତି ସମେତ ଧାନ, ମୁଗ, ବିରି, ବାଦାମ, ସୂର୍ଯ୍ୟମୁଖୀ, ସୋରିଷ, ଗହମ ବିହନ ଇତ୍ୟାଦି ସରକାରଙ୍କ ଦ୍ୱାରା ପ୍ରଦତ୍ତ ରିଆତି ମୂଲ୍ୟରେ କ୍ରୟ କରିଥାନ୍ତି। କିଛି ବର୍ଷ ହେବ ଉକ୍ତ କାର୍ଯ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏହାର ପାରିପାଶ୍ୱିର୍କ ପରିସ୍ଥିତିରେ କୌଣସି ଉନ୍ନତି ହେଉନାହିଁ। ଚାଷୀଙ୍କୁ ସେମାନଙ୍କ ମୌଳିକ ସୁବିଧା ଯୋଗାଇ ଦେବାକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଥିଲେ ମଧ୍ୟ ତାହାର ସୁଫଳ ଆଜି ସୁଦ୍ଧା ମିଳି ପାରିନାହିଁ। ଅପରପକ୍ଷରେ ଜିଲ୍ଲାର ପ୍ରତି ବ୍ଲକ୍‌ର ଗୋଟିଏ ଲେଖାଏଁ କୃଷି କାର୍ଯ୍ୟାଳୟ ଥିବାରୁ ବନ୍ତ ବ୍ଲକର ବନ୍ତଠାରେ କାର୍ଯ୍ୟାଳୟଥିବା ହେତୁ ଆଗରପଡ଼ାରେ କାର୍ଯ୍ୟାଳୟର କୌଣସି ଆବଶ୍ୟକତା ନଥିବାରୁ ଏହାର ଉନ୍ନତି ପ୍ରତି ବିଭାଗ ଦୃଷ୍ଟି ଦେଉ ନଥିବା ଜଣାପଡ଼ିଛି। ଆଗରପଡ଼ା ଅଞ୍ଚଳର ଗୁରୁତ୍ୱକୁ ବିଚାରକୁ ନେଇ କୃଷି କାର୍ଯ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



**କାଗଜକଲମରେ ସୀମିତ ସରକାରୀ ନିର୍ଦ୍ଦେଶ**

## ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ୍ ବ୍ୟାନ୍ ଜରୁରୀ

ବନ୍ତ/ଆଗରପଡ଼ା, ୩।୮ (ସମିସ)



ବିନା ମୋବାଇଲରେ ଜୀବନ ଅତିବାହିତ କରିବା କଷ୍ଟକର ବ୍ୟାପାର ପାଲଟିଛି। ଏହାର ପ୍ରଭାବ ଏତେ ବଢି ଯାଇଛି ଯେ ବର୍ତ୍ତମାନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ହାତରେ ପଡ଼ି ଭବିଷ୍ୟତ ଅନ୍ଧକାର ହେବାର ଆଶଙ୍କା ରହୁଛି। ସେହିପରି ଶିକ୍ଷାନୁଷ୍ଠାନରେ ଯେଉଁ ପବିତ୍ରତା ରହୁଥିଲା ତାହା ମୋବାଇଲ ଫୋନର ପ୍ରବେଶ ଦ୍ୱାରା ନିଶ୍ଚିତ ଭାବରେ ବ୍ୟାଘାତ ହେଉଛି। ଶିକ୍ଷାନୁଷ୍ଠାନ ଯେଉଁ ନୈତିକତା ଓ ମୂଲ୍ୟବୋଧକୁ ନେଇ ଯୁଗ ଯୁଗ ଧରି ଠିଆ ହେଇଥିଲା ତାହା ଆଉ ରହିନାହିଁ। ହଜିଯାଉଛି ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଭିତରେ ପୁରୁଣା ଆଦର୍ଶ। ଛାତ୍ର ଓ ଛାତ୍ରୀଙ୍କ ଭିତରେ ମଧ୍ୟ ଗୁରୁ ଭକ୍ତି ଓ ଗୁରୁ ପାଇଁ ସମର୍ପଣର ଭାବ ଦୁର୍ଲଭ ହୋଇଯାଇଛି। ଏଥିପାଇଁ କେତେକାଂଶରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଦାୟୀ। ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ ଶ୍ରେଣୀ ଗୃହରେ କୌଣସି ଶିକ୍ଷକ ମୋବାଇଲ ଫୋନ ବ୍ୟବହାର ନକରିବା ପାଇଁ ସରକାରୀ ନିର୍ଦ୍ଦେଶ ଅଛି। ଶ୍ରେଣୀ ଗୃହକୁ ଯିବା ପୂର୍ବରୁ ନିଜ ମୋବାଇଲକୁ ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରିବା ନିୟମ ଥିଲେ ସୁଦ୍ଧା ଉକ୍ତ ନିୟମକୁ କେହି ପାଳନ କରୁ ନଥିବାରୁ ଏହା କେବଳ କାଗଜ କଲମରେ ସୀମିତ ରହିବା ଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି।

ଜଣେ ଦଶମ ଶ୍ରେଣୀର ଛାତ୍ର ଓ ଅନ୍ୟ ତିନି ଜଣ ମିଶି ଶିକ୍ଷୟିତ୍ରୀଙ୍କ ଏକ ଭିଡ଼ିଓ ଉଠାଇବା ଓ ତାଙ୍କୁ ବ୍ଲାକମେଲ କରିବା ନଜିର ରହିଛି। ସେହିପରି ଅନେକ ସ୍ଥାନରେ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କ ଭିଡିଓ ଉଠାଇବା ଓ ବ୍ଲାକମେଲ କରିବା ଖବର ମଧ୍ୟ ନଜରକୁ ଆସିଛି। ଶିକ୍ଷାନୁଷ୍ଠାନରେ ପ୍ରଶ୍ନପତ୍ର ଲିକ ହେବା ଖବର ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଉଛି। ଯଦ୍ୱାରା ବହୁ ମେଧାବୀ ଛାତ୍ରଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ପଡୁଛି। ଆଗାମୀ ଦିନରେ ଆମ ଦେଶ ତଥା ରାଜ୍ୟର କୋ÷ଣସି ଶିକ୍ଷାନୁଷ୍ଠାନରେ ଏକ ବଡ ଧରଣର ଅଘଟଣ ଘଟିବାକୁ ପ୍ରତୀକ୍ଷା ନକରି ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନର ବ୍ୟବହାର ଉପରେ ପ୍ରତିବନ୍ଧ ଲଗାଇବା ଜରୁରୀ ହୋଇପଡ଼ିଛି। ଶିକ୍ଷକ ଓ ଶିକ୍ଷୟିତ୍ରୀ ମଧ୍ୟ ଶିକ୍ଷାନୁଷ୍ଠାନରେ ଏହାକୁ ବ୍ୟବହାର କରିବାରୁ ଯେପରି ନିବୃତ ରହିବେ ଓ ସରକାରୀ ନିର୍ଦ୍ଦେଶକୁ ଯେପରି ମାନିବେ ସେଥିପ୍ରତି ବିଭାଗୀୟ ଅଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

### ସେମାନେ ଯାହା କହନ୍ତି..



ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ମୋବାଇଲ ଫୋନର କୌଣସି ଆବଶ୍ୟକତା ନାହିଁ। ସେମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ସ୍ମାର୍ଟ କ୍ଲାସ ରୁମ, କମ୍ପ୍ୟୁଟର ଲ୍ୟାବ ଆଦିର ବ୍ୟବସ୍ଥା ରହିଛି। ଦୈନିକ ଘଟଣାବଳିର ତଥ୍ୟ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ ପାଇଁ ସରକାର କିଛି ନୀତିନିୟମ ଲାଗୁ କରିଥିବାରୁ ପ୍ରଧାନଶିକ୍ଷକଙ୍କ ନିମନ୍ତେ ମୋବାଇଲ ଫୋନର ଆବଶ୍ୟକତା ରହିଛି। ଅନ୍ୟ ଶିକ୍ଷକଙ୍କ ପାଇଁ ଏହାର କୌଣସି ଆବଶ୍ୟକତା ନାହିଁ। ସରକାରୀ ସ୍ତରରେ ଏଥିପାଇଁ ନିୟମ ପ୍ରଣୟନ ହୋଇଥିଲେ ସୁଦ୍ଧା ଏହାକୁ ବହୁ ଶିକ୍ଷକ ମାନୁ ନାହାନ୍ତି। ଏହିପରି ଅଭିଯୋଗ ଆସିଲେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅନୁରୋଧ କରାଯିବ।

- ନିରଞ୍ଜନ ଖିଲାର, ସିଆରସିସି, ତୋଫାବିବି କ୍ଲଷ୍ଟର



ଶିକ୍ଷାନୁଷ୍ଠାନପରି ଏକ ପବିତ୍ର ସ୍ଥାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରା ନଗଲେ ମଣିଷ ଗଢା କାରଖାନାରେ ଗୁରୁ ଓ ଶିଷ୍ୟଙ୍କ ସଂପର୍କରେ ଅବନତି ଘଟିବା ସୁନିଶ୍ଚିତ। ତେଣୁ ଏହା ଉପରେ ରୋକ୍ ଲାଗିବା ଜରୁରୀ।

- ମନ୍ମଥ ଦାଶ, ଯୁବ ସମାଜସେବୀ, ଆଗରପଡ଼ା



ଶିକ୍ଷାନୁଷ୍ଠାନରେ ମୋବାଇଲ ଫୋନ ବ୍ୟବହାରକୁ ବ୍ୟାନ କରିବା ଜରୁରୀ କାରଣ କୁନିକୁନି ପିଲାମାନଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସୁନିଶ୍ଚିତ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଓ ପିଲାଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଥିବାରୁ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଭୟ ମୋବାଇଲ ଫୋନ ବ୍ୟବହାରରୁ ନିବୃତ୍ତ ନରହିଲେ ସରକାରଙ୍କ ଯୋଜନାର ସଫଳ ରୂପାୟନରେ ଏହା ପ୍ରତିବନ୍ଧକ ସାଜିବା ସୁନିଶ୍ଚିତ।

- ପ୍ରଭାତ ନାୟକ, ସହକାରୀ ଶିକ୍ଷକ, ଆପ୍ତିରା ୟୁଜିମଇ ସ୍କୁଲ



କମ୍ପ୍ୟୁଟର ଯୁଗରେ ମୋବାଇଲ ଫୋନର ଆବଶ୍ୟକତା ବୃଦ୍ଧି ପାଇଥିଲେ ସୁଦ୍ଧା ଶିକ୍ଷାନୁଷ୍ଠାନରେ ଏହାର ବ୍ୟବହାରକୁ ବ୍ୟାନ କରିବା ଜରୁରୀ। ଏହା ଉପରେ କୌଣସି ପ୍ରତିବନ୍ଧକ ନଥିବାରୁ ଶିକ୍ଷା ପରିସରରେ ଛାତ୍ର ଓ ଶିକ୍ଷକଙ୍କ ସମ୍ପର୍କରେ ଏହାର ପ୍ରଭାବ ପଡ଼ିବା ସହ ଏକ ପବିତ୍ର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ତେଣୁ ବିଭିନ୍ନ ଦୃଷ୍ଟି କୋଣରୁ ଏହା ଉପରେ ରୋକ୍ ଲାଗିବା ଜରୁରୀ।

- ବିନୋଦ କୁମାର ଧଳସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ,

### ପରକୀୟା ପ୍ରୀତି ଧରାପଡ଼ିବା ପରେ...

## ସ୍ୱାମୀଙ୍କୁ ଛାଡ଼ି ପ୍ରେମିକକୁ ବିବାହ କଲେ

ଭୁବନ,୩।୮ (ସମିସ): ଚୋରା ପୀରତି କାହା ପାଇଁ ମଜା ତ କାହା ପାଇଁ ସଜା। ଜଣେ ବିବାହିତା ମହିଳା ଓ ଯୁବକ ଚୋରା ପୀରତିରେ ଲିପ୍ତ ଥିବାବେଳେ ଧରିଦେଲେ ଗ୍ରାମବାସୀ। ଅନ୍ୟ ଉପାୟ ନ ପାଇ ବାଧହୋଇ ଦୁଇ ଛୁଆର ମା' ହାତରୁ ଶଙ୍ଖା କାଢ଼ିଲେ, ମଥାରୁ ସିନ୍ଦୂର ପୋଛିଲେ। ବାହୁରୁ ବ୍ରତ କାଢ଼ି ସ୍ୱାମୀ ହାତକୁ ଦେଲେ। ପରେ ପ୍ରେମିକ ହାତରୁ ଶଙ୍ଖା, ସିନ୍ଦୂର ନେଇ ତାଙ୍କୁ ବିବାହ କଲେ। ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଓଡ଼ିଶ ପଞ୍ଚାୟତ ବଡ଼କାଠିଆ ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବଡ଼କାଠିଆ ଗ୍ରାମର ଏହି ବିବାହିତା ମହିଳାଙ୍କ ଘରକୁ ରାତିଅଧରେ ଆସିଥିଲେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ଜଣେ ବିବାହିତ ଯୁବକ। ଗ୍ରାମବାସୀ ଦୁହିଁଙ୍କୁ ଧରିଦେଇଥିଲେ। ମହିଳାଙ୍କ ସ୍ୱାମୀ ଯେଉଁ କମ୍ପାନୀରେ ଡ୍ରାଇଭର୍ କାମ କରନ୍ତି ଯୁବକ ଜଣକ ସେହି କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଅଛନ୍ତି। ଏହି ସୁଯୋଗରେ ଯୁବକ ଜଣକ ମହିଳାଙ୍କ ଘରକୁ ରାତିରେ ଆସୁଥିଲେ। ତେବେ ଶନିବାର ରାତିରେ ଉଭୟଙ୍କୁ ଗ୍ରାମବାସୀ ଧରିଦେଇଥିଲେ।

# ନିଖୋଜ ଯୁବକଙ୍କ କଙ୍କାଳ ଉଦ୍ଧାର

ପରଜଙ୍ଗ,୩।୮ (ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଆଖୁଆପାଳ ପଞ୍ଚାୟତ ବିଶାନାଳି ଗ୍ରାମ ଖଳିନାଳ ଜଙ୍ଗଲରୁ ପୁଲିସ ଜଣେ ବ୍ୟକ୍ତିଙ୍କ କଙ୍କାଳ ଉଦ୍ଧାର କରିଛି। ଏହି କଙ୍କାଳ ପ୍ରାୟ ୧ ମାସ ତଳେ ନିଖୋଜ ଥିବା ଅନୁଗୋଳ ଜିଲ୍ଲା ତାଳଚେର ଗୋଡ଼ିବନ୍ଧ ଗୁରୁଜାଙ୍ଗ ଗ୍ରାମର ଭ୍ରମର ଦେହୁରୀଙ୍କ ପୁଅ ରୁଦ୍ର ଦେହୁରୀ (୨୫)ଙ୍କର ବୋଲି କୁହାଯାଉଛି। ଜଙ୍ଗଲରେ କଙ୍କାଳ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ କଙ୍କାଳ ଉଦ୍ଧାରକରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଶାନାଳି ଗ୍ରାମରେ ରୁଦ୍ରଙ୍କ ଭଉଣୀ ଘର। ସେହି ଗାଁରେ ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଫାର୍ମରେ ରହି ରୁଦ୍ର କାମ କରୁଥିଲେ। ହେଲେ ଗତ ୧ ମାସ ହେଲା ସେ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ସନ୍ଧାନ ନ ପାଇବାରୁ ଦଦରାଘାଟି ଫାଣ୍ଡିରେ ଅଭିଯୋଗ କରିଥିଲେ। ରବିବାର କଙ୍କାଳ ମିଳିବା ପରେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଏକ ଗଛରେ ବନ୍ଧା ଯାଇଥିବା ଗାମୁଛା ଓ ପିନ୍ଧିଥିବା ବସ୍ତ୍ରରୁ କଙ୍କାଳଟି ରୁଦ୍ରଙ୍କର ବୋଲି ଚିହ୍ନଟ କରିଛନ୍ତି। ତେବେ ରୁଦ୍ରଙ୍କ ମୃତ୍ୟୁ କିପରି ହେଲା ତାହା ସ୍ପଷ୍ଟ ହୋଇନାହିଁ। ଫୋରେନସିକ ଲ୍ୟାବ୍‌ରେ କଙ୍କାଳର ପରୀକ୍ଷାନିରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ମହିଳାଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ

ଭୁବନ,୩।୮ (ସମିସ): ଆଜକୁ ସାତ ବର୍ଷ ପୂର୍ବେ ପ୍ରେମକରି ବିବାହ କରିଥିଲେ। କିନ୍ତୁ ରବିବାର ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଭୁବନ ଥାନା ଆଦିପୁରା ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ସାହୁଙ୍କ ପୁଅ ସତ୍ୟରଞ୍ଜନ ସାହୁ ୭ବର୍ଷ ପୂର୍ବେ ବନିତା ବେହେରାଙ୍କୁ ପ୍ରେମବିବାହ କରିଥିଲେ। ଏବେ ତାଙ୍କର ଏକ ୫ ବର୍ଷର ଝିଅ ଅଛି। ସତ୍ୟରଞ୍ଜନ ବାହାରେ ରହି କାମ କରୁଥିଲେ। ବନିତା ଅନ୍ୟ ଜାତିର ହୋଇଥିବାରୁ ଶାଶୂ, ଦିଅର ଓ ନଣନ୍ଦ ତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ତେବେ ବନିତା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶନିବାର ରାତି ପ୍ରାୟ ୧ଟାରେ ସତ୍ୟରଞ୍ଜନ ଝିଅ ଘରକୁ ଖବର ଦେଇଥିଲେ। ସକାଳେ ବନିତାଙ୍କ ବାପଘର ଲୋକେ ପହଞ୍ଚି ମୃତଦେହକୁ ତଳେ ଶୁଆଇ ଦିଆଯାଇଥିବା ଦେଖିଥିଲେ। ତେବେ ଏହା ଆତ୍ମହତ୍ୟା ନୁହେଁ ବରଂ ଶାଶୂ, ଦିଅର



ଓ ନଣନ୍ଦ ବନିତାଙ୍କୁ ହତ୍ୟାକରି ଟାଙ୍ଗି ଦେଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ଭୁବନ ଥାନା ପୁଲିସ ମୃତଦେହ ଜବତ କରି ଛାନଭିନ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେଙ୍କୁ ହସ୍ତାନ୍ତର କରାଯାଇଛି।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପ୍ରାକ୍ତନ ସାଂସଦ



ଖଜୁରିଆକଟା,୩।୮ (ସମିସ): ଶୁକ୍ରବାର ସନ୍ଧ୍ୟାରେ ନିଜ ଚାଷଜମିକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ ହିନ୍ଦୋଳ ବ୍ଲକ ଟାଙ୍ଗିଶାଳ ଗ୍ରାମର ସୁଧାକର ସାମଲ। ହାତୀ ଅତି ବୀଭତ୍ସ ଭାବେ ସୁଧାକରଙ୍କ ମୁଣ୍ଡଗଣ୍ଠି ଅଲଗା କରିଦେଇଥିଲା। ଖବର ପାଇ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ରବିବାର ଟାଙ୍ଗିଶାଳ ଗ୍ରାମକୁ ଯାଇ ସୁଧାକରଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତାଙ୍କ ସହ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ମାହାଲୁଣ୍ଡାର ଯୁବନେତା ବାପି ଆଚାର୍ଯ୍ୟ, ପପୁ ସାହୁ ପ୍ରମୁଖ ମୃତକଙ୍କ ପରିବାରକୁ ଭେଟିଥିଲେ। ହିନ୍ଦୋଳରେ ବାରମ୍ବାର ହାତୀ ଉତ୍ପାତରେ ଧନଜୀବନ ନଷ୍ଟ ହେଉଥିବାରୁ ପୂର୍ବତନ ସାଂସଦ ସାହୁ ସରକାର ଓ ସ୍ଥାନୀୟ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ହାତୀ ଗାଁମୁହାଁ ନ ହେବା ପାଇଁ ସୃଷ୍ଟି କରାଯିବ ତାଳବଣ

### ଯୁବ ସମାଜସେବୀ ଓ ଯାଦୁକରଙ୍କ ନିଆରା ପ୍ରୟାସ

ଖଜୁରିଆକଟା,୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ଦିନକୁ ଦିନ ହାତୀ ଆକ୍ରମଣଜନିତ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି। ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ଗତ ତିନି ବର୍ଷରେ ଢେଙ୍କାନାଳ ଜିଲ୍ଲାରେ ହାତୀ ଆକ୍ରମଣରେ ୧୦୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏହାର ୫୦ ପ୍ରତିଶତ ଲୋକ ହିନ୍ଦୋଳ ଅଞ୍ଚଳର। ପରିସ୍ଥିତି ଏମିତି ହେଇଛି ଯେ ଘରୁ ଗୋଡ଼ କାଢ଼ିବା ମାତ୍ରେ ହିଁ ବିପଦ। ହିନ୍ଦୋଳ ବାନାଞ୍ଚଳରେ ୨୦୦ରୁ ଅଧିକ ହାତୀ ଚଳପ୍ରଚଳ କରୁଥିବା ବେଳେ ସନ୍ଧ୍ୟା ହେଲେ ଗାଁମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରିବା ସହ ଲୋକଙ୍କୁ ମାରୁଛନ୍ତି। ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀମାନେ ଗ୍ରାମାଭିମୁଖୀ ହେଉଛନ୍ତି। ତେବେ ହାତୀମାନଙ୍କ ଖାଦ୍ୟାଭାବକୁ ଦୂର କରିବା ପାଇଁ ତାଳ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ହିନ୍ଦୋଳ ଉପଖଣ୍ଡ ଗୁଳେହି ପଞ୍ଚାୟତ ବଙ୍ଗୁ ଗ୍ରାମର ଯାଦୁକର ବିମଳ ବିଶ୍ୱାଳ ଓ ଯୁବ ସମାଜସେବୀ ତଥା ସାମ୍ବାଦିକ ପ୍ରଶାନ୍ତ ଜେନାମଣି ନିଜସ୍ୱ ଉଦ୍ୟମରେ ରବିବାର ବଙ୍ଗୁ ଗ୍ରାମ୍ୟ ଜଙ୍ଗଲରେ ତାଳ ଟାକୁଆ ପୋତିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରାୟ ୭୦୦ ତାଳ ଟାକୁଆ ପୋତାଯାଇଛି। ଏଥିସହ ଜନସାଧାରଣ ମଧ୍ୟ ଏହି



କାର୍ଯ୍ୟ ଜାରି ରଖିବା ପାଇଁ ଉଭୟ ଅନୁରୋଧ କରିଛନ୍ତି। ଜଙ୍ଗଲରେ ଅଧିକରୁ ଅଧିକ ତାଳଗଛ ରହିଲେ ହାତୀଙ୍କ ଖାଦ୍ୟାଭାବ କେତେକାଂଶରେ ଦୂର ହୋଇପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ତାଳଗଛ ଦ୍ୱାରା ବଜ୍ରପାତରୁ ରକ୍ଷା ମିଳିପାରିବା ସହ ତାଳରୁ ଗୁଡ଼ ପ୍ରସ୍ତୁତ କରାଯାଇ ଖାଦ୍ୟ ରୂପେ ବ୍ୟବହାର କରାଯାଇ ପାରିବ। ତାଳ ପତ୍ରକୁ ଘର ଛପର ପାଇଁ ବ୍ୟବହାର କରାଯାଇ ପାରିବ ଓ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଇ ଗରିବ ଲୋକଙ୍କୁ ଅର୍ଥ ରୋଜଗାର କରିବାର ଏହା ଏକ ମାଧ୍ୟମ ହୋଇପାରିବ ବୋଲି ବିଶ୍ୱାଳ ଓ ଜେନାମଣି ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ପୁଲିସ୍ ଅଧିକାରୀଙ୍କ ବୈଠକ

ଢେଙ୍କାନାଳ,୩।୮ (ସମିସ): ବନ୍ଧୁତ୍ୱ ଦିବସ ଅବସରରେ ଢେଙ୍କାନାଳ ଜିଲ୍ଲା ଅବସରପ୍ରାପ୍ତ ପୁଲିସ ଅଫିସର ସଂଘର ଏକ ଆଲୋଚନା ବୈଠକ ଶ୍ୟାମାଚରଣପୁର ସେୟାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅତିଥି ଭବନରେ ଅକ୍ଷୟ କୁମାର ସାହୁଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ସାହୁ ସଂଘର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୫୦ ଜଣ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସଂଘର ପରବର୍ତ୍ତୀ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇ ପରସ୍ପର ମଧ୍ୟରେ କିପରି ପାରିବାରିକ ସମ୍ପର୍କ ବଢ଼ିବ ଏବଂ ସମସ୍ତେ ସମସ୍ତଙ୍କ ସୁଖଦୁଃଖରେ ଭାଗିଦାରୀ ହୋଇପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା।



ଆସନ୍ତା ନଭେମ୍ବରରେ ଏକ ପାରିବାରିକ ବନ୍ଧୁମିଳନ ହେବା ନିମନ୍ତେ ସ୍ଥିର କରାଗଲା। ସମସ୍ତ ସଭ୍ୟ ନିଜର ପରିଚୟପତ୍ର ପାଇବା ପାଇଁ ଦରଖାସ୍ତ ଦେଇଥିଲେ। ଏହାକୁ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପଠାଇବାକୁ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଛି। ସଭାରେ ପ୍ରଦୀପ କୁମାର ମିଶ୍ର, ଗୋବର୍ଦ୍ଧନ ସାହୁ, କୁଞ୍ଜବିହାରୀ ପାଣି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ରୁଙ୍ଗଟା କାରଖାନା ଦଖଲରେ ଗ୍ରାମ୍ୟ ଉନ୍ନୟନ ରାସ୍ତା

ହିନ୍ଦୋଳ,୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧଠାରେ ଅବସ୍ଥିତ ରୁଙ୍ଗଟା ଇସ୍ପାତ କାରଖାନା ୨୦୦୭ରୁ ଜମି ଅଧିଗ୍ରହଣ କରି ବର୍ତ୍ତମାନ ଉତ୍ପାଦନକ୍ଷମ ହୋଇଛି। କାରଖାନାକୁ କଞ୍ଚାମାଲ ଭାବେ ଆସୁଥିବା ଲୁହାପଥର

- ଦୈନିକ ଚାଲୁଛି ଶହ ଶହ ଗାଡ଼ି
- ଲୋକେ ହନ୍ତସନ୍ତ; ପ୍ରଶାସନ ନିରବ




ଓ କୋଇଲା ବୋଝେଇ ଟ୍ରକ, ଟ୍ରେଲର ଆଦି ଝାଡ଼ବନ୍ଧ ଗ୍ରାମ ପୂର୍ବ ଦିଗ ଶେଷ ସୀମାରୁ ପାହାଡ଼ ତଳ ଦୁଇ ନମ୍ବର ଗେଟ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ଝାଡ଼ବନ୍ଧ ବୈଷ୍ଣବବନ୍ଧ ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ବେଆଇନ ଭାବେ ବ୍ୟବହାର କରୁଛି। ଫଳରେ ରାସ୍ତା ଜାମ ହେବା ସହ କୋଇଲା, ଲୁହାପଥର ଗୁଣ୍ଡ ଉଡ଼ି ଲୋକଙ୍କ ଆଖିରେ ପଡୁଛି। ଆମ୍ବୁଲାନ୍ସ ଭଳି ଜରୁରୀ କାଳୀନ ସେବା ପ୍ରଭାବିତ ହେଉଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ ଏହି ରାସ୍ତା ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ କାରଖାନାକୁ କୌଣସି ଅନୁମତି ଦିଆଯାଇ ନ ଥିଲେ ମଧ୍ୟ ଏହି ଘରୋଇ କମ୍ପାନୀ ସର୍ବସାଧାରଣ ରାସ୍ତାକୁ କାହା ବଳରେ ବ୍ୟବହାର କରି ନଷ୍ଟ କରୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହାର ନିରପେକ୍ଷ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ଶ୍ରାବଣ ମାସର ଶେଷ ସୋମବାର ଆଜି

## କପିଳାସରେ ଲକ୍ଷାଧିକ କାଉଡ଼ିଆଙ୍କ ସମାଗମ ସମ୍ଭାବନା





ଗଁଦିଆ,୩।୮ (ସମିସ): ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦ୍ରଶେଖରଙ୍କ ବିଜେ କପିଳାସରେ ଶ୍ରାବଣ ମାସ ଶେଷ ସୋମବାର କାଉଡ଼ିଆଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ତୃତୀୟ ପାଳିରେ ପ୍ରଶାସନର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ରବିବାର ସକାଳୁ ମଧରାତ୍ର ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼ ଲାଗିଯାଇଥିଲା। ସେଥି ନିମନ୍ତେ ଆଜି ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ହୋଇଛି।

ରବିବାର ମାନସିକଧାରୀ କାଉଡ଼ିଆମାନେ ଖାଲି ପାଦରେ ଦୀର୍ଘପଥ ଅତିକ୍ରମ କରି ନଦୀଗୁଡ଼ିକରୁ ପବିତ୍ର ଜଳଭାର କାନ୍ଧରେ ଧରି ପୀଠକୁ ଆସିବାରେ ଲାଗିଛନ୍ତି। ବାବା ଚନ୍ଦ୍ରଶେଖରଙ୍କ ଠାରେ ଜଳାଭିଷେକ ପାଇଁ ପୁରୁଷଙ୍କଠାରୁ ଆରମ୍ଭ କରି ମହିଳା ଓ ଛୋଟ ପିଲାମାନେ ଆସୁଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବାରବାଙ୍କ ଓ ପାହାଚ ପଥରେ ଆଲୋକ ବ୍ୟବସ୍ଥା କରାଯାଇଛି। ଗଁଦିଆ ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି, ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଛି।

# ଶ୍ରୀବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର କାଣ୍ଡବିନ୍ଧା ଶୀର୍ଷକ ଆଲୋଚନା

ଢେଙ୍କାନାଳ,୩।୮ (ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ଢେଙ୍କାନାଳର ଆରାଧ୍ୟ ଶ୍ରୀଶ୍ରୀ ସିଦ୍ଧ ବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର। କାଣ୍ଡବିନ୍ଧା ପରିକ୍ରମା ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ସନ୍ଥ ସଦାନନ୍ଦ ଦାସ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବାଗ୍ମୀ ଆର୍ଯ୍ୟରତ୍ନ ଚକ୍ରଧର ଯୋଗଦେଇ ଶ୍ରୀ ଶ୍ରୀ ବଳରାମଙ୍କ କାଣ୍ଡବିନ୍ଧାରେ ପାତାଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସରୁ ଜଣାଯାଏ ଗଙ୍ଗବଂଶର ରାଜାମାନେ ହିନ୍ଦୋଳ ଜୟକରି ଶ୍ରୀ ବଳରାମଙ୍କୁ ପୂଜା କରୁଥିଲେ। ପରେ ପ୍ରବଳ ପରାକ୍ରମୀ ଅନଙ୍ଗଭୀମ ଦେବ ସିଦ୍ଧ ବଳରାମଙ୍କୁ ଉପାସନା କରି ନିଜ ରାଜ୍ୟକୁ ହାତୀ ପୃଷ୍ଠରେ ସମ୍ମାନର ସହ ନେଉଥିବା ବେଳେ ଢେଙ୍କାନାଳ ଡେଙ୍ଗବୋରେଇ ଗ୍ରାମରେ ରାତ୍ରିଯାପନ କରିଥିଲେ। ସେଠାରେ ପ୍ରଭୁଙ୍କୁ ଏକ ପିଣ୍ଡିରେ ସ୍ଥାପନ କରାଯାଇ ପ୍ରସାଦ ସେବନ ପରେ ପହୁଡ଼ ହୋଇଥିଲା। ରାତିରେ ଶ୍ରୀ ଶ୍ରୀ ବଳରାମଙ୍କ ସ୍ୱପ୍ନାଦେଶ ଅନୁସାରେ ସେହିଠାରେ ପିଣ୍ଡି କରାଇ ଠାକୁରଙ୍କୁ ସ୍ଥାପନ କରି ଚାଲିଯାଇଥିଲେ। ତେଣୁ ବିଷର ନାମ ବଳରାମ ବିଷୟ ରଖାଯାଇଥିଲା। ସମୟକ୍ରମେ ଶବର ରାଜା ଢେଙ୍କାକୁ ବେଶାଳିଆ ରାଜା ଶ୍ରୀଧର ଭଞ୍ଜ ହତ୍ୟାକରି ବେଶାଳିଆ ରାଜ୍ୟ ଜୟ କରିଥିଲେ। ଢେଙ୍କାନାଳର ନାମ ଉପରେ ଗଡ଼ ବା ବେଶାଳିଆର ନାମ ତଳଗଡ଼ ରଖାଯାଇଥିଲା। ସେହି ସମୟରେ ଉତ୍କଳ ଭୂଖଣ୍ଡରେ ହିନ୍ଦୁ ଦେବଦେବୀଙ୍କ ମଠ, ମନ୍ଦିର ଉପରେ କଳାପାହାଡ଼ ଆକ୍ରମଣ ଆରମ୍ଭ ହେବାରୁ ପୂଜକମାନେ ସ୍ୱପ୍ନାଦେଶ ଅନୁସାରେ ସିଦ୍ଧ ବଳରାମଙ୍କୁ କାଣ୍ଡବିନ୍ଧା ଗ୍ରାମର ଠାକୁରା ପୋଖରୀ ହୁଡ଼ା ଉତ୍ତର ପାଶ୍ୱର୍ରେ ଏକ ଗର୍ତ୍ତ ଖୋଳାଯାଇ କାଠ ପଟାଦେଇ ପୋତି ଲୁଚାଇ ରଖିଥିଲେ। ବହୁକାଳ ପରେ ଜେନ÷କ ଶବର ରାଜା ପୋଖରୀ ଟୁଙ୍ଗାଗଛ ଖୋଳୁ ଖୋଳୁ ତାର ଗଇଁତି ଶ୍ରୀ ବଳରାମଙ୍କ ମସ୍ତକରେ ବାଜିଥିଲା। ଆଘାତ ବାଜି ଦୁଗ୍ଧସମ ସୁଗନ୍ଧିତ ଚନ୍ଦନ ଝରିବାରୁ ଭୟରେ ଗ୍ରାମବାସୀଙ୍କୁ ଡାକି ଅଧିକ ଖୋଳାଯାଇ ଶ୍ରୀ ବଳରାମଙ୍କୁ ଉଦ୍ଧାର କରାଗଲା। ଏହି ଖବର ରାଜାଙ୍କ ନିକଟରେ ପହଞ୍ଚିବା ପରେ ରାଜା ଶ୍ରୀଧର ଭଞ୍ଜ ଶ୍ରୀ ବଳରାମଙ୍କୁ ହାତୀ ପିଠିରେ ବସାଇ ବଡ଼ଗଡ଼ ଢେଙ୍କାନାଳକୁ ଆଣି ପାଣିଓହଳା ପାଦଦେଶରେ ଆସ୍ଥାନ କରାଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ହରିସିଂହ ବିଦ୍ୟାଧର ବେଶାଳିଆ ରାଜା ଶ୍ରୀଧର ଭଞ୍ଜଙ୍କୁ ପରାସ୍ତ କରି ରାଜ୍ୟା ଗଠନ କରିବା ସହ ଶ୍ରୀବଳରାମଙ୍କ ମନ୍ଦିର ନିର୍ମାଣ କରାଇଥିବା ଜଣାଯାଏ। ଶ୍ରୀ ବଳରାମଙ୍କ ପାତାଳୀ ଶ୍ରୀକ୍ଷେତ୍ର କାଣ୍ଡବିନ୍ଧା ଠାକୁରା ପୋଖରୀକୁ ଅଧିକ ସ୍ମରଣୀୟ ଏକ ତୀର୍ଥ କ୍ଷେତ୍ର କରାଯିବା ପାଇଁ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ସଂଯୋଜକ ଅବନୀ ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ଦାବି କରିଛନ୍ତି। ବରିଷ୍ଠ ସଦସ୍ୟା ନିର୍ମଳା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶତ୍ରୁଘ୍ନ ମାଟି, କମଳ କୁମାର ନନ୍ଦ, ପୁରୁଷୋତ୍ତମ ନନ୍ଦ, ଶରତ କୁମାର ବେହେରା, ମାମିନା ଦୀକ୍ଷିତ, ଶୈଳବାଳା ମିଶ୍ର, ସ୍ୱର୍ଣ୍ଣଲତା ମାଟି, ବସନ୍ତ କୁମାର ସାହୁ, ଅରୁଣୋଦୟ ରାଉଳ, ଭୋଳେଶ୍ୱର ଦେହୁରୀ, ପୂର୍ବତନ ସରପଞ୍ଚ ଟିକିନି ଦେହୁରୀ, ବିଚିତ୍ର ବେହେରା, ଶେଷଦେବ ବେହେରା, ଶ୍ରୀକାନ୍ତ ପାତ୍ର, ଜାନକୀଦତ୍ତ ଦଳବେହେରା, ସାରଙ୍ଗଧର ସାହୁ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା; ଜଣେ ଗିରଫ

ବାଣପୁର,୩।୮ (ସମିସ): ବାଣପୁର ଅଞ୍ଚଳର ସାମ୍ବାଦିକ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ଗଡ଼ାଗମୁଣ୍ଡା ଛକରେ ଶୁକ୍ରବାର ରାତିରେ କେତେକ ଯୁବକ ଏକ ବନ୍ଦ ଘରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ପ୍ରଥମେ ବାଣପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିଲେ। ଏନେଇ ଦିଲ୍ଲୀପ ଶନିବାର ନାଚୁଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୋଗ ମୁତାବକ, ଜଣେ ଶିକ୍ଷକଙ୍କ ଅଶ୍ଳୀଳ ଭିଡିଓ ବିଭିନ୍ନ ୱେବ୍‌ସାଇଟ୍‌ରେ ପ୍ରଚାର କରିବା ଅଭିଯୋଗରେ ଗତ ମେ' ୯ ତାରିଖରେ ଦିଲ୍ଲୀ ସିବିଆଇର ଏକ ଟିମ୍ ନାଚୁଣୀ ପୁଲିସ ସହାୟତାରେ ହରିଚନ୍ଦନପୁର ଗ୍ରାମର ବୋଲକୋବିନ୍ଦ ଜେନାଙ୍କୁ ଗିରଫ କରିଥିଲା। ଏହି ଖବରକୁ ଦିଲ୍ଲୀପ ଖବରକାଗଜରେ ପ୍ରକାଶିତ କରିଥିଲେ। ଉକ୍ତ ଘଟଣାକୁ ନେଇ ଉତ୍ତେଜିତ ହୋଇ ବୋଲକୋବିନ୍ଦଙ୍କ ସମ୍ପର୍କୀୟ ସୌମ୍ୟରଞ୍ଜନ ସାମନ୍ତରାୟ ଓରଫ ଗୁଟୁ ନିଜର କେତେକ ସହଯୋଗୀଙ୍କ ସହ ଦିଲ୍ଲୀପଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଦିଲ୍ଲୀପ ନାଚୁଣୀ ଥାନାରେ ଅଭିଯୋଗ କରିଥିଲେ। ତେବେ ସୌମ୍ୟରଞ୍ଜନ ମଧ୍ୟ ଦିଲ୍ଲୀପ ଏବଂ ତାଙ୍କ ସହଯୋଗୀଙ୍କ ବିରୁଦ୍ଧରେ ଏକ ପାଲଟା ଅଭିଯୋଗ କରିଥିଲେ। ନାଚୁଣୀ ପୁଲିସ ଉଭୟପକ୍ଷଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ସାଗରିକା ନାଥଙ୍କୁ ଭେଟି ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଆରକ୍ଷୀ ଅଧିକ୍ଷିକା ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକ ଓ ନାଚୁଣୀ ଥାନାଧିକାରୀ ଚନ୍ଦ୍ରଶେଖର ଜେନାଙ୍କୁ ଯୁକ୍ତ ଭାବେ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ରାତିରେ ନାଚୁଣୀ ପୁଲିସ ଅଭିଯୁକ୍ତ ସୌମ୍ୟରଞ୍ଜନ ସାମନ୍ତରାୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩।୮ (ସମିସ): ବେଗୁନିଆ ବ୍ଲକ ଡିଙ୍ଗର ପଞ୍ଚାୟତ ଅନ୍ତର୍ଗତ ବଢ଼ିଆପାଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋଲକ ବିହାରୀ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ଆଶିଷ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧରଙ୍କ ସୁବୁଦ୍ଧି ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଶିକ୍ଷାବିତ୍ ଲକ୍ଷ୍ମଣ ପରିଡ଼ା, ବିଷ୍ଣୁ ପ୍ରସାଦ ମିଶ୍ର, ଦିଲ୍ଲୀପ କୁମାର ମହାପାତ୍ର, ରାଜ କିଶୋର ପାଣିଗ୍ରାହୀ, ସମାଜସେବୀ ଭିକାରୀ ଚରଣ ସାହୁ, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ପରିଚାଳନା କମିଟି ସଭାପତି ଅଜୟ କୁମାର ପ୍ରଧାନ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମେଶ କୁମାର ମହାପାତ୍ର, ସମ୍ପାଦକ ଦାଶରଥି ବେହେରା, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଉପସଭାପତି ମାନସ ବେହେରା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଗୁଣଗାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା କର୍ମଶାଳା

ବାଣପୁର,୩।୮ (ସମିସ): ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ "କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯାତନା ଓ ତାହାର ନିବାରଣ, ନିଷେଧ, ନିରାକରଣ ଅଧିନିୟମ ୨୦୧୩" ସମ୍ପର୍କିତ ଏକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କର୍ମଶାଳାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ



ଉପରେ ହେଉଥିବା ଯୌନ ନିର୍ଯାତନା ଓ ତାହାର ନିବାରଣ, ନିଷେଧ, ନିରାକରଣ ଅଧିନିୟମ-୨୦୧୩ ଅନୁଯାୟୀ ଯୌନ ନିର୍ଯାତନା କାହାକୁ କୁହାଯାଏ, ଆଇନ ଅନୁଯାୟୀ ପୀଡ଼ିତା, ପ୍ରତିପକ୍ଷ, କାର୍ଯ୍ୟସ୍ଥଳୀ, କର୍ମଚାରୀ, ନିଯୁକ୍ତିଦାତା କିଏ ଓ ତାଙ୍କର କାର୍ଯ୍ୟ କ'ଣ ଏବଂ ଆଇସିସି କ'ଣ, ଉକ୍ତ କମିଟିରେ କେତେଜଣ ଓ କିଏ କିଏ ରହିପାରିବେ, ଜିଲ୍ଲା ଅଧିକାରୀ କିଏ, ଉକ୍ତ ଅପରାଧ ପାଇଁ କ'ଣ ସବୁ ଦଣ୍ଡବିଧାନ ରହିଛି ସେ ସମ୍ପର୍କରେ ବିଚାରପତି ଶ୍ରୀ ମହାପାତ୍ର ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ। ଏଥିରେ ବାଣପୁର ବିଡିଓ ସନାତନ ଜାଲି, ବାଣପୁର ଓକିଲ ସଂଘ ଉପସଭାପତି ପଙ୍କଜ ପଟ୍ଟନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା, ଆଇନଜୀବୀ ଦେବୀପ୍ରସାଦ ସାମନ୍ତରାୟଙ୍କ ସମେତ ବହୁ ଆଇନଜୀବୀ ଓ ବାଣପୁର ଏନ୍‌ଏସି ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ଆଇସିସି କମିଟିର ସଦସ୍ୟମାନେ ସାମିଲ ହୋଇଥିଲେ।

## ବାଣପୁର ଉପକାରାଗାରରେ ବନ ମହୋତ୍ସବ

ବାଣପୁର,୩।୮ (ସମିସ): ବାଣପୁର ଉପକାରାଗାର ପରିସରରେ ଉପକାରାଗାର ଅଧୀକ୍ଷକ ଦଣ୍ଡପାଣି ପାତ୍ର ଓ ଉପଅଧୀକ୍ଷକ କାହ୍ନୁ ଚରଣ ମଲ୍ଲଙ୍କ ତତ୍ତ୍ୱାବଧାନରେ ଓ ସେଣ୍ଟଜେମ୍ ଆମ୍ବୁଲାନ୍ସ ଆସୋସିଏସନର ଆଜୀବନ ସଦସ୍ୟ ତଥା ସମାଜସେବୀ ଅନନ୍ତ ଚରଣ ଖଟେଇଙ୍କ ପ୍ରଚେଷ୍ଟାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଶିକ୍ଷାବିତ୍ ବାଳକୃଷ୍ଣ ଦାସ ଓ ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଦିନକୁ ଦିନ ପରିବେଶ ଭାରସାମ୍ୟ ସନ୍ତୁଳନ ହରାଇ ତାପମାତ୍ରା ବୃଦ୍ଧି ପାଉଥିବାରୁ ଏଭଳି ପରିସ୍ଥିତିରେ ଏକମାତ୍ର ବିକଳ୍ପ ହେଉଛି ବୃକ୍ଷରୋପଣ, ଯାହା ଅପରିହାର୍ଯ୍ୟ ହୋଇ ପଡ଼ିଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଚାରାରୋପଣ କରି ତା'ର ଉପଯୁକ୍ତ ଯତ୍ନ ନେବା ନିତାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପକାରାଗାରର କର୍ମଚାରୀ ଓ ସମସ୍ତ ଜେଲ୍ ଅନ୍ତେବାସୀ ସାମିଲ୍ ହୋଇ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ।

### ଖରିଫ ଧାନ କ୍ରୟ ପାଇଁ ପଞ୍ଜୀକରଣ

# ଧିମା ନେଟ୍‌ୱର୍କ ବଢ଼ାଉଛି ସମସ୍ୟା

- ଜିଲ୍ଲାରେ ପଞ୍ଜୀକରଣ କଲେଣି ୧୫୭୧୩ ଚାଷୀ
- ସମୟ ଅବଧି ବଢ଼ାଇବାକୁ ଚାଷୀଙ୍କ ଦାବି
- ସକାଳେ ଚାଷ, ସନ୍ଧ୍ୟାରେ ପଞ୍ଜୀକରଣ ପାଇଁ ଲାଇନ୍‌ରେ ଚାଷୀ

ଖୋର୍ଦ୍ଧା,୩।୮ (ସମିସ): ଗତ ୧୯ ତାରିଖରୁ ଆରମ୍ଭ ହୋଇଛି ଖରିଫ୍ ଧାନ କ୍ରୟ ପାଇଁ ପଞ୍ଜୀକରଣ। ମାତ୍ର ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପଞ୍ଜୀକରଣ ପାଇଁ କିଏ ପରିବାର ସହମତି ଆଣିବାରେ ବିଳମ୍ବ ଘଟୁଛି ତ ଆଉ କିଏ ବିଲ କାମ ଛାଡ଼ି ସୋସାଇଟି ନିକଟରେ ଇ-କେୱାଇସି ପାଇଁ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହେବାକୁ ପଡୁଛି। ସେପଟେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ପଞ୍ଜୀକରଣ ହୋଇପାରୁନାହିଁ। ଧାନ ବିକ୍ରିରେ ନକଲି ଚାଷୀ, ଦଲାଲଙ୍କ ପ୍ରାଦୁର୍ଭାବ ରୋକିବା ପାଇଁ ସରକାର ଇ-କେୱାଇସି ଏବଂ ସହମତି ପତ୍ର ବାଧ୍ୟତାମୂଳକ କରିଥିବାବେଳେ ଏହା ଚାଷୀଙ୍କ ପାଇଁ କାଳ ହୋଇଛି। ଚାଷୀ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଜୀକରଣରେ ଅଡୁଆ ପରିସ୍ଥିତି ନେଇ ଜିଲ୍ଲାରେ ଚାଷୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଦେବୋତ୍ତର ଚାଷଜମିକୁ ଚଷୁଥିବା ଚାଷୀ ପଞ୍ଜୀକରଣରେ ଅଡୁଆ ଦେଖାଦେଇଛି। ଏନେଇ ଚାଷୀ ସୋସାଇଟି ଅଫିସରୁ ତହସିଲ୍, ଆର୍‌ଆଇ କାର୍ଯ୍ୟାଳୟକୁ ଦୌଡୁଛନ୍ତି।

୨୦୨୫-୨୬ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଗତ ୧୯ ତାରିଖରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ୩୦ରେ ତାଲିକା ପ୍ରକାଶ ପାଇବ। ଖୋର୍ଦ୍ଧା ଜିଲ୍ଲାରେ ୧୩୯ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଶନିବାର ରାତି ସୁଦ୍ଧା ୩୧ ପ୍ରତିଶତ ଅର୍ଥାତ୍ ୧୫,୭୧୩



ଚାଷୀଙ୍କ ପଞ୍ଜୀକରଣ ସରିଥିବା ସମବାୟ ସମିତି ସମୂହ ନିବନ୍ଧକ(ଡିଆର୍‌ସିଏସ୍) ଅଲକା ଜେନା ସୂଚନା ଦେଇଛନ୍ତି। ଧାନ ବିକ୍ରି ଲାଗି ଚାଷୀଙ୍କୁ ସରକାରଙ୍କ ଘୋଷଣାନାମା ଅନୁଯାୟୀ ପଞ୍ଜୀକରଣ ସହ ଇ-କେୱାଇସି ବାଧ୍ୟତାମୂଳକ ରହିଛି। ଏନେଇ ଜମି ମାଲିକଠାରୁ ଭାଗ ଚାଷୀ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ପୂର୍ବରୁ ଚାଷୀ ପ୍ୟାକ୍ସ, ଲ୍ୟାମ୍ପ୍ସରେ ଆବଶ୍ୟକୀୟ କାଗଜପତ୍ର ଦେଇ ପଞ୍ଜୀକରଣ କରୁଥିଲେ। ଚାଷୀଙ୍କୁ କୌଣସି ଅସୁବିଧା ହେଉନଥିଲା। ଚଳିତ ବର୍ଷ ନୂତନ ନିୟମ ଅନୁଯାୟୀଙ୍କୁ ଚାଷୀଙ୍କୁ ଆଖି ସ୍କାନ୍ କରିବାକୁ ପଡ଼ିବ। ପଞ୍ଜୀକରଣବେଳେ ଇ-କେୱାଇସି, ଡକ୍ୟୁମେଣ୍ଟ ଅପଲୋଡ୍, ଧିମା ନେଟ୍‌ୱର୍କ ଏବେ ବାଧକ ସାଜିଛି। କହିବାକୁ ଗଲେ ଇ-କେୱାଇସି ପ୍ରକ୍ରିୟା ସବୁଠାରୁ ଜଟିଳ ସମସ୍ୟା ଚାଷୀମାନଙ୍କ ପାଇଁ ହୋଇଛି। ଗ୍ରାମାଞ୍ଚଳରେ ନେଟ୍‌ୱର୍କଜନିତ ସମସ୍ୟା କାରଣରୁ ଚାଷୀଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏପରିକି ଦିନରେ ନେଟ୍‌ୱର୍କ ଧିମା ରହୁଥିବାରୁ ଅଧିକାଂଶ ପ୍ୟାକ୍ସରେ ଅପରାହ୍ଣ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଛି। ମହିଳା ଚାଷୀମାନେ ହଇରାଣ ହେଉଛନ୍ତି।

ଚାଷୀ ଭୀମଚରଣ ମହାପାତ୍ର କୁହନ୍ତି, ଏବେ ଚାଷ କାମ ଚାଲିଛି। ଆମକୁ ସମୟ ନାହିଁ ଏତେ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ପଞ୍ଜୀକରଣ କରିବା ପାଇଁ। ମୁଁ ଗୋଟେ ଦିନ ଯାଇଥିଲି, ସର୍ଭର ଡାଉନ୍ ଓ ଲୋକ ଭିଡ଼ ଥିଲେ। ବର୍ତ୍ତମାନ ଚାଷ କାମ ସମୟରେ ଲାଇନ୍‌ରେ ରହି ପଞ୍ଜୀକରଣ କରିବା ସମ୍ଭବପର ନ ଥିଲା। ତେଣୁ ସରକାର ପଞ୍ଜୀକରଣର ସମୟ ଅବଧି ବଢ଼ାଇବା ଦରକାର ବୋଲି ଦାବି କରିଛନ୍ତି। ସେହିପରି ଚାଷୀ ଜିତେନ୍ଦ୍ର ସ୍ୱାଇଁଙ୍କ କହିବା କଥା ବହୁ ଲୋକଙ୍କର ଜମି ବର୍ତ୍ତମାନ ବାପା ଓ ଜେଜେବାପା ନାମରେ ଅଛି। ଯଦି ଆର୍‌ଆଇ ପାଖରୁ ପଟ୍ଟା ଆଣିବାକୁ ହେଲେ ଅତି କମ୍‌ରେ ୧୫ ଦିନ ଲାଗିବ। ଆର୍‌ଆଇ ପାଖରେ ଏତେ ସମୟ ନାହିଁ ସେ କେବଳ ଚାଷୀମାନଙ୍କର ପଟ୍ଟା ଦେବେ। ସେହିପରି ହଠାତ୍ ଏକ ଡିବିଟି ଆକାଉଣ୍ଟ କରିଦେଲେ ଆଗରୁ କିଛି ଚାଷୀ ଜିରୋ ଆକାଉଣ୍ଟ ଖୋଲିଥିଲେ। ସେ ଆକାଉଣ୍ଟ ଏବେ ଅଚଳାବସ୍ଥା ଅଛି। ଏହିପରି ବହୁ ଅସୁବିଧା ଅଛି। ସରକାର ଏହି ପ୍ରକ୍ରିୟାକୁ ସରଳୀକରଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଡିଆର୍‌ସିଏସ୍ ଅଲକା ଜେନା ଉକ୍ତ ସମସ୍ୟା ଉପରେ କୁହନ୍ତି, ନକଲି ଚାଷୀଙ୍କୁ ରୋକିବା ପାଇଁ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ। ଚାଷୀ ପଞ୍ଜୀକରଣ ନେଇ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଚାଷୀଙ୍କ ଯେଉଁଭଳି କୌଣସି ଅସୁବିଧା ହେବ ନାହିଁ ଏଥିଲାଗି ସମସ୍ତ ପ୍ୟାକ୍ସ, ଲ୍ୟାମ୍ପ୍ସ ସମ୍ପାଦକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନେଟ୍‌ୱର୍କଜନିତ ସମସ୍ୟା ଏଡ଼ାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ରାତି ୯ଟା ପର୍ଯ୍ୟନ୍ତ ପଞ୍ଜୀକରଣ ସୁବିଧା ଦିଆଯାଉଛି। ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସିଧାସଳଖ କଥା ହୋଇପାରିବେ ବୋଲି କହିଛନ୍ତି।

## ପୁଣି ୧୧ରୁ ଆନ୍ଦୋଳନକୁ ଓହ୍ଲାଇବ ଅମଲା ସଂଘ

ଖୋର୍ଦ୍ଧା,୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ସେନାପତିଙ୍କ ସଭାପତିତ୍ୱରେ ସଂଘର ୧୦ ଦଫା ଦାବି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ରାଜସ୍ୱ ଅମଲାମାନେ ଜିଲ୍ଲା କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟ, ପ୍ରତିଷ୍ଠାନ, ଆପାତ୍‌କାଳୀନ, ନିଜାରତ, ଭୂ-ଅଧିଗ୍ରହଣ, ରାଜସ୍ୱ ବିଭାଗରେ କାର୍ଯ୍ୟରତ ଅଛନ୍ତି। ସରକାରଙ୍କ



ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥା'ନ୍ତି। ସରକାର ରାଜସ୍ୱ ଅମଲାମାନଙ୍କୁ ଅଣଦେଖା କରୁଛନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଗତ ଜୁଲାଇ ୭ ତାରିଖରେ ରାଜସ୍ୱ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ୯ରେ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଏକ ପ୍ରତିନିଧି ଆଲୋଚନା କରିଥିଲେ। ସରକାର ଦୁଇ ସପ୍ତାହ ପ୍ରତିଶ୍ରୁତି ଦେଇଥିବାବେଳେ ସଂଘ ୧ ମାସ ଦେଇଥିଲା। ଏହା ସତ୍ତ୍ୱେ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ, ଆସନ୍ତା ୧୧ ତାରିଖରୁ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୨୪୮ ଜଣ ରାଜସ୍ୱ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର, ସାଧାରଣ ସମ୍ପାଦକ ଅରୁଣ କୁମାର ମୁଦୁଲି କହିଲେ ଯେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯କୁ ବୃଦ୍ଧି କରାଯାଉ, କନିଷ୍ଠ ରାଜସ୍ୱ ଅମଲାମାନଙ୍କ ରେସିଡେନ୍ସ ପିରିୟଡ୍ ୬ ବର୍ଷ ଜାଗାରେ ୪ବର୍ଷ କରାଯାଉ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ ଆଦି ବିଭିନ୍ନ ଦାବି କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ନିଶଙ୍କ, ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ମହାପାତ୍ର, ଉପସଭାପତି ଅନୁପମା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

## ବିଶ୍ୱରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟ ପକ୍ଷରୁ ମ୍ୟାଟ୍ରିକ୍ ମେଧା ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୩।୮ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମାଜସେବୀ ବିଶ୍ୱରଞ୍ଜନ ସ୍ମାରକ ନିଧି ଟ୍ରଷ୍ଟର ସମ୍ପାଦକ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ଆବାହକତ୍ୱରେ ମ୍ୟାଟ୍ରିକ୍ ମେଧା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ



ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟବକ୍ତା, ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା, ଜିଲ୍ଲା ଓଷ୍ଟା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଡ. ହରିପ୍ରସାଦ ଦାସ, ବ୍ଲକ୍ ଓଷ୍ଟା ସଭାପତି ଗଣେଶ୍ୱର ମିଶ୍ର, ପରିଚାଳନା କମିଟି ସଭାପତି ଶିବ କୁମାର ମୁନି ଓ ପଞ୍ଚସଖା ଶିକ୍ଷା ସେତୁ ସମ୍ପାଦକ ଦେବାଶିଷ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ କଠିନ ପରିଶ୍ରମ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱରଞ୍ଜନଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକ୍‌ର ୩୦ଟି ମାଧ୍ୟମିକ ବିଦ୍ୟାଳୟସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୩୦ ବିଦ୍ୟାର୍ଥୀ ଓ ଅବଶିଷ୍ଟ ଏ-୧' ଗ୍ରେଡ୍‌ପ୍ରାପ୍ତ ହୋଇଥିବା ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଜିତ୍ କୁମାର ପୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗାୟତ୍ରୀ ଶକ୍ତିପୀଠରେ ଜନସମ୍ପର୍କ ଟୋଲି

## 'ଆମେ ବଦଳିଲେ ଯୁଗ ବଦଳିବ'

ଖୋର୍ଦ୍ଧା,୩।୮ (ସମିସ): ଆମେ ବଦଳିଲେ ଯୁଗ ବଦଳିବ, ଆମେ ସୁଧୁରିଲେ ଯୁଗ ସୁଧୁରିବ। ଏହି ବିଚାରଧାରାକୁ ପାଥେୟ କରି ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଶାନ୍ତିକୁଞ୍ଜ ହରିଦ୍ୱାରଙ୍କ ତତ୍ତ୍ୱାବଧାନରେ ଶତବାର୍ଷିକ ସମାରୋହ ଖୋର୍ଦ୍ଧା ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଜନସମ୍ପର୍କ ଟୋଲିରେ ଗାୟତ୍ରୀ ସାଧକ ସୌମିତ୍ରୀ ଥାନପତି, ପ୍ରତାପ ସ୍ୱାଇଁ, ବିଘ୍ନେଶ୍ୱର ମହାପାତ୍ର, ରବୀନ୍ଦ୍ର ଗୌଡ଼, ଜୟନ୍ତ ମିଶ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ଯୁଗନିର୍ମାଣ ଯୋଜନା ତଥା ସାଂସ୍କୃତିକ ତଥା ଆଧାତ୍ମିକ



ବିଚାରଧାରା ଉପରେ ନିଜ ନିଜର ମତ ରଖିଥିଲେ। ମନକୁ କୁବିଚାର ଓ ଦୁର୍ଭାବନାରୁ ଦୂରେଇ ରଖିବା ନିମନ୍ତେ ସ୍ୱାଧ୍ୟାୟ ଓ ସତ୍‌ସଙ୍ଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ଜିଲ୍ଲାର ୯ଟି ବ୍ଲକ୍‌ର କର୍ମକର୍ତ୍ତା ଏଥିରେ ସାମିଲ୍ ହୋଇଥିଲେ। ଏହି ଅବସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ବିଚାରକ୍ରାନ୍ତି ଅଭିଯାନ ପୁସ୍ତିକା ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ବିଡିଏ କଲୋନୀ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପରିଚାଳନା ନ୍ୟାସୀ ଇଂ ପ୍ରମୋଦ କୁମାର ପୃଷ୍ଟି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର ପଟ୍ଟନାୟକ, ବିଦ୍ୟାଧର ରାଉତ, ଶୈଳବାଳା ବଳିଆରସିଂହ, ପ୍ରହ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଓଷ୍ଟାର ୬ ଦଫା ଦାବିପତ୍ର

ବାଣପୁର,୩।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି (ଓଷ୍ଟା) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବାଣପୁର ବିଇଓଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବାଣପୁର ବ୍ଲକ୍ ସଭାପତି କୈଳାସ ଚନ୍ଦ୍ର ଲାଠିଙ୍କ ନେତୃତ୍ୱରେ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ



ଶିଶିର କୁମାର ଦାସ, ପିଏମ୍‌ଶ୍ରୀ ଭେଟିନାଥ ସରକାରୀ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ଜେନା, ଜିଲ୍ଲା ସଦସ୍ୟ ତ୍ରିନାଥ ହୋତା, ସୁପ୍ରଭା ମହାନ୍ତି, ସଞ୍ଜୀବ ପାଟଶାଣୀ ଓ ସୁମନ୍ତ ଫତେସିଂହ ପ୍ରମୁଖଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ସାମିଲ୍ ହୋଇ ଯୋଗ୍ୟ ଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ, ଅବସର ଗ୍ରହଣ ବୟସ ୬୨କୁ ବୃଦ୍ଧି, ଖାଲି ପଡ଼ିଥିବା ସ୍ଥାନରେ ଶିକ୍ଷକ ନିଯୁକ୍ତି ଆଦି ୬ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ସନାତନ ଜାଲିଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଆସନ୍ତା ୧୬ ତାରିଖରେ ରାଜଧାନୀରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି।

### ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଆଲୋଚନାଚକ୍ର

# ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କଲେ ଗୁଣାତ୍ମକ ଶିକ୍ଷା ସମ୍ଭବ ନୁହେଁ

ଖୋର୍ଦ୍ଧା,୩।୮ (ସମିସ)

ସ୍ଥାନୀୟ ଜେଲ୍‌ରୋଡ୍ ସ୍ଥିତ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାର ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ସର୍ବଭାରତୀୟ ଶିକ୍ଷକ ସଂଘର କୋଷାଧ୍ୟକ୍ଷ ପ୍ରକାଶ ମହାନ୍ତି ଯୋଗଦେଇ ପ୍ରାଥମିକ ଶିକ୍ଷକ ଠିକା ଓ ଚୁକ୍ତିରେ ଶିକ୍ଷକ ନିଯୁକ୍ତି କଲେ ଗୁଣାତ୍ମକ ଶିକ୍ଷା ହୋଇପାରିବ ନାହିଁ। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନ କରି ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବାରୁ ଏହାର ସଫଳତା ସମ୍ଭବ ନୁହେଁ ବୋଲି ଦର୍ଶାଇଥିଲେ। ତେଣୁ ଶିକ୍ଷାର ବିକାଶ ନିମନ୍ତେ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ



ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥି ଯୋଗଦେଇ ଛାତ୍ର, ଶିକ୍ଷକ ଓ ଶିକ୍ଷା ବ୍ୟବସ୍ଥାର ବିକାଶ ନିମନ୍ତେ ଏକ ବଡ଼ ପରିବର୍ତ୍ତନର ଆବଶ୍ୟକତା ଅଛି। ଯାହାଦ୍ୱାରା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଆଗକୁ ଯାଇପାରିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ଯୋଗଦେଇଥିଲେ। ସଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ନିର୍ବାଚନ କରାଯାଇଥିଲା। ଏଥିରେ ବ୍ରହ୍ମାନନ୍ଦ ମହାରଣା ରାଜ୍ୟ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ କୃଷ୍ଣ ଚନ୍ଦ୍ର ବେହେରା, ଧରଣୀଧର ମଲ୍ଲିକ, ଟୁଲୁ ଦେଇ, ସୁଧାଂଶୁ ମଣ୍ଡଳ, ଶ୍ରୀକାନ୍ତ ବାରିକ, ଉପସଭାପତି ଭାବେ ଦାମୋଦର ପଣ୍ଡା, ସନ୍ତୋଷ ଦୁବେ, ଚିନ୍ତାମଣି ପାଢ଼ୀ, ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ଭାବେ ଅଗାଧୁ ସେଠୀ, ଯୁଗ୍ମ ସମ୍ପାଦକ ଭାବେ ବିରୁପାକ୍ଷ ସେଠୀ, ମୁକ୍ତିରାମ ପାଣିଗ୍ରାହୀ, ଗତିକୃଷ୍ଣ ପ୍ରଧାନ, ବିପିନ ବିହାରୀ ପାତ୍ର, ସଂଗଠନ ସମ୍ପାଦକ ଭାବେ ଆଭାଲିନ ପରିଡ଼ା, ଶରତ ସେଠୀ, ଦେବକାନ୍ତ ମେହେର, କୋଷାଧ୍ୟକ୍ଷ ଭାବେ ଗୋପାଳ କିଶୋର ସେନ୍, ଅଡିଟର ଭାବେ ଜନ୍ମେଜୟ ପରିଡ଼ା, ସଞ୍ଜୟ ଦଳେଇ ଓ ପ୍ରଭୋଜିତ୍ ସ୍ୱାଇଁ ନିର୍ବାଚିତ ହୋଇଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ଚେତାବନୀ ଦେଇଥିଲା। ଶେଷରେ ଅଭ୍ୟର୍ଥନା କମିଟିର ସମ୍ପାଦକ ଅଗାଧୁ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ 'ମାଆ ପାଇଁ ଗଛଟିଏ'

ଖୋର୍ଦ୍ଧା/ନିରାକାରପୁର,୩।୮ (ସମିସ): ଖୋର୍ଦ୍ଧା ଉପକଣ୍ଠ କାଇପଦରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାଧାରଣ ସଭାରେ ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି, ରାଜ୍ୟସ୍ତରୀୟ ସେବା ଯୋଜନା ଅଧିକାରୀ ତଥା



ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଓ ଇଟିଆଇ ପ୍ରଶିକ୍ଷକ ସଂଯୋଜକ ନିରୋଦ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବୃକ୍ଷରୋପଣର ମହତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରି 'ମାଆ ପାଇଁ ଗଛଟିଏ' ଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ୍ କରିବା ପାଇଁ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡ. ଜନ୍ମେଜୟ ଚୌଧୁରୀ, +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ. ସୁମନ୍ତ ଦେହେରୀ, ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ଡ. ସଂଯୁକ୍ତା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସମସ୍ତ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ନିକଟସ୍ଥ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟା ଓ ଗ୍ରାମବାସୀ ମିଶି ଏକତ୍ର ଭାବରେ ୫ଶହ କାଜୁଚାରା ରୋପଣ କରିଥିଲେ।





ସିଟି କଟକ

# ଶ୍ୱଶୁରଙ୍କୁ ଅପହରଣ କରି ଜ୍ୱାଇଁ ଗିରଫ

- ବାରିପଦାରୁ ଉଠାଇ ଆଣିଲା ପୁରୀଘାଟ ପୁଲିସ
- ବୋଲେରା, ବୁଲେଟ୍ ଓ ମୋବାଇଲ ଜବତ



କଟକ,୩।୮ (ସମିସ)

ପାରିବାରିକ କଳହକୁ କେନ୍ଦ୍ର କରି ଜ୍ୱାଇଁ ଶ୍ୱଶୁରଙ୍କୁ ଅପହରଣ କରିନେବା ପରେ ପୁଲିସ ଅଭିଯୁକ୍ତ ଜ୍ୱାଇଁକୁ ଗିରଫ କରିଛି। ପୁରୀଘାଟ ଥାନା ପୁଲିସ ତତ୍ପରତା ଦେଖାଇ ଅପହୃତଙ୍କୁ ବାରପଦାରୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ କେନ୍ଦ୍ରାପଡ଼ା ସଦର ଥାନାଞ୍ଚଳର ହାପି ଓରଫ ଶାନ୍ତିଦେବ ସାମଲ(୩୫)କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

ପୁରୀଘାଟ ଥାନା ଅନ୍ତର୍ଗତ ରାଉସାପାଟଣା ଅଞ୍ଚଳର ନିରଞ୍ଜନ ଜେନାଙ୍କ ଝିଅ ଶୁଭସ୍ମିତା ଜେନାର ସହ କେନ୍ଦ୍ରାପଡ଼ାର ଶାନ୍ତିଦେବ ସାମଲଙ୍କର ବିବାହ ୫ ବର୍ଷ ପୂର୍ବେ ହୋଇଥିଲା। ଶୁଭସ୍ମିତା ଏକ ବେସରକାରୀ ବ୍ୟାଙ୍କ୍‌ରେ ଚାକିରି କରୁଥିବା ବେଳେ ଶାନ୍ତିଦେବ ବାରିପଦାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା 'ମହିଳା ଓ ଶିଶୁକଲ୍ୟାଣ' ବିଭାଗରେ ଚାକିରି କରିଛନ୍ତି। ତେବେ ପତ୍ନୀଙ୍କ ଅଭିଯୋଗ ଅନୁସାରେ, ଶାନ୍ତିଦେବ ପ୍ରଚୁର ମଦ୍ୟପାନ କରିବାରୁ ପାରିବାରିକ କଳହ ଦେଖା ଦେଇଥିଲା। ତେଣୁ ସେ ସ୍ୱାମୀଙ୍କ ପାଖରୁ ଚାଲିଆସି କଟକରେ ବାପଘରେ ରହୁଥିଲେ। ତଥାପି ସ୍ୱାମୀଙ୍କର ମଦ୍ୟପାନ ନକମିବାରୁ ସେ କିଛି ମାସ ପୂର୍ବରୁ ବାରିପଦାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ କିଛି ଦିନ ଚିକିତ୍ସା ପରେ ସ୍ୱାମୀ ଶାନ୍ତିଦେବ ଘରକୁ ଚାଲି ଆସିଥିଲେ। ସେ' ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହି ଚିକିତ୍ସା ହେବାକୁ ଚାହୁଁନଥିଲେ। ଏହାକୁ କେନ୍ଦ୍ରକରି ପତି ଓ ପତ୍ନୀଙ୍କ ମଧ୍ୟରେ କଳି ତକରାଳ ଲାଗି ହେଉଥିଲା। ଗତକାଲି ହଠାତ୍ ଶାନ୍ତିଦେବ ତାଙ୍କ ପତ୍ନୀ ଶୁଭସ୍ମିତାଙ୍କୁ ଫୋନ୍ କରି କହିଲେ ଯେ, ସେ ରଖିଥିବା ବାପାଙ୍କ ବାଇକ୍‌କୁ ସେମିନାରି ଛକ ପାଖରେ ଥିବା ଏକ ମଣ୍ଡପ ପାଖରେ ରଖିଛନ୍ତି, କାହାକୁ ପଠାଇ ନେଇଯିବାକୁ କହିଥିଲେ। ଏହା ଜାଣିବା ପରେ ପତ୍ନୀ ତାଙ୍କ ବାପାକୁ ଘଟଣାସ୍ଥଳକୁ ପଠାଇଥିଲେ। ଦୀର୍ଘ ସମୟ ଧରି ବାପା ନଫେରିବାରୁ ଶୁଭସ୍ମିତାଙ୍କ ସନ୍ଦେହ ବଢ଼ିଥିଲା। ବାରମ୍ବାର ଫୋନ୍ କରିବା ପରେ ତାଙ୍କ ବାପା ଫୋନ୍ ରିସିଭ୍ କରିନଥିଲେ। ଏହାପରେ ସେ ମଣ୍ଡପ ପାଖରେ ପଚରାଉଚରା କରିବାରୁ ସ୍ଥାନୀୟ ଦୋକାନି ସୂଚନା ଦେଇଥିଲେ ଯେ, ଏକ ବୋଲେରୋ ଗାଡ଼ିରେ କିଛି ଲୋକ ଆସିଥିଲେ, ତୁମ ବାପାଙ୍କୁ ନେଇଯାଇଛନ୍ତି। ଏହା ଜାଣିବା ପରେ ଶୁଭସ୍ମିତା ତୁରନ୍ତ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ।

ପୁଲିସ ତୁରନ୍ତ ଏକ ଟିମ୍ ଗଢ଼ି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ବିଶ୍ୱରଂଜନ ନାୟକଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଶୁଭେନ୍ଦୁ ପ୍ରଧାନ ଏହି ଟିମ୍ ନେଇ ବାରିପଦା ଯାଇଥିଲେ। ସେଠାରେ ଶାନ୍ତିଦେବଙ୍କୁ ଠାବ କରି ପଚରାଉଚରା କରିବାରୁ ସେ' ସବୁକଥା ସ୍ୱିକାର କରିଥିଲା। ଶଶୁରଙ୍କୁ ଅପହରଣ କରି ଏକ ନିଶା ନିବାରଣ କେନ୍ଦ୍ରରେ ନେଇ ରଖିଥିବା କହିଥିଲେ। ପୁଲିସ ସେଠାକୁ ଯାଇ ଶାନ୍ତିଦେବଙ୍କ ଶ୍ୱଶୁର ତଥା ଶୁଭସ୍ମିତାଙ୍କ ବାପା ନିରଞ୍ଜନ ଜେନାଙ୍କୁ ଉଦ୍ଧାର କରିଥିଲା। ତେବେ ସେହି ନିଶାନିବାରଣ କେନ୍ଦ୍ରର କର୍ମଚାରୀଙ୍କୁ ପୁଲିସ ପଚାରିବାରୁ, ଶାନ୍ତିଦେବ ତାଙ୍କୁ ମିଛ କହିଥିବା ଜଣାଇଥିଲେ। ଶ୍ୱଶୁର ଜଣେ ନିଶାଗ୍ରସ୍ତ ଲୋକ, ତାଙ୍କୁ ନିଶାମୁକ୍ତ କରିବା ପାଇଁ ଆଣିବାକୁ ପଡ଼ିବ ବୋଲି କହି କଟକରୁ ବାରପଦା ନିଶା ନିବାରଣ କେନ୍ଦ୍ରକୁ ଆଣିଥିଲେ। ଆଜି ନିରଞ୍ଜନଙ୍କୁ ପରିବାର ଜିମା ଦିଆଯାଇଛି। ପତ୍ନୀ ଜବରଦସ୍ତ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିବାରୁ ରାଗରେ ଏହି ଅପହରଣ କରିଥିବା ଶାନ୍ତିଦେବ ପୁଲିସ ଆଗରେ କହିଛି। ଅପହରଣ ଦିନ ଶ୍ୱଶୁରଙ୍କୁ କିଛି ସମୟ ପିଛା କରିବା ପରେ ସେମିନାରି ଛକ ପାଖରୁ ଉଠାଇ ନେଇଥିବା ସେ ପୁଲିସକୁ ଜଣାଇଛି। ଆଜି ସନ୍ଧ୍ୟାରେ ଅଭିଯୁକ୍ତ ଶାନ୍ତିଦେବକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଅପହରଣରେ ବ୍ୟବହୃତ ବୋଲେରୋ, ଏକ ବୁଲେଟ୍ ଗାଡ଼ି ଓ ଫୋନ୍‌କୁ ପୁଲିସ ଜବତ କରିଛି।

## 'ସିବନାମ' ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ



କଟକ,୩।୮ (ସମିସ): ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ) ପକ୍ଷରୁ ସେକ୍ଟର ୧୦ସ୍ଥିତ ଦୃଷ୍ଟିବାଧିତ ଓ ମୁକ ବଧିର ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସଚେତନତା ସଭାରେ ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ) ର ମହାସଚିବ ବରିଷ୍ଠ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ମୁକବଧିର ବିଦ୍ୟାଳୟର ଅଧ୍ୟକ୍ଷା ଅନୀତା ମିଶ୍ର ଯୋଗଦେଇଥିଲେ। ରାଜ୍ୟର ପ୍ରମୁଖ ଯୋଗ ପ୍ରଶିକ୍ଷକ ନରୋତ୍ତମ ଜେନା, ଦୃଷ୍ଟିବାଧିତ ବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ମାହାନ୍ତ, ସିବନାମର ମୁଖ୍ୟ ଉପଦେଷ୍ଟା ଧରଣୀ ପଟ୍ଟନାୟକ, ରାଜ୍ୟ ବିଦ୍ୟାବିକାଶ ସମିତି ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସିବନାମର ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ସମାଜସେବୀ ଶଶଧର ପଣ୍ଡା, ବିଶିଷ୍ଟ ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ବିଜୟ ପାତ୍ର, ବିଚିତ୍ରାନନ୍ଦ ପ୍ରଧାନ, ଅରୁଣ ତରାଇ ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ପ୍ରାକ୍ତନ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଧାୟିକାଙ୍କ ସହ ଇପିଏଫ୍ ପେନ୍‌ସନର୍ସ ସଂଘର ଆଲୋଚନା



କଟକ,୩।୮ (ସମିସ): ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନର ଏକ ପ୍ରତିନିଧି ମଣ୍ଡଳୀ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷଙ୍କୁ ତାଙ୍କ ଅଫିସରେ ସାକ୍ଷାତ କରି ଇପିଏଫ ପେନସନ ଭୋଗୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଓଡିଶା ସମେତ ସାରା ଦେଶରେ ଥିବା ୮୦ଲକ୍ଷ ଇପିଏଫ ପେନସନ ଭୋଗୀଙ୍କ ପ୍ରତି କେନ୍ଦ୍ର ସରକାର ବିନା ମହଙ୍ଗା ଭତ୍ତାରେ ସେପ୍ଟେମ୍ବର ୨୦୧୪ରୁ ସର୍ବନିମ୍ନ ଏକ ହଜାର ଟଙ୍କା ମାସିକ ପେନସନ ଦେଇ ଆସୁଛନ୍ତି। ଏପରିକି ୪୦ଲକ୍ଷ ପେନସନ ଭୋଗୀ ଏକ ହଜାର ଟଙ୍କାରୁ ମଧ୍ୟ କମ ପେନସନ ପାଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଭଗତ ସିଂ ଖୋସିୟାରୀ କମିଟି ଏବଂ କେନ୍ଦ୍ର ଶ୍ରମ ଷ୍ଟାଣ୍ଡିଙ୍ଗ କମିଟି ଦୀର୍ଘଦିନରୁ ପେନସନ ବୃଦ୍ଧି ଲାଗି ସବୁଜ ସଂକେତ ଦେଇ ସୁପାରିସ କରିଥିଲେ ମଧ୍ୟ ଅର୍ଥ ଅଭାବର ଆଳ ଦେଖାଇ ଆଜକୁ ୧୧ ବର୍ଷ ହେବ କେନ୍ଦ୍ର ସରକାର ପେନସନ ବୃଦ୍ଧି କରୁ ନାହାନ୍ତି। ପରିଣାମ ସ୍ୱରୂପ ଇପିଏଫ ପେନସନ ଭୋଗୀ ବରିଷ୍ଠ ନାଗରିକମାନେ ନାହିଁ ନ ଥିବା ଅକଥନୀୟ ନିର୍ଯାତନାର ଶିକାର ହେଉଛନ୍ତି। ବିଧାୟିକା ସବିଶେଷ ବିବରଣୀ ବୁଝି ଏ ବାବଦରେ ଏଆଇସିସି ସଭାପତି ତଥା ରାଜ୍ୟ ସଭାର ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଲୋକସଭାର ବିରୋଧ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ସମେତ ଧୀରେନ୍ଦ୍ର ପ୍ରତାପ, ଅଗାଧୁ ଚରଣ ପ୍ରଧାନ, ବୁଲେଇ ବେହେରା, ସୁକାନ୍ତ ସ୍ୱାଇଁ, ଦେବେନ୍ଦ୍ର ସାହୁ, ଅଲେଖ ଚନ୍ଦ୍ର ରାଉତ, ସୁରେନ୍ଦ୍ର ନାଥ ସାହୁ ଓ ବନମାଳୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ମଦ୍ୟପ ଟ୍ରାଫିକ୍ ପୁଲିସ କର୍ମଚାରୀ ଗିରଫ

କଟକ,୩।୮ (ସମିସ): ଯୋବ୍ରା ରିଂବନ୍ଧରେ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚାଳଣା କରୁଥିବା ଜଣେ ଟ୍ରାଫିକ୍ ପୁଲିସକୁ ଚାଉଳିଆଗଞ୍ଜ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଟ୍ରାଫିକ୍ ପୁଲିସଙ୍କ ନାଁ ସୂରଜ ବିଶ୍ୱାଳ। ସେ ପ୍ରଚୁର ମଦପିଇ କାର୍(ଓଡିଆର୍-୦୨ବିକେ୦୦୦୫)କୁ ନେଇ ଦ୍ରୁତଗତିରେ ନେଇ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ୍‌ରୁ ଶିଖରପୁର ଆଡକୁ ଯାଉଥିବା ରାସ୍ତାରେ ଏକ ପରିବାରକୁ ଦେଖି ଅସଦାଚରଣ କରିଥିବା ମ ଧ ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁସାରେ, ଆଇନଜୀବୀ ସରସ୍ୱତୀ ପଣ୍ଡା ଏକ କାର୍ ଯୋଗେ ରିଂବନ୍ଧ ରାସ୍ତାରେ ଯାଉଥିଲେ। ମଦ୍ୟପ ଟ୍ରାଫିକ୍ ପୁଲିସ ତାଙ୍କୁ ସାଇଡ୍ ମାରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହାପରେ ଆଇନଜୀବୀ ଶ୍ରୀ ପଣ୍ଡା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା। ଏହାପରେ ଥାନାକୁ ନେଇ ପରୀକ୍ଷା କରିବାରୁ ସମ୍ପୃକ୍ତ ଟ୍ରାଫିକ୍ ପୁଲିସ ଜଣକ ମଦ୍ୟପାନ କରି ଏଭଳି କରିଥିବା ଜଣାପଡ଼ିଥିଲା। ଏହା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ମଧୁସ୍ମୃତି ସୁରକ୍ଷା ମଞ୍ଚର 'ରୂପାନ୍ତର'

## ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକଙ୍କୁ ମଧୁସ୍ମୃତି ସମ୍ମାନ



କଟକ,୩।୮ (ସମିସ): ମଧୁବାବୁଙ୍କ ସମାଧି ପୀଠରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ନିତ୍ୟପୂଜ୍ୟପୂଜାର ୧୦୦୦ ଦିନ ପୂର୍ତ୍ତି ଅବସରରେ 'ରୂପାନ୍ତର' କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠ ଶିଳ୍ପୀ ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକ, ବାରବାଟୀ-କଟକ ବିଧାୟକ ସୋଫିଆ ଫିରଦୋସ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓଁକାରନାଥ ମହାନ୍ତି, ଐତିହାସିକା ଡ. ନିବେଦିତା ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସତ୍ୟବ୍ରତ ତ୍ରିପାଠୀ, ପ୍ରଫେସର ଡକ୍ଟର ଖାରବେଳ ମହାନ୍ତି, ବିଜେପି ନେତା ଲଲାଟେନ୍ଦୁ ବିଦ୍ଧୁ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତି ରକ୍ଷା ସହ ସମାଧି ପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ପ୍ରଦାନ ଦାବି କରିଥିଲେ। ଏଥିସହ ମଧୁବାବୁଙ୍କ ହାତଗଢ଼ା ଶିକ୍ଷାନୁଷ୍ଠାନ ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଧାୟକ ସୋଫିଆ ଫିରଦୋସ ପ୍ରତିଶ୍ରୁତି ଦେଇଥିଲେ।

**ସମାଧି ପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ଦାବି**

ପରେ ଅତିଥିଙ୍କ ଦ୍ୱାରା 'ରୂପାନ୍ତର'ର ଉନ୍ମୋଚନ କରାଯାଇଥିଲା। ସଭାରେ ମଧୁସ୍ମୃତି ସୁରକ୍ଷା ମଞ୍ଚ ଟ୍ରଷ୍ଟର ସଭାପତି ପ୍ରଫେସର ନଟବର ଶତପଥୀ ସଭାପତିତ୍ୱ କରିଥିଲେ। ଅଧିବକ୍ତା ଜଗନ୍ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସନ୍ତୋଷ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମଞ୍ଚ ପକ୍ଷରୁ ପଦ୍ମଶ୍ରୀ ଡ. ଶ୍ୟାମାମଣି ପଟ୍ଟନାୟକ, ଡ. ଖାରବେଳ ମହାନ୍ତି, ସତ୍ୟବ୍ରତ ତ୍ରିପାଠୀଙ୍କୁ ମଧୁସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଏଥିସହ ସହରର ୨୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅକ୍ଷୟ ଆଚାର୍ଯ୍ୟ, ଦେବୀପ୍ରସାଦ ସେଠୀ, ସତ୍ୟଜିତ ଗୋସ୍ୱାମୀ ଓ କବିନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଜୟିନୀ ମିଶ୍ର, ସୁଚିତ୍ରା ସେଠୀ, ସୁହାସୀ ଶୁଭଦର୍ଶିନୀ, ଶେଫାଳୀ ମହାରଣା, ପ୍ରଦେଶ କୁମାରୀ ମହାରଣା ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ମଧୁବାବୁଙ୍କ ବିରଳ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଡ. ବିଜୟଲକ୍ଷ୍ମୀ ନାୟକ, ଜିଷ୍ଣୁ ଘୋଷ, ଆଶୁତୋଷ ହୋତା, ମନସ୍ୱିନୀ ରଥ, ଶୁଭଶ୍ରୀ ସାହୁ ଅବିନାଶ ନାୟକ, ମନୋରମା ନାୟକ, ମହେନ୍ଦ୍ର ଲାଲ୍ ଜେନା, ବୃନ୍ଦାବନ ଦାଶ ଆଜାଦ୍, ଆକାଶ ପଟ୍ଟନାୟକ, ରାକେଶ ପାତ୍ର ସହଯୋଗ କରିଥିଲେ।

## ନିର୍ଯାତନା ଅଭିଯୋଗ ଆଣିଲେ ଡାକ୍ତରୀ ଛାତ୍ର

କଟକ,୩।୮ (ସମିସ): ଏସ୍‌ସିବି ମେଡିକାଲ କଲେଜର ପେଡିଆଟ୍ରିକ ସର୍ଜରୀ ବିଭାଗର ଜଣେ ଏମ.ସିଏଚ୍ ଛାତ୍ର ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଅଧ୍ୟକ୍ଷା ପ୍ରଫେସର ଡାକ୍ତର ଲୁସି ଦାସଙ୍କ କହିବା ମୁତାବକ, ଶିଶୁଭବନର ଅନେକ ସମସ୍ୟା ନେଇ ସେ ଅଭିଯୋଗରେ ଜଣାଇଛନ୍ତି। ସମ୍ପୃକ୍ତ ଛାତ୍ର ଜଣକ ଦୁଇ ଦିନ ପୂର୍ବେ ଏମସିଏଚ୍ ପଢ଼ା ଶେଷ କରି ନିଯୁକ୍ତିସ୍ଥଳକୁ ଚାଲିଯାଇଛନ୍ତି। ତଥାପି ଶିଶୁଭବନରେ ଡାକ୍ତରୀ ଛାତ୍ରଛାତ୍ରୀମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ନେଇ ଅଧୀକ୍ଷକଙ୍କ ସହ ଆଲୋଚନା କରାଯାଇଛି। ଏହି ଘଟଣାର ତଦନ୍ତ ଚାଲିଛି ବୋଲି ଅଧ୍ୟକ୍ଷା ପ୍ରଫେସର ଦାସ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, କାଜୁଆଲଟିରେ ମାଇନର ଓ.ଟି ଏବଂ ଡ୍ରେସିଂ ରୁମ୍‌ରେ ମୌଳିକ ସୁବିଧା ମିଳୁନାହିଁ। ନୂଆ ଓପିଡିରେ ଡ୍ରେସିଂ ରୁମ୍ ପ୍ରାୟ ସମୟ ଅନ୍ଧାର ରହୁଛି। ଏସି କାମ କରୁନି।

## ହୋପ୍ ଏଜ୍ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା



କଟକ,୩।୮ (ସମିସ): ହୋପ ଏଜ ଟ୍ରଷ୍ଟ ପକ୍ଷରୁ ସନ୍ଧ୍ୟାରେ ପାକାଶୟ ସମ୍ବନ୍ଧୀୟ ରୋଗର କାରଣ ଓ ନିରାକରଣ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ମର୍କତନଗର ସେକ୍ଟର-୭ ସ୍ଥିତ ଆଶ୍ରୟ ଦି ସେଲଟର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକ ବଡ଼ ଡାକ୍ତରଖାନାର ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ପରିଡା କହିଲେ ଯେ ବରିଷ୍ଠ ନାଗରିକମାନେ ପାକସ୍ଥଳୀଜନିତ ରୋଗର ପ୍ରତିକାର ପାଇଁ ଖାଦ୍ୟପେୟରେ ସଂଯତ ହେବା ଆବଶ୍ୟକ। ଉଦୟଭାନୁ ଦାସ ତାଙ୍କ ବନ୍ଧୁମାନଙ୍କ ସହାୟତାରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା 'ଆରୋଗ୍ୟ ଯାତ୍ରା' ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରିଥିଲେ। ଟ୍ରଷ୍ଟି ଡ. ସତ୍ୟ ରାୟ, ସଭାପତି କିଶୋର ଶତପଥୀ, ସଂପାଦକ ରଞ୍ଜିତ ସାହୁ, ଉପସଭାପତି ବିଜୟ ପୃଷ୍ଟି, ଯୁଗ୍ମ ସଂପାଦିକା ସୁଜାତା ପଟ୍ଟନାୟକ, ପ୍ରମିଳା ଦାସବର୍ମା, ବଂଶୀଧର ରାଉତ ଅଂଶଗ୍ରହଣ କରିଥିଲେ।

# ଆଜି ଶ୍ରାବଣ ଶେଷ ସୋମବାର

- ଗଡ଼ଗଡ଼ିଆରୁ ପାଣି ଉଠାଇଲେ କାଉଡ଼ିଆ
- ସୁରକ୍ଷା ଦୃଷ୍ଟିରୁ ଘାଟରେ ୩ ପ୍ଲାଟୁନ୍ ଫୋର୍ସ
- ପୁଲିସ କାଉଡ଼ିଆଙ୍କୁ ଦେଲା ରେଡିୟମ୍ ଷ୍ଟିକର୍

କଟକ,୩।୮ (ସମିସ)

ଗଡ଼ଗଡ଼ିଆ ଘାଟରେ ଅସମ୍ଭାଳ ଭିଡ଼। ବୋଲ୍ ବୋମ୍ ଧ୍ୱନିରେ ଉଛୁଳି ପଡ଼ିଥିଲା ଘାଟ। ଆଜି ହେଉଛି, ଶ୍ରାବଣ ମାସର ଚତୁର୍ଥ ବା ଶେଷ ସୋମବାର। ଏଥିପାଇଁ ରବିବାର ଗଡଗଡିଆ ଘାଟରେ କାଉଡିଆ ଭର୍ତ୍ତି ହୋଇଯାଇଥିଲେ। କମିଶନରେଟ୍ ପୁଲିସର ଆକଳନ ଅନୁଯାୟୀ, ପ୍ରାୟ ୯୦ ହଜାରରୁ ଅଧିକ କାଉଡିଆ ପାଣି ଉଠାଇଛନ୍ତି। ମହାଦେବଙ୍କ ଜଳାଭିଷେକ ରବିବାର ଲିଙ୍ଗରାଜ, ଧବଳେଶ୍ୱର, ଗୋରଖନାଥ, ସିଦ୍ଧେଶ୍ୱର ଓ ସର୍ପେଶ୍ୱର ପୀଠକୁ କାଉଡିଆମାନେ ଯାତ୍ରା କରୁଥିଲେ। ଭିଡକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଗଡଗଡିଆ ଘାଟ ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଚହଟାଘାଟ, ଧବଳେଶ୍ୱର, ନୂଆପାଟଣା, ମଧୁସୂଦନ ସେତୁ ଓ ନରାଜରେ ୫ଟି ଅସ୍ଥାୟୀ ପୁଲିସ ସହାୟତା କେନ୍ଦ୍ର ବା ଏଡ୍ ପୋଷ୍ଟ ଖୋଲା ଯାଇଥିଲା। ଘାଟରେ ୨ ଜଣ ଏସିପି, ଜଣେ ଟ୍ରାଫିକ୍ ଏସିପି, ଜଣେ ଆଇଆଇସିଙ୍କ ସମେତ ୩୫ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୬୦ରୁ ଅଧିକ କନଷ୍ଟେବଳ ଓ ହୋମଗାର୍ଡଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଥିଲା। କାଉଡିଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ କମିଶନରେଟ ପୁଲିସ ଓ ଟ୍ରାଫିକ ପକ୍ଷରୁ ରେଡିୟମ ଷ୍ଟିକର୍ ବଣ୍ଟାଯାଇଛି। ସେହିପରି ରାସ୍ତାଘାଟରେ କାଉଡିଆ ଯିବାରେ ସମୟରେ ଯେପରି ସେମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ଉଭୟ ସ୍ଥାନୀୟ ପୁଲିସ ଓ ଟ୍ରାଫିକ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହିତ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

ସୂଚନା ଅନୁଯାୟୀ, ତୁଳସୀପୁର ବାଉରିସାହି ମହାଦେବ ଯୁବକ ସଂଘର ସଦସ୍ୟ ଗଡ଼ଗଡ଼ିଆରେ ୨୨ଫୁଟ୍ ଲମ୍ବର ବଦ୍ରିନାଥ ଆକୃତିର ବାହୁଙ୍ଗି ସିଦ୍ଧେଶ୍ୱର ମନ୍ଦିରକୁ ଯାତ୍ରା ଆରମ୍ଭ କରିଥିଲେ। ଶ୍ରାବଣ ମାସର ଶେଷ ସୋମବାରରେ ମହାଦେବଙ୍କ ଠାରେ ଜଳଲାଗି କରିବାକୁ କାଉଡିଆଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ଶେଷ ସୋମବାରରେ ଜଳଲାଗି କରିବା ପାଇଁ ଗଡଗଡିଆ ଘାଟରୁ ତୁଳସୀପୁର ବାଉରିସାହି ମହାଦେବ ଯୁବକ ସଂଘର ୧୫୦ଜଣ ସଦସ୍ୟମାନେ ପାଣି ଉଠାଇଛନ୍ତି। ସୋମବାର ସିଦ୍ଧେଶ୍ୱରଙ୍କଠାରେ ଜଳ ଲାଗି କରିବେ। ସଂଘର ସଦସ୍ୟ ମାନେ ୨୨ଫୁଟ୍ ଲମ୍ବ ଓ ୧୦ଫୁଟ୍ ଉଚ୍ଚତା ବିଶିଷ୍ଟ ବଦ୍ରିନାଥ ମନ୍ଦିର ଆକୃତିର ବାହୁଙ୍ଗି ତିଆରି କରିଛନ୍ତି। ବାଉଁଶ, ସୋଲ, ପ୍ଲାଷ୍ଟର ପ୍ୟାରିସ୍, ଫ୍ଲେକ୍ସ, ଫୁଲ, ପତ୍ର ଓ ରଙ୍ଗିନ ଆଲୋକମାଳାରେ ବାହୁଙ୍ଗିକୁ ସୁସଜ୍ଜିତ କରିଥିବାବେଳେ ଏହାକୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ଏହି ବାହୁଙ୍ଗିକୁ ସଂଘର ସଦସ୍ୟ ମାନେ ପ୍ରାୟ ୨୦ ଦିନ ଧରି ନିର୍ମାଣ କରିଛନ୍ତି। ଏନେଇ ଯୁବକ ସଂଘର ସଦସ୍ୟ ସବ୍ୟସାଚୀ ଦାସ କହିଛନ୍ତି, ଦୀର୍ଘ ୫ ହେବ ସଂଘ ପକ୍ଷରୁ କାଉଡି ଭାର ପ୍ରସ୍ତୁତ କରାଯାଇ ମହାଦେବଙ୍କ ଠାରେ ଜଳଲାଗି କରାଯାଉଛି। ଏଥିପାଇ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସାହି ସମେତ ସମାଜର ମଙ୍ଗଳକାମନା କରି ମହାଦେବଙ୍କ ପାଖରେ ଜଳଲାଗି କରିଥାଉ ବୋଲି ସେ ସୂଚନା ଦେଇଛନ୍ତି।








ସକାଳ THE SAKALA



# ବାର୍‌ହା ଆକ୍ରମଣରେ ଜଣେ ଗୁରୁତର



**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୩।୮ (ସମିସ):** ବ୍ରାହ୍ମଣୀ ବନ୍ୟାରେ ଧୋୟାଅଞ୍ଚଳରେ କୁମ୍ଭୀରଙ୍କ ଉପଦ୍ରବ ଦେଖାଦେଇଥିବାବେଳେ ଲୋକେ ବାର୍‌ହା ଆକ୍ରମଣ ଶିକାର ହେଉଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଟା, ତଳବାଲିପଡ଼ା, ବାଲିପଡ଼ା, ବଳଦେବନଗର, ଅଳଭା, କାକୁଡିପଲ୍ଲୀ, ନୂଆଗାଁ, ନନ୍ଦିନୀନଗର, ତନୁପୁର ଓ ବ୍ଲକ ଅଞ୍ଚଳର ବାଛରା, ମଣ୍ଡପଡ଼ା ଆଦି ଅଞ୍ଚଳରେ ଥିବା ବେଣା ଜଙ୍ଗଲରେ ରହୁଥିବା ଶତାଧିକ ସଂଖ୍ୟାରେ ବାର୍‌ହା ବନ୍ୟା ପାଣି ମାଡିଯିବାରୁ ଗ୍ରାମ ମଧ୍ୟରେ ପଶି କ୍ଷୟକ୍ଷତି ଘଟାଇବା ସହିତ ଲୋକଙ୍କୁ ଆକ୍ରମଣ କରୁଥିବା ଖବର ମିଳିଛି। ବନ୍ୟା ପାଣିରେ ଭାସିଯାଇଥିବା ଏକ ବିରାଟକାୟ ବାରହା ସିଂହଗାଁ ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଛି। ଗ୍ରାମର ପ୍ରଦୀପ ଦାସ ଘରେ ଶୋଇଥିବାବେଳେ ବାରହା ତାଙ୍କ ଘର ମଧ୍ୟକୁ ପସିଯାଇଥିଲା। ଶୋଇଥିବା ପ୍ରଦୀପଙ୍କୁ ବାରହା ହଠାତ୍ ଆକ୍ରମଣ କରିଥିଲା। ବାରହା କବଳରୁ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରିଥିଲେ ହେଁ ବାରହା ପ୍ରଦୀପଙ୍କ ବାମ ହାତର ବୁଢା ଅଙ୍ଗୁଳିକୁ କାମୁଡି ଛିଣ୍ଡାଇ ଦେଇ ପଳାଇଥିଲା। ଅନ୍ୟପକ୍ଷରେ ବାରହା ଆକ୍ରମଣରେ ପ୍ରଦୀପଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଚେତାଶୁନ୍ୟ ହୋଇଯାଇଥିଲେ। ଗ୍ରାମର ଲୋକେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରଦୀପ ଜଣେ ଦିନମଜୁରିଆ ହୋଇଥିବାବେଳେ ତାଙ୍କ ଉପରେ ପରିବାରର ୪ ଜଣ କୁଟୁମ୍ବ ନିର୍ଭର କରନ୍ତି। ବାରହା ଆକ୍ରମଣରେ ଅକର୍ମଣ୍ୟ ହୋଇଯିବାରୁ ପରିବାର ପ୍ରତିପୋଷଣ ଚିନ୍ତାରେ ପ୍ରଦୀପ ଅସହାୟ ହୋଇପଡ଼ିଛନ୍ତି। ପ୍ରଦୀପ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇ ସହାୟତା ନିବେଦନ କରିଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ଘଟଣାର ଅନୁଧ୍ୟାନ କରୁଛି।

## ସଫା ହୋଇନି ୨୧ନଂ ପାଟନାଳୀ | ୪ ପଞ୍ଚାୟତର ଚାଷଜମି ଜଳାର୍ଣ୍ଣବ

**ଡେରାବିଶ, ୩।୮ (ସମିସ)**



ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ମୌଜାର ଚାଷଜମିରୁ ବାହାରିଥିବା ୨୧ନଂ ପାଟନାଳୀ ଠିକ୍ ଭାବେ ସଫେଇ ହେଉନାହିଁ। ଫଳରେ ଚାଷଜମିରୁ ପାଣି ନିଷ୍କାସନ ହୋଇ ନ ପାରି ଜଳାର୍ଣ୍ଣବ ଅବସ୍ଥାରେ ରହିଛି। ଏହା ୪ଟି ପଞ୍ଚାୟତର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

୨୧ନଂ ପାଟନାଳୀ ସଫଳ ହୋଇ ନ ଥିବାରୁ ନାଳୀ ମଧ୍ୟରେ ଥିବା ବେଣାଗଛ ବଢ଼ି ପାଣି ନିଷ୍କାସନ ହେବାରେ ବାଧା ଉପୁଜାଉଛି। ପାଟନାଳୀରୁ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଚଳିତ ଲଘୁଚାପଜନିତ ବର୍ଷାରେ ଚାନ୍ଦୋଳ, ଦାନପୁର, ରତାଦିଆ ଖଣ୍ଡସାହି ଓ ଖମୋଳ ପଞ୍ଚାୟତ ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଦକ୍ଷିଣ ପାର୍ଶ୍ୱରେ ରହିଥିବା ଚାନ୍ଦୋଳ, କେଶରପୁର, ରଜାଙ୍ଗ, ବରାଙ୍ଗ, ଖମୋଳ ଇତ୍ୟାଦି ଗ୍ରାମର ଚାଷଜମି ଏବେ ପାଣିରେ ବୁଡ଼ି ରହିଛି। କେତେକ ସ୍ଥାନରେ ରୁଆ ହୋଇଥିବା ଫସଲ ବୁଡ଼ିଯାଇ ପଚିଯିବା ଆଶଙ୍କା ରହିଥିବାବେଳେ ଅନ୍ୟ ଜମିରେ ଚାଷକାର୍ଯ୍ୟ ହେବା ନେଇ ଆଶଙ୍କା ଉପୁଜିଲାଣି। ଏହି ଉଦବୃତ୍ତ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

## ପିତାଙ୍କୁ କାନ୍ଧରେ ନେଲେ ୫ ଝିଅ

**ଡେରାବିଶ, ୩।୮ (ସମିସ):** ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲ (୬୬) ଗତକାଲି ଅପରାହ୍ନରେ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ହଳଦିଆ ହାଟକୁ ପରିବା କିଣିବାକୁ ଯାଇଥିଲେ। ବିଳମ୍ବିତ ରାତିଯାଏ ରତ୍ନାକର ଘରକୁ ନ ଫେରିବାରୁ ତାଙ୍କ ଝିଅ ଖୋଜାଖୋଜି କରିବା ପରେ ଡେରାବିଶ ଥାନାରେ ନିଖୋଜ ମାମଲା ଦାଏର କରିଥିଲେ। ଆଜି ସକାଳୁ ରତ୍ନାକର ତିଲଙ୍ଗ ଜେମାତୋଟା ନିକଟରେ ରାସ୍ତାଠାରୁ କିଛି ଦୂରରେ ସାଇକଲ ସହିତ ମୁହଁମାଡ଼ି ମୃତ ଅବସ୍ଥାରେ ପଡ଼ିଥିବା ଖବର ପାଇଥିଲେ। ଘଟଣାସ୍ଥଳରେ ଡେରାବିଶ ପୁଲିସ୍ ପହଞ୍ଚି ରତ୍ନାକରଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରତ୍ନାକରଙ୍କ ମୃତ୍ୟୁ କୌଣସି ଅଜଣା ଗାଡ଼ି ଧକ୍କାରେ ହୋଇଥିବା ସନ୍ଦେହ କରାଯାଉଥିବାବେଳେ ପୁଲିସ ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରହିଛି। ରତ୍ନାକର ଜଣେ ଗରିବ ଶ୍ରେଣୀ ବ୍ୟକ୍ତି ହୋଇଥିବାବେଳେ ତାଙ୍କ ପରିବାର କହିଥିଲେ ସେ, ତାଙ୍କ ପତ୍ନୀ ଓ ଛୋଟ ଛୋଟ ୫ଟି ଝିଅ। ଅପରାହ୍ନରେ ରତ୍ନାକରଙ୍କ ଶବ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଏକ ଦୁଃଖର ଲହରି ଖେଳିଯାଇଥିଲା। ରତ୍ନାକରଙ୍କ ୫ ଝିଅ ତାଙ୍କ ବାପାଙ୍କୁ କାନ୍ଧ ଦେଇଥିଲେ। ଗ୍ରାମବାସୀ ଏହି ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରିଛନ୍ତି।



### ଜଙ୍ଗଲ ଜମିରୁ ରାତିରେ ବାଲି ଲୁଟ୍

## ପୁଲିସ ଟିମ୍ ପହଞ୍ଚିବା ଦେଖି ପଳାଇଲେ, ଲୋଡିଂ ମେସିନ ଜବତ

**ପାରାଦୀପ, ୩।୮ (ସମିସ):** ଗତକାଲି ବିଳମ୍ବିତ ରାତିରେ ବାଲିମାଫିଆ କଂସାରି ପାଟିଆ-ଅଭୟଚାନ୍ଦପୁର ମୌଜା ଜଙ୍ଗଲରୁ ବାଲି ତାଡି ଲୁଟ୍ କରୁଥିଲେ। ଖବର ପାଇ ଅଭୟଚାନ୍ଦପୁର ପୁଲିସର ଏକ ଟିମ୍ ରାତି ପ୍ରାୟ ୨ଟା ସମୟରେ ପହଞ୍ଚିଲା ବେଳକୁ ହାଇୱା ଗାଡ଼ି ନେଇ ସେ ସ୍ଥାନ ଛାଡ଼ି ପଳାଇଥିଲେ। କେବଳ ଲୋଡ୍ ଦେଉଥିବା ମେସିନ ସେଠାରେ ହିଁ ରହିଯାଇଥିଲା। ଲୋଡିଂ ମେସିନ ଡ୍ରାଇଭର ମଧ୍ୟ ପଳାଇଥିଲେ। ପୁଲିସ ଲୋଡିଂ ମେସିନ ଜବତ କରିବା ସହ ତଦନ୍ତ କରିବାକୁ ବନ ବିଭାଗକୁ ଜଣାଇ ଦିଆଯାଇଛି। ଜଙ୍ଗଲ ଜମିରୁ ଏଭଳି ବାଲି ଲୁଟ ହେଲେ ଆଗକୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପାରାଦୀପକୁ ରକ୍ଷା କରାଯାଇପାରିବନାହିଁ। ଏଭଳି ଲୁଟ ଉପରେ ବନ ବିଭାଗ ନଜର ରଖିବା ଆବଶ୍ୟକ ବୋଲି କୁହାଯାଇଛି।



## ଦେଶୀମଦ ଜବତ, ଜଣେ ଗିରଫ

**ନାଉଗାଁ, ୩।୮ (ସମିସ):** ନାଉଗାଁ ପୁଲିସ ପକ୍ଷରୁ ଗଙ୍ଗଦା ମୁଖ୍ୟରାସ୍ତା ନିକଟରେ ଚଢ଼଼ଉ କରାଯାଇ ଚୋରା ଦେଶୀମଦ ଜବତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗାରୋଇ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପ୍ରଧାନ ବିଶେଷ ସୂତ୍ରରୁ ଖବର ପାଇ ଚୋରା ଦେଶୀମଦ ଗଙ୍ଗଦା ଦେଇ ଚାଲାଣ ହେଉଥିବା ସମୟରେ ଅତର୍କିତ ଚଢ଼ଉ କରି ୩ ଲିଟରରୁ ଊର୍ଦ୍ଧ୍ୱ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ କୋରୁଅ ଗ୍ରାମର ପପୁ ମଲ୍ଲିକଙ୍କୁ ଗିରଫ କରି ଅବକାରୀ ଆଇନ ବଳରେ ୨୧୪/୨୫ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

### କୋଲକାତାରେ କୋଟିଏ ୯ ଲକ୍ଷ ଟଙ୍କାର ସାଇବର ଠକେଇ

## କୁଜଙ୍ଗରୁ ତିନିଜଣଙ୍କୁ ଉଠାଇନେଲା ପଶ୍ଚିମବଙ୍ଗ ପୁଲିସ

**କୁଜଙ୍ଗ, ୩।୮ (ସମିସ):** କୋଲକାତା ସାଇବର ଠକେଇରେ କୁଜଙ୍ଗ ଥାନା ଅଞ୍ଚଳର ତିନିଜଣଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଛି। ଏ ଆଧାରରେ ପଶ୍ଚିମବଙ୍ଗ ପୁଲିସ କୁଜଙ୍ଗ ଥାନା ଅଞ୍ଚଳର ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି ସ୍ଥାନୀୟ ଜେଏମଏଫସି କୋର୍ଟରେ ହାଜର କରିଥିଲା। ସେଠାରେ ସେମାନଙ୍କୁ ତିନିଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ। କୋର୍ଟ ଦୁଇଦିନିଆ ରିମାଣ୍ଡ ମଞ୍ଜୁର କରିଥିବା ସରକରୀ ଓକିଲ ନଳିନୀ ଦାସ ପ୍ରକାଶ କରିଛନ୍ତି। ସାଇବର ପୁଲିସ ଏହି ମାମଲାର ତଦନ୍ତ କରିବା ସମୟରେ କୁଜଙ୍ଗ ଥାନା ଅଞ୍ଚଳର ଆକାଶ ନାଥ, ନୀଳକଣ୍ଠ ନାୟକ, ମନୋରଞ୍ଜନ ପରିଡ଼ା ଓରଫ ମୁନାଙ୍କ ମୋବାଇଲ ଲିଙ୍କ୍ ରହିଥିବା ଜଣାପଡ଼ିଥିଲା। ପଶ୍ଚିମବଙ୍ଗ ପୁଲିସ ଗତକାଲିଠାରୁ କୁଜଙ୍ଗରେ ଡେରା ପକାଇବା ସହିତ ସେମାନଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, କୋଲକାତା ଦୁମଦୁମା ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀ ଶୁଭେନ୍ଦୁ ଦୋଶେବମଙ୍କୁ ଗତମାସ ୭ ତାରିଖରେ ଏକ ଫୋନ କଲ ଆସିଥିଲା। ଟେଲିଫୋନ କରିଥିବା ବ୍ୟକ୍ତି ଜଣକ ତାଙ୍କୁ ଟେଲିକମ୍ ବିଭାଗରୁ ଫୋନ କରୁଥିବା କହିଥିଲେ। ପରେ କିଛି ଲୋକ ପୁଣି କଲ କରି ମୁମ୍ବାଇ ପୁଲିସ, ସିବିଆଇ, ଏନଫୋର୍ସମେଣ୍ଟ ବିଭାଗରୁ କହୁଥିବା କହିଥିଲେ। ତୁମେ ନରେଶ ମନି ଲଣ୍ଡରିଂ ମାମଲାରେ ସାମିଲ ଅଛ ବୋଲି ସୂଚନା ମିଳିଛି। ଏ କଥା କହି ଏହି ମାମଲା ସୁପ୍ରିମକୋର୍ଟରେ ଚାଲୁଥିବାରୁ କେତେକ ମାମଲା ସମ୍ପର୍କିତ ଫର୍ଜି ରେକର୍ଡ ଦେଖାଇଥିଲେ। ଏଥିସହିତ ଆରେଷ୍ଟ କରିବାର ଧମକ ଦେଇ ଅର୍ଥ ଦାବି କରିଥିଲେ। ୧୦।୭।୨୫ରୁ ୧୬।୭।୨୫ ମଧ୍ୟରେ ୧ କୋଟି ୯ ଲକ୍ଷ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆରଟିଜିଏସ ଜରିଆରେ ପୈଠ କରିଥିଲେ। ପରେ ସେମାନେ ଆହୁରି ଟଙ୍କା ମାଗିଥିଲେ। ତେବେ ଶୁଭେନ୍ଦୁ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ପରେ ତାଙ୍କୁ ଗୋଲ୍ଡଲୋନ କରି ଟଙ୍କା ଦେବାକୁ ଧମକ ଦେଇ କହିଥିଲେ। ଏ ଘଟଣା ଶୁଭେନ୍ଦୁ ପତ୍ନୀଙ୍କୁ କହିବାପରେ ସେ ଟଙ୍କା ଦେବାକୁ ମନା କରିବା ସହିତ ବିଧାନନଗର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନାରେ ୮୦/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

## ସାନ୍ତସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



**କେନ୍ଦ୍ରାପଡ଼ା, ୩।୮ (ସମିସ):** କେନ୍ଦ୍ରାପଡ଼ା ସହର ଉପକଣ୍ଠ ସାନ୍ତସାହିସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଜ୍ଞାନ, ଗଣିତ ଓ ସଂସ୍କୃତିବୋଧ ବିଭାଗରେ ୨୧୦ ଜଣ ଶିଶୁ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ହିମାଂଶୁ ଶେଖର ଦାଶ ଓ ସଭାପତି ଗିରୀଶ ଚନ୍ଦ୍ର କରଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ୍ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟ ସନ୍ତୋଷ ମିଶ୍ର ବୃତ୍ତ କଥନ କରିଥିବାବେଳେ ଆଚାର୍ଯ୍ୟ ମାଧବ ଚରଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ସହକାରୀ ପ୍ରଧାନଆଚାର୍ଯ୍ୟ ଭିକାରୀ ଚରଣ ପ୍ରଧାନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟା ସସ୍ମିତାଞ୍ଜଳି କର ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ଜ୍ଞାନ ବିଜ୍ଞାନ ମେଳାରେ ଶିଶୁ ବିଦ୍ୟମନ୍ଦିରର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହ ସେବକ ସେବିକା ସହଯୋଗ କରିଥିଲେ।

## ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ସାଧାରଣ ବୈଠକ

**ତିର୍ତ୍ତୋଲ, ୩।୮ (ସମିସ):** ସ୍ଥାନୀୟ ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟ ପରିସରରେ ସମସ୍ତ ଅଭିଭାବକ, ବିଦ୍ୟାଳୟର କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଜୀବନବଲ୍ଲଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ କ୍ଷୀରୋଦ ଓଝା, ଅତିଥି ବିଦ୍ୟାଳୟର ସମ୍ପାଦକ ସରୋଜକାନ୍ତ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାନ୍ତି, ରାଜେନ୍ଦ୍ର ରାଉତ, ବରଦା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସଇ ଆଫିଲେସନ୍ ପାଇଥିବାରୁ ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟଅତିଥି ଡଃ ଓଝା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ଖସଡ଼ା ସମ୍ବନ୍ଧରେ ଆଲୋଚନା କରି ନିଜ ତତ୍ତ୍ୱାବଧାନରେ ଉକ୍ତ ପାଠ୍ୟକ୍ରମର ଉଚିତ୍ ଶିକ୍ଷା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।




## ତାରପୁର ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଓ ଚାରାରୋପଣ

**ରଘୁନାଥପୁର, ୩।୮ (ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତସ୍ଥ ତାରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଜଗତସିଂହପୁର ଜିଲ୍ଲା କୃଷକ ସଂଗଠନ ଓ ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱାସ୍ଥ୍ୟ ସଚେତନତା ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶର୍ମିଷ୍ଠା ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱର୍ଣ୍ଣ ପଦକପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଳ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ଶରୀର ଚର୍ଯ୍ୟାରେ ଖାଦ୍ୟପେୟ, ପ୍ରାଣାୟମ ଓ ଖେଳକୁଦ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମସ୍ତେ ମା' ପାଇଁ ଗଛଟିଏ ଲଗାଇବା ପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତାରପୁର ସରପଞ୍ଚ ଶ୍ରୀମତୀ ସୁଷମା ମଲ୍ଲିକ, ଅନ୍ତର୍ଯ୍ୟାମୀ ରାଉତ (ସଭାପତି ତାରପୁର ସରକାରୀ ଉଚ୍ଚବିଦ୍ୟାଳୟ), ବିନୋଦ ବିହାରୀ ମହାନ୍ତି (ସଭାପତି ସାରଦା ସରକାରୀ ଉଚ୍ଚବିଦ୍ୟାଳୟ), ଚନ୍ଦ୍ରଶେଖର ସିଂହ (ଉପସଭାପତି ସାରଦା ସରକାରୀ ଉଚ୍ଚବିଦ୍ୟାଳୟ), ସମାଜସେବୀ ପ୍ରଭାକର ମଲ୍ଲିକ ଓ ପ୍ରତାପ ରାଉତ ଯୋଗଦେଇ ମା' ପାଇଁ ଗଛଟିଏ ଲଗାଇବା ଜରୁରୀ ବୋଲି କହିଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପରିସରରେ ଅତିଥିଙ୍କ ପକ୍ଷରୁ ଚାରାରୋପଣ କାର୍ଯ୍ୟ କରାଯାଇଥିଲା।



## ପୌର ପ୍ରଶାସନ ପକ୍ଷରୁ ବେଳାଭୂମି ସଫେଇ

**ପାରାଦୀପ, ୩।୮ (ସମିସ):** ପାରାଦୀପ ପୌର ପ୍ରଶାସନ ପକ୍ଷରୁ ଆଜି ସଫେଇ ଆପଣାନ୍ତୁ ରୋଗ ହଟାନ୍ତୁ କାର୍ଯ୍ୟକ୍ରମ ଅବସରରେ ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ବହୁ ପାରିଷଦ ଉପସ୍ଥିତ ଥିଲେ। ବର୍ଷାଋତୁରେ ଦେଖାଦେଉଥିବା ରୋଗରୁ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ସ୍ୱଚ୍ଛତାକୁ ପ୍ରାଥମିକତା ଦେବା ଆବଶ୍ୟକ। ଅଳିଆକୁ ଏଣେତେଣେ ନ ପକାଇ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବାକୁ ଉପସ୍ଥିତ ଅତିଥିମାନେ କହିଥିଲେ। ପାରାଦୀପ ସହରକୁ ଅଳିଆ ଆବର୍ଜନାମୁକ୍ତ ସହର କରିବା ପାଇଁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ପରାମର୍ଶ ଦେଇଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହିତ ପାରାଦୀପ ମହାବିଦ୍ୟାଳୟର ଏନସିସି, ଆଲୁମିନି ଆସୋସିଏସନ୍ ସହଯୋଗ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ରାସ୍ତା ଓ ବ୍ୟାୟାମଶାଳ ନିର୍ମାଣ ଦାବି

**ପଟ୍ଟାମୁଣ୍ଡାଇ, ୩।୮ (ସମିସ):** ସମ୍ପ୍ରତି ଗ୍ରାମାଞ୍ଚଳର ଯୁବକଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଉତିକଣ ଅଞ୍ଚଳରେ ଏକ ବ୍ୟାୟାମ ଶାଳା ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିକଟରେ ଦାବି କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ପଡ଼ା ପଞ୍ଚାୟତ ମୂଳଗାଈଁଠାରେ ଏହି ବ୍ୟାୟାମଶାଳା ନିର୍ମାଣ ପାଇଁ ଦାବି ହୋଇଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର କଖାରୁଣୀ, ଦୋଷିଆ, ବିଲିକଣା, ଚନ୍ଦନନଗର ଓ ଦିହୁଡ଼ିପୁର ପଞ୍ଚାୟତର ଅଧିବାସୀ ଉପକୃତ ହେବେ ବୋଲି କୁହାଯାଇଛି। ସେହିପରି ବନ୍ତଠାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଗ୍ରାମାଞ୍ଚଳ ଥାନାକୁ ଯିବାକୁ କୋରିଆପଲ୍ଲା ମାଇନର କେନାଲ ଜଳସେଚନ ବିଭାଗ ରାସ୍ତାଠାରୁ ଥିବା ୫୦୦ ମିଟର କାଦୁଅ ରାସ୍ତାକୁ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ଦାବି କରାଯାଇଛି। ଏହି ରାସ୍ତା ନିର୍ମାଣ କରାଗଲେ ଉତିକଣ ଅଞ୍ଚଳର ୭ ଖଣ୍ଡ ପଞ୍ଚାୟତର ଅଧିବାସୀ ଉପକୃତ ହେବା ସହିତ ଗ୍ରାମାଞ୍ଚଳ ଥାନାକୁ କାର୍ଯ୍ୟ ନେଇ ଯିବାଆସିବା ପାଇଁ ସହଜ ଓ ସୁବିଧା ହୋଇପାରିବ ବୋଲି ଦାବି ହୋଇଛି। ଉତିକଣ ଅଞ୍ଚଳର ୧୭ ନମ୍ବର ଜୋନ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପ୍ରଧାନ ସାଂସଦଙ୍କୁ ଲିଖିତ ଭାବେ ଏହି ଦାବି ଜଣାଇବା ସହିତ ପ୍ରକଳ୍ପ ବିଷୟରେ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ମେଡିସିନ, ପ୍ରିସ୍କୁଲ କିଟ୍ ବଦଳରେ ବୁଟୁଥ୍ ଦେବା ପ୍ରସଙ୍ଗ

# ଦୋଷ ଲୁଚାଇବାକୁ ପ୍ରୟାସ, ହରଡ଼ଘଣାରେ କାର୍ଯ୍ୟାଳୟ

**ରାଜକନିକା, ୩।୮ (ସମିସ)**

ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ପିଛା ଛାଡୁନି ବିବାଦ। ଗୋଟିଏ ଭୁଲ୍ କରି ସୁଧାରିବାକୁ ଯାଇ ଆଉଏକ ଭୁଲ କରିବା କାର୍ଯ୍ୟାଳୟକୁ ହରଡ଼ଘଣାରେ ପକାଇଛି। ଯାହାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। ଅଙ୍ଗନବାଡ଼ି କେନ୍ଦ୍ରକୁ ମେଡିସିନ କିଟ୍, ପ୍ରିସ୍କୁଲ କିଟ୍ ବଦଳରେ ବୁଟୁଥ୍ ଦେବା ଦୋଷ ଲୁଚାଇବାକୁ ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପ୍ରୟାସ କରି ହରଡ଼ଘଣାରେ ପଡ଼ିଛି। ଏହି ଘଟଣାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

୨୦୨୩-୨୪ ବର୍ଷ ନିମନ୍ତେ ବିଭାଗୀୟ ମାର୍ଗଦର୍ଶିକା ଅନୁସାରେ ବ୍ଲକର ୨୧୫ ଅଙ୍ଗନବାଡିକୁ ପ୍ରିସ୍କୁଲ କିଟ୍ ଖେଳନା ବାବଦରେ ୧୪ ଶହ ଓ ମେଡିସିନ୍ କିଟ୍ ପାଇଁ ୧୫ଶହ ଟଙ୍କା ପ୍ରତ୍ୟେକ କର୍ମୀଙ୍କ ଏସଏନପି ବ୍ୟାଙ୍କ ଖାତାକୁ ପ୍ରେରଣ କରାଯାଇଥିଲା। ଏଥିରେ କର୍ମୀ ବଜାରରୁ କିଣିପାରିବେ। ତେବେ କାର୍ଯ୍ୟାଳୟ ଜଣେ ସପ୍ଲାୟରଙ୍କୁ ଅନୁକମ୍ପା ଦେଖାଇ ଶସ୍ତା ଚାଇନା ବୁଟୁଥ୍ ଓ ନିମ୍ନମାନର ଲୁହା ରାକ୍ ଦେଇ ବିଭାଗୀୟ ମାର୍ଗଦର୍ଶିକାର ବିରୁଦ୍ଧାଚରଣ କରିଥିବାରୁ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଅଙ୍ଗନବାଡି କେନ୍ଦ୍ରର ପିଲାଙ୍କ ବୌଦ୍ଧିକ ବିକାଶରେ ଖେଳନାର ଯେଉଁଳି ଗୁରୁତ୍ୱ ରହିଛି, ସେହିଭଳି ମେଡିସିନ୍ କିଟ୍‌ର ଅନୁରୂପ ଆବଶ୍ୟକତା ବି ରହିଛି। ଏହା ବଦଳରେ ଶସ୍ତା ଜିନିଷ ମିଳିଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏ ସମ୍ପର୍କରେ ପ୍ରାକ୍ତନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିୟମ ଅନୁସାରେ ଦିଆଯିବ ବୋଲି କହିଥିଲେ। ରାଜକନିକା ସିଡିପିଓ ରଞ୍ଜୁବାଳା ଦାଶ କିଛି ଜାଣି ନ ଥିବା ବୋଲି କହିବା ପରେ ଦ୍ୱନ୍ଦ୍ୱ ଉପୁଜିଥିଲା। ନିଜ କାର୍ଯ୍ୟାଳୟରେ ସବୁ ବ୍ୟବସ୍ଥାକୁ ବଦଳାଯାଇଥିଲେ ବି ସେ କିଛି ଜାଣି ନ ଥିବା କହିବା ଚର୍ଚ୍ଚାର ବିଷୟ ହୋଇଗଲା। ସିଡିପିଓ, ପ୍ରତ୍ୟେକ ସେକ୍ଟରର ସୁପରଭାଇଜର, ପୂର୍ବ କନିକାର ନିର୍ଦ୍ଦିଷ୍ଟ ଦୁଇଜଣ ଅଙ୍ଗନବାଡି କର୍ମୀ ଗ୍ରୁପ ଲିଡର୍ ସାଜି ଏଭଳି କରିଥିବା ବିଶ୍ୱସ୍ତ ସୁତ୍ରରୁ ଜଣାପଡ଼ିବା ପରେ ଏହା ଗଣମାଧ୍ୟମରେ ଚର୍ଚ୍ଚା ହୋଇଛି। ଏଭଳି ହରଡ଼ଘଣାରେ ପଡ଼ି ସିଡିପିଓ ଓ ଏଥିରେ ସାମିଲ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଦୋଷ ଲୁଚାଇବକୁ ଉଦ୍ୟମ ଜାରି ରଖିଛନ୍ତି। ଏମିତିକି କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଅଙ୍ଗନବାଡି କର୍ମୀ ମେଡିସିନ୍ କିଟ୍, ପ୍ରିସ୍କୁଲ କିଟ୍ ପାଇଥିବା ହାତକାଟି ଲେଖି ଦେବାକୁ ଫତୱା ଜାରି କଲା ପରେ ସମ୍ପୃକ୍ତ ସପ୍ଲାୟର ବି ସବୁ କେନ୍ଦ୍ରକୁ ଭାଉଚର ଯୋଗାଇ ଦେଇଥିବା ନାମ ଗୋପନ ରଖି ବହୁ ଅଙ୍ଗନବାଡି କର୍ମୀ କହିଛନ୍ତି। କେବଳ ଅଙ୍ଗନବାଡି କର୍ମୀ ହାତକାଟି ଲେଖିଛନ୍ତି ତାହା ନୁହେଁ, ସୁପରଭାଇଜର ବି ସ୍ୱୀକୃତି ଦେଇଛନ୍ତି। କାର୍ଯ୍ୟାଳୟ ଦୋଷ ଦୁର୍ବଳତାକୁ ଲୁଚାଇ ଆଉଏକ ତ୍ରୁଟି କରିବାକୁ ବସିଥିବାରୁ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପ୍ରସଙ୍ଗ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଖାନନଗର ମହିମା ଆଶ୍ରମକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି



**ଡେରାବିଶ, ୩।୮ (ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗରସ୍ଥ ମହିମା ତାରକ କ୍ଷେତ୍ରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଶୁକ୍ରବାର ତାରକ ବାବାଙ୍କ ପୁଣ୍ୟତିଥି ଅବଧୂତ କିଶୋର ବାବାଙ୍କ ନେତୃତ୍ୱରେ ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥିଲ। ଏ ଅବସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ତାଙ୍କ ସହିତ ଆଶ୍ରମର ଅନ୍ୟ ସାଧୁସନ୍ଥ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ୧୯୦୭ରେ ପ୍ରତିଷ୍ଠା ହୋଇଥିବା ଆଶ୍ରମ କଳେବର ବୃଦ୍ଧି କରି ଅଖଣ୍ଡବଟୀ ମନ୍ଦିର, ଅଖଣ୍ଡଧୂନୀ ମନ୍ଦିର ଓ ସିଦ୍ଧ ମହାପୁରୁଷଙ୍କ ଗାଦୀ ମନ୍ଦିର ନିର୍ମାଣ କରାଯାଇଛି। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ସେମାନଙ୍କ ମାନସିକ ଶାନ୍ତି କାମନା, ସିଦ୍ଧି ପାଇଁ ସାଧୁଙ୍କ ଆଶୀର୍ବାଦ ଭିକ୍ଷା କରିଥା'ନ୍ତି। ଆଶ୍ରମର ବାର୍ଷିକ ମହୋତ୍ସବ, ଫଗୁ ଦଶମୀ, ମହାପୁରୁଷଙ୍କ ଶୂନ୍ୟଦିବସ, ନୂଆଁଖାଇ ଆଦି ପର୍ବ ମହାସମାରୋହରେ ପାଳନ କରାଯାଇଥାଏ। ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀରେ ମହାପ୍ରଭୂଙ୍କ ବାଲ୍ୟଲୀଳା ଅର୍ପଣ କରାଯାଇ ପ୍ରସାଦ ବଣ୍ଟନ କରାଯାଇଥାଏ। ଏହି ଆଶ୍ରମର ମହାତ୍ମ୍ୟ ପାଇଁ ଏହା ଓଡ଼ିଶାରେ ଦ୍ୱିତୀୟ ଯୋରନ୍ଦା କ୍ଷେତ୍ର କୁହାଯାଏ। ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାକୁ ଉପସ୍ଥିତ ଭକ୍ତସମୂହ ଓ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ ମହିଳା ହଷ୍ଟେଲରେ ର୍ୟାଗିଂ ଅଭିଯୋଗ

# ‘ମିଟିଂକୁ ନ ଆସିଲେ ଘୋଷାଡ଼ି ଆଣିବି’

ସମ୍ବଲପୁର, ୩।୮ (ସମିସ)

ସମ୍ବଲପୁରରେ ର୍ୟାଗିଂ ଅଭିଯୋଗ। ବ୍ରାହ୍ମଣୀ ମହିଳା ହଷ୍ଟେଲରେ କନିଷ୍ଠ ଛାତ୍ରୀମାନଙ୍କୁ ମିଟିଂରେ ଯୋଗ ଦେବାକୁ ବାଧ୍ୟ କରାଯାଇଛି। ଏପରି ଢଙ୍ଗରେ ବାଧ୍ୟ କରାଯାଇଛି, ତାହା କୌଣସି ଧମକ ଠାରୁ କମ ନୁହେ। ବ୍ରାହ୍ମଣୀ ହଷ୍ଟେଲ ଗ୍ରୁପରେ ଦିଆଯାଇଥିବା ଧମକ ମେସେଜ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ସବୁଠି ଏହି ମେସେଜକୁ ନିନ୍ଦା କରାଯାଉଛି। ବିଶ୍ୱବିଦ୍ୟାଳୟ ହେଉକି କଲେଜ କେଉଁଠାରେ ର୍ୟାଗିଂ ହେବ ନାହିଁ। ଏ ନେଇ ସରକାରଙ୍କ ନିର୍ଦ୍ଦେଶରେ କଲେଜ ଓ ବିଶ୍ୱବିଦ୍ୟାଳୟ କମିଟି ଗଠନ ମଧ୍ୟ କରିଛନ୍ତି। ନୂତନ ନାମଲେଖା ବେଳେ ଛାତ୍ରଛାତ୍ରୀଙ୍କୁ ଏ ନେଇ ସଚେତନ ମଧ୍ୟ କରାଯାଉଛି। କିନ୍ତୁ ବାସ୍ତବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବ୍ରାହ୍ମଣୀ ହଷ୍ଟେଲରେ ଏ ଦିଗରେ ବ୍ୟତିକ୍ରମ ଦେଖାଯାଇଛି। ଉକ୍ତ ମେସେଜଟି ଗତକାଲିର ବୋଲି କୁହାଯାଇଛି। କିନ୍ତୁ ସେ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ସ୍ପଷ୍ଟିକରଣ ମିଳିପାରିନାହିଁ। ସୂଚନାଯୋଗ୍ୟ ବ୍ରାହ୍ମଣୀ ମହିଳା ହଷ୍ଟେଲ ଗ୍ରୁପରେ ଗତକାଲି ଜଣେ ଛାତ୍ରୀ ହଷ୍ଟେଲରେ କୌଣସି

> Aji meeting haba sharph at 10.15 pm. Sabu junior au senior present rahiba. Au kou junior jadi present na rahiba na ta room ru ghosariki anibi bhala re kahidauchi.tumara jete jaha asubidha hau sabu junior present rahibaku badhya ...au senior bi sabu asiba nijara asubidha sabu kahiba.
> Edited 6:51 pm

ଏକ ମିଟିଂ ଆୟୋଜନ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ। ସେ ଏନେଇ ଏକ ମେସେଜ ଜାରି କରିଥିଲେ। କହିଥିଲେ, ରାତି ୧୦ଟା ୧୫ରେ ମିଟିଂ ହେବ। ଏହି ମିଟିଂରେ ସମସ୍ତ ଜୁନିଅର ଆସିବାକୁ ବାଧ୍ୟ ଅଟନ୍ତି। ଯାହାର ଯେତେ ଜରୁରୀ କାମ ଥାଉ ସମସ୍ତେ ମିଟିଂରେ ଯୋଗଦେବାକୁ ବାଧ୍ୟ ଅଟନ୍ତି। କାହାର କୌଣସି ଅସୁବିଧା ଶୁଣାଯିବ ନାହିଁ। ଭଲରେ କହୁଛି ମିଟିଂରେ ଆସିବ ଯିଏ ନ ଆସିବ ତାକୁ ରୁମରୁ ଘୋଷାଡ଼ି ଅଣାଯିବ। ଜଣେ ସିନଅର ଛାତ୍ରୀଙ୍କ ଏପରି ଧମକ ଦେବା ସମସ୍ତଙ୍କୁ ଚକିତ କରିଛି। ଜୁନିଅର ଛାତ୍ରୀ ପାଠ ପଢ଼ିବାକୁ ଅନୁଷ୍ଠାନକୁ ଆସିଛନ୍ତି। ଏହି ଘଟଣା ପରେ ସମସ୍ତେ ଭୟଭୀତ ହୋଇଛନ୍ତି। ଏ ନେଇ ବିଶ୍ୱବିଦ୍ୟାଳୟ କୁଳପତି ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସମ୍ଭବପର ହୋଇପାରିନାହିଁ। ବିଶ୍ୱବିଦ୍ୟାଳୟ ଘଟଣାକୁ ଚପାଇବାକୁ ଉଦ୍ୟମ କରୁଥିବା ନେଇ ଚର୍ଚ୍ଚା ହେଉଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ନେଇ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି। ଆଗାମୀ ଦିନରେ ଏହି ଭଳି ଘଟଣା ଯେପରି ନ ଘଟେ ସେଥିପ୍ରତି ଧ୍ୟାନ ଦେବାକୁ ବୁଦ୍ଧୀଜୀବୀ ମହଲରେ ପ୍ରକାଶ ପାଇଛି।

# ଅପରାଧୀ ସୂରଜ ବାନାର୍ଜି ଗିରଫ

## ● ଚୋରି, ଡକାୟତି, ଲୁଟ ପରି ରହିଛି ୧୭ଟି ମାମଲା

ସମ୍ବଲପୁର, ୩।୮ (ସମିସ): ଅପରାଧ ଦୁନିଆର ରାଜ କରୁଥିବା ବୁର୍ଲାର ସୂରଜ ବାନାର୍ଜି(୨୫)କୁ ବୁର୍ଲା ପୁଲିସ ଗିରଫ କରିଛି। କଥା କଥାରେ ମାରପିଟ, ଚୋରି, ଡକାୟତି ଏବଂ ହତ୍ୟା ଧମକ ଦେଉଥିବା ଅଭିଯୁକ୍ତ ପୁଲିସ ଜାଲରେ ପଡ଼ିଛି। ବାରମ୍ବାର ଜେଲରୁ ଆସିବା ପରେ ମଧ୍ୟ ସୁଧୁରୁନଥିଲା ବରଂ ଅପରାଧ ଘଟାଇବାକୁ ଟିକେ ହେଲେ ପଛଘୁଞ୍ଚା ଦେଉନଥିଲା। ସୂଚନା ଅନୁସାରେ ଗତ ଜୁନ ୧୦ ତାରିଖ ବୁର୍ଲା ଜି ଟାଇପ କ୍ୱାର୍ଟର କଲୋନୀର ସନି କୁମ୍ଭାର ଓ ୧-ଆର କଲୋନୀର ବଳରାମ ସନ୍ଧ ବୁର୍ଲା ସହରରେ ବୁଲୁଥିଲେ। ଫୁଟବଲ ପଡ଼ିଆ ନିକଟରେ ଥିବା ପବ୍ଲିକ ଟଏଲଟକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ବୁର୍ଲା ବିଷ୍ଣୁମନ୍ଦିରପଡ଼ାର ସୂରଜ ସହ ୫ରୁ୬ ଜଣ ଦୁର୍ବୃତ୍ତ ଅଭିଯୋଗକାରୀ ସନ୍ନିକୁ ଉଠାଇ ନେଇଯାଇଥିଲେ। ଶ୍ମଶାନପଡ଼ାକୁ ନେଇ ଭୁଜାଲି, ଛୁରି ଦେଖାଇ ଧମକ ଦେଇଥିଲେ। ଏପରିକି ମାଡ଼ ମାରି ହତ୍ୟା ଧମକ ଦେଇଥିଲେ। ଛୁରିରେ ଆଘାତ ଦେଇ ସେଠାରୁ ପଳେଇ ଯାଇଥିଲେ। ପୁଲିସ କେସନମ୍ବର ୨୪୨/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅନ୍ୟ ୫ରୁ୬ ଜଣ ଅଭିଯୁକ୍ତ ଫେରାର ରହିଛନ୍ତି।




ସେମାନଙ୍କ ମଧ୍ୟ ୨ ଜଣ ନାବାଳକ ରହିଥିବା ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆରସିଂ ସୂଚନା ଦେଇଛନ୍ତି। ସୂରଜ ନାମରେ ବୁର୍ଲା ଥାନାରେ ୧୭ଟି ମାମଲା ରହିଛି।

## ହୀରାକୁଦ ନଦୀବନ୍ଧର ସବୁ ଗେଟ୍ ବନ୍ଦ

ସମ୍ବଲପୁର, ୩।୮ (ସମିସ): ଉପରମୁଣ୍ଡରେ ବର୍ଷା କମିବା ପରେ ପର୍ଯ୍ୟାୟକ୍ରମେ ହୀରାକୁଦ ଜଳଭଣ୍ଡାରର ସମସ୍ତ ଗେଟ୍ ବନ୍ଦ କରିଦିଆଯାଇଛି। ଆଜି ହୀରାକୁଦ ଜଳସ୍ତର ୬୧୧.୬୦ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିଲା। ଆଜି ୧୦ଟା ୨୫ ମିନିଟ୍ ସମୟରେ ଖୋଲାଥିବା ବାମପାର୍ଶ୍ୱର ଗୋଟିଏ ଗେଟ୍‌କୁ ବନ୍ଦ କରିଦିଆଯାଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳସ୍ତର ୬୦୮.୭୧ ଫୁଟ୍ ରହିଥିଲା। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୬୦ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୫, ୯୧୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫, ୨୭୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧, ୨୭୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪, ୨୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୮.୫୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୦୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୨, ୦୦୦କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୨୭, ୮୧୪ କ୍ୟୁସେକ୍, ଖଇରମାଲଠାରେ ୮୮, ୦୦୦କ୍ୟୁସେକ୍, ବାରମୁଲଠାରେ ୮୬, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧, ୩୫, ୩୬୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ● ରାସ୍ତାକଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

କୁଚିଣ୍ଡା/ଜମନକିରା, ୩।୮ (ସମିସ): କୁଚିଣ୍ଡା ଥାନା ତଥା ଜମନକିରା ବ୍ଲକ ଅଧିନସ୍ଥ ଡିମ୍ବିରିମୁଣ୍ଡା ବାଲିବୁଡ଼ାପଡ଼ାର ବନିତା(ବିନି) ମହାକୁଡଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଛି। ରାସ୍ତାକଡ଼ରେ ଶବ ପଡ଼ିଥିବାର ଦେଖି ଗାଁ ଲୋକଙ୍କୁ କେହି ଜଣେ ଖବର ଦେଇଥିଲା। ଖବର ପାଇ ପୁଅ ଝିଅ ସହ ଗ୍ରାମବାସୀ ଆସି ବନିତାଙ୍କ ଶବ ବୋଲି ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। କୁଚିଣ୍ଡା ଏସଡ଼ିପିଓ ପ୍ରଦୀପ କୁମାର ଦାସ, ଆଇଆଇସି ବାମଦେବ ଶଙ୍ଖୁଆଳ ସହ ପୁଲିସ ଘଟଣାକୁସ୍ଥଳରେ ପହଞ୍ଚି ତଦନ୍ତ କରି ଶବବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ। ଏହା ପରେ ପାଇଁ ସନ୍ଧାନୀ କୁକୁରର ଦ୍ୱାରା ତଦନ୍ତ କରିଥିଲେ। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି। ମୃତ ମହିଳାଙ୍କ ପୁଅର କହିବାନୁସାରେ ଗତ ଶନିବାର ରାତି ୧୧ଟା ସମୟରେ ଝାରସୁଗୁଡ଼ାରୁ ବାରିପଦା ଯାଉଥିବା ସୈରେନ୍ଧ୍ରୀ ବସ୍‌ରେ ଆସୁଥିବା ଖବର ଦେଇଥିଲେ। ଶନିବାର ରାତିରେ ଡିମ୍ବିରିମୁଣ୍ଡା ଛକକୁ ପୁଅ ମାକୁ ନେବାକୁ ଆସିଥିଲେ। ହେଲେ ଛକରେ ମା ନଥିବା ଦେଖି ଛକରେ ଥିବା ଦୋକାନ ଘରେ କବାଟ ବାଡେଇ ଥିଲେ। ହେଲେ କେହି ନଶୁଣିବାରୁ, ଫୋନ୍ ଯୋଗେ ତା ମାକୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ମୋବାଇଲ ସୁଇଚଅଫ୍ ରହିଥିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ପୁଣି ଥରେ ଭଉଣୀ ସହିତ ଆସି ନପାଇବାରୁ ଘରକୁ ଫେରି ସକାଳୁ ପୁଣି ମାକୁ ଖୋଜିବାକୁ ପୁଅ ତବଲାକଟା, ବକ୍ସମା ପର୍ଯ୍ୟନ୍ତ ଆସିଛି ନପାଇବାରୁ ଘରକୁ ଚାଲିଯାଇଥିଲା। ଭୋରୁ ସେହିଗାଁର ଜଣେ ଯୁବକ କୁଚିଣ୍ଡା ଡାକ୍ତରଖାନାକୁ ଆସୁଥିବା ବେଳେ ମୃତଦେହ ପଡ଼ିଥିବାର ଦେଖି ତାକୁ ଚିହ୍ନିପାରି ଗାଁକୁ ଖବର ଦେଇଥିଲା। ଖବର ପାଇ ପରିବାର ଲୋକେ ଆସି ବନିତାର ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ଝିଅ ମହାକୁଡ ଅଭିଯୋଗ କରିଛନ୍ତି ଯେ ଏକ ମାସ ପୂର୍ବରୁ ବନିତାଙ୍କ ସହିତ କୁଚିଣ୍ଡା ଅଞ୍ଚଳରେ ଦୁଇ ଜଣ ବ୍ୟକ୍ତିଙ୍କ ସହିତ ଝଗଡ଼ା ହୋଇଥିଲା। ଏହାକୁ ନେଇ ଥାନାରେ ମାମଲା ମଧ୍ୟ ଚାଲିଥିଲା। ମାକୁ ଯୋଜନାବଦ୍ଧ ଭାବରେ ହତ୍ୟା କରାଯାଇଥିବା ପରିବାରଲୋକ ଅଭିଯୋଗ କରିଛନ୍ତି।

## କୁଖ୍ୟାତ ଅପରାଧି ଦୀପକ ଗିରଫ

ସମ୍ବଲପୁର, ୩।୮ (ସମିସ): ସମ୍ବଲପୁରର କୁଖ୍ୟାତ ଅପରାଧି ଦୀପକ ଖଡ଼ିଆ(୨୫)କୁ ଗିରଫ କରିଛି ବରେଇପାଲି ଥାନା ପୁଲିସ। ଏହି ଥାନାଞ୍ଚଳ ସୁଖାପଡ଼ାରୁ ତାକୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ ଦୀପକ ଗତ କିଛିଦିନ ହେବ ପୁଲିସକୁ ନାକେଦମ କରୁଥିଲା। ଏହା ନାମରେ ବିଭିନ୍ନ ଥାନାରେ ୧୦ଟି ମାମଲା ରହିଛି। ନିଶାକାରବାର ଠାରୁ ଆରମ୍ଭ କରି ବିଭିନ୍ନ ଅପରାଧିକ ମାମଲା ରହିଛି। ସୁଖାପଡ଼ାରେ ଲୁଚି ରହିଥିବା ବେଳେ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି।

## କାର୍‌ରୁ ମାରଣାସ୍ତ୍ର ଜବତ, ୩ ଗିରଫ

ରେଢ଼ାଖୋଲ, ୩।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ରାସ୍ତାର ୧୫୩(ବି) ଜାତୀୟ ରାଜପଥ ବଡବାହାଲ ଛକ ନିକଟରୁ ରେଢ଼ାଖୋଲ ପୁଲିସ ପକ୍ଷରୁ ଚଢ଼ଉ କରି କାର ସହିତ ଦେଶୀ ବନ୍ଧୁକ, ଛୁରି, ଲକ୍ଷାଧିକ ଟଙ୍କା ଜବତ ସମେତ ୩ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶ ରାଜ୍ୟ କାନପୁର ଜିଲ୍ଲାର ଗ୍ୱାଲ୍ଟଲି ଥାନା ବାସିନ୍ଦା ରିଷଭ ପାଠକ(୨୫), ସଞ୍ଜୟ ଯାଦବ(୨୭) ଏବଂ ଥାନା ବ୍ରାର ବାସିନ୍ଦା ପୱନ ଯାଦବ(୨୩)।



ସୂଚନା ଯୋଗ୍ୟ ଯେ ଉକ୍ତ ଅଭିଯୁକ୍ତ ଯୁବକମାନେ କାର୍ ନଂ ୟୁପି ୭୮ଏଫ୍‌ଟି-୪୪୪୫ ଯୋଗେ ଗଞ୍ଜେଇ କାରବାର ପାଇଁ ଫୁଲବାଣୀ ଅଞ୍ଚଳକୁ ଯାଉଥିଲେ। ଫେରିବା ବାଟରେ ରେଢ଼ାଖୋଲ ପୁଲିସ ଖବର ପାଇ ବଡବାହାଲପଞ୍ଚାୟତ ନିକଟରେ ଯାଞ୍ଚ କରିବାରୁ କାର୍‌ରୁ ଏକ ବିନା ଲାଇସେନ୍ସ ପ୍ରାପ୍ତ ଦେଶୀ ବନ୍ଧୁକ, ଦୁଇଟି ଛୁରି, ନଗଦ ୧ ଲକ୍ଷ ୪୫ ହଜାର ୫ ଶହ ଟଙ୍କା ଜବତ ସହିତ ବିଭିନ୍ନ ବ୍ୟାଙ୍କର ଏଟିଏମ୍ କାର୍ଡ ଜବତ କରି ଉକ୍ତ ୩ ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୧୯୫/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମା’ ଲିମ୍‌ସରିଏନ୍ ସଂଘ ପକ୍ଷରୁ ରକ୍ତଦାନ ଶିବିର



ସମ୍ବଲପୁର, ୩।୮ (ସମିସ): ବୁର୍ଲା ଭିମ୍‌ସାର୍ ଓ ଜିଲ୍ଲା ସଦର ଡାକ୍ତରଖାନାରେ ରକ୍ତ ଅଭାବ ଦୂର କରିବା ପ୍ରୟାସରେ ମା’ ଲିମ୍‌ସରିଏନ୍ ଯୁବକ ସଚେତନ ସଂଘ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଜିଲ୍ଲା ସଦର ଡାକ୍ତରଖାନାରେ ଅନୁଷ୍ଠିତ ଶିବିରରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଯେଉଁଥିରୁ ୫୦ ୟୁନିଟ୍ ରକ୍ତ ଭିମ୍‌ସାର୍‌କୁ ପଠାଯାଇଛି। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ପେଶ କକ୍କଡଙ୍କ ନେତୃତ୍ୱରେ ବର୍ଷାରାଣୀ ମହାପାତ୍ର, ଗୀତାଞ୍ଜଳି ହୋତା, କାମଦେବ ପଟେଲ, ସିଦ୍ଧାର୍ଥ ଶଙ୍କର ଦାଶ, ଗଣେଶ ସେଠ, ଆଶିଷ ବିଶ୍ୱାଳ, ଭିମ୍‌ସାର ରକ୍ତଭଣ୍ଡାରରୁ ଅଜୟ ପ୍ରଧାନ, ସୂର୍ଯ୍ୟନାରାୟଣ ବେହେରା, ଲାଲୁ ବିଶ୍ୱାସ, ଗଣେଶ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମା’ ଲିମ୍‌ସରିଏନ୍ ଯୁବକ ସଂଘ ସଭାପତି ଅମିତ ସ୍ୱାଇଁ, ଅସୀମ ପତି, ଭବାନୀ ମିଶ୍ର, ବିଶ୍ୱଜିତ ଦାଶ, କୈଳାସ ମେହେର, ଅବିନାଶ ପାଣିଗ୍ରାହୀ, ଅଂଶୁମାନ ପଟ୍ଟନାୟକ, ବିଭୁତି ଭୂଷଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

**୧୧୧ ୟୁନିଟ୍ ସଂଗ୍ରହ**

## ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା

ସମ୍ବଲପୁର, ୩।୮ (ସମିସ): ଓଡ଼ିଶା ସାଂସ୍କୃତିକ ସମାଜ ଆନୁକୂଲ୍ୟରେ ଆଜି ଗଙ୍ଗାଧର ମେହେର ଜୟନ୍ତୀ ଉପଲକ୍ଷେ ସ୍କୁଲ ତଥା କଲେଜସ୍ତରୀୟ ବକ୍ତୃତା ଓ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେଭେନ ହିଲ୍ସ ସ୍କୁଲର ମୃଣ୍ମୟୀ ପ୍ରଧାନ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲର ଅଭିଜ୍ଞାନ ସାହୁ ଦ୍ୱିତୀୟ, ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲର ଅର୍ଯ୍ୟମେଶ ପାଣିଗ୍ରାହୀ ଓ ବିକାଶ ସ୍କୁଲର ଦିବ୍ୟ ନନ୍ଦିନୀ ସ୍ୱାଇଁ ଯୁଗ୍ମ ତୃତୀୟ ହୋଇଛନ୍ତି। କଲେଜସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଗଙ୍ଗାଧର ମେହେର +୨ ବିଦ୍ୟାଳୟର ଶ୍ରୀୟା ତଣ୍ଡକର ପ୍ରଥମ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହେମନ୍ତ ପାତ୍ର ଦ୍ୱିତୀୟ ଓ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ମଳୟ ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗଙ୍ଗାଧର ମେହେର କବିତା ଆବୃତ୍ତି ପ୍ରତିଯୋଗିତା ସ୍କୁଲସ୍ତରରେ ଲେଡିଲୁଇସ ବାଳିକା ହାଇସ୍କୁଲର ଚିନ୍ମୟୀ ସାହୁ ପ୍ରଥମ, ଶ୍ରୀ ଅରବିନ୍ଦ ସ୍କୁଲର ମନମୋହନ ବେହେରା ଦ୍ୱିତୀୟ ଏବଂ ଶ୍ରୀ ଗଣେଶ ହାଇସ୍କୁଲର ସାହିଲ ବେହେରା ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧନୁପାଲିର ସୋମ୍ୟା ସୋନାଲିକା କୁମ୍ଭାର ଯୁଗ୍ମ ତୃତୀୟ ହୋଇଛନ୍ତି। କଲେଜସ୍ତରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦେବାଶିଷ ସେଦ୍ରିଆ ପ୍ରଥମ, ଗଙ୍ଗାଧର ମେହେର +୨ ବିଦ୍ୟାଳୟର ସ୍ୱର୍ଣ୍ଣ ପ୍ରକାଶ ସାହୁ ଦ୍ୱିତୀୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ଶ୍ରୁତିରେଖା ଆଚାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀ ମାନଙ୍କୁ ଆଗାମୀ ୯ ତାରିଖ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବରେ ପୁରସ୍କୃତ କରାଯିବ। ବିଚାରକ ଭାବେ ଡଃ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡଃ ସଙ୍ଗୀତା ନାୟକ, ଗୀତାଞ୍ଜଳି ନନ୍ଦ, ଗୋବିନ୍ଦ ମହାରଣା, ରାମେଶ୍ୱର ପାଢ଼ୀ, ସୁଶ୍ରୀ ପାଢ଼ୀ ଓ ରାମେଶ୍ୱର ପୁରୋହିତ ବକ୍ତୃତା ଏବଂ ମୋତିଲାଲ ଦୋରା, ବିଭୂତି ଭୁଷଣ ପଟ୍ଟନାୟକ, ସନ୍ତୋଷ କୁମାର ମିଶ୍ର ଓ ତ୍ରିଲୋଚନ ତ୍ରିପାଠୀ କବିତା ଆବୃତ୍ତିରେ ଯୋଗ ଦେଇଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ସଭ୍ୟ ଅଖିଳ ରଞ୍ଜନ ପଟ୍ଟନାୟକ, କୈଳାଶ ମିସ୍ତ୍ରୀ, ଡଃ ସତ୍ୟନାରାୟଣ ଠାକୁର, ତାପସ କୁମାର ଦାସ, ଶାନ୍ତନୁ ପାଢ଼ୀ, ଦିଲୀପ ବଘାର, ଲଳିତ ମୋହନ ବେବର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ପ୍ରାନ୍ତୀୟ ସାଧାରଣ ବୈଠକ

ସମ୍ବଲପୁର, ୩।୮ (ସମିସ): ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରାନ୍ତୀୟ ସାଧାରଣ ବୈଠକ ଆଜି ଅଇଁଠାପାଲିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର, ଅନଗୁଳିଆପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାନ୍ତ କାର୍ଯ୍ୟକାରିଣୀର ସମସ୍ତ ପଦାଧିକାରୀ ଏବଂ ସଦସ୍ୟ ସଦସ୍ୟାଙ୍କ ସହ ସମସ୍ତ ପ୍ରାନ୍ତୀୟ ଏବଂ ଜିଲ୍ଲାର ଆୟାମ ପ୍ରମୁଖ ଯଥା - ପର୍ଯ୍ୟାବରଣ ପ୍ରମୁଖ, ବିଧି ପ୍ରମୁଖ, ପ୍ରଚାର ପ୍ରମୁଖ, ରୋଜଗାର ସୃଜନ ପ୍ରମୁଖ, ସମସ୍ତ ମହିଳା ପ୍ରମୁଖ ଓ ସହ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ସମସ୍ତ ଜିଲ୍ଲା ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସଂଗଠନ ମନ୍ତ୍ରୀ, ମହିଳା ପ୍ରମୁଖ, କାର୍ଯ୍ୟାଳୟ ପ୍ରମୁଖ ଯୋଗଦାନ କରିଥିଲେ। ରାଉରକେଲା, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ତଥା ରାୟଗଡ଼ାରୁ ୪୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦାନ କରି ସଦସ୍ୟ ସଂଖ୍ୟା ବୃଦ୍ଧି କରିବାପାଇଁ ଅଗଷ୍ଟ ମାସର ସଦସ୍ୟତା ଅଭିଯାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ‘ଜାଗ ଗ୍ରାହକ ଜାଗ’ର ସଚେତନତା ପାଇଁ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ପଶ୍ଚିମ ପ୍ରାନ୍ତର ଅନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ପ୍ରୟାସ କରିବା ପାଇଁ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା।

## ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର, ୩।୮ (ସମିସ): ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ପ୍ରେକ୍ଷାଳୟରେ ୨୦୨୫ ବର୍ଷ ପାଇଁ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ପଞ୍ଚଦଶ ସପ୍ତାହର ଶିକ୍ଷାଦାନ ଆଜି ସମାପନ ହୋଇଯାଇଛି। ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ସ୍ମରଣ ଶକ୍ତି ବୃଦ୍ଧିର ବିଭିନ୍ନ କୌଶଳ ଉପରେ ଆଲୋଚନା କରିଥିଲେ ବିଶିଷ୍ଟ ଡାକ୍ତର ଲକ୍ଷ୍ମୀନାରାୟଣ ରଥ। ବୈଜ୍ଞାନିକ ତଥ୍ୟକୁ ଉଦାହରଣ ସହ ବ୍ୟାଖ୍ୟା କରି ଶୃଙ୍ଖଳିତ ଜୀବନ ଶୈଳୀ ହିଁ ମଣିଷ ର ସ୍ମରଣ ଶକ୍ତି ବୃଦ୍ଧି ପାଇଁ ସହାୟକ ହୁଏ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ସଂଯୋଜକ ରାଜେନ୍ଦ୍ର ପଣ୍ଡା ପିଲାଙ୍କ ସମ୍ବଲପୁର ଉପରେ ପିଲାଙ୍କ ସାଧାରଣ ଜ୍ଞାନ ପରୀକ୍ଷା ପାଇଁ ‘ମୁଁ ସମ୍ବଲପୁରକୁ କେତେ ଜାଣେ’ ଶୀର୍ଷକ ଏକ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ପଣ୍ଡା ପିଲାଙ୍କୁ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଜି ୧୮ଟି ବିଦ୍ୟାଳୟରୁ ୫୧ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ମାନଙ୍କ ମଧ୍ୟରୁ ସୋନାଲି, ସିଦ୍ଧାର୍ଥ, ଗୌରବ, ଆଶୁତୋଷ, ଫତିମା, ମୋନାଲିସା, ସାକ୍ଷୀ, ସୌରଭ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଅନୁଷ୍ଠାନର ସଭ୍ୟ ସଚିବ ରଘୁନାଥ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଦେବେନ୍ଦ୍ର ପଣ୍ଡା, ଡାକ୍ତର ଜୟଦେବ ମେହେର, ଅର୍ଜୁନ ରଞ୍ଜନ ପଣ୍ଡା, ଉଦିତ ପାଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ମଦ ସହ ବାଇକ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୩।୮ (ସମିସ): ବେଆଇନ ଭାବେ ବିଦେଶୀ ମଦ ବାଇକ୍‌ରେ ନେଇ ଚାଲାଣ କରୁଥିବା ବେଳେ ଧମା ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଉଛି ବିହାର ବୈଶାଳୀ ଜିଲ୍ଲା ଜୁରୱାନ ପୁର ଥାନା ରଘୋପୁର ଗ୍ରାମର ମୁଲୁ ରାୟ(୩୮)। ତା ନିକଟରୁ ବିଭିନ୍ନ ପ୍ରକାରର ୧୧୬ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ବର୍ତ୍ତମାନ ସେ ଧମା ଥାନା ଅଇଁଲାପାଲିରେ ରହି ନିକଟସ୍ଥ ଗ୍ରାମ ଗୁଡ଼ିକରେ ବେଆଇନ ଭାବେ ମଦ ଯୋଗାଉଛି। ପୁଲିସ ସମସ୍ତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଜିନିୟସ୍ କିଡ୍ସ ସ୍କୁଲରେ ସମ୍ବଲପୁରୀ ଦିନ୍



ସମ୍ବଲପୁର, ୩।୮ (ସମିସ): ଗୋଶାଳା ସ୍ଥିତ ଜିନିୟସ କିଡ୍ସ ସ୍କୁଲରେ ସମ୍ବଲପୁରୀ ଦିନ ପାଳିତ ହୋଇଛି। ଛାତ୍ରଛାତ୍ରୀ ମାନେ ସମ୍ବଲପୁରୀ ନାଚ ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଅନିତା ହୋତା, ନୂତନ ଭୋଇ ଓ ନମ୍ରତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୧ରୁ କାର୍ଯ୍ୟବନ୍ଦ ସହ ଛୁଟିରେ ଯିବେ ରାଜସ୍ୱ ଅମଲା

ସମ୍ବଲପୁର, ୩।୮ (ସମିସ)

ଆସନ୍ତା ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ସହ ସମୂହ ଛୁଟିରେ ଯିବେ ଅମଲା। ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ୧୦ ଦଫା ଦାବି ପୂରଣ ଦିଗରେ ଅହେତୁକ ବିଳମ୍ବ ଦେଖାଉଥିବାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ରାଜସ୍ୱ ଅମଲା ସଂଘ ସମ୍ବଲପୁର ଜିଲ୍ଲା ଶାଖା ସଭାପତି ମନମୋହନ ସାହୁ ନେତୃତ୍ୱରେ ସାଧାରଣ ପରିଷଦ ବୈଠକରେ ୧୦ ଦଫା ଦାବି ଉପରେ ଆଲୋଚନା କରଯାଇଥିଲା। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା



ଯୋଗୁଁ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ରାଜସ୍ୱ ଅମଲାମାନେ ପ୍ରତିବାଦ ଜଣାଇଥିଲେ। ଏହାପରେ ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଯିବାକୁ ଥିବାବେଳେ ସରକାରଙ୍କ ସହ ଆଲୋଚନା ପରେ ତାହାକୁ ସ୍ଥଗିତ ରଖାଯାଇଥିଲା।

ଦାବି ଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେଭେଲ- ୯କୁ ବୃଦ୍ଧି, ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮ ତାରିଖ ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରିବା, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ

**ରାଜସ୍ୱ ଅମଲା ସଂଘ ସମ୍ବଲପୁର ଜିଲ୍ଲା ଶାଖାର ବୈଠକ**

ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ସମ୍ବନ୍ଧରେ ସଦ୍ୟ ପ୍ରକାଶିତ ଆମେଣ୍ଡମେଣ୍ଟ ରୁଲ୍ -୨୦୨୫ କୁ ରଦ୍ଦ କରାଯାଇ ରାଜସ୍ୱ ଅମଲାଙ୍କୁ ଶତପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦକରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ରହିଛି। ସରକାରଙ୍କ ସହ ଆଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା।

ଆସନ୍ତା ୧୦ ତାରିଖ ମଧ୍ୟରେ ସରକାର ଉପରୋକ୍ତ ଦାବି ଗୁଡ଼ିକ ପୂରଣ ନକଲେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ମନମୋହନ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି କଳ୍ପନା ସ୍ୱାଇଁ ପ୍ରକାଶ କରିଛନ୍ତି। ରାଜସ୍ୱ ଅମଲା କୃଷ୍ଣମୋହନ ପାଲ, ଅନିଲ କୁମାର ପ୍ରଧାନ, ପ୍ରଶାନ୍ତ ପାଣ୍ଡେ, ମାନସ ରଞ୍ଜନ ମହାନ୍ତି, ସନ୍ଦୀପ ପ୍ରଧାନ, ମନୋଜ ପାଢ଼ୀ, ସୁଦୀପ୍ତ ବେହେରା, କ୍ଷୀରୋଦ କରାଲି, ପ୍ରେମାନନ୍ଦ କରାଲି, ଶରତ ପ୍ରଧାନ, ଆଶିଷ ରାୟ ପ୍ରମୁଖ ସମ୍ବଲପୁର ଜିଲ୍ଲାର ବହୁସଂଖ୍ୟାରେ ସଦସ୍ୟ ସଦସ୍ୟା ବୈଠକରେ ଯୋଗ ଦେଇଥିଲେ।

**ସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC), ମନ୍ତ୍ରଣାଳୟ ଏହାର ପତ୍ର ସଂଖ୍ୟା IA-J-11015/34/2022-IA-II(M) , 29.07.2025 ତାରିଖ ଦ୍ୱାରା M/s ବେଦାନ୍ତ ଲିମିଟେଡ୍‌ଙ୍କର, ଲଖନପୁର ତହସିଲ, ଝାରସୁଗୁଡା ଜିଲ୍ଲା, ଓଡିଶାରେ ରେ ଅବସ୍ଥିତ କୁରାଲୋଇ (A) ଉତ୍ତର କୋଇଲା ଖଣିରୁ ବାର୍ଷିକ 8.00 ମିଲିଅନ୍ ଟନ୍ କୋଇଲା ଉତ୍ପାଦନ ପାଇଁ ପରିବେଶୀୟ ସ୍ୱୀକୃତି ପ୍ରଦାନ କରିଛି। ପରିବେଶୀୟ ସ୍ୱୀକୃତି ର ନକଲ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC) ମନ୍ତ୍ରଣାଳୟ ର ୱେବ୍‌ପୋର୍ଟାଲ http//parivesh.nic.in ରେ ଉପଲବ୍ଧ ହୋଇପାରିବ ।

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ମହିଳା କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ଅଭିଯୁକ୍ତ ଗିରଫ ନହେଲେ ବିଧାନସଭା ଓ ଡିଜି ଅଫିସ ଘେରଉ

କୋରାପୁଟ,୩।୮ (ସମିସ): ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। କୋରାପୁଟ ବାସ ଭବନରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀମତି ବାହିନୀପତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସାତ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନଗଲେ ମହିଳା କଂଗ୍ରେସର ହଜାର ହଜାର ସଦସ୍ୟା ବିଧାନସଭା ଓ ପୁଲିସ ମହାନିର୍ଦ୍ଦେଶକଙ୍କ ଅଫିସ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି। ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି, ପ୍ରତିଦିନ ରାଜ୍ୟରେ ଦୁଷ୍କର୍ମ, ଗଣ ଦୁଷ୍କର୍ମ ହେଉଥିବାବେଳେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଥିବା ଶ୍ରୀମତି ବାହିନୀପତି ଅଭିଯୋଗ କରି ପୁଲିସ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ପୁଲିସ ହାତ ବାନ୍ଧି ବସିରହିଛି,



ଅପରାଧୀ ମାନଙ୍କୁ ହାତ ମାରିବାରେ ସାହସ କରି ପାରୁନି। ଅତ୍ୟନ୍ତ ଲଜ୍ଜାଜନକ ସ୍ଥିତି। ମହିଳା ହିଂସା ପାଇଁ ଆଜି ଓଡିଶା ବିଶ୍ୱ ଦରବାରରେ ଲଜ୍ଜିତ ହେଲାଣି ବୋଲି ମହିଳା କଂଗ୍ରେସ ସଭାନେତ୍ରୀ ରାଜ୍ୟ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ବଳଙ୍ଗା ଘଟଣାର ତଦନ୍ତ ଦାବି କରି ଆସନ୍ତା ୭ ଦିନ ମଧ୍ୟରେ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାନଗଲେ ମହିଳା କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ସହ ଡିଜି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଭୁବନେଶ୍ୱର ଓ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ପିଡିତା ସୁସ୍ଥ ହେଉଥିବା ସୂଚନା ଥିଲା। କିନ୍ତୁ ହଠାତ୍ ପୀଡ଼ିତାଙ୍କ ମୃତ୍ୟୁ ଖବର ସମସ୍ତଙ୍କୁ ଚକିତ କରିଥିଲା। ମୃତ ପୀଡ଼ିତା ପୁଲିସକୁ ଅଭିଯୁକ୍ତ ମାନଙ୍କ ନାଁ କହିଛି। ପୁଲିସ କାହିଁକି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟରେ ମହିଳା ଏବେ ସୁରକ୍ଷିତ ନାହାନ୍ତି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଶ୍ରୀମତି ବାହିନୀପତି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ମନ୍ଦିରରେ ଦୁଇ କିଲୋ ରୁପାର ପଞ୍ଚମୁଖୀ ସର୍ପ ସ୍ଥାପନ

ରାୟଗଡ଼ା, ୩।୮ (ସମିସ): ରାୟଗଡ଼ା ସହରର ବ୍ରାହ୍ମଣ ସାହି ସ୍ଥିତ ପିଏଚ୍ଡି କାର୍ଯ୍ୟାଳୟ ନିକଟସ୍ଥ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିରରେ ଦୁଇ କିଲୋ ଓଜନର ସର୍ପ ସ୍ଥାପନ କରଯାଇଛି। ଗତ ଫେବୃୟାରୀ ମାସରେ ନବ ନିର୍ମିତ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେବେଠାରୁ କ୍ରମାଗତ ଭାବରେ ମନ୍ଦିର ଉନ୍ନତି ଦିଗରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ପରିପେକ୍ଷୀରେ ଆଜି ସିକରପାଇ ଅଞ୍ଚଳର



ଜଣେ ଶ୍ରଦ୍ଧାଳୁ ଈଶ୍ୱର ରାଓ ଗୋପାଳ ଚେଟ୍ଟି ନିଜ ଧର୍ମ ପତ୍ନୀ ସ୍ୱାତୀ ଗୋପାଳ ଚେଟ୍ଟିଙ୍କ ସପରିବାର ସହ ଦୁଇ କିଲୋ ଚାନ୍ଦିରେ ତିଆରି ପଞ୍ଚମୂଖି ସର୍ପ ଏବଂ ୨୭୦ଗ୍ରାମ ଚାନ୍ଦିରେ ତିଆରି ଗୋ-ମୂଖି ଅଭିଷେକ ପାତ୍ର ପ୍ରଦାନ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ୬୦ହଜାର ବୋଲି ଅନୁମାନ କରାଯାଉଛି। ଆଜି ସକାଳୁ ରୀତି ନୀତି ଅନୁସାରେ ପ୍ରଥମେ ଏହି ପଞ୍ଚମୂଖି ସର୍ପକୁ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହି ପବିତ୍ର ପାବନ କାର୍ଯକ୍ରମରେ ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ, ମନ୍ଦିର ମୁଖ୍ୟ ପୂଜକ ପ୍ରଦୀପ କୁମାର ରଣା ଓ ତାଙ୍କ ସହଯୋଗୀ ବିକ୍ରାନ୍ତ କୁମାର ରଣାଙ୍କ ଦ୍ୱାରା ପୂଜା ସମ୍ପାଦନ ହୋଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ସୁନିଲ ଚନ୍ଦ୍ର ପଣ୍ଡା ଓ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ମନ୍ଦିରରୁ ଚୋରି

ଜୟପୁର, ୩।୮ (ସମିସ): ଜୟପୁର ସହରରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହିପରି ଗତ ୩ ଦିନରେ ଲିଙ୍ଗରାଜ ନଗର, ରୁଦ୍ରାକ୍ଷ ନଗର ଓ ଇରିଗେସନ କଲୋନୀରେ ପ୍ରତ୍ୟେକ ଦିନ ଚୋରିକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହିପରି ଗତକାଲି ମଧ୍ୟରାତ୍ରରେ କିଛି ଦୁର୍ବୃତ୍ତ ଇରିଗେସନ କୋଲନୀ ଶିବ ମନ୍ଦିରର ୪ଟି ଗେଟର ତାଲା ଭାଙ୍ଗି ଷ୍ଟୋର ରୁମରୁ ଦୁଇଟି ଗ୍ୟାସ ସିଲିଣ୍ଡର, ପିତଳ ଥାଳି, ଠାକୁରଙ୍କ ଲୁଗା ସବୁ ଚୋରି କରି ନେଇଯାଇଛନ୍ତି। ଆଜି ସକାଳୁ ମନ୍ଦିର ସମ୍ମୁଖରେ ଥିବା ଦୋକାନୀ ମନ୍ଦିରର ସମସ୍ତ ଗେଟ ଭାଙ୍ଗିଥିବା ଦେଖିବା ପରେ ତୁରନ୍ତ ସ୍ଥାନୀୟ ଲୋକେ ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାରେ ତଦନ୍ତ କରିବା ସହ ଏକ ମମଲା ରୁଜୁ କରିଛନ୍ତି। ଦୁଇଦିନ ହେଲାଣି ନିୟମିତ ଭାବେ ଇରିଗେସନ କୋଲନୀ ନିକଟସ୍ଥ ଲିଙ୍ଗରାଜ ନଗର ଏବଂ ରୁଦ୍ରାକ୍ଷ ନଗରର ଘରର ତାଲାଭାଙ୍ଗି ଚୋରି ହୋଇଛି।

## ରାଜସ୍ୱ ଅମଲା ସଂଘର ସାଧାରଣ ସଦସ୍ୟ ବୈଠକ

କୋରାପୁଟ,୩।୮ (ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ଓଡିଶା ରାଜସ୍ୱ ଅମଲା ସଂଘ, କୋରାପୁଟ ଜିଲ୍ଲା ଶାଖାର ସାଧାରଣ ସଦସ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଦସ୍ୟ ମାନେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାଙ୍କ ବହୁ ପ୍ରତିକ୍ଷୀତ ଏକମାତ୍ର ନ୍ୟାର୍ଯ୍ୟ ଦାବୀ ଲେବୁଲ- ୯, ଗ୍ରେଡ ପେ ୪ ହଜାର ୨ ଶହ ଟଙ୍କା ପୂରଣ କରୁନଥିବାରୁ ସମସ୍ତ କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିବା ସହିତ ତୀବ୍ର ପ୍ରତିବାଦର ସ୍ୱର ଦେଖିବାକୁ ମିଳିଥିଲା। ଓଡ଼ିଶା ରାଜସ୍ୱ ସେବାରେ ରାଜସ୍ୱ ଅମଲା ମାନଙ୍କ ପଦୋନ୍ନତି କ୍ଷେତ୍ରରେ ସରକାର ଆଣିଥିବା ନୂଆ ଆଇନ ଉପରେ ତୁରନ୍ତ ଏହାକୁ ପୁନର୍ବିଚାର କରିବା ସହିତ ଏହାର ସମ୍ପୂର୍ଣ୍ଣ ସଂଶୋଧନ କରି ରାଜସ୍ୱ ଅମଲାଙ୍କ ବହୁଳ ସ୍ୱାର୍ଥ ନିମନ୍ତେ ତୁରନ୍ତ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ବୋଲି ସମ୍ପାଦକ ନିତ୍ୟାନନ୍ଦ ଭତ୍ରା ମତବ୍ୟକ୍ତ କରିଥିଲେ। ରାଜସ୍ୱ ଅମଲାଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଏବଂ ପାତରଅନ୍ତର ନୀତିକୁ ସଂଘ କେବେ ବି ବରଦାସ୍ତ କରିବ ନାହିଁ ବୋଲି ସଭାପତ ମନୋଜ କୁମାର ବାରିକ କହିଛନ୍ତି। ସରକାର ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲାଙ୍କ ନୂଆ ପଦବୀ ଗଠନ ତଥା ପୁନର୍ବିନ୍ୟାସରେ ଅହେତୁକ ବିଳମ୍ବ କରିବାକୁ ନେଇ ରାଜ୍ୟ ସଂଘ କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ବିରକ୍ତି ଭାବ ପ୍ରକାଶ କରିଥିଲେ। ଆସନ୍ତା ଅଗଷ୍ଟ ୮ ତାରିଖ ଭିତରେ ସରକାର ଯଦି ଦାବୀ ପୂରଣ ନ କରନ୍ତି ତାହେଲେ ଅଗଷ୍ଟ ୧୧ ତାରିଖରୁ ରାଜ୍ୟ ସଂଘର ନିର୍ଦ୍ଦେଶ ମୁତାବକ ଓଡ଼ିଶା ରାଜସ୍ୱ ଅମଲା ସଂଘ,କୋରାପୁଟ ଜିଲ୍ଲା ଶାଖା ତରଫରୁ ଆଜିର ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ମୁତାବକ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ରେ କାର୍ଯ୍ୟରତ ରାଜସ୍ୱ ଅମଲା ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ସମ୍ପାଦକ ଶ୍ରୀ ଭତ୍ରା କହିଛନ୍ତି। ଜିଲ୍ଲାର ସମସ୍ତ କନିଷ୍ଠ ରାଜସ୍ୱ ସହାୟକ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଉପବିଭାଗୀୟ ଅଧିକାରୀମାନେ ବହୁଳ ସଂଖ୍ୟାରେ ଯୋଗ ଦେଇଥିବାରୁ ସମସ୍ତଙ୍କୁ ସଂଘ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଏନ୍‌ବିଡବ୍ଲୁରେ ୪ ଗିରଫ

ଜୟପୁର, ୩।୮ (ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ଗତ ୨୦୨୨ ମସିହାର ଏକ ପୁରାତନ ମାମଲାରେ ଅଭିଯୁକ୍ତ ରହିଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଜୟପୁର ଏସଡିଜେଏମ କୋର୍ଟ ପକ୍ଷରୁ ଅଭିଯୁକ୍ତ ମାନେ କୋର୍ଟ ପକ୍ଷରୁ ବାରମ୍ବାର ନୋଟିସ ସତ୍ତ୍ୱେ ହାଜର ହେଉନଥିବା ନେଇ ଜାମିନ ବିହୀନ ଫରୱାନ (ଏନବିଡବ୍ଲୁ) ଜାରୀ କରାଯାଇଥିଲା। ଗିରଫ ଅଭିଯୁକ୍ତ ମାନେ ହେଲେ ସ୍ଥାନୀୟ ବାମୁଣି ଗାଁର ସନିଆ ପରଜା, ରଥ ହରିଜନ, ଧନଞ୍ଜୟ ନାୟକ ଏବଂ କୃଷ୍ଣ ବିଶୋୟୀ। ଅଭିଯୁକ୍ତ ମାନଙ୍କ ବିରୋଧରେ କୌଣସି ବିବାଦକୁ ନେଇ ମରାପିଟ ଏବଂ ଗଣ୍ଡଗୋଳ ଅଭିଯୋଗ ରହିଥିଲା ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଆନ୍ଧ୍ର କାକିନାଡ଼ାରୁ ଚୋରକୁ ଗିରଫ କଲା ପୁଲିସ

ରାୟଗଡ଼ା,୩।୮ (ସମିସ): ରାୟଗଡ଼ା ସହରରୁ ଚୋରି କରି ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଯାଇ ଲୁଚିଥିବା ଚୋରକୁ ଧରିଛି ରାୟଗଡ଼ା ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ରାୟଗଡ଼ା ପୌରାଞ୍ଚଳର ୧୬ନଂ ୱାର୍ଡର ଇନ୍ଦିରା ନଗର ତୃତୀୟ ଲାଇନରେ ରହୁଥିବା ବୁଦୁମୁରୁ



ମାଣିକଣ୍ଠା ସୁବୁଦ୍ଧି (୩୧)। ଅଭିଯୁକ୍ତ ଠାରୁ ନଗଦ ୩୨, ୬୦୦ଟଙ୍କା, ଷ୍ଟିଲ ବକ୍ସରେ ୬୦୦ଟଙ୍କା କଏନ ସହ ସୁନାରୁପା ଗହଣା, ଗୋଟିଏ ମୋବାଇଲ ଜବତ କରାଯାଇଛି। ଗତ ଜୁଲାଇ ୨୯ ତାରିଖରେ ରାୟଗଡ଼ା ସହରର ପଞ୍ଚବଟି ନଗର ଦ୍ୱିତୀୟ ଲାଇନ ବାସିନ୍ଦା ବି. ଗଙ୍ଗାରାଓ ରାୟଗଡ଼ା ଥାନାରେ ଘରେ ଚୋରି ହୋଇଥିବା ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତି କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଥାନା ଆରକ୍ଷୀ ନିରୀକ୍ଷକ ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ କରାଯାଇ ସିସିଟିଭି ଫୁଟେଜ ଏବଂ ରାୟଗଡ଼ା ସାଇବର ସେଲ ସହଯୋଗରେ ଅଭିଯୁକ୍ତର ପତ୍ତା ମିଳିବା ପରେ ସବ୍ ଇନ୍ସପେକ୍ଟର ମନୋଜ କୁମାର ଜେନା, କନଷ୍ଟେବଳ ସନ୍ତୋଷ ପାଲି, ଗୌରୀ ଶଙ୍କର ସାହୁ, ସାଇବର ସେଲର ମୁରଲୀ ବାବୁଙ୍କୁ ନେଇ ଏକ ଟିମ ଗଠନ କରାଯାଇ ଆନ୍ଧ୍ର ପ୍ରଦେଶ କାକିନାଡ଼ାର ଏକ ଲଜ୍‌ରେ ଲୁଚି ରହିଥିବା ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

### ■ ରେଳବାଇ ଜମି ଅଧିଗ୍ରହଣ ବିସ୍ଥାପିତ ଜନସଂଗ୍ରାମ ସମିତିର ଆନ୍ଦୋଳନ

## ଅଗଷ୍ଟ ୧୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ

ମାଲକାନଗିରି, ୩।୮ (ସମିସ): ବହୁ ପ୍ରତିକ୍ଷୀତ ମାଲକାନଗିରି ଜିଲ୍ଲା ରେ ରେଳପଥ ନିର୍ମାଣ କାର୍ଯ୍ୟ ପାଇଁ ମାଥିଲି, ଖଇରପୁଟ ଓ ମାଲକାନଗିରି ବ୍ଲକର ୪୨ଟି ଗ୍ରାମରେ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଏକର ପିଛା ୧୦ ଲକ୍ଷ ଟଙ୍କା ବୋଲି କୁହାଯାଇଛି ଏବଂ ହିତାଧିକାରୀଙ୍କୁ କ୍ଷତି ପୂରଣ ମଧ୍ୟ ପ୍ରଦାନ କରାଯାଉଛି। ଯାହା କି ଉଚିତ ମୂଲ୍ୟ ନୁହେଁ ଏବଂ ଜମି ଅଧିଗ୍ରହଣର ଉଚିତ ମୂଲ୍ୟ ପାଇଁ ଗ୍ରାମସଭା, ପଲ୍ଲୀ ସଭାରେ ଗ୍ରାମବାସୀଙ୍କ ମତା ମତ ଲୋଡ଼ା ଯାଇ ନାହିଁ। ନୂତନ ଭାବେ ସଂଶୋଧିତ ଜମି ଅଧିଗ୍ରହଣ ପୁନର୍ବାସ, ଥଇଥାନ ଆଇନ ୨୦୧୩ ମୁତାବକ କଡାକଡ଼ି ଭାବେ ନିଆଯାଇନାହିଁ। ସେହିପରି ବାସଗୃହ, ମୂଲ୍ୟବାନ ଗଛର କ୍ଷୟକ୍ଷତି ହେଉଥିବା ହିତାଧିକାରୀଙ୍କୁ ମଧ୍ୟ ଉଚିତ ମୂଲ୍ୟ ପ୍ରଦାନ କରାଯାଉନାହିଁ। ଫଳରେ ଆଦିବାସୀଙ୍କର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଧିକ କ୍ଷତି ସହିବାକୁ ପଡୁଛି ବୋଲି ତେଣୁ ରେଳପଥ ଜମି ଅଧିଗ୍ରହଣ ବିସ୍ଥାପିତ ଜନସଂଗ୍ରାମ ସମିତି ମାଲକାନଗିରି ଜିଲ୍ଲା ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରାମର ହିତାଧିକାରୀ ଓ ଗ୍ରାମବାସୀ ୮ ଦଫା ଦାବି ନେଇ ଅଗଷ୍ଟ ୧୩ ତାରିଖରେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ନେଇ ବିଭିନ୍ନ ପୋଷ୍ଟର, ଲିଫ୍‌ଲେଟ ମାରିଥିବା ଜଣାପଡ଼ିଛି।

## ମଦ ଜବତ, ଜଣେ ଗିରଫ

ରାୟଗଡ଼ା,୩।୮ (ସମିସ) : ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଆରକ୍ଷୀ ନିରୀକ୍ଷକ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ଆଜି ଥେରୁବାଲି ଫାଣ୍ଡି ଅନ୍ତର୍ଗତ ଡି ପି କ୍ୟାମ୍ପ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଚଢ଼ାଉ ବେଳେ ୯୦ଲିଟର ଦେଶୀ ମଦ ସହ ୨୭ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ବିୟର ଜବତ କରାଯିବା ସହ ଉକ୍ତ ଅଞ୍ଚଳର ଭଗବାନ ସାହୁଙ୍କୁ ଗିରଫ କରାଯାଇଛି। ଥେରୁବାଲି ଫାଣ୍ଡି ସବ ଇନ୍ସପେକ୍ଟର ପ୍ରଶାନ୍ତ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ



ବୈପାରିଗୁଡ଼ା,୩।୮ (ସମିସ) : ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପୀଠ ଅଭିମୁଖେ ଜଣେ ବ୍ୟକ୍ତି ବସ୍ତାରେ ଗଞ୍ଜେଇ ନେଇ ଯାଉଥିବା ବେଳେ ମାଡ଼ିବସିଲା ଅବକାରୀ ବିଭାଗ। ୧୫ କିଲୋ ଗଞ୍ଜେଇ ଜବତ ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବୈପାରିଗୁଡା ଅବକାରୀ ଥାନା ଅନ୍ତର୍ଗତ କଦମ୍ବଗୁଡା ଗ୍ରାମର ଲକ୍ଷ୍ମଣ କମାର (୫୫)। ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ବୈପାରିଗୁଡା ଅବକାରୀ ଓଆଇସି ଭଗବାନ ମହାନନ୍ଦିଆଙ୍କ ନେତୃତ୍ୱରେ ଗୁପ୍ତେଶ୍ୱର ରାସ୍ତାରେ ପେଟ୍ରୋଲିଂ ଚାଲିଥିଲା। ଗୁପ୍ତେଶ୍ୱର ପୀଠକୁ ଯାଉଥିବା ବୋଲବମ ଭକ୍ତଙ୍କୁ ଗଞ୍ଜେଇ ବିକ୍ରି ଉଦେଶ୍ୟରେ ଏକ ବସ୍ତାରେ ୧୫ କିଲୋ ଗଞ୍ଜେଇ ଚୋରା ଚଲାଣ କରୁଥିଲା ଅଭିଯୁକ୍ତ। ସେହି ସମୟରେ ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କୁ ଯାଞ୍ଚ କରି ଗିରଫ କରିବା ସହ ଗଞ୍ଜେଇ ଜବତ କରି କୋର୍ଟ ଚଲାଣ କରାଯାଇଛି ବୋଲି ଅବକାରୀ ବିଭଗ ପକ୍ଷରୁ ସୂଚନା ରହିଛି।

## କୋଟିଆ ଅଧିବାସୀ ସମାଜ ବିକାଶ ପରିଷଦର ବୈଠକ

ପାପଡାହାଣ୍ଡି,୩।୮ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟାବାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଙ୍ଗାସର ଗ୍ରାମରେ କୋଟିଆ ଅଧିବାସୀ ସମାଜ ବିକାଶ ପରିଷଦର ଜିଲ୍ଲାସ୍ତରୀୟ ବୈଠକ ଓ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି କୈଳାଶ ଦୋରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଧାୟକ ପ୍ରତିନିଧି ରଜନୀକାନ୍ତ ଶାସମଲ, ଜିଲ୍ଲା ସଭାପତି ଅଖିଳ ଭାରତୀୟ ଏସ୍‌ସି, ଏସ୍‌ଟି ପରି ସଂଘ ଭଗବାନ ବୈରାଗୀ, ଅନୁସୂଚିତ ଏସସି ସଂଘ ବ୍ଲକ ସଭାପତି ଦେବରାଜ ନାଗ, କୋଟିଆ ଅଧିବାସୀ ସମାଜ କୋରାପୁଟ ଜିଲ୍ଲା ସଭାପତି ଡମ୍ବରୁଧର ଉଣ୍ଡା,କୋରାପୁଟ ଜିଲ୍ଲା ସମ୍ପାଧକ ଗଙ୍ଗାଧର ପାଙ୍ଗି, କୋରାପୁଟ ଜିଲ୍ଲା ସହ ସମ୍ପାଧକ ସୁବାଷ ବୁରୁଡି,କୋରାପୁଟ ଜିଲ୍ଲା କୋଷାଧକ୍ଷ ଘନଶ୍ୟାମ ବୁରୁଡି, ବୈପାରୀଗୁଡା ବ୍ଲକ ସଭାପତି ଜଗତ ରାୟ, ଜଟାବାଲ ସମିତି ସଭ୍ୟ, ଜଟାବାଲ ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ଯାହାଙ୍ଗୀର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ବୈଠକରେ ନବରଙ୍ଗପୁର ଜିଲ୍ଲା ଉପସଭାପତି ତ୍ରିନାଥ ପାଇକ, ସମ୍ପାଧକ ପୀତବାସ ରାଣା, ଯୁଗ୍ମ ସମ୍ପାଧକ ରବୀନ୍ଦ୍ର ଟାଂଗୁଲ, କୋଷାଧକ୍ଷ ଖଗେଶ୍ୱର ପାଇକ ସହ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ପୁଲିସ ଚଢ଼ଉ, ୭ ଜୁଆଡି ଗିରଫ

ଜୟପୁର, ୩।୮ (ସମିସ): ଜୟପୁର ସଦର ଥାନା ପୁଲିସ ପକ୍ଷରୁ ରଣ୍ଡାପାଲ୍ଲୀ ଗ୍ରାମର ସାପ୍ତାହିକ ହାଟ ଠାରେ ଗତକାଲି ସଂଧ୍ୟାରେ ଜୁଆ ଆଡ୍ଡା ଚଢ଼ଉ କରିବା ସହିତ ୭ଜଣ ଜୁଆଡିଙ୍କୁ ଗିରଫ କରିବା ସହ ଥାନାରୁ ଜାମିନରେ ଛଡାଯାଇଛି। ଜୁଆଡି ମାନଙ୍କ ନିକଟରୁ ସମୁଦାୟ ୨ହଜାର ୨୫୦ ଟଙ୍କା ଜବତ କରାଯାଇଛି। ଅନ୍ୟାନ୍ୟ ଜୁଆଡି ମାନେ ପୁଲିସକୁ ଦେଖି ସେଠାରୁ ଚମ୍ପଟ ମାରିଥିଲେ। ଗିରଫ ଜୁଆଡିଙ୍କ ମଧ୍ୟରୁ ୪ଜଣ ରଣ୍ଡାପାଲ୍ଲୀ ଗ୍ରାମର ଏବଂ ଅନ୍ୟ ୩ ଜଣ ବିଶୋୟୀପୁଟ ଗ୍ରାମର ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଚଢ଼ଉ ଏଏସଆଇ କାମାକ୍ଷ ପ୍ରସାଦ ବିଶୋୟୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

### ● ବୋଲବମ୍ ଭ୍ୟାନ୍ ଧକ୍କାରେ ବାପା-ପୁଅ ମୃତ୍ୟୁ ଘଟଣା

## ପୂର୍ବତନ ବିଧାୟକଙ୍କ ହସ୍ତକ୍ଷେପ ପରେ ହେଲା ଶବ ବ୍ୟବଚ୍ଛେଦ

କୋରାପୁଟ,୩।୮ (ସମିସ): କୋରାପୁଟ-ରାୟଗଡା ୩୨୬ ନଂ ଜାତୀୟ ରାଜପଥର ପୋଡ଼ାଗଡ଼ କନ୍ୟାଶ୍ରମ ନିକଟରେ ଘଟି ଥିବା ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାର ଲୋକ ଓ ଗୁରୁତର ଆହତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଦାବି କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତି ପୂରଣ ଦେଲେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସମ୍ପର୍କୀୟ ଓ ଗ୍ରାମବାସୀ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଖବର ପାଇ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ସମୟ ଧରି ଶୋକାକୁଳ ପରିବାର ଲୋକଙ୍କ ସହିତ ଆଲୋଚନା କରିବା ସହ ଦୁର୍ଘଟଣା ଘଟାଇ ଥିବା ଭ୍ୟାନ ମାଲିକଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଶେଷରେ ଗୁରୁତର ଆହତ ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଚିକିତ୍ସା ଖର୍ଚ୍ଚ ବାବଦରେ ଭ୍ୟାନ ମାଲିକ ୨ ଲକ୍ଷ ୨୦ ହଜାର ଟଙ୍କା ସହାୟତା ଦେବା ସହ ମୃତକ ମାନଙ୍କ ପରିବାରକୁ ବୀମା ଟଙ୍କା ମିଳିବାର ସମସ୍ତ ପ୍ରକାର ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ପରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିଲା। ସୂଚନା ଥାଉକି ଶନିବାର ପୂର୍ବାହ୍ନରେ ପୋଡ଼ାଗଡ଼ କନ୍ୟାଶ୍ରମ ନିକଟରେ ଦୁର୍ଘଟଣା ଘଟି ବାଇକ ଚାଳକ କୋରାପୁଟ ଟିକରା ସାହିର କୈଳାସ ଖରା ଏବଂ ତାଙ୍କର ଚାରି ବର୍ଷର ପୁଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। କୈଳାସଙ୍କ ଭଣଜା ଅମନ ରେଡ଼ି ଗୁରୁତର ଆହତ ହୋଇଥିଲେ। ଅମନକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

### ● ଓଡିଶା ଅମଲା ସଂଘ

## କୋରାପୁଟ ଜିଲ୍ଲା ସଭାପତିଙ୍କୁ ନବରଙ୍ଗପୁର ଜିଲ୍ଲା ଦାୟିତ୍ୱ

ଜୟପୁର, ୩।୮ (ସମିସ): ଓଡିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଆଗାମୀ ନିର୍ବାଚନ କରିବା ନିମନ୍ତେ ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଜ୍ୟ ସାଧାରଣ ସଂପାଦକ ଚିତ୍ତରଞ୍ଜନ ତରାସିଆ ଗତ ୨୫ ତାରିଖରେ ବିଜ୍ଞପ୍ତି ମାଧ୍ୟମରେ କୋରାପୁଟ ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କୁ ପରିଚାଳନା ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ଆଜି ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଏକ ନିର୍ବାଚନ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଶ୍ରୀ ଦାସ, ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଅଧ୍ୟକ୍ଷ କୈଳାଶ ସାମନ୍ତରାୟ, ଉପଦେଷ୍ଟା ବୃନ୍ଦାବନ ପଣ୍ଡା,ଜିଲ୍ଲା ଶାଖା ସମ୍ପାଦକ ନାରାୟଣ ପାଢୀ, ବରିଷ୍ଠ ସଦସ୍ୟ ଜଗନ୍ନାଥ ଦାଶ, ଯୋଗେନ୍ଦ୍ର ଚୌଧୁରୀ, ସତ୍ୟ ରଞ୍ଜନ ତ୍ରିପାଠୀ, ସଞ୍ଜିବ କୁମାର ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ କିଶୋର ଚନ୍ଦ୍ର ଦାସ, କାର୍ଯ୍ୟାଳୟ ସମ୍ପାଦକ ଶ୍ରୀଧର ହୋତା, ଉପସଭାପତି ଜଗନ୍ନାଥ ମାଝି, ସଞ୍ଜୟ କୁମାର ରଥ, କାଳୀ ପ୍ରସାଦ ମିଶ୍ରଙ୍କୁ ନିର୍ବାଚନ କମିଟି ସଦସ୍ୟ ଭାବେ ଚୟନ କରାଯାଇଛି।

## ମଦ ବିକ୍ରି ଅଭିଯୋଗରେ ଜଣେ ଗିରଫ

କୋରାପୁଟ,୩।୮ (ସମିସ): ବେଆଇନ ମଦ ବିକ୍ରି ଅଭିଯୋଗରେ କୋରାପୁଟ ଟାଉନ ଥାନା ପୁଲିସ ରବିବାର ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତ ନିକଟରୁ ୪୦ ଲିଟର ମଦ ଜବତ କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ଟିକିରା ସାହିର ଲାଲ ମୋହନ ସାହୁ ଓରଫ ଲୁଲୁ ବୋଲି ଜଣା ପଡ଼ିଛି। ଗିରଫ ଅଭିଯୁକ୍ତ କୋରାପୁଟ ମୁଖ୍ୟ ଟ୍ରାଫିକ ଛକ ଅଞ୍ଚଳରେ ବେଆଇନ ମଦ ବିକ୍ରୀ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ରବିବାର ମଧ୍ୟାହ୍ନ ସମୟରେ ଟାଉନ ଥାନା ସବ୍ ଇନ୍ସପେକ୍ଟର ରଞ୍ଜିତ ମିଶ୍ର, ଉମେଶ କୁମାର ଧାରୁଆ, ଏଏସଆଇ ସୁବାସ ଚନ୍ଦ୍ର ସିଶା, ଶରତ ଚନ୍ଦ୍ର ବିଶୋଇ ଏବଂ ଅନ୍ୟମାନେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ମଦ ନେଇ ଯାଉଥିଲା। ପୁଲିସ ଟିମ୍ ତାକୁ ଅଟକାଇ ଯାଞ୍ଚ କରିବା ବେଳକୁ ୪୦ ଲିଟର ମଦ ମିଳିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସବ ଇନ୍ସପେକ୍ଟର ରାଜେଶ ପ୍ରିୟଦର୍ଶୀ ନାୟକ ମାମଲାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

ରାୟଗଡ଼ା,୩।୮ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ କନ୍‌ଫରେନ୍ସ ହଲରେ ୨୦୨୫ ଆର୍ଥିକ ବର୍ଷର ଖସଡ଼ାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ସଂଘର ସଭାପତି ଡ. ବାଦଲ କୁମାର ତା'ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ପ୍ରଥମେ ସଂଘର ସଦସ୍ୟ ସ୍ୱର୍ଗତଃ ପରମାନନ୍ଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପ୍ରଥମରୁ ସାମ୍ବାଦିକ ସୁରକ୍ଷା ଓ ମଙ୍ଗଳ ତଥା ଜିଲ୍ଲାରେ ଉନ୍ନୟନ କ୍ଷେତ୍ରରେ କିଭଳି ପଦକ୍ଷେପ ନିଆ ଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବ ବୈଠକ ପରର ସମସ୍ତ ସାମାଜିକ ଓ ବ୍ୟକ୍ତିଗତ ସମସ୍ୟା ଉପରେ ଆଲୋଚନା କରଯାଇଥିଲା। ଏହି ବୈଠକରେ ସଂଘର ଉପସ୍ଥିତ କର୍ମକର୍ତ୍ତା ମାନେ ନିଜ ନିଜ ଅଞ୍ଚଳର ସମସ୍ୟାକୁ ନେଇ ଉପସ୍ଥାପନା କରିବା ସହ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ଏହା ସହ ସଂଘର ସଭାପତି ଡ. ତା ସର୍ବଦା ଲୋକଙ୍କ ହିତ ନିମନ୍ତେ କର୍ଯ୍ୟକରିବା ସହ ସାମାଜିକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକାରିଣୀରେ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ଏହାକୁ କିଭଳି ପରିଚାଳନା କରାଯିବ ସେ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରଯାଇଥିଲା। ଏ ନେଇ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଦସ୍ୟଙ୍କ ମତାମତ ନିଆଯାଇଥିଲା। ସେପ୍ଟେମ୍ବର ମାସରେ ଜିଲ୍ଲାର ମୁନିଗୁଡା ବ୍ଲକରେ ମୁନିଗୁଡା, ଚନ୍ଦ୍ରପୁର, ବିଷମ କଟକ ବ୍ଲକକୁ ନେଇ ଏକ ବୈଠକ କରଯିବା ପାଇଁ ସଦସ୍ୟ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ କମିଟି ସମ୍ମତି ପ୍ରଦାନ କରିଥିଲା। ବୈଠକ ଅନ୍ୟ ବ୍ଲକରେ ମଧ୍ୟ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ସଂଘର ଏକ ସ୍ମରଣିକା କରାଯିବା ପାଇଁ ନିଷ୍ପତି ନିଆଯାଇଛି। ଆସନ୍ତା ଡିସେମ୍ବର ମାସରେ ସଂଘର ବାର୍ଷିକୋତ୍ସବ ପାଳନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଗଲା। କାର୍ଯ୍ୟକ୍ରମକୁ ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ବିଦ୍ୟା ଭୂଷଣ ପଣ୍ଡା ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଶ୍ୟାମ କୁମାର ଦାଶ, କୋଷାଧକ୍ଷ ମନୋଜ ଜେନାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଅଣ୍ଟାମଡା ଗାଁରେ ଆଉ ୪ ଜଣଙ୍କ ଘର ପୋଡ଼ିଦେଲେ

## ଗାଁରୁ ତଡ଼ାଖାଇ ଥାନାର ଦ୍ୱାରସ୍ଥ ହେଲେ

ବନ୍ଧୁଗାଁ,୩।୮ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ଅଣ୍ଟାମଡା ଗ୍ରାମରେ ଦୁଇ ମାସ ତଳେ ୪ ପରିବାରର ସଦସ୍ୟଙ୍କୁ ମାଡ, ଘର ଭଙ୍ଗା ଓ ଗାଁ ଛାଡି ଜଙ୍ଗଲ ପଳାଇବାକୁ ସେମାନେ ବାଧ ହୋଇଥିଲେ। ଗାଁରେ ଶାନ୍ତି ଫେରିବା ବଦଳରେ ପୁନର୍ବାର ଗାଁ ଲୋକେ କୁଡ଼ିଆ ଘ ରେ ନିଆଁ ଲଗାଇ ଗାଁ ରୁ ଘଉଡ଼ାଇ ଦେଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଆଜକୁ ଦୁଇ ମାସ ତଳେ ଧର୍ମ ପରିବର୍ତ୍ତନ କରିଥିବା କହି ଗାଁ ଲୋକେ ୪ ଟି ପରିବାରଙ୍କୁ ମାଡ ମାରି, ଘର ଭାଙ୍ଗି ଗାଁରୁ ତଡି ଦେଇଥିଲେ। ସେମାନେ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପରେ ଥାନା ତରଫରୁ ଗାଁର ୬ ଜଣ ଙ୍କ ନାମରେ କେସ ରୁଜୁ କରି କୋର୍ଟକୁ ପଠାଇ ଦେଇଥିଲେ। ଏହି ଦିନରୁ ଖ୍ରୀଷ୍ଟିଆନ ୪ ପରିବାର ଭୟରେ ତହସିଲିଦାରଙ୍କ ଦ୍ୱାରା ଦେଇ ଥିବା ଟାରପଲ ପାଇ ବର୍ଷା ପାଣି ରକ୍ଷା ପାଇଁ ପାହାଡ ଉପରେ କୁଡ଼ିଆ ଘର କରି ବସବାସ କରୁ ଥିଲେ। ସମସ୍ୟାର ସମାଧାନ ପାଇଁ ଗାଁ ରେ ଶାନ୍ତି କମିଟି ଗଠନ କରି ଶାନ୍ତି ଫେରାଇ



ଆଣିବା ଲାଗି ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ସ୍ଥାନୀୟ ତହସିଲଦାର, ସୋନାଲି ପାତ୍ର, ଏସଡିପିଓ ବିରଞ୍ଚି ନାରାୟଣ ଜଗଦେବ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଓ କୋଟପାଡ଼ ବିଧାୟକ ଗାଁ ରେ ପହଞ୍ଚି ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। କୌଣସି କାରଣରୁ ଗାଁ ଲୋକେ ସେହି ୪ ପରିବାରଙ୍କୁ ଗାଁରେ ଥିବା ଘରକୁ ଆସିବାକୁ ଦେଇ ନ ଥିଲେ। କିନ୍ତୁ ସେହି ୪ ପରିବାର ଆଜକୁ ୪ ଦିନ ତଳେ ନିଜ ଚାଷ ଜମିକୁ ଆସି ଆଗରେ ଥିବା କୁଡ଼ିଆ ଘର ଉପରେ ଆଗରୁ ମିଳିଥିବା ଟାରପଲ ରଖି ପରିବାର ସହିତ ରହୁଥିଲେ। ଶନିବାର ଦିନ ରାତ୍ର ୯ ଘଣ୍ଟା ସମୟରେ ପୁନର୍ବାର ଗାଁ ଲୋକେ କୁଡ଼ିଆ ଘରେ ଅସ୍ତ୍ରଶସ୍ତ୍ର ଧରି ଲୋକଙ୍କୁ ମାରିବା ପାଇଁ ପହଞ୍ଚିବା ପରେ ୪ ପରିବାର ଜୀବନ ବିକଳରେ ପାହାଡ ଉପରକୁ ଚାଲି ଯାଇଥିଲେ। ପରେ ଗାଁ ଲୋକେ କୁଡ଼ିଆ ଘର ଭାଙ୍ଗିବା ସହିତ ପିନ୍ଧିବା ବସ୍ତ୍ର, ଟାରପଲ, ଖାଦ୍ୟ ସାମଗ୍ରୀକୁ ନିଆଁ ଲଗାଇ ଦେଇଛନ୍ତି। ରବିବାର ସକାଳେ ୪ ପରିବାରର ସମସ୍ତ ସଦସ୍ୟ ବନ୍ଧୁଗାଁ ଥାନା ଆଇଆଇସି ପ୍ରସନ୍ନ କୁମାର ମିଶ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରିଛନ୍ତି। ବର୍ତ୍ତମାନ ଅସହାୟ ଅବସ୍ଥାରେ ଲୋକଙ୍କ ପିଣ୍ଡାରେ କିଏ ଦେଲେ ମୁଠାଏ ଖାଉଛନ୍ତି। ଗାଁ ରେ ଶାନ୍ତି କେବେ ଫେରିବ, କେବେ ଏହି ୪ ପରିବାର ନ୍ୟାୟ ପାଇ ନିଜ ଘରକୁ ଫେରିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ



**ବାରିପଦା, ୩।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ବାରିପଦାସ୍ଥିତ କଲେଜପଡ଼ିଆରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ନଗରଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢେଇ ଓ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା ଯୋଗଦେଇ ଆକାଂକ୍ଷା ବ୍ଲକର ପରିଭାଷା ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଜିଲ୍ଲାରେ ଆଗରୁ ଯଶିପୁର ଓ ଠାକୁରମୁଣ୍ଡା ଆକାଂକ୍ଷା ବ୍ଲକ ଭାବେ ଥିବାବେଳେ ବର୍ତ୍ତମାନ ନୀତି ଆୟୋଗଙ୍କ ଦ୍ୱାରା ରାଇରଙ୍ଗପୁର ଉପଖଣ୍ଡର ୬ଟି ବ୍ଲକକୁ ସାମିଲ କରାଯାଇଥିବା କହିଥିଲେ। ଏହିସବୁ ବ୍ଲକର ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ, ସାମାଜିକ ଇତ୍ୟାଦି କ୍ଷେତ୍ରରେ ସାମଗ୍ରିକ ବିକାଶ ଘଟିଲେ ସେମାନଙ୍କ ଜୀବନ ଶୈଳୀରେ ଉନ୍ନତି ଘଟିବ। କାର୍ଯ୍ୟକ୍ରମରେ ଅଭିଯାନରେ ନୀତି ଆୟୋଗ ଦ୍ୱାରା ନିର୍ଦ୍ଧାର୍ଯ୍ୟ ପ୍ରମୁଖ ବିକାଶମୂଳକ ସୂଚକାଙ୍କରେ ୧୦୦% ସଂତୃପ୍ତି ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଗଧାଡ଼ିର କର୍ମୀ, ପଞ୍ଚାୟତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ପ୍ରଶାସକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଡିପିଏମ, ଓଏଲଏମ, ଠାକୁରମୁଣ୍ଡା ଓ ଯଶିପୁର ବ୍ଲକର ସମସ୍ତ ଅଧିକାରୀ, ବ୍ଲକର ତୃଣମୂଳସ୍ତରୀୟ ଆଗଧାଡ଼ିର କର୍ମୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଅତିଥିବୃନ୍ଦ କଲେଜପଡ଼ିଆ ପରିସରରେ ଆକାଂକ୍ଷା ହାଟକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ସଞ୍ଚାଳନ କରିଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜସ୍ୱ ଅମଲା ସଂଘର ଦାବି ପୂରଣ କରିବାରେ ବିଫଳ ରାଜ୍ୟ ସରକାର




**ବାରିପଦା, ୩।୮ (ସମିସ)**

ଓଡ଼ିଶା ରାଜସ୍ୱ ଅମଲା ସଂଘର ୧୦ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ଯାହାକୁ ନେଇ ଅଗଷ୍ଟ ୧୧ରୁ ଅନିର୍ଦ୍ଧିଷ୍ଟ କାଳ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ। ରାଜ୍ୟ କମିଟି ନିଷ୍ପତ୍ତିକ୍ରମେ ଜିଲ୍ଲା କମିଟିର ବୈଠକ କାର୍ଯ୍ୟକାରୀ ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟରତ ରାଜସ୍ୱ ଅମଲାଙ୍କର ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରୁଛନ୍ତି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ଦୀର୍ଘଦିନ ଦାବିପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲାସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ-୯ କୁ ବୃଦ୍ଧି କରିବା। ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ନୂତନ ପଦବୀ ସୃଷ୍ଟି ଓ ପୁନର୍ଗଠନ କରିବା। ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି କରିବା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପରେ ବି ବର୍ତ୍ତମାନ ଯାଏଁ ଫଳଶୂନ୍ୟ ହୋଇଛି। ଏହିପରିପ୍ରେକ୍ଷୀରେ, ରାଜ୍ୟ ସରକାର ଅଗଷ୍ଟ ୧୦ ତାରିଖ ମଧ୍ୟରେ ଉପରୋକ୍ତ ଦାବିଗୁଡ଼ିକ ପୂରଣ ନ କରନ୍ତି। ତେବେ ୧୧ ତାରିଖରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସମ୍ପାଦକ ରୂପକ ମହାରଣା ପ୍ରକାଶ କରିଥିଲେ। ଅବସରରେ ପରାମର୍ଶଦାତା ପାର୍ଥ ସାରଥୀ ବେହେରା, ଉପ ସଭାପତି ତପନ ବେହେରା, ମନୋଜ ମହାରଣା, ଗୌରୀଶଙ୍କର ସାମନ୍ତରାୟ, କୋଷାଧ୍ୟକ୍ଷ ସୁମନ୍ତ ନାଏକ, ଉପ କୋଷାଧ୍ୟକ୍ଷ ଦିପ୍ତିମୟୀ ସେଠୀ, ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ସଂଗଠକ ସମ୍ପାଦକ ତନ୍ମୟ ଦାସ, କାର୍ଯ୍ୟାଳୟ ସମ୍ପାଦକ ସୁନିତା ମହାପାତ୍ର, ସମସ୍ତ ଜିଲ୍ଲା କାର୍ଯ୍ୟ ପରିଷଦ ସଭ୍ୟଙ୍କ ସହ ଜିଲ୍ଲାର କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ଓ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**୧୧ରୁ ଅନିର୍ଦ୍ଧିଷ୍ଟକାଳ କାର୍ଯ୍ୟ ବନ୍ଦ**

### ସମସ୍ୟାରେ ରାଇରଙ୍ଗପୁର ମହିଳା କଲେଜ

# ସମ୍ମାନ ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି ଦାବି

**ରାଇରଙ୍ଗପୁର, ୩।୮ (ସମିସ)**

ସମ୍ପ୍ରତି ରାଇରଙ୍ଗପୁର ମହିଳା କଲେଜ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି ବୋଲି ଅଭିଯୋଗ ହେଉଛି। ଏହି କଲେଜ ୧୯୮୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା; ହେଲେ ଆଜିଯାଏ +୩ କଳା ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି ସହିତ ସମସ୍ତ ବିଷୟରେ ସମ୍ମାନ ଶ୍ରେଣୀ ଏବଂ +୨ ବାଣିଜ୍ୟ ଓ +୩ ବିଜ୍ଞାନ ଶ୍ରେଣୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଖୋଲାଯାଇପାରୁନାହିଁ। ଫଳରେ +୩ ଶ୍ରେଣୀରେ ସିଟ୍ ସଂଖ୍ୟା ବୃଦ୍ଧି ଓ ୩ଟି ବିଷୟରେ ଅନର୍ସ ଶ୍ରେଣୀ ଖୋଲିବାକୁ ଏକ ଦାବିପତ୍ର ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କୁ ଛାତ୍ରୀମାନେ ପ୍ରଦାନ କରିଥିଲେ; ହେଲେ ଆଜିଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ବହୁ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଏହି କଲେଜକୁ ରାଷ୍ଟ୍ରପତି ଆସି ଶିକ୍ଷକ ଓ ଛାତ୍ରୀଙ୍କ ଭାବ ବିନିମୟ ଅବସରରେ +୩ ଶ୍ରେଣୀରେ ସମସ୍ତ ବିଷୟରେ ଅନର୍ସ ଖୋଲା ଯାଇନଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି +୨ ବିଜ୍ଞାନ ଶ୍ରେଣୀରେ ଗଣିତ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀବିଜ୍ଞାନ ଆଦି ବିଷୟରେ ଅଧ୍ୟାପକ/ଅଧ୍ୟାପିକା ନାହାନ୍ତି। କଲେଜ ଖୋଲିବାର ଦେଢ଼ ମାସ ହେଲାଣି; କିନ୍ତୁ ପାଠପଢ଼ା ବ୍ୟାଘାତ ହେଉଛି। +୩ ଅନର୍ସ କ୍ଲାସ ଠିକ୍‌ଭାବେ ହେଉ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି ଛାତ୍ରୀ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ +୩ ଶ୍ରେଣୀରେ ୪ଟି ସମ୍ମାନ ଶ୍ରେଣୀ ଚାଲିଛି। ଗୃହ ବିଜ୍ଞାନରେ ୪୮, ରାଜନୀତି ବିଜ୍ଞାନରେ ୪୮, ଇତିହାସରେ ୩୨ ଓ ଅର୍ଥଶାସ୍ତ୍ରରେ ୩୨ଟି ସିଟ୍ ରହିଛି। ଆଗାମୀ ଦିନରେ କଲେଜ ଇଲେକ୍ସନ ଥିବାରୁ ସରକାର ଓ ସ୍ଥାନୀୟ ଲୋକପ୍ରତିନିଧି କଲେଜର ଗୌରବ ଫେରାଇ ଆଣିବା ପାଇଁ ପ୍ରୟାସ କରିବା ସହିତ ଛାତ୍ରୀମାନେ ମୌଳିକ ସୁବିଧାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ



**ବେତନଟୀ, ୩।୮ (ସମିସ):** ସମଗ୍ର ରାଜ୍ୟରେ ଗତମାସ ୧୭ରୁ ଆଗାମୀ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଦେଇ ଶିକ୍ଷକ ଆନ୍ଦୋଳନ ଚାଲୁ ରହିଛି। ବିଦ୍ୟାଳୟଠାରୁ ଆରମ୍ଭ ହୋଇ ଭୁବନେଶ୍ୱର ରାଜରାସ୍ତାକୁ ଦାବି ଦିବସ ପାଳନ ପାଇଁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ସମଗ୍ର ରାଜ୍ୟର ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି ଇତ୍ୟବସରରେ ବେତନଟୀ ବ୍ଲକ ସ୍କୁଲ, କଲେଜ ମିଳିତ ଶିକ୍ଷକ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଶନିବାର ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଶିକ୍ଷକ, କର୍ମଚାରୀ ସମବେତ ହୋଇ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ବିରୋଧ କରିଥିଲେ। ସେମାନଙ୍କର ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ୬ ଦଫା ସମ୍ମିଳିତ ଦାବିପତ୍ର ବିଇଓ ବିପ୍ଳବ କରଙ୍କୁ ପ୍ରଦାନ କରାଯାଇଥିଲା। ବେତନଟୀ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସଭାପତି ଅଧ୍ୟକ୍ଷତା କରିଥିଲେ ଓ ଓଷ୍ଟା ବ୍ଲକ ସମ୍ପାଦକ ସୂର୍ଯ୍ୟା ନନ୍ଦ ନାୟକ ସଂଯୋଜନା କରିଥିଲେ। ଓଷ୍ଟା ପୂର୍ବ ଭାଗ ଜିଲ୍ଲାର ସମ୍ପାଦକ କିଶୋର ଆଚାର୍ଯ୍ୟ, ଶିକ୍ଷାବିତ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବିପ୍ଳବୀ ଶିକ୍ଷକନେତା ସଚ୍ଚିଦାନନ୍ଦ ମହାନ୍ତି ଓ ସଂଗ୍ରାମୀ ବାସୁଦେବ ନାପିତ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ପ୍ରମୁଖ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତିଭଙ୍ଗ ନୀତିର ଦୃଢ଼ ସମାଲୋଚନା କରିଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନବାଗତଙ୍କୁ ମାର୍ଗଦର୍ଶନ

**ବୈଶିଙ୍ଗା, ୩।୮ (ସମିସ):** ବେତନଟୀ ବ୍ଲକ ଅଧୀନ ଅଁଳା ପଞ୍ଚାୟତ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ସ୍ୱାଗତ ଅଭିଭାଷଣ ଦେବା ସହିତ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ରାଜକିଶୋର ଦାସ, ନିରଞ୍ଜନ ବାରିକ୍, ତରିଣୀ କାନ୍ତ ମହାନ୍ତ, ବଂଶୀଧର ଗିରି, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ଯୋଗଦାନ କରି ଉପସ୍ଥିତ ନବାଗତଙ୍କୁ ଭଲ ମଣିଷ ହେବା ସହ ସୁସ୍ଥ ସମାଜ ଗଠନ ଦିଗରେ ନିଜକୁ କିପରି ସାମିଲ କରିବେ ସେ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।

# ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ଉପକରଣ ବଣ୍ଟନ ଶିବିର



**ବାରିପଦା, ୩।୮ (ସମିସ):** ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ସ୍ଥାନୀୟ ସହିଦ ସ୍ମୃତିଭବନରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ବିଶାଳ ଉପକରଣ ବଣ୍ଟନ ଶିବିର ଆୟୋଜନ ହୋଇଯାଇଛି। ଶିବିରକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମାନସ ରଞ୍ଜନ ଦଣ୍ଡପାଟ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶିଧର ସିଂ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ଭାରତ ବର୍ଷରେ 'ଅଖିଳ ଭାରତୀୟ ଶିକ୍ଷା ସମାଗମ' ଗତ ଜୁଲାଇ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହାର ମୁଖ୍ୟଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବା। ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ସାରା ରାଜ୍ୟରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ବ୍ଲକରୁ ଜିଲ୍ଲା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାରେ ୨୬ଟି ବ୍ଲକରେ ୩୩୨୭ ଜଣ ସ୍ୱଳ୍ପ ଦୃଷ୍ଟି ସମ୍ପର୍ଣ୍ଣ ଶିକ୍ଷାର୍ଥୀଙ୍କୁ ଚଷମା ବଣ୍ଟନ କରାଯାଉଛି। ୫୧୦ ଜଣ ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନ ଶିକ୍ଷାର୍ଥୀଙ୍କ ପାଇଁ ସାରା ଜିଲ୍ଲାରେ ୧୮ଟି ସ୍ଥାନରେ ଚକ୍ଷୁ ପରୀକ୍ଷା କରାଯାଇ ବିଭିନ୍ନ ପ୍ରକାରର ସ୍ୱଳ୍ପ ଦୃଷ୍ଟି ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଚଳିତ ଶିକ୍ଷା ବର୍ଷରେ ଚିହ୍ନିତ ହୋଇଥିବା ୧୦ଟି ବ୍ଲକରୁ ୨୫୪ ଜଣ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ୩୭୮ଟି ବିଭିନ୍ନ ପ୍ରକାର ସହାୟକ ଉପକରଣ ଯଥା ଚଳନ ଶକ୍ତି ରହିତ ଶିକ୍ଷାର୍ଥୀଙ୍କ ପାଇଁ ୧୬ଟି ଟ୍ରାଇସାଇକଲ, ୪୪ଟି ହୁଇଲଚେୟାର, ୭୧ଟି ରୋଲେଟର, ୨୪ଟି ଆଶାବାଡି, ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ୪ଟି ବ୍ରେଲ କିଟ୍, ୪ଟି ସୁଗମ୍ୟ କେନ, ୨ଟି ମୋବାଇଲ, ଶ୍ରବଣ ବାଧିତ ଶିକ୍ଷାର୍ଥୀଙ୍କ ପାଇଁ ୫୦ଟି କାନ ଯନ୍ତ୍ର, ବୌଦ୍ଧିକ ଅକ୍ଷମତା ଶିକ୍ଷାର୍ଥୀଙ୍କ ପାଇଁ ୧୪୦ଟି ଶିକ୍ଷା ଉପକରଣ କିଟ୍ ବ୍ୟାଗ, ମସ୍ତିକ ପକ୍ଷାଘାତ ଶିକ୍ଷାର୍ଥୀମାନଙ୍କ ପାଇଁ ୨୧ଟି ସିପି ଚେୟାର ଇତ୍ୟାଦି ବଣ୍ଟନ କରାଯାଇଛି। ଶିକ୍ଷକ ହରେନ୍ଦ୍ର କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟା ଘେରରେ ଠାକୁରା ସାହି ଗାଁ



**କପ୍ତିପଦା, ୩।୮ (ସମିସ):** ସ୍ୱାଧୀନତାର ୭୮ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ। ଗାଁକୁ ନା ଅଛି ରାସ୍ତା, ନାଁ ବିଦ୍ୟାଳୟ ଏପରିକି ପାନୀୟ ଜଳ ସମସ୍ୟା ଦେଖାଦେଇଛି। କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତ ଠାକୁରା ସାହି ଗାଁ। ଏହି ଗାଁରେ ୫୦ ପରିବାର ବାସ କରୁଥିବା ବେଳେ ଲୋକସଂଖ୍ୟା ୩୦୦। ଗାଁକୁ ରାସ୍ତାଟିଏ ନଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ବର୍ଷାଦିନେ ଯାତାୟତ ଏକ ପ୍ରକାର ଠପ୍ ହୋଇଯାଏ। ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ୨କିଲୋମିଟର ଖଟିଆରେ ବୋହି ନେବାକୁ ପଡେ। ୨୦ବର୍ଷ ଧରି ଗାଁ ମୁଖିଆଙ୍କ ଛେଳି ଗୁହାଳରେ ବିଦ୍ୟାଳୟ ଚାଲୁଥିବା ବେଳେ ଗତ ଜୁନ ମାସରେ ବିଦ୍ୟାଳୟକୁ ସ୍ଥାନାନ୍ତର ହୋଇଛି। ତାହା ପୁଣି ଅପୂର୍ଣ୍ଣାଙ୍ଗ ଏବଂ ଗାଁରେ ପିଇବା ପାଣି ପାଇଁ ସୋଲାର ବ୍ୟବସ୍ଥା ହୋଇଥିବା ବେଳେ ଆଜକୁ ପ୍ରାୟ ୫ବର୍ଷ ହେବ ତାହା ଅଚଳ। ଗୋଟିଏ ମାତ୍ର ନଳକୂପ ଉପରେ ଗାଁ ଲୋକେ ନିର୍ଭର ବୋଲି କହିଛନ୍ତି। ବ୍ଲକ କାର୍ଯ୍ୟାଳୟରୁ ମାତ୍ର ୫କିମି ଦୂର ଏହି ଗାଁର ଲୋକେ ଅସହାୟ। ନିର୍ବାଚନ ସମୟରେ ପ୍ରଲୋଭନ ଦେଖାଇ ଭୋଟ ନେଲା ପରେ ଆଉ ନେତାମାନଙ୍କର ଦେଖା ମିଳୁନଥିବା ଅଭିଯୋଗ କରିଛନ୍ତି ଗାଁ ଲୋକ। ଗାଁରେ ଶତପ୍ରତିଶତ ଆଦିବାସୀ ଲୋକ ବାସ କରୁଥିବା ବେଳେ ଦୀର୍ଘଦିନ ଧରି ଗମନା ଓ ପାନୀୟ ଜଳ ପାଇଁ ଆଉଟୁପାଉଟୁ ଗ୍ରାମବାସୀ। ତୁରନ୍ତ ପ୍ରସାଶନ, ରାସ୍ତା ଓ ପାନୀୟ ଜଳର ସୁବିଧା କରିବା ପାଇଁ ଗାଁ ଲୋକ ଅଭିଯୋଗ କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଚାନ୍ଦୁଆ ଥାନାରେ ଯୋଗଦେଲେ ନୂତନ ଥାନା ଅଧିକାରୀ

**ଶୁଳିଆପଦା, ୩।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଧିକାରୀ ମଧୁସୂଦନ ଦତ୍ତଙ୍କ ଅବସର ପରେ ତାଙ୍କ ବଦଳରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇ ଦାୟିତ୍ୱଗ୍ରହଣ କରିଛନ୍ତି ଲକ୍ଷ୍ମଣ କୁମାର ନାଏକ। ଯୋଗଦେବା ପରେ ଦୁର୍ବୃତ୍ତ, ଜୁଆଳି, ଚୋରା ଗୋ-ଚାଲାଣକାରୀ ଏବଂ ଅସାମାଜିକ ଲୋକ ଉପରେ ତୀବ୍ର ନଜର ରଖିବା ସହ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ପୂର୍ବତନ ଥାନା ଅଧିକାରୀ ଅବସର ନେବାପରେ ଓ କାର୍ଯ୍ୟରେ ଯୋଗଦେଇ ଥିବା ଥାନାଅଧିକାରୀ ଉଭୟ ଦେଉଳିସ୍ଥିତ ଓମ ଶିଶୁ ଶିକ୍ଷା କେନ୍ଦ୍ରକୁ ଆସି ଛାତ୍ରଛାତ୍ରୀଙ୍କୁ ପାଠପଢ଼ି ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଭଲ ମଣିଷ ହେବାପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଓମ ଶିଶୁ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ମନୋଜ କୁମାର ବେହେରା ଓ ଅଧକ୍ଷା ଚନ୍ଦ୍ରିକା ପୁଥାଲଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।






# ଗୋମାଂସ ବିକ୍ରି କରୁଥିବା ବେଳେ ୨ ଅଟକ

**ମୋରଡା/ଶୁଳିଆପଦା, ୩।୮ (ସମିସ):** ଚାନ୍ଦୁଆ ଥାନା ଅଞ୍ଚଳରେ ଗୋରୁକୁ କାଟି ମାଂସ ବିକ୍ରି କରିବା ଏବଂ ଖାଇବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ଦେଉଳି ଗ୍ରାମର ଗୋପୀନାଥ ପାଣିଙ୍କ କିଛି ଗୋରୁ ଶନିବାର ସ୍ଥାନୀୟ ଡ୍ୟାମକୁ ଚରିବାକୁ ଯାଇଥିବା ବେଳେ ଘରକୁ ଆଉ ଫେରିନଥିଲେ। ତେବେ ଦେବାଶିଷ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳିନଥିଲା। ତେବେ ପଚାଖାଳି ନିକଟରେ ଗୋଟିଏ ଗୋରୁକୁ ହତ୍ୟାକରି ତାର ମାଂସ କଟା ହେଉଥିବାର ଖବର ପାଇ ଗୋପୀନାଥ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ ଘଟଣାସ୍ଥଳରୁ ଗୋ ମାଂସ କାଟୁଥିବା ଲୋକେ ଫେରାର ହୋଇଯାଇଥିଲେ। ସେହିପରି ଅନ୍ୟ ଏକ ଗୋରୁକୁ ବିଷ ଦେଇ ସାନଯୋଗିବନ୍ଧ ଗ୍ରାମର ଜଣଙ୍କ ଘର ବାଡ଼ିରେ ତାର ମାଂସ କଟା ହେଉଥିବାର ଖବର ପାଇଥିଲେ। ଖବର ପାଇ ଚାନ୍ଦୁଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା କରିବା ସହ ଥାନାରେ ୧୧୧/୨୫ରେ ମାମଲା ରୁଜୁ ହୋଇଛି।

### ପଶୁଦା-ଖୁଣ୍ଟା ରାସ୍ତା ନବୀକରଣ

# ୫୦୦ ମିଟର ଅଧାପନ୍ତରିଆ ପାଇଁ ଲୋକେ ହୀନସ୍ତା

**ଖୁଣ୍ଟା, ୩।୮ (ସମିସ):** ପଶୁଦା-ଖୁଣ୍ଟା ରାସ୍ତାର ନବୀକରଣ ବେଳେ ଦାମୋଦରପୁରଠାରେ ପ୍ରାୟ ୫୦୦ ମିଟର ଅଧାରେ ରହିଛି। ଫଳରେ ଲୋକେ ହୀନସ୍ତା ହେଉଛନ୍ତି। ସେଠାରେ ଜଣେ ଗ୍ରାମବାସୀ ନିଜ ଜମିକୁ ପାଣି ନେବାକୁ ସରକାରୀ ରାସ୍ତା କାଟି ହ୍ୟୁମପାଇପ ପକାଇଲେ। ତା'ପରେ ପଶୁଦା-ଖୁଣ୍ଟା ରାସ୍ତାର ନିର୍ମାଣକାରୀ ଅଜୟ ରାଉତ ସେହି ରାସ୍ତାର ନିର୍ମାଣ କରିବା କଥା। ମାତ୍ର ପ୍ରଥମେ ସରକାରୀ ରାସ୍ତା ଜାଗାରେ ପାଚେରୀ କରିଥିବା ଜନୈକ ବ୍ୟକ୍ତି ନିଜ ପାଚେରୀ ଭାଙ୍ଗି ରାସ୍ତା କରିବାକୁ ସମ୍ମତି ଦେଇଥିବା ସ୍ଥଳେ ପରେ ଶ୍ରୀ ରାଉତ ତାଙ୍କ ପାଚେରୀ କାହିଁକି ଭାଙ୍ଗିଲେ ବୋଲି କୋର୍ଟରେ ମାମଲା ରୁଜୁ କରିଛନ୍ତି। ତେଣୁ ଉକ୍ତ ରାସ୍ତାର ସେହି ପାଞ୍ଚଶହ ମିଟର ନୂଆ ନିର୍ମାଣ କରାଯାଇ ପାରୁନି। ଏଥିଯୋଗୁଁ ପ୍ରାୟ କେତେମାସ ଧରି ଲୋକେ ରାସ୍ତାରେ ଯାତାୟାତ କାଳରେ ହଇରାଣ ହୋଇ ଆସୁଥିଲେ। ମାତ୍ର ସାତ/ଆଠ ଦିନ ହେବ ପ୍ରବଳ ବର୍ଷା ଯୋଗୁଁ ମରଣଯନ୍ତା ପାଲଟିଛି।



# ଅଙ୍ଗନବାଡ଼ି କେନ୍ଦ୍ରକୁ ନାହିଁ ରାସ୍ତା



**ରାଇରଙ୍ଗପୁର, ୩।୮ (ସମିସ):** ତିରିଂ ବ୍ଲକ ବଡ଼ଡାଲିମା ପଞ୍ଚାୟତ ସାଲଗାଡ଼ିପା ଅଙ୍ଗନବାଡି କେନ୍ଦ୍ରକୁ ଆଜିଯାଏ ସ୍ଥାୟୀ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଶିଶୁମାନେ ଚଲାପଥ ରାସ୍ତାରେ ଯିବାଆସିବା କରୁଛନ୍ତି। କିନ୍ତୁ ବର୍ଷାରେ ଉକ୍ତ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଶିଶୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତା କାଦୁଅ ହୋଇଥିବାରୁ ଶିଶୁ ଅଙ୍ଗନବାଡି ଯିବାକୁ ଅମଙ୍ଗ ହେଉଛନ୍ତି। ଗାଁରୁ ଅଙ୍ଗନବାଡି କେନ୍ଦ୍ର ପ୍ରାୟ ଅଧା କିମି ଯିବା ପାଇଁ ରାସ୍ତା ବହୁତ ଖରାପ ଅଛି। ହାତରେ ଚପଲ ଧରି କେନ୍ଦ୍ରକୁ ଯିବାପାଇଁ ପଡେ। ଆଜିଯାଏ ବିଜୁଳି ମଧ୍ୟ ସଂଯୋଗ ହୋଇନାହିଁ କି ପାଚେରୀ ନାହିଁ। ଫଳରେ ଗାଇ ଗୋରୁ ଏବଂ ବୁଲା କୁକୁର କେନ୍ଦ୍ରକୁ ପଶିଆସୁଛନ୍ତି। ରାସ୍ତା ନିର୍ମାଣ ନେଇ ବହୁବାର ଅଭିଯୋଗ ହୋଇଥିଲେ ମଧ୍ୟ ଫଳଶୂନ।



# କାନଭାସ ପକ୍ଷରୁ ବିଶ୍ୱଭୂଷଣଙ୍କ ଜନ୍ମଦିବସ



**ରାଉରକେଲା, ୩।୮ (ସମିସ):** ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଆନ୍ଧ୍ର ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୨ତମ ଜନ୍ମ ଦିବସ ରାଉରକେଲାର ଐରାବନ୍ଧ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସଂଧ୍ୟାରେ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ କାନଭାସ୍ ପକ୍ଷରୁ ବିଶ୍ୱଭୁଷଣଙ୍କ ଦୀର୍ଘ, ସୁସ୍ଥ, ନିରାମୟ ଜୀବନ କାମନା କରି ଅହିରାବନ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମୁହିକ ଦୀପଦାନ କରାଯାଇଥିଲା। କାନଭାସର ଆବାହକ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରଘୁନାଥପାଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ପାନପୋଷ ବିଜେପି ସାଂଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଶ୍ରମିକ ନେତା ହିମାଂଶୁ ବଳ, ରଞ୍ଜିତ ନାୟକ, ଅରବିନ୍ଦ ଦାସ, କୈଳାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଂଗ୍ରାମ ମହାନ୍ତି, ଦେବାଶିଷ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ଶଲିଲ୍ ପରିଡ଼ା, ଚିତ୍ତ ରଞ୍ଜନ ନାୟକ, ପ୍ରମୋଦ ବେହେରା, ଆର୍. ରମେଶ, ରଞ୍ଜନ ଲୋକାନ୍ନ ପ୍ରମୁଖ ପରିଚାଳନା କରିଥିଲେ।

# ସିପିଆଇ ରାଉରକେଲା ଆଞ୍ଚଳିକ କମିଟିର ସମ୍ମିଳନୀ



**ରାଉରକେଲା, ୩।୮ (ସମିସ) :** ଭାରତୀୟ କମ୍ୟୁନିଷ୍ଟ ପାର୍ଟୀ(ସିପିଆଇ) ରାଉରକେଲା ଆଞ୍ଚଳିକ କମିଟିର ସମ୍ମିଳନୀ ହରିବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଇସ୍ପାତ କାରଖାନାରେ ଖାଲି ପଡ଼ିଥିବା ପଦବୀ ପୂରଣ, ରାଉରକେଲା ମହାନଗର ନିଗମରେ ହୋଇଥିବା ଦୁର୍ନୀତିର ତଦନ୍ତ, ବେକାର ଯୁବକଙ୍କୁ ନିଯୁକ୍ତି, ପାନପୋଷ ସବ୍ ଡିଭିଜନରେ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ପରିବେଶ ଆଇନକୁ କଡାକଡି ଭାବେ କାର୍ଯ୍ୟ କରିବା, ଆରଡିଏ ପ୍ଲଟିଂ କରି ଜମି ନଥିବା ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ଜମି ପ୍ରଦାନ, ପଶ୍ଚିମ ଓଡ଼ିଶାରୁ ଉତ୍ତର ଓଡ଼ିଶାକୁ ସ୍ୱତନ୍ତ୍ର ରେଳ ଚଳାଚଳ, ସରକାରୀ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ପ୍ରମୁଖ ଦାବି ଉପରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀକୁ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ଅଶୋକ ଦାସ ଉଦ୍‌ଘାଟନ କରିଥିଲେ। ସେ ସାମ୍ପ୍ରଦାୟିକ ରାଜନୀତିକୁ ତୀବ୍ର ବିରୋଧ କରିବା ସହ ବିଜେପି ସରକାରର ଅପାରଗ ଶାସନ ପାଇଁ ନାରୀ ସୁରକ୍ଷିତ ନୁହଁନ୍ତି ବୋଲି କହିଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୋଷ ମହାନ୍ତି ଅତିଥି ଭାବେ ଯୋଗଦାନ କରି କମ୍ୟୁନିଷ୍ଟ ପାର୍ଟିର ୧୦୦ ବର୍ଷର ସଂଘର୍ଷ ମୟ ସମୟର ଇତିହାସ ସମ୍ପର୍କରେ କହିବା ସହ ସଂଗଠନକୁ ତଳସ୍ତରରେ ସାଥୀମାନେ ମଜବୁତ୍ କରି ଜନଗଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଅନୁପମ ଦତ୍ତ, ଦସ୍ରୁ କିସାନ, ସବ୍ୟସାଚୀ ନାୟକ, ପ୍ରମୋଦ ବେହେରା, ଭାଗ୍ୟଧର ରାଉତ, ପଞ୍ଚାନନ ସୁନା, ପ୍ରଦୀପ କୁମାର ଲାକ୍ରା, ରାମୁ କିଶାନ, ସୁଶାନ୍ତ କୁମାର ଲେଙ୍କା, ଅଜୟ କୁମାର ବାରାଙ୍କ ସମେତ ବହୁ ସାଥୀ ଆଲୋଚନାରେ ଯୋଗଦେଇଥିଲେ। ମେରୀ ବର୍ ଓ ମନୋଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୬ ଟି ପ୍ରସ୍ତବ ଗୃହୀତ ହୋଇଥିଲା। ଆଗାମୀ ତିନି ବର୍ଷ ପାଇଁ ଏକ ପନ୍ଦର ଜଣିଆ କମିଟି ଗଠନ କରାଯାଇଥିଲା। ଶେଷରେ ମହେଶ୍ୱର ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ସରିତାଙ୍କ ରାକ୍ଷୀ ଓ ହସ୍ତତନ୍ତ ଷ୍ଟଲ୍ ଉଦ୍‌ଘାଟିତ

**ରାଉରକେଲା, ୩।୮ (ସମିସ):** ଦିବ୍ୟାଙ୍ଗମାନେ କିଛି କରି ପାରନ୍ତି ନାହିଁ; ସମାଜ ଓ ପରିବାର ଉପରେ ବୋଝ ହୋଇ ରହିଥାନ୍ତି। ସମାଜରେ ରହିଥିବା ଏଭଳି ଧରଣାକୁ ଭୁଲ ପ୍ରମାଣ କରିଛନ୍ତି ବହୁବିଧ ଅକ୍ଷମତା ମୁକ୍ତ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପ ପ୍ରଶିକ୍ଷିତ ସରିତା ନାୟକ। ଜଣେ ଦିବ୍ୟାଙ୍ଗ ହୋଇ ବି ସେ ରାକ୍ଷୀ, ଗ୍ରିଟିଂସ, ହସ୍ତତନ୍ତ, ଫିନାଇଲ୍, ମହମବତୀ, ଅଗରବତୀ ଆଦି ଘରେ ତିଆରି କରି ବଜାରରେ ବିକି ଅର୍ଥ ଉପାର୍ଜନ କରୁଛନ୍ତି। ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବାରୁ ସରିତା ରାକ୍ଷୀ ଓ ହସ୍ତତନ୍ତ ପ୍ରଦର୍ଶନୀ ବିକ୍ରୟ ଷ୍ଟଲ୍ କଳିଙ୍ଗ ବିହାର ମାର୍କେଟରେ ଖୋଲିଛନ୍ତି। ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ଓ ଆଶାଦୀପ ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରିତାଙ୍କ ବାପା, ମାଆ, ପରିବାର, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସମେତ ଆଶାଦୀପ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଷ୍ଟଲ୍ ପରିଦର୍ଶନ କରି ସରିତାଙ୍କ ଉତ୍ସାହ ବଢ଼ାଇବାକୁ ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି।



## ଆର୍‌ଏସ୍‌ପିରେ ବିଭିନ୍ନ ୟୁନିଟ୍‌ର ଉତ୍ପାଦନରେ ନୂଆ ରେକର୍ଡ

# ଉତ୍ତପ୍ତ ଧାତୁ ଉତ୍ପାଦନରେ ବିଏଫ୍-୫ର ୧ ନିୟୁତ ଟନ୍ ଅତିକ୍ରମ

ରାଉରକେଲା, ୩।୮ (ସମିସ)





ସେଲ୍‌ର, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ଅପ୍ରେଲ-ଜୁଲାଇ ଅବଧିରେ ପ୍ରମୁଖ ୟୁନିଟ୍‌ଗୁଡ଼ିକ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ୍-୫) 'ଦୁର୍ଗା' ଅପ୍ରେଲରୁ ଜୁଲାଇ ୪ ମାସ ଅବଧିରେ ଶ୍ରେଷ୍ଠ ପ୍ରଦର୍ଶନ କରି ରେକର୍ଡ ସଂଖ୍ୟକ ୧୦, ୩୭, ୮୪୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରିଛି। ଯାହା ୨୦୨୩ ମସିହାରେ ଅନୁରୂପ ଅବଧି ମଧ୍ୟରେ ହାସଲ କରିଥିବା ୯, ୬୭, ୦୯୭ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ସେହିପରି, ବ୍ଲାଷ୍ଟ ଫର୍ଣ୍ଣେସ୍-୧ (ବିଏଫ-୧) 'ପାର୍ବତୀ' ୩, ୬୧, ୭୭୪ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ପୂର୍ବକ ଏହାର ସର୍ବୋଚ୍ଚ ଅପ୍ରେଲ-ଜୁଲାଇ ଉତ୍ପାଦନ ହାସଲ କରିଛି। ଯାହା ୨୦୨୧ରେ ହାସଲ ହୋଇଥିବା ୩, ୧୬, ୧୯୯ ଟନ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଉଲ୍ଲେଖନୀୟ ଯେ, ବିଏଫ-୧ ମଧ୍ୟ ୯୪, ୦୧୫ ଟନ୍ ଉତ୍ତପ୍ତ ଧାତୁ ଟ୍ୟାପ୍ କରି ଏହାର ସର୍ବଶ୍ରେଷ୍ଠ ଜୁଲାଇ ମାସ ପ୍ରଦର୍ଶନ ପଞ୍ଜିକୃତ କରିଛି।

ଷ୍ଟିଲ୍ ମେଲ୍ଟିଂ ସପ୍-୨ର କାଷ୍ଟର-୩ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ ସହକାରେ ୫, ୨୫, ୨୧୩ ଟନ୍ ସ୍ଲାବ୍ ତିଆରି କରି ଏ ପର୍ଯ୍ୟନ୍ତର ସର୍ବଶ୍ରେଷ୍ଠ ଅପ୍ରେଲ-ଜୁଲାଇ ପ୍ରଦର୍ଶନ ପଞ୍ଜିକୃତ କରିଛି। ଡାଉନଷ୍ଟ୍ରିମରେ, ହଟ୍ ଷ୍ଟ୍ରିପ୍ ମିଲ୍-୨ ସର୍ବକାଳୀନ ଶ୍ରେଷ୍ଠ ୮, ୫୯, ୧୯୨ ଟନ୍ ସ୍ଲାବ୍ ରୋଲ୍ କରି ୮, ୩୯, ୦୨୩ ଟନ୍ ଏଚଆର କଏଲ୍ ଉତ୍ପାଦନ କରିଛି। ଯାହା ଅପ୍ରେଲ-ଜୁଲାଇରେ ବିଭାଗର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ଏଥିପୂର୍ବରୁ ୨୦୨୪ ମସିହା ଅନୁରୂପ ଅବଧିରେ ୮, ୧୭, ୬୭୫ ଟନ୍ ଏଚ୍‌ଆର କଏଲ୍ ଉତ୍ପାଦନ ବିଭାଗର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଚ୍‌ଏସ୍‌ଏମ୍-୨ର ସିଟ୍ ସିଅରିଂ ଲାଇନ (ଏସ୍‌ଏସ୍‌ଏଲ୍) ପ୍ରଥମ ଚାରି ମାସରେ ୯୫୮୭୬ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ନୂତନ ପ୍ଲେଟ୍ ମିଲ୍ (ଏନ୍‌ପିଏମ୍) ୩, ୩୦, ୭୮୯ ଟନ୍ ପ୍ଲେଟ୍ ରୋଲ୍ କରି ସର୍ବଶ୍ରେଷ୍ଠ ଅପ୍ରେଲ-ଜୁଲାଇ ପ୍ରଦର୍ଶନ ହାସଲ ପୂର୍ବକ ୨୦୨୧ ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୩, ୧୦, ୩୧୭ ଟନ୍‌ରେ ଉନ୍ନତି ଆଣିଛି। ଏନ୍‌ପିଏମ୍ ମଧ୍ୟ ୯୨୦୯୯ ଟନ୍ ପ୍ଲେଟ୍ ରୋଲ୍ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ଜୁଲାଇ ପ୍ରଦର୍ଶନ ହାସଲ କରିଥିଲା। ସମତାଳରେ ପ୍ଲେଟ୍ ମିଲ୍ ମଧ୍ୟ ପ୍ରଥମ ଚାରି ମାସରେ ୧, ୭୮, ୭୫୨ ଟନ୍ ପ୍ଲେଟ୍ ରୋଲ କରି ୨୦୨୩ ଅନୁରୂପ ଅବଧିରେ ହାସଲ ହୋଇଥିବା ୧, ୭୭, ୨୨୬ ଟନ୍ ପ୍ଲେଟ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଥିବା ସୂଚନା ମିଳିଛି।

## ନିଖିଳ ଭାରତ ଅଭିଭାବକ ସଂଘର ରାଜ୍ୟ ସମ୍ମିଳନୀ

# 'ଘରୋଇକରଣକୁ ପ୍ରୋତ୍ସାହିତ କରିବ ନୂଆ ଶିକ୍ଷା ନୀତି-୨୦୨୦'



**ରାଉରକେଲା, ୩।୮ (ସମିସ):** ନିଖିଳ ଭାରତ ଅଭିଭାବକ ସଂଘର ଦ୍ୱିତୀୟ ରାଜ୍ୟ ସମ୍ମିଳନୀ ରାଉରକେଲାର ଉଦିତନଗର ସ୍ଥିତ ଆଇଟିଡିଏ ହଲରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ପ୍ରଦୀପ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ନେତା ବ୍ରଜେନ୍ଦ୍ର ଦାଶ, ସାମ୍ବାଦିକ ଅରବିନ୍ଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଯଯାତୀ କେଶରୀ ସାହୁ, ନୀହାର ରଞ୍ଜନ ସାମଲ, ଗାୟତ୍ରି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୭୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସମ୍ମିଳନୀରେ ପ୍ରତିନିଧିମାନେ ନୂତନ ଶିକ୍ଷା ନୀତି-୨୦୨୦ ଓ ଆଜି ଦିନରେ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରି ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହିଥିଲେ। ହଜାର ସଂଖ୍ୟାରେ ସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ହେବାରେ ଲାଗିଛି। ଯାହା ଫଳରେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଗଢି ଉଠିବାରେ ଲାଗିଛି। ସେମାନେ ଅଭିଭାବକମାନଙ୍କ ଠାରୁ ଅହେତୁକ ଅର୍ଥ ଆଦାୟ କରୁଛନ୍ତି। ଯାହାଦ୍ୱାରା ଗରିବ ପରିବାରର ପିଲାମାନଙ୍କ ପାଇଁ ଉଚ୍ଚ ଶିକ୍ଷା ଆଜି ସପ୍ନ ହୋଇପଡ଼ିଛି ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଥିଲେ। ଏଥିସହ ନୂତନ ଶିକ୍ଷା ନୀତି-୨୦୨୦ ଲାଗୁ ହେବା ଫଳରେ ଶିକ୍ଷାର ଘରୋଇକରଣକୁ ଅଧିକ ପ୍ରୋତ୍ସାହନ ମିଳିବ, ଶିକ୍ଷାର ମାନ କମିବା ସହିତ ବୈଜ୍ଞାନିକ ସମ୍ମତ ଶିକ୍ଷାରୁ ଛାତ୍ରଛାତ୍ରୀମାନେ ଦୂରେଇ ଯିବେ ବୋଲି ମତ ପ୍ରକାଶ ପାଇଥିଲା। ତେଣୁ ସରକାର ଶିକ୍ଷା ପାଇଁ ବଜେଟରେ ଅଧିକ ଅର୍ଥ ପ୍ରଦାନ କରିବା, ଶିକ୍ଷାନୁଷ୍ଠାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରିବା, ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତ ପ୍ରଦାନ କରିବା, ବୈଷୟିକ ଶିକ୍ଷାନୁଷ୍ଠାନ ଅଧିକରୁ ଅଧିକ ଖୋଲାଯିବା ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଆଗାମୀ ସମ୍ମିଳନୀ ପାଇଁ ଏକ ୨୧ ଜଣିଆ କମିଟି ଗଠନ କରାଯାଇଥିଲା। ଉକ୍ତ ନୂତନ କମିଟିରେ ଉପଦେଷ୍ଟା ଭାବରେ ସୁରେନ୍ଦ୍ର ଜେନା, ଅମୀୟ କୁମାର ମହାନ୍ତି, ବଜେନ୍ଦ୍ର ଦାଶ ସଭାପତି ଭାବରେ ପ୍ରଦୀପ୍ତ ନାୟକ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ, ଉପସଭାପତି ଭାବରେ ନିହାର ରଞ୍ଜନ ସାମଲ, ଡଲି ଦାଶ, ବୁଧନୀ ମୁଣ୍ଡାରି, କିଶୋର ଜେନା, ଯୁଗ୍ମ ସମ୍ପାଦକ ଭାବରେ ଯଯାତୀ କେଶରୀ ସାହୁ, ଉମେଶ ପୁରୋହିତ ସର୍ବେଶ୍ୱର ଦାଶ, ଦ୍ୱିତୀକୃଷ୍ଣ ନାୟକ, କମିଟି ସଭ୍ୟ ଭାବରେ ବିଶ୍ୱନାଥ ଲେଙ୍କା, ରାଜିବ ବସନ୍ତରାଏ, ସନ୍ତୋଷ ବିଶ୍ୱାଳ, ଧନ୍ତିଆ ତାଣ୍ଡିଆ, ଗାୟତ୍ରି ମିଶ୍ର, ଅର୍ଚ୍ଚନା ମିଶ୍ର ପ୍ରମୁଖ ନିର୍ବାଚିତ ହେଇଥିଲେ। ଶେଷରେ ରାଜ୍ୟ ଉପସଭାପତି ନିହାର ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଜମୁଛି ଭିଡ଼



**ରାଉରକେଲା, ୩।୮ (ସମିସ):** ଏକ୍ସପୋ ଇଭେଣ୍ଟ ମ୍ୟାନେଜମେଣ୍ଟ ଗ୍ରୁପ୍ ପକ୍ଷରୁ ସେକ୍ଟର-୧୩ ମେଲଣ ପଡ଼ିଆଠାରେ ଆରମ୍ଭ ହୋଇଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀରେ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି। ରବିବାର ଏହାର ଦ୍ୱିତୀୟ ଦିନ ଥିବା ବେଳେ ମେଳାରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପ୍ରାୟ ୧୭ଟି ରାଜ୍ୟର ହସ୍ତତନ୍ତ ସାମଗ୍ରୀ ଗୋଟିଏ ସ୍ଥାନରେ ଉପଲବ୍ଧ ଥିବାରୁ ଏହାର ସୁଯୋଗ ନେବା ପାଇଁ ସେ କହିଥିଲେ। ଉକ୍ତ ପ୍ରଦର୍ଶନୀରେ ୭୦ଟି ଷ୍ଟଲରେ ବିଭିନ୍ନ ରାଜ୍ୟର ହସ୍ତତନ୍ତ ସାମଗ୍ରୀ ଉପଲବ୍ଧ ଥିବା ବେଳେ ଗ୍ରାହକମାନଙ୍କୁ ୨୦ ପ୍ରତିଶତ ରିହାତି ମୂଲ୍ୟ ରଖାଯାଇଛି। ମେଳା ପ୍ରତ୍ୟେକ ଦିନ ସକାଳ ସାଢ଼େ ୧୧ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହୁଛି। ଏଥିରେ ଜୟପୁର ବେଡସିଟ୍, ବନାରସୀ ଶାଢ଼ୀ, ମିରଟର ଖାଦୀ, ସାର୍ଟ ଲକ୍ଷ୍ନୌ କୁର୍ତ୍ତି, ଭାଗଲପୁର ଶାଢୀ, ବେଙ୍ଗଲ ଜାମଦାନୀ ଶାଢ଼ୀ, କର୍ଣ୍ଣାଟକ ସ୍ଲିକ୍ ଶାଢ଼ୀ, ଜୟପୁରୀ ନାଇଟୀ, କାଶ୍ମୀର କୁର୍ତ୍ତି, ଗୁଜରାଟର ଚୁରନ, ଏଟିଙ୍ଗ୍ ଜ୍ୱେଲେରୀ, ଇମିଟେସନ ଜ୍ୱେଲେରୀ, ପଞ୍ଜାବୀ ଜୋତା, ରାଜସ୍ଥାନର ବେଡ଼ ସିଟ୍ ସହ ଅନେକ ସାମଗ୍ରୀ ଉପଲବ୍ଧ ରହିଛି। ଏହାସହ ମଥୁରା କେକ୍, ସିମଲା ମିର୍ଚ୍ଚା, ସୁଇଟ କର୍ଣ୍ଣ, ଭେଲପୁରୀ, ମମୋଜ ଭଳି ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ସୁବିଧା ରହିଛି। ଆୟୋଜିକା ତଥା ଗ୍ରୁପର ନିର୍ଦ୍ଦେଶିକା ଲୀନା ନାୟକ ଓ ମେଳାର ସଂଯୋଜକ ଏସ୍‌କେ ଅନାର ଆଗାମୀ ରାକ୍ଷୀ ପୂର୍ଣ୍ଣିମା ଓ ଜନ୍ମାଷ୍ଟମୀ ଉପଲକ୍ଷେ ରାଉରକେଲା ସମେତ ଆଖପାଖ ଅଞ୍ଚଳବାସୀ ସୁଯୋଗ ନେବା ପାଇଁ ନିବେଦନ କରିଛନ୍ତି।

# ଗୋରୁ ଗାଈଙ୍କ ଯୋଗୁଁ ସିରିଜ୍ ଦୁର୍ଘଟଣା

**ବଣାଇଁ, ୩।୮ (ସମିସ):** ବଣାଇଁ ଥାନା ଅନ୍ତର୍ଗତ ଚର୍ଚ୍ଚ ଛକ ନିକଟ ପଞ୍ଜାବ ବ୍ୟାଙ୍କ ସମ୍ମୁଖ ରାସ୍ତା ଉପରେ ଶୋଇଥିବା ଗାଈ ବଳଦକୁ ବଞ୍ଚାଇବାକୁ ଯାଇ ସିରିଜ୍ ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି। ଏକ କାର ଦେଓଗାଁ ପଟୁ ବଣାଇଁ ଆସୁଥିବା ବେଳେ ରାସ୍ତା ଉପରେ ଶୋଇଥିବା ଗାଈ ଗୋରୁଙ୍କୁ ବଞ୍ଚାଇବାକୁ ଯାଇ ରାସ୍ତା ପାର୍ଶ୍ୱକୁ କାଟି ଥିବା ବେଳେ ପଛ ପଟୁ ଦ୍ରୁତ ଗତିରେ ଏକ ବୋଲେରୋ ଆସି କାର୍‌କୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିର ଆଗ ଚକା ଫାଟି ଗାଡିଟି ରାସ୍ତା ପାର୍ଶ୍ୱରେ ଅଟକି ଯାଇଥିଲା। ଉଭୟ ଗାଡ଼ିର କ୍ଷୟକ୍ଷତି ବହୁତ ହୋଇଥିଲେ ମଧ୍ୟ କେହି ମୃତାହତ ହୋଇ ନଥିବା ଜଣାପଡ଼ିଛି। ସେହି ସମୟରେ ଜଣେ ବୁଲେଟ ଆରୋହୀ ମଧ୍ୟ ସେହି ଦୁର୍ଘଟଣାରେ ତଳେ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣପାଡ଼ିଛି। ବାରମ୍ବାର ରାସ୍ତା ଉପରେ ଗାଈ ଗୋରୁଙ୍କ ପାଇଁ ଛୋଟବଡ ଦୁର୍ଘଟଣା ଘଟିବା ସହ ଧନ ଜୀବନ ହାନି ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସ୍ଥଳରେ ବଣାଇଁ ପୁଲିସ ପିସିଆର ଗାଡ଼ି ପହଞ୍ଚି ବୋଲେରୋ ଓ କାର୍ ଚାଳକଙ୍କୁ ଥାନାକୁ ନେଇ ତଦନ୍ତ କରୁଛି।

# ସଙ୍ଗୀତ ଶିଳ୍ପୀ ସମାଜର ସଙ୍ଗୀତ ସନ୍ଧ୍ୟା



**ରାଉରକେଲା, ୩।୮ (ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ଜୁଲାଇ ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର - ୧୯ ସ୍ଥିତ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପଣ୍ଡିତ ଅଜୟ ପାଣିଙ୍କ ବେଦମନ୍ତ୍ର ଉଚ୍ଚାରଣ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ଶରତ ଦଳ ସଭାକୁ ସମ୍ବୋଧିତ କରିଥିଲେ। ବରିଷ୍ଠ ତବଲା ଗୁରୁ ରଞ୍ଜନ ସାହୁ ଏବଂ ବରିଷ୍ଠ ତବଲା ବାଦକ ମନବୋଧ ମିଶ୍ର ସମସ୍ତ ଶିଳ୍ପୀମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରିଥିଲେ। ବିଶ୍ୱାସ ରଞ୍ଜନ ରାଉତରାୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ, ଅନୁରାଗ ପ୍ରଧାନ, ରାଜା ମୁଣ୍ଡାରୀ ଏକକ ବଂଶୀ ବାଦନ କରିଥିଲେ। କୈଳାସ ମହାରଣା, ପ୍ରିତିରାଣୀ ପଣ୍ଡା, ଆଦ୍ୟାଶା ଦାସ, ସୁରେଶ୍ୱରୀ ଦାସ, ଜ୍ୟୋସ୍ନା ମହାପାତ୍ର, କାଦମ୍ବିନୀ ପଣ୍ଡା, ଶକୁନ୍ତଳା ସାହୁ, ପ୍ରଦିପ ପାତ୍ର ଓ ଜ୍ୟୋତି ପାତ୍ର ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ବିଭୁତି ପତି, ଗୁରୁ ନରେନ୍ଦ୍ର ନାୟକ, ଗୁରୁ ପୁଲିନ ରାଉତରାୟ, ଗୁରୁ ନରସିଂହ ପାଣିଗ୍ରାହୀ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ ପଟ୍ଟନାୟକ, ଜଗନ୍ନାଥ ଦାସ, ଚିନ୍ତାମଣି ଗୌଡ, ସୁରଜ କୁମାର ସରାଫ, ନମିତା ନାୟକ, ଦିଲ୍ଲିପ ବରିହା, ପ୍ରଶାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ



**ରାଉରକେଲା, ୩।୮ (ସମିସ):** ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସଂସ୍କୃତ ଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ବେହେରାଙ୍କ ସଭାପତିତ୍ୱ ଓ ମିନତୀ ଖମାରୀଙ୍କର ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଦବ୍ୟାସ ସଂସୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଉମାକାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଦେହୁରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ ପ୍ରଦର୍ଶନ କରାଯାଇଥିଲା। ସରୋଜ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସୁଜାତା ତ୍ରିପାଠୀ, ଅଜୟ ରାଉତ, ସରୋଜ ଜେନା, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗ ଡୁଙ୍ଗ, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରଥ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଛବିରାଣୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

**ସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC), ମନ୍ତ୍ରଣାଳୟ ଏହାର ପତ୍ର ସଂଖ୍ୟା IA-J-11015/34/2022-IA-II(M) , 29.07.2025 ତାରିଖ ଦ୍ୱାରା M/s ବେଦାନ୍ତ ଲିମିଟେଡ୍‌ଙ୍କର, ଲଖନପୁର ତହସିଲ, ଝାରସୁଗୁଡା ଜିଲ୍ଲା, ଓଡିଶାରେ ରେ ଅବସ୍ଥିତ କୁରାଲୋଇ (A) ଉତ୍ତର କୋଇଲା ଖଣିରୁ ବାର୍ଷିକ 8.00 ମିଲିଅନ୍ ଟନ୍ କୋଇଲା ଉତ୍ପାଦନ ପାଇଁ ପରିବେଶୀୟ ସ୍ୱୀକୃତି ପ୍ରଦାନ କରିଛି। ପରିବେଶୀୟ ସ୍ୱୀକୃତି ର ନକଲ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC) ମନ୍ତ୍ରଣାଳୟ ର ୱେବ୍‌ପୋର୍ଟାଲ http//parivesh.nic.in ରେ ଉପଲବ୍ଧ ହୋଇପାରିବ ।

# ନୂତନ ଶବଦାହ ଗୃହ କାର୍ଯ୍ୟକ୍ଷମ କେବେ?

ବଣାଇଁ, ୩।୮ (ସମିସ)



ବଣାଇଁ ସହର ଦେଓଗାଁ ବ୍ରାହ୍ମଣୀ ନଦୀ କୂଳରେ ଥିବା ସର୍ବଧର୍ମ ଶ୍ମଶାନ ଘାଟଟି ଅବ୍ୟବସ୍ଥାରେ ଘେରରେ ରହିଛି। କୌଣସି ପ୍ରକାରର ମୌଳିକ ସୁବିଧା ନ ଥିବାରୁ ଶବଦାହ ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମୃତକଙ୍କ ପରିବାର ଓ ଜ୍ଞାତି କୁଟୁମ୍ବ। ହିନ୍ଦୁଧର୍ମ ସମ୍ପ୍ରଦାୟର ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ଶବଦାହ ଗୃହ କୋଟି କୋଟି ଟଙ୍କା ବ୍ୟୟରେ ଆଜକୁ ୪ ବର୍ଷ ପୂର୍ବେ ନିର୍ମାଣ ହୋଇଛି। କିନ୍ତୁ ସର୍ବ ସାଧାରଣଙ୍କ ପାଇଁ ଆଜି ପର୍ଯ୍ୟନ୍ତ ତାହା ଖୋଲି ନଥିବାରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଆଉ କେତେଦିନ ପରେ ନୂତନ ଶବଦାହ ଗୃହ କାର୍ଯ୍ୟକ୍ଷମ ହେବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଚାରି ବର୍ଷ ତଳେ ଇସାରା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡକୁ ଏହି ନୂତନ ଅତ୍ୟାଧୁନିକ ଶବଦାହ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ବ୍ୟୟ ଅଟକଳ ପରିମାଣ ଓ କାର୍ଯ୍ୟର ଅବଧି ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନାହିଁ। ନିର୍ମାଣ କାର୍ଯ୍ୟକୁ ପରେ କେନ୍ଦୁଝର ଜିଲ୍ଲାର ଅନ୍ୟ ଜଣେ ଠିକାଦାର ଦେଖାରଖା କରୁଥିବା ଜଣାପଡ଼ିଥିଲା। ବିଦ୍ୟୁତ୍ ଚାଳିତ ଶବଦାହ ଗୃହ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏବେ ଘର ପଛପଟେ ଅସ୍ଥାୟୀ ଭାବେ ଶବଦାହ କରାଯାଉଛି। ଶବ ଦାହ ପାଇଁ ତିଆରି ହୋଇଥିବା ଲୁହା ଫ୍ରେମ୍‌ଟି ଦୀର୍ଘ ଦିନ ହେବ ନିଆଁ ସଂସ୍ପର୍ଶରେ ଆସି ଦୁର୍ବଳ ହୋଇଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଏହି ଲୁହା ଫ୍ରେମ୍‌ଟି କେତେବେଳେ ଯେ ଭୁଷୁଡିବ କହିହେଉ ନାହିଁ। ଶବଦାହ ପରେ ନିଆଁ ଲିଭାଇବାକୁ ଜଳର ଆବଶ୍ୟକ ଥିବା ବେଳେ ଶ୍ମଶାନରେ ଜଳଯୋଗାଣର କୌଣସି ସୁବିଧା କରାଯାଇନାହିଁ। ପାନୀୟ ଜଳ, ବିଶ୍ରାମ ସ୍ଥଳ ସହ ଆଲୋକର ବ୍ୟବସ୍ଥା ନଥିବାରୁ ରାତିରେ ଶବଦାହ କରିବାକୁ ଆସୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବଣାଇଁଗଡ଼ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆଙ୍କୁ ପଚାରିବାରୁ ନୂତନ ଶବଦାହ କେନ୍ଦ୍ର ଖୋଲିବା ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

**● ତିଆରୀ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ**

## ବାର୍ହା ମାଂସ ସହ ଜବତ, ୨ ଶିକାରୀ ଗିରଫ

କଣ୍ଟାବାଞ୍ଜି/ମୁରିବାହାଲ,୩।୮ (ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନାଞ୍ଚଳ ଅଧିକ ଆଦର୍ଶ ବିଦ୍ୟାଳୟ ପଛ ପଟେ ଥିବା ତିଆରୀ ସଂରକ୍ଷିତ ଜଙ୍ଗଲରେ ରବିବାର ମୁରିବାହାଲ ବନ ବିଭାଗ ଚଢ଼ଉ କରିଥିଲା। ସେଠାରେ କିଛି ଜଣଶିକାରୀ ବାରହା ଶିକାର କରି ରୋଷେଇ କରି ଖାଉଥିବା ସମୟରେ ବନ ବିଭାଗ ଚଢ଼ଉ କରି ରୋଷେଇ ହୋଇଥିବା ବାରହା ମାଂସ ସହ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ଦୁଇ ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ। ଗିରଫ ଶିକାରୀମାନେ ମୁରିବାହାଲ ଗାଁର ବୋଲି ଜଣାପଡିଛି। ଅନେକ ଦିନ ଶିକାରୀମାନେ ବାହରା ସହ ବିଭିନ୍ନ ଜଙ୍ଗଲ ଜନ୍ତୁ ଶିକାର କରି ଆସୁଥିଲେ।ରବିବାର ମୁରିବାହାଲ ବନ ବିଭାଗ ଏମାନଙ୍କୁ କାବୁ କରିବାରେ ସଫଳ ହୋଇଛି। ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

**● ଅଭିନବ ପ୍ରତିବାଦ**

## ଐତିହାସିକ କଳାମଣ୍ଡଳ ପଡ଼ିଆରେ ଧାନଚାଷ

ବଲାଙ୍ଗିର,୩।୮ (ସମିସ):ବଲାଙ୍ଗିର ସହରର କେନ୍ଦ୍ର ସ୍ଥଳିରେ ରହିଥିବା କୋଳଶ କଳା ମଣ୍ଡଳର ଉନ୍ନତିକରଣ ପାଇଁ ରାଜ୍ୟସରକାର ବିଗତ ଦିନରେ ୩ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁରକରିଥିଲେ। କିନ୍ତୁ କାର୍ଯ୍ୟଭାର ନେଇଥିବା ସଂସ୍ଥା କୋଶଳ କଳାମଣ୍ଡଳ ପଡିଆରେ ମାଟି କାଦୁଅ ଭର୍ତ୍ତି କରିବା ଦ୍ୱାରା ଏକ ଉର୍ବର ବାହାଲ ଜମିରେ ପରିଣତ ହୋଇଛି। ତେଣୁ ଏହି ପଡିଆର କିର୍ତ୍ତିରାଜ ସୁରକ୍ଷା



କମିଟି ପକ୍ଷରୁ ଏକ ପ୍ରତିବାଦ କାର୍ଯ୍ୟକ୍ରମ କରାଯାଇଥିଲା। ଧାନ ରୁଆ କାର୍ଯ୍ୟକ୍ରମ କରାଯାଇଥିଲା। ଐତିହ୍ୟ ବହନ କରୁଥିବା ପୁରୁଣା ମଞ୍ଚ ଯେଉଁ ମଞ୍ଚରେ ରାଜ୍ୟ ବାହାରୁ କଳାକାର କଳା ପ୍ରଦର୍ଶନ କରି ନାମିତ ହୋଇଛନ୍ତି ଆଠ ଦଶନ୍ଧି ବର୍ଷ ପୂର୍ତ୍ତି ଗଲାଣି ପୁରୁଣା ମଞ୍ଚ ଏ ଯାଏଁ ମରାମତି ହୋଇ ନାହିଁ। ଆଜି ଏହି ଅବସରରେ ସକାଳୁ ବ୍ରାହ୍ମଣ ବେଦ ମନ୍ତ୍ର କରି ଧାନ ରୁଆ କାର୍ଯ୍ୟ ଆରମ୍ଭ ହୋଇଥିଲା।.ଷି ଏବଂ କଳାକାର ହଳିଆ ଗୀତ ଗାଇ କୋଶଳ କଳା ମଣ୍ଡଳରେ ଧାନରୁଆ କାର୍ଯ୍ୟକ୍ରମ ହୋଇଥିଲା। ମାଟିରେ କୋଟି କୋଟି ଟଙ୍କା ପୋତି ହୋଇଥିବା ଓ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ ମଧ୍ୟ କିଛି କାର୍ଯ୍ୟକାରି ହୋଇନଥିଲା। କିଛି ଦିନ ତଳେ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ .ଲିଥିବା ବେଳେ କାଦୁର ସର ସର ହୋଇ .ଷ ଜମି ପାଲଟିଥିଲା। ଏହି ଅବସରରେ ଆଜି .ଷୀ ଦୁର୍ବାଦଳ ମହାକୁର ହଳିଆ ଗୀତ ଗାଇ ପ୍ରତିବାଦ ଜଣାଇଥିଲେ। ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର, ରିଣ୍ଟୁ ସାହୁ ଏବଂ କଳାକାର ଓ ବୁଦ୍ଧିଜୀବୀଙ୍କ ସହ ପଣ୍ଡିତ ରିଙ୍କୁ ଶତପଥି ଉପସ୍ଥିତ ଥିଲେ।

**ଦନ୍ଦରା ଗାଁରେ ଚାଷୀ ଆତ୍ମହତ୍ୟା ଘଟଣା**

# ପରିବାରକୁ ୨ କୋଟି କ୍ଷତିପୂରଣ ସହାୟତା ଦାବି

କଣ୍ଟାବାଞ୍ଜି,୩।୮ (ସମିସ):ଦନ୍ଦରଗାଁର ଚାଷୀ ରାଜ କୁମାର ପାତ୍ର ଚାଷ କରି ଭଲ ଦୁଇ ପଇସା ପାଇବା ପରେ ଋଣ ଟଙ୍କା ସୁଝିବି ଏବଂ ଘର ଖଣ୍ଡିଏ କରିବି ବୋଲି ସ୍ୱପ୍ନ ଦେଖି ଅନ୍ୟମାନଙ୍କ ପାଖରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରି ପ୍ରାୟ ୪ ଏକର ଜମିରେ ଚାଷ କରିବାକୁ ପ୍ରସ୍ତୁତି କରିଥିଲେ। ହେଲେ ଠିକ ଭାବରେ ବର୍ଷା ନ ହେବାରୁ ଜମି ଶୁଖିଲା ପଡିଲା। ଯାହାଫଳରେ ସେ କେମିତି ଚାଷ କରିବି ବୋଲି ଚିନ୍ତାରେ ପଡିଥିଲେ। ଋଣ ଆଣି ଚାଷ କରିଥିବାରୁ ସୁଝିବା ଚିନ୍ତାରେ ମାସିକ ଭାରସାମ୍ୟ ହରାଇ ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଦନ୍ଦର ଗାଁର ଚାଷୀ ରାଜ କୁମାର ପାତ୍ର ଶୁକ୍ରବାର ଦିନ ତାଙ୍କ ଚାଷ ଜମିରେ ବିଷପିଇ ଜୀବନ ହାରି ଦେଇଥିଲେ। ସେପଟେ ମୃତ ଚାଷୀଙ୍କ ଘରକୁ ବିଭିନ୍ନ ଦଳର ନେତା ଘନଘନ ଯାଉଥିବା ବେଳେ ଅଞ୍ଚଳରେ ରାଜନୀତି ମଧ୍ୟ ଚାଷୀ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ସରଗରମ ହୋଇ ପଡିଛି। ଶନିବାର ମୃତ ଚାଷୀଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ





ଓ ଝିଅଙ୍କୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଭେଟି ତାଙ୍କ କଥା ବୁଝି ଚାଷ ଜମି ପରିଦର୍ଶନ କରିଥିଲେ। ପରେ ବିଧାୟକ ଗଣମାଧ୍ୟମ ସମ୍ମୁଖୀନରେ ରାଜ କୁମାର ପାତ୍ର ଜଣେ ପ୍ରକୃତ ଚାଷୀ ଏବଂ ସେ ଧାନ ଓ ଛତୁ ଚାଷ କରିବାକୁ ପ୍ରସ୍ତୁତି କରିଛନ୍ତି।ସେ ଆତ୍ମହତ୍ୟା ଅନ୍ୟକେଉଁ କାରଣ ପାଇଁ କରି ଥାଇପାରନ୍ତି ବୋଲି ବିଧାୟକ ଗଣମାଧ୍ୟମରେ ଥିବା ମନ୍ତବ୍ୟ ଶୁଣିବା ପରେ କୃଷକ ସଂଗଠନ ସହ ବିଜୁ ଜନତା ଦଳ ଏବଂ ଅନ୍ୟ ସଂଗଠନ ମାନେ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିଛନ୍ତି।ଏନେଇ ବରଗଡ ସଂଯୁକ୍ତ କୃଷକ ସଂଗଠନ ଆଇନ ପରାମର୍ଶଦାତା ଅଜିତ କୁମାର ଶତପଥି ବିଧାୟକ ଲକ୍ଷ୍ମଣ ବାଗଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ବର୍ତ୍ତମାନ ଚାଷୀମାନେ ଋଣ ଗସ୍ତ କମ୍ପାନୀମାନଙ୍କ ଲକ୍ଷ ଲକ୍ଷ କୋଟି କୋଟି ଋଣ ଛାଡ ହୋଇ କରାଯାଉଛି। ହେଲେ ଗୋଟିଏ ଗରିବ ଚାଷୀ ପାଇଁ

**● ଅନ୍ନଦାତା ଆଜି କାହିଁକି ଜୀବନ ହାରୁଛି ;କୃଷକ ସଂଗଠନ**

ନିତି ନିୟମ ଆଇନ କଟକଣା କରାଯାଉଛି। ଯେଉଁ ଭାରତ କୃଷି ଅର୍ଥନୀତି ଜାତୀୟ ଜିଡିପିକୁ ସମୃଦ୍ଧ କରିଛି। ଯେଉଁ ଚାଷୀଙ୍କୁ ସରକାର ଅନ୍ନଦାତା କହୁଛନ୍ତି ସେମାନେ ଆଜି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ସରକାର ଚାଷୀ ଏବଂ ଚାଷୀ କିପରି ସୁଦୃଢ ହୋଇପାରିବ ପଦକ୍ଷେପ ନିଅନ୍ତୁ ନଚେତ ଆଜି ରାଜ କୁମାର ଜଣେ ଚାଷୀ ଆତ୍ମହତ୍ୟା କରିଛି ଆଗାମୀ ଦିନରେ ମାହାରାଷ୍ଟ୍ର ଭଳି ଶହ ଶହ ଚାଷୀ ଓଡ଼ିଶାରେ ଆତ୍ମହତ୍ୟା କରିବେ ବୋଲି ସମାଲୋଚନା କରିଛନ୍ତି।

### କାହିଁକି ଚାଷୀ ଜୀବନ ହାରିଲେ ବିଧାୟକ ଉତ୍ତର ଦିଅନ୍ତୁ

ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଜିଲ୍ଲାରେ ଚାଷୀ ଆତ୍ମହତ୍ୟା ପରିତାପର ଓ ଦୁଃଖର ବିଷୟ ଅଟେ। କାରଣ ଚାଷୀ ରାଜକୁମାର ପାତ୍ର ୩ଲକ୍ଷ ଋଣ କରି ଚାଷ କରୁଥିବା ତାଙ୍କ ପତ୍ନୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେଥି ପାଇଁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଚାଷୀ ରାଜ କୁମାର ପାତ୍ରଙ୍କ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କିନ୍ତୁ ଯେତେବେଳ ବିଜେପି ରାଜ୍ୟରେ ସରକାରରେ ନଥାଇ ଗୋଟିଏ କଥା କହୁଥିଲେ ହେଲେ ଏବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ତାଙ୍କ ଦଳର ବିଧାୟକ ଲକ୍ଷ୍ମଣ ବାଗ ଚାଷୀ ଆତ୍ମହତ୍ୟା ନୁହେଁ ବୋଲି କହିବା ପରିତାପର ବିଷୟ। ବିଧାୟକ ଲକ୍ଷ୍ମଣଙ୍କ ଏହି କଥାକୁ ଆମେ ଦୃଢ ଭାବେ ନିନ୍ଦା କରୁଛୁ କାରଣ ଚାଷୀ ଯେତେବେଳ ବିଷଖାଇ ଜମିରେ ମରିଛି।ବର୍ଷା ହୋଇନାହିଁ ଏବଂ ତାଙ୍କ ଜମିରେ ପାଣି ନାହିଁ ମରୁଡି ପଡିଛି ତେବେ କଣ ତାର ପ୍ରଭାବ ଚାଷୀର ମାନସିକ ସ୍ଥିତି ଉପରେ ପ୍ରଭାବ ପଡିବ ନାହିଁକି ବୋଲି ପ୍ରଶ୍ନ କରିଛନ୍ତି। ତେଣୁ କରି ଯେଉଁ ବିଧାୟକ ଲକ୍ଷ୍ମଣ ବାଗ ଏହି କଥା କହୁଛନ୍ତି ଏହା ପୂର୍ବରୁ ସରକାରକୁ ତାଙ୍କ ଦଳ ନ ଆସିବା ପୂର୍ବରୁ ତାଙ୍କ ମିଡ଼ିଆରେ ଦେଇ ଥିବା ବାଇଟ୍ ଗୁଡିକ ଦେଖି ଦିଅନ୍ତୁ। ଯଦି ବିଷ ପିଇ ଚାଷୀ ରାଜକୁମାରଙ୍କ ମୃତ୍ୟୁ ହୋଇଛି ଏବଂ ଚାଷୀ ଆତ୍ମହତ୍ୟା ନୁହେଁ ତେବେ ତାଙ୍କ ମୃତ୍ୟୁ କାହିଁକି ହୋଇଛି କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ତାଙ୍କ



ସ୍ପଷ୍ଟ ଉତ୍ତର ତୁରନ୍ତ ଦିଅନ୍ତୁ। ସରକାର ଏହାକୁ ଚାଷୀ ଆତ୍ମହତ୍ୟା ବୋଲି ଗ୍ରହଣ କରିବା ସହ ତାଙ୍କ ପରିବାରକୁ ୨ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରନ୍ତୁ ଏବଂ ବିଧାୟକ ଲକ୍ଷ୍ମଣ ବାଗ ଚାଷୀ ଆତ୍ମହତ୍ୟା ନୁହେଁ ବୋଲି କହି ଖସି ଯିବାକୁ ଯେଉଁ ଉଦ୍ୟମ କରୁଛନ୍ତି ତାହାକୁ ଆମେ ଦୃଢ ନିନ୍ଦା କରୁଛୁ ବୋଲି ବରଗଡ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି।

## ବିଧାୟକଙ୍କ ବିରୋଧରେ ଆନ୍ଦୋଳନ ପାଇଁ ଚେତାବନୀ ଦେଲେ ଅଜିତ

ଚାଷୀ ରାଜକୁମାର ପାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଗଣମାଧ୍ୟମ ସମ୍ମୁଖୀନରେ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରିଛି ବିଜୁ ଜନତା ଦଳ। ଚାଷୀ ମୃତ୍ୟୁ ଘଟଣାକୁ ନେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ବିଜେଡି ନେତା ଅଜିତ ଯୋଶୀ। ଚାଷୀ ରାଜକୁମାର ପାତ୍ର ଚାଷ ପାଇଁ ନୁହେଁ ଅନ୍ୟ କୌଣସି କାରଣ ପାଇଁ ତାଙ୍କ ମୃତ୍ୟୁ ହୋଇଥାଇ ପାରେ ବୋଲି ବିଧାୟକ ଲକ୍ଷ୍ମଣ ବାଗ କହୁଛନ୍ତି ଯାହା ନିନ୍ଦନୀୟ ଅଟେ। ଯେଉଁ ବିଧାୟକ ଚାଷୀ ଘର ପୁଅ ବୋଲି ସେ ପରିଚୟ ଦିଅନ୍ତି ଆଜି ସେହି ଚାଷୀ ଘର ପୁଅ ଚାଷୀଙ୍କ ଦୁଃଖ କଣ ବୁଝି ପାରୁନାହାଁନ୍ତି। ଆମେ ସେହି ପରିବାରକୁ ରାଜ୍ୟ ସରକାର ୨ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରୁଛୁ।



ଯଦି କଣ୍ଟାବାଞ୍ଜି ବିଧାୟକଙ୍କ ଏହି ପରିବାର ପ୍ରତି ଟିକେ ଦରଦ ଅଛି ତେବେ ତୁରନ୍ତ ସେହି ପରିବାରକୁ ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ସହାୟତା ରାଶି ଦେବାକୁ ସ୍ୱର ଉଠାନ୍ତୁ। ଯଦି ଚାଷୀଙ୍କୁ ଭୁଲ ସଜାଇବାକୁ କଣ୍ଟାବାଞ୍ଜି ବିଧାୟକ ଏହି ପ୍ରକାର ମନ୍ତବ୍ୟ ପୁଣି ଦେବେ ତେବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୋଧ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଶ୍ରୀ ଯୋଶୀ କହିଛନ୍ତି।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ମଦମୁକ୍ତି ଗାଁ ଅଭିଯାନ




ପାଟଣାଗଡ଼,୩।୮ (ସମିସ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ଗ୍ରାମ ପଞ୍ଚାୟତ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ରବିବାର ମଦମୁକ୍ତି ଗାଁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତମିଆଁ ହାଟପଦା ଠାରେ ବିଭିନ୍ନ ସ୍ଥାନରୁ ଆସିଥିବା ସଂଘର କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ପରେ ପ୍ରଥମେ ଆଦିବାସୀ ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ବିଭିନ୍ନ ମଦ ବିରୋଧୀ ସ୍ଲୋଗାନ ଦେଇ ସରକାରଙ୍କ ମଦନିତୀ ବିରୋଧରେ ସ୍ଲୋଗାନ ଗୁଡିକ ଦେଇ ଗାଁ ପରିକ୍ରମା କରି ସଭା ସ୍ଥଳକୁ ପହଞ୍ଚିଥିଲେ। ସଭା ପୂର୍ବରୁ ପାଟଣାଗଡ଼ ତହସିଲଦାର ରୁଦ୍ରମଣି ନାଏକ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।ପରେ ତମିଆଁ ପଞ୍ଚାୟତ ସଭାପତି ଶେଷଦେବ ଭୋଇଙ୍କ ସଭାପତିତ୍ୱରେ ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର, ସମ୍ପାଦକ ସାରଥୀ ବାଗ,ବିଭିନ୍ନ ପଞ୍ଚାୟତ ସଭାପତି ଯୋଗେଶ୍ୱର ଭୋଇ,ସହଦେବ ଧରୁଆ, କଶ୍ରୁ ବରିହା, ପ୍ରଦୀପ ବରିହା,ଲଳିତ ମିର୍ଦ୍ଧା, ଭୁଲା ମଲ୍ଲିକ,ବିରଞ୍ଚି ବୁଡ଼େକ, ଜଳ ଧରୁଆ, ମଙ୍ଗଳୁ ବରିହା, ସରୋଜ ଭୋଇ, ଶ୍ରୀମତୀ ହରିପ୍ରିୟା ବରିହା, ଉକିଲ ବରିହା, ମଦନ ମାଝୀ, ରମେଶ କୁମୁରା ପ୍ରମୁଖ ମଦମୁକ୍ତି ଅଭିଯାନ ଓ ସରକାରଙ୍କ ମଦ ମଦନିତୀ ବିରୋଧରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ତମିଆଁ ମଦଭାଟି ବନ୍ଦ କରାଯାଇ ପରେ ପାଟଣାଗଡ଼ ବ୍ଲକର ଖୁଣ୍ଟସମଲେଇ,ଲରମ୍ଭା, ପାଢେଲ, ଯୋଗିମୁଣ୍ଡା, ଭଇଁସା, ବଡ଼ବାବେଜୁରୀ ଓ ପାଟଣାଗଡ଼ ମଦ ଭାଟି ବନ୍ଦ କରି ପାଟଣାଗଡ଼ ଉପଖଣ୍ଡକୁ ମଦମୁକ୍ତି ଘୋଷଣା କରିବାକୁ ଦାବି କରିଥିଲେ। ଆଗାମୀ ଦିନରେ ରାଜ୍ୟ ସରକାର ମଦଭାଟି ବନ୍ଦ ନକଲେ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଥିଲେ। ଏହି ମଦ ମୁକ୍ତି ଅଭିଯାନରେ ଶତାଧିକ ଆଦିବାସୀ ପୁରୁଷ ମହିଳା ଯୋଗଦେଇଥିବା ବେଳେ ପିଣ୍ଟୁ ବୁଡ଼େକ ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଲରମ୍ଭା ଥାନାଧିକାରୀଙ୍କ ନେତୃତ୍ୱରେ ଗୋଟିଏ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# କୁଲୁତା ସମାଜ ପକ୍ଷରୁ ଚାରାରୋପଣ

ବଲାଙ୍ଗିର,୩।୮ (ସମିସ):କୁଲୁତା ସମାଜ ବଲାଙ୍ଗିର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଶଙ୍କର୍ଷଣ ପଧାନ ଓ ସଂପାଦକ ଶାନ୍ତନୁ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ରାମଚଣ୍ଡି ସେବାସଦନ କାମାକ୍ଷିନଗର, ବଲାଙ୍ଗିରରେ ହୋଇଥିଲା। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ ଓ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କୁଲୁତା ସମାଜ ସଭାପତି ବେଲାର ସିଂ ଭୋଇ, ପୁଇଁନ୍ତଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର ପଧାନ ଯୋଗଦାନ କରି ଚାରାରୋପଣ କରିଥିଲେ। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାହାସ ବିହାରୀ ମାଝି, ସୁରଥ ପଧାନ, କୋଷାଧ୍ୟକ୍ଷ ଶିରୋମଣି ସାହୁ, ସହସଂପାଦକ ମଧୁ ସାହୁ, ସହଦେବ ପଧାନ, ପ୍ରହଲ୍ଲାଦ ଭୋଇ, କୁନ୍ତଳା ଗଡତ୍ୟ,ଇଂଭୁବନ ସାହୁ, ରାମଚନ୍ଦ୍ର ଭୋଇ, ପୂର୍ବସଭାପତି ରବିନ୍ଦ୍ର କୁମାର ପଧାନ, ଶାନ୍ତନୁ ପାତ୍ର, ଯୁବ ସାମ୍ମୁଖ୍ୟର ରବିନ୍ଦ୍ର ପଧାନ, ଲେଙ୍କା ସାହୁ, ସଂଜିବ କୁମାର ସାମଲ, ସୁଦର୍ଶନ ସାହୁ, ରୋହିମ ରଂଜନ ସାହୁ, ପ୍ରକାଶ ସାହୁ, ଶ୍ରୀନିବାସ ସାହୁ ତଥା ସମାଜର ସମସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ।




# ମାଁ ମାହେଶ୍ୱରୀ ସେନାର ବୈଠକ



ବଲାଙ୍ଗିର,୩।୮ (ସମିସ):ବଲାଙ୍ଗିର ଜିଲ୍ଲା ମାଁ ମାହେଶ୍ୱରୀ ସେନା ତରଫରୁ ବୈଠକ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ଜିଲ୍ଲା ମାଁ ମାହେଶ୍ୱରୀ ସେନା ସଭାପତି ମନୋଜ କରନ ବୈଠକରେ ସଭାପତିତ୍ୱ କରି ଆଗାମୀ ଦିନରେ ମାଁ ମାହେଶ୍ୱରୀ ସେନା ଦ୍ୱାରା ହେବାକୁ ଥିବା କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଦିନ କେଇଟା ପରେ ଆସୁଛି ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ନୂଆଁଖାଇ ପାଇଁ ଉତ୍ସବ ମୁଖର ହୋଇଉଠେ ଗାଁ ରୁ ସହର। କିନ୍ତୁ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କ ସମ୍ପର୍କୀୟ ସମସ୍ତ ଦୋକାନ ବଜାର ବନ୍ଦ ରହିବା ଦ୍ୱାରା ବହୁତ ହଇରାଣ ହୋଇଥାନ୍ତି। ସେଥିପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଁ ମାହେଶ୍ୱରୀ ସେନା ତରଫରୁ ତୃତୀୟ ବର୍ଷ ପାଇଁ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଦିନ ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲ ରେ ମାଗଣା ଖାଦ୍ୟ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଆଗକୁ ଖାଦ୍ୟ ବଣ୍ଟଣ ସହିତ ବୃକ୍ଷରୋପଣ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ଶିବିର କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ମାଁ ମାହେଶ୍ୱରୀ ସେନାର ସଂପାଦକ ରମାକାନ୍ତ ମେଶ୍ରା, ଉପସଭାପତି ମନୋଜ ଖମାରୀ, କୋଷାଧ୍ୟକ୍ଷ ଅରୁଣ ପଲତା, ଜିଲ୍ଲା ମୁଖ୍ୟ ପର୍ଯ୍ୟବେକ୍ଷକ ସୁରେଶ କମ୍ପ, ବଲିଆର ସିଂ ବସ୍ତିଆ, ନନ୍ଦଲାଲ ମେଲ୍ଲ, ଅନିଲ ପଳିଆ, ରଞ୍ଜନ ଦନ୍ତା, ହେମନ୍ତ ଛୁରିଆ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ।

## ଆଦିବାସୀ ଅଧିକାର ମହାସଂଘର ବୈଠକ

ବଲାଙ୍ଗିର,୩।୮ (ସମିସ): ଆଦିବାସୀ ଅଧିକାର ମହାସଂଘ ବଲାଙ୍ଗିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରାହାସ ବିହାରୀ ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା।ସଂଘର କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ସମସ୍ତଙ୍କ ନିଷ୍ପତ୍ତିକ୍ରମେ ନୂତନ କର୍ମକର୍ତ୍ତାଚୟନ କରାଗଲା। ସଭାପତି ଭାବରେ ମୟ ପ୍ରଧାନୀ, ସଂପାଦକ ସୁରେନ୍ଦ୍ର ଭୋଇ, ଉପସଭାପତି ଚନ୍ଦ୍ର ଶେଖର ଜାଲ, ତ୍ରିପୁରା ମୁଣ୍ଡା, ସହସଂପାଦକ ସୁଧିର ମୁଣ୍ଡା, ସୁରେନ୍ଦ୍ର ମାଝି, କୋଷାଧ୍ୟକ୍ଷ ଅଶୋକ କୁମାର ବୁଡେକ, ଗଣମାଧ୍ୟମ ଅଧ୍ୟକ୍ଷ କାଳିନ୍ଦ୍ରୀ ମାଝି, ସଭ୍ୟ ବିରବର ଧ୍ୱଜ, ଆଲୋକ ଭୋଇ, ରାତୁ କାଲସାଏ, ମୁଖ୍ୟ ଉପଦେଷ୍ଟା ଯଥା ବିଶ୍ୱାଲ, ଉପଦେଷ୍ଟା ରାହସ ବିହାରୀ ଭୋଇ। ଆଗାମି ଦିନରେ ଆଦିବାସୀ ଅଧିକାର ମହାସଂଘ ଗ୍ରାମାଞ୍ଚଳର ଆଦିବାସୀମାନଙ୍କ ପାଖରେ ସମ୍ବିଧାନିକ ହକ୍ ଅଧିକାର କିପରି ପହଞ୍ଚି ପାରିବ ମତ ପ୍ରକାଶ ପାଇଥିଲା। ଆସନ୍ତା ୯ ତାରିଖ ବିଶ୍ୱ ଆଦିବାସୀ ଦିବସ ବଲାଙ୍ଗିର ସହର ଭିତରେ ମହାଆଡମ୍ବରରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଗୁଲଠୁ ସିଂ ମାଝି, ପୁରନ୍ଦର ମୁଣ୍ଡା, ନାରାୟଣ ଭୋଇ, କେଶବ ଭୋଇ, ବାସୁଦେବ ଭୋଇ, ସୁଦର୍ଶନ ଭୋଇ, ଶଙ୍କର ମୁଣ୍ଡା, ବିଭିନ୍ନ ସଂପ୍ରଦାୟର ଶତାଧିକ ଆଦିବାସୀଉପସ୍ଥିତ ଥିଲେ।

**ଚର୍ଚ୍ଚାରେ ପାଟଣାଗଡ଼ ଡାକ୍ତରଖାନା**

# ଆମ୍ବୁଲାନ୍ସ ଛାଡ଼ି ଚାଲିଯିବାରୁ ରୋଗୀଙ୍କ ମୃତ୍ୟୁ !

ପାଟଣାଗଡ଼,୩।୮ (ସମିସ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଲାଇନପଡାର କ୍ଷୀରୋଦ୍ର କଠାର (୬୨)ଙ୍କ ଦେହ ଅସୁସ୍ଥ ଯୋଗୁଁ ରବିବାର ସକାଳୁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବେଡ ଅଭାବରୁ ବାରଣ୍ଡାରେ ଚିକିତ୍ସିତ ହେଉଥିଲେ।ଅପରାହ୍ନ ୩ ଟା ୩୦ ସମୟରେ ଅବସ୍ଥା ଗୁରୁତର ହେବାରୁ ଚକ୍ଷୁ ବିଶେଷଜ୍ଞ ଡାକ୍ତର ବିଜୟ ମାଳି ରୋଗୀ ଶ୍ରୀ କଠାରଙ୍କୁ ଅକ୍ସିଜେନ ଲଗାଇ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରିଥିଲେ।ଶ୍ରୀ କଠାରଙ୍କ ପୁଅ ସଦାନନ୍ଦ କଠାର ୩ ଟା ୫୭ରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ।କିଛି ସମୟ ପରେ ଆମ୍ବୁଲାନ୍ସ ପହଁଞ୍ଚି ଡ୍ରାଇଭର ଜଣକ ରୋଗୀଙ୍କୁ ଗାଡ଼ିକୁ ଆଣିବା ପାଇଁ କହିଥିଲେ।ପରିବାର ଲୋକେ



ରୋଗୀଙ୍କୁ ଷ୍ଟ୍ରେଚର ଯୋଗେ ଆମ୍ବୁଲାନ୍ସ ନିକଟକୁ ଆଣୁଥିବା ବେଳେ ଡ୍ରାଇଭର ଗାଡ଼ି ନେଇ କୁଆଡେ ଚାଲିଯାଇଥିଲେ।ପରେ ରୋଗୀଙ୍କ ଅବସ୍ଥା ଆହୁରି ଗୁରୁତର ହେବାରୁ ପରିବାର ଲୋକେ ଡାକ୍ତରଙ୍କୁ ଡାକିଥିଲେ। ସେତେବେଳେ ରୋଗୀଙ୍କ ଜୀବନ ଚାଲିଯାଇଥିବା ଜାଣିବାକୁ ପାଇଥିଲେ।ଉକ୍ତ

**● ଡାକ୍ତରଖାନା ସମ୍ମୁଖରେ ଶବ ରଖି ରାସ୍ତାରୋକ**

ଘଟଣାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।ପରେ ଅପରାହ୍ନ ୫ ଟା ୩୦ ସମୟରେ ପାଟଣାଗଡ଼ ଡାକ୍ତରଖାନା ସମ୍ମୁଖରେ ମୁଖ୍ୟରାସ୍ତା ଉପରେ ଶବ ରଖି ପରିବାର ଲୋକେ ରାସ୍ତାରୋକ କରିଥିଲେ।ରାସ୍ତାରୋକ ଯୋଗୁଁ ମୁଖ୍ୟରାସ୍ତା ହୋଇଥିବାରୁ ଉଭୟ ପଟେ ଯାନବାହାନ ଯିବାଆସିବା ଠପ ହୋଇଯାଇଥିଲା।ପରେ ରାସ୍ତାରୋକ ସ୍ଥାନକୁ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ସହ ପୁଲିସ ଫୋର୍ସ ଓ ତହସିଲଦାର ରୁଦ୍ରମଣି ନାୟକ ପହଁଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ରାସ୍ତାରୋକରେ ସାମିଲ ଥିବା ଲୋକେ ଡାକ୍ତରଖାନାର ଏସ୍‌ଡିଏମଓ ପୀତବାସ ସାଙ୍କୁ ଡାକି ଉକ୍ତ ଆମ୍ବୁଲାନ୍ସକୁ ଡାକି ତଦନ୍ତ କରିବାକୁ ଜିଦ ଧରିଥିଲେ।ପରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେର ପହଁଞ୍ଚି ମୃତଙ୍କ ପରିବାରକୁ ରେଡ୍‌କ୍ରସରୁ ଦଶ ହଜାର ଟଙ୍କା ଓ ଛାଡି ଚାଲିଯାଇଥିବା ଆମ୍ବୁଲାନ୍ସ ଡ୍ରାଇଭର ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା।

**ସାଧାରଣ ବିଜ୍ଞପ୍ତି**

ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC), ମନ୍ତ୍ରଣାଳୟ ଏହାର ପତ୍ର ସଂଖ୍ୟା IA-J-11015/34/2022-IA-II(M) , 29.07.2025 ତାରିଖ ଦ୍ୱାରା M/s ବେଦାନ୍ତ ଲିମିଟେଡ଼ଙ୍କର, ଲଖନପୁର ତହସିଲ, ଝାରସୁଗୁଡା ଜିଲ୍ଲା, ଓଡିଶାରେ ରେ ଅବସ୍ଥିତ କୁରାଲୋଇ (A) ଉତ୍ତର କୋଇଲା ଖଣିରୁ ବାର୍ଷିକ 8.00 ମିଲିଅନ୍ ଟନ୍ କୋଇଲା ଉତ୍ପାଦନ ପାଇଁ ପରିବେଶୀୟ ସ୍ୱୀକୃତି ପ୍ରଦାନ କରିଛି। ପରିବେଶୀୟ ସ୍ୱୀକୃତି ର ନକଲ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ (MoEF&CC) ମନ୍ତ୍ରଣାଳୟ ର ୱେବ୍‌ପୋର୍ଟାଲ http//parivesh.nic.in ରେ ଉପଲବ୍ଧ ହୋଇପାରିବ ।

ପରକିୟା ପ୍ରୀତି ଧରାପଡ଼ିବା ପରେ...

## ସ୍ୱାମୀଙ୍କୁ ଛାଡ଼ି ପ୍ରେମିକକୁ ବିବାହ କଲେ

**ଭୁବନ, ୩।୮ (ସମିସ):** ଚୋରା ପୀରତି କାହା ପାଇଁ ମଜା ତ କାହା ପାଇଁ ସଜା। ଜଣେ ବିବାହିତା ମହିଳା ଓ ଯୁବକ ଚୋରା ପୀରତିରେ ଲିପ୍ତ ଥିବାବେଳେ ଧରିଦେଲେ ଗ୍ରାମବାସୀ। ଅନ୍ୟ ଉପାୟ ନ ପାଇ ବାଧହୋଇ ଦୁଇ ଛୁଆର ମା' ହାତରୁ ଶଙ୍ଖା କାଢ଼ିଲେ, ମଥାରୁ ସିନ୍ଦୂର ପୋଛିଲେ। ବାହୁରୁ ବ୍ରତ କାଢ଼ି ସ୍ୱାମୀ ହାତକୁ ଦେଲେ। ପରେ ପ୍ରେମିକ ହାତରୁ ଶଙ୍ଖା, ସିନ୍ଦୂର ନେଇ ତାଙ୍କୁ ବିବାହ କଲେ। ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସୀମାନ୍ତ ଓଡ଼ିଶ ପଞ୍ଚାୟତ ବଡ଼କାଠିଆ ଗ୍ରାମରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ବଡ଼କାଠିଆ ଗ୍ରାମର ଏହି ବିବାହିତା ମହିଳାଙ୍କ ଘରକୁ ରାତିଅଧରେ ଆସିଥିଲେ କଙ୍କଡ଼ାହାଡ଼ ବ୍ଲକ ଅଞ୍ଚଳର ଜଣେ ବିବାହିତ ଯୁବକ। ଗ୍ରାମବାସୀ ଦୁହିଁଙ୍କୁ ଧରିଦେଇଥିଲେ। ମହିଳାଙ୍କ ସ୍ୱାମୀ ଯେଉଁ କମ୍ପାନୀରେ ଡ୍ରାଇଭର୍ କାମ କରନ୍ତି ଯୁବକ ଜଣକ ସେହି କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଅଛନ୍ତି। ଏହି ସୁଯୋଗରେ ଯୁବକ ଜଣକ ମହିଳାଙ୍କ ଘରକୁ ରାତିରେ ଆସୁଥିଲେ। ତେବେ ଶନିବାର ରାତିରେ ଉଭୟଙ୍କୁ ଗ୍ରାମବାସୀ ଧରିଦେଇଥିଲେ।

## ଗାଁ ରାସ୍ତାରୁ ଗାଈକୁ ଝାମ୍ପି ନେଲା କୁମ୍ଭୀର

**କର୍ଯାଁଗୋଲା, ୩।୮ (ସମିସ):** ବୈତରଣୀ ନଦୀରେ ବନ୍ୟା ଆସିବା ପରେ ଏବେ ଗାଁ ମୁହାଁ ହୋଇଛନ୍ତି କୁମ୍ଭୀର। ଦଶରଥପୁର ବ୍ଲକ କର୍ଯାଁ ପଞ୍ଚାୟତ ଅଧୀନ ଧରମପୁର ଗ୍ରାମରେ ଆଜି ଏକ ଗାଈକୁ କୁମ୍ଭୀର ଗାଁ ରାସ୍ତାରୁ ଝାମ୍ପି ନେଇଛି। ଗ୍ରାମର ଖାଲୁଆ ସ୍ଥାନ ବନ୍ୟା ଜଳରେ ବୁଡ଼ି ରହିଥିବାରୁ କୁମ୍ଭୀର ଆତଙ୍କ ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଛି। ଆଜି କର୍ଯାଁଗୋଲା ସେତୁ ନିକଟରୁ ଧରମପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଘାସ ଚରୁଥିବା ଗ୍ରାମର ଉତ୍ତମ ସାହଣୀଙ୍କ ଗୋଟିଏ ଗାଈକୁ ଏକ ୫ ଫୁଟ ଲମ୍ବର କୁମ୍ଭୀର ରାସ୍ତା କଡ଼ରୁ ନଦୀ ଭିତରକୁ ଝାମ୍ପି ନେଇଥିଲା। କୁମ୍ଭୀର ଗାଈକୁ ନଦୀ ପଠାରୁ ଭିତରକୁ ନେଇଯାଉଥିବା ଦେଖି କିଛି ଗ୍ରାମବାସୀ ହୋ-ହାଲ୍ଲା କରିବାରୁ କୁମ୍ଭୀର ଗାଈକୁ ଛାଡି ନଦୀ ଭିତରକୁ ପଳାଇଯାଇଥିଲା। ଖଣ୍ଡିଆଖାବର ଓ ଗୁରୁତର ଆହତ ଗାଈକୁ ଗ୍ରାମବାସୀ ନଦୀ ପଠାରୁ ଉଦ୍ଧାର କରିଥିଲେ। ତୁରନ୍ତ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ଗାଈର ଚିକିତ୍ସା କରାଯାଇଥିଲେ ମଧ୍ୟ ଶରୀରରେ ଗମ୍ଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଗୋ-ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଉତ୍ତମ ସହଣୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମାଫିଆ ସକ୍ରିୟ; ପ୍ରଶାସନ ସ୍ଥାଣୁ

# ଗୋଚରରୁ ତାଡ଼ି ନେଉଛନ୍ତି ମୋରମ

କବାଟବନ୍ଧ, ୩।୮ (ସମିସ)



ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଛାଖଣ୍ଡି ସୁନାରୀକାଛିଆ ନିକଟରୁ ମୋରମ ଲୁଟ ହେଉଥିବା ଜଣାପଡ଼ିଛି। ଏହି ଅଞ୍ଚଳରୁ ଦୈନିକ ଶତାଧିକ ଟ୍ରିପ୍ ହାଇୱା ମୋରମ ଲୁଟ କରି ଭଦ୍ରକ, ବାଲେଶ୍ୱର, ପାରାଦୀପ ଆଦି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି। ଜେନାପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଲଘୁଖଣିଜ ସମ୍ପଦ ଲୁଟ ଏକ ସାଧାରଣ ଘଟଣା ହୋଇଗଲାଣି। ସ୍ଥାନୀୟ ପୁଲିସ ହେଉ କିମ୍ବା ଲଘୁ ଖଣିଜ ସମ୍ପଦ ବିଭାଗ ହେଉ ଏଥିପ୍ରତି ତତ୍ପରତା ପ୍ରକାଶ କରୁନାହାଁନ୍ତି। ଯାହାକି ଜନସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ବିଛାଖଣ୍ଡି ଅଞ୍ଚଳରୁ ସ୍ଥାନୀୟ ଚକ୍ରଧରପୁର ଏବଂ ଏଣ୍ଡଳବା ଅଞ୍ଚଳର ମୋରମ ମାଫିଆମାନେ ଏକଜୁଟ ହୋଇ ଏହି ଲୁଟ କରୁଛନ୍ତି। ଏହା ଦ୍ୱାରା ଦୈନିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେବା ସହିତ ମାଫିଆରାଜ ବୃଦ୍ଧି ପାଉଛି। ଲଘୁ ଖଣିଜ ସମ୍ପଦ ଲୁଟକୁ ରୋକିବା ପାଇଁ ଟାସ୍କଫୋର୍ସ ଏବଂ ସବ୍‌ଡିଭିଜନାଲ କମିଟିର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାଫିଆମାନଙ୍କ ସହିତ ସୁସମ୍ପର୍କ ଥିବା ଅନୁଭବ ହେଉଛି। ଯାହା ଫଳରେ ପୁଲିସ କିମ୍ବା ଖଣି ଅଧିକାରୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଛଘୁଞ୍ଚା ଦେଉଛନ୍ତି। ଗତ ୬ ମାସ ମଧ୍ୟରେ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ମୋରମ ଲୁଟ ହୋଇ ହୋଇଥିବା ଅନୁମାନ କରାଯାଉଛି। ଲଘୁ ଖଣିଜ ସମ୍ପଦ ବିଭାଗ ପକ୍ଷରୁ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅଧୀନ କୌଣସି ସ୍ଥାନରୁ ମୋରମ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇନାହିଁ ବୋଲି ଲଘୁ ଖଣିଜ ଉପନିର୍ଦ୍ଦେଶକ ସ୍ପଷ୍ଟ କରିଛନ୍ତି। ମାତ୍ର ଜେନାପୁର ଥାନା ଅଞ୍ଚଳରୁ ବିଭିନ୍ନ ସ୍ଥାନରେ ଏହି ଲୁଟ ବେଧଡ଼କ ହେଉଥିଲେ ମଧ୍ୟ ସାମାନ୍ୟ ତଦନ୍ତ କରାଯାଇ ନାହିଁ। କେବେ କେଉଁ ଦିନଟିଏ ହେଲେ ଲୁଟ ହୋଇଥିବା ସ୍ଥାନ ମଧ୍ୟ ପରିଦର୍ଶନ କରି ସତ୍ୟାସତ୍ୟ ଯାଞ୍ଚ କରି ନାହାଁନ୍ତି। କୋଟି କୋଟି ଟଙ୍କାର ମୋରମ ସ୍ଥାନୀୟ ଜେନାପୁର ଥାନା ଅଧୀନରୁ ଲୁଟ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଜଣେ ମାଫିଆଙ୍କ ପାଖରେ ପହଞ୍ଚି ପାରୁନି ପୁଲିସ। ମୋରମ ମାଫିଆ ତ ଦୂରର କଥା ମୋରମ ଗାଡି ଟିଏ ମଧ୍ୟ ଧରିବାରେ ଅସମର୍ଥ ହୋଇଛି ପୁଲିସ ଏବଂ ଖଣି ବିଭାଗ। ଜଙ୍ଗଲ କିସମ, ଗୋଚର, ଆଦି କୌଣସି ସ୍ଥାନକୁ ମାଫିଆ ମାନେ ଛାଡ଼ି ନାହାଁନ୍ତି। ଏପରିକି କାଜୁ ଜଙ୍ଗଲ ଭିତରୁ ମୋରମ ତାଡି ନେଇ ବହୁ କାଜୁ ଗଛ ନଷ୍ଟ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। କାଜୁ ଉନ୍ନୟନ ନିଗମ ପକ୍ଷରୁ ଜେନାପୁର ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। କିନ୍ତୁ ପୁଲିସ କାହାକୁ ଧରିବା ତ ଦୂରର କଥା ମାଫିଆଙ୍କ ପାଖରେ ପହଞ୍ଚିବାକୁ ସାହସ ସଞ୍ଚୟ କରି ପାରୁନାହିଁ। ନାମକୁ ମାତ୍ର ରାତି ଅଧିଆ ପାଟ୍ରୋଲିଂ କରି ନିଜ ଦାୟିତ୍ୱ ସାରି ଦେଉଛି। ଚକ୍ରଧରପୁର ଏବଂ ଏଣ୍ଡଳବା ପଞ୍ଚାୟତର ମୋରମ ମାଫିଆମାନେ ବିଛାଖଣ୍ଡି ସୁନାରୀକାଛିଆ ଅଞ୍ଚଳରୁ ବହୁ ମୋରମ ଲୁଟ କରୁଛନ୍ତି। ଏପରିକି କିଛି ଚାଷୀଙ୍କର ଚାଷ ଜମିକୁ ମଧ୍ୟ ନଷ୍ଟ କରି ମୋରମ ତାଡି ନେଇଛନ୍ତି। ଜେନାପୁର ଥାନା ଅଞ୍ଚଳର ବାଲିସାହି, ମହୁଲଖଣି, ବିଛାଖଣ୍ଡି, ତାରିଣୀ ଛକ, କାଲୁଣିଗୋଡ଼, କାଜୁ ଜଙ୍ଗଲ ଆଦି ସ୍ଥାନରୁ ଲୁଟ ହୋଇଥିବା ମୋରମର ତଦନ୍ତ କରି କେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଶ୍ରାବଣ ଶେଷ ସୋମବାର ଶୈବପୀଠରେ ଜଳ ଲାଗି କରିବା ପାଇଁ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଜଳ ଉଠାଇବାକୁ କାଉଡିଆଙ୍କ ଭିଡ଼

## ଚଣ୍ଡିଖୋଲ କଲେଜ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଡଚଣା, ୩।୮ (ସମିସ):** ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱଙ୍ଗଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ କଲେଜ ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ୧୨ ତାରିଖରୁ କଲେଜର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଏହା ଏକ ବର୍ଷ ବ୍ୟାପୀ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରାଯିବ। କଲେଜ ପରିସରରେ ଥିବା ଭାରତ ପାକିସ୍ତାନ ଯୁଦ୍ଧରେ ସାମିଲଥିବା ବିଜୟ ସ୍ମାରକୀ ରକ୍ଷିଆ ନିର୍ମିତ ଟି-୫୫ କମାଣର ରକ୍ଷଣାବେକ୍ଷଣ କରାଯିବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ। କଲେଜର ପ୍ରତିଷ୍ଠାତା ସଭ୍ୟସଭ୍ୟା, ପରିଚାଳନା ସମିତି ସଭ୍ୟସଭ୍ୟା, କଲେଜର ପ୍ରଥମ କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନଙ୍କୁ ଏଥିରେ ସାମିଲ କରାଯିବା ପାଇଁ ଆଲୋଚନା କରାଯାଇଛି। ଏଥିରେ ସଂଘର ଉପଦେଷ୍ଟା ନିହାର ରଞ୍ଜନ ଦାସ ପଟ୍ଟନାୟକ, ଉପସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଓ ପ୍ରଦୀପ କୁମାର ଧଳ, ସୁଶ୍ରୀ କାମିନୀ ନାୟକ, ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା, ଚନ୍ଦନ ନାୟକ, ଅଧ୍ୟାପକ ବିଜୟ କେତନ ସାମଲ ଓ ଡ. ଦିଲ୍ଲୀପ କୁମାର ନାୟକ, ପ୍ରସନ୍ନ କୁମାର ବିଶ୍ୱାଳ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ପବିତ୍ର କୁମାର ରାଉତ, ଅନିଲ କୁମାର ଦାସ, ଜୟାରାମ ସାହୁ, କଳ୍ପତରୁ ସାହୁ, ଦେବେନ୍ଦ୍ର କୁମାର ନାୟକ, ଦୀପକ କୁମାର ସାମଲ, ତନ୍ମୟଜିତ ସ୍ୱାଇଁ, ସତ୍ୟବ୍ରତ ସେନାପତି ପ୍ରମୁଖ ଯୋଗଦେଇଥିଲେ।



## ହତ୍ୟା ଘଟଣାରେ ଦମ୍ପତି ଗିରଫ

**ତୁରୁମୁଙ୍ଗା, ୩।୮ (ସମିସ):** ପାଟଣା ଥାନା ଅଙ୍କୁରା ଗ୍ରାମର ଭକ୍ତବନ୍ଧୁ ନାଏକଙ୍କ ପୁଅ ଗଙ୍ଗାଧର (୨୮)ଙ୍କୁ ଗତ ବୁଧବାର ପିଟିପିଟି ହତ୍ୟା କରାଯାଇଥିବା ଘଟଣାରେ ରବିବାର ପାଟଣା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ଅଙ୍କୁରା ଗ୍ରାମର ଝପା ସାହି ଦମ୍ପତି ସୌମ୍ୟରଞ୍ଜନ ପାତ୍ର (୨୦) ଏବଂ ପତ୍ନୀ ବିଜୁଳି ପାତ୍ର (୧୯)। ଗଙ୍ଗାଧର ଗାଁ ନିକଟ ଝପାସାହିକୁ ଯାଇଥିବା ସମୟରେ ସେଠାରେ କିଛି ଲୋକ ସଙ୍ଘବଦ୍ଧ ଭାବରେ ତାଙ୍କୁ ମାଡ଼ ମାରିଥିବା ନେଇ ମୃତ ଯୁବକଙ୍କ ବାପା ଭକ୍ତବନ୍ଧୁ ନାଏକ ଅଭିଯୋଗ କରିଥିଲେ। ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ ମହାକୁଡ଼, ଏସଆଇ ଲକ୍ଷ୍ମଣ ମାଝୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ରୋଷେଇ ଗ୍ୟାସ୍‌ରୁ ଲାଗିଲା ନିଆଁ; ବର୍ତ୍ତିଗଲା ପେଟ୍ରୋଲ ପମ୍ପ

**ତୁରୁମୁଙ୍ଗା, ୩।୮ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡ଼ ହାତୀବାରି ନିକଟରେ ଥିବା ଏଚପି ପେଟ୍ରୋଲ ପମ୍ପ ନିକଟରେ ରବିବାର ମଧ୍ୟାହ୍ନରେ ଟ୍ରକକୁ ଛିଡ଼ା କରି ରାସ୍ତାକଡ଼ରେ ଡ୍ରାଇଭର ରୋଷେଇ କରୁଥିବା ସମୟରେ ୫ କେଜିଆ ଗ୍ୟାସ ସିଲିଣ୍ଡରରେ ହଠାତ ନିଆଁ ଲାଗି ଯାଇଥିଲା। ଗ୍ୟାସ ସିଲିଣ୍ଡରରୁ ନିଆଁ ହୁତୁହୁତୁ ହୋଇ ଜଳୁଥିବା ଦେଖି ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ପେଟ୍ରୋଲ ପମ୍ପ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଏକ ବଡ଼ ଅଘଟଣରୁ ପେଟ୍ରୋଲ ପମ୍ପ ସହ ଟ୍ରକର ଡ୍ରାଇଭର ସହ ଅନ୍ୟମାନେ ବର୍ତ୍ତି ଯାଇଛନ୍ତି।

## ଶ୍ରୀଜଗନ୍ନାଥ ମନ୍ଦିରରେ ପାଟରା ସମାଜ ଦ୍ୱାରା ରାକ୍ଷୀ ସେବା



**ଯାଜପୁର, ୩।୮ (ସମିସ):** ଆଜି ଶ୍ରୀଜଗନ୍ନାଥ ମନ୍ଦିରରେ ରକ୍ଷାବନ୍ଧନ ଅବସରରେ ଏକ ବିଶେଷ ଧାର୍ମିକ ସେବା ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ପାଟରା ସେବକ ସଂଗଠନ ଓ ଚଇନପୁର ବିଦ୍ୟାଧର ପୁର ଖଇରାବାଦ କୁନିଦା ମଙ୍ଗଳପୁରର ପାଟରା ସମାଜ ମିଳିତ ଭାବରେ ଭାଗ ନେଇ ଶ୍ରୀଜଗନ୍ନାଥ ଓ ମହାପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ଓ ପାଟ ସେବା କରିଥିଲେ। ଏହି ଧାର୍ମିକ ପରମ୍ପରା ପୂର୍ବରୁ ପୁରୀ ଶ୍ରୀମନ୍ଦିରରେ ହେଉଥିବା ଏକ ନିୟମିତ ସେବା ଭାବରେ ଚାଲିଆସୁଛି। ଯେଉଁଥିରେ ପାଟରା ସମାଜର ସେବକମାନେ ଦେବ ସେବାରେ ନିଜକୁ ନିୟୋଜିତ କରୁଛନ୍ତି। ବର୍ତ୍ତମାନ ପାଟରା ସେବକ ସଂଗଠନ ଲକ୍ଷ୍ୟ ହେଉଛି ଯେ ଓଡ଼ିଶାର ଯେଉଁଠି ଶ୍ରୀଜଗନ୍ନାଥ ମନ୍ଦିର ଅଛି, ସେଠି ଥିବା ପ୍ରତ୍ୟେକ ପାଟରା ସମାଜ ପରିବାର ଏହି ସେବାକୁ ନିଜ ମନ୍ଦିରରେ କରିବେ। ଏହି ସେବା କାର୍ଯ୍ୟକ୍ରମ କେବଳ ଓଡ଼ିଶାରେ ସୀମିତ ନୁହେଁ, ଦେଶର ବିଭିନ୍ନ ସ୍ଥାନ ଯଥା ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, ବାଙ୍ଗାଲୋର ଓ ଓଡ଼ିଶାର ବହୁ ସ୍ଥାନରେ ମଧ୍ୟ ପାଟରା ସେବକ ସଂଗଠନ ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ ଅନୁଷ୍ଠାନ କରୁଛନ୍ତି। ଏହି ସେବାରେ ଆଜି ଯାଜପୁର ଟାଉନରେ ପାଟରା ସେବକ ସଂଘଠନର ମୁଖ୍ୟ ପ୍ରତିନିଧିମାନଙ୍କ ସହିତ ସ୍ଥାନୀୟ ବିପିନ ବିହାରୀ ସାହୁ, ମାନସ ସାହୁ, ଆନନ୍ଦ ଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ଦେବେନ୍ଦ୍ର ସାହୁ, ବ୍ରଜକିଶୋର ସାହୁ କାର୍ତ୍ତୀକ ସାହୁ, ଜିତେନ୍ଦ୍ର କୁମାର ସାହୁ, ମନୋରଞ୍ଜନ ସାହୁ, ଶ୍ୟାମସୁନ୍ଦର ସାହୁ ଦେବାଶିଷ ସାହୁ ପ୍ରଦିପ୍ତ ସାହୁ ପଙ୍କଜ ସାହୁ ନାରଣ ସୃଷ୍ଟି ଦେବେନ୍ଦ୍ର ପାତ୍ର ବାସୁ ପାତ୍ର କୃଷ୍ଣ ପାତ୍ର ଓ ୫୦ରୁ ଅଧିକ ଭକ୍ତ ଓ ସେବକ ନିଜକୁ ନିୟୋଜିତ କରିଥିଲେ। ପାରମ୍ପରିକ ରୀତି ଅନୁଯାୟୀ ରାକ୍ଷୀ ବନ୍ଧନ, ପୂଜା-ଅର୍ଚ୍ଚନା, ଭଜନ-କୀର୍ତ୍ତନ ଓ ମହାପ୍ରସାଦ ବଣ୍ଟନ ମାଧ୍ୟମରେ ଏହି ପବିତ୍ର ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭକ୍ତିମୟ ବାତାବରଣ ମଧ୍ୟରେ ପାଳନ କରାଗଲା।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

# କେନ୍ଦୁଝରକୁ ଆଦର୍ଶ ଜିଲ୍ଲା ଗଠନ ଲକ୍ଷ୍ୟ






**କେନ୍ଦୁଝର, ୩।୮ (ସମିସ):**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡକ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତୀକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରାଇସୁଆଁ ଏୟାରଷ୍ଟ୍ରିପ୍, କେନ୍ଦୁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁହୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍, ମାଇନିଙ୍ଗ କରିଡର ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା କରିଥିଲେ।

ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା, ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡିକର ସମୀକ୍ଷା କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍ ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସର୍କିଟ ହାଉସ ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ ୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ।

● ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ସମୀକ୍ଷା
● ସମସ୍ତ ମୌଳିକ ସେବା ଉପରେ ଗୁରୁତ୍ୱାରୋପ

ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣ ଶକ୍ତିର ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା, ପାନୀୟଜଳର ଅସୁବିଧା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ପ୍ରସ୍ତାବିତ ବଡ଼ବିଲରୁ ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳିରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶୀପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କମ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିଧାୟକ ବଦ୍ରିନାରାୟଣ ପାତ୍ର, ସନାତନ ମହାକୁଡ଼, ଅଖିଳଚନ୍ଦ୍ର ନାଏକ, ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ସାଗରିକା ସାହୁ, ପୁଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ଇଣ୍ଡିଆନ୍ ବାଏ ବାର୍ଥ ସଂଗଠନ ଦ୍ୱାରା ପ୍ରାୟୋଜିତ ତିନୋଟି ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା' ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ। ଶ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହାସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦଘାଟନ କରିଥିଲେ।

## ସଟର ତାଲା ଭାଙ୍ଗି ଚୋରି: ଜଣେ ଗିରଫ

**ତୁରୁମୁଙ୍ଗା, ୩।୮ (ସମିସ):** କେନ୍ଦୁଝର ଜିଲ୍ଲା କେନ୍ଦେଇପଶି ବଜାରରେ ଥିବା କବିତା ଜୁଏଲରି ଦୋକାନରୁ ସଟର ଚାବି ଭାଙ୍ଗି ଦୁର୍ବୃତ୍ତମାନେ ଦୋକାନ ଭିତରେ ପଶି କିଛି ଇମିଟେସନ୍ ସହ ୧୦୦ ଗ୍ରାମ ରୁପା ନେଇ ଯାଇଥିବା ଦୋକାନ ମାଲିକ ସାଧୁଚରଣ ପରିଡା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲା ଝାରଖଣ୍ଡ ଅଞ୍ଚଳର ଇନ୍ଦ୍ରଜିତ ଶବର (୨୨)। ତା'ଠାରୁ ସମସ୍ତ ପ୍ରକାର ଚୋରି ଅଳଙ୍କାର ପୁଲିସ ଜବତ କରିଛି। ଚମ୍ପୁଆ ଥାନାଞ୍ଚଳରେ ହୋଇଥିବା ସୁନା ଅଳଙ୍କାର ଚୋରି ଘଟଣାର ତଦନ୍ତ ସମୟରେ ଇନ୍ଦ୍ରଜିତ କେନ୍ଦେଇପଶିରୁ ଚୋରି କରିଥିବା ଜଣାପଡିଥିଲା। ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଓପିଏସ ସୌରଭ ରଞ୍ଜନ ପ୍ରଧାନ, ଏଏସଆଇ ସଲିମ ହୁସେନ ତଦନ୍ତ କରି ସମସ୍ତ ଚୋରି ଜିନିଷ ଉଦ୍ଧାର କରିଥିଲେ।

# ଜଗନ୍ନାଥ ସାଗର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ଅନିଶ୍ଚିତତା



ଜୟପୁର, ୩।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗରର ପୁନରୁଦ୍ଧାର ୨ୟ ପର୍ଯ୍ୟାୟ କାର୍ଯ୍ୟରେ ମାଟି ଖନନ ଶେଷ ହୋଇଥିବା ବେଳେ ଏହି କାର୍ଯ୍ୟ ପରେ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବାକି ରହିଛି। ଜଗନ୍ନାଥ ସାଗରର ନିର୍ମାଣ କାର୍ଯ୍ୟ ଶେଷ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ଏହା ଅନିଶ୍ଚିତତାକୁ ବୃଦ୍ଧି କରିଛି। ପଦ୍ମଫୁଲ ଘୁଞ୍ଚି ଘୁଞ୍ଚି ଗଲାଭଳି ଏହାର ନିର୍ମାଣ କାର୍ଯ୍ୟ ସମାପ୍ତରେ ବିଳମ୍ବକୁ ନେଇ ଜୟପୁର ବାସିନ୍ଦାଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଜଗନ୍ନାଥ ସାଗରର ପୁନଃ ଉଦ୍ଧାର କାର୍ଯ୍ୟ ଗତ ୨୦୨୪ ମସିହାରେ ଆରମ୍ଭ ହୋଇଥିଲା। କିନ୍ତୁ ଦୀର୍ଘ ଦେଢବର୍ଷରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଟଙ୍କା ପ୍ରଦାନ କରାଯାଇ ଜୟପୁର ଏବଂ କୋରାପୁଟ ଜିଲ୍ଲାର ବାସିନ୍ଦାର ଭାବାବେଗ ସହିତ ଜଡ଼ିତ ଏହି ସାଢେ ୨ଶହ ବର୍ଷ ପୁରାତନ ରାଜାରାଜୁଡା ସମୟରେ ଐତିହାସିକ ଜଗନ୍ନାଥ ସାଗର ସୌନ୍ଦର୍ଯ୍ୟକରଣ ଏବଂ ଜଳାଶୟର ପୁରୁଣା ସୁନାମ ଏବଂ ସୌନ୍ଦର୍ଯ୍ୟ ଫେରିପାଇବ ଲୋକେ ବାସିନ୍ଦା ଆଶାବାନ୍ଧି ରଖିଛନ୍ତି। କିନ୍ତୁ ଦୁଇଟି ପର୍ଯ୍ୟାୟରେ ସାଢେ ୧୪ କୋଟି ଟଙ୍କାର ମାଟି ଖନନ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମାପ୍ତକୁ ନେଇ ବର୍ତ୍ତମାନ ସୁଦ୍ଧା ଅନିଶ୍ଚିତତା ଲାଗି ରହିଛି। ଭଗବାନ ଭରସାରେ ଏହି ସାଗର ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଶେଷ ନେଇ ଜୟପୁରବାସୀ ଓ ବୁଦ୍ଧିଜୀବି ଆଶା ରଖିଛନ୍ତି। ଗତ ଏପ୍ରିଲ ମାସ ଠାରୁ ଦ୍ୱିତୀୟ ପର୍ଯ୍ୟା ୟପୁନଃ ଉଦ୍ଧାର କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ ୩ ଟି ସଂସ୍ଥା ଟେଣ୍ଡର ଦାଖଲ କରିଥିଲେ। ସେହିପରି କଳାହାଣ୍ଡିର ଏକ ଠିକା ସଂସ୍ଥା ଏହି କାର୍ଯ୍ୟକୁ ୯.୯୯ ପ୍ରଶିଶତ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ କରିବାକୁ ଟେଣ୍ଡର ହାସଲ କରିଥିଲେ। ଏହିପରି ପୌରସଂସ୍ଥା ପକ୍ଷରୁ ୭ କୋଟି ୯୧ ଲକ୍ଷ ୮୩ ହଜାର ୪୪୭ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି ଏବଂ ନିର୍ଦ୍ଧାରିତ ଦର ଠାରୁ କମ୍‌ରେ ଚୁକ୍ତିନାମା ଅନୁଯାୟୀ ୪ଲକ୍ଷ ୪୫ ହଜାର ଘନଫୁଟର ମାଟି ଓ ପଙ୍କ ଖନନ କାର୍ଯ୍ୟ ପାଇଁ ୭କୋଟି ୭୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଚୁକ୍ତିନାମା ଠାରୁ ଅଧିକ ପ୍ରାୟ ୫ ଲକ୍ଷ ଘନଫୁଟର ମାଟି ଖନନ କରାଯାଇ ଟିପର ସହାୟତାରେ ପରିବହନ କରାଯାଇ ନିର୍ଦ୍ଧାରିତ ସ୍ଥାନରେ ଢଳାଯିବା କାର୍ଯ୍ୟ ନେଇ ଠିକାସଂସ୍ଥା ପକ୍ଷରୁ ଦାବି କରାଯାଇଛି। ଜୟପୁର ବିଧାୟକଙ୍କ ଏବଂ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ସହ ଅଧିକ ଟଙ୍କା ବରାଦ କରିବାକୁ ଅନୁରୋଧ ସହ ଆଲୋଚନା କରିଥିଲେ। କିନ୍ତୁ ଜଗନ୍ନାଥ ସାଗରରେ ନାଳ ପାଣି ପ୍ରବେଶ କରୁଥିବା ଯୋଗୁଁ ପଙ୍କ ସୃଷ୍ଟି ହେବା ନିଶ୍ଚିତ। ତେଣୁ ତୁରନ୍ତ ପାରିପାର୍ଶ୍ୱିକ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାରୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ଉଚ୍ଚ ଅଧିକାରୀଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନା ଯୋଗ୍ୟ, ଜଗନ୍ନାଥ ସାଗରର ପୁନଃଉଦ୍ଧାର ଏବଂ ସୌନ୍ଦର୍ଯ୍ୟ କରଣ ନିମନ୍ତେ ତତ୍କାଳିନ ରାଜ୍ୟ ସରକାରଙ୍କ ପକ୍ଷରୁ ୬କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହିପରି ପୌରସଂସ୍ଥା ପକ୍ଷରୁ ଜଳାଶୟର ଜଳରାଶିକୁ ଗତ ୨୦୨୪ ମସିହା ଫେବୃୟାରୀ ମାସରେ ଏହାର ଜଳନିଷ୍କାସନ କାର୍ଯ୍ୟ ଆରମ୍ଭ କରିଥିଲେ। ଏହିପରି ପଙ୍କ ଓ ମାଟି ରହିଥିବା ନେଇ ଏକ ପ୍ରାଥମିକ ଆକଳନରେ ପ୍ରାୟ ୧୬ ଲକ୍ଷ ୭୦ ହଜାର ଘନଫୁଟ ରହିଥିବା ନେଇ ଜଣା ପଡିଥିଲା। ସରକାରଙ୍କ ଯୋଜନା ଅନୁଯାୟୀ ୧୫୦ ଏକରର ଜମିରେ ରହିଥିବା ପୌରସଂସ୍ଥାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିନା ଟେଣ୍ଡରରେ ୮୪ଟି ମହିଳା ସ୍ୱୟଂସହାୟକ ସଂସ୍ଥାଙ୍କୁ ନିଯୁକ୍ତ କରାଯାଇ ୮ଲକ୍ଷ ୪୦ ହଜାର ଘନଫୁଟର ମାଟି ଓ ପଙ୍କ ଖନନ କରାଯାଇ ପରିବହନ କରାଯାଇ ସାଗର ପରିସରରୁ ବାହାରକୁ ନେଇ ଢଳା ଯାଇଛି। ଏହା ବାବଦକୁ ୫ କୋଟି ୮୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଟଙ୍କା ଶେଷହେବା ପରେ ପୁଣି ରାଜ୍ୟ ସରକାରଙ୍କୁ ଜିଲ୍ଲା ପ୍ରଶାସନ ଏବଂ ବିଧାୟକଙ୍କ ଅନୁରୋଧ ଏବଂ ଆଲୋଚନା ପରେ ୯ କୋଟି ୪୪ ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପାଇଁ ପୌରସଂସ୍ଥା ପକ୍ଷରୁ ୭ କୋଟି ୯୪ ଲକ୍ଷ ଟଙ୍କାର ମାଟି ଓ ପଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ଗତ ଏପ୍ରିଲ ମାସରେ ଅନଲାଇନ ଟେଣ୍ଡର ଆହ୍ୱାନ କରିବା ସହ ଏପ୍ରିଲ ମାସ ଶେଷ ସୁଦ୍ଧା ଚୁକ୍ତିନାମା ପରେ ଦୀର୍ଘ ୮ ମାସ କାର୍ଯ୍ୟ ରହିବା ପରେ ୨ୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହିପରି ପାରିପାର୍ଶ୍ୱିକ ଉନ୍ନତୀକରଣ ପାଇଁ ପର୍ଯ୍ୟାୟ କ୍ରମେ ହିନ୍ଦୁସ୍ଥାନ ଏରୋନାଟିକ ଲିମିଟେଡ (ହାଲ୍) ପକ୍ଷରୁ ୬ କୋଟି ଟଙ୍କା ପର୍ଯ୍ୟାୟ କ୍ରମେ ପ୍ରଦାନ କରିବା ନେଇ ଜିଲ୍ଲା ପ୍ରଶାସନକୁ ପ୍ରତିଶୃତି ଦେଇଛନ୍ତି।

# ଦେଶୀମଦ ବିକ୍ରିକୁ ବିରୋଧ

## ଭାଟି ଭାଙ୍ଗିଲେ ମହିଳା

ପୋଡ଼ାଗଡ଼,୩।୮ (ସମିସ): ଦିନକୁ ଦିନ ଗାଁ ଗହଳିରେ ବେଆଇନ ଦେଶୀ ମଦ ଭାଟି ଗଢି ଉଠିବା ସହ ମଦ ବିକ୍ରି ଚାଲିଛି। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଅଣ୍ଟା ଭିଡ଼ିଛନ୍ତି ମଦ ବନ୍ଦପାଇଁ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଏ ମାଲକାନାଗିରି ପଞ୍ଚାୟତ ଅନ୍ତର୍ଗତ ଆଡମୁଣ୍ଡା ଗ୍ରାମରେ। ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଆଡମୁଣ୍ଡା ଗ୍ରାମ ଛକ ନିକଟ ଗଉଡ଼ସାହିରେ ଆମ୍ରୁ ଗଉଡ ଓ ସୀମା ଗଉଡ଼ ଦେଶୀ ମଦ ବିକ୍ରି କରୁଥିଲେ। ଗ୍ରାମ ଓ ଆଖପାଖ ଅଞ୍ଚଳର ଅନେକ ଲୋକ ଆସି ମଦ ପିଇ ଗ୍ରାମରେ ଅସାମାଜିକ କାର୍ଯ୍ୟ କରିବା ସହ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ। ଏହାଦେଖି ଆଡମୁଣ୍ଡା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ବାରମ୍ବାର ଉକ୍ତ ମଦ ବ୍ୟବସାୟୀମାନଙ୍କୁ ନିଜ ଗ୍ରାମରେ ମଦ ବିକ୍ରି ନକରିବାକୁ ଅନୁରୋଧ କରିଥିଲେ। ଦୁଇ ବ୍ୟବସାୟୀ ମହିଳା ମାନଙ୍କ କଥାକୁ ଅବମାନନା କରିବାରୁ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ଅନୁ ସ୍ୱୟଂ ସହାୟକ ଗୋଷ୍ଠୀ, ପଲବି ବେବୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଏକତ୍ରିତ ହୋଇ ଉକ୍ତ ମଦ ବ୍ୟବସାୟୀଙ୍କ ଘରେ ପଶି ମଦ ଆଣି ନଷ୍ଟ କରିଥିଲେ। ଉକ୍ତ ବ୍ୟବସାୟୀ ମାନେ ଯେଉ ଜଙ୍ଗଲର ମଦ ପ୍ରସ୍ତୁତ ପାଇଁ ଭାଟି କରିଥିଲେ ସେହି ସ୍ଥାନ ଖୋଜି ଖୋଜି ମହିଳା ମାନେ ପହଞ୍ଚି ପାଖାପାଖି ୨୦୦ ଲିଟର ମଦ ପ୍ରସ୍ତୁତି ପୋଚ ନଷ୍ଟ କରିବା ସହ ୫୦ ଲିଟର ମଦ ନଷ୍ଟ କରି ଥିବା ଜଣାପଡିଛି। ଏଥିରେ ଗ୍ରାମର ଯୁବକ ମାନେ ମହିଳା ମାନଙ୍କୁ ସହଯୋଗ କରିଥିବା ଦେଖାଦେଇଛି।

# ଡିଏଭି ଭିଏସ୍ ବିଦ୍ୟାଳୟରେ ବିଶ୍ୱ ମିତ୍ରତା ଦିବସ ପାଳିତ




ସୁନାବେଡା, ୩।୮ (ସମିସ): ହାଲ୍ ଟାଉନ୍‌ସିପ ସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟରେ ବିଶ୍ୱ ମିତ୍ରତା ଦିବସ ଅବସରରେ ଉତ୍ସବର ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ମିତ୍ରଙ୍କୁ ବନ୍ଧୁତ୍ୱର ଫିତା ବାନ୍ଧି ପରସ୍ପରକୁ ଅଭିବାଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ସଂଗୀତ, ନୃତ୍ୟ , ବକ୍ତୃତା ଓ ବିଭିନ୍ନ ପୋଷ୍ଟର ତିଆରି କରି ଏହି ଦିନର ମହତ୍ତ୍ୱକୁ ବଢ଼ାଇଥିଲେ। ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ନିଜର ମିତ୍ରତା ଉପରେ ଅନୁଭୂତି ଅଭିବ୍ୟକ୍ତି କରିଥିଲେ। ବିଦ୍ୟାଳୟର ଅଧକ୍ଷ ବାସୁଦେବ ପାଣିଗ୍ରାହୀ ଏହି ଅବସରରେ ମିତ୍ରତା ଓ ଏକତାର ମୂଲ୍ୟ ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ



## ଆକାଂକ୍ଷା ହାଟର ଶୁଭାରମ୍ଭ

ନବରଙ୍ଗପୁର,୩।୮ (ସମିସ) :

ନବରଙ୍ଗପୁର ପୁରୁଣା ମଣ୍ଡେଇ ପଡ଼ିଆ ତଥା ପୁଲିସ ପଡିଆ ଠାରେ ସମ୍ପୂର୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟର ଶୁଭାରମ୍ଭ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପୌରପାଳିକା ଅଧକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଗତ ୨୯ ତାରିଖ ରେ ଭୁବନେଶ୍ୱର ଲୋକସେବା ଭବନ ଠାରେ ରାଜ୍ୟ ସ୍ତରୀୟ ସମ୍ପୂର୍ଣତା ଅଭିଯାନ ସମ୍ମାନ ସମାରୋହ ଆକାଂକ୍ଷା ଜିଲ୍ଲା ନବରଙ୍ଗପୁର ଭାବରେ ନବରଙ୍ଗପୁର ଜିଲ୍ଲାକୁ ସ୍ୱର୍ଣ୍ଣ ପଦକ ଦେଇ ସମ୍ମାନିତ କରାଯାଇଥିବା ବେଳେ ଆକାଂକ୍ଷୀ ବ୍ଲକ ଡାବୁଗାଁକୁ ସ୍ୱର୍ଣ୍ଣ ପଦକ ଏବଂ ଆକାଂକ୍ଷା ବ୍ଲକ ତେନ୍ତୁଲିଖୁଣ୍ଟିକୁ ତାମ୍ରପଦକ ପ୍ରଦାନ କରାଯାଇଛି। ଉତ୍କୃଷ୍ଟ କାର୍ଯ୍ୟ କରିଥିବା ସମସ୍ତ ଅଧିକାରୀ,କର୍ମଚାରୀ, ବିଶେଷତଃ ବ୍ଲକ୍ ସ୍ତରର କର୍ମଚାରୀଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟୀ ହେବ ବୋଲି କହିଥିଲେ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ। ସଫଳତାରେ ଅଂଶୀଦାର ଥିବା ୨୧ ଜଣ ଅଙ୍ଗନବାଡି କର୍ମୀ ଓ ସହାୟକ, ୧୦ ଜଣ ଏ ଏନ୍ଏମ, ୧୧ ଜଣ ଆଶା କର୍ମୀ, ୯ ଜଣ କୃଷକ ସାଥୀ, ୫ ଜଣ ଏମବିକେ, ୪ ଜଣ ସିଆର୍‌ପି, ଗୋଟିଏ ଏସଏଚଜି, ୧୦ ଜଣ ଶିକ୍ଷକ, ସିଡିପିଓ ଡ଼ାବୁଗାଁ ମିନତୀ ଦାସ, ସିଡିପିଓ ତେନ୍ତୁଲିଖୁଣ୍ଟି ବିନିତା ଜେଠୀ, କୃଷି ବିଭାଗର ସହକାରୀ କୃଷି ଅଧିକାରୀ ରାମଚନ୍ଦ୍ର ମୁଦୁଲି, କୃଷି ଓଭରସିଅର୍ ଧିରେନ୍ ବେନିଆ , ପ୍ରୋଗ୍ରାମ ମ୍ୟାନେଜର, ପିରାମଲ୍ ଫାଉଣ୍ଡେସନ ବିକ୍ରମ କିଶୋର ରଣା,ଡିପିସି (ମମତା ) ବିଶ୍ୱଜିତ୍ ମହାନ୍ତିଙ୍କୁ ମୁଖ୍ୟ ଅତିଥି, ଜିଲ୍ଲାପାଳ ଏବଂ ଅନ୍ୟ ଅତିଥିମାନେ ଉପଢ଼ୌକନ, ମାନପତ୍ର ସହ ସଦିଚ୍ଛା ଉପହାର ପ୍ରଦାନ କରିଥିଲେ। ଆକାଂକ୍ଷା ବ୍ଲକ୍ ସ୍ତରୀୟ ନେତୃତ୍ୱ ଯୋଗୁଁ ସିଡିଓ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନଙ୍କୁ , ଆକାଂକ୍ଷା ସ୍ୱାସ୍ଥ୍ୟ କାର୍ଯ୍ୟ ପାଇଁ ସିଡିଏମଓ ଡ.ସନ୍ତୋଷ ପଣ୍ଡା, ଶିକ୍ଷା ପାଇଁ ଡିଇଓ ଛତ୍ରପତି ସାହୁ, କୃଷି ପାଇଁ ସିଡିଏଓ ସୁଧୀର ରଂଜନ ବେହେରା ଏବଂ ଏଡିଓ ଅନିଲ ପ୍ରହରାଜ, ଯୋଜନା ଓ ସମନ୍ୱୟ ବିଭାଗ ଉପ ନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ, ଏସ୍ଏଚ୍‌ଜି ପାଇଁ ଡିପିଏମ (ଓଏଲଏମ ) ସୁସ୍ମିତା ସାମନ୍ତରାୟ, ସମାଜ କଲ୍ୟାଣ କାର୍ଯ୍ୟ ପାଇଁ ଡିଏସଡବ୍ଲୁଓ ଦ୍ରୌପଦୀ କହଁରଙ୍କୁ ମାନପତ୍ର, ଉପଢ଼ୌକନ ଓ ମୋମେଣ୍ଟୋ ଦେଇ ସମ୍ମାନିତ କରାଯାଇଥିଲା। ଦୁଇଟି ଆକାଂକ୍ଷା ବ୍ଲକ ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଏବଂ ଡାବୁଗାଁ ବିଡିଓ ଶରତ ମାଝୀଙ୍କ ସମେତ ଟିମ୍‌କୁ ବିଧାୟକ ସମ୍ମାନିତ କରିଥିଲେ। ସଭା କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଆକାଂକ୍ଷା ହାଟର ୨୫ଟି ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ।

# ପଦୁଗୁଡ଼ାଗାଁକୁ ଟ୍ରାକ୍ଟରରେ ଗଲେ ଲକ୍ଷ୍ମୀପୁର ବିଧାୟକ

ପୋଡ଼ାଗଡ଼,୩।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତର ପଦୁଗୁଡା ଗାଁରେ ଲାଗିରହିଥିବା ସମସ୍ୟା ପ୍ରତି ଜଣେ କୁନି ଝିଅ ଗତ ଦୁଇ ବର୍ଷ ତଳେ ସ୍ୱାଧୀନତା ଦିବସ ଦିନ ମନ୍ତ୍ରୀଙ୍କ ଉପସ୍ଥିତିରେ ନାଟକ ମାଧ୍ୟମରେ ଜଣାଇଥିଲେ। ସେହି ସମୟରେ ବିଜେଡି ସରକାରଙ୍କ ମନ୍ତ୍ରୀ ଜିଲ୍ଲାପାଳଙ୍କୁ ତୁରନ୍ତ ଗାଁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ବିଜେଡି ସରକାର ରାଜ୍ୟରେ ପରାଜିତ ହେବା ପରେ ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାର ଶାସନ କରୁଛନ୍ତି। କିନ୍ତୁ ଦୁଇ ବର୍ଷ ତଳେ ଯେମିତି ଥିଲା , ବର୍ତ୍ତମାନ ବି ସେପରି ଅନେକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ପଦୁଗୁଡା ଗ୍ରାମବାସୀ। ଆଜି ଗାଁର ବାସ୍ତବ ଚିତ୍ର ଜାଣିବା ସକାଶେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଚାହିଁଥିଲେ। ଯେତେବେଳେ ସେ ଗାଁ କୁ ଯିବାକୁ ବାହାରିଛନ୍ତି ତାଙ୍କ ଗାଡି କାଦୁଅ ପଚପଚ ରାସ୍ତାରେ ଆଗକୁ ଗଡ଼ି ନଥିଲା। ସେ ବାଧ୍ୟ ହୋଇ ଗୋଟିଏ ଟ୍ରାକ୍ଟରରେ ଯାଇ ପହଞ୍ଚି ଥିଲେ ପାଦୁଗୁଡା ଗାଁରେ। ଗାଁ ରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ସିଏମ୍‌ଆରଏଲ ଯୋଜନାରେ ତୁରନ୍ତ ରାସ୍ତା ସମସ୍ୟା ସମାଧାନ କରାଇବା ସକାଶେ ଚେଷ୍ଟା କରିବାକୁ ବିଧାୟକ ପ୍ରତିଶୃତି ଦେଇଛନ୍ତି। ବିଧାୟକଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ପାପଡାହାଣ୍ଡି ,୩।୮ (ସମିସ): ଆକାଂକ୍ଷା ଜିଲ୍ଲାରୂପେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନବରଙ୍ଗପୁର ଜିଲ୍ଲା ପୁରସ୍କୃତ ହୋଇଛି। ଏଥିପାଇଁ ସ୍ଥାନୀୟ ଜିଲ୍ଲା ପୁଲିସ ପଡିଆରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ ଅନୁଷ୍ଠିତ ହେବା ଆକାଂକ୍ଷା ହାଟ ଶୁଭାରମ୍ଭ ହୋଇଛି। ଏହି ଉତ୍ସବରେ ପାପଡ଼ାହାଣ୍ଡି ବ୍ଲକ୍‌ର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପଣ୍ଡିକୋଟର ପ୍ରଧାନ ଶିକ୍ଷକ ଶିବଶଙ୍କର ସାମଲଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକାଶ ଥାଉ କି ଶ୍ରୀ ସାମଲଙ୍କ ତତ୍ତ୍ୱାବଧାନରେ ଉକ୍ତ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତ ରଞ୍ଜନ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ, ବ୍ଲକର ପ୍ରଧାନଶିକ୍ଷକଗଣ, ଶିବ ଶଙ୍କର ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନାରାୟଣପାଟଣା,୩।୮ (ସମିସ) ଗତ ସନ୍ଧ୍ୟାରେ ନାରାୟଣପାଟଣା ଥାନା ଅନ୍ତର୍ଗତ ବାଲିପେଟା ପଞ୍ଚାୟତର ଡୁମୁସିଲି ଗାଁର ଜଣେ ନାବାଳକ ନିଜ କୁଡିଆ ନିକଟ ଏକ ଆମ୍ବଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ନାବାଳକ ହେଲେ ଜୁଗୁ ବାବେକା (୧୬)। ଜୁଗୁ ପାଠପଢ଼ା ଛାଡ଼ି ବେକାର ହୋଇ କୁଲି କାମ କରେ। ଯାହା ରୋଜଗାର କରେ ସେଥିରେ ମାନସିକ ସନ୍ତୁଳନ ହରେଇ ଚିନ୍ତାରେ ମଦ୍ୟପାନ କରୁଥିଲା। ଗତ ସନ୍ଧ୍ୟାରେରେ କୁଲି କାମ ସାରି ମଦ୍ୟପାନ କରି ଘର ନିକଟ କୁଡ଼ିଆରେ ଶୋଇବାକୁ ଯାଉଥିବା ପରିବାର ଲୋକଙ୍କୁ କହିଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣା ପଡିଛି। ବାପା ଘାସି ବାବେକା ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ଯାଇ ଦୁର୍ଘଟଣାର ଦୁଇ ଗୋଡ ହରେଇଥିଲେ। ରୋଜଗାରିଆ ଭେଣ୍ଡିଆ ପୁଅକୁ ହରାଇ ଏବେ ପରିବାର ଲୋକ ଚିନ୍ତାରେ ଭାଙ୍ଗି ପଡିଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ପଟାଙ୍ଗି,୩।୮ (ସମିସ): ପଟାଙ୍ଗି ବ୍ଲକ ଅନ୍ତର୍ଗତ ଆମ୍ବାବାଲି ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବ୍ଲକର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡିଶା ରାଜ୍ୟ ଖଣି ନିଗମର ଇଞ୍ଜିନିଅର ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ରହିଥିଲେ। ଅନ୍ୟତମ ଅତିଥି ଭାବେ ଆମ୍ବାବାଲି ପଞ୍ଚାୟତର ସରପଞ୍ଚ ପୂର୍ଣ ପଟାଙ୍ଗି, ଟେକିନସିଆନ ଓଡ଼ିଶା ଖଣି ନିଗମ ଆମ୍ବାବାଲି ରାଜେନ୍ଦ୍ର କୁମାର ମହନ୍ତ, ବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି କୋଣ୍ଡା ଯାନୀ, ପବିତ୍ର କୁମାର ଯାନୀ, ପୁରାତନ ଛାତ୍ର ସଂସଦର ସଭାପତି ଇଂ. କାଳିଆ ସିନ୍ଦେରୀ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ବଳରାମ ବାରିକ, ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ହିସାବରକ୍ଷକ ଶ୍ୱେତପଦ୍ମା ପ୍ରଧାନ, ବିଆରଟି. ରେଣୁବାଳା ଉପସ୍ଥିତ ରହି ଶ୍ରୀ ସ୍ୱାଇଁଙ୍କ ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଶାନ୍ତ ମିଶ୍ର, କେଶବ ପାତ୍ର, ମୋହନ ବୋଙ୍ଗା, କୋମନା ସନ୍ତୋଷ, ଶିକ୍ଷୟିତ୍ରୀ ନାଲ୍ଲା ସନ୍ଧ୍ୟା, ମଧୁସ୍ମିତା ସାହୁ ବିଭିନ୍ନ ଦାୟିତ୍ୱ ସୁପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କ ଧର୍ମପତ୍ନୀ ସୁଲୋଚନା ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସଂପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ



କୋରାପୁଟ,୩।୮ (ସମିସ):

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହେବା ସହ ଆକାଂକ୍ଷା ହାଟର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କୋଟପାଡ ବିଧାୟକ ରୂପୁ ଭତ୍ରା , ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ଆଇଏଏସ ପ୍ରୋବେସେନାରୀ ସନ୍ତୋଷ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୁଲାଇରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନ ସମୟରେ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଛଅଟି ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକରେ ହାସଲ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ, ଫ୍ରଣ୍ଟଲାଇନ କର୍ମୀ ଏବଂ ଅନ୍ୟାନ୍ୟ ଅଂଶୀଦାର ମାନଙ୍କୁ ସମ୍ମାନିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆକାଂକ୍ଷା ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଛଅଟି ସୂଚକାଙ୍କ ହାସଲ କରିବାରେ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସ୍ୱୀକୃତି ଦେଇ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ, ଫ୍ରଣ୍ଟଲାଇନ୍ କର୍ମୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସପ୍ତାହବ୍ୟାପୀ ଆକାଂକ୍ଷା ହାଟର ଶୁଭାରମ୍ଭ ହୋଇଯାଇଛି। ଯେଉଁଥିରେ କୋରାପୁଟ ଜିଲ୍ଲାର ବିଭିନ୍ନ ପାରମ୍ପରିକ ଏବଂ ସ୍ଥାନୀୟ ଭାବରେ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶିତ ଉତ୍ପାଦଗୁଡ଼ିକ ମଧ୍ୟରେ କୋରାପୁଟ କଫି, କଳାଜୀରା ଚାଉଳ, ହଳଦୀ, ଲେମନଗ୍ରାସ ତେଲ, ପୁଦିନା ତେଲ, ଷ୍ଟ୍ରବେରୀ, ବାଉଁଶ ହସ୍ତଶିଳ୍ପ ଏବଂ ଟେରାକୋଟା କଳାକୃତି ଅନ୍ତର୍ଭୁକ୍ତ ଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲା ସାମ୍ବାଦିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

# ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ: ଜିଲ୍ଲାପାଳ



ନବରଙ୍ଗପୁର,୩।୮ (ସମିସ):

ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଂଗଠନ (ଏନ୍‌ଡିଜେଏ) ପକ୍ଷରୁ ନବରଙ୍ଗପୁର ନୂତନ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କୁ ଆଜି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏନ୍‌ଡିଜେଏ ସଂଗଠନର ସଭାପତି ତଥା 'ସକାଳ'ର ଜିଲ୍ଲା ପ୍ରତିନିଧି ଗୌରାଙ୍ଗ ପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଜିଲ୍ଲାପାଳ ଡ.ସ୍ୱାଇଁଙ୍କୁ ନବରଙ୍ଗପୁର ଶ୍ରୀଜଗନ୍ନାଥଙ୍କ ସୁନାବେଶ ଫୋଟଚିତ୍ର ଦେଇ ସ୍ୱାଗତ କରାଯିବା ସହିତ ଏକ ଧର୍ମଗ୍ରନ୍ଥ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ଆଲୋଚନା ମାଧ୍ୟମରେ ଜିଲ୍ଲାର ବ୍ଲକ୍ ଏବଂ ଜିଲ୍ଲାସ୍ତରୀୟ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଏନ୍‌ଡିଜେଏ ସଂଗଠନ ତରଫରୁ ଜିଲ୍ଲାପାଳ ଡ. ସ୍ୱାଇଁଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ଓ ସାମ୍ବାଦିକଙ୍କ ସହଯୋଗରେ କିଭଳି ଜିଲ୍ଲାର ବିକାଶ ହେବ, ଜିଲ୍ଲା କିଭଳି ଆଗେଇବ ସେ ବିଷୟ ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ଓ ବ୍ଲକସ୍ତରରେ ଯେତେ ନକଲି ସାମ୍ବାଦିକ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରତେକ ଥାନା ଅଞ୍ଚଳରେ ସାମ୍ବାଦିକଙ୍କ ଚିହ୍ନଟ ଏବଂ ଯେଉଁ ମାନେ ସେମାନଙ୍କ ଗାଡ଼ିରେ ପ୍ରେସ ଲେଖି ନକଲି ସାମ୍ବାଦିକ ପରିଚୟ ପତ୍ର ତିଆରି କରି ସାମ୍ବାଦିକର ପରିଚୟ ଦେଇ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ପ୍ରବେଶ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି, ଏ ନେଇ ପଦକ୍ଷେପ ନେବାକୁ ଜିଲ୍ଲା ଏନ୍ ଡିଜେଏ ସାମ୍ବାଦିକ ସଂଗଠନ ପକ୍ଷରୁ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କୁ ନିବେଦନ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଏନ୍‌ଡିଜେଏର ଜିଲ୍ଲା ସଭାପତି ଗୌରାଙ୍ଗ ପାତ୍ରଙ୍କ ସମେତ ଜିଲ୍ଲା ଉପ ସଭାପତି ସ୍ୱାଧୀନ କୁମାର ପଣ୍ଡା , ଜିଲ୍ଲା ସାଧାରଣ ସମ୍ପାଦକ ଏ ସତିଶ , ସମ୍ପାଦକ ଶ୍ରୀଧର ପାତ୍ର , ସମ୍ପାଦକ ସୁକାନ୍ତ କୁମାର ରଥ , କୋଷାଧକ୍ଷ ମଧୁସୂଦନ ସାହୁ , ଶରତ କୁମାର ଦାସ, ଦୀପକ କୁମାର ଜୈନ, ସୁବ୍ରଜିତ ତ୍ରିପାଠୀ, ଡମ୍ବୁରୁ ତ୍ରିପାଠୀ, କୁମୁଦ ନାୟକ ପ୍ରମୁଖଙ୍କ ସମେତ ଏନ୍‌ଡିଜେଏ ଜିଲ୍ଲା ସାମ୍ବାଦିକ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆବାସ କାର୍ଯ୍ୟାଦେଶ, ଜଙ୍ଗଲ ଜମି ଓ ଭୂମିହୀନଙ୍କୁ ପଟ୍ଟାବଣ୍ଟନ

**ବାରିପଦା, ୩।୮ (ସମିସ):** ବାରିପଦା ପୌରପାଳିକା ଅତିଥି ଭବନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଯୋଜନା (ସହରୀ)୨.୦ କାର୍ଯ୍ୟାଦେଶ, ଜଙ୍ଗଲ ଜମି ଓ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ସପନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହରର ବିଭିନ୍ନ ୱାର୍ଡର ୪୯ ଜଣ ହିତାଧିକାରଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ, ୩୫ ଜଣଙ୍କୁ ଜଙ୍ଗଲ ଜମି ଓ ବସୁନ୍ଧରା ଯୋଜନା ଅଧୀନ ୧୩ ହିତାଧିକାରୀଙ୍କୁ ଭୂମିହୀନ ପଟ୍ଟା ବଣ୍ଟନ କରିଥିଲେ। ବାରିପଦା ସହରର ବିକାଶ ପାଇଁ ଆଗକୁ ଅନେକଗୁଡ଼ିଏ କାର୍ଯ୍ୟହାତକୁ ନିଆଯାଉଛି। ନଗର ଉନ୍ନୟନ ବିଭାଗର ନୂତନ ଯୋଜନା ଅନୁସାରେ ଆଗାମୀ ଭବିଷ୍ୟତରେ ବାରିପଦା ସହରର ଦୃଶ୍ୟପଟ ପରିବର୍ତ୍ତନ ହେବ ଏବଂ ଦେଶର ଏକ ନମ୍ବର ସହର ଭାବେ ପରିଚିତ କରିବା ପାଇଁ ପରିକଳ୍ପନା କରାଯାଇଛି। ସହରର ବିଭିନ୍ନ ପ୍ରକାର ବିକାଶ କରାଯିବା ସହିତ ବାସଭୂମିର ସୀମିତତା ହେତୁ ଏହାର ପରିମାଣକୁ ପରିବ୍ୟାପ୍ତ କରାଯିବ। ପୌରପାଳିକା ତରଫରୁ ବିଭିନ୍ନ ବର୍ଗର ଗୃହ ନିର୍ମାଣ କରାଯାଇ ଆବଶ୍ୟକ ଅନୁସାରେ ଲୋକଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ। ତତ ସହିତ ସହରକୁ ସମ୍ପୂର୍ଣ୍ଣ ବସ୍ତି ମୁକ୍ତ ଅଞ୍ଚଳ କରାଯିବା ନେଇ ଯୋଜନା କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ତାଙ୍କ ସହିତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ଅତିରିକ୍ତ ତହସିଲଦାର ଶ୍ରୀକାନ୍ତ ନାୟକ ଓ ଭରତ ପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ହିତାଧିକାରୀ ତଥା ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯିବା ସହିତ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହାର ସୁଯୋଗ ନେବାକୁ ପୌରପାଳିକା ପକ୍ଷରୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଓ ତହସିଲ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ, କର୍ମଚାରୀ, ବିଭିନ୍ନ ୱାର୍ଡର କାଉନସିଲର ସମେତ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ସ୍ୱଚ୍ଛ ସାଥି ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ।

**ବସ୍ତିମୁକ୍ତ ହେବ ବାରିପଦା**

# ନଭେମ୍ବର ୩୦ରୁ ଅଷ୍ଟମ ବର୍ଷ ମୟୂରଭଞ୍ଜ ମହୋତ୍ସବ

**ବାରିପଦା, ୩।୮ (ସମିସ)**

ଜିଲ୍ଲାର ସ୍ୱତନ୍ତ୍ର ପରିଚୟ କଳା ଓ ସଂସ୍କୃତିର ବିକାଶର ଅଭିନବ ପ୍ରୟାସ ମୟୂରଭଞ୍ଜ ମହୋତ୍ସବ ୮ମ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବ। ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ ବୋଲି ରବିବାର ବାରିପଦା ଦେଉଳସାହିସ୍ଥିତ ମଣ୍ଡପରେ ପ୍ରସ୍ତୁତି ବୈଠକରେ ଘୋଷଣା କରାଯାଇଛି। ମହୋତ୍ସବ ଆୟୋଜକ କମିଟି ସଭାପତି ଅସିତ ପତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକରେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଭାଦବ ହାଁସଦା, ସଞ୍ଜୀବ ଦ୍ୱିବେଦୀ, ସୁଜିତ୍ ମହାନ୍ତି, ବିପ୍ଳବ ବୁଗୁଡେଇ, ରାକେଶ ସିଂ, ବିଶ୍ୱଜିତ୍ ନାୟକ, ଜିତେନ୍ଦ୍ର ହେମ୍ବ୍ରମ, ଅମର ସେଠୀ, ସବିତା ହାଁସଦା, ତାପସ ପାଢ଼ୀ, ବିଜୟ ଦାସ, ଲିଲି ଭୋଳ, ଉମେଶ ପଟ୍ଟନାୟକ, ତରୁଣ ମହାନ୍ତି, କାଶୀନାଥ ରଣା, ଅଞ୍ଜନ ବରାଳ, ମାଇକେଲ ମହାନ୍ତ, ନିମାଇଁ ତ୍ରିପାଠୀ, ସତ୍ୟମ୍ ଶୁଭମ୍ ପାଣି, ସତ୍ୟ ସ୍ୱରୂପ ଦାଶ, ଅରୁଣ ବରାଡ, ପିଣ୍ଟୁ ମାଇତି, ରବିନ୍ ମହାନ୍ତି, କନିକା ବୋଷ, ମୂର୍ଚ୍ଛନା ଦାସ ପଟ୍ଟନାୟକ, ରାଜୀବ ଜେନା, ରାଜେଶ ଦାଶ, ଅଭିଷେକ ବେହେରା, ସମୀର ଦେ ଓ ସୁବ୍ରତ ମୁଖୀଙ୍କ ସମେତ ସମଗ୍ର ଜିଲ୍ଲାରୁ ୨୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ମହୋତ୍ସବର ପ୍ରଥମ



ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଛଉପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ ସାଂସ୍କୃତିକ ଶୋଭାଯାତ୍ରା। ଡିସେମ୍ବର ୧ରୁ ୧୦ତାରିଖ

- ୧୦ଦିନ ପର୍ଯ୍ୟନ୍ତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ୨୦୦ଷ୍ଟଲ୍ ସହିତ ସେଲ୍‌ଫି ଜୋନ୍

ପର୍ଯ୍ୟନ୍ତ ବାରିପଦାର ଐତିହାସିକ ଛଉପଡ଼ିଆରେ ଚାଲିବ ମହୋତ୍ସବ। ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲାର କଳାକାରଙ୍କ ସହିତ ରାଜ୍ୟ ତଥା ବାହାର କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ। ସିନେ ଜଗତର ବହୁ ନାମୀଦାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଲିଉଡ୍ ସୁନାମ ଧନ୍ୟ ଗାୟିକ ଗାୟିକା ଧମକା ମଚାଇବେ ବୋଲି କମିଟି ସୂଚନା ଦେଇଛନ୍ତି। ଚଳିତ ବର୍ଷ ମଧ୍ୟ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୩ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ଦିନ କୁଡୁମାଲି କାର୍ଯ୍ୟକ୍ରମ ମଧ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ୧୦ଦିନ ମଧ୍ୟରେ ୨ଦିନ ବଲିଉଡ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତତ୍ ସହିତ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆହୁରି ଅଧିକ ପୁରସ୍କାର ରାଶି ସହିତ ଜିଲ୍ଲାସ୍ତରୀୟ ଫୁଟବଲ୍, ଲାଖବିନ୍ଧା ଓ ରିଲସ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଡ଼ି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଇ ପାରିବେ ଦର୍ଶକ। ମହୋତ୍ସବରେ ୨୦୦ରୁ ଅଧିକ ଷ୍ଟଲ ଖୋଲିବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଯୁବପିଢ଼ିଙ୍କ ଆଗ୍ରହକୁ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ପୁରୁଣା ସ୍ମୃତିକୁ ସାଉଁଟି ସେଲଫି ଜୋନ ପ୍ରସ୍ତୁତ ହେବ। ଜିଲ୍ଲାସ୍ତରୀୟ ବୈଠକ ପରେ କପ୍ତିପଦା ଉପଖଣ୍ଡ ଓ ବାମନଘାଟି ଉପଖଣ୍ଡ ଏବଂ ପଞ୍ଚପିଢ଼ ଉପଖଣ୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖପାତ୍ର ସତ୍ୟଜିତ ସୋମ ସୂଚନା ଦେଇଛନ୍ତି।

# ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ସ୍ମାରକପତ୍ର



**କରଞ୍ଜିଆ, ୩।୮ (ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କରଞ୍ଜିଆ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ବ୍ଲକ ଶିକ୍ଷା କାଯ୍ୟାଳୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଭାପତି ପ୍ରଶାନ୍ତ କିଶୋର ମାଝୀଙ୍କ ନେତୃତ୍ୱରେ ସମ୍ପାଦକ ଜଗମୋହନ ମହାନ୍ତ, ଓଷ୍ଟା ଜିଲ୍ଲା ସମ୍ପାଦକ ଭାଗ୍ୟବାନ ମହାନ୍ତ, କୈଳାସ ମୁଦୁଲି, କ୍ଷିରୋଦ ଚନ୍ଦ୍ର ମହାନ୍ତ ସମେତ ବହୁ ଶିକ୍ଷକ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ଅନୁଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କ ଅବସର ନେଇଥିବା ଓ ନେବାକୁ ଥିବା ସମୟରେ ଚାକିରୀ ସର୍ତ୍ତବାଲି, ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି, ଗ୍ରେଡ଼ ପେ'ରେ ଥିବା ଅସଂଗତି ଦୂରୀକରଣ ଆଦି ଦାବି ରହିଛି।

# 'ପ୍ରତିଶ୍ରୁତି'ର ନବପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ

**ବାରିପଦା, ୩।୮ (ସମିସ):** ସାହିତ୍ୟ ସଂସ୍କୃତିମୂଳକ ପତ୍ରିକା 'ପ୍ରତିଶ୍ରୁତି' ତରଫରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ଗହଣରେ କୁଳପତି ପ୍ରଫେସର ଡ. ବିଧୁଭୂଷଣ ମିଶ୍ରଙ୍କ ମାର୍ଗଦର୍ଶନରେ ଆୟୋଜିତ ନବପ୍ରତିଭା ସୃଜନୀ ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷା ଓ ସାହିତ୍ୟ ହିଁ ଗୋଟିଏ ଜାତିର ପରିଚୟ। ଯେଉଁ ଜାତିର ଭାଷା ଯେତେ ଉନ୍ନତ ଓ ସାହିତ୍ୟ ଯେତେ ସମୃଦ୍ଧ ସେ ଜାତି ଅନ୍ୟମାନଙ୍କ ନିକଟରେ ସେତିକି ଆଦୃତ ହୋଇଥାଏ ବୋଲି ମତଦେଇଥିଲେ। ପୁରସ୍କାର ବିତରଣୀ ସମାରୋହରେ ବିଭାଗୀୟ ମୁଖ୍ୟ ଡ.ଶିଶିର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ ରୁଲି ବେହେରା ପ୍ରଥମ, ଦ୍ୱିତୀୟ ବର୍ଷର ଛାତ୍ରୀ ବର୍ଷାରାଣୀ ଯେନା ଦ୍ୱିତୀୟ ସ୍ଥାନ ଓ ସେହି ଦ୍ୱିତୀୟ ବର୍ଷର ଛାତ୍ରୀ ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ପ୍ରଶଂସା ପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ନେହମୟୀ ପୂଜାରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଫେସର ଡ. ବିଚିତ୍ରନାଥ ସାହୁଙ୍କ ସମେତ ଅଧ୍ୟାପିକା ଡ.ବିନ୍ଧ୍ୟେଶ୍ୱରୀ କଳିଆ ଓ ଅଧ୍ୟାପକ ରାଜକୁମାର ପାତ୍ର ଏବଂ ହୃଷିକେଶ ମହାନ୍ତ ପ୍ରମୁଖ ବିଚାରକ ଭାବେ ଯୋଗଦେଇ କବିତା ମୂଲ୍ୟାୟନ କରିଥିଲେ। ଅଧ୍ୟାପିକା ଡ.ବିନ୍ଧ୍ୟେଶ୍ୱରୀ କଳିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ଛାତ୍ରଛାତ୍ରୀଙ୍କୁ ଚଷମା ଓ ପୁସ୍ତକ ବଣ୍ଟନ

**ରାଇରଙ୍ଗପୁର, ୩।୮ (ସମିସ):** ଅଖିଳ ଭାରତ ସେବା ସଂସ୍ଥାନ ତଥା ସମଗ୍ର ଶିକ୍ଷା, ମୟୂରଭଞ୍ଜ ମିଳିତ ଆନୁକୂଲ୍ୟରେ ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମିଳନୀ କକ୍ଷରେ ରାଇରଙ୍ଗପୁର ବ୍ଲକ ଓ ପୌର ପରିଷଦସ୍ତରୀୟ ମିଳିତ ଶିକ୍ଷା ସମାଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ଏବଂ ସମ୍ମାନିତ ଅତିଥି ରାଇରଙ୍ଗପୁର ବିଇଓ ଘନଶ୍ୟାମ ମୁର୍ମୁ, ଅନ୍ୟତମ ଅତିଥି ଗୋରୁମହିଷାଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଡାକ୍ତର ସୋନାଲି ସସ୍ମିତା ଦାସ, ଏବିଇଓ କାର୍ତ୍ତିକ ଚନ୍ଦ୍ର କାରୁଆ, ଏବିଇଓ ହେମ ମାଝୀ ଯୋଗଦେଇଥିଲେ। ସଭାରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ମହେଶ ମହାପାତ୍ର ସଭାପତିତ୍ୱ କରିଥିଲେ। ରାଇରଙ୍ଗପୁର ବ୍ଲକ ଏବଂ ପୌର ପରିଷଦର ୧୬୫ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ଓ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ବିଆରଟି ସାଗରିକା ପଣ୍ଡା, ସିଆରସିସି ରୁଦ୍ର ବିହାରୀ ଗିରି, ଧିରେନ ମହାନ୍ତି, କିଶୋର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଧାନ ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବୈଶିଙ୍ଗା, ୩।୮ (ସମିସ):** ବେତନଟୀ ବ୍ଲକ ଅଧୀନ ଟିକରଗଡ଼ିଆ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଧାନବିଲରୁ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ଟିକରଗଡ଼ିଆ ଗ୍ରାମର ଜିତିରାୟ ମୁର୍ମୁ। ବିଲକୁ ମାଛ ଧରିବା ଉଦ୍ଦେଶ୍ୟରେ ଜାଲ ବସାଇବାକୁ କହି ଘରୁ ବାହାରି ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରି ଶନିବାର ଜିତରାୟଙ୍କ ମୃତଦେହ ଧାନବିଲରେ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ରୋଷେଇ ଘରୁ ୬ ଫୁଟର ଅଜଗର ଉଦ୍ଧାର

**ମହୁଲଡିହା, ୩।୮ (ସମିସ):** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ କେଶଡିହା ପଞ୍ଚାୟତ ଗୋଡ଼ାସାହିରୁ ୬ ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର ହୋଇଛି। ସାହିର ବିଜୁ ସୟଙ୍କ ରୋଷେଇ ଘରୁ ଠାକୁରମୁଣ୍ଡା ବନ ବିଭାଗ କର୍ମଚାରୀ ହରିଶ ଚନ୍ଦ୍ର ନାଏକ, ମଙ୍ଗୁଲୁ ହୋ ସାପଟିକୁ ଉଦ୍ଧାର କରି ଶିମିଳିପାଳ ଅଭୟାରଣ୍ୟରେ ଛାଡିଥିଲେ। ଅଜଗରର ଲମ୍ବ ୬ ଫୁଟ ଏବଂ ୨ ବର୍ଷର ହେବ ବୋଲି ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା କହିଛନ୍ତି।

## ଶିଶିର କୁମାର ମୁଦୁୟାଙ୍କ ସଫଳତା ପାଇଁ ଶୁଭେଚ୍ଛା



**ରାଇରଙ୍ଗପୁର, ୩।୮ (ସମିସ):** ସୂଚନା ଓ ଲୋକ ସମ୍ପର୍କ ସେବା କ୍ୟାଡ଼ର ଗ୍ରୁପ ବି ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ଶିଶିର ମୁଦୁୟା ୩୬ ନମ୍ବରରେ ସ୍ଥାନ ପାଇଛନ୍ତି। ତାଙ୍କ ଘର ଜାମଦା ବ୍ଲକର ହେଁସଡା ଗ୍ରାମ ପଞ୍ଚାୟତର କୁଚେଇପାଳ ଗ୍ରାମର ବାକରା ସାହି। ସେ ହେଁସଡା ପଞ୍ଚାୟତର ସରପଞ୍ଚ ବାଲମଣୀ ମୁଦୁୟା ଓ ପ୍ରାକ୍ତନ ସମିତି ସଭ୍ୟ ମଦନ ମୋହନ ମୁଦୁୟାଙ୍କ ବଡ଼ ପୁଅ। ତାଙ୍କର ଏହି ସଫଳତାରେ ଶ୍ରମ ମନ୍ତ୍ରୀ ଇଂ ଗଣେଶ ରାମ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସାଂସଦ ସଦର ନବଚରଣ ମାଝୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।

## ଉଦଳା ମାରୱାଡି ମହିଳା ସମିତିର ବୈଠକ

**ଉଦଳା, ୩।୮ (ସମିସ):** ଉଦଳା ମାରୱାଡି ମହିଳା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାରୱାଡି ମହିଳା ସମିତି ଓଡ଼ିଶାର ସଭାପତି ବବିତା ଅଗ୍ରୱାଲା, କୋଷାଧ୍ୟକ୍ଷ ନନ୍ଦିତା ଅଗ୍ରୱାଲା ଓ ଅଞ୍ଚଳ ପ୍ରମୁଖ ସ୍ନେହଲତା ଅଗ୍ରୱାଲା, ଉଦଳା ଶାଖାର ସଭାପତି ସୁମିତ୍ରା ଖଣ୍ଡେଲୱାଲା ଓ ସମ୍ପାଦକ ରିଙ୍କୁ ଅଗ୍ରୱାଲା ଓ ଉପଖଣ୍ଡର ମାରୱାଡି ପରିବାରର ମହିଳାମାନେ ଯୋଗଦେଇଥିଲେ। ମହିଳା ସଶକ୍ତିକରଣ, ଚାରାରୋପଣ, ରକ୍ତଦାନ, ଅଙ୍ଗଦାନ, ନେତ୍ରଦାନ ଆଦି ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ସଂସ୍କାର ସଂସ୍କୃତି ପ୍ରମୁଖ ମନୀଷା ଅଗ୍ରୱାଲା, ରାଧାରାଣୀ ଖଣ୍ଡେଲୱାଲା, ରାକ୍ଷୀ ଖଣ୍ଡେଲୱାଲା ଓ ଲକ୍ଷ୍ମୀ ଖଣ୍ଡେଲୱାଲା ପ୍ରମୁଖ ଉପସ୍ଥିତ ଥିଲେ। ପରେ ହୋଟେଲ ଗାର୍ଡେନ ଭିଲ୍ଲା ପରିସରରେ ଚାରାରୋପଣ ଓ ଗୋମାତାଙ୍କୁ ପୂଜନ କରାଯାଇଥିଲା।

## ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବହଳଦା, ୩।୮ (ସମିସ):** ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୁରଦା-ଯଶିପୁର ଗ୍ରାମପଞ୍ଚାୟତ ଅଧୀନ ସାପଘରା ଗ୍ରାମରେ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ଯଶିପୁର ସରପଞ୍ଚ କାଶୁ ମାଝୀ ଯୋଗଦେଇ ମଶାରୀ ବଣ୍ଟନ କରିଥିଲେ। ବହଳଦା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସାଇବା ମୁର୍ମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମୁର୍ମୁଙ୍କ ସହିତ ବିପିଏମ୍ ତପନ ମହାନ୍ତ, ଭିବିଡିଟିଏସ୍ ବିଜୟ ବସା, ସ୍ୱାସ୍ଥ୍ୟକର୍ମୀ ଏମପିଏଚଡବ୍ଲୁ ମେଲ୍ ମଦନ ମଣ୍ଡଳ ଏବଂ ନୀଳମାଧବ ସାହୁ ପ୍ରମୁଖଙ୍କ ସହ ସିଏଚଓ, ଆଶା କର୍ମୀ ଓ ଅଙ୍ଗନଓ୍ୱାଡି କର୍ମୀ ଉପସ୍ଥିତ ଥିଲେ।

**ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜ୍ଞାନବିଜ୍ଞାନ ମେଳା**

# ଛାତ୍ରଛାତ୍ରୀ ବୈଜ୍ଞାନିକ ହୋଇ ଦେଶର ଟେକ ରଖିବାକୁ ଆହ୍ୱାନ



**ବଡ଼ସାହି, ୩।୮ (ସମିସ):** ବଡ଼ସାହି ବ୍ଲକ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଯୋଗଦେଇ ଶିଶୁ ଭାଇଭଉଣୀ ଜଣେ ଜଣେ ଶ୍ରେଷ୍ଠ ବୈଜ୍ଞାନିକ ହୋଇ ଦେଶର ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶାଶ୍ୱତୀ ଦାସ ମହାପାତ୍ର ମେଳା ପରିଚାଳନା କରିଥିଲେ। ଶିଶୁ ବର୍ଗ, ବାଲ ବର୍ଗ ଏବଂ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିଶୁ ବିଦ୍ୟା ମନ୍ଦିରର ବିଦ୍ୱତପରିଷଦର ସଭାପତ ରାଜେନ୍ଦ୍ର କୁମାର ଜେନା, ସ୍କୁଲ ପରିଚାଳନା ସମିତିର ସମ୍ପାଦକ ପ୍ରଦୀପ କୁମାର ଜେନା ଓ ସଭାପତି ନୀଳାଦ୍ରି ବିହାରୀ ଦାଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନମେଳାରେ ପ୍ରଦର୍ଶିତ ପ୍ରକଳ୍ପର ବିଚାରକ ଭାବେ ସ୍ଥାନୀୟ ସିଂହଟିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିଗମାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଓ ସ୍ଥାନୀୟ ବିଦ୍ୟାମନ୍ଦିରର ବିଜ୍ଞାନ ଆଚାର୍ଯ୍ୟ ବିଶିକେଶନ ପାତ୍ର ପ୍ରମୁଖ ପ୍ରକଳ୍ପ ମନୋନୟନ କରିଥିଲେ। ପୂର୍ବୋତ୍ତର ସମ୍ଭାଗର ସଂସ୍କୃତି ପରିବୋଧ ଯୋଜନାର ସଭାପତି ପ୍ରବୋଧ କୁମାର ଭୂୟାଁ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଜ୍ଞାନ ଆଚାର୍ଯ୍ୟ ବିଶିକେଶନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ:** କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାପତି ଇଂ ତ୍ରିଲୋଚନ ସେଠୀ ଓ ସଦସ୍ୟା ଦୀପ୍ତିମୟୀ ସେଠୀ ମେଳାକୁ ଶୁଭାରମ୍ଭ କରିଥିଲେ। ବିଜ୍ଞାନ ପ୍ରକଳ୍ପ ପ୍ରଶ୍ନବାଚନ, ଗଣିତ ଓ ବିଜ୍ଞାନ ପ୍ରୟୋଗ, ପତ୍ରବାଚନ, କଥାକଥନ, ତତ୍କାଳୀନ ଭାଷଣ, ମୂର୍ତ୍ତିକଳା, ଆଦି ପ୍ରତିଯୋଗିତାରେ ଶତାଧିକ ଶିଶୁ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଅନୁଷ୍ଠାନରୁ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀ ପରବର୍ତ୍ତୀ ପର୍ଯ୍ୟାୟରେ ସଂକୁଳ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଗିରିଧାରୀ ସାସମଲ ସହଯୋଗ କରିଥିଲେ।



**ରାଇରଙ୍ଗପୁର:** ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାଇରଙ୍ଗପୁରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତଙ୍କ ସଭାପତିତ୍ୱରେ ଅଧାପକ ତପନ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସମ୍ପାଦକ କମଳାକାନ୍ତ ମହାନ୍ତ, ଜିଲ୍ଲା ଶୈକ୍ଷିକ ପ୍ରମୁଖ ପ୍ରକାଶ ଚନ୍ଦ୍ର ମଣ୍ଡଳ ସହଯୋଗ କରିଥିଲେ। ୧୮୦ ଜଣ ପ୍ରତିଭାଗି ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ କୁଞ୍ଜ ବିହାରୀ ମହାନ୍ତ, ତପନ କୁମାର ସାମଲ, ବାଞ୍ଛାନିଧି ଗିରି, ଧିରେନ୍ ମହାନ୍ତ, ପରୀକ୍ଷିତ ବେହେରା, ସମେଶ ବାରିକ, ଗୋପବନ୍ଧୁ ରାଜ ଓ ପ୍ରକାଶ ମଣ୍ଡଳ କାର୍ଯ୍ୟ ତୁଲାଇଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ କୁଞ୍ଜବିହାରୀ ମହାନ୍ତ ଯୋଗଥିଲେ। ଶେଷରେ ବିଦ୍ୟାଳୟର ବବିତା କୈଳିଆର ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ପ୍ରମୁଖ ଦୀପଙ୍କର ବର୍ମା ବୃତ୍ତ ପଠନ କରିଥିଲେ। ପୁରସ୍କାର ବିତରଣରେ କେଦାର ନାଥ ବାରିକ ଗୁରୁଜୀ ସାହାଯ୍ୟ କରିଥିଲେ।





**ମହୁଲଡିହା:** ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ୩ ତାରିଖ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ବିଜ୍ଞାନ ମନସ୍କ ହୋଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟରେ ନିଜର ନିଷ୍ଠା ଓ ଏକାଗ୍ରତା ରଖିଲେ ସଫଳତା ମିଳିବ ବୋଲି କହିଥିଲେ। ବିଜ୍ଞାନ ଆଚାର୍ଯ୍ୟ ଲକ୍ଷ୍ମଣ କୁମାର ମହାନ୍ତଙ୍କ ନେତୃତ୍ୱରେ ଶିଶୁ, ବାଲ ଓ କିଶୋର ବର୍ଗର ୩ଟି ବିଭାଗରେ ୧୩୨ଟି ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରୟୋଗ, ପ୍ରଶ୍ନ ମଞ୍ଚ, ନିବନ୍ଧ, କାହାଣୀ କଥନ, ତତ୍କାଳୀନ ସଂସ୍କୃତିଜ୍ଞାନ ଭାଷଣ, ଲୋକନୃତ୍ୟ ଆଦି ପ୍ରଦର୍ଶିତ ହୋଇଥଲା। ୧୮ ଜଣ ବିଚାରକ ମଣ୍ଡଳୀ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ। ପ୍ରଥମ ସ୍ଥାନ ହାସଲ କରି ଥିବା ପ୍ରତିଯୋଗୀଙ୍କୁ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପାଇଁ ଚୟନ କରାଯାଇଛି। ଆଚାର୍ଯ୍ୟ ତ୍ରିଲୋଚନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଗିରଥି ପତି ଧନ୍ୟବାଦ ଅର୍ପଣକରିଥିଲେ। ସମସ୍ତ ଗୁରୁଜୀ ଓ ସେବକ ଭାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ମୋରଡ଼ା/ରାସଗୋବିନ୍ଦପୁର, ୩।୮ (ସମିସ):** ରାସଗୋବିନ୍ଦପୁର ବ୍ଲକ ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୀବ କୁମାର ନାଏକଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ଓଡ଼ିଶା ଜୋନର ଡେପୁଟି ସେକ୍ରେଟାରୀ ରାଜେଶ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ସହୀଦ ମେମୋରିଆଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ଭୋଇ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ରବୀନ୍ଦ୍ର କୁମାର ରାଉତ, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ସାଧନା ରାଉତ, ଗଭର୍ଣ୍ଣିଂବଡିର ପୂର୍ବତନ ସଦସ୍ୟା ସରୋଜିନୀ କିସ୍କୁ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. ଅବନୀକାନ୍ତ ଗିରି ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆସନ୍ତା ବର୍ଷ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଥିବାରୁ ଏବେଠୁ ଏନସିସି ଛାତ୍ରଛାତ୍ରୀ ଦୀପକ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି।



# ଯାତ୍ରୀବାହୀ ବସ୍ ଆଗରେ ଦନ୍ତା; ଭୟରେ ଥରିଲେ ଯାତ୍ରୀ

ଜି.ଉଦୟଗିରି, ୩।୮ (ସମିସ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଦୀର୍ଘମାସ ହେଲା ଲାଗି ରହିଛି ହାତୀ ଆତଙ୍କ। ବ୍ୟାପକ ଫସଲ ନଷ୍ଟ ସହିତ ଜୀବିକା ହେଲାଣି ପ୍ରଭାବିତ। ନିକଟରେ ଦୁଇ ଦୁଇଟି ଜୀବନ ଯାଇଛି। ଯାହାକୁ ନେଇ କୋକୁଆ ଭୟ ଲାଗି ରହିଥିବା ବେଳେ ଗ୍ରାମାଞ୍ଚଳରେ ସନ୍ଧ୍ୟା ହେଉ ହେଉ ତାଟି କବାଟ ପଡ଼ି ଯାଉଛି। ଭୟରେ ଲୋକଙ୍କ ନିଦ ହଜିଛି। ଏମିତି ଭୟର ବାତାବରଣ ଭିତରେ ଆଜି ଜି.ଉଦୟଗିରି ଠାରୁ ୨ କିଲୋମିଟର ଓ ପଦାସାହିଠାରୁ ଅଧା କିଲୋମିଟର ଦୂର ପଣସବାଙ୍କରେ ଏକ ଯାତ୍ରୀବାହୀ ବସ୍ ଆଗକୁ ହାତୀ ଆସିଯିବାରୁ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ।



ରାଇକିଆରୁ ବ୍ରହ୍ମପୁର ଘରୋଇ ବସ୍ ଯାଉଥିବା ବେଳେ ହଠାତ ପଣସବାଙ୍କ ବୁଲାଣିରେ ବସ୍ ଆଗକୁ ହାତୀ ଚାଲିଆସିଥିଲା। ଚାଳକ କ'ଣ କରିବେ କିଛି ଭାବି ପାରି ନଥିଲେ। ବସ୍‌ର କବାଟ ବନ୍ଦ କର ବୋଲି ଯାତ୍ରୀଙ୍କୁ କୁହାଯାଇଥିଲା। ଭୟରେ ଭଗବାନଙ୍କୁ ଡ଼ାକିଥିଲେ ଯାତ୍ରୀ। ହାତୀ ବସ୍ ଆଡ଼କୁ ଦୌଡି ଆସୁଥିବା ବେଳେ ବସ୍‌କୁ କିଛି ବାଟ ପଛକୁ ପଛକୁ ନେଇଯାଇଥିଲେ ଚାଳକ। କିଛି ସମୟ ପରେ ହାତୀ ନିକଟସ୍ଥ ଜଙ୍ଗଲକୁ ପଳାଇଯାଇଥିଲା। ଫଳରେ ଏକ ବଡ଼ ଅଘଟଣ ଟଳିଯାଇଥିଲା। ଘଟଣାସ୍ଥଳରେ ରକ୍ଷକ ଗାଡ଼ି ପହଞ୍ଚି ହାତୀ ଗତିବିଧି ଉପରେ ନଜର ରଖିଛି।

ଅନ୍ୟପଟେ ବହୁ ଟେକ୍ନିକାଲ ଟିମ, ବ୍ୟାପକ ସଚେତନ, ଡ୍ରୋନ କ୍ୟାମେରାରେ ଗତିବିଧି ଠାବ ଆଦି ପଦକ୍ଷେପ ଲୋକଙ୍କ ମନରୁ ଭୟ ଦୂର କରିବାକୁ ଚେଷ୍ଟା କରୁଥିବା ବେଳେ ଏମିତି ଘଟଣା ପୁଣିଥରେ ଭୟଭୀତ କରିଛି। ଯଦି ଏତେ ବ୍ୟବସ୍ଥା ହୋଇଥିଲା ତାହାହେଲେ ରାସ୍ତା ଉପରେ ହାତୀ ବୁଲୁଥିବା ବେଳେ କାହିଁକି ଗାଡ଼ିକୁ ସତର୍କ କରାଗଲା ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଛୋଟ ବଡ଼ ସମସ୍ତ ଗାଡି ଜି.ଉଦୟଗିରି କଳିଙ୍ଗା ରାସ୍ତାରେ ଏବେ ଗଲାବେଳେ ନାନା ଆଶାଆଶଙ୍କାରେ ଯାତାୟାତ କରୁଛନ୍ତି।

# ପଦାସାହିରେ ଗାଈକୁ ମାରିଲା ହାତୀ



ଜି.ଉଦୟଗିରି, ୩।୮ (ସମିସ): ପଦାସାହିରେ ଗତକାଲି ଏକ ଗାଈକୁ ହାତୀ ମାରିଥିବା ଜଣାପଡ଼ିଛି। କିନ୍ତୁ ପଦାସାହିରେ ଷ୍ଟ୍ରିଟି ଲାଇଟ୍ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଲୋକେ ହାତୀ ଭୟରେ ଆତଙ୍କିତ ଥିବାବେଳେ ବିଦ୍ୟୁତ ସମସ୍ୟା ଯୋଗୁଁ ନାହିଁନଥିବା ହଇରାଣ ହେଉଛନ୍ତି। ଶୀଘ୍ର ମରାମତି କରିବାକୁ ପଦାସାହିର ବିବେକାନନ୍ଦ ପ୍ରଧାନ, ପ୍ରକାଶ ନାୟକ, ଦୀପକ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଅଶୋକ ପ୍ରଧାନ ଦାବି କରିଛନ୍ତି। ପଦାସାହି ଠାରୁ ଅଧ କିଲୋମିଟର ପଣସବାଙ୍କରେ ରାସ୍ତାରେ ଉପରେ ହାତୀ ବୁଲିବା ଫଳରେ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ସହର ଉପକଣ୍ଠ ପଦାସାହିରେ ହାତୀ ବାରମ୍ବାର ଉପଦ୍ରବ କରୁଥିବା ବେଳେ ମାସେ ହେଲା ପଦାସାହି ଷ୍ଟ୍ରିଟି ଲାଇଟି ଜଳୁନଥିବା ଅଭିଯୋଗ କରିଛନ୍ତି ବାସିନ୍ଦା। କିଛିଦିନ ତଳେ ହାତୀ ପଦାସାହି ପ୍ରଦୀପ ନାୟକଙ୍କ ତିନି ବଖରା ଘର ଭାଙ୍ଗିବା ସହିତ ଆସବାବପତ୍ର ନଷ୍ଟ କରିଥିଲେ। ଘରେ ଥିବା ୫ଜଣ ଦୌଡ଼ି ଜୀବନ ରକ୍ଷା କରିଛନ୍ତି।

● ଆଜି ଶ୍ରାବଣ ଶେଷ ସୋମବାର

# ଜଳାଭିଷେକ ପାଇଁ ଚକାପାଦରେ କାଉଡ଼ିଆଙ୍କ ଭିଡ଼

ଚକାପାଦ, ୩।୮ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଅନ୍ତର୍ଗତ ଚକାପାଦ ଶୈବ ପୀଠରେ ଆସନ୍ତାକାଲି ଶେଷ ସୋମବାର ଥିବାରୁ ବାବା ବିରୁପାକ୍ଷ, ବାବା ଆନନ୍ଦେଶ୍ୱର, ବାବା ଯୋଗେଶ୍ୱରଙ୍କ ଶୈବ ପୀଠରେ ଜଳାଭିଷେକ କରିବା ପାଇଁ ହଜାର ହଜାର ଭକ୍ତ ବହୁ ଦୂରରୁ ଆସିବା ଦେଖାଯାଇଛି। ବୋଲବମ ପାର କରେଗା ନାରରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। କନ୍ଧମାଳ ଜିଲ୍ଲା ବାହାରୁ ବୌଦ୍ଧ, ନୟାଗଡ଼, ଗଞ୍ଜାମ ଜିଲ୍ଲାରୁ ଶ୍ରଦ୍ଧାଳୁ ମାନେ ଆସି ଜଳାଭିଷେକ କରିବା ପାଇଁ ଲମ୍ବା ଧାଡ଼ି ଲଗାଇଛନ୍ତି। ଫୁଲବାଣୀ ସହରର ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ କଉଡ଼ିଆ ଏବଂ ତାଙ୍କ ସହିତ ଆସିଥିବା ଭକ୍ତଙ୍କୁ ଖାଦ୍ୟ ମାଗଣାରେ ବଣ୍ଟନ କରିଥିଲେ।



# ପିଇଓଙ୍କ ବଦଳି ଦାବିକଲେ ଦୁଇ ପଞ୍ଚାୟତବାସୀ

ଫିରିଙ୍ଗିଆ, ୩।୮ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କୁଏରମାଣ୍ଡୁ ଓ ପାହିରେଜୁ ପଞ୍ଚାୟତରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିନାୟକ ନାୟକ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉନଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ କୁଏରମାଣ୍ଡୁ ଓ ପାହିରେଜୁ ପଞ୍ଚାୟତ ସରପଞ୍ଚ ଓ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ମିଳିତ ଭାବେ ଫିରିଙ୍ଗିଆ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ଭେଟି ତାଙ୍କୁ ଅନ୍ୟତ୍ର ବଦଳି ସହ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତ ନିମନ୍ତେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପାହିରେଜୁ ସରପଞ୍ଚ କେଶବ କହଁର, କୁଏରମାଣ୍ଡୁ ସରପଞ୍ଚ ମାଧବ କହଁର ଓ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ୩ ମାସ ହେବ ଏହି ୨ ପଞ୍ଚାୟତ କାର୍ଯ୍ୟାଳୟକୁ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସୁନଥିବାରୁ ବିଭିନ୍ନ ଉର୍ନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଭତ୍ତା ହିତାଧିକାରୀ ଅର୍ଥ ପାଇ ପାରୁନାହାନ୍ତି ଏବଂ ଅନ୍ୟାନ୍ୟ କାର୍ଯ୍ୟ ମଧ ଠପ ହୋଇପଡ଼ିଛି। ଏଥିନେଇ ଅସନ୍ତୋଷ ପ୍ରକାଶ ପାଉଥିବାରୁ ହୋଇ ପିଇଓଙ୍କ ବିରୋଧରେ ଲିଖିତ ଅଭିଯୋଗ କରୁଛନ୍ତି ବୋଲି କହିଛନ୍ତି ଦୁଇ ସରପଞ୍ଚ କହିଛନ୍ତି। ଶ୍ରୀ ନାୟକଙ୍କୁ ଏସମ୍ପର୍କରେ ପଚାରିବାରୁ ସ୍ତ୍ରୀ ଙ୍କ ଦେହ ଗୁରୁତର ଅସୁସ୍ଥ ହେତୁ ଛୁଟିରେ ଅଛନ୍ତି ଓ କାର୍ଯ୍ୟାଳୟକୁ ଯାଇ ପାରୁନାହାନ୍ତି ବୋଲି କହିଛନ୍ତି।



# ଭିଜନ୍ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତି

ପାରଳାଖେମୁଣ୍ଡି, ୩।୮ (ସମିସ): ଉତ୍କଳ ହିତୈଷିଣୀ ସଭା ଗୃହରେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଳ୍ପିତ ଗଜପତି ୨୦୩୬ ର ରୂପରେଖ କିପରି ହେବ ତାହାର ଏକ ପ୍ରସ୍ତୁତି ପାଣ୍ଡୁଲିପିର ସବିଶେଷ ଆଲୋଚନା କରଯାଇ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଅନୁମୋଦନ କ୍ରମେ ଏହାର ମୁଦ୍ରଣ ପାଇଁ ଭୁବନେଶ୍ୱର ପଠାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଗଜପତି ଜିଲ୍ଲାର ଭୌତିକ, ଆଧ୍ୟାତ୍ମିକ ବୌଦ୍ଧିକ, ବିକାଶ ନିମନ୍ତେ ଉପସ୍ଥିତ କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟା ଉପସ୍ଥିତ ରହି ନିଜ ନିଜର ବିକାଶ ମୂଳକ ଚିନ୍ତାଧାରା ବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ଗନ୍ତାୟତ, ଅଶ୍ୱିନୀ ପାଢ଼ୀ, ସାରାଳାଦେବ ପଟ୍ଟନାୟକ, ଅଶାଲତା ପାଣିଗ୍ରାହୀ, ଭାରତ ଭୂଷଣ ମହାନ୍ତି, ବିଚିତ୍ରାନନ୍ଦ ବେବର୍ତ୍ତା, ଭାଗବତ ପାଢ଼ୀ, ବିନୋଦ ଚନ୍ଦ୍ର ଜେନା, ଶରତ ଚନ୍ଦ୍ର ସାହୁ, ପ୍ରମୋଦ ଚନ୍ଦ୍ର ପାଢ଼ୀ, ତ୍ରିପତି ପ୍ରସାଦ ପଣ୍ଡା, ସୁଶୀଳ ପଣ୍ଡା ଓ ଭେଙ୍କେଟ ରାଓ ପାତ୍ର ଯୋଗ ଦେଇ ମତ ପ୍ରକାଶ କରିଥିଲେ।



ରାୟଗଡ଼ ଏସ୍‌ଏସ୍‌ଡି ହାଇସ୍କୁଲ

# ପ୍ରଧାନଶିକ୍ଷକଙ୍କୁ ସମର୍ଥନ କରି ଅଭିଭାବକଙ୍କ ଦାବିପତ୍ର

ପାରଳାଖେମୁଣ୍ଡି, ୩।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ରେ ଥିବା ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପକୁ ବିରୋଧ କରି କିଛି ଦିନ ପୂର୍ବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ସରପଞ୍ଚ ଦୀପ୍ତିପ୍ରଭାଲାଲ୍ ଶବର ଧାରଣାରେ ବସିଥିଲେ। ଅଭିଯୋଗ ଥିଲା ଯେ, ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ବେନିୟମ କାର୍ଯ୍ୟ କରୁଛନ୍ତି। ସେ ଓ ଅନ୍ୟମାନେ ତିନି ଦିନ ଧାରଣାରେ ବସିବା ପରେ ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ସେଠାରୁ ହଟିଥିଲେ। କିନ୍ତୁ ଉକ୍ତ ଧାରଣାକୁ ନେଇ ରାୟଗଡ଼ ଏସଏସଡି ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛି ସ୍ୱାର୍ଥନ୍ୱେଷୀ ବ୍ୟକ୍ତିବିଶେଷ ପ୍ରଧାନଶିକ୍ଷକଙ୍କ ବିକାଶମୂଳକ କାର୍ଯ୍ୟକୁ ସହ୍ୟ କରିପାରୁନାହାନ୍ତି। ତାଙ୍କୁ ବିରୋଧ କରୁଛନ୍ତି। ପ୍ରଧାନଶିକ୍ଷକ ଜଣକ ୨୦୨୧ ମସିହାରୁ ଦାୟିତ୍ୱ ଗ୍ରହଣ କରିବା ଠାରୁ ବିଦ୍ୟାଳୟର ଭିତ୍ତିଭୂମିଠୁ ଆରମ୍ଭ କରି ଶିକ୍ଷାଦାନ ଓ କ୍ରୀଡ଼ା କ୍ଷେତ୍ରରେ ଛାତ୍ରଛାତ୍ରୀ ବହୁ ସଫଳତା ପାଇଛନ୍ତି। ଏପରିକି ରାଜ୍ୟ ସରକାରଙ୍କ ଦ୍ୱାରା ୫୦ଟି ସର୍ବଶ୍ରେଷ୍ଠ ଏସଏସ୍‌ଡି ବିଦ୍ୟାଳୟତାଲିକାରେ ଏହି ବିଦ୍ୟାଳୟ ରହିଛି। ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସର୍ବଦା ଉନ୍ନତି ପାଇଁ ଦୃଢ ସଂକଳ୍ପ ସମ୍ପନ୍ନ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଧାରଣାରେ ବସିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ଦଶରଥ ରଇତଙ୍କ ସମେତ ବହୁ ଅଭିଭାବକ କହିଛନ୍ତି। ଏନେଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନାଗାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।



# ଗୋଷ୍ଠୀସ୍ତରୀୟ ପରାମର୍ଶ ତଥା ସଚେତନତା ବୈଠକ

ପାରଳାଖେମୁଣ୍ଡି, ୩।୮ (ସମିସ): ଜିଲ୍ଲାରେ ବାଲ୍ୟବିବାହ ଏବଂ ଶୈଶବ ମାତୃତ୍ୱକୁ ରୋକିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀସ୍ତରୀୟ ପରାମର୍ଶ ତଥା ସଚେତନା ମୂଳକ ବୈଠକ ପ୍ରତ୍ୟେକ ସ୍ତରରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯେଉଁଥିରେ ପଞ୍ଚାୟତରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ତାଙ୍କ ଦାୟିତ୍ୱ ଓ ଭୁମିକା ଉପରେ ସଚେନତନା କରିବା ସହ ଏକ ଖସଡ଼ା ପ୍ରସ୍ତୁତ କରାଯିବ। ପ୍ରଥମେ ଏହି କାର୍ଯ୍ୟକ୍ରମ ପଞ୍ଚାୟତ ସମିତିରେ ଅଧକ୍ଷଙ୍କଙ୍କ ଅଧକ୍ଷତାରେ କରାଯିବ। ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରରେ ଏବଂ ପ୍ରତି ପଞ୍ଚାୟତ ସ୍ତରରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ମୁଖ୍ୟତଃ ଶିଶୁ ସୁରକ୍ଷାକୁ, ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ହେଉଥିବା ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ କିପରି ସ୍ଥାନ ପାଇବ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବାଲ୍ୟବିବାହ ରୋକିବା ପାଇଁ ପ୍ରସ୍ତୁତ ହୋଇଥିବା ନିର୍ଦ୍ଦେଶବଳୀରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆବାସିକ ବିଦ୍ୟାଳୟର ଅଧୀକ୍ଷିକା, ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଏବଂ ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯିବ। ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ସଚେତନତା ଏବଂ ଜିଲ୍ଲା ସ୍ତରରୁ କିପରି ଏହି କାର୍ଯ୍ୟକୁ ତଦାରଖ କରାଯିବ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପରେଖ ପ୍ରସ୍ତୁତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଉପରୋକ୍ତ କାର୍ଯ୍ୟକ୍ରମ, ଜିଲ୍ଲାର ପଞ୍ଚାୟତ ସମିତି ମାନଙ୍କରେ ହୋଇଥିବା ବୈଠକ ସେହି ପଞ୍ଚାୟତ ସମିତିର ଅଧକ୍ଷଙ୍କ ଅଧକ୍ଷତାରେ ହୋଇଥିଲା ବେଳେ ପ୍ରତ୍ୟେକ କାର୍ଯକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ସମନ୍ୱିତ୍ର ସଂସ୍ଥା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, ସୁରକ୍ଷା ଅଧିକାରିଣୀ (ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ), ଶିଶୁ ବିକାଶ ଯୋଜନା ଅଧିକାରିଣୀ, ଅରୁଣା ସ୍ୱେଚ୍ଛାସେବୀ ସଂସ୍ଥାର ସହ ପ୍ରତିଷ୍ଠାତା ସତ୍ୟ ରଞ୍ଜନ ସାହୁ ଓ ସଦସ୍ୟ ସଚିବ ଲୋକନାଥ ମିଶ୍ର ତଥା ସିଆରସି କୁମାରୀ ସୁସ୍ମିତା ଭୋଇ ଯୋଗ ଦେଇ ଶିଶୁ ସୁରକ୍ଷା ଦିଗରେ ପଞ୍ଚାୟତର ସମ୍ପୃକ୍ତକୁ ଗୁରତ୍ୱାରୋପ କରିଥିଲେ।



# ଗଜପତିରେ ବଢୁଛି ଆନ୍ଧ୍ର ନକଲି ଥଣ୍ଡାପାନୀୟ ବେପାର

ପାରଳାଖେମୁଣ୍ଡି, ୩।୮ (ସମିସ): ଗଜପତି ଜିଲ୍ଲାରେ ନକଲି କୋଲ୍ଡଡ୍ରିଙ୍କସ ବା ଥଣ୍ଡାପାନୀୟ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ଏପରି ବେଧଡ଼କ ଭାବେ ବିକ୍ରି ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଅସାଧୁ ବ୍ୟବସାୟୀ ବହୁ ମାତ୍ରାରେ ନକଲି ଥଣ୍ଡାପାନୀୟ ବିକ୍ରି କରିବାରେ ଲାଗିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବ୍ରାଣ୍ଡେଡ କମ୍ପାନୀ ଦ୍ୱାରା ବିକ୍ରି ହେଉଥିବା କୋଲ୍‌ଡଡ୍ରିଙ୍କସ ଠାରୁ ଏହା ଶସ୍ତା। ଯାହାକି ବ୍ୟବସାୟୀଙ୍କୁ ସୁହାଇଥାଏ। ଗ୍ରାହକ ଥଣ୍ଡାପାନୀୟ ମାଗିବା ମାତ୍ରେ ଦୋକାନୀ ଆନ୍ଧ୍ରର ନକଲି ଓ ଶସ୍ତା ଥଣ୍ଡାପାନୀୟ ଧରାଇ ଦେଉଛନ୍ତି। ଜିଲ୍ଲାରେ କିଛି ଅସାଧୁ ବ୍ୟବସାୟୀ ପଡୋଶୀ ଆନ୍ଧ୍ର ପ୍ରଦେଶ ପ୍ରସ୍ତୁତ ଅତିନିମ୍ନମାନର ଏହି ଥଣ୍ଡା ପାନୀୟ ଆଣି ଆଣି ବିକ୍ରି କରୁଛନ୍ତି। ଯାହାକି ସ୍ୱାସ୍ଥ୍ୟ ପକ୍ଷେ ବହୁ କ୍ଷତିକାର ସାବ୍ୟସ୍ତ ହେଉଛି। ଲୋକେ ତୃଷ୍ଣା ମେଣ୍ଟାଇବା ପାଇଁ ବ୍ରାଣ୍ଡ ନ ଦେଖି ଯାହା ପାରିଲେ ତାହା ପିଇ ଦେଉଛନ୍ତି। ଏପରି କିଛି ଥଣ୍ଡାପାନୀୟ ବୋତଲ ନଜରକୁ ଆସୁଥିବା ବେଳେ ଆନ୍ଧ୍ରର ବ୍ୟବସାୟୀ ଖୋଲାଖୋଲି ଭାବେ ଆନ୍ଧ୍ରନମ୍ବର ବିଶିଷ୍ଟ ଗାଡିରେ ଧରି ଆସି ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବିକ୍ରିବଟା କରୁଥିବାର ଦେଖିବାକୁ ମିଳୁଛି। ଏହି ଭେଜାଲ କୋଲ୍‌ଡଡ୍ରିଙ୍କସରେ କୌଣସି ଟ୍ରେଡ୍‌ମାର୍କ ଛାପ ନଥିବା ବେଳେ କେଉଁଠାରେ ଉତ୍ପାଦନ ହେଉଛି କି ଏହା କେଉଁ ସମୟ ପର୍ଯ୍ୟନ୍ତ ଉପଯୋଗୀ କୌଣସି ସୂଚନା ନାହିଁ। ତେବେ ଏପରି ଥଣ୍ଡାପାନୀୟ ଗୁଡିକ ଗ୍ରାମାଞ୍ଚଳରେ ବହୁ ମାତ୍ରାରେ ବିକ୍ରି ହେଉଥିବା ବେଳେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ବିକ୍ରି ହେଉଛି।



# ସାପ କାମୁଡ଼ାରେ ନାବାଳିକା ମୃତ

ବାଲିଗୁଡ଼ା, ୩।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ସାପ କାମୁଡ଼ାରେ ଜଣେ ନାବାଳିକା ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ବାଲିଗୁଡ଼ା ସ୍ଥିତ ୭ ନମ୍ବର ୱାର୍ଡର ବନବାସୀ ରଙ୍ଗାସୁଗା ସାହିରେ ବିଳମ୍ବିତ ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ମଶାରୀ ଭିତରେ ପଶି ଝିଅକୁ କାମୁଡି ଦେଇଥିଲା। ପରିବାର ବର୍ଗ ଜାଣିପାରି ସଙ୍ଗେ ସଙ୍ଗେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ବିଳମ୍ବିତ ରାତି ହୋଇଥିବାରୁ ଡାକ୍ତରଖାନ ନେବାରେ ଟିକେ ବିଳମ୍ବ ହୋଇଥଲା। ଏହି କାରଣରୁ ଝିଅର ଜୀବନ ଚାଲିଗଲା ବୋଲି ପରିବାର ବର୍ଗ କହିଛନ୍ତି। ଖବର ପାଇ ବାଲିଗୁଡ଼ା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଝିଅ ଗାୟତ୍ରୀ ବିନ୍ଧାଣିର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଖବର କାଗଜ ବିତରକଙ୍କ ପରଲୋକ

ଜି.ଉଦୟଗିରି, ୩।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ୧୩ ନମ୍ବର ୱାର୍ଡର ସୁବଳ ପ୍ରଧାନ (୫୩)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିବା ବେଳେ ଆଜି ଅପରାହ୍ଣରେ ପରଲୋକ ହୋଇଛି। ସେ ଖବରକାଗଜ ବିତରଣ କରି ଜୀବକା ନିର୍ବାହ କରୁଥିଲେ। ତାଙ୍କର ଅନ୍ତିମ ସଂସ୍କାର କନବାଗେଡ଼ି ସ୍ଥିତ ଶ୍ମଶାନରେ ହୋଇଥିଲା।

# ସବୁଜାୟନ କାର୍ଯ୍ୟକ୍ରମରେ ଚାରାରୋପଣ

ପାରଳାଖେମୁଣ୍ଡି, ୩।୮ (ସମିସ): ଆଜି ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଗଜପତି ଜିଲ୍ଲା ଶାଖାର ଆଜୀବନ ସଦସ୍ୟ ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ପଞ୍ଚାୟତରେ ସବୁଜାୟନ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଛନ୍ତି। ଗୁରାଣ୍ଡି ପଞ୍ଚାୟତସ୍ଥିତ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ଉଚ୍ଚ ବାଳକ ବିଦ୍ୟାଳୟ ପରିସରରେ, ଜିଲ୍ଲା ସଂଗଠକ, ବ୍ଲକ ସଂଗଠକ, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ବିଦ୍ୟାଳୟର ଅନ୍ତେଃବାସୀଙ୍କ ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୁରାଣ୍ଡି ସରପଞ୍ଚ ଶିଳ୍ପା ପାତ୍ର, ବର୍ଷିୟାନ ସଙ୍ଗୀତ ବିଷାରଦ ଗଣପତି ରାଉତ, ପୂର୍ବତନ ସରପଞ୍ଚ ପୀତବାସ ସାମଲ, ବରିଷ୍ଠ ନାଗରିକ ଅର୍ଜୁନ ଦଳେଇ, ଭଗବାନ ବେହେରା, ସଚ୍ଚିଦାନନ୍ଦ ପଣ୍ଡିତ, ସଂସ୍କୃତି ସଂଗଠିକା ସ୍ନିଗ୍ଧା ମିଶ୍ର ଯୋଗ ଦେଇ ଚାରାରୋପଣ କରିଥିଲେ। ସବୁଜାୟନ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଗଜପତି ଜିଲ୍ଲା ଶାଖା ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସମ୍ପର୍କ ସେତୁ ସମ୍ପାଦକ ରାଜେନ୍ଦ୍ର କୁମାର ରଥ ଏବଂ ଲୋକ ସଂସଦର ଦକ୍ଷିଣ ସମ୍ଭାଗର ସମ୍ପାଦିକା ଡ.କଲ୍ୟାଣୀ ମିଶ୍ର ଯୋଗ ଦେଇଥିଲେ। ଗୋଷାଣି ବ୍ଲକର ନୂତନ ଆଜୀବନ ସଦସ୍ୟ ଅଧ୍ୟାପକ ରାଜେଶ କୁମାର ପାତ୍ର, ନିର୍ମଳ ଚନ୍ଦ୍ର ଭୂୟାଁ ଏବଂ ଅଧ୍ୟାପିକା ସୁନିତା ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଫାର୍ମାସିଷ୍ଟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଗୋଷାଣି, ୩।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ପ୍ରାଥମିକ ଚିକିତ୍ସାଳୟର ସିନିୟର ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଅନଙ୍ଗସୁଦନ ଭୂୟାଁ, ବିପିଏମ୍ ଏମ୍.ଖଗେଶ୍ୱର, ଜନସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀ, ଗାରାବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବାମଦେବ ମାଝୀ, ଡା.ପୂର୍ଣ୍ଣଚନ୍ଦ୍ର ପାତ୍ର, ଲାବାଣ୍ୟଗଡ଼ର ଆୟୁଷ ଡାକ୍ତର ଦୀପାଞ୍ଜଳି ନାୟକ ଯୋଗ ଦେଇଥିଲେ। ପୂର୍ବତନ ଗାରାବନ୍ଧ ସରପଞ୍ଚ କେ.ବେଣୁଗୋପାଳ ରାଓ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଭରାନଈ ପାର ହୋଇ ସମସ୍ୟା ବୁଝିଲେ ବିଡ଼ିଓ

ଫିରିଙ୍ଗିଆ, ୩।୮ (ସମିସ)

ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକ। ଫିରିଙ୍ଗିଆ ବ୍ଲକ ଅଧୀନରେ ଏବେବି ଏମିତି ଅନେକ ଗାଁ ରହିଛି ଯେଉଁଠାରେ ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହି ଆସୁଛନ୍ତି। ଯାତାୟାତ ପାଇଁ ଅନେକ ଗାଁକୁ ଏବେ ବି ଭଲ ରାସ୍ତା ନାହିଁ। ବିଶେଷ କରି ଗମନାଗମନର ସୁବିଧା ନଥିବାରୁ କେତେବେଳେ ଭରା ନଈ ପାର ହୋଇ ଲୋକେ ଯିବା ଆସିବା କରୁଛନ୍ତି ତ ଆଉ କେତେବେଳେ ପାହାଡିଆ ରାସ୍ତା ଜଙ୍ଗଲ ମଧ୍ୟରେ ରୋଗୀଙ୍କୁ ଖଟିଆରେ ବୋହି ଆଣିବା ପାଇଁ ବାଧ ହେଉଛନ୍ତି। ଫିରିଙ୍ଗିଆ ବ୍ଲକର ଏଭଳି ଏକ ବଣ ପାହାଡ ଘେରା ଉପାନ୍ତ ଅଞ୍ଚଳ ହେଉଛି ସୁମେରବନ୍ଧ ପଞ୍ଚାୟତ। ଆଗରୁ ଏହି ପଞ୍ଚାୟତ ସାଡିଙ୍ଗିଆ ପଞ୍ଚାୟତରେ ଥିବା ବେଳେ ଅଞ୍ଚଳର ଜନ ସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଶବର୍ଷ ହେବ ନୂତନ ଭାବରେ ଏହି ପଞ୍ଚାୟତ ଗଠନ ହୋଇଥିଲା। ସୁମେରବନ୍ଧ ପଞ୍ଚାୟତ ରେ ୧୫ରୁ ୨୦ ଛୋଟ ବଡ଼ ଗାଁ ରହିଥିବା ବେଳେ ଏବେବି ଅନେକ ଗାଁ କୁ ରାସ୍ତା ହୋଇପାରିନାହିଁ। ଏହି ପଞ୍ଚାୟତକୁ ମାଓ ଅଧ୍ୟୁଷିତ ଅଞ୍ଚଳ ଭାବରେ ଚିହ୍ନଟ କରାଯାଇଥିବା ରୁ ଆଜି ଯାଏ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼ିନଥିଲା। ଏଥିଯୋଗୁଁ ଉନ୍ନୟନ କାର୍ଯ୍ୟ ମଧ ହୋଇପାରୁନାହିଁ।



ଗତ ଶୁକ୍ରବାର ଦିନ ପ୍ରଥମ ଥର ପାଇଁ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଏହି ଅଞ୍ଚଳକୁ ପରିଦର୍ଶନରେ ଯାଇ ବିଭିନ୍ନ ସମସ୍ୟାକୁ ପରଖି ଦେଖିବା ସହ ଲୋକଙ୍କ ଗୁହାରି ଶୁଣିଛନ୍ତି। ଏହି ପଞ୍ଚାୟତ ଅଧୀନରେ ଥିବା ଗାଁ ମାନଙ୍କୁ ଯିବାକୁ ହେଲେ ଖଣ୍ଡନଦୀ ଡେଇଁ ଯିବାକୁ ପଡ଼ିଥାଏ। ବର୍ଷ ତମାମ ନଦୀରେ ପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କୁ ଭରା ନଈରେ ଯିବା ଆସିବା କରିବାକୁ ପଡୁଛି। ବିଡ଼ିଓ ଏହି ଭରା ନଈ ପାର ହୋଇ ପାଞ୍ଚ ରୁ ଛଅ କିଲୋମିଟର ଚାଲି ଚାଲି ବିଭିନ୍ନ ଗାଁ ବୁଲି ଦେଖିଥିଲେ। ବିଡ଼ିଓଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳ ବାସୀ ପ୍ରଶଂସା କରିଥିଲେ। ଗ୍ରାମବାସୀ ବିଡ଼ିଓଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଡ଼ିଓଙ୍କ ଗସ୍ତ ସମୟରେ ବ୍ଲକର କାର୍ଯ୍ୟରତ ଡିଇଓ ଭବାନୀ ଶଙ୍କର ଦେଓଙ୍କ ସହ ସ୍ଥାନୀୟ ସରପଞ୍ଚ, ବିଜେପି ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ; ଜଣେ ଅଟକ

ନିଶ୍ଚିନ୍ତକୋଇଲି, ୩।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ଗ୍ରାମର ସୁରେନ୍ଦ୍ର ସାହୁଙ୍କ ପୁତ୍ର ବିଶ୍ୱଜିତ୍ ସାହୁ (୨୭)ଙ୍କ ଗତ ଶନିବାର ବେଙ୍ଗାଲୁରୁ ସହରରେ ମୃତ୍ୟୁ ହୋଇଛି। ସେ କିଛି ଦିନ ହେବ ସେଠାରେ ରହି ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ରଙ୍ଗ ଦେବା ସମୟରେ ଆଠ ମହଲା କୋଠା ଉପରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସେଠାରେ ରହୁଥିବା ବିଶ୍ୱଜିତର ଭଉଣୀ ଶ୍ରଦ୍ଧାଞ୍ଜଳି ସାହୁ ସ୍ଥାନୀୟ କୁମାରସ୍ୱାମୀ ଲେଆଉଟ ପୁଲିସ ଷ୍ଟେସନରେ ଅଭିଯୋଗ କରିଥିଲେ। ପୁଲିସ ଏସଆଇ ସେଠାରେ ପହଞ୍ଚି ଶବକୁ ଜବତ କରି ସେଠାରେ ଥିବା କିମସ୍ ହସ୍ପିଟାଲ ଅଫ ରିସର୍ଚ୍ଚ ସେଣ୍ଟରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୁଣ୍ଡରେ ଶକ୍ତ ଆଘାତ ଲାଗି ବିଶ୍ୱଜିତର ମୃତ୍ୟୁ ହୋଇଥିବା ଏକ ପ୍ରୋଭିଜିନାଲ ରିପୋର୍ଟରୁ ଜଣାପଡ଼ିଥିଲା। ଏହାପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ୍ୟୁର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି। ତଦନ୍ତର ପ୍ରଥମ ପର୍ଯ୍ୟାୟରେ ବିଶ୍ୱଜିତ୍ ସହିତ ରହି ଯେଉଁମାନେ ରଙ୍ଗ ଦେବା କାର୍ଯ୍ୟ କରୁଥିଲେ ସେମାନଙ୍କ ମଧ୍ୟରୁ ତାଙ୍କ ନିଜ ବୁହାଲୋ ଗ୍ରାମର ଜଣେ ଯୁବକଙ୍କୁ ସେଠାକାର ପୁଲିସ ଅଟକ ରଖି ମୃତ୍ୟୁର କାରଣ ସମ୍ପର୍କରେ ପଚରାଉଚରା କରୁଥିବା ଜଣାଯାଇଛି। ଶନିବାର ରାତିରେ ବିଶ୍ୱଜିତ୍ ବୁହାଲୋ ଗ୍ରାମର ଜଣେ ସାଙ୍ଗ ସହିତ ମୋବାଇଲ ଯୋଗେ କଥାବାର୍ତ୍ତା କରିଥିଲେ ମଧ୍ୟ କୋଠା ଉପରୁ ପଡ଼ି ମୃତ୍ୟୁବରଣ କରିଥିବା ଘଟଣାକୁ ନେଇ ପରିବାର ପକ୍ଷରୁ ସହଜରେ ଗ୍ରହଣ କରାଯାଉନାହିଁ। ଶବ ବ୍ୟବଚ୍ଛେଦ ପରେ ସୋମବାର ଦିନ ବିଶ୍ୱଜିତର ମରଶରୀର ନିଜ ଗ୍ରାମରେ ପହଞ୍ଚିବ ବୋଲି ଜଣାଯାଇଛି। ବିଶ୍ୱଜିତ୍ ତାଙ୍କ ବାପା ମା'ଙ୍କ ଏକମାତ୍ର ପୁତ୍ର ଥିଲେ। କିଛିଦିନ ହେବ ଛୁଟିରେ ଆସି ଘରେ ରହିଥିଲେ ମଧ୍ୟ ୮ ଦିନ ହେବ ସେ ବେଙ୍ଗାଲୁରୁ ଯାଇଥିଲେ।

## ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

**ଭଦ୍ରେଶ୍ୱର, ୩।୮ (ସମିସ):** ମାହାଙ୍ଗା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କର୍ମୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତା ଓ ଚଞ୍ଚକତା କରାଯାଉଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ବନ୍ତଲା ଅଙ୍ଗନବାଡି କେନ୍ଦ୍ରର ନୂତନ କର୍ମୀ ନିଯୁକ୍ତି ନିମନ୍ତେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରିଣୀଙ୍କ କାର୍ଯ୍ୟାଳୟ ତରଫରୁ ବିଜ୍ଞାପନ ନଂ ୮୮୬ତା ୧୫/୭/୨୦୨୫ରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇଚ୍ଛୁକ ପ୍ରାର୍ଥୀନୀମାନେ ଜୁଲାଇ ୧୬ ତାରିଖ ଠାରୁ ୩୦ ତାରିଖ ମଧ୍ୟରେ ଅନଲାଇନରେ ଆବେଦନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅନଲାଇନରେ +୨ ପାସ ପ୍ରମାଣପତ୍ର କିମ୍ବା ମାର୍କସିଟ ମଧ୍ୟରୁ ଯେ କୌଣସି ଗୋଟିଏ ସାର୍ଟିଫିକେଟ ଅପଲୋଡ ପାଇଁ ଦର୍ଶାଯାଇଥିଲା। ମୁଖ୍ୟତଃ ମାର୍କସିଟ ଅପଲୋଡ କରିବା ନିମନ୍ତେ ଅନଲାଇନରେ ମଗାଯାଇଥିଲା। ବିଜ୍ଞାପନ ଅନୁଯାଇ ପ୍ରାର୍ଥୀନୀମାନଙ୍କ ମଧ୍ୟରୁ କେତେକ ମାର୍କସିଟ +୨ ପାସ ପ୍ରମାଣପତ୍ର ଓ କେତେକ ପ୍ରାର୍ଥିନୀ କେବଳ ମାର୍କସିଟ ଅପଲୋଡ କରିଥିଲେ। ମାତ୍ର ଗତ ୩୧ ତାରିଖ ଦିନ ସମନ୍ୱିତ ଶିଶୁ ବିକାଶ ଯୋଜନା ଦ୍ୱାରା ଏହି ପ୍ରାର୍ଥିନୀଙ୍କ ଆବେଦନପତ୍ରଗୁଡିକ ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚବେଳେ ବିଭାଗ ପକ୍ଷରୁ ବ୍ୟାପକ ଚଞ୍ଚକତା ଓ ଅନିୟମିତା କରାଯାଇଥିବା କାରଣରୁ ବହୁ ନିଯୁକ୍ତି ଆଶାୟୀ ପ୍ରାର୍ଥିନୀ ଏଥିରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ବିଭାଗ ତରଫରୁ କେବଳ ମାର୍କସିଟ ଅପଲୋଡ କରିଥିବା ପ୍ରାର୍ଥିନୀଙ୍କୁ ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ କରାଯାଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି। ତେବେ ଏହି ନିଯୁକ୍ତି ପ୍ରକ୍ରିୟାରେ ବଡ ଧରଣର ଅନିୟମିତତା ଓ ଚଞ୍ଚକତା କରାଯିବା ନିମନ୍ତେ ଯୋଜନାବଦ୍ଧ ଭାବେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି। କଟକ ଜିଲ୍ଲାପାଳ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି।

## ହୋମିଓପାଥିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଟାଙ୍ଗୀ, ୩।୮ (ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ସମ୍ପର୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ମାଗଣା ହୋମିଓପାଥିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ପର୍କର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ହୋମିଓପାଥିକ ଚିକିତ୍ସକ ଡ. ପ୍ରକାଶ ଭୂୟାଁ ଓ ସହକର୍ମୀଙ୍କ ଦ୍ୱାରା ୭୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ସମାଜସେବୀ ସମରେନ୍ଦ୍ର ଷଡ଼ଙ୍ଗୀ, ଗଙ୍ଗାଧର ବେହେରା, ପ୍ରୀତିରଞ୍ଜନ ବେହେରା, ରକ୍ଷ୍ୟାନନ୍ଦ ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ଶୁଭାଶିଷ ନାଥ ଓ କୃଷ୍ଣମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଏଭଳି ମହତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସ୍ୱେଚ୍ଛାସେବୀ ଲିପୁନ ବେହେରା, ରଞ୍ଜନ ଦାସ, ସ୍ୱଦେଶ ରାୟ ଓ ଶରତଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



## ଚୋରା ଦେଶୀମଦ ଜବତ; ଜଣେ ଗିରଫ

**ସାଲେପୁର, ୩।୮ (ସମିସ):** ନିଜ ଘର ନିକଟରେ ଚୋରା ଦେଶୀ ମଦ ବିକ୍ରୟ କରୁଥିବାବେଳେ ଜପକୁଦ ଫାଣ୍ଡି ପୁଲିସ ଚୋରା ମଦ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ୪୦ ବୋତଲ ଆସ୍କାଫଟି ଜବତ କରିଥିବା ଜଣାଯାଇଛି। ପ୍ରକାଶ ଯେ ଜପକୁଦ ଫାଣ୍ଡି ଅନ୍ତର୍ଗତ ନରଦା ଅଞ୍ଚଳର ମୂରଲୀଧର ମଳିକ ନିଜ ଘର ନିକଟରେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବାର ଜପକୁଦ ଫାଣ୍ଡି ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରି ମୁରଲୀଧର ନିକଟରୁ ୪୦ ବୋତଲ ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିବା ଜଣାଯାଇଛି।

# ୩ ଆନ୍ତଃଜିଲ୍ଲା ଡକାୟତ ସହ ୪ ଗିରଫ





ସାଲେପୁର, ୩।୮ (ସମିସ)

କଟକ ଗ୍ରାମାଞ୍ଚଳ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏକାଧିକ ଡକାୟତି ଓ ଲୁଟ୍‌ତରାଜ ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ଆନ୍ତଃଜିଲ୍ଲା ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ସୁନା ରୁପା ଅଳଙ୍କାର, ନଗଦ ଟଙ୍କା ଜବତ କରିଥିବାବେଳେ ଏହି ଲୁଟ୍‌ତରାଜ ଘଟଣାରେ ବ୍ୟବହୃତ ହୋଇଥିବା ଏକ ସ୍କର୍ପିଓ ଓ ୩ଟି ମୋଟର ସାଇକଲକୁ ମଧ୍ୟ ପୁଲିସ ଜବତ କରିଥିବାର ଆଜି ସାଲେପୁର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ବିଭିନ୍ନ ସମୟରେ ଏହି ଡକାୟତି ଦଳ କଟକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭୁବନେଶ୍ୱର, କେନ୍ଦୁଝରେ ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଭୁଜାଲି ଓ ବନ୍ଧୁକ ଦେଖାଇ ଲୁଟ୍‌ପାଟ୍ ଚଳାଇଥିଲେ। ସମ୍ପୃକ୍ତ ଲୁଟେରା ଦଳ ଗତ ମଇ ମାସ ୧ ତାରିଖରେ ନେମାଳ ଥାନା ଅନ୍ତର୍ଗତ ବାଲିଗରଡ଼ା ବଜାରରେ ସୁନା ଦୋକାନ କରିଥିବା ରଞ୍ଜନ କୁମାର ସାହୁ ସୁନାରୂପା ଅଳଙ୍କାର ସହ ରାତି ୮.୩୦ମି. ସମୟରେ ଘରକୁ ଫେରୁଥିବାବେଳେ ହାଣ୍ଡିଡିଆ ପୋଲ ନିକଟରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ତାଙ୍କ ଠାରୁ ସୁନା ରୂପା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଯାଇଥିଲେ। ଏ ନେଇ ରଞ୍ଜନ ଗତ ୦୨।୦୫।୨୦୨୫ରେ ନେମାଳ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ସ୍ୱତନ୍ତ୍ର ପୁଲିସ ଟିମ୍ ଏହି ଲୁଟେରା ଗ୍ୟାଙ୍ଗର ସନ୍ଧାନ ପାଇଥିଲେ। ସେହିପରି ଏହି ଲୁଟେରା ଦଳ ସାଲେପୁର ଥାନା ଅଞ୍ଚଳରେ ୨୦୨୪ ମସିହାରେ ଫ୍ଲିପ୍‌କାର୍ଟ ଅଫିସରୁ ବନ୍ଧୁକ ଦେଖାଇ ଲୁଟ୍ କରିବା ସହ ନେମାଳ, ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏହି ଗ୍ୟାଙ୍ଗ ଲୁଟ୍‌ତରାଜ ଚଳାଇଥିଲେ। ଏହି ଲୁଟେରା ଦଳକୁ ଧରିବା ପାଇଁ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶକ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ସାଲେପୁର ଆଇଆଇସି ଅନୀତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କୁମାର ଦାସ, ନେମାଳ ଆଇଆଇସି ସୁଶିଳ ନାୟକ, ମାହାଙ୍ଗା ଆଇଆଇସିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଏହି ଘଟଣାରେ ଗ୍ରାମାଞ୍ଚଳ ପୁଲିସ ଗଞ୍ଜାମ ଜିଲ୍ଲାର ବୁଗୁଡ଼ାର ତୋଫାନ ବିଶୋଇ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସନ୍ତୋଷ ମଲ୍ଲିକ, ଜଗତ୍‌ସିଂହପୁର କୁଜଙ୍ଗର ପ୍ରଭାତ ମଲ୍ଲିକଙ୍କୁ ଗିରଫ କରିବା ସହ ସେମାନଙ୍କୁ ପଚରାଉଚୁରା କଲା ସମୟରେ ସେମାନେ ବିଭିନ୍ନ ଥାନା ଅଞ୍ଚଳରେ ଏହି ଲୁଟ୍‌ତରାଜ ଘଟଣା ଘଟାଇଥିବା ପୁଲିସ ନିକଟରେ ପ୍ରକାଶ କରିଥିଲେ। ଅପରପକ୍ଷରେ ଏହି ଘଟଣାରେ ଚୋରା ସାମଗ୍ରୀ କିଣିବା ଅଭିଯୋଗରେ ଭଦ୍ରେଶ୍ୱର ଥାନା ମାଟିପାରିଲୋ ଗ୍ରାମର ଦିବ୍ୟଜ୍ୟୋତି ନାୟକଙ୍କୁ ମଧ୍ୟ ଗିରଫ କରିଛି। ପୁଲିସ ସେମାନଙ୍କ ନିକଟରୁ ଏକ ବନ୍ଧୁକ, ୨ଟି ଜୀବନ୍ତ ଗୁଳି, ୩୩ ଗ୍ରାମ ଓଜନର ସୁନା ଅଳଙ୍କାର, ୧ କେଜି ୧୫୦ଗ୍ରାମର ରୂପା ଅଳଙ୍କାର, ନଗଦ ୧୦ହଜାର ଟଙ୍କା, ଏକ ଧଳାରଙ୍ଗର ସ୍କର୍ପିଓ, ୩ଟି ବଜାଜ୍ ବାଇକ୍ ଜବତ କରିଥିବାବେଳେ ଏକ ଚାପଡ଼, ୩ଟି ମୋବାଇଲ୍ ଫୋନ୍ ଜବତ କରିଥିବା ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

**ଅଳଙ୍କାର ଓ ନଗଦ ଟଙ୍କା ସହ ସ୍କର୍ପିଓ, ୩ ବାଇକ୍, ମାରଣାସ୍ତ୍ର ଜବତ**

## ପୋଲ ଭୁଶୁଡ଼ିବାରୁ କେନାଲକୁ ମାଡ଼ିଗଲା ଟ୍ରାକ୍ଟର



**ସାଲେପୁର, ୩।୮ (ସମିସ):** ଅପରାହ୍ଣରେ ଏକ ପୋଲ ଦେଇ କାଠ ବୋଝେଇ ଟ୍ରାକ୍ଟର ଯାଉଥିବାବେଳେ ପୋଲଟି ଭୁଶୁଡ଼ି ପଡ଼ିବାରୁ ଟ୍ରାକ୍ଟରଟି କେନାଲ ଭିତରକୁ ପଶି ଯାଇଥିବାବେଳେ ଟ୍ରାକ୍ଟର ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ରବିବାର ଅପରାହ୍ଣରେ ଏକ ଟ୍ରାକ୍ଟର ଚାକୁଣ୍ଡା କାଠ ବୋଝେଇ କରି ଭାତପଡ଼ା ନିକଟରେ ଯାଉଥିବାବେଳେ ଭାତପଡ଼ା ଗ୍ରାମ ନିକଟରେ ୪ନଂ କେନାଲ ଉପରେ ନିର୍ମିତ ପୋଲ ଦେଇ ମୁଖ୍ୟରାସ୍ତାକୁ ଯାଉଥିବାବେଳେ ପୋଲଟି ହଠାତ୍ ଭୁଶୁଡ଼ି ପଡ଼ିବାରୁ ଟ୍ରାକ୍ଟରଟି କେନାଲ ଭିତରକୁ ଅଧା ଅଧି ଖସିପଡ଼ିଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ଏହି ପୋଲଦେଇ ନିୟମିତ ସ୍କୁଲ ଗାଡ଼ି ଠାରୁ ଆରମ୍ଭ କରି ଛୋଟ ଛୋଟ ପିଲାମାନେ ମଧ୍ୟ ବିଦ୍ୟାଳୟକୁ ଯାତାୟତ କରୁଥିବାବେଳେ ଭାତପଡ଼ା ଓ ନାଦୋଳ ଅଞ୍ଚଳର ଲୋକମାନେ ଯାତାୟତ କରିଥାନ୍ତି। ଏହି ପୋଲଟି ଦୀର୍ଘଦିନ ହେବ ବିପଦସଂକୁଳ ଅବସ୍ଥାରେ ରହିଥିବାବେଳେ ଏହି ପୋଲ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ପାଇଁ ନାଦୋଳ ପଞ୍ଚାୟତ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ; କିନ୍ତୁ ଅଦ୍ୟାବଧି ପୋଲଟି ନିର୍ମାଣ ହୋଇ ନ ଥିବାରୁ ବାଧ ହୋଇ ଏହି ବିପଦସଂକୁଳ ପୋଲରେ ସ୍କୁଲ ଗାଡ଼ିଠାରୁ ଆରମ୍ଭ କରି ଗ୍ରାମବାସୀ ଯାତାୟତ କରିଥାନ୍ତି। ଆଜି ଏହି ପୋଲ ଦେଇ ଟ୍ରାକ୍ଟର ଯାଉଥିବାବେଳେ ଏହି ଅଘଟଣ ଘଟିଛି। ତେଣୁ ତୁରନ୍ତ ଏହିଠାରେ ପୋଲ ନିର୍ମାଣ କରିବା ପାଇଁ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

## 'ନଈସେପାରି ଝିଅ' ଗୀତି କବିତା ସଂକଳନ ଉନ୍ମୋଚିତ

**ନିଶ୍ଚିନ୍ତକୋଇଲି/ନିଆଳି, ୩।୮ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବନ୍ଧୁପୁର ଠାରେ ଥିବା ପରିବାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଗୀତି କବିତା ସଂକଳନ 'ନଈ ସେପାରି ଝିଅ'ର ଶୁଭ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଗୀତି କବିତା ପୁସ୍ତକକୁ ସଂସଦର ସଭାପତି ବିଶିଷ୍ଟ ପରିବେଶବିତ୍ ଆଦର୍ଶ ଶିକ୍ଷକ ତଥା ସାହିତ୍ୟିକ ସୁରଥ କୁମାର ରାଉତଙ୍କ ଦ୍ୱାରା ରଚନା କରାଯାଇଛି। କବି ସଚ୍ଚିଦାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୟୁନିଅନ ଫର କଟକ ସଦର ଡେଭଲେପମେଣ୍ଟର ସଭାପତି ସମାଜସେବୀ ମନୋଜ କୁମାର ନାୟକ, ମୁଖ୍ୟବକ୍ତା ଭାବେ ସମାଜର ପୂର୍ବତନ ମୁଦ୍ରାକର ତଥା ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ, ସମ୍ମାନୀତ ଅତିଥି ଭାବେ ଡ. ଲକ୍ଷ୍ମଣ ସାହୁ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଗୀତିକାର ବାବାଜୀ ଜେନା, ସାହିତ୍ୟିକ ରାଜୀବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଶିକ୍ଷାବିତ କାର୍ତ୍ତିକଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ମୁଖ୍ୟଅତିଥି ଭାବେ ସମାଜସେବୀ ଚୈତନ୍ୟ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶାରଦାପ୍ରସାଦ ମିଶ୍ର, କବି ପିତାମ୍ବର ମହାପାତ୍ର, ସମିତିସଭ୍ୟ ବିଶ୍ୱଜିତ୍ ସ୍ୱାଇଁ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ଆରୁଷି ନନ୍ଦ, ମାତୃପ୍ରସାଦ ଶତ୍ରୁଜିତ୍, ସୁରେନ୍ଦ୍ର ମହାପାତ୍ର, ବିଦ୍ୟୁତଲତା ଭୂୟାଁ, ଚନ୍ଦ୍ରମଣୀ ଭୂୟାଁ, ଶୁଭଶ୍ରୀ ମହାପାତ୍ର, ପ୍ରଭାତୀ ପଣ୍ଡା, ନିରଞ୍ଜନ ସାହୁଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁରଥ କୁମାର ରାଉତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ଅବନୀ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ପ୍ରବୀର ସାମଲ, କବିତା ରାଉତ, ପ୍ରଦୀପ୍ତ ଲେଙ୍କା, ପ୍ରମୋଦ ଜେନା, ଜ୍ଞାନମୟୀ ଦାସ, ସୁଶ୍ରୀସଙ୍ଗୀତା ରାଉତ, ସୁଚିସ୍ମିତା ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଏୟାରପୋର୍ଟରେ ଚାକିରି କରାଇବା ନାମରେ ୪୨ ଲକ୍ଷ ଟଙ୍କା ଠକେଇ

**ଭଦ୍ରେଶ୍ୱର, ୩।୮ (ସମିସ):** ଏୟାରପୋର୍ଟରେ ଚାକିରି କରାଇଦେବାର ପ୍ରଲୋଭନ ଓ ନିର୍ଭର ପ୍ରତିଶ୍ରୁତି ଦେଇ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଅଞ୍ଚଳର ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କ ଠାରୁ ୪୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଗୋବିନ୍ଦପୁର ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ଏୟାରପୋର୍ଟରେ ଚାକିରି କରାଇଦେବାର ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ଥାନୀୟ ଗୋତରା ଗ୍ରାମପଞ୍ଚାୟତ କାନପୁର ଗ୍ରାମର ସୌମ୍ୟରଞ୍ଜନ ନାୟକଙ୍କୁ ସନ୍ତୋଷ ଫୋନ ପେ ମାଧ୍ୟମରେ ଟଙ୍କା ଦେଇଥିବାର ଅଭିଯୋଗ କରିଛନ୍ତି। ସୌମ୍ୟରଞ୍ଜନ ପ୍ରଥମେ ସନ୍ତୋଷକୁ ମିଥ୍ୟା ନିଯୁକ୍ତିପତ୍ର ଓ ପରିଚୟ ପତ୍ର ପ୍ରଦାନ କରି ବିଶ୍ୱାସ ଜନ୍ମାଇଥିଲେ। ବିଶ୍ୱାସ ଆସିବାରୁ ସନ୍ତୋଷ ତାଙ୍କୁ ୪୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେଇଥିବାର ଥାନାରେ ଅଭିଯୋଗ ହୋଇଛି। ତେବେ ଏହି ନିଯୁକ୍ତିପତ୍ର ଓ ପରିଚୟପତ୍ର ଜାଲ୍ ହୋଇଥିବାର ସନ୍ତୋଷ ଜାଣିବାକୁ ପାଇଥିଲେ। ଟଙ୍କା ମାଗିବାରୁ ସୌମ୍ୟରଞ୍ଜନ ତାଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ହତ୍ୟା ଧମକ ଦେଇଥିବାର ସନ୍ତୋଷ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଭଦ୍ରେଶ୍ୱର ଥାନା ପୁଲିସ ଏହି ଘଟଣା ଉପରେ ତଦନ୍ତ ଜାରି ରଖିଛନ୍ତି। ତେବେ ଏହି ଜାଲ ନିଯୁକ୍ତି ପଛରେ ଏକ ବଡ ଧରଣର ର୍‌ୟାକେଟ୍ କାର୍ଯ୍ୟ କରୁଥିବାର ସନ୍ଦେହ କରାଯାଉଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ନାବାଳିକାକୁ ଅସଦାଚରଣ; ଯୁବକ ଗିରଫ

**ଭଦ୍ରେଶ୍ୱର, ୩।୮ (ସମିସ):** ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଞ୍ଚଳରେ ଜନୈକା ନାବାଳିକାକୁ ଅସଦାଚରଣ କରାଯାଇଥିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଫାଣ୍ଡି ଅଧୀନରେ ଥିବା ମଧୁପୁର ପଞ୍ଚାୟତର ଏକ ଗ୍ରାମର ଜନୈକା ନାବାଳିକାକୁ ବାସୁଦେବପୁର ଗ୍ରାମର ପ୍ରାଚୀଭୂଷଣ ମହାନ୍ତି ଅସଦାଚରଣ କରିଥିବାର କୁମୁଡାଜୟପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଫାଣ୍ଡି ଅଧିକାରୀ ମନୋଜ କୁମାର ବେହେରା ଅଭିଯୁକ୍ତ ପ୍ରାଚୀ ଭୂଷଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ସମ୍ପର୍କରେ ଥାନା କେସ୍ ନଂ ୨୩୮/୨୦୨୫ରେ ଏକ ମାମଲା ରୁଜୁ ହୋଇଛି।

## ଡେଙ୍ଗୁ ନିରାକରଣ ସଚେତନତା ଶୋଭାଯାତ୍ରା



**ଚୌଦ୍ୱାର, ୩।୮ (ସମିସ):** ଆରସିସି ବିବେକାନନ୍ଦ ଓ ରୋଟାରୀ କ୍ଲବ କଟକ ଅଭିନବ ପକ୍ଷରୁ ଡେଙ୍ଗୁ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷାନୁଷ୍ଠାନର ସଭାପତି ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଅଭିନବର ସମ୍ପାଦିକା ମନୋରମା ଜେନା, ସୁଧାଂଶୁ ଶେଖର ଜେନା, ବିଶ୍ୱନାଥ ପଣ୍ଡା, ମୀନା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିବେକାନନ୍ଦର ଛାତ୍ରଛାତ୍ରୀମାନେ ଚୌଦ୍ୱାର ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ଡେଙ୍ଗୁ ଓ ଡାଇରିଆ ନିରାକରଣ ଉପରେ ସଚେତନ କରାଇବା ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। କିଛି ଲୋକଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। ଅକ୍ଷୟ ନାୟକ, ଭାରତୀ ନାୟକ, ଗଣେଷ ହେମ୍ବ୍ରମ, ରାଜେଶ ସାହୁ, ପ୍ରଭାସ ଚୌଧୁରୀ, ଲକ୍ଷ୍ମୀ ନାଟିଆ, ଅମିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ ଓଝା ଧନ୍ୟବାଦ ଦେଇଥିଲେ।

## ସେବା ସମିତିର କାଉଡ଼ିଆ ସେବା



**ଚୌଦ୍ୱାର, ୩।୮ (ସମିସ):** ଶ୍ରାବଣ ମାସର ଚତୁର୍ଥ ପାଳିରେ ବୋଲବମ ଭକ୍ତଙ୍କୁ ଚୌଦ୍ୱାର ଗୋଡିପାଟଣା ସ୍ଥିତ ଶ୍ରୀ ଶ୍ରୀ ରାଧାମୋହନଜୀୟୁ ସେବା ସମିତି ପକ୍ଷରୁ ସେବା ଯୋଗାଇ ଦିଆଯାଉଛି। ଅନୁଷ୍ଠାନ ତରଫରୁ ଚଷାପଡ଼ା ଘାଟ କୁଳରେ ଏକ କ୍ୟାମ୍ପ କରାଯାଇ ଜଳଲାଗି ପାଇଁ ଧବଳେଶ୍ୱର ଅଭିମୁଖେ ଯାଉଥିବା କାଉଡ଼ିଆଙ୍କୁ ଖାଦ୍ୟ, ପାନୀୟ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଅନୁଷ୍ଠାନର କର୍ମକର୍ତ୍ତା ଏହି ସେବା କାର୍ଯ୍ୟ ଜାରି ରଖିଛନ୍ତି। ରବିବାର ଦିନ ସାମ୍ବାଦିକ ସନ୍ତୋଷ ଖୁଣ୍ଟିଆ, ଅଜିତ ସ୍ୱାଇଁ, ଆଶୁତୋଷ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମିତିର ଉପଦେଷ୍ଟା ବ୍ରଜେନ୍ଦ୍ର ନାଥ ନାୟକ, ସଂଯୋଜକ ସନାତନ ମିଶ୍ର, ବିମ୍ବାଧର ବେହେରା, ହେମନ୍ତ ପାତ୍ର, ଶ୍ରୀନିବାସ ସୁବୁଦ୍ଧିରାୟ ଓ ପ୍ରଭାତ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ପ୍ରକାଶ ପାଇବ ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ

କଟକ, ୩।୮ (ସମିସ)



୨୦୨୬ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ଆସନ୍ତାକାଲି ସୋମବାର ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟ, ନୟାସଡ଼କ, କଟକଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହେବାକୁ ଯାଉଛି। ସୋମବାରରୁ ଏହା ବଜାରରେ ଉପଲବ୍ଧ ହେବ। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଚଳିତବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି।

ପ୍ରକାଶଥାଉ କି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କେବଳ ଶିକ୍ଷକଙ୍କ ସମସ୍ୟା ସମାଧାନ ସମ୍ପର୍କରେ କାର୍ଯ୍ୟ କରି ନ ଥାଏ, ରାଜ୍ୟର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କର ଉତ୍ତମ ଭବିଷ୍ୟତ କଥା ସଦାସର୍ବଦା ଚିନ୍ତା କରିଥାଏ। ଏଣୁ ପ୍ରତ୍ୟେକ ବର୍ଷ ପରି ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ଚଳିତ ବର୍ଷ ଅର୍ଥାତ୍ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୯ ବର୍ଷ ଅତିକ୍ରାନ୍ତ କରିଛି। ପୂର୍ବ ବର୍ଷ ପରି ଏହି ବର୍ଷ ମଧ୍ୟ ଅନେକ ଅଭିଜ୍ଞ ଶିକ୍ଷକମାନଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ଟେଷ୍ଟ ପେପର୍ସ ପ୍ରସ୍ତୁତ ହୋଇଛି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଆସନ୍ତା ଅଗଷ୍ଟ ୪ ତାରିଖ ସୋମବାର ଦିନ ଉକ୍ତ ଟେଷ୍ଟ ପେପର୍ସ ବିକ୍ରୟ କରାଯିବ ଓ ଏହା ବଜାରରେ ଉପଲବ୍ଧ ହେବ। ଓଷ୍ଟା ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଚଳିତ ବର୍ଷ ପୂର୍ବ ବର୍ଷମାନଙ୍କ ପରି ଅତି ସୁଲଭ ଦରରେ ଯୋଗାଇଦେବା ପାଇଁ ଓଷ୍ଟା କାର୍ଯ୍ୟକାରୀ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷର ବୋର୍ଡ଼ ପରୀକ୍ଷା ଓ ମୂଲ୍ୟାୟାନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ଼ ପକ୍ଷରୁ ଯେଉଁସବୁ ନୂତନ ପଦ୍ଧତି ପ୍ରକାଶିତ ହୋଇଛି, ସେଥିମଧ୍ୟରୁ ଯେଉଁ ବ୍ୟବସ୍ଥା ଗୁଡ଼ିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଆବଶ୍ୟକ ହେବ ନାହିଁ, ସେ ସମସ୍ତ ବିଷୟବସ୍ତୁ ଉପରେ ସଂଶୋଧନ ପାଇଁ ଆଗାମୀ ଦିନରେ ବୋର୍ଡ଼ ଓ ରାଜ୍ୟସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୫-୨୬ ବାର୍ଷିକ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ନିର୍ଦ୍ଧାରିତ ସମୟରେ କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଉଛି।

ରାଜ୍ୟର ସର୍ବପୁରାତନ, ସର୍ବାଧିକ ଆଦୃତ ଏବଂ ମାଟ୍ରିକ୍ ପରୀକ୍ଷାରେ ଅଧିକ ପ୍ରଶ୍ନ ଆସୁଥିବା ଓଷ୍ଟା ଟେଷ୍ଟ ପେପର୍ସକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଓଷ୍ଟାର ଏହି ଛୋଟିଆ ପ୍ରୟାସକୁ କାର୍ଯ୍ୟକାରୀ କରିବା ପାଇଁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ଓଷ୍ଟା ଟେଷ୍ଟ ପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସମ୍ପାଦକ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

**ବୋର୍ଡ ଢାଞ୍ଚାରେ ଦଶମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଶ୍ନୋତ୍ତର**

# ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

- ଗାଁକୁ ଶବ ଆଣିବାକୁ ପରିବାର ଅକ୍ଷମ
- ସହଯୋଗ ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନକକୁ ଅନୁରୋଧ
- ୪ ପିଲାଙ୍କ ଭବିଷ୍ୟତ ନେଇ ପତ୍ନୀ ଚିନ୍ତିତ



ଶଗଡ଼ା, ୩।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତର ମାଝିପଡ଼ା ଗ୍ରାମର ରମେଶ ଜଗଦଲା (୪୦)ଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ସେଠାରେ ସେ ଦାଦନ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ। ରିବାର ଗ୍ରାମର ସୁପ୍ରିମ ଇଣ୍ଡୋଷ୍ଟ୍ରିୟା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ପ୍ଲାଷ୍ଟିକ କମ୍ପାନୀରେ ସେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ରବିବାର ସକାଳ ୧୧ଟାରେ କାର୍ଯ୍ୟ କରୁଥିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ଯାଇଥିଲେ। ଅଚେତ୍ ତାଙ୍କର ମୃତ୍ୟୁ ଘଟିଛି। ଘରକୁ ଶବ ଆଣିବା ସହଯୋଗ କରିବା କିମ୍ବା ପଦକ୍ଷେପ ନେବାକୁ ଅଗ୍ରଣୀ ସାମାଜିକ ସଂଗଠନ ବୌଦ୍ଧ ଜିଲ୍ଲା ପାଣ-ଗଣ୍ଡା ସମାଜ ବିକାଶ ପରିଷଦ ଏବେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛି। ତାମିଲନାଡୁ ଏରୋଡ ଜିଲ୍ଲା ଚିନିମେଲାଇ ଥାନା ଅଧୀନ ଏଙ୍ଗର ଶିବକୋଟ ଏରିୟା ଅବସ୍ଥାରେ ତାଙ୍କୁ ଅନ୍ୟ ଶ୍ରମିକମାନେ ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ରମେଶଙ୍କ ପତ୍ନୀ ମହେନ୍ଦ୍ରୀ ଜଗଦଲା ୪ପୁଅଝିଅଙ୍କ ଭବିଷ୍ୟତକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମସ୍ତେ ଭାଙ୍ଗି ପଡ଼ିଛନ୍ତି।

# ଉପାନ୍ତରେ ବିକାଶ ବାଟବଣା

ଶଗଡ଼ା, ୩।୮ (ସମିସ)



- ରାସ୍ତା ନାହିଁ, ଯାତାୟାତରେ ୨ଟି ନାଳ ବାଧକ
- ବର୍ଷା ଦିନେ ଭରା ନାଳ ପାରି ହେବାକୁ ପଡୁଛି

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଉପାନ୍ତ ଜଙ୍ଗଲ ପାହାଡ ଘେରା ସେକାମାଲ ଗ୍ରାମଠାରୁ ମନୋହରପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ମାଟି ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ଦୈନନ୍ଦିନ ଅନେକ ଗାଡି ମୋଟର ସହ ଶହ ଶହ ଲୋକ ଯାତାୟାତ କରିଥାନ୍ତି; ହେଲେ ରାସ୍ତାର ଅବସ୍ଥା ଦେଖି ଲୋକେ ଯିବାକୁ ଭୟ କରୁଛନ୍ତି। ଏହି ରାସ୍ତା ଦେଇ ଶିଗାଡି, କଳା ସୁଲିଆ, କନା ବୀର, ବାଞ୍ଜିମୁଣ୍ଡା, ମନୋହର ପୁର, ପାଲଝିର, ଲକ୍ଷ୍ମୀପ୍ରସାଦ ଆଦି ୭ରୁ ଅଧିକ ଗ୍ରାମର ଲୋକେ ଦୈନିଦିନ ଯାତାୟାତ କରିଥାନ୍ତି। ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା କାଦୁଅ ସାଙ୍ଗକୁ ଖାଲଖମାରେ ଭର୍ତ୍ତି ହୋଇଯାଏ। ଗାଡି ତ ଦୂରର କଥା ଚାଲି ଚାଲି ଯିବା ମଧ କଷ୍ଟକର ହୋଇ ପଡେ। ଅତି ଜରୁରୀ ନ ହେଲେ ଗ୍ରାମବାସୀ ଏହି ରାସ୍ତାରେ ଯିବାକୁ ଭୟ କରନ୍ତି। ପାଣି କାଦୁଅ ରାସ୍ତାରେ ଯିବା ସମୟରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଅନ୍ୟପଟେ ଏହି ଗ୍ରାମକୁ ଯିବା ପାଇଁ ଦୁଇଟି ବଡ ନାଳ ପାରି ହୋଇ ଯିବାକୁ ପଡେ। ସାମାନ୍ୟ ବର୍ଷା ହେଲେ ନାଳରେ ପାଣି ଆସେ। ଏଣୁ ଲୋକଙ୍କ ଯାତାୟାତ ବନ୍ଦ ହୋଇଯାଏ। ଅତି ଜରୁରୀ ପଡ଼ିଲେ ଲୋକେ ଭରା ନାଳରେ ପାରି ହେବାକୁ ବାଧ ହୁଅନ୍ତି। ଭରା ନାଳରେ ପାରି ହେବା ସମୟରେ ଅନେକ ଲୋକ ସ୍ରୋତରେ ପଡ଼ିଯିବା ସହ ଜିନିଷ ପତ୍ର ସବୁ ନଷ୍ଟ ହୋଇଥିବା ନଜିର ରହିଛି। ବର୍ଷା ଦିନେ କୌଣସି ବ୍ୟକ୍ତି ଦେହ ଅସୁସ୍ଥ ହେଲେ ନାଳ ପାଇଁ ଆମ୍ବୁଲାନ୍ସ ଆସି ନ ପାରିବାରୁ ଖଟିଆରେ ରୋଗୀକୁ ବୋହିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଗ୍ରାମ ଗୁଡିକରେ ଯାତାୟାତର ସୁବିଧା ନ ଥିବାରୁ ଲୋକେ ଚିକିତ୍ସା ସୁବିଧା ନ ପାଇ କ୍ୱାକ ଉପରେ ନିର୍ଭର କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଯାତାୟାତ ସମୟରେ ଅନେକ ଲୋକ ପଡ଼ି ଯିବା ସହ ଗାଡି ମଧ ଭାଙ୍ଗି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ବର୍ଷା ଦିନରେ ଏହି ରାସ୍ତାରେ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଚିନ୍ତା ଘାରୁଛି। ଏହି ରାସ୍ତା ସହ ଭରା ନାଳ ଦେଇ ଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ସହ ଅନେକ ବୃଦ୍ଧା ବୃଦ୍ଧ ଭତ୍ତା ପାଇଁ ପଞ୍ଚାୟତକୁ ଏହି ପାଣି କାଦୁଅ ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବରେ ଯାତାୟାତ କରିଥାନ୍ତି। ସରକାର ଯାତାୟତକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର ରାସ୍ତାକୁ ଉନ୍ନତମାନର କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଖାମଖିଆଲି ମନୋଭାବ ଯୋଗୁଁ ଏହି ରାସ୍ତାଟି ମରଣଯନ୍ତା ପାଲଟିଛି। ଦୀର୍ଘ ବର୍ଷ ହେବ ନାଳ ଦ୍ୱୟରେ ଏକ ପୋଲ ନିର୍ମାଣ ହୋଇ ପାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ନାଳରେ ପୋଲ ନିର୍ମାଣ ସହ ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ସ୍ଥାନୀୟ ଜନ ପ୍ରତିନିଧି ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ପାରି ନାହିଁ। ଲୋକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଉକ୍ତ ନାଳରେ ପୋଲ ନିର୍ମାଣ ସହ ରାସ୍ତାକୁ ଖୁବ ଶୀଘ୍ର ମରାମତି କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ କଡା ଚେତାବନୀ ଦେଇଛନ୍ତି। ନିର୍ବାଚନ ଆସିଲେ ନେତା ଗାଁ ମୁହାଁ ହୁଅନ୍ତି; କିନ୍ତୁ ନିର୍ବାଚନ ସରିଲେ ସତେ ଯେମିତି ସବୁ କିଛି ଭୁଲି ଯାଆନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ବୌଦ୍ଧ, ୩।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲାପରିଦେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବୁର୍ଲା ସ୍ଥାନାନ୍ତର ବେଳେ ଡ୍ରାଇଭରଙ୍କ ମୃତ୍ୟୁ

ପଲଶାଗୋରା, ୩।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ସଦର ଗ୍ରାମର ପ୍ରବୀର ସାହୁ (କୁନୁ)ଙ୍କ ୪୫ ବର୍ଷରେ ମୃତ୍ୟୁ ଘଟିଛି। କୁନୁଙ୍କ ଦେହ ଅସୁସ୍ଥ ଥିବାରୁ ଘର ଲୋକେ ତାଙ୍କୁ ସୋନପୁର ହସ୍ପିଟାଲ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ବୁର୍ଲା ସ୍ଥାନାନ୍ତର କରିଥିଲେ। ବୁର୍ଲା ନେଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ସେ ଡ୍ରାଇଭର ଭାବେ କାର୍ଯ୍ୟ କରି ଘର ଚଳାଉଥିଲେ। ଗାଁ ମଶାଣିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## କାର୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ, ୩।୮ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଜମଟାଙ୍ଗୀ ଗ୍ରାମ ନିକଟରେ ରବିବାର ସକାଳେ ଏକ କାର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜମଟାଙ୍ଗୀ ନିକଟ ସାହୁପଡ଼ା ଗ୍ରାମର ବିକାଶ ଦେହୁରୀ। ସେ ଏକ ବାଇକ୍ ଯୋଗେ ବାଉଁଶୁଣୀ ଛକ ଆଡ଼କୁ ଆସୁଥଲେ। ଏତିକିବେଳେ ଅଁଳାପାଲିରୁ ଏକ କାର ସୋନପୁର ଆଡକୁ ଯାଉଥିଲା। ଦୁର୍ଭାଗ୍ୟକୁ ଜମଟାଙ୍ଗୀ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଉଁଶୁଣୀ ଦମକଳ ବାହିନୀ ଗୁରୁତର ବାଇକ ଆରୋହୀଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ଗୁରୁତର ବିକାଶଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମନମୁଣ୍ଡା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗାଡିକୁ ଜବତ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ରାଜନୈତିକ ଦଳ ସହ ପ୍ରଶାସନର ଆଲୋଚନା



ବୌଦ୍ଧ, ୩।୮ (ସମିସ): ବୌଦ୍ଧର ବିଭିନ୍ନ ମତଦାନ କେନ୍ଦ୍ର ବିଷୟରେ ପ୍ରଶାସନ ରାଜନୈତିକ ଦଳ ସହ ଆଲୋଚନା କରିଛି। ଯେଉଁ ମତଦାନ କେନ୍ଦ୍ରରେ ୧୨୦୦ କିମ୍ବା ତାହାଠାରୁ ଅଧିକ ମତଦାତା ଅଛନ୍ତି ସେଗୁଡ଼ିକର ପୁନଃବ୍ୟବସ୍ଥାପନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଭାଶ ଚନ୍ଦ୍ର ଦାଣ୍ଡସନା, ଉପଜିଲ୍ଲାପାଳ ବିନୟ ଭୋଇ ଉପସ୍ଥିତ ଥିଲେ। ଏଥିରେ ବିଜୁ ଜନତା ଦଳ ପକ୍ଷରୁ ଅବକାଶ ସାହୁ ଏବଂ ଶ୍ରୀ ସନ୍ତୋଷ ନାୟକ, ଭାରତୀୟ ଜନତା ପାର୍ଟି ପକ୍ଷରୁ ବିପ୍ରଚରଣ ମହାନ୍ତି ଓ ଶ୍ୟାମସୁନ୍ଦର ପୁରୋହିତ, କଂଗ୍ରେସ ପକ୍ଷରୁ ଶ୍ରୀ ସମରେଶ ମିଶ୍ର ଉପସ୍ଥିତ ଥିଲେ। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଶରତ ମିଶ୍ର ବୈଠକ ପରିଚାଳନା କରିଥିଲେ। ବରିଷ୍ଠ ରାଜସ୍ୱ ସହାୟକ ସରୋଜ ବେହେରା, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର ମେହେର, ମିତାଞ୍ଜଳି କହଁର, ପ୍ରଦୀପ୍ତ ନାୟକ, ମନୋଜ ବେହେରା ଓ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମସିଣାପାଲି ଓ କଦଳୀପାଲିରେ ସ୍ୱାସ୍ଥ୍ୟ ଶିବିର

ସୁବଳୟା, ୩।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନତେଲା ପଞ୍ଚାୟତର ମସିଣାପାଲି ଓ କେନଝିରିଆପାଲି ପଞ୍ଚାୟତର କଦଳୀପାଲି ଗ୍ରାମରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ମସିଣାପାଲି କେନ୍ଦୁପତ୍ର ସେକ୍ସନରେ ଏହି ଶିବିର ହୋଇଥିବା ବେଳେ ଅପରାହ୍ନରେ କଦଳୀପାଲି ସେକ୍ସନରେ ଶିବିର ହୋଇଥିଲା। ବହଲପଦର କେନ୍ଦୁପତ୍ର ରେଞ୍ଜ ଅଧିକାରୀ ମାନସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ



ଏହି ଶିବିରରେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଚିକିତ୍ସକ ଡ. ମାନସ ନାଏକ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମସିଣାପାଲି ସେକ୍ସନରେ ୧୫୧ ଜଣ ଓ କଦଳୀପାଲି ସେକ୍ସନରେ ସମୁଦାୟ ୨୦୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ୩୫୭ ଜଣଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ବହଲପଦର କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ଭୂତିଆପାଲି ସେକ୍ସନର ବନପାଳ ରୋହିତ କୁମାର ପଧାନ, ବହଲପଦର ସେକ୍ସନର ବିଦ୍ୟୁତ ବେହେରା, ମସିଣାପାଲି ସେକ୍ସନର ସନ୍ଧ୍ୟାରାଣୀ ନାଏକ, କଦଳୀପାଲି ସେକ୍ସନର ବାନପାଳ ତପସ୍ୱିନୀ ସାହୁ, ଡିଇଓ ଲିକୁନ ସାହୁଙ୍କ ସମେତ ସମସ୍ତ ସାମୟିକ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ବୀରମହାରାଜପୁର, ୩।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଫୁଲ୍ଲ କୁମାରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ମୁଖ୍ୟ ଅତିଥି ଓ ବୀରମହାରାଜପୁର ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ଆରକ୍ଷୀ ଅଧିକ୍ଷକ ପରିଚୟ ପତ୍ର ବଣ୍ଟନ କରିଥିଲେ।

ଏହି ଅବସରରେ ପ୍ରଫୁଲ୍ଲ କୁମାର ରଥ, ସୋମିତ୍ରି ମେହେର, ବାସୁଦେବ ପଣ୍ଡା, ଅକ୍ରୁର ଦନ୍ତା, ଦ୍ୱିତିକୃଷ୍ଣ ପଣ୍ଡା, ଦିଲ୍ଲୀପ କୁମାର ତ୍ରିପାଠୀ, ଭଗବାନ ମିଶ୍ର, ଦୟାନିଧି ହୋତା, ଭୂଷଣ କୁମାର ପତ୍ର, ସନ୍ତୋଷ ଷଡ଼ଙ୍ଗୀ, ଗୋପୀନାଥ ମହାକୁରଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବୌଦ୍ଧରେ ପିଏମ୍ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମ



ବୌଦ୍ଧ, ୩।୮ (ସମିସ): ବୌଦ୍ଧ ଜିଲ୍ଲା ସଦର ମହକୁମା ଟାଉନହଲରେ ଜିଲ୍ଲାସ୍ତରୀୟ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲାପରିଷଦ ମୁଖ୍ୟଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଯୁଗଳ କିଶୋର ସାମଲ, ବିପ୍ରଚରଣ ମହାନ୍ତି, କୃଷକନେତା ସୂର୍ଯ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି. ଭେଙ୍କଟ ରମଣ ରାଓ ସମସ୍ତଙ୍କୁ ସ୍ୱାଗତ କରିବାସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହରଭଙ୍ଗା ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ତେ ଦେଖୁଛନ୍ତି; କାହା ପାଟି ଖୋଲୁନି



- ରାସ୍ତା ନଷ୍ଟ କରୁଛି ଲୁହା ଚକଲଗା ଟ୍ରାକ୍ଟର
- ଟଙ୍କା ରୋଜଗାର କରୁଛି ଗାଡ଼ି ମାଲିକ
- କାଦୁଅ ହେଉଛି ପିଚୁ ଓ କଂକ୍ରିଟ ରାସ୍ତା
- ଖୋଳି ହୋଇଯାଉଛି ମାଟି ରାସ୍ତା
- ପୁଲିସ, ପରିବହନ ବିଭାଗ, ପ୍ରଶାସନ ସମସ୍ତେ ଚୁପ୍
- ଦୁର୍ଘଟଣାର ଶିକାର ହେଉଛନ୍ତି ସାଧାରଣଜନତା

ବୌଦ୍ଧ, ୩।୮ (ସମିସ)

ବୌଦ୍ଧ ଜିଲ୍ଲାରେ ଖରିଫ ଧାନ ଚାଷ ଜାରି ରହିଛି। ତେବେ ଧାନ ଚାଷ ପାଇଁ ଚାଷୀ ଆଉ ହଳ ନଙ୍ଗଳ ବ୍ୟବହାର ନ କରି ଟ୍ରାକ୍ଟର ଓ ପାୱାର ଟିଲର ଉପରେ ଭରସା କରୁଛି। ଏହାଫଳରେ ଜିଲ୍ଲାର ବିଭିନ୍ନ ରାସ୍ତାରେ ଟ୍ରାକ୍ଟରରେ ଲାଗିଥିବା ଲୁହା ଚକ ପାଇଁ ସମସ୍ୟା ଉପୁଜୁଛି। ଏହି ଲୁହା ଚକ ବାଜି ମାଟି ରାସ୍ତା ଖାଲ ହେଉଛି। ସେହିଭଳି ଚକରେ ଲାଗିଥିବା ମାଟି ପିଚୁ ଓ କଂକ୍ରିଟ ରାସ୍ତାକୁ କାଦୁଅ କରୁଛି। ଏଥିଯୋଗୁଁ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛି। ହରଭଙ୍ଗା ବ୍ଲକ ଚାରିଛକ -ଶୀତଳପାଣି ରାସ୍ତାରେ ପିଚୁ ପକାଇ ମରାମତି କରାଯାଇଛି। ହେଲେ ଟ୍ରାକ୍ଟର ଯୋଗୁଁ ରାସ୍ତା କାଦୁଅ ହେଉଛି। ସେହିଭଳି କରଞ୍ଜକଟା, ଉପରକଟା, ଲଖଣ ପୁର, ଡୁକୁଲୁଣ୍ଡା ଗ୍ରାମରେ ଟ୍ରାକ୍ଟର ଲୁହା ଚକ ଲଗାଇ ବାରମ୍ବାର ଯିବା ଆସିବା ଫଳରେ ପୂର୍ତ୍ତ ରାସ୍ତା ଉପରେ ଗାର ପଡୁଛି। କିଛି ସ୍ଥାନରୁ ପିଚୁ ଉଠି ରାସ୍ତା ଶୋଚନୀୟ ହୋଇ ଗଲାଣି। ଚାଷୀଙ୍କୁ କାମରେ ସହଜ ହେଉଛି। ଟ୍ରାକ୍ଟର ମାଲିକ ମଧ ଟଙ୍କା ରୋଜଗାର କରୁଛନ୍ତି; ହେଲେ ସରକାରୀ ରାସ୍ତା ନଷ୍ଟ ହେଉଛି। ଲୋକେ ହଇରାଣ ହେଉଛନ୍ତି। କୁଟୀଝାରଠାରୁ ଅରଖପଦର ରାସ୍ତା ମଧ ସମାନ ଅବସ୍ଥା। କୁସଙ୍ଗ-ବାଣିଗୋଛା ରାସ୍ତା ମହାଲିକପଡ଼ା, ଯାବର, ଗୁରୁଡ଼ା ମୁଣ୍ଡା, ତଳଗାଁ ଓ ସଂକୁଲୋଇ ପଞ୍ଚାୟତ ରାସ୍ତା ଉପରେ ମଧ ଲୁହା ଚକ ଲଗା ଟ୍ରାକ୍ଟର ଚାଲୁଛି। ଏହାଫଳରେ ହରିହରପୁରକୁ ରାସ୍ତା ଖରାପ ହେତୁ ଆମ୍ବୁଲାନ୍ସ ଅଧା ବାଟରେ ଅଟକି ରହିଥିଲା। ଗାଡିଟି କାଦୁଅରେ ଫସି ଯାଇଥିଲା। ଏଣୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ତେବେ ଏ ବାବଦରେ ବୌଦ୍ଧ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ ଛୁଆଳସିଂଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତାରେ ବେଆଇନ ଲୁହା ଲଙ୍ଗଳ ବ୍ୟବହାରକୁ ନେଇ ବୌଦ୍ଧ ପରିବହନ ବିଭାଗ ଓ ପୁଲିସକୁ ଅବଗତ କରାଯାଇଛି। ଏ ଦିଗରେ ସେମାନେ ପଦକ୍ଷେପ ନେବେ ବୋଲି ଉତ୍ତର ରଖିଛନ୍ତି। ଜନସାଧାରଣ ଏ ଦିଗରେ ସଚେତନ ହେବା ଆବଶ୍ୟକ। ବେଆଇନ ଭାବେ ଚାଲୁଥିବା ଟ୍ରାକ୍ଟର ଚଳାଚଳକୁ ବନ୍ଦ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ



ବୌଦ୍ଧ, ୩।୮ (ସମିସ): ବୌଦ୍ଧ ଜିଲ୍ଲା ବ୍ୟାଡମିନ ଆସୋସିଏସନ ପକ୍ଷରୁ ବୌଦ୍ଧ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ୍ ର୍ୟାଙ୍କିଂ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ୫୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ସିଙ୍ଗଲ ସେମିଫାଇନାଲକୁ ଆୟୁଷ ଦାସ, ପରାସ ମାଥୁର, ଆରିୟା ମାଝି, ଅମ୍ରିତ ମହାନ୍ତି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ମହିଳା ସିଙ୍ଗଲରେ ସେମିଫାଇନାଲକୁ ଗୀତା ଶ୍ରୀଡେ, ବର୍ଷା ମୁଖାର୍ଜୀ, ତୃମି ବାଗଚି, ହର୍ଷିତା ରାଉତ ଯୋଗ୍ୟ ବିବେଚିତ ହୋଇଛନ୍ତି। ପୁରୁଷ ଯୋଡି ସେମିଫାଇନାଲରେ ଅର୍ନିବାନ ଓ ପରାସ ଯୋଡି, ଏ.ସାମତ ଓ ଏସ କେ ମୋଦୀ ଯୋଡି, ଅଭିଜିତ ଓ ତନମୟ ଯୋଡି, ଅମ୍ଲାନ ଓ ସିର୍ଦ୍ଧାଥ ଯୋଡି ଯୋଗ୍ୟ ବିବେଚିତ ହୋଇଛନ୍ତି।

ଟୁର୍ଣ୍ଣାମେଣ୍ଟରେ ପୁରଷ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ସିଙ୍ଗଲ୍ସ, ମହିଳା ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଖେଳ ଅନୁଷ୍ଠିତ ହେଉଛି। ଏଥିରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ସୌମିତ୍ରୀ ନାୟକ, ରାଜ୍ୟ ବ୍ୟାଡମିଣ୍ଟନ୍ ସଂଘର ସମ୍ପାଦକ ନଳିନୀ କୁମାର, ରାଜ୍ୟ ସମ୍ପାଦକ ପ୍ରଦୀପ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୧୧ ଜଣ ପୁରୁଷ ଓ ୧୭ ଜଣ ମହିଳା ଖେଳାଳି ଭାଗ ନେଇଛନ୍ତି। ଆସୋସିଏସନର ସମ୍ପାଦକ ସୁନ୍ଦର ପ୍ରକାଶ, ଉପସଭାପତି ପରେଶ ବେହେରା, କୋଷାଧ୍ୟକ୍ଷ ଶିବାନନ୍ଦ ସାହୁ, ଜୁଲିୟସ ସିଜର ମହାକୁଲ, ଆଲୋକ ରଥ, ଗଣେଶ ମହାପାତ୍ର ବିବେକ କର୍ଣ୍ଣ, ସନ୍ତୋଷ ମହାନ୍ତି, ସାଇ ଦାସ ଓ ଆସୋସିଏସନର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।





### ବିମାନରେ ଆସି ଭୁବନେଶ୍ୱରରୁ କରୁଥିଲେ ଚୋରି

# ଦିଲ୍ଲୀରୁ ଦୁଇ ଆନ୍ତଃରାଜ୍ୟ ଲୁଟେରା ଗିରଫ

ଭୁବନେଶ୍ୱର, ୩।୮ (ସମିସ):

ଦିଲ୍ଲୀରୁ ବିମାନରେ ଆସି ଭୁବନେଶ୍ୱରୁ କରୁଥିଲେ ଚୋରି। ଏଠାରୁ ଚୋରି କରିବା ପରେ ପୁଣି ବିମାନରେ ଅନ୍ୟ ରାଜ୍ୟକୁ ପଳାଇ ଯାଉଥିଲେ। ଏହିଭଳି ସେମାନେ ୧୦ରୁ ଅଧିକ ରାଜ୍ୟକୁ ଯାଇ ଚୋରି କରୁଥିଲେ। ଗୋଟିଏ ରାଜ୍ୟରେ ଚୋରି କରିବା ପରେ ସେଠାରୁ ଅନ୍ୟ ରାଜ୍ୟକୁ ପଳାଉଥିଲେ। ଫଳରେ ସେମାନଙ୍କୁ ଧରିବା ପୁଲିସ ପକ୍ଷରେ କଷ୍ଟକର ଥିଲା। ଶେଷରେ ଏହି ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ୨ଜଣକୁ ଧରିବାରେ ସଫଳ ହୋଇଛି କମିଶନରେଟ୍ ପୁଲିସ। ସେମାନେ ହେଲେ, ହରିୟାଣା ଫରିଦାବାଦର ଖୁରସିଦ୍ ଖାନ ଏବଂ ମଜାଫରନଗରରେ ରହୁଥିବା ମହମ୍ମଦ ଆରିଫ। ସେମାନଙ୍କ ନିକଟରୁ ନଗଦ ୧୮ ଲକ୍ଷ ଟଙ୍କା, ଘରତଡ଼ା ଲୁହା ଏବଂ ବ୍ୟାଗ୍ ଜବତ ହୋଇଛି।

ସହିଦନଗର ଥାନା ଅଞ୍ଚଳରେ ରହୁଥିବା ଭବଶ୍ରୀ ଭାବେଶ ବଳଙ୍କ ଘରୁ ଗତ ମାସ ୨୧ ତାରିଖରେ ଅଭିଯୁକ୍ତ ପଶି ୨୩୦ ଗ୍ରାମ୍‌ର ସୁନା ଏବଂ ଟଙ୍କା ଚୋରି କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାର ତଦନ୍ତ କରିବାକୁ ଡିସିପି ସ୍ପେଶାଲ ସ୍କ୍ୱାଡ୍‌କୁ ଦେଇଥିଲେ। ସ୍ପେଶାଲ ସ୍କ୍ୱାଡ୍ ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ଗୁଇନ୍ଦା ଖବର ଆଧାରରେ ଲୁଟେରାଙ୍କ ସମ୍ପର୍କରେ ସୁରାକ ପାଇଥିଲେ। ଷ୍ଟେସନ୍‌ର



ସିସିଟିଭି ଯାଞ୍ଚ କରିବା ପରେ ଲୁଟେରାଙ୍କ ସମ୍ପର୍କରେ ତଥ୍ୟ ମିଳିଥିଲା। ସେମାନେ ଏଠାରୁ ଚୋରି କରି ନେଇ ଦିଲ୍ଲୀରେ ସୁନାକୁ ତରଳାଇ ବିକ୍ରି କରିଥିଲେ। ଏହି ଟଙ୍କାକୁ ସେମାନେ ଭାଗବଣ୍ଟା କରିବା ପାଇଁ ନିଜ

**୧୮ ଲକ୍ଷ ଟଙ୍କା, କବାଟ ତଡ଼ା ଲୁହାରଡ୍ ଜବତ**

**ଲୁଟ୍ ସୁନାକୁ ତରଳାଇ ବିକିଥିଲେ**

**ଲୁଟ୍ ଟଙ୍କାରେ ଭଉଣୀ ବାହାଘର କରିଥା'ନ୍ତେ**

**୧୦ରୁ ଅଧିକ ରାଜ୍ୟରେ କରିଛନ୍ତି ଲୁଟ୍**

ପାଖରେ ରଖିଥିଲେ। ହେଲେ ଏହା ପୂର୍ବରୁ ପୁଲିସ୍ ସେମାନଙ୍କୁ ମାଡ଼ି ବସିଥିଲା। ଏହି ରାକେଟ୍‌ରେ ଅନ୍ୟ କେଉଁମାନେ ଅଛନ୍ତି, ତାହା ଜାଣିବା ପାଇଁ ପୁଲିସ ଦୁଇଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବ ବୋଲି ଜଣାଯାଇଛି। ଆହୁରି ମଧ୍ୟ, ସେମାନଙ୍କଠାରୁ ସୁନା କିଣିଥିବା ବଣିଆକୁ ମଧ୍ୟ ଗିରଫ କରାଯିବ।

ଜୁଲାଇ ୨୧ ତାରିଖ ଦିନ ୧୧ ଟା ବେଳେ ସରକାରୀ କ୍ୱାର୍ଟରରୁ ୨୩୦ ଗ୍ରାମ ସୁନା ସହ ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏତଲା ପରେ ହ୍ୟୁମାନ ଇଣ୍ଟେଲିଜେନ୍ସ, ଡିଜିଟାଲ ଏଭିଡେନ୍ସକୁ ଏକାଠି କରି ଚୋରଙ୍କୁ ଧରିବାରେ ଲାଗିପଡିଡ଼ିଲା ସ୍ପେଶାଲ ସ୍କ୍ୱାଡ୍। ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶକ୍ରମେ ସ୍ମାର୍ଟ ସିଟି, ରେଳ ଷ୍ଟେସନ୍ ଓ ଏୟାରପୋର୍ଟର ସିସିଟିଭି ଛାନଭିନ ହୋଇଥିଲା। ଏକାଧିକ ଲୋକଙ୍କୁ ପଚରାଉଚରା ପରେ ମିଳିଥିଲା ଦିଲ୍ଲୀ ଲିଙ୍କ। ଦିଲ୍ଲୀ ନର୍ଥ ଇଷ୍ଟଜୋନ୍‌ରେ ସ୍ଥାନୀୟ ପୁଲିସ ସହାୟତାରେ ଏମାନଙ୍କୁ ଧରିବା ପରେ ସିଧାସଳଖ ଭୁବନେଶ୍ୱର ଅଣାଯାଇଛି।

ଏନେଇ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି ଯେ ଲୁଟ୍ ସୁନାକୁ ଟ୍ରେନ ଯୋଗେ ଦିଲ୍ଲୀ ନେବା ପରେ ଏହାକୁ ତରଳାଇ ବିକ୍ରି କରିଦେଇଥିଲେ। ବଦଳରେ ପାଇଥିବା ଟଙ୍କାକୁ ଜମି କିଣିବା ଓ ଭଉଣୀ ବାହାଘରରେ ବ୍ୟବହାର କରିଥା'ନ୍ତେ। କିନ୍ତୁ ତାହା ପୂର୍ବରୁ ଧରିଲା ସ୍ପେଶାଲ ସ୍କ୍ୱାଡ୍। ଓଡ଼ିଶା ସମେତ ବିହାର, ମଧ୍ୟପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ ମଧ୍ୟ ଥିଲା ଏମାନଙ୍କ ନେଟୱର୍କ। ଷ୍ଟେସନ ନିକଟରେ ଘର ଭଡ଼ା ନେବା ପରେ ବଡ଼ବଡ଼ିଆଙ୍କୁ ଟାର୍ଗେଟ କରୁଥିଲେ। ଅଭିଯୁକ୍ତଙ୍କ ପୁରୁଣା ଟ୍ରାକ୍ ରେକର୍ଡ ଓ ଅପରାଧ ସଂପର୍କରେ ପାଇଁ ଆବଶ୍ୟକସ୍ଥଳେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ କମିଶନର୍।

## ମନ୍ତ୍ରୀଙ୍କ ପରିଚୟ ଦେଇ ଠକିବା ଘଟଣାରେ ଜଣେ ଗିରଫ

ଭୁବନେଶ୍ୱର,୩।୮(ସମିସ): ମନ୍ତ୍ରୀଙ୍କ ପରିଚୟ ଦେଇ ଠକେଇ କରିବା ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୌମ୍ୟରଞ୍ଜନ ପ୍ରଧାନ। ଅଭିଯୋଗକାରିଣୀ ସବିତା ସ୍ୱାଇଁଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।

ଅଭିଯୋଗକାରିଣୀଙ୍କ ସ୍ୱାମୀ ସାରଙ୍ଗଧର ସାମଲ ଢେଙ୍କାନାଳସ୍ଥିତ ଏକ ପ୍ରତିଷ୍ଠିତ ଚକ୍ଷୁ ଡାକ୍ତରଖାନା ମାଲିକ। ପ୍ରଥମେ ଉକ୍ତ ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ଫୋନକୁ ଏକ ଅଜଣା ନମ୍ବରରୁ କଲ୍ ଆସିବା ସହ ନିଜକୁ ଏକ ନିର୍ଦ୍ଦିଷ୍ଟ ବିଭାଗର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବର ପରିଚୟ ଦେବା ସହ ହସ୍ପିଟାଲର ମାଲିକଙ୍କ ନମ୍ବର ମାଗିନେଇଥିଲେ। ପରେ ସେମାନେ ହସ୍ପିଟାଲର ମାଲିକଙ୍କ ସହ କଥା ହୋଇ ନିଜକୁ ଜଣେ ମନ୍ତ୍ରୀର ପରିଚୟ ଦେବା ସହ ତାଙ୍କର ଗୁରୁ ଅଘୋରୀ ମାତା ହସ୍ପିଟାଲ ପରିଦର୍ଶନରେ ଆସିବା ଲାଗି ଚାହୁଁଥିବା କହିଥିଲେ। ଯଦି ଅଭିଯୋଗକାରୀ ତାଙ୍କର ଆଶୀର୍ବାଦ ଲାଭ କରନ୍ତି ତେବେ ସେ ଖୁବ୍‌ଶୀଘ୍ର ଫୁଲବାଣୀ ଠାରେ ଏକ ନୂଆ ଚକ୍ଷୁ ଡାକ୍ତରଖାନା ପ୍ରତିଷ୍ଠା କରିପାରିବେ ବୋଲି କହିଥିଲେ, ଏବଂ ଏହି ପ୍ରସଙ୍ଗରେ ସେ ଅଘୋରୀ ମାତାଙ୍କ ନିକଟରେ ଘିଅଦୀପ ପ୍ରଜ୍ୱଳନ ତଥା ପୂଜା ବିଧି ନିମନ୍ତେ କିଛି ଟଙ୍କା ପଠାଇବା ଲାଗି କହିଥିଲେ। ଏଥିରେ ବିଶ୍ୱାସ କରି ଅଭିଯୋଗକାରୀ ମୋଟ ୧ଲକ୍ଷ ୯୩,୧୦୧ ଟଙ୍କା ବିଭିନ୍ନ କିସ୍ତିରେ ଦୁଇଟି ମୋବାଇଲ ନମ୍ବରକୁ ପଠାଇଥିଲେ। ଛାନଭିନ ପରେ ସେ ଜାଣିବାକୁ ପାଇଥିଲେ ଯେ, ସେ ଠକାମିର ଶିକାର ହୋଇଛନ୍ତି। ଏ ନେଇ ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢ଼ଉ କରିଆରେ ସୌମ୍ୟ ରଞ୍ଜନ ପ୍ରଧାନ ନାମକ ଜଣେ ଅଭିଯୁକ୍ତଙ୍କୁ ଝାରପଡା ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଭରତପୁର ଥାନା ଓ ନୟାପଲ୍ଲୀ ଥାନାରେ ଦୁଇଟି ମାମଲା ରହିଥିବା ଜଣାଯାଏ।

## ପ୍ରେମିକାକୁ ଏସିଡ୍ ମାଡ଼ ଧମକ; ପ୍ରେମିକ ଗିରଫ

ଭୁବନେଶ୍ୱର, ୩।୮ (ସମିସ): ଶାରୀରିକ ସମ୍ପର୍କ ଲାଗି ଅରାଜି ହେବାରୁ ଯୁବତୀଙ୍କୁ ଏସିଡ୍ ମାଡ଼ ଧମକ ଦେଇଥିବା ପ୍ରେମିକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କୋଣାର୍କ ଅଞ୍ଚଳର ବେଣୁଧର ନାୟକ (୩୦)। ପୁଲିସ ସୂଚନା ଅନୁସାରେ, ସହିଦନଗର ଲକ୍ଷ୍ମୀ ହୋଟେଲରେ କାମ କରୁଥିବା ବେଣୁଧର ଯୁବତୀଙ୍କ ସହିତ ସଂସ୍ପର୍ଶରେ ଆସିଥିଲେ। ଏହାପରେ ଉଭୟ ପାତ୍ରପଡ଼ାରେ ସ୍ୱାମୀ ସ୍ତ୍ରୀ ଭାବେ ଏକାଠି ରହୁଥିଲେ। କୌଣସି ଏକ କାରଣକୁ ନେଇ ବିବାଦ ଦେଖାଦେବାରୁ ଉଭୟ ଅଲଗା ହୋଇ ଯାଇଥିଲେ। ଏହାପରେ ବେଣୁଧର ତାଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରିବାରୁ ଯୁବତୀ ତା'ର ନମ୍ବରକୁ ବ୍ଲକ



କରିଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବେଣୁଧର ଜଣେ ବନ୍ଧୁଙ୍କ ନମ୍ବରରୁ କଲ କରି ତାଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲା। ପରବର୍ତ୍ତୀ ସମୟରେ ସେହି ମୋବାଇଲର ହ୍ୱାଟ୍ସଆପ ଦ୍ୱାରା ଯୁବତୀଙ୍କୁ ଅଶ୍ଳୀଳ ଭିଡିଓ ପଠାଇ ଶାରୀରିକ ସମ୍ପର୍କ ଲାଗି ଚାପ ପକାଇଥିଲା। ୩ ଲକ୍ଷ ଟଙ୍କା ନ ଦେଲେ ଏସିଡ୍ ପକାଇ ଜାଳି ଦେବ ବୋଲି ମଧ୍ୟ ଧମକ ଦେଇଥିଲା। ଏ ନେଇ ଯୁବତୀ ଜଣକ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପୁଲିସ ବେଣୁଧରକୁ ଗିରଫ କରିବା ସହ ସହ ତା'ର ମୋବାଇଲ ଫୋନକୁ ଜବତ କରିଥିଲା।

## ନିର୍ଯାତନା ଅଭିଯୋଗ ଆଣିଲେ ଡାକ୍ତରୀ ଛାତ୍ର

କଟକ,୩।୮(ସମିସ): ଏସ୍‌ସିବି ମେଡିକାଲ କଲେଜର ପେଡିଆଟ୍ରିକ ସର୍ଜରୀ ବିଭାଗର ଜଣେ ଏମ୍.ସିଏଚ୍ ଛାତ୍ର ନିର୍ଯାତନା ଅଭିଯୋଗ ଆଣିଛନ୍ତି। ମୌଳିକ ସମସ୍ୟା ଯୋଗୁଁ ସେ ଉଭୟ ମାନସିକ ଏବଂ ଶାରୀରିକ ଭାବେ ନିର୍ଯାତିତ ହୋଇଛନ୍ତି ବୋଲି ଅଭିଯୋଗ ଉଠାଇ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷାଙ୍କୁ ଚିଠି ଦେଇଛନ୍ତି। ଅଧକ୍ଷା ପ୍ରଫେସର ଡାକ୍ତର ଲୁସି ଦାସଙ୍କ କହିବା ମୁତାବକ, ଶିଶୁଭବନର ଅନେକ ସମସ୍ୟା ନେଇ ସେ ଅଭିଯୋଗରେ ଜଣାଇଛନ୍ତି। ସମ୍ପୃକ୍ତ ଛାତ୍ର ଜଣକ ଦୁଇ ଦିନ ପୂର୍ବେ ଏମସିଏଚ୍ ପଢ଼ା ଶେଷ କରି ନିଯୁକ୍ତି ସ୍ଥଳକୁ ଚାଲିଯାଇଛନ୍ତି। ତଥାପି ଶିଶୁଭବନରେ ଡାକ୍ତରୀ ଛାତ୍ରଛାତ୍ରୀମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ନେଇ ଅଧୀକ୍ଷକଙ୍କ ସହ ଆଲୋଚନା କରାଯାଇଛି। ଏହି ଘଟଣାର ତଦନ୍ତ ଚାଲିଛି ବୋଲି ଅଧକ୍ଷା ପ୍ରଫେସର ଦାସ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଶିଶୁଭବନରେ ଥିବା ପେଡିଆଟ୍ରିକ ସର୍ଜରୀ ବିଭାଗରେ ଅନେକ ସମସ୍ୟା ରହିଛି। କାଜୁଆଲିଟିରେ ମାଇନର ଓ.ଟି ଏବଂ ଡ୍ରେସିଂ ରୁମ୍‌ରେ ମୌଳିକ ସୁବିଧା ମିଳୁନାହିଁ। ନୂଆ ଓପିଡିରେ ଡ୍ରେସିଂ ରୁମ୍ ଖୋଲିଛି ସତ, ହେଲେ ଏହା ପ୍ରାୟ ସମୟ ଅନ୍ଧାର ରହୁଛି। ଏସି କାମ କରୁନି। ମୌଳିକ ସୁବିଧାର ସମସ୍ୟା ରହିଥିବା ବେଳେ ଉଭୟ ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ରୋଗୀଙ୍କ ପ୍ରତି ବିପଦ ରହୁଛି। ପାଠପଢ଼ିବା ପାଇଁ ଉପଯୁକ୍ତ ପରିବେଶ ନାହିଁ। ଯାହାକି ମାନସିକ ଓ ଶାରୀରିକ ସ୍ତରରେ ପ୍ରଭାବ ପକାଉଛି ବୋଲି ଏମସିଏଚ୍ ଛାତ୍ର ଜଣକ ଅଭିଯୋଗ ଉଠାଇଛନ୍ତି।

**ମୌଳିକ ସୁବିଧା ନାହିଁ, ଶୈକ୍ଷିକ ପରିବେଶ ଖରାପ**

**ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷାଙ୍କୁ ଚିଠି; ତଦନ୍ତ ଆରମ୍ଭ**

## ଶଶୁର ଘରେ ଆତଙ୍କରାଜ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩।୮ (ସମିସ): ଶଶୁର ଘରେ ଭୁଜାଲି ବୁଲାଇ ଆତଙ୍କ ଖେଳାଇଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ପଲ୍ଲାର ସମ୍ରାଟ ସୁବୁଦ୍ଧି (୩୯)। ପୁଲିସ ସୂଚନା ଅନୁସାରେ, କୁଜିମହଲ ବରୁଣେଇ ସାହିର ଜ୍ୟୋତିର୍ମୟୀ ସୁବୁଦ୍ଧି ୧୪ ବର୍ଷ ପୂର୍ବେ ଲିଙ୍ଗରାଜ ସୁବୁଦ୍ଧିଙ୍କୁ ବିବାହ କରିଥିବା



ବେଳେ ଉଭୟଙ୍କ ଦୁଇ ପୁତ୍ର ସନ୍ତାନ ମଧ୍ୟ ଅଛନ୍ତି। ଗତ ମେ ୨୦ ତାରିଖ ଦିନ ନିଜ ମାଆଙ୍କ ଅପରେସନ ଲାଗି ଜ୍ୟୋତିର୍ମୟୀ ବାପ ଘରକୁ ଚାଲି ଆସିଥିଲେ। ଗତମାସ ୨୦ ତାରିଖ ଦିନ ସ୍ୱାମୀ ଲିଙ୍ଗରାଜ ସୁବୁଦ୍ଧି ଓ ଦିଅର ସମ୍ରାଟ ସୁବୁଦ୍ଧି ହଠାତ୍ ଜ୍ୟୋତିର୍ମୟୀଙ୍କ ବାପ ଘରେ ପହଞ୍ଚି ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ସାଙ୍ଗରେ ଆଣିଥିବା ମାରଣାସ୍ତ୍ର ଦେଖାଇ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଘର ସମ୍ମୁଖରେ ବୋତଲ ବାଡ଼େଇ ଭାଙ୍ଗିବା ସହ ବୋମାମାଡ଼ ଧମକ ଦେଇଥିଲେ। ଜ୍ୟୋତିର୍ମୟୀଙ୍କ ଭଉଣୀଙ୍କୁ ଅପହରଣ ଓ ଦୁଷ୍କର୍ମ ଧମକ ଦେଇଥିଲେ। ଏ ନେଇ ଜ୍ୟୋତିର୍ମୟୀ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଖୋର୍ଦ୍ଧାସ୍ଥିତ ଘରେ ଚଢ଼ଉ କରି ପୁଲିସ ସମ୍ରାଟକୁ ଗିରଫ କରିବା ସହ ଭୁଜାଲି ଜବତ କରିଥିଲା।

## ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର, ୩।୮ (ସମିସ): ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ୟୁନିଟ୍ ୪ରେ ରହୁଥିବା ଗଞ୍ଜାମ କୋଦଳା ଅଞ୍ଚଳର ଜସ୍ମନ୍ ଡାକୁଆ (୨୨) ଓ ୟୁନିଟ୍ ୮ ନାରାୟଣୀ ବସ୍ତିର ସନ୍ତୋଷ ନାୟକ ଓରଫ୍ ରାକେଶ (୨୮)। ନୂଆପଲ୍ଲୀ ବେହେରା ସାହିର ସଞ୍ଜୟ କୁମାର ବେହେରା ଗତକାଲି ସନ୍ଧ୍ୟାରେ ପରିବା କିଣିବା ଲାଗି ଗାନ୍ଧୀ ମାର୍କେଟକୁ ଯାଇଥିଲେ। ମାର୍କେଟରେ କିଣାକିଣି କରୁଥିବା ବେଳେ ଜସ୍ମନ୍ ତାଙ୍କ ପକେଟରୁ ମୋବାଇଲ ଫୋନକୁ ଚୋରି କରି ନେଇଥିଲା। ଏ ନେଇ ଶ୍ରୀ ବେହେରା ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସହିଦ ଲକ୍ଷ୍ମଣ ନାୟକ ବେହେରା ବସ୍ତିରୁ ଜସ୍ମନକୁ ଗିରଫ କରି ମୋବାଇଲ ଜବତ କରିଥିଲା। ସେପଟେ କ୍ୟାପିଟାଲ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ରାକେଶ ପାୱାର ହାଉସ ଛକ ନିକଟରେ ନମ୍ବର ବିହୀନ ସ୍କୁଟିରେ ଲୁହା ଛଡ ରିଙ୍ଗ୍ ନେଉଥିବା ଦେଖିବାକୁ ପାଇଥିଲେ। ରାକେଶ ସ୍କୁଟି ଛାଡ଼ି ଖସି ପଳାଉଥିବା ବେଳେ ପୁଲିସ ତାକୁ କାବୁ କରି ନେଇଥିଲା। ସେ ଖୋର୍ଦ୍ଧାରୁ ସ୍କୁଟି ଚୋରି କରିଥିବା କହିଥିଲା। ସେହିପରି ସ୍ଥାନୀୟ ଇଲେକ୍ଟ୍ରିକ ଅଫିସ ପରିସରରେ ଥିବା ନିର୍ମାଣାଧୀନ କୋଠାରୁ ଲୁହା ଛଡ଼ ରିଙ୍ଗ୍ ଚୋରି କରିଥିବା ସ୍ୱୀକାର କରିଥିଲା। କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ରାକେଶକୁ କୋର୍ଟ ଚାଲାଣ କରିଛି।



■ ଧାର ଟଙ୍କା ମାଗିବାରୁ ଆକ୍ରମଣ ଘଟଣା

## ୯ ବର୍ଷ ପରେ ଧରାପଡ଼ିଲା ଅଭିଯୁକ୍ତ

ଭୁବନେଶ୍ୱର, ୩।୮ (ସମିସ): ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ୯ ବର୍ଷ ପରେ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନୂଆପଲ୍ଲୀ ଗଡ଼ସାହିର ମୁନା ରଣସିଂହ (୬୦)। ପୁଲିସ ସୂଚନା ମୁତାବକ, ରମେଶ କୁମାର କର ଗଡ଼ ସାହିରେ ଥିବା ଚଷମା ଦୋକାନରେ କାମ କରୁଥିବାବେଳେ ମୁନାଙ୍କ ସହିତ ପରିଚିତ ହୋଇଥିଲା। ମୁନା ଅତ୍ୟନ୍ତ ଆବଶ୍ୟକତା ଥିବା ଦର୍ଶାଇ ରମେଶଙ୍କଠାରୁ ୬୦ ହଜାର ଟଙ୍କା ଧାର



ନେଇଥିଲେ ଏବଂ ଏକ ମାସ ମଧ୍ୟରେ ଟଙ୍କା ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟଙ୍କା ନେବାର ଏକ ମାସ ବିତିଯାଇଥିଲେ ମଧ୍ୟ ମୁନା ଆଉ ଟଙ୍କା ଫେରାଇ ନ ଥିଲେ। ଧାର ଟଙ୍କା ଫେରାଇବା ଲାଗି ଏକାଧିକ ବାର କହିଥିଲେ ମଧ୍ୟ ସେ ଶୁଣିନଥିଲେ। ୨୦୧୬ ମସିହା ଅଗଷ୍ଟ ୧୭ ତାରିଖ ଦିନ ରମେଶ ଫାୟାର ଷ୍ଟେସନ ନିକଟରେ ମୁନାଙ୍କୁ ଦେଖି ଟଙ୍କା ଫେରାଇବା ଲାଗି ଅନୁରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ମୁନା ତାଙ୍କୁ ଗାଳିଗୁଲଜ କରିବା ସହ ଥଣ୍ଡା ବୋତଲରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରମେଶଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏ ନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାର ୯ ବର୍ଷ ପରେ ଆଜି ମୁନାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରେମ ପ୍ରତାରଣା; ବିଟେକ୍ ଛାତ୍ର ଗିରଫ

ଯାଂଲା, ୩।୮ (ସମିସ): ଯୁବତୀଙ୍କ ସହ ପ୍ରେମ ଓ ପରେ ପ୍ରତାରଣା ଅଭିଯୋଗରେ ଆଜି ଇନଫୋଭ୍ୟାଲି ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା କଟକ ଜିଲ୍ଲା ଆଠଗଡ ଥାନା କରକମଳ ଗ୍ରାମର ଉତ୍ପଳ ଦାସ। ଉତ୍ପଳ ଜଣେ ବିଟେକ ଛାତ୍ର ବୋଲି ଜଣାପଡିଛି। ଉତ୍ପଳ ଇନଫୋଭ୍ୟାଲି ଥାନା ଗଙ୍ଗପଡା ମାମୁଁ ଘରେ ରହି ପାଠ ପଢୁଥିଲେ। ଗତ ୨୦୨୧ ମସିହାରେ ସେ ଜଣେ ଯୁବତୀଙ୍କ ସହ ଦେଖା ହୋଇ ଚିହ୍ନା ପରିଚିତ ହୋଇଥିଲେ। ପରେ ଦୁଇ ଜଣଙ୍କ ଭିତରେ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ଉତ୍ପଳ ଯୁବତୀ ଜଣକୁ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଜଣକ ବିବାହ କରିବା ପାଇଁ ବାରମ୍ବାର କହିଥିଲେ ମଧ୍ୟ ଯୁବକ ଜଣକ ଆଉ ଧରା ଛୁଆଁ ଦେଇ ନ ଥିଲେ। ତେଣୁ ଯୁବତୀ ଜଣକ ଇନଫୋଭ୍ୟାଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତକୁ ଗିରଫ କରିଛି।

# ଜମି କିଣାଇ ଦେବା ନାଁରେ ମହିଳା ଯନ୍ତ୍ରୀଙ୍କୁ ୭୨ ଲକ୍ଷ ଠକେଇ

ଭୁବନେଶ୍ୱର, ୩।୮ (ସମିସ):

ରାଜଧାନୀରେ ଜମି କିଣାଇ ଦେବା ଆଳରେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ଠାରୁ ୭୨ ଲକ୍ଷ ଟଙ୍କା ଠକି ନେଇଥିବା ଆଉ ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରିଛି ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଯାଜପୁର ଟାଉନ୍ ଥାନା ଅଧିନସ୍ଥ ବେଲାରପୁର ଗାଁର ସାଇପ୍ରତୀକ୍ ଦାସ (୩୫)।

ପୁଲିସ ସୂଚନା ଅନୁସାରେ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଂସ୍କୃତି ପ୍ରିୟଦର୍ଶିନୀ ଭାବେ ୨୦୨୧ ମସିହାରେ ଯାଜପୁରରେ କାର୍ଯ୍ୟରତ ଥିବାବେଳେ ସାଇପ୍ରତିକ୍ କ୍ଷୁଦ୍ର ଜଳସେଚନ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାମ କରୁଥିଲେ। ସଂସ୍କୃତି ଡୁବୁରୀରେ ଭଡ଼ାରେ ରହୁଥିବାବେଳେ ପରିବାର ଲୋକେ ସାମନ୍ତରାପୁର ଅଞ୍ଚଳରେ ରହୁଥିଲେ। ଇତିମଧ୍ୟରେ ଉଭୟଙ୍କ ପରିବାର ମଧ୍ୟରେ ସମ୍ପର୍କ ବଢ଼ିବା ସହିତ ସଂସ୍କୃତିଙ୍କ ପରିବାର ଲୋକେ ରାଜଧାନୀରେ ଜମି କିଣିବାକୁ ଚାହୁଁଥିବା ଜାଣିବାକୁ ପାଇଥିଲେ। ରାଜଧାନୀରେ ତାଙ୍କର ବିଭିନ୍ନ ବିଲ୍ଡର୍ସଙ୍କ ସହିତ ଉତ୍ତମ ସମ୍ପର୍କ ଥିବାବେଳେ ୭୫ ଲକ୍ଷରୁ କୋଟିଏ ଟଙ୍କା ମଧ୍ୟରେ ପ୍ରମୁଖ ଜମି ଯୋଗାଡ଼ କରି ଦେବେ ବୋଲି ସାଇପ୍ରତୀକଙ୍କ ପରିବାର ଲୋକେ କହିଥିଲେ। ଏହାପରେ ସାଇପ୍ରତୀକ୍ ଓ ତାଙ୍କ ପରିବାର ଲୋକେ ମିଶି ସଂସ୍କୃତିଙ୍କ ସ୍ୱାମୀ ବୁଲୁ ପ୍ରସାଦ ବାରିକଙ୍କୁ ତାଙ୍କ ମାଧ୍ୟମରେ ଜମି କିଣିବାକୁ ରାଜି କରାଇଥିଲେ। ସଂସ୍କୃତି ବନ୍ଧୁବାନ୍ଧବଙ୍କ ଠାରୁ ହାତ ଉଧାର ଓ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣିଥିଲେ। ଏହାପରେ ସାଇପ୍ରତୀକ୍ କହିବା



ମୁତାବକ ସଂସ୍କୃତି ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ବାପାମାଆ ଓ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୭୨ ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବାପରେ ସାଇପ୍ରତୀକ୍ ଆଉ ଧରାଛୁଆଁ ଦେଇନଥିଲେ। ଓଲଟା ଫୋନ୍ ସୁଇଚ୍ ଅଫ୍ କରି ଦେଇଥିଲେ। ସଂସ୍କୃତି ଅନ୍ୟ କୌଣସି ଉପାୟ ନ ପାଇ ଗତ ମାର୍ଚ୍ଚ ମାସରେ ଯାଜପୁର କଳିଙ୍ଗନଗର ଥାନାରେ ଅଭିଯୋଗ କରିବା

**ସହକାରୀ ନିର୍ବାହୀଯନ୍ତ୍ରୀ ଗିରଫ**

ପରେ ପୁଲିସ ମାମଲା ରୁଜୁ କରିଥିଲା। ହେଲେ ସାଇପ୍ରତୀକ୍ ଓ ତାଙ୍କ ପରିବାର ଲୋକେ ଥାନାକୁ ଆସି ଟଙ୍କା ଫେରାଇ ଦେବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ସାଇପ୍ରତୀକଙ୍କ ମାଆ ପ୍ରତିଭା ମହାନ୍ତି ୭୨ ଲକ୍ଷ ଟଙ୍କା ମୂଲ୍ୟର ୩ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ହେଲେ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ସେଗୁଡ଼ିକ ବାଉନ୍ସ ହୋଇ ଯାଇଥିଲା। ପ୍ରତିଭା ଏହାର କିଛିଦିନ ପରେ ସଂସ୍କୃତିଙ୍କ ସ୍ୱାମୀ ବୁଲୁଙ୍କ ଆକାଉଣ୍ଟରେ ୨ ଲକ୍ଷ ୫୦ ହଜାର ଟଙ୍କା ଡିପୋଜିଟ୍ କରିଥିବାର ରସିଦ୍ ପଠାଇଥିଲେ। ହେଲେ ତାହା ମଧ୍ୟ ନକଲି ବୋଲି ଯାଞ୍ଚ ପରେ ଜଣାପଡ଼ିଥିଲା। ଶେଷରେ ସଂସ୍କୃତି ଟଙ୍କା ଫେରାଇବାକୁ ଅନୁରୋଧ କରିବାରୁ ସୁପାରି ଦେଇ ପରିବାରକୁ ହତ୍ୟା କରିବେ ବୋଲି ସାଇପ୍ରତୀକ୍ ତାଙ୍କୁ ଧମକ ଦେଇଥିଲେ। ଏଥିସହିତ ଆକାଉଣ୍ଟରେ ଟଙ୍କା ନଥିବା ଜାଣି ମଧ୍ୟ ସେମାନେ କଳିଙ୍ଗନଗର ଥାନାରେ ତାଙ୍କୁ ଚେକ୍ ଦେଇଥିଲେ ବୋଲି କହିଥିଲେ। ଏ ନେଇ ସଂସ୍କୃତି ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସାଇପ୍ରତୀକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କୋଇଲା ଡିପୋ ସ୍ଥାପନକୁ ଭାଗୀରଥିପୁରବାସୀଙ୍କ ବିରୋଧ

ଛେଣ୍ଡିପଦା, ୩।୮ (ସମିସ)



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଜେରେଙ୍ଗ ଦେହୁରିସାହି ପଞ୍ଚାୟତ ଭାଗୀରଥିପୁର ଗ୍ରାମରେ ଏକ ଘରୋଇ କମ୍ପାନୀ ପକ୍ଷରୁ ପ୍ରସ୍ତାବିତ କୋଇଲା ଡିପୋ ସ୍ଥାପନ ନେଇ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏ ନେଇ ରବିବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ହୋଇଛି। କମ୍ପାନୀ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ପ୍ରଜା କମିଟି ସଭାପତି ସୁଦର୍ଶନ ବେହେରାଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା।

ଏଠାରେ କୋଇଲା ଡିପୋ ସ୍ଥାପନ ହେଲେ ଅଞ୍ଚଳବାସୀ ବାୟୁପ୍ରଦୂଷଣ ଯୋଗୁଁ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବା ସହ ପ୍ରଭାବିତ ହେବେ। ସମସ୍ତ ଚାଷଜମି ନଷ୍ଟ ହେବା ସହ ଫସଲହାନି ଘଟିବ। ଲୋକଙ୍କ ଜୀବନଜୀବିକା ଉପରେ ଗୁରୁତର ପ୍ରଭାବ ପଡ଼ିବ। ଏପରିକି ସାତ ପୁରୁଷର ଭିଟାମାଟି ଏବଂ ଚାଷଜମି ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯିବ। ଅଞ୍ଚଳରେ ତାପମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇବ। ବାୟୁ ପ୍ରଦୂଷଣ ଏବଂ ପରିବେଶ ପ୍ରଦୂଷଣ ମାତ୍ରା ବଢ଼ିବ। ପ୍ରଦୂଷଣ ଯୋଗୁଁ ଲୋକେ ବିଭିନ୍ନ ରୋଗର ଶିକାର ହେବେ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଥିଲେ। ବିଶେଷକରି ଭାଗୀରଥିପୁର, ଜେରେଙ୍ଗ, ଦେହୁରୀ ସାହି, ଲକ୍ଷ୍ମୀଧରପୁର, ଦୁର୍ଗାପୁର, ଦୁର୍ଗାପୁର ପାଣସାହି, ଜରପଡ଼ା, କୁମୁର ସିଙ୍ଗ ଆଦି ଗ୍ରାମବାସୀ ସିଧାସଳଖ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେବେ। ଏ ନେଇ ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ଆନ୍ଦୋଳନ କରିବା ସହ ଅନୁଗୋଳ ଜିଲ୍ଲାପାଳ ଏବଂ ଛେଣ୍ଡିପଦା ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ତଥାପି ପ୍ରଶାସନ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପରିକି ଅଦ୍ୟାବଧି ପ୍ରସ୍ତାବିତ କୋଇଲା ଡିପୋ ଓ ପରିବହନ ସଂକ୍ରାନ୍ତୀୟ ଜନଶୁଣାଣି ମଧ୍ୟ କରାଯାଇନାହିଁ। ଲୋକଙ୍କୁ ଅନ୍ଧାର ମଧ୍ୟରେ ରଖି କମ୍ପାନୀ କର୍ତ୍ତୃପକ୍ଷ ମନମୁଖି ଭାବେ ଉଭୟ ସରକାରୀ ଓ ବେସରକାରୀ ଜମି ଅଧିଗ୍ରହଣ ସହ ଅକ୍ତିଆର କରି କୋଇଲା ଡିପୋ ଓ ଷ୍ଟକ୍‌ୟାର୍ଡ ସ୍ଥାପନ ପାଇଁ ମସୁଧା ଜାରି ରଖିଛି ବୋଲି ଉପସ୍ଥିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ଅଞ୍ଚଳରେ କୌଣସି ମତେ କୋଇଲା ଡିପୋ କରାଇ ଦିଆଯିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଅନୁଗୋଳ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର, ଜିଲ୍ଲା ପ୍ରଶାସନ ତଥା କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ଅଞ୍ଚଳବାସୀ କମ୍ପାନୀର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଜୋରଦାର ଆନ୍ଦୋଳନ କରିବାକୁ ବାଧ୍ୟହେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଛେଣ୍ଡିପଦା ଅଞ୍ଚଳରୁ କୋଇଲା ଖଣିଗୁଡ଼ିକରୁ କୋଇଲା ପରିବହନ ଏବଂ ବ୍ୟବସାୟ କରିବା ଲକ୍ଷ୍ୟ ରଖି ଉପରୋକ୍ତ ଗ୍ରାମ ଇଲାକାରେ ରାଜ୍ୟ ବାହାର ବିମଳା ଇନଫ୍ରା ପ୍ରାଇଭେଟ୍ ଲିମିଟେଡ ନାମକ ଏକ ଘରୋଇ କମ୍ପାନୀ କୋଇଲା ଡିପୋ ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ କରିଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ, କୋଷାଧ୍ୟକ୍ଷ ବିଶ୍ୱନାଥ ନାଏକ, ରଣଜିତ୍ ସାହୁ, ରଘୁନାଥ ସାହୁ, ବିକାଶ ନାଏକ, ବିଭୂତି ନାଏକ, ଦୀନବନ୍ଧୁ ନାଏକ, ଭରତ ବିଶ୍ୱାଳ, ସଞ୍ଜୟ ବେହେରା, ସ୍ୱପ୍ନେଶ୍ୱର୍ ପ୍ରଧାନ, ଲୋଚନ ସାହୁ, ଅକ୍ଷୟ କୁମାର ସାହୁ, ଏସୟୁସିଆଇ ନେତା ଭରତ ନାଏକ ପ୍ରମୁଖ ଯୋଗଦେଇ ମତାମତ ଦେବା ସହ ଗଭୀର ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଅପହୃତ ନାବାଳକ ଉଦ୍ଧାର; ୨ ଗିରଫ




ତାଳଚେର, ୩।୮ (ସମିସ): ଶନିବାର ତାଳଚେର ଥାନା ମହାଦେବ ବିହାର ଅଞ୍ଚଳରୁ ଅପହୃତ ନାବାଳକକୁ ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଏଥିସହ ୨ ଅପହର୍ତ୍ତାଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲେଶ୍ୱର ଅଞ୍ଚଳର ଏସକେ ରହିମ ଓ ଯାଜପୁର ଅଞ୍ଚଳର ସାଗର ମଲ୍ଲିକ। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

ଶନିବାର ମହାଦେବ ବିହାର ଅଞ୍ଚଳର ସରସ୍ୱତୀ ସାହୁଙ୍କ ୭ ବର୍ଷର ପୁଅକୁ ଅଜଣା ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ଏ ନେଇ ସରସ୍ୱତୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏସପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସଡିପିଓଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଥିଲେ। ଅପହର୍ତ୍ତାମାନଙ୍କୁ ପୁଲିସ ଢେଙ୍କାନାଳ ଜିଲ୍ଲା ଭାପୁରରୁ ଧରିବାରେ ସଫଳ ହୋଇଥିଲା। ସେମାନଠାରୁ ନାବାଳକକୁ ଉଦ୍ଧାର କରିବା ସହ ଏକ କଳା ରଙ୍ଗର ସ୍କର୍ପିଓ ଗାଡ଼ି ଜବତ କରାଯାଇଛି।

■ ଶ୍ରାବଣ ଶେଷ ସୋମବାର ଆଜି

# ଆଉଁଳି ନଦୀଘାଟରେ କାଉଡ଼ିଆଙ୍କ ଭିଡ଼



ଛେଣ୍ଡିପଦା, ୩।୮ (ସମିସ): ଆସନ୍ତା କାଲି ହେଉଛି ଶ୍ରାବଣ ମାସର ଶେଷ ସୋମବାର। ଏଥିପାଇଁ ଛେଣ୍ଡିପଦା ବ୍ଲକର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ମହାଦେବଙ୍କ ମସ୍ତକରେ ଜଳଲାଗି କରିବା ପାଇଁ ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ଆଉଁଳି ନଦୀରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଶତାଧିକ କାଉଡ଼ିଆଙ୍କ ହର ହର ମହାଦେବ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଆଉଁଳି ଘାଟରେ କାଉଡ଼ିଆମାନେ ପୂଜାପାଠ କରିବା ପରେ କଳସରେ ଜଳ ଭରି ବିଭିନ୍ନ ଶୈବପୀଠ ଅଭିମୁଖେ ବାହାରି ଯାଇଥିଲେ। ଭୋର୍ ସମୟରେ ସେବାୟତମାନେ ମହାଦେବଙ୍କ ସମସ୍ତ ନୀତିକାନ୍ତି ସାରିବା ପରେ କାଉଡ଼ିଆମାନେ ଧାଡ଼ିରେ ଆସି ଜଳଲାଗି କରିବେ। ଶେଷ ସୋମବାର ଜଳଲାଗି ପାଇଁ ଛେଣ୍ଡିପଦା ବ୍ଲକ ଖମାର ଗ୍ରାମର ୪ଶହରୁ ଉର୍ଦ୍ଧ୍ୱ କାଉଡ଼ିଆ ଆଉଁଳି ନଦୀରୁ ପାଣି ନେଇ ଖମାର ଗାଁରେ ଥିବା ବାଣେଶ୍ୱର ପୀଠ ଅଭିମୁଖେ ବାହାରିଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ବଣେଶ୍ୱରଙ୍କ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ସମ୍ପାଦକ ହେମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ବିଭିନ୍ନ ଦାବି ନେଇ କ୍ଷତିଗ୍ରସ୍ତ ପ୍ରଜା ପ୍ରଶାସନର ଦ୍ୱାରସ୍ଥ

କଣିହାଁ, ୩।୮ (ସମିସ): ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡ କଣିହାଁ ବ୍ଲକସ୍ଥିତ ଏନଟିପିସି ବିଦ୍ୟୁତ ପ୍ରକଳ୍ପର ଷ୍ଟେଜ ନଂ-୧ ପାଉଁଶ ପୋଖରୀ ସମ୍ପ୍ରସାରଣ ପାଇଁ ମଶୁଣିହାତ ଗ୍ରାମର ୧୦୯ ଏକର ଜମି ଅଧିଗ୍ରହଣ କରାଯାଇଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଧିଗୃହିତ ଜମି କ୍ଷତିପୂରଣ ବାବଦ ୫ବର୍ଷ ହେବ ଅର୍ଥରାଶି ପ୍ରଦାନ କରାଯାଇଛି। ମଶୁଣିହାତ ଗ୍ରାମର ପ୍ରଜାମାନେ ବିଦ୍ୟୁତ ପ୍ରକଳ୍ପ ଅଧିକାରୀଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଶୁକ୍ରବାର ସ୍ଥାନୀୟ ପ୍ରସାଶନଠାରୁ ଜିଲ୍ଲା ପ୍ରସାଶନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିଯୁକ୍ତି, ଥଇଥାନ ପାଇଁ ପୁନଃ ଦାବିପତ୍ର ପ୍ରଦାନ କରିଛନ୍ତି। ଏନଟିପିସି ବିଦ୍ୟୁତ ପ୍ରକଳ୍ପ ଅଧିକାରୀ ଓ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା ୧୧ତାରିଖରେ ଷ୍ଟେଜ ନଂ-୧ ପାଉଁଶ ପୋଖରୀ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିବା ପାଇଁ ଗ୍ରାମ କମିଟି ସଭାପତି ରଞ୍ଜନ କୁମାର ପାଣି, ସମ୍ପାଦକ ଇନ୍ଦ୍ରମଣି ସାହୁ, କୋଷାଧ୍ୟକ୍ଷ ପ୍ରବୀଣ ନାଏକ, ପ୍ରହ୍ଲାଦ ବୋଇତା, ବିପିନ ପ୍ରଧାନ, ବରୁଣ ପ୍ରଧାନ, ଜହର ନାଏକ, ପ୍ରଫୁଲ୍ଲ ନାଏକ, ଅମୂଲ୍ୟ ପାଣି, ପ୍ରକାଶ ରାଉଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସ୍ନିଫର ଡଗ୍ 'ଇମିଲି' ଅସୁସ୍ଥ

■ ନେଇଥିଲା ସାତକୋଶିଆ ସୁରକ୍ଷା ଦାୟିତ୍ୱ

ଅନୁଗୋଳ, ୩।୮ (ସମିସ): ସ୍ନିଫର ଡଗ୍ 'ଇମିଲି' ଅସୁସ୍ଥ ହୋଇପଡ଼ିଛି। ଅନୁଗୋଳ ଜିଲ୍ଲା ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ନିୟମିତ ଭାବେ ପାଟ୍ରୋଲିଂ କରିବା ପାଇଁ ସାତକୋଶିଆକୁ ଆସିଥିବା ଇମିଲି ମେରୁଦଣ୍ଡ ଜନିତ ରୋଗରେ ପୀଡ଼ିତ ହୋଇଛି। ଅଭୟାରଣ୍ୟ ମଧ୍ୟରେ ସନ୍ଦେହଜନକ ଗତିବିଧି ଉପରେ ସେ ନଜର ରଖୁଥିଲା। ଜର୍ମାନ ସେଫର୍ଡ ବ୍ରିଡ୍‌ର ସ୍ନିଫର ଡଗ ଇମିଲି। ଆନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ମହାବଳ ଟି-୧ ଓ ଟି-୨ ଆସିଥିଲେ। ସେମାନଙ୍କ ଉପରେ ନଜର ରଖିବାକୁ ଦୁଇ କୁମକି ହାତୀଙ୍କ ସହ ସ୍ନିଫର ଡଗ ଇମିଲି ମଧ୍ୟ ଆସିଥିଲା। ପ୍ରଥମେ ଗୋଟିଏ ବାଘର ମୃତ୍ୟୁ ଓ ଅନ୍ୟ ଏକ ବାଘକୁ ଫେରାଇ ନେବା ପରେ ହାତୀ ଦ୍ୱୟ ମଧ୍ୟ ଶିମିଳିପାଳକୁ ଫେରିଯାଇଥିଲେ। ଏବେ ଇମିଲି ମେରୁଦଣ୍ଡ ଜନିତ ରୋଗରେ ପୀଡ଼ିତ ହୋଇଛି। ତା'ର ପଛ ଦୁଇଗୋଡ଼ ସମ୍ପୂର୍ଣ୍ଣ ଅକାମି ହୋଇଯାଇଛି। ଆଗକୁ ସାତକୋଶିଆକୁ ନୂଆ କୁକୁର ଆଣିବାକୁ ଯୋଜନା ଚାଲିଥିବା ଜଣାଯାଇଛି।

## ଘରୁ ଅଜଗର ସାପ ଉଦ୍ଧାର



ବଇଣ୍ଡା, ୩।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ହଣ୍ଡପା ଗ୍ରାମର ସୁବ୍ରତ ସାହୁଙ୍କ ଘରୁ ରବିବାର ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ସାପକୁ ଦେଖି ସୁବ୍ରତ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ମଦ୍ୟପ ଚାଳକ ଗିରଫ, ବାଇକ ଜବତ

ବଇଣ୍ଡା, ୩।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ପୁଲିସ ଶନିବାର ବାମୁର ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ରେଢ଼ାଖୋଲ ଥାନା ବୁରୁଡ଼ା ଅଞ୍ଚଳର ସୁଶୀଲ ବେହେରାଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ହାଇମାଷ୍ଟ ଲାଇଟ ଅଚଳ, ମରାମତି ହେଉନି

ବଇଣ୍ଡା, ୩।୮ (ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ହାଟପଦା ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ହାଇମାଷ୍ଟ ଲାଇଟ କିଛିମାସ ହେବ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଏହି ଲାଇଟ ମରାମତି କରିବା ପାଇଁ ଅଞ୍ଚଳବାସୀ ବହୁବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ ଅତି ନିମ୍ନମାନର ଲାଇଟ୍ ଲଗାଯାଇଥିବାରୁ ଅଚଳ ହୋଇପଡ଼ିଛି। ଏହି ଛକ ଦେଇ ରାତିରେ ବହୁ ଲୋକ ଯାତାୟାତ କରୁଥିବା ବେଳେ ଅନ୍ଧାର ଯୋଗୁଁ ସୁରକ୍ଷିତ ମଣୁନାହାନ୍ତି। ତୁରନ୍ତ ଏହି ଲାଇଟ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଅବସରପ୍ରାପ୍ତ ୪ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କିଶୋରନଗର, ୩।୮ (ସମିସ): କିଶୋରନଗର ବ୍ଲକର ଅବସରପ୍ରାପ୍ତ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଧଉରାପାଲ୍ଲୀ ଉଚ୍ଚ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ସୁଦାମ ଚରଣ ପ୍ରଧାନ, ଉରୁକୁଳା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ମହାନ୍ତି, ହଣ୍ଡପା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ମହାପାତ୍ର ଓ ହଣ୍ଡପା ହାଇସ୍କୁଲର ଶିକ୍ଷକ ବିପିନ ସାମଲଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବିଇଓ ଅରୁଣ ସେଠୀ, ଏବିଇଓ ଲକ୍ଷ୍ମଣ ଦେହୁରୀ, ରମଣୀ ରଞ୍ଜନ ସାହୁ, ବିଆରସିସି ଜବାହରଲାଲ ପ୍ରଧାନଙ୍କ ସମେତ ଅଫିସ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

ଭଣଭଣ ମଶାରେ ଲୋକେ ଅଣନିଃଶ୍ୱାସୀ

# ଘାରୁଛି ଡେଙ୍ଗୁ ଓ ମ୍ୟାଲେରିଆ ଭୟ



ତାଳଚେର, ୩।୮ (ସମିସ): ମୌସୁମୀ ବର୍ଷା ପୂର୍ବରୁ ପରିମଳ ବ୍ୟବସ୍ଥା ସୁଧାରିବା ପୌରସଂସ୍ଥାର ଦାୟିତ୍ୱ। ତେବେ ସହରରେ ଏବେ ମଶା ଉପଦ୍ରବ ବଢ଼ୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କିମ୍ବା ପୌରସଂସ୍ଥା ପକ୍ଷରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ପୌରସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ଦ୍ୱାରା ନାଳନର୍ଦ୍ଦମାରେ ମଶାତେଲ ପକାଯାଇଥାଏ। ପୌରସଂସ୍ଥାର ମଶାଧୂଆଁ ଛାଡ଼ିବା ପାଇଁ ମେସିନ୍ ଥିଲେ ମଧ୍ୟ ତାହା କାଁଭାଁ ବ୍ୟବହାର ହେଉଛି। ଫଳରେ ମଶା ଉପଦ୍ରବକୁ ରୋକିହେଉ ନାହିଁ। ଯେଉଁଠି ବସିଲେ ଭଣଭଣ ମଶା, ଏହାକୁ ନେଇ ଲୋକଙ୍କ ମନରେ ଡେଙ୍ଗୁ ଓ ମ୍ୟାଲେରିଆ ଭୟ ଘାରିଛି।

ପୌରାଞ୍ଚଳର ୨୧ ୱାର୍ଡରେ ଥିବା ଡ୍ରେନ ଓ ବିଭିନ୍ନ ଖାଲୁଆ ସ୍ଥାନରେ ପାଣି ଜମିରହି ମଶାବଂଶ ବୃଦ୍ଧି ପାଉଛି। ଅଧିକାଂଶ ଡ୍ରେନ ଆବର୍ଜନାରେ ଭର୍ତ୍ତି ହୋଇ ଜାମ୍ ହୋଇପଡ଼ିଛି। ମଶାବଂଶ ବୃଦ୍ଧି ରୋକିବା ପାଇଁ ପୌରସଂସ୍ଥା ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଯାଉ ନାହିଁ। କେତେକ ସ୍ଥାନରେ ଡ୍ରେନ୍ କାମ ଆଦୌ ହୋଇ ନ ଥିବା ବେଳେ ଆଉ କିଛି ସ୍ଥାନରେ ନାଳ ଭାଙ୍ଗିରୁଜି ଯାଇଛି। ପୌରସଂସ୍ଥାରେ ମଶାଧୂଆଁ ମେସିନ୍ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ ବ୍ୟବହାର କରାଯାଉ ନାହିଁ। ମଶାତେଲ ପକାଇବାକୁ ପୌରସଂସ୍ଥା କିଛି ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି। ତେବେ ପୌରସଂସ୍ଥା ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ମଶାମାନେ ପ୍ରାୟ ୩କିମି ରାସ୍ତା ଅତିକ୍ରମ କରି ବଂଶ ବିସ୍ତାର କରିପାରନ୍ତି ବୋଲି ବିଶେଷଜ୍ଞମାନେ ମତଦେଇଛନ୍ତି। ସହରରେ ୩କିମି ମଧ୍ୟରେ ଡ୍ରେନ୍ ଓ ପାଣି ଜମୁଥିବା ସ୍ଥାନରେ ଏକକାଳୀନ ଔଷଧ ସିଞ୍ଚନ କରାଗଲେ ମଶାବଂଶ ନିୟନ୍ତ୍ରଣରେ ସହାୟକ ହୋଇପାରନ୍ତା। ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରକର୍ମଚାରୀ କେବେ କେମିତି ଗୋଟିଏ ଲେଖାଏଁ ୱାର୍ଡରେ କାମଚଳା ଭାବେ ଔଷଧ ସିଞ୍ଚନ କରୁଛନ୍ତି। ଫଳରେ ମଶାମାନେ ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ପଳାଉଛନ୍ତି। ଔଷଧର ପ୍ରକୋପ ସାମାନ୍ୟ କମିବା ପରେ ପୁନର୍ବାର ସେହି ସ୍ଥାନକୁ ଆସି ଅଣ୍ଡାଦେଇ ବଂଶ ବିସ୍ତାର କରୁଛନ୍ତି। ଏହା ଦ୍ୱାରା ସେମାନଙ୍କ ଶରୀରରେ ଔଷଧ ସହନଶକ୍ତି ବୃଦ୍ଧି ପାଉଛି। ଭବିଷ୍ୟତରେ ସେମାନଙ୍କ ପାଇଁ ଏହି ଔଷଧ କାମ କରିବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ପୌରସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ ଏହି କାର୍ଯ୍ୟ କରାଯିବାକୁ ବହୁବାର ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ମଶାଙ୍କ ଉପଦ୍ରବ ବୃଦ୍ଧି ପାଇବା ସହ ମ୍ୟାଲେରିଆ ଓ ଡେଙ୍ଗୁ ପ୍ରଭୃତି ରୋଗରେ ଜନସାଧାରଣ ଆକ୍ରାନ୍ତ ହେଉଛନ୍ତି। ତୁରନ୍ତ ପୌରସଂସ୍ଥା ଉଚିତ୍ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

■ ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଆପାର୍ଟମେଣ୍ଟ ହସ୍ତାନ୍ତରରେ ବିଳମ୍ବ

# ତେଜୁଛି ଅସନ୍ତୋଷ: ଆନ୍ଦୋଳନ ଚେତାବନୀ




ଅନୁଗୋଳ, ୩।୮ (ସମିସ): ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡ ଦ୍ୱାରା ଉନ୍ନତ ଅନୁଗୋଳ ଏନକ୍ଲେଭ୍ ଆବାସିକ ପ୍ରକଳ୍ପରେ ସଦସ୍ୟମାନଙ୍କୁ ଆବଣ୍ଟିତ ଅପାର୍ଟମେଣ୍ଟ ହସ୍ତାନ୍ତର ବିଳମ୍ବ ନେଇ ଗଭୀର ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଓଡ଼ିଶା ଷ୍ଟେଟ ହାଉସିଂ ବୋର୍ଡ ସମ୍ପାଦିତ ବିକ୍ରୟ ଚୁକ୍ତି ଅନୁଯାୟୀ ଅନୁଗୋଳ ଏନକ୍ଲେଭ ସଦସ୍ୟମାନେ ଉଲ୍ଲିଖିତ ସମସ୍ତ ରାଶି ପ୍ରଦାନ କରିସାରିଛନ୍ତି। ଇତିମଧ୍ୟରେ ବହୁତ ଦିନ ବିତିଯାଇଥିଲେ ମଧ୍ୟ ସଦସ୍ୟମାନଙ୍କୁ ଏପର୍ଯ୍ୟନ୍ତ ଅପାର୍ଟମେଣ୍ଟ ହସ୍ତାନ୍ତର ହୋଇନାହିଁ। ଫଳରେ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୁକ୍ତିରେ ସମସ୍ତ ନିୟମକୁ ହାଉସିଂ ବୋର୍ଡ ଖୋଲା ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ରବିବାର ହାଉସିଂ ବୋର୍ଡ, ଅନୁଗୋଳ ଏନକ୍ଲେଭ୍‌ର ସଦସ୍ୟମାନଙ୍କୁ ନେଇ ଏକ ଜରୁରୀକାଳୀନ ବୈଠକ ଏନକ୍ଲେଭ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ମଞ୍ଚ ସଂଯୋଜକ ଆଇନଜୀବୀ ସଞ୍ଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାପତି ସନ୍ତୋଷ ମହାରଣା ଅଧ୍ୟକ୍ଷତା କରିଥିଲେ। ୨୦୨୪ ସେପ୍ଟେମ୍ବରରେ ସଦସ୍ୟମାନଙ୍କୁ ଗୃହ ଆବଣ୍ଟନ ନେଇ ଚୁକ୍ତିନାମା ଲେଖାଯାଇଥିବା ବେଳେ ଏଯାବତ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ସଦସ୍ୟମାନେ ଗୃହ ପାଇବାରେ ଅହେତୁକ ବିଳମ୍ବ ଘଟିଛି। ଏ ସମ୍ପର୍କରେ ଓଡ଼ିଶା ହାଉସିଂବୋର୍ଡ ରାଜ୍ୟ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ, ଅନୁଗୋଳ ଜିଲ୍ଲାପାଳ, ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ଅଧକ୍ଷ ତଥା ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ବୈଠକରେ ନକୁଳ ଚନ୍ଦ୍ର ପ୍ରଧାନ, କିଶୋର କୁମାର ବେହେରା, ମଳୟ କୁମାର ପ୍ରଧାନ, ସୁକାନ୍ତ ତରାଇ, ସୁମନ୍ତ କୁମାର ବେହେରା, ସାଗରିକା ସାହୁ, ମମତା ପାଣି, ଲଳିତ ମୋହନ ପଣ୍ଡା, ପ୍ରଭାତ କୁମାର ସାହୁ, ସୁବ୍ରତ ପ୍ରଧାନଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଯୋଗଦେଇଥିଲେ। ଆପାର୍ଟମେଣ୍ଟ ତୁରନ୍ତ ହସ୍ତାନ୍ତର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି।

# 'ଅନୁଗୋଳରେ ବାଣିଜ୍ୟ ଓ ଶିଳ୍ପର ବିକାଶ ପାଇଁ ଏଡିସିସିଆଇ ପ୍ରତିଶ୍ରୁତିବଦ୍ଧ'




ଅନୁଗୋଳ, ୩।୮ (ସମିସ): ଅନୁଗୋଳ ଭଳି ଏକ ବିକାଶଶୀଳ ଜିଲ୍ଲାରେ ବାଣିଜ୍ୟ ଓ ଶିଳ୍ପର ବିକାଶ ପାଇଁ ଅନୁଗୋଳ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ଏଡିସିସିଆଇ) ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ନିକଟରେ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଦିଲ୍ଲୀ ଗସ୍ତ କରି ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରି ଫେରିଛନ୍ତି। ଏହି ଆଲୋଚନାରୁ ଅନୁଗୋଳ ଜିଲ୍ଲାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ମାଲିକମାନଙ୍କୁ ସୁଫଳ ମିଳିବ ବୋଲି ରବିବାର ସ୍ଥାନୀୟ ଏକ ହୋଟେଲ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଶିଳ୍ପ ଓ ବାଣିଜ୍ୟିକ ପ୍ରତିଷ୍ଠାନର କର୍ମକର୍ତ୍ତା କହିଛନ୍ତି। ପ୍ରତିଷ୍ଠାନର ସଭାପତି ଦୀପକ ବର୍ମା, ସମ୍ପାଦକ ଅଶୋକ ମୋଦି ଏବଂ ପୂର୍ବତନ ସଭାପତି ଅଶୋକ ଜୈନ କହିଲେ ଯେ ସେମାନେ ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରମମନ୍ତ୍ରୀ ଶୋଭା କରନ୍ଦଲାଜେ ଏବଂ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ଅନୁଗୋଳ ଜିଲ୍ଲାର ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସେହିଭଳି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ଅନୁଗୋଳରେ ଡାଉନ୍ ଷ୍ଟ୍ରିମ୍ ବାଣିଜ୍ୟ ପ୍ରତିଷ୍ଠା, କମ ସୁଧରେ ଋଣ, କ୍ୟାପିଟାଲ ସବ୍‌ସିଡି ଆଦି ଉପରେ ଫଳପ୍ରଦ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଭୋକାଲ ଫର୍ ଲୋକାଲ ନୀତି ଅନୁସାରେ ସ୍ଥାନୀୟ ବୃହତ ଶିଳ୍ପଗୁଡ଼ିକ ଲଘୁ ଉଦ୍ୟୋଗ ପ୍ରତି ଅଣଦେଖା କରୁଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଅନୁଗୋଳରେ ୨୦୦ ଏକର ପରିମିତ ଅଞ୍ଚଳରେ ଏକ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର ସ୍ଥାପନ ଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ କିପରି ଉପକୃତ ହୋଇପାରିବେ ସେ ନେଇ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ବୁଝାଇଥିବା ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ସୁବାସ ପ୍ରଧାନ, ବିକ୍ରମ ଅଗ୍ରୱାଲ, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ସୋସିଆଲ ମିଡିଆ ସଂଯୋଜକ ସୁନୀଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଳମ୍ବ ହେଉଛି ଜାତୀୟ ରାଜପଥ ସର୍ଭିସ ରାସ୍ତା କାମ

ଅନୁଗୋଳ/ବଇଣ୍ଡା, ୩।୮ (ସମିସ)



ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଜାତୀୟ ରାଜପଥର ସର୍ଭିସ ରାସ୍ତା କାମ ସରୁନାହିଁ। ରାସ୍ତାକୁ ଠିକାସଂସ୍ଥା ଖୋଳି ଦେଇଥିବା ବେଳେ କାମ କରୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

● ଆନ୍ଦୋଳନ ପାଇଁ ପ୍ରସ୍ତୁତି

ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ଆଗକୁ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ ବଇଣ୍ଡା ଅଞ୍ଚଳରେ ଜାତୀୟ ରାଜପଥର ୪ ଲେନ ନିର୍ମାଣ ପାଇଁ ୨୦୧୮ ରେ ଉଚ୍ଛେଦ କରାଯାଇଥିଲା। ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ବଇଣ୍ଡାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ବିଳମ୍ବ ହେଉଥିବାରୁ ଫ୍ଲାଏ ଓଭର ବ୍ରିଜର ଉଭୟ ପାର୍ଶ୍ୱର ସର୍ଭିସ ରାସ୍ତା ନିର୍ମାଣ ହୋଇପାରୁନାହିଁ। ସର୍ଭିସ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଠିକାସଂସ୍ଥା ପକ୍ଷରୁ ମେ ଶେଷ ସପ୍ତାହରେ ଖୋଳି ଦିଆଯାଇଥିଲା। ହେଲେ ୨ ମାସ ବିତିଯାଇଥିଲେ ମଧ୍ୟ ଠିକାସଂସ୍ଥା ପକ୍ଷରୁ କୌଣସି କାମ କରାଯାଉନାହିଁ। ଫଳରେ ଉକ୍ତ ଖୋଳାଯାଇଥିବା ରାସ୍ତାରେ କୌଣସି ଗାଡ଼ି ଯାତାୟାତ କରିପାରୁ ନାହିଁ। ଅନ୍ୟ ସର୍ଭିସ ରାସ୍ତାରେ ଉଭୟ ପାର୍ଶ୍ୱରୁ ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ଠିକାସଂସ୍ଥାଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଚ୍ ରାସ୍ତାରେ ଆଇନଜୀବୀଙ୍କ ପରିବାରକୁ ହତ୍ୟା ଉଦ୍ୟମ ଘଟଣା

# ଫେରାର ୫ ଅଭିଯୁକ୍ତଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପୁତୁରା

ବ୍ରହ୍ମପୁର, ୨।୮ (ସମିସ)

ଗୋପାଳପୁର ନିର୍ବାଚନମଣ୍ଡଳୀର ବିଗିଡ଼ିବାରେ ଲାଗିଛି ଆଇନଶୃଙ୍ଖଳା ପରିସ୍ଥିତି। ଓଡ଼ିଆ ଅସ୍ମିତା କଥା କହୁଥିବା ସରକାରରେ ନିୟମିତ ବ୍ୟବଧାନରେ ଘଟି ଚାଲିଛି ଗୋଟିଏ ପରେ ଗୋଟିଏ କେଳେଙ୍କାରୀ। ସବୁକୁ ବଳିଗଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଘଟଣା। ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ସରକାରରେ କିନ୍ତୁ ଶାସକ ଦଳର ଲୋକଙ୍କୁ ସାତ ଖୁଣ ମାଫ।

- ପୁଲିସ ଆହ୍ବାନକୁ ନେଇ ଉଠିଲା ପ୍ରଶ୍ନ
- ମାମଲା ପ୍ରତ୍ୟାହାର କରିବାକୁ ପଡୁଛି ଚାପ
- ଆହତ ଆଇନଜୀବୀଙ୍କ ଭଣଜା ଅବସ୍ଥା ସଂକଟାପନ୍ନ




ରାଜ୍ୟକ୍ୟାବିନେଟ୍‌ରଜଣେପ୍ରମୁଖମନ୍ତ୍ରୀତଥାଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଘଟୁଥିବା ଗୋଟିଏ ପରେ ଗୋଟିଏ ଜଘନ୍ୟ ଅପରାଧିକ ଘଟଣା ରାଜ୍ୟ କିମ୍ବା ଦେଶରେ ନୁହେଁ ବରଂ ବିଶ୍ୱବ୍ୟାପୀ ଏବେ ଚର୍ଚ୍ଚିତ। ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ପରିବର୍ତ୍ତେ ସର୍ବସମ୍ମୁଖରେ ଟଣାଓଟରା କରିବା ଏପରିକି ପରିବାର ସଦସ୍ୟଙ୍କୁ ହତ୍ୟା ଉଦ୍ୟମ ଭଳି ସଂଗୀନ ଅଭିଯୋଗ ଆସିଛି ଖୋଦ୍ ମନ୍ତ୍ରୀଙ୍କ ପରିବାର ଲୋକଙ୍କ ବିରୋଧରେ। ସେପଟେ ମନ୍ତ୍ରୀଙ୍କ ପୁତୁରା ବିରୋଧରେ ଅଭିଯୋଗ ଆସିବା ପରେ ଲୋକଦେଖାଣିଆ ଭାବେ କେବଳ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପୁଲିସ ଅପେକ୍ଷା କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଜେତୁଥିବାବେଳେ ଏଭଳି ଘଟଣାକୁ ନିନ୍ଦା କରାଯାଇଛି।

ପ୍ରକାଶ ଯେ' ଗତ ୨୯ତାରିଖରେ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ସୋମନାଥନଗର ଶୁଭମ ବିହାର ନିବାସୀ ତଥା ଆଇନଜୀବୀ ଟି. ଭାନୁମୂର୍ତ୍ତିଙ୍କ ପରିବାର ମା' ଭୈରବୀଙ୍କ ଦର୍ଶନ ଓ ପିଲାର ମୁଣ୍ଡନ ପାଇଁ ଯାଇଥିଲେ। ପୂଜାର୍ଚ୍ଚନା ଓ ଭୋଜିଭାତ ସାରି ୪ଟାରେ ନିଜ ଗାଡ଼ିରେ ଘରକୁ ଫେରୁଥିଲେ। ଭୈରବୀ ରାସ୍ତାର ଛଟି ଛକଠାରେ ଏକ ବାଇକ୍‌କୁ ରାସ୍ତା ଦେବାବେଳେ ସେଠାରେ ଥିବା ଅଜିତ କରଙ୍କ ଦୋକାନ ଆଗରେ ରାସ୍ତାରେ ପଡ଼ିଥିବା କଂକ୍ରିଟ ପ୍ଲେଟ୍ ଉପରକୁ କାର୍ ଚକ ଚଢ଼ିଯିବାରୁ ଏହା ଭାଙ୍ଗି ଯାଇଥିଲା। ଘଟଣାକୁ ନେଇ ଦୋକାନୀ ଅଜିତ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ ଅଜିତ କାର୍ କାଚକୁ ପଥରରେ ଛେଚି ଚୁନା କରିଦେଇଥିଲେ। ଗାଡ଼ି ଚାଳକ ପ୍ରତିବାଦ କରିବାରୁ ଅଜିତ ନିଜର କିଛି ବନ୍ଧୁଙ୍କୁ ଘଟଣା ସ୍ଥଳକୁ ଡାକିଥିଲେ। ଏକାଧିକ ଯୁବକ ପହଞ୍ଚି ଆଇନଜୀବୀଙ୍କ ପରିବାରର ମହିଳା ସଦସ୍ୟଙ୍କ ଉପସ୍ଥିତିରେ ଗାଳିଗୁଲଜ ସହ ସେମାନଙ୍କୁ ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ଆଇନଜୀବୀ ଟି. ଭାନୁମୂର୍ତ୍ତିଙ୍କ ଭଣଜା ଭାନୁମୂର୍ତ୍ତିଙ୍କୁ ଲୁହା ରଡ଼ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ମହିଳାଙ୍କ ସମେତ ମୋଟ ୬ଜଣ ଆହତ ହୋଇଥିଲେ। ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଭାନୁମୂର୍ତ୍ତି ସେହି ରାସ୍ତାଦେଇ ଯାଉଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ବସ୍‌ରେ ଖସି ପଳାଇଯାଉଥିବାବେଳେ ଦୁର୍ବୃତ୍ତମାନେ ସେହି ବସ୍‌କୁ ପିଛା କରି ଅଟକାଇ ତାଙ୍କୁ ଟାଣିଆଣି ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଭାନୁମୂର୍ତ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସଂକଟାପନ୍ନ ଅବସ୍ଥାରେ ଚିକିତ୍ସା ଚାଲିଛି। ଘଟଣାକୁ ନେଇ ଆହତ ଭାନୁମୂର୍ତ୍ତିଙ୍କ ପତ୍ନୀ ଟି. ଶିଳ୍ପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋଳନ୍ଥରା ପୁଲିସ ମୋଟ ୯ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଘଟଣା ପରଦିନ ଅର୍ଥାତ୍ ଗତ ୩୦ତାରିଖରେ ଦୋକାନୀ ଅଜିତ କରଙ୍କ ସମେତ ଶଙ୍କର ଗୌଡ଼, ହେମନ୍ତ ଜେନା ଓ ଘନଶ୍ୟାମ ପ୍ରଧାନ ଓରଫ ପପୁନ ଆଦି ୪ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଘଟଣାର ମୁଖ୍ୟ କାର୍ପଟଦାର କୁହାଯାଉଥିବା ତଥା ମନ୍ତ୍ରୀ ବିଭୂତି ଜେନାଙ୍କ ନିଜ ପୁତୁରା ଦୀପକ ଜେନା ସମେତ ପପୁନ ପ୍ରଧାନ, ଚିନ୍ମୟ ଗୁରୁ, ଆଶିଷ କୁମାର ସାହୁ ଓ ଦୀପକ ସ୍ୱାଇଁଙ୍କୁ ପୁଲିସ ଏପର୍ଯ୍ୟନ୍ତ ଗିରଫ କରିନାହିଁ। ଘଟଣା ପରଠାରୁ ଏହି ୫ଜଣ ଫେରାର ଥିବା ପୁଲିସ କହୁଛି। ସେପଟେ ଫେରାର ଅଭିଯୁକ୍ତଙ୍କୁ ନଧରିବା ପାଇଁ ପୁଲିସକୁ ଅଲିଖିତ ନିର୍ଦ୍ଦେଶ ଥିବାରୁ ପୁଲିସ ଚାପରେ ଥିବା ଆଲୋଚନା ହେଉଛି। ଘଟଣାରେ ଗିରଫ ୪ଜଣଙ୍କୁ କୋର୍ଟଚାଲାଣ ବେଳେ ଆଇନଜୀବୀ ଭାନୁମୂର୍ତ୍ତି ଅଭିଯୁକ୍ତଙ୍କ ମାମଲା ନଲଢ଼ିବା ପାଇଁ ଗଞ୍ଜାମ ଓକିଲ ସଂଘରେ ଲିଖିତ ନିବେଦନ କରିଥିଲେ। ଫଳରେ ଜଣେ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ବିରୋଧ କରି କୌଣସି ଆଇନଜୀବୀ ଅଭିଯୁକ୍ତଙ୍କ ୱକାଲତ୍‌ନାମା ଦାଖଲ କରିନଥିଲେ। ଫଳରେ କୋର୍ଟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ।

ବର୍ତ୍ତମାନ ପୁଲିସ ତଦନ୍ତକୁ ନେଇ ଚାପରେ ଥିବାବେଳେ ଅଭିଯୋଗକାରୀଙ୍କୁ ମଧ୍ୟ ବିଭିନ୍ନ ଆଡୁ ମାମଲା ପ୍ରତ୍ୟାହାର ପାଇଁ ଚାପ ଓ ଧମକ ମିଳୁଥିବା ଶୁଣିବାକୁ ମିଳୁଛି। ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ପୁଲିସ ନିରପେକ୍ଷ ଭାବେ ଘଟଣାର ତଦନ୍ତ କରି ତୁରନ୍ତ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆଇନଜୀବୀ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ଘଟଣାରେ ପୁଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।

## କାର୍ ବିକି ଠକେଇର ଶିକାର ହେଲେ ବ୍ୟବସାୟୀ

ବ୍ରହ୍ମପୁର, ୩।୮ (ସମିସ): ବ୍ରହ୍ମପୁରର ଜଣେ ବ୍ୟବସାୟୀ କାର୍ ବିକ୍ରି କରି ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏନେଇ ବ୍ୟବସାୟୀ ଜଣକ ବଡ଼ବଜାର ଥାନାରେ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ମାଧବନଗର ନିବାସୀ ତଥା ବ୍ୟବସାୟୀ କୋଟେଶ୍ୱର ପାତ୍ର ନିଜର ମାରୁତି ସୁଜୁକି ଏକ୍ସଏଲ-୬ କାର୍‌କୁ ବିକ୍ରି ପାଇଁ ପ୍ରଶାନ୍ତ ସ୍ୱାଇଁଙ୍କ ଜରିଆରେ ଭୁବନେଶ୍ୱର ରସୁଲଗଡ଼ ନିବାସୀ ଆଲୋକ ଦାସଙ୍କୁ ବିକ୍ରି କରିଥିଲେ। କାର୍ ବିକ୍ରିବେଳେ ଆଲୋକ ୩ଲକ୍ଷ ୪୦ହଜାର ଟଙ୍କା ଦେଇଥିଲେ। ତେବେ ବିକ୍ରି କାରର ପୂର୍ବରୁ ଫାଇନାନ୍ସ ବାବଦ ପ୍ରାୟ ୮ଲକ୍ଷ ଟଙ୍କା ବକେୟା ଋଣ ରହିଥିଲା। କୋଟେଶ୍ୱରଙ୍କ ଠାରୁ ଆଲୋକ ଗାଡି କିଣିବା ବେଳେ ୩ମାସ ମଧ୍ୟରେ ସମସ୍ତ ବକେୟା ଋଣ ଅର୍ଥ ପରିଶୋଧ କରି ମାଲିକାନା ବଦଳାଇବେ ବୋଲି ନୋଟାରି ନିକଟରେ ଚୁକ୍ତିନାମା ସମ୍ପନ୍ନ କରାଯାଇଥିଲା। ଘଟଣାକୁ ୩ମାସ ବିତି ସାରିଥିଲେ ହେଁ ଆଲୋକ ଉକ୍ତ ଟଙ୍କା ପରିଶୋଧ କରିନଥିବା ଜଣାପଡ଼ିଛି। ଏନେଇ କୋଟେଶ୍ୱର ଓ ତାଙ୍କ ପତ୍ନୀ ଆଲୋକଙ୍କୁ ପଚାରିବାରେ ସେ ପାଲଟା ଉଭୟଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଚମକ ଦେଇଥିଲେ। ଫଳରେ ଘଟଣାକୁ ନେଇ କୋଟେଶ୍ୱରଙ୍କ ପତ୍ନୀ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବ୍ରହ୍ମପୁର ସବୁଜ ବାହିନୀର ନିଆରା ପ୍ରୟାସ

## ବନ୍ଧୁତ୍ୱ ଦିବସରେ 'ଆସ ବୃକ୍ଷ ସହ କରିବା ମିତ'

ବ୍ରହ୍ମପୁର, ୩।୮ (ସମିସ): ଅଗଷ୍ଟ ମାସ ପ୍ରଥମ ରବିବାରକୁ ବନ୍ଧୁତା ଦିବସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ନିଆରା ପ୍ରୟାସ କରାଯାଇଛି। ଏବେ ପରିବେଶ ଓ ବୃକ୍ଷ ସହ ମିତ କରିବାକୁ ଆହ୍ୱାନ ଦିଆଯାଇଛି। ଏ ଅବସରରେ ବ୍ରହ୍ମପୁର ସବୁଜବାହିନୀ ଓ କଳିଙ୍ଗ ବିଦ୍ୟା ମନ୍ଦିରର ମିଳିତ ଆନୁକୂଲ୍ୟରେ ଶହ ଶହ ପୁରୁଣା ବଡ଼ ବଡ଼ ବଟ ଓ ଅସ୍ୱସ୍ତ୍ ବୃକ୍ଷ ଗୁଡ଼ିକର ସୁରକ୍ଷା ପାଇଁ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ସହ ମିଶି ପରିବେଶ ଅନୁକୂଳ ଫୁଲ ଓ ନଡ଼ିଆ ଗଛର ପତ୍ରରେ ତିଆରି ମିତ୍ରତାର ଡରିକୁ ଗଛର ସୁରକ୍ଷା ଲାଗି ବନ୍ଧା ଯାଇଛି। ସେହିଭଳି ସୁକୁଣ୍ଡା ହଜ ଠାରେ ବିଗତ ଦିନରେ ଲଗାଯାଇଥିବା ବିଭିନ୍ନ ପ୍ରକାରର ବୃକ୍ଷ ମାନଙ୍କୁ ପରିବେଶ ଅନୁକୂଳ ଫୁଲ ଓ ପତ୍ରରେ ମିତ୍ରତାର ଡରି




ତିଆରି କରିବା ପାଇଁ ଶିକ୍ଷ୍ୟ ପ୍ରଦାନ କରାଯାଇଥିଲା। ଡରି ତିଆରି କରି ବୃକ୍ଷକୁ ବାନ୍ଧିଥିଲେ ବହୁ ସଦସ୍ୟ। ବିଭିନ୍ନ ପର୍ବ ପର୍ବାଣୀରେ ଲୋକ ମାନଙ୍କୁ ପ୍ରକୃତି ସହିତ ଜଡିବା ଓ ପରିବେଶର ସୁରକ୍ଷା ଦେବା ଯାହା ଦ୍ୱାର ବୃକ୍ଷର ସୁରକ୍ଷା ସହିତ ବୃକ୍ଷର ଉପକାରିତା ସମ୍ପର୍କରେ ଲୋକମାନେ ସୋଚେତନ ହେବେ ଓ ପରିବେଶ ସହିତ ଜଡ଼ିହେବେ ବୋଲି ସବୁଜବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସାଗର ପ୍ରସାଦ ପାତ୍ର, ଉପ ସଭାପତି ଏ ପ୍ରକାଶ, ପି ବିନୋଦ, ଅନିଲ ଚୌଧୁରୀ, ଅଜୟ ସାହୁ, ପ୍ରବୀଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟଳ ଯୁବ ବାହିନୀର ଚାରାରୋପଣ

ବ୍ରହ୍ମପୁର, ୩।୮ (ସମିସ): ଅଟଳ ଯୁବ ବାହିନୀ ତରଫରୁ ଶ୍ରୀରାମ ନଗର ଭଜରାମ ବିହାରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ମା' ପାଇଁ ଗଛଟିଏ' ଆହ୍ୱାନକୁ ନେଇ ସଂଯୋଜକ ବି.ରବି ରାଓଙ୍କ ତତ୍ତ୍ୱାବଧାନରେ ୧୦୦ରୁ ଅଧିକ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ ବାହିନୀର ସଭାପତି ଶିବ ଶଙ୍କର ପତି, ବିଜେପି ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ମହିଳାଙ୍କୁ ପ୍ରତାରଣା ଓ ଦାଦାବଟି ମାଗି ଯୁବକ ଗିରଫ

ବ୍ରହ୍ମପୁର, ୩।୮ (ସମିସ): ଜଣେ ମହିଳାଙ୍କୁ ପ୍ରତାରଣା କରିବା ଓ ୬ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗାନ୍ଧୀ ନଗରରେ ରହୁଥିବା ସେକ୍ ଜାକିର (୩୪)। ପୁଲିସ ଅଭିଯୁକ୍ତର ମୋବାଇଲ ଜବତ କରିବା ସହ ପିଡ଼ିତା ଓ ଅଭିଯୁକ୍ତଙ୍କ ମେଡ଼ିକାଲ ପରୀକ୍ଷା କରାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସେକ ଜାକିର ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଦୀର୍ଘ ବର୍ଷ ସମ୍ପର୍କ ରଖିବା ପରେ ଅଭିଯୁକ୍ତ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲା। ବିବାହ ପରେ ମଧ୍ୟ ସେ ପୀଡିତାଙ୍କ ସହିତ ସମ୍ପର୍କ ପୁନର୍ବାର ଆରମ୍ଭ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ସେ ରାଜି ହୋଇନଥିଲେ। ରାଜି ନ ହେବାରୁ ଅଭିଯୁକ୍ତ ଜଣକ ହଇରାଣ କରିବା ସହ ନିୟମିତ ଭାବରେ ପିଛା କରୁଥିଲେ। ଏପରିକି ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିବା ସହ ଅପରାଧିକ ଭାବରେ ଭୟଭୀତ କରୁଥିଲେ। ୬ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଉଭୟଙ୍କ ଫୋଟ ଭାଇରାଲ୍ କରିବା ଧମକ ଦେଇଥିଲେ। ପରେ ସେ ସୋସିଆଲ ମିଡ଼ିଆରେ ଭାଇରାଲ୍ ମଧ୍ୟ କରିଥିଲେ। ଯାହାକୁ ନେଇ ମହିଳା ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଜାକିରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଟାଉନ ଥାନାରେ ୩ଟି ଓ ବୈଦ୍ୟନାଥପୁର ଥାନାରେ ଗୋଟିଏ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି।

## ତ୍ରିଧାରା ସାହିତ୍ୟ ସଂସଦର କବିତା ଆସର



ବ୍ରହ୍ମପୁର, ୩।୮ (ସମିସ): ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନା ଚକ୍ର ଓ କବିତା ଆସର ଉତ୍କଳ ଆଶ୍ରମର ପାଠାଗାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ସଂସଦର ଉପଦେଷ୍ଟା ଉମାଚରଣ ମିଶ୍ର ସଭାକୁ ଉଦଘାଟନ କରିଥିଲେ। ସଭାପତି ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ପ୍ରତିକ ଓଡ଼ିଆ କବିତାର ଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଲୋଚକ ଭାବେ ଇଂରେଜୀ ଅଧ୍ୟାପକ ଓ କବି ଡକ୍ଟର ପ୍ରଶ୍ନ କୁମାର ଦଳେଇ ଯୋଗଦାନ କରି ଇଂରାଜୀ ଓ ଓଡ଼ିଆ କବିତାର କଥାବସ୍ତୁ ଚୟନ, ଶବ୍ଦ, ବାଦ ଆଦିଙ୍କ ସମ୍ବନ୍ଧରେ ମତ ରଖିଥିଲେ। ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ସ୍ୱାଗତ ଭାଷଣ, ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ହୋଇଥିଲା। ସହ ସମ୍ପାଦିକା ଗାୟତ୍ରୀ ପାଣିଗ୍ରାହୀ କବିତା ସଂଯୋଜନା କରିଥିଲେ। ଡକ୍ଟର ସଞ୍ଜୟ କୁମାର ପଣ୍ଡା, ବିଘ୍ନେଶ୍ୱର ସାହୁ ସହଯୋଗ କରିଥିଲେ।

## ବାହୁଦା ମୁହାଣରେ ତାଳ ଗୋଟମା ରୋପଣ

ବ୍ରହ୍ମପୁର, ୩।୮ (ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଗଞ୍ଜାମ ଜିଲ୍ଲା ସୋନପୁର ବାହୁଦା ନଦୀର ପାର୍ଶ୍ୱରେ ଏକ ହଜାର ତାଳ ଗୋଟାମା ରୋପଣ କରାଯାଇଛି। ତାଳ ଗଛ ପ୍ରାକୃତିକ ବିପର୍ଯ୍ୟାୟ ବାତ୍ୟା, ବନ୍ୟାରୁ ସୁରକ୍ଷା ଦେବା ବଜ୍ରପାତରୁ ମଧ୍ୟ ଧନ ଜୀବନ ରକ୍ଷା କରେ। ତାଳ ଗଛ ଅଧିକ ଉଚ୍ଚତା ହେଇଥିବାରୁ ଏହି ଗଛ ବିଜୁଳିକୁ ନିଜ ଆଡକୁ ଆକର୍ଷିତ କରି ମଣିଷ ଓ ବିଭିନ୍ନ ପଶୁଙ୍କ ଜୀବନ ସୁରକ୍ଷା କରିଥାଏ। ଏଥିସହ ମୃତ୍ତିକା କ୍ଷୟ ମଧ୍ୟ କମାଇଥାଏ। ମରୁଡ଼ି ବା କମ ପାଣିରେ ମଧ୍ୟ ବଞ୍ଚି ରହିପାରେ ବୋଲି ଉପଦେଷ୍ଟା ନଳିନୀ କାନ୍ତ ପରିଡ଼ା ସୂଚନା ଦେଇଥିଲେ। ପକ୍ଷୀଙ୍କ ଯନ୍ତ୍ରୀ କୁହାଯାଉଥିବା ବାୟା ଚଢ଼େଇଙ୍କ ପସନ୍ଦର ବାସ ମଧ୍ୟ ଏହି ତାଳ ଗଛ, ତାଳ ଗଛ କମିବା ଦ୍ୱାରା ସେମାନଙ୍କ ବଂଶ ହ୍ରାସ ହେବାରେ ଲାଗିଛି। ବନ୍ୟ ଜନ୍ତୁ ହାତୀ, ବାରହା ଓ ମାଙ୍କଡ଼ ମାନଙ୍କ ବର୍ଷା ଦିନିଆ ଖାଦ୍ୟଭାବ ପୂରଣ କରୁଛି ପାଚିଲା ତାଳ। ସ୍ଥାନୀୟ ଲୋକଙ୍କ ରୋଜଗାରର ମାଧ୍ୟମ ମଧ୍ୟ ପାଲଟିଛି ତାଳ ସଜ। ଏସବୁର ଗୁରୁତ୍ୱ ଦୃଷ୍ଟିରୁ ପରିବେଶରେ ତାଳ ବୃକ୍ଷର ଆବଶ୍ୟକତା ବିଷୟରେ ସଭାପତି ସାଗର କୁମାର ପାତ୍ର ନିଜର ମତବ୍ୟକ୍ତ କରିବା ସହ ଶତାଧିକ ତାଳଗୋଟାମା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, ବନରକ୍ଷୀ ଗଣେଷ ଗୌଡ଼, ପୁରୁଷୋତ୍ତମ ୱାଇଁ, ଡମ୍ବୁରୁ ବେହେରା, ଦୀନବନ୍ଧୁ ବେହେରା, ଜିତେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ତୁଷାର ନାୟକ ପ୍ରମୁଖ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ।



## ଅସରାଏ ବର୍ଷା ପରେ ରାସ୍ତାରେ ନର୍ଦ୍ଦମା ପାଣି

ବ୍ରହ୍ମପୁର, ୩।୮ (ସମିସ)

ଅସରାଏ ବର୍ଷାରେ ବ୍ରହ୍ମପୁର ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି। ଡ୍ରେନ ନିର୍ମାଣ ଓ ସଫେଇ ନିମନ୍ତେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏଭଳି ପରିସ୍ଥିତି ନିୟନ୍ତ୍ରଣ ହୋଇପାରୁନି। ସହରର ପ୍ରମୁଖ ରାସ୍ତା ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ଓ ପୂର୍ତ୍ତ ବିଭାଗ ଅଧୀନରେ ଥିଲେ ମଧ୍ୟ ଉଭୟ ବିଭାଗ ଅଧିକାରୀ ସବୁ ଜାଣି ନୀରବ ରହୁଥିବା ଅଭିଯୋଗ ହୋଇଛି। ରବିବାର ମଧ୍ୟାହ୍ନରେ କିଛି ସମୟ ସହରରେ ବର୍ଷା ହୋଇଥିଲା। ଏଭଳି ଅଳ୍ପ ସମୟ ବର୍ଷାରେ ରାସ୍ତା ଅବସ୍ଥା ସଙ୍ଗିନ ହୋଇଛି। ସହରର ଲକ୍ଷ୍ମୀ ନୃସିଂହ ସାହି, ପୁରୁଣା ବ୍ରହ୍ମପୁର, ପ୍ରେମ ନଗର, ହାଉସିଂ ବୋର୍ଡ଼ ଓ ଗଜପତି ନଗର ଭଳି ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିଲା। ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଜଳମଗ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଦୀର୍ଘ



ବର୍ଷ ହେବ ସହରର ଏହା ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଏହାର ସମମାଧାନ ଏ ପର୍ଯ୍ୟନ୍ତ ହୋଇନି। ଠେଲା ବ୍ୟବସାୟରମାନେ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବହାର କରୁଛନ୍ତି। ଜବରଦଖାଲ ଉଚ୍ଛେଦ ସହ ଡ୍ରେନ ସମ୍ପ୍ରସାରଣ କରାଯାଉନି। ବାରମ୍ବାର ଅଭିଯୋଗ ହୋଉଥିବା ସତ୍ତ୍ୱେ ଉକ୍ତ ସ୍ଥାନଗୁଡ଼ିକରେ କୌଣସି ପରିବର୍ତ୍ତନ ଘଟୁନି। ଫଳରେ ଅସରାଏ ବର୍ଷାରେ ସହରର ବହୁ ଅଞ୍ଚଳରେ ପାଣି ଜମି ରହି ବିଭିନ୍ନ ସମସ୍ୟାର ସୃଷ୍ଟି ହୋଇଛି।

## ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ବ୍ଲକସ୍ତରୀୟ ସମ୍ମିଳନୀ

ବ୍ରହ୍ମପୁର, ୩।୮ (ସମିସ): ଭାଗବତ ଟୁଙ୍ଗି ସୁରକ୍ଷା ସମିତିର କୁକୁଡ଼ାଖଣ୍ଡି ବ୍ଲକସ୍ତରୀୟ ସମ୍ମିଳନୀ ବାଲିପଡ଼ା ସ୍ଥିତ କଲ୍ୟାଣ ମଣ୍ଡପରେ ସଭାପତି ମହନ୍ତ ହରିହର ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ସମ୍ପାଦକ ଅଧିବକ୍ତା କୈଳାସ ଚନ୍ଦ୍ର ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହରିହର ଦାସ ମହାରାଜ ଜନସମାଜରେ ଶ୍ରୀ ମଦ୍ ଭାଗବତ ମହାପୁରାଣର ଆବଶ୍ୟକତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସଭାପତି ମହନ୍ତ ରାଧାକାନ୍ତ ଦାସ ମହାରାଜ ଐହିକ ଓ ପାରତ୍ରିକ ସୁଖ ପାଇଁ ଭାଗବତ ମହାପୁରାଣର ଆବଶ୍ୟକତା ବିଷୟରେ କହିଥିଲେ। ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁ ସବୁ ପଞ୍ଚାୟତରୁ ଆସିଥିବା ପ୍ରତିନିଧି



ମାନଙ୍କ ପରିଚୟ କରାଇବା ସହିତ ନୂତନ ଭାଗବତ ଟୁଙ୍ଗି ସ୍ଥାପନ ପାଇଁ ମାର୍ଗଦର୍ଶନ କରାଇଥିଲେ। କିଶୋର ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷ ତାରେ କୁକୁଡ଼ାଖଣ୍ଡି ବ୍ଲକ ସ୍ତରୀୟ ସମିତି ଗଠନ କରାଯାଇଛି। ସମ୍ମିଳନୀରେ ଜିଲ୍ଲା ସଂଗଠନ ଉପସଭାପତି ଗୋପାଳ କୃଷ୍ଣ ପାଢ଼ୀ, ଉପଦେଷ୍ଟା ଶଙ୍କର୍ଷଣ ପାତ୍ର, ସନ୍ତୋଷ କୁମାର ସାହୁ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷାବିତ ଗୋପାଳ କୃଷ୍ଣ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ରାଜସ୍ୱ ଅମଲା ସଂଘ



ଦେବଗଡ଼,୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ମତ ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦାବି ଗୁଡିକ ପୂରଣ କରିବାରେ ରାଜ୍ୟ ସରକାରଙ୍କ ତରଫରୁ ଅହେତୁକ ବିଳମ୍ବ ହୋଇଛି। ଏନେଇ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଓଡ଼ିଶା ରାଜସ୍ୱ ଅମଲା ସଂଘ, ଦେବଗଡ଼ ଜିଲ୍ଲା ଶାଖା ସଭାପତି କମଳାପତି ସାହୁଙ୍କ ଆହ୍ୱାନ କ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ଦିଗରେ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲାସ୍ତରରେ ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ରାଜ୍ୟ ସରକାର ଆଗାମୀ ଅଗଷ୍ଟ ୧୦ ତାରିଖ ମଧ୍ୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବିଗୁଡିକ ପୂରଣ ନ କରନ୍ତି ତେବେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି କମଳପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭୁତି ଭୂଷଣ ସାହୁ, ଅଭିରାମ ସେଠ, ଅନୁସୟା ନାଏକ, ଗିତାଞ୍ଜଳୀ ନାଏକ, ସୋମ୍ୟରଣୀ ଗୁରୁ, ରଶ୍ମିରେଖା ଦେବୀ, ରମଣୀରଞ୍ଜନ ବିଶ୍ୱାଳ ତଥା ଦେବଗଡ଼ ଜିଲ୍ଲାର ଅନ୍ୟାନ୍ୟ ରାଜସ୍ୱ ଅମଲା ମାନେ ଉପସ୍ଥିତ ଥିଲେ।

# ୫ ଡକାୟତ ଗିରଫ; ମାରଣାସ୍ତ୍ର ଜବତ

ଝାରସୁଗୁଡ଼ା,୩।୮ (ସମିସ): ବ୍ରଜରାଜନଗର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବା ବେଳେ ପୁଲିସ ମାଡିବସିବା ସହ ଏକ ବଡ ଧରଣର ଡକାୟତି ରୋକିବାରେ ବ୍ରଜରାଜନଗର ପୁଲିସ ସକ୍ଷମ ହୋଇଛି। ଶନିବାର ବିଳମ୍ବିତ ରାତିରେ ଏକ ଡକାୟତି ଦଳ ବିଭିନ୍ନ ମାରଣାସ୍ତ୍ର ଧରି ଛୁଆଳିବେର୍ଣା ଜଙ୍ଗଲରେ ଏକତ୍ରିତ ହୋଇ ଖଣି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ପେଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲା। ଖବରପାଇ ଘଟଣାସ୍ଥଳରେ ବ୍ରଜରାଜନଗର ପୁଲିସ ଚଢ଼ଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ କିଛି ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ



ମାନେ ହେଲେ ବ୍ରଜରାଜନଗର ଥାନା ତେଲେନପାଲିର ନିଖିଳ କୁମ୍ଭାର (୨୪), ଇଏସଆଇ ଛକ ନୂଆପଡାର ସଂଜୟ ତାଣ୍ଡି ଓରଫ ରିଙ୍କୁ (୨୬), ଝସକେତନ ଭୋଇ ଓରଫ ଅଶ୍ୱିନୀ ଭୋଇ (୩୪), ଗାନ୍ଧୀ ଛକର କରନ ଚୌହାନ (୨୬), ଆଶ୍ରମପଡାର ଦିନେଶ ମହାତୋ (୩୪)। ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି। ଚଢ଼ଉ ସମୟରେ ପୁଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଭୁଜାଲି, ଗୋଟିଏ ଚାପଡ, ୪ଟି ଟର୍ଚ୍ଚ ଲାଇଟ ଓ ଗୋଟିଏ ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଛି। ଅଭିଯୁକ୍ତକ ମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଜିଲ୍ଲାପାଳଙ୍କ ସ୍ଥାନ ନିରୂପଣ

ଦେବଗଡ଼,୩।୮ (ସମିସ): ଜିଲ୍ଲାପାଳ କବିନ୍ଦ୍ର ସାହୁ ରବିବାର ବାରକୋଟ ବ୍ଲକ୍ ଗସ୍ତରେ ଯାଇ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସ୍ଥାନ ନିରୂପଣ କରିଛନ୍ତି। ଏହାସହ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ବାରକୋଟ ବ୍ଲକ୍‌ରେ ନୂତନ ଚିକିତ୍ସାଳୟ ଓ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ନିମନ୍ତେ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ରାଜସ୍ୱ ଅଧିକାରୀ ବିପିନ୍ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବାରକୋଟ ବ୍ଲକ୍‌ର ଜନସାଧାରଣ ଉପସ୍ଥିତ ଥିଲେ।

## କିଶୋର ନ୍ୟାୟ ଏବଂ ଝିଅଙ୍କୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

ଝାରସୁଗୁଡ଼ା,୩।୮ (ସମିସ): ନାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ସମ୍ବେଦନଶୀଳ ହେବା, ନାରୀ ସୁରକ୍ଷା ସମ୍ପର୍କିତ ଆଇନ ବିଷୟରେ ଜାଣିବା ଏବଂ ସମ୍ବିଧାନ ପ୍ରଦତ୍ତ ଅଧିକାର ବିଷୟରେ ନାରୀମାନଙ୍କୁ ସଚେତନ କରାଇବା ପ୍ରତ୍ୟେକ ସଚେତନଶୀଳ ନାଗରିକର କର୍ତ୍ତବ୍ୟ ହେବା ଉଚିତ ବୋଲି ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି। ଭାରତରେ ଝିଅମାନଙ୍କୁ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ଯୋଗାଇ ଦେବା ପାଇଁ କିଶୋର ନ୍ୟାୟ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ପକ୍ଷରୁ ଆୟୋଜିତ କର୍ମଶାଳାରେ ଜିଲ୍ଲା ଏବଂ ଦୌରାଜଜ ପ୍ରଶାନ୍ତ ନାୟକ, ପରିବାର ନ୍ୟାୟାଳୟର ବିଚାରପତି ଲୋକନାଥ ସାହୁ, ଅତିରିକ୍ତ ଜିଲ୍ଲା ଦୌରା ଜଜ, ପୋକ୍ସୋ କୋର୍ଟ ଜଜ, ସିଜେଏମ୍ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। କିଶୋରୀ ବାଳିକାଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ସମସ୍ତେ ଯତ୍ନଶୀଳ ହେବା ତଥା ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ନାରୀ ନିର୍ଯ୍ୟାତନା, ନାରୀଙ୍କ ପ୍ରତି ହିଂସା, ଯୌନ ନିର୍ଯାତନା ସମ୍ପର୍କିତ ଆଇନ ସମ୍ପର୍କରେ ବିଦ୍ୟାଳୟ ସ୍ତରରୁ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। କିଶୋରୀ ବାଳକବାଳିକା ନିଜ ପ୍ରତି ହେଉଥିବା ଅସଦାଚରଣ ସମ୍ପର୍କରେ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱଚ୍ଛନ୍ଦରେ କିପରି ଅବଗତ କରିବେ ସେ ଦିଗରେ କାଉନସେଲିଂ କରାଯିବା ଆବଶ୍ୟକତା ରହିଛି ବୋଲି ସମସ୍ତେ ମତ ଦେଇଥିଲେ। ବିଶେଷ କରି ମାତାପିତା ମାନଙ୍କୁ କିଶୋର ବୟଃପ୍ରାପ୍ତ ପିଲାମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ସହ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। 'ଗୁଡ ଟଚ ଏବଂ ବ୍ୟାଡ ଟଚ' ସମ୍ପର୍କରେ କିଶୋର ଓ କିଶୋରୀ ଜାଣିବା ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। ରେଜିଷ୍ଟ୍ରାର ତଥା ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ରାଜେନ୍ଦ୍ର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ଉଦ୍ଦେଶ୍ୟ ଜ୍ଞାପନ, ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଅର ଟାଙ୍ଗିଆ ଚୋଟରେ ମା' ଗୁରୁତର

ରିଆମାଳ,୩।୮ (ସମିସ): ରିଆମାଳ ଥାନା ରିଆମାଳ ପଟାଭାଡି ସାହିରେ ମଦ୍ୟପ ଅବସ୍ଥାରେ ଜଣେ ବ୍ୟକ୍ତି ନିଜ ମାକୁ ଟାଙ୍ଗିଆରେ ଆକ୍ରମଣ କରିବା ଫଳରେ ମା ଗୁରୁତର ହୋଇ ପଡିଛନ୍ତି। ପଟାଭାଡି ସାହିର ପ୍ରତାପ ବିଶ୍ୱାଳ କୌଣସି କାରଣକୁ ନେଇ ଘରେ ନିଜ ମା' ମଲି ବିଶ୍ୱାଳ (୬୬)ଙ୍କ ମୁହଁକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ମଲି ଗୁରୁତର ହୋଇ ପଡିଥିଲେ। ଆକ୍ରମଣରେ ତାଙ୍କର ଦାନ୍ତ, ପାଟି କ୍ଷତାକ୍ତ ହୋଇଛି। ଘରର ଅନ୍ୟ ସଦସ୍ୟ ତାଙ୍କୁ ଛତାବର ମେଡିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଦେବଗଡ଼ ପଠାଇ ଦେଇଛନ୍ତି। ଖବର ପାଇ ରିଆମାଳ ପୁଲିସ ତଦନ୍ତ ଆରମ୍ଭ କରିଛନ୍ତି।

# କିରୋସିନି ଢାଳି ସ୍ତ୍ରୀକୁ ଜାଳିଦେଲା ସ୍ୱାମୀ

ଦେବଗଡ଼,୩।୮ (ସମିସ): ପ୍ରେମ ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ସନ୍ତାନ ସନ୍ତତି ନ ହେବାରୁ ସ୍ତ୍ରୀକୁ କିରୋସିନି ଢାଳି ସ୍ୱାମୀ ହତ୍ୟା କରିଛି। ବାରକୋଟ ଥାନା ଅଧୀନ ରେଙ୍ଗାଲି ଗାଁରେ ଏହି ଅଭାବନୀୟ ଘଟଣା ଘଟି ଯାଇଛି। ହତ୍ୟାକାରୀ ସ୍ୱାମୀକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ସ୍ୱାମୀ ସ୍ତ୍ରୀ ଭିନ୍ନ ଜାତିର ହୋଇଥିବାରୁ ମୃତ ମହିଳାଙ୍କ ଶବସତ୍କାର କରିବାକୁ ଜାତି ସମାଜ କେହି ନ ଆସିବାରୁ ବାରକୋଟ ଥାନା ପୁଲିସ ରାତିରେ ଶବସତ୍କାର କରିଛି। ରେଙ୍ଗାଲି ଗାଁର ବିଜୟ ନାଏକ (୪୨) ଗତ ୨୦୦୯ ମସିହାରେ ପାଲଲହଡା ଥାନା ଅଧୀନ ଟେଭାଫାଳ ଗାଁର ସବିତା ମହନ୍ତ (୩୫)କୁ ପ୍ରେମ ବିବାହ କରିଥିଲେ। ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ସନ୍ତାନ ସନ୍ତତି ନ ହେବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳି ଲାଗି ରହୁଥିଲା। ଗତ ବୁଧବାର ସ୍ୱାମୀ ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜୟ କିରୋସିନି ସବିତାଙ୍କ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲା। ସବିତାଙ୍କ ଚିତ୍କାର ଶୁଣି ପଡିଶା ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ପ୍ରଥମେ ପାଲଲହଡା ଡାକ୍ତରଖାନା ଓ ସେଠାରୁ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସବିତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସବିତାଙ୍କ ବଡବାପା ପୁଅ ଭାଇ ବୁଲୁ ମହନ୍ତ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ବିଜୟକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆ ଯାଇଛି। ଅନ୍ୟପକ୍ଷରେ କଟକ ବଡ ଡାକ୍ତରଖାନାରୁ ସବିତାଙ୍କ ମୃତଦେହକୁ ଭାଇ ବୁଲୁ ଓ ମା ଆଣିଥିଲେ। ରେଙ୍ଗାଲି ସ୍ଥିତ ଝିଅର ଶାଶୁ ଘରେ ପହଞ୍ଚାଇବା ପରେ ପୁଅ ଝିଅ ଭିନ୍ନ ଜାତିର ଥିବାରୁ ଗାଁରେ ଜାତି ସମାଜର କୌଣସି ସଦସ୍ୟ ଶବ ସତ୍କାର ପାଇଁ ବାହାରି ନଥିଲେ। ଶେଷରେ ଅଭିଯୁକ୍ତ ସ୍ୱାମୀର ଭଉଣୀ ଜ୍ୱାଇଁ ଓ ବାରକୋଟ ଥାନାର ପୁଲିସ ଅଧିକାରୀ ମାନେ ମୃତ ଦେହକୁ କାନ୍ଧ ଦେଇ ରାତିରେ ଗାଁ ମଶାଣିରେ ସତ୍କାର କରିଥିବା ଜଣାପଡିଛି।

## ବେଲପାହାଡ଼ରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ଝାରସୁଗୁଡ଼ା,୩।୮ (ସମିସ): ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟ ନିର୍ଦ୍ଦେଶରେ ଝାରସୁଗୁଡ଼ା 'ମେରା ଯୁବା ଭାରତ ସଂଗଠନ' ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟନେଶ ସହିତ ବେଲପାହାଡ଼ ରେଫରୀ ଆସୋସିଏସନ ଏବଂ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ବେଲପାହାଡ ପୌରାଞ୍ଚଳର ମିର୍ଦ୍ଧାଡେରାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ.ଦିଲ୍ଲୀପ ନାଏକ ସାମିଲ ହୋଇ ଚାରାରୋପଣ କରିଥିଲେ। ସମ୍ପାଦକ ହମିଦ ମହାପାତ୍ର, କୋଷାଧ୍ୟକ୍ଷ ସୁନନ୍ଦ ପଣ୍ଡା, ଶିକ୍ଷାବିଦ ମିନତୀ ମହାପାତ୍ର, ଶିକ୍ଷାବିତ ସୌମ୍ୟରଞ୍ଜନ ସାହୁ, ବରିଷ୍ଠ ସଦସ୍ୟ ସୁବ୍ରତ ମହାପାତ୍ର, ସମାଜ ପ୍ରତିନିଧି ସରୋଜ ମିର୍ଦ୍ଧା, ଆରଏସଏସ ଝାରସୁଗୁଡ଼ାର ପରିବେଶ ପ୍ରଭାରୀ ଜିତେନ୍ଦ୍ର ବିଶ୍ୱାଳ, ବୁଲୁ ବାରିକ, ଛୋଟୁରାୟ, ରଞ୍ଜିତ ସିଂ, ଅଭିଶେକ ସିଂହାନିଆଁ, ରେଫରୀ ଆସୋସିଏସନର ରାମ ସେହ୍ରିୟା, ରମଣୀ ମାଝୀ, ମହେନ୍ଦ୍ର ବଗର୍ତ୍ତୀ, ସୁରେନ୍ଦ୍ର ସାହୁ, ଅଗସ୍ତି ହାତିପଟା, ରତ୍ନାକର ସାଏ, ଅଜୟ କେରକେଟା, ଅରବିନ୍ଦ କେରକେଟା, ବିଜୟ ଓରାମ, ଲୋକନାଥ ଚୌହାନ ପ୍ରମୁଖ ଓ ସ୍ଥାନୀୟ ମିର୍ଦ୍ଧା ଡେରାର ଜନସାଧାରଣ ଯୋଗ ଦେଇ ନିଜ ନିଜ ମା'ଙ୍କ ନାଁରେ ଚାରାରୋପଣ କରିଥିଲେ।

## ଟାଙ୍ଗିଆ ଚୋଟରେ ଜଣେ ଗୁରୁତର, ଅଭିଯୁକ୍ତ କୋର୍ଟ ଚାଲାଣ

ରିଆମାଳ,୩।୮ (ସମିସ): ଦେବଗଡ ଜିଲ୍ଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ନାଡ୍ରିପାଳ ଗ୍ରାମରେ ଟାଙ୍ଗିଆରେ ଆକ୍ରମଣ ଫଳରେ ଜଣେ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି। ଗୁରୁତର ହେଲେ ଶଙ୍କର ପ୍ରଧାନ। ମାମଲାରେ ଅଭିଯୁକ୍ତ କାହ୍ନୁଚରଣ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟାରେ ଶଙ୍କରଙ୍କୁ ତାର ଶ୍ୱଶୁର ଘର ନିକଟରେ କାହ୍ନୁ କୌଣସି କାରଣକୁ ନେଇ ଗୋଟିଏ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଟାଙ୍ଗିଆରେ ଆକ୍ରମଣରୁ ଶଙ୍କରକୁ ବାମ ବାହୁ ଓ ପିଠିରେ ଗଭୀର ଆଘାତ ହୋଇଛି। ଆକ୍ରମଣ ପରେ ଶଙ୍କରର ପରିବାର ଲୋକ ଓ ଗ୍ରାମବାସୀ ମିଶି ତାଙ୍କୁ ତତ୍‌କ୍ଷଣାତ ମେଡିକାଲକୁ ନେଇଥିଲେ। ଗୁରୁତର ଆହତ ଥିବାରୁ ଡାକ୍ତର ତାଙ୍କୁ ଛେଣ୍ଡିପଦାରୁ ଅନୁଗୁଳ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ବର୍ତ୍ତମାନ ସେ ଅନୁଗୁଳରେ ଚିକିତ୍ସାଧୀନ ଅଛନ୍ତି। କୁଣ୍ଡେଇଗୋଳା ଥାନା ପୁଲିସ ତଦନ୍ତ ପରେ ମାମଲାରେ ଅଭିଯୁକ୍ତ କାହ୍ନୁ ଚରଣ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ମାମଲାର ଅଧିକ ତଦନ୍ତ ଚାଲିଛି।

## ନଦୀରେ ଭାସି ଯାଇ ଶିକ୍ଷକଙ୍କ ମୃତ୍ୟୁ

ଦେବଗଡ଼,୩।୮ (ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ଅଧୀନ କୁଣ୍ଡାଯୋରୀ ଗାଁର ଜଣେ ଶିକ୍ଷକଙ୍କ ନଦୀରେ ଭାସିଯାଇ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ଅକ୍ରୁର ଭୋଇ ବୋଲି ଜଣାପଡ଼ିଛି। ରେଙ୍ଗାଲବେଡା ଠାରେ ମିଟିଂ ସାରି ନିଜ ଗାଁକୁ ଫେରୁଥିବା ବେଳେ ଗୋହୀରା ନଦୀରେ ପାର ହେଉଥିବା ବେଳେ ସେ ନଦୀରେ ଭାସି ଯାଇଥିଲେ। ବିଜାବେରଣି ଗାଁ ନିକଟସ୍ଥ ଗୋହୀରା ନଦୀ ପାଖେ ଏକ ଅର୍ଜୁନ ଗଛରେ ମୃତଦେହ ଅଟକି ଥିବାବେଳେ ଆଜି ମୃତଦେହ ଠାବ ହୋଇଛି। ଅକ୍ରୁର ତେନ୍ତଲା ବାହଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ତାଙ୍କର ୩ ଟି କନ୍ୟା ସନ୍ତାନ ଅଛନ୍ତି। ଶନିବାର ଅକ୍ରୁର ଘରକୁ ନଫେରିବାରୁ ତାଙ୍କ ଘରଲୋକ ଖୋଜାଖୋଜି କରି ବିଫଳ ହୋଇଥିଲେ। ଆଜି ଲୋକମାନେ ତାଙ୍କ ମୃତଦେହ ଦେଖି ତାଙ୍କ ଘର ଲୋକ, ରିଆମାଳ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପରେ ମୃତଦେହ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତାଙ୍କର ମୃତ୍ୟୁ ଘଟିବା ପରେ ତିନି କନ୍ୟା ସନ୍ତାନର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, କୁଣ୍ଡାଯୋରୀକୁ ଗାଁକୁ ଗମନାଗମନ ପାଇଁ ଗୋହୀରା ନଦୀ ଉପରେ ପୋଲ ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ନିକଟରେ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ଆଗାମୀ ଦିନରେ ନଦୀ ଉପରେ ପୋଲ ତିଆରି ନହୋଇ ଯଦି ଭବିଷ୍ୟତରେ କାହାର ଜୀବନ ଯାଏ, ଏଥିପାଇଁ ସରକାର ଦାୟୀ ରହିବେ ବୋଲି ତବଡା ପୂର୍ବତନ ସରପଞ୍ଚ ପାଞ୍ଜିଆ ଭୋଇ ପରିପ୍ରକାଶ କରିଛନ୍ତି।

## ବାଇକ-ସ୍କୁଟି ମୁହାଁମୁହିଁ; ଜଣେ ମୃତ

ଦେବଗଡ଼,୩।୮ (ସମିସ): ଦେବଗଡ଼ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ବ୍ରହ୍ମଣିମାଳ ଗ୍ରାମର ସୁରେନ୍ଦ୍ର ବାନାରା ସ୍କୁଟି ଯୋଗେ ବାରକୋଟ ପଟୁ କଣ୍ଢେଇ ଅଭିମୁଖେ ଆସୁଥିବା ବେଳେ ସମ୍ମୁଖ ପଟୁ ବାଇଧରନଗର ଗ୍ରାମର ସୁଶୀଲ ସାହୁ ବିଜୟନଗର ଛକ ଠାରେ ମୁହାଁମୁହିଁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଦ୍ୱୟକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ରିଆମାଳ,୩।୮ (ସମିସ): ରିଆମାଳ ବ୍ଲକ ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଯୁଧିଷ୍ଠିର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ



ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବନିତା ବେହେରା ଯୋଗ ଦେଇଥିଲେ। ଆଚାର୍ଯ୍ୟ ସଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ନିମ୍ନ ବର୍ଗରେ ୧୦୬ଟି, ଶିଶୁ ବର୍ଗରେ ୪୩ ଟି, ବାଳବର୍ଗରେ ୨୮ଟି, କିଶୋର ବର୍ଗରେ ୧୧ଟି ମୋଟ ୧୮୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ପତ୍ର ବାଚନ, ବିଜ୍ଞାନ ପ୍ରୟୋଗ, ମୂର୍ତ୍ତି କଳା ଆଦି ପ୍ରତିଯୋଗିତାରେ ମୋଟ ୨୬ ଜଣ ଶିଶୁ ଭାଇ ଭଉଣୀ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାପନ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରିଆମାଳ ବ୍ଲକ୍ କୃଷି ଅଧିକାରୀ ଗୌରୀ ଶଙ୍କର ପ୍ରଧାନ ଯୋଗ ଦେଇଥିଲେ। ଆଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗ୍ମସମ୍ପାଦକ ଲୋକନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରକୋଟ ବ୍ଲକ୍‌ରେ ଅଭିଯୋଗ ଶୁଣାଣି

ଦେବଗଡ଼,୩।୮ (ସମିସ): ବାରକୋଟ ବ୍ଲକ୍ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବାରକୋଟ ସ୍ଥିତ ବିଧାୟକଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜନସାଧାରଣ ଆଣିଥିବା ୨୩ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ସମାଧାନ ପାଇଁ ଜନସାଧାରଣଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରି ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ରାସ୍ତା ମରାମତି ଓ ନୂତନରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ବାରକୋଟ ବ୍ଲକ୍‌ର ବିଭିନ୍ନ ଗାଁରୁ ଲୋକ ଅଭିଯୋଗ କରିଥିଲେ।

## ଝାରସୁଗଡ଼ାରେ ପ୍ରଥମ ପୁରୁଷ ସିନିୟର ହକି ପ୍ରତିଯୋଗିତା




ଝାରସୁଗୁଡ଼ା,୩।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ଆନୁକୂଲ୍ୟରେ ହକି ଷ୍ଟାଡିୟମ ଏଚ.କଟାପାଲିରେ ଚାଲିଥିବା ଦୁଇ ଦିନିଆ ଆନ୍ତଃ କ୍ଲବ୍ ହକି ସିନିୟର ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ରବିବାର ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି ଜେମସ୍ ସାମଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନର ସହସମ୍ପାଦକ ମେହେତାବ ଖାଁନ, ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ସଂଘର ବିଜୟ ବକ୍ସି ଓ କ୍ଲେମେଣ୍ଟ ରୋନାଲ୍ଡ, ଜିଲ୍ଲା ହକି ଆସୋସିଏସନର ପ୍ରଜ୍ୱଳ ପଟେଲ, ଅଶ୍ୱନୀ ପାଣ୍ଡେ, ଡମ୍ବରୁଧର ପୂଜାରୀ, ବିଜୟ ବେହେରା ଓ ସିମନ ବରୁଆ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲ୍ଲାର ୧୬ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିବା ନେଇ ହକି ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଥିଲେ। ରବିବାର ଖେଳର ଫାଇନାଲ ମ୍ୟାଚ୍ ସୁନ୍ଦରଗଡ ୟୁଥ କ୍ଲବ୍ ଓ ମିଳିତ ଜେଏସ୍‌ଡବ୍ଲ୍ୟୁ ଓ ଏମଏସପି କ୍ଲବ୍ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ଉଭୟ ଦଳ ୨-୨ ଗୋଲରେ ସମାନ ହେବାରୁ ପେନାଲଟି ସୁଟଆଉଟ ହୋଇଥିଲା। ଏଥିରେ ମିଳିତ ଭାବେ ଜେଏସ୍‌ଡବ୍ଲ୍ୟୁ ଓ ଏମଏସପି କ୍ଲବ୍ ଝାରସୁଗୁଡ଼ା ୧୦-୯ରେ ବିଜୟୀ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଟ୍ରଫିକୁ ନାୟବ ଖାନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ମେହେତାବ ଖାଁନ ପ୍ରଦାନ କରିଥିଲେ। ଏହି ଖେଳକୁ ସଙ୍ଗିତା ରୋଜ କୁଲୁ, ଗାୟତ୍ରି କିଶାନ, ଏମା ଏକ୍କା ଓ ଆଲିୟସ, ଶକୁନ ନାୟକ, ପ୍ରଫୁଲକୁଲୁ, ଜିତେନ୍ଦ୍ର ନାଥ ମହାନ୍ତ, ଡିଫର ଟେଟେ ପରିଚାଳନା କରିଥିଲେ।

■ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ହ୍ୟାଣ୍ଡବଲ ପ୍ରତିଯୋଗିତା

# ୧୪ ବର୍ଷରୁ କମ୍ ବାଳକ ବର୍ଗରେ ବିଇଏମ୍ ବିଦ୍ୟାଳୟ ବିଜେତା

ଝାରସୁଗୁଡ଼ା,୩।୮ (ସମିସ): ବ୍ରହ୍ମପୁରର ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ବିଦ୍ୟାଳୟ ସମୂହ ସିଆଇଏସସିଇ ଓଡ଼ିଶା ଆଞ୍ଚଳିକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଝାରସୁଗୁଡ଼ା ଜୋନର ଖେଳାଳି ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ଝାରସୁଗୁଡ଼ା ଜୋନର ପ୍ରତିନିଧିତ୍ୱ କରି ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ବ୍ରହ୍ମପୁର ଜୋନକୁ ପରାସ୍ତ କରି ବିଜେତା ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା, ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଝାରସୁଗୁଡ଼ା ଦଳ ଫାଇନାଲରେ ବ୍ରହ୍ମପୁର ଜୋନ ଠାରୁ ପରାସ୍ତ ହୋଇ ଉପବିଜେତା ହୋଇଛନ୍ତି। ସମସ୍ତ ବର୍ଗରେ ରାୟଗଡା ଜୋନକୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ୩୫ ଜଣ ବାଳକ ଓ ବାଳିକା ପ୍ରତିଯୋଗିତାରେ ଝାରସୁଗୁଡ଼ା




ଜୋନର ପ୍ରତିନିଧିତ୍ୱ କରିଥିଲେ। ବିଜୟୀ ଦଳକୁ ପ୍ରମାଣ ପତ୍ର ସହିତ ସ୍ୱର୍ଣ୍ଣପଦକ ଓ ଉପବିଜେତା ଦଳକୁ ରୌପ୍ୟ ପଦକ ଦେଇ ସମ୍ମାନିତ କରାଯାଇଥିଲା। ଦଳ ସହିତ ବିଇଏମ୍ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର କୋଚ ଓ ଅଞ୍ଜନା ବହିଦାର ମ୍ୟାନେଜର ଭାବେ ଦଳ ସହିତ ବ୍ରହ୍ମପୁର ଯାତ୍ରା କରିଥିଲେ। ଉଚ୍ଚକୋଟୀର କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କ ଚୟନ ଜାତୀୟ ପ୍ରତିଯୋଗିତା ପାଇଁ କରାଯାଇଛି। ବାଳକ ଦଳର ଜାତୀୟ ପ୍ରତିଯୋଗିତା ଖୋରଖପୁର ଓ ବାଳିକା ଦଳର ଜାତୀୟ ପ୍ରତିଯୋଗିତା ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ଏହି ସଫଳତା ପାଇଁ ଝାରସୁଗୁଡ଼ା ଜୋନାଲ କୋଡିନେଟର ଶିବା ଡାନିଏଲ, ବିଇଏମ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ବିଇଏମ ବିଦ୍ୟାଳୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇଛନ୍ତି।





# ବନ୍ଧୁତା ଦିବସ: ହାତରେ ବାନ୍ଧିଲେ ବନ୍ଧୁତାର ଡୋରି







ଭୁବନେଶ୍ୱର,୩।୮ (ସମିସ):

ବନ୍ଧୁ, ଯାହା ପାଖରେ ବଖାଣି ହୁଏ ଅନାବନା ଯେତେ ପ୍ରସଙ୍ଗ। ବାଣ୍ଟି ହୁଏ ନିଜ ଖୁସିର ମୁହୂର୍ତ୍ତ। ଧାର କରି ହୁଏ ହସ। ମସଗୁଲ ହୋଇଯାଏ ମନ। ତା'ରି ଲାଗି ଦିନ ଟିଏ। କିଏ କେତେବେଳେ କାହାର ବନ୍ଧୁ ହୋଇ ସାରା ଜୀବନ ତା'କୁ ହିଁ ନିଭେଇବାରେ ବ୍ୟସ୍ତ ରହିଯାଏ ତ ଜୀବନ କମ୍ ପଡ଼ିଯାଏ ତା' ନିକଟରେ। ତେବେ ବୃତ୍ତିର ଆବଶ୍ୟକତା ପାଇଁ ବନ୍ଧୁ ଠାରୁ ବନ୍ଧୁ ଶରୀରରେ ଅଲଗା ହୁଏ ସିନା ମନ ରହିଥାଏ ସେଇ ଚପଳ ସମୟ ପାଖରେ। ଆଜି ସବୁଠି ପାଳନ ହୋଇଛି ବନ୍ଧୁତା ଦିବସ। କିଏ କେକ୍ କାଟି ପାଳନ କରୁଛି ତ କିଏ ବନ୍ଧୁମାନଙ୍କ ସହ ସମୟ ବିତାଉଛି। ନିଜ ରାଜ୍ୟ ଓ ଦେଶ ଛାଡ଼ି ଅନ୍ୟ ଦେଶ କିମ୍ବା ରାଜ୍ୟରେ ଯେଉଁମାନେ ରହୁଛନ୍ତି ସେମାନେ ମଧ୍ୟ ନିଜ ନିଜ ବନ୍ଧୁଙ୍କୁ ଏହି ଦିନରେ ଭୁଲି ନାହାନ୍ତି କି ଏଠାରେ ଥିବା ବନ୍ଧୁ ବିଦେଶରେ ରହୁଥିବା ବନ୍ଧୁକୁ ଭୁଲି ନାହାନ୍ତି। ଏହି ଦିନରେ କେହି କାହାରିକୁ ଶୁଭେଚ୍ଛା ଜଣାଇବାକୁ ଭୁଲି ନାହାନ୍ତି।

**ପାର୍କ, ପର୍ଯ୍ୟଟନସ୍ଥଳୀ ଓ ମଲ୍‌ରେ ଭିଡ଼**

ରାଜଧାନୀର ମଧ୍ୟ ବିଭିନ୍ନ ସ୍ଥାନରେ ରବିବାର ବନ୍ଧୁତା ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଏକାପ୍ରକାର ପୋଷାକ ପରିଧାନ କରି ବନ୍ଧୁତା ଦିବସରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଶୁଭ ମନାସିଥିଲେ। ପାର୍କରେ ଯାଇ କେକ୍ କାଟିବା ସହ ପରସ୍ପର ହାତରେ ବନ୍ଧୁତାର ଡୋରି ବାନ୍ଧିଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ପାର୍କ ଓ ରେଷ୍ଟୋରାଁରେ ଏହି ଦିବସ ପାଳନ ପାଇଁ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ଛୁଟିଦିନ ଥିବାରୁ ବନ୍ଧୁମାନେ ମିଶି ଏହି ଦିନକୁ ଖୁବ ଆନନ୍ଦର ସହ ପାଳନ କରିଥିଲେ। ଏପରିକି ସିନେମା ହଲ୍‌ରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସେଠାରେ ସାଙ୍ଗସାଥୀ ଭୋଜିଭାତ ସହ କେକ୍ କାଟିଥିବାବେଳେ ପାର୍କଗୁଡ଼ିକରେ ମଧ୍ୟ କେକ୍ କାଟି ବନ୍ଧୁମାନେ ପରସ୍ପର ସହ ସମୟ ବିତାଇ ସମ୍ପର୍କର ଡୋରିକୁ ମଜବୁତ କରିଥିଲେ।

## ମଦ୍ୟପ ଟ୍ରାଫିକ୍ ପୁଲିସ କର୍ମଚାରୀ ଗିରଫ

**କଟକ,୩।୮ (ସମିସ):** ଯୋବ୍ରା ଫିଂବନ୍ଧରେ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚାଳଣା କରୁଥିବା ଜଣେ ଟ୍ରାଫିକ୍ ପୁଲିସକୁ ଚାଉଳିଆଗଞ୍ଜ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଟ୍ରାଫିକ୍ ପୁଲିସଙ୍କ ନାଁ ସୂରଜ ବିଶ୍ୱାଳ। ସେ ପ୍ରଚୁର ମଦପିଇ କାର୍(ଓଡିଆର୍-୦୨ବିକେ୦୦୫)କୁ ନେଇ ଦ୍ରୁତଗତିରେ ନେଇ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ୍‌ରୁ ଶିଖରପୁର ଆଡକୁ ଯାଉଥିବା ରାସ୍ତାରେ ଏକ ପରିବାରକୁ ଦେଖି ଅସଦାଚରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି।

ପୁଲିସ ସୂଚନା ଅନୁସାରେ, ଆଇନଜୀବୀ ସରସ୍ୱତୀ ପଣ୍ଡା ଏକ କାର୍ ଯୋଗେ ଫିଂବନ୍ଧ ରାସ୍ତାରେ ଯାଉଥିଲେ। ମଦ୍ୟପ ଟ୍ରାଫିକ୍ ପୁଲିସ ତାଙ୍କୁ ସାଇଡ୍ ମାରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହାପରେ ଆଇନଜୀବୀ ଶ୍ରୀ ପଣ୍ଡା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିଥିଲା। ଏହାପରେ ଥାନାକୁ ନେଇ ପରୀକ୍ଷା କରିବାରୁ ସମ୍ପୃକ୍ତ ଟ୍ରାଫିକ୍ ପୁଲିସ ଜଣକ ମଦ୍ୟପାନ କରି ଏଭଳି କରିଥିବା ଜଣାପଡ଼ିଥିଲା। ଏହା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## କ୍ରୀଡ଼ା ଭାରତୀ କଟକ ଶାଖାର ବୈଠକ

**କଟକ, ୩।୮ (ସମିସ):** କଟକ ଶେଖବଜାରସ୍ଥିତ ସଂସ୍କୃତି ଭବନରେ କ୍ରୀଡ଼ା ଭାରତୀ କଟକ ଶାଖା ତରଫରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଡ. ଅଶୋକ କୁମାର ନାୟକ, କ୍ରୀଡ଼ା ଭାରତୀ କଟକ ଶାଖା ଅଧ୍ୟକ୍ଷ ବନମାଳୀ ବିଶୋଇ, ସମ୍ପାଦକ ତୁଷାରକାନ୍ତ ସିଂହ, ଉପସଭାପତି ପ୍ରତାପ ଚନ୍ଦ୍ର ସିଂହ, କୋଷାଧ୍ୟକ୍ଷ ଅଞ୍ଜଳି ଦାସ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ବୈଠକରେ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ଶେଷରେ ଅଜୟ ସାହୁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରାତଃ ଭ୍ରମଣର ଗୁରୁତ୍ୱ ଉପରେ ଏଫ୍‌ଏଫ୍‌ସିର ୱାକାଥନ




**ଭୁବନେଶ୍ୱର,୩।୮ (ସମିସ):** ୱାକରସ ଇଣ୍ଟରନେସନାଲ ସହ ଅନୁବଂଧିତ ଫନ୍ ଆଣ୍ଡ ଫିଟ୍‌ନେଓ ୱାକରସ୍ କ୍ଲବ ରବିବାର ପ୍ରାତଃ ଭ୍ରମଣର ଗୁରୁତ୍ୱ ଉପରେ ଏକ ପ୍ରେରଣାଦାୟୀ ବାର୍ତ୍ତାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟ ନେଇ ଏକ ୱାକାଥନ ଶୋଭାଯାତ୍ରା କରିଛି। ଏହା ଏକାମ୍ର କାନନ ପାର୍କ ଗେଟ ନିକଟରୁ ସି.ଆର.ପି.ଏଫ ଗେଟ ପର୍ଯ୍ୟନ୍ତ ବିଭିନ୍ନ ପ୍ରାତଃ ଭ୍ରମଣକାରୀ ସଂଗଠନ, ତୋଷାଳୀ କ୍ଲବ, ସନରାଜ କ୍ଲବ, ଅବଦୁଲ କାଲାମ ପାର୍କ କ୍ଲବ, ଶାନ୍ତି ମହିଳା କ୍ଲବ ଓ ଏକାମ୍ର କାନନ ପାର୍କ କ୍ଲବ ଏବଂ ଅନ୍ୟାନ୍ୟ ଶତାଧିକ ବୁଦ୍ଧିଜିବି, ମହିଳା, ଯୁବକ ଓ ସାମାଜିକ କର୍ମୀଙ୍କୁ ନେଇ ଏକ ବିଶାଳ ରୋଡ଼ ସୋ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୱାକରସ ଇଣ୍ଟରନେସନାଲ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମୁକ୍ତିକାନ୍ତ ଅଗସ୍ତି, ଡେ଼ପୁଟି ଡ଼ି.ଜି ମମତା ରାଉତରାୟ, ଲାୟନ୍‌ସ କ୍ଲବ ପୂର୍ବତନ ଡ଼ିଜି ନିକୁଞ୍ଜ ଛୋଟରାୟ, ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅଞ୍ଜଳି ଛୋଟରାୟ, ଲୋକାଲ ଢ଼ାବା ଓ ଡ଼େରାସ ଗ୍ରୁପ୍‌ର ଅଧ୍ୟକ୍ଷ ହରେକୃଷ୍ଣ ତ୍ରିପାଠୀ ଏବଂ ଆରତୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଆଶିଷ ପଟ୍ଟନାୟକ, ସଂପାଦକ ସୁଧାକର ଷଡ଼ଙ୍ଗୀ, ଯୁଗ୍ମ ସଂପାଦକ ସୌଭାଗ୍ୟ ନାୟକ, ପିଆରଓ ଅମିତାଭ୍ ଜେନା, ଜୋନ୍ ଚେୟାର ପରସନ୍ କେଦାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପର୍କ ତରଫରୁ 'ମା ପାଇଁ ଗଛଟିଏ'

**ହଂସପାଳ,୩।୮ (ସମିସ):** ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂପର୍କ ତରଫରୁ "ମା ପାଇଁ ଗଛଟିଏ' ଭୁବନପୁର ଠାରେ ଅବସ୍ଥିତ ମା" ଉତ୍ତରମୁଖି ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତାର ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ୍ ସାହୁ, ସଂପର୍କର ମୁଖ୍ୟ ତଥା ଶିକ୍ଷାବିତ୍ ସୁରେନ୍ଦ୍ର ଖୁଣ୍ଟିଆ, ଦିଲିପ୍ କୁମାର ସାହୁ, ପ୍ରସାନ୍ତ କୁମାର ସାହୁ, ନୀଳମାଧବ ସାହୁ, ବିଶ୍ୱଭୂଷଣ ବାରିକ, ଅଭିରାମ ଭୋଇ ଙ୍କ ଉପସ୍ଥିତରେ ଚାରା ରୋପଣ କରାଯାଇଥିଲା।



# ମଞ୍ଚରେ ଜଳିଲା 'ଜଉଘର'



**ଭୁବନେଶ୍ୱର, ୩।୮ (ସମିସ):** ମହାଭାରତର ଏକ ରୋମାଞ୍ଚକର ଅଧ୍ୟାୟ 'ଜଉଘର'। ଷଡ଼ଯନ୍ତ୍ର, ହିଂସା, ଈର୍ଷା, ସିଂହାସନ ପ୍ରାପ୍ତି ପାଇଁ କୂଟନୀତି ଥିଲା ଏ ଅଧ୍ୟାୟର ପୃଷ୍ଠଭୂମି। ଏମିତି କିଛି କାହାଣୀକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ନାଟକ 'ଜଉଘର' ରାଗେଶ୍ରୀ ନୀଳୟମ୍, ନୟାଗଡ଼ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ରବିବାର ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ନାଟ୍ୟ ସଙ୍ଘର ଉପଦେଷ୍ଟା ମିହିର କୁମାର ମେହେର, ନାଟ୍ୟ ନିର୍ଦ୍ଦେଶକ ପବିତ୍ର ମହାନ୍ତି, ପ୍ରଭାତ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ନାଟକର ମୂଳ ରଚନା ବ୍ରାତ୍ୟ ବସୁ କରିଥିବା ବେଳେ ଓଡ଼ିଆରେ ଅନୁବାଦ ଓ ନିର୍ଦ୍ଦେଶନା ଦେଇଛନ୍ତି ଶରତ ଚନ୍ଦ୍ର ଆଶ୍ଚର୍ଯ୍ୟ। ସଂଗୀତରେ ପ୍ରତାପ ରାଉତ, ଆଲୋକରେ ସଞ୍ଜୟ ସାହା, ମଞ୍ଚ ଅଶୋକ କର ରହିଛନ୍ତି। ସେହିପରି ଅଭିନୟରେ କାମାକ୍ଷା ପ୍ରସାଦ ଦାଶ, ଦେବେନ୍ଦ୍ର ପରମଗୁରୁ, ଗୋକୁଳ କୁମାର ଷଡ଼ଙ୍ଗୀ, ପ୍ରତାପ କୁମାର ସାହୁ, କୈଳାସ ଚନ୍ଦ୍ର ଓଝା, ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ସୁଶୀଲ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



## ଶଶୁରଙ୍କୁ ଅପହରଣ କରି ଜ୍ୱାଇଁ ଗିରଫ



**ପୁରୀଘାଟ ଥାନା ପୁଲିସ ବାରିପଦାରୁ ଉଠାଇ ଆଣିଲା**

**ବୋଲେରୋ, ବୁଲେଟ୍ ଓ ମୋବାଇଲ ଜବତ**

**କଟକ,୩।୮ (ସମିସ):** ପାରିବାରିକ କଳହକୁ କେନ୍ଦ୍ର କରି ଜ୍ୱାଇଁ ଶ୍ୱଶୁରକୁ ଅପହରଣ କରିନେବା ପରେ ପୁଲିସ ଅଭିଯୁକ୍ତ ଜ୍ୱାଇଁକୁ ଗିରଫ କରିଛି। ପୁରୀଘାଟ ଥାନା ପୁଲିସ ଏହି ଅପହରଣ ମାମଲାରେ ତତ୍ପରତା ଦେଖାଇ ପୀଡ଼ିତ ଶ୍ୱଶୁରକୁ ବାରପଦାରୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ହାପି ଓରଫ ଶାନ୍ତିଦେବ ସାମଲ(୩୫)କୁ ଗିରଫ କରିଥିବା ସୂଚନା ଦେଇଛି।

ପୁରୀଘାଟ ଥାନା ଅନ୍ତର୍ଗତ ରାଉସାପାଟଣା ଅଞ୍ଚଳର ନିରଞ୍ଜନ ଜେନାଙ୍କ ଝିଅ ଶୁଭସ୍ମିତା ଜେନାର ସହ କେନ୍ଦ୍ରାପଡ଼ାର ଶାନ୍ତିଦେବ ସାମଲଙ୍କର ବିବାହ ୫ ବର୍ଷ ପୂର୍ବେ ହୋଇଥିଲା। ଶୁଭସ୍ମିତା ଏକ ବେସରକାରୀ ବ୍ୟାଙ୍କ୍‌ରେ ଚାକିରି କରୁଥିବା ବେଳେ ଶାନ୍ତିଦେବ ବାରିପଦାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା 'ମହିଳା ଓ ଶିଶୁକଲ୍ୟାଣ' ବିଭାଗରେ ଚାକିରି କରିଛନ୍ତି। ତେବେ ପତ୍ନୀଙ୍କ ଅଭିଯୋଗ ଅନୁସାରେ, ଶାନ୍ତିଦେବ ପ୍ରଚୁର ମଦ୍ୟପାନ କରିବାରୁ ପାରିବାରିକ କଳହ ଦେଖା ଦେଇଥିଲା। ତେଣୁ ସେ ସ୍ୱାମୀଙ୍କ ପାଖରୁ ଚାଲିଆସି କଟକରେ ବାପଘରେ ରହୁଥିଲେ। ତଥାପି ସ୍ୱାମୀଙ୍କର ମଦ୍ୟପାନ ନକମିବାରୁ ସେ କିଛି ମାସ ପୂର୍ବରୁ ବାରିପଦାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ କିଛି ଦିନ ଚିକିତ୍ସା ପରେ ସ୍ୱାମୀ ଶାନ୍ତିଦେବ ଘରକୁ ଚାଲି ଆସିଥିଲେ। ସେ' ଉକ୍ତ ନିଶା ନିବାରଣ କେନ୍ଦ୍ରରେ ରହି ଚିକିତ୍ସା ହେବାକୁ ଚାହୁଁନଥିଲେ। ଏହାକୁ କେନ୍ଦ୍ରକରି ପତି ଓ ପତ୍ନୀଙ୍କ ମଧ୍ୟରେ କଳି ତକରାଳ ଲାଗି ହେଉଥିଲା। ଗତକାଲି ହଠାତ୍ ଶାନ୍ତିଦେବ ତାଙ୍କ ପତ୍ନୀ ଶୁଭସ୍ମିତାଙ୍କୁ ଫୋନ୍ କରି କହିଲେ ଯେ, ସେ ରଖିଥିବା ବାପାଙ୍କ ବାଇକ୍‌କୁ ସେମିନାରି ଛକ ପାଖରେ ଥିବା ଏକ ମଣ୍ଡପ ପାଖରେ ରଖିଛନ୍ତି, କାହାକୁ ପଠାଇ ନେଇଯିବାକୁ କହିଥିଲେ। ଏହା ଜାଣିବା ପରେ ପତ୍ନୀ ତାଙ୍କ ବାପାକୁ ଘଟଣାସ୍ଥଳକୁ ପଠାଇଥିଲେ। ଦୀର୍ଘ ସମୟ ଧରି ବାପା ନଫେରିବାରୁ ଶୁଭସ୍ମିତାଙ୍କ ସନ୍ଦେହ ବଢ଼ିଥିଲା। ବାରମ୍ବାର ଫୋନ୍ କରିବା ପରେ ତାଙ୍କ ବାପା ଫୋନ୍ ରିସିଭ୍ କରିନଥିଲେ। ଏହାପରେ ସେ ମଣ୍ଡପ ପାଖରେ ପଚରାଉଚରା କରିବାରୁ ସ୍ଥାନୀୟ ଦୋକାନି ସୂଚନା ଦେଇଥିଲେ ଯେ, ଏକ ବୋଲେରୋ ଗାଡ଼ିରେ କିଛି ଲୋକ ଆସିଥିଲେ, ତୁମ ବାପାଙ୍କୁ ନେଇଯାଇଛନ୍ତି। ଏହା ଜାଣିବା ପରେ ଶୁଭସ୍ମିତା ତୁରନ୍ତ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ।

ପୁଲିସ ତୁରନ୍ତ ଏକ ଟିମ୍ ଗଢ଼ି ତଦନ୍ତ ଆରମ୍ଭ କରିଥିଲା। ଆଜି ସନ୍ଧ୍ୟାରେ ଅଭିଯୁକ୍ତ ଶାନ୍ତିଦେବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଅପହରଣରେ ବ୍ୟବହୃତ ବୋଲେରୋ, ଏକ ବୁଲେଟ୍ ଗାଡ଼ି ଓ ଫୋନ୍‌କୁ ପୁଲିସ ଜବତ କରିଛି।

# ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି

## ଛାତ୍ର କଂଗ୍ରେସର ମହମବତି ଶୋଭାଯାତ୍ରା




ଭୁବନେଶ୍ୱର,୩।୮ (ସମିସ):

ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଛି। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ ଖାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଛାତ୍ର କଂଗ୍ରେସର କର୍ମୀମାନେ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ମୋହନ ସରକାର ବଳଙ୍ଗା ପୀଡ଼ିତାକୁ ନ୍ୟାୟ ନ ଦେବା ପାଇଁ ଚକ୍ରାନ୍ତ କରିଛନ୍ତି। ଘଟଣାକୁ ଚପାଇ ଦେବାପାଇଁ ମିଛ କାହାଣୀ ରଚନା କରାଯାଇଛି। ସେହିଭଳି ଛାତ୍ର କଂଗ୍ରେସର ଉପସଭାପତି ସାଗର ପଟ୍ଟନାୟକ ଏବଂ ଛାତ୍ର କଂଗ୍ରେସ ନେତା ଦେବୀ ପ୍ରସାଦ ଜେନା (ବୁବୁ) ଏହି ଘଟଣାରେ ପ୍ରଭାତୀ ପରିଡ଼ା ମୁଖ୍ୟ ଖଳନାୟିକା ବୋଲି କହିଛନ୍ତି। ସେ ପୀଡ଼ିତାଙ୍କୁ ସାକ୍ଷାତ କରିବା ପାଇଁ ଭୁବନେଶ୍ୱର ଏମ୍‌ସ ଆସିପାରିଲେ ନାହିଁ ହେଲେ ଦିଲ୍ଲୀ ଯାଇଥିଲେ। ସେଠାରେ ସେ ଷଡଯନ୍ତ୍ର କରି ତଦନ୍ତର ମୋଡ଼ ବଦଳାଇ ଦେଇଛନ୍ତି। ସତ କିପରି ଲୁଚିଯିବ ସେଥିପାଇଁ ପ୍ରଭାତୀ ପରିଡ଼ାଙ୍କ ରଚିତ ନାଟକକୁ ପ୍ରଶାସନ ବା ପୁଲିସ ଏବେ କହୁଛି ବୋଲି ସେ କହିଛନ୍ତି।

## ଅପରାଧୀଙ୍କ ଗିରଫ ଦାବିକଲା ଏଆଇଏମ୍‌ଏସ୍‌ଏସ୍

**ଭୁବନେଶ୍ୱର,୩।୮ (ସମିସ):** ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁର ଶୋକ ପ୍ରକାଶ କରିବା ସହିତ ସମ୍ପୃକ୍ତ ଅପରାଧୀଙ୍କୁ ଅବିଳମ୍ବେ ଗିରଫ ଓ ଦୃଷ୍ଟାନ୍ତମୂଳକ ଶାସ୍ତି ଦାବିରେ ରବିବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡିଶା ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ ଏହି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ସହ ଅପରାଧୀଙ୍କୁ ଗିରଫ ଓ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ, ମହିଳାମାନଙ୍କର ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ମଦ ମାଦକ ଦ୍ରବ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ ଓ ଇଣ୍ଟରନେଟରେ ଅଶ୍ଳୀଳତା ପ୍ରସାର ବନ୍ଦ କରିବା ପାଇଁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଦାବି କରଛନ୍ତି। ଭୁବନେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ସଭାନେତ୍ରୀ ବିଜୟା ଲକ୍ଷ୍ମୀ ପାତ୍ର, ଉପସଭାନେତ୍ରୀ ନିୟତି ଜାନା, ଶୁଭ୍ରାଶ୍ରୀ ଦାସ, ସମ୍ପାଦିକା ପ୍ରଭାମଞ୍ଜୁଳା ବ୍ରହ୍ମ, ସଞ୍ଜୁକ୍ତା ସାମଲ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।




## ବଳଙ୍ଗା ପୀଡ଼ିତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପଦାନ



**ଭୁବନେଶ୍ୱର,୩।୮ (ସମିସ):** ଡ. ସୁଦର୍ଶନ ବଳିଆରସିଂହଙ୍କ ନେତୃତ୍ୱରେ ବଳଙ୍ଗା ପୀଡ଼ିତାଙ୍କ ଦେହାବସାନ ପାଇଁ ବଟବୃକ୍ଷ ନିକଟରେ ଆତ୍ମାର ସଦଗତି ପାଇଁ ଦୀପଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଓ ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୀଡିତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ଏହି ଦୁଃଖଦ ସମୟରେ ପରିବାରକୁ ସାହା ହୁଅନ୍ତୁ ବୋଲି ବୋଲି କାମନା କରିଥିଲେ। ଏହି ଶୋକ ସଭାରେ ଗିରିଜା ଶଙ୍କର ମହାପାତ୍ର, ପତିତପାବନ ପଣ୍ଡା, ସତ୍ୟନାରାୟଣ ସାମନ୍ତସିଂହାର, ସମାଜସେବୀ ନୀଳମଣି ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

## ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ

# ଦାବି ଜୋର୍‌ଦାର୍ କରିବାକୁ କମିଟି ଗଠନ

ନୟାଗଡ଼, ୩।୮ (ସମିସ)

ନୟାଗଡ଼ରେ ମେଡିକାଲ କଲେଜ ନିର୍ମାଣ ଦାବି ନେଇ ଜୋର ଧରିଲା ଆଲୋଚନା। ସରକାର ପ୍ରତି ଜିଲ୍ଲାରେ ମେଡିକାଲ ନିର୍ମାଣ କରାଯିବାକୁ ଘୋଷଣା କରିଥିଲେ। ନୟାଗଡ଼ରେ କେବେ ମେଡିକାଲ କଲେଜ ନିର୍ମାଣ ପାଇଁ ଅନୁମୋଦନ ପ୍ରଦାନ କରିବେ ବୋଲି ଆଜି ନୀଳମାଧବ

- କେବେ ଘୋଷଣା କରିବେ ସରକାର
- ଗାଁ ଗାଁରେ ଉଠିବ ସ୍ୱର, ସଚେତନତା ପାଇଁ ଉଦ୍ୟମ



କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପ୍ରଶ୍ନ ଉଠିଛି। ଜୟ ନୟାଗଡ଼ ଫାଉଣ୍ଡେସନ୍ ଆନୁକୂଲ୍ୟରେ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଏନେଇ ମତ ପ୍ରକାଶ ପାଇଛି। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ହୋଇଥିବା ଆଲୋଚନାରେ ଫାଉଣ୍ଡେସନ୍ ପ୍ରତିଷ୍ଠାତା ଶେଖ୍ ଅବ୍ଦୁଲ୍ ଆହାଦ୍, କଂଗ୍ରେସ ନେତା ମନୋଜ ସାହୁ, ଯୁବନେତା ସନ୍ତୋଷ ପ୍ରଧାନ, ବସନ୍ତ ପଟ୍ଟନାୟକ, ସିଭିଲ ସୋସାଇଟ ପକ୍ଷରୁ ଗୋଦାବରିଶ ସାହୁ, ଭଗବତୀ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସାମ୍ବାଦିକ ରାମକୃଷ୍ଣ ରଥ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଦାବିକୁ ଜୋରଦାର କରିବା ପାଇଁ ସ୍ୱରକୁ ଜୋର କରିବାକୁ ହେବ। ଏଥିପାଇଁ ବିଭିନ୍ନ ବର୍ଗର ଲୋକଙ୍କୁ ଯୋଡ଼ିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଛି। ଗାଁ ଗାଁରେ କିଭଳି ସ୍ୱର ଉଠିବ, ସେ ନେଇ ସଚେତନତାକୁ ଜୋର ଦେବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲାର ୪ଟି ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ୮ଟି ବ୍ଲକରୁ ସଂଗଠନ, ସାମ୍ବାଦିକ, ଆଇନଜୀବୀ ଓ ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ସଂଗଠନକୁ ସାମିଲ କରିବାକୁ ପ୍ରସ୍ତାବ ମିଳିଛି। ଏଥିପାଇଁ ଆଜି ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। କମିଟିରେ ସନ୍ତୋଷ ପ୍ରଧାନ, ମନୋଜ କୁମାର ସାହୁ, ଶ୍ରୀକାନ୍ତ ଖଟେଇ, ପ୍ରମୋଦ ପଟ୍ଟନାୟକ, ବୈଦ୍ୟଭୂଷଣ ମହାପାତ୍ର, ରାମକୃଷ୍ଣ ରଥ, ଗୌରୀ ଶଙ୍କର ଦାସ, ଲୋକନାଥ ମିଶ୍ର ପ୍ରମୁଖ ରହିଛନ୍ତି। କମିଟି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରିବ। ଜୟ ନୟାଗଡ଼ ଫାଉଣ୍ଡେସନ୍ ତରଫରୁ ଚାଲିଥିବା ଦସ୍ତଖତ ଅଭିଯାନକୁ ତ୍ୱରାନ୍ୱିତ କରି ଏକ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ଏହା ସହିତ ସୋସିଆଲ ମିଡିଆରେ ଦାବିକୁ ଉପସ୍ଥାପନ କରାଯିବାକୁ ସ୍ଥିର କରାଯାଇଛି। ତା ପରେ ବି ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଜୋରଦାର ଆନ୍ଦୋଳନ କରିବାକୁ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ବହୁ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲାବାସୀ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ବୌଦ୍ଧ, କନ୍ଧମାଳ, କଟକ ଜିଲ୍ଲାର କିଛି ଅଧିବାସୀ ମଧ୍ୟ ନିର୍ଭର କରୁଛନ୍ତି। ଜିଲ୍ଲାର ୮ଟି ବ୍ଲକ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ନିର୍ମାଣକୁ ଗୁରୁତ୍ୱ ଦେବାକୁ ସରକାରଙ୍କୁ ବାଧ୍ୟ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତ ପ୍ରକାଶ ପାଇଛି। ଆଜି ଏହି କାର୍ଯ୍ୟକ୍ରମରେ ସଂଗଠନ ସଂଯୋଜକ ଶ୍ରୀତମ କୁମାର ପ୍ରଧାନ, ଅମ୍ଳାନ ଅଂଶୁମାନ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ସୋସିଆଲ ମିଡ଼ିଆ ସଂଯୋଜକ ଅରବିନ୍ଦ ପାଢ଼ୀ, ଦିବ୍ୟରଞ୍ଜନ ସାହୁ, ଶାଶ୍ୱତ ରଞ୍ଜନ ପ୍ରଧାନ, ଅନୁରାଗ ସ୍ୱାଇଁ, ରାକେଶ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଡ. ଅରୁଣଙ୍କ ଜନସମ୍ପର୍କ ଚା'

# ପିଇଲେ, ପିଆଇଲେ...

ନୟାଗଡ଼, ୩।୮ (ସମିସ): ନୟାଗଡ଼ରେ ଆଜି ରୋଚକ ଘଟଣା ଦେଖିବାକୁ ମିଳିଛି। ଚା' ଖଟିକୁ ସଦାସର୍ବଦା ବିରୋଧ କରୁଥିବା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଆଜି ନୟାଗଡ଼ ସହରର ବିଭିନ୍ନ ସ୍ଥାନ ବୁଲିବା ସହ ଏକ ଚା' ଖଟିରେ ପହଞ୍ଚିଥିଲେ। ସେଠାରେ ନିଜେ ଚା' ପ୍ରସ୍ତୁତ କରିଥିଲେ। ଚା' ଦୋକାନରେ କ୍ଷୀର, ଚିନି, ଚା'ପତି, ଅଦା, ଗୋଲମରିଚ, ଗୁଜୁରାତି ପକାଇ ଫୁଟାଇଥିଲେ। ନୟାଗଡ଼ ସହର ରାମ ସାହୁ ଗଳି ପାଖ ଦୋକାନରେ ଜମିଥିଲା ଆସର। ଏହି ଆସରରେ ନୟାଗଡ଼ ସହର ପ୍ରମୁଖ ବ୍ୟକ୍ତି, ରାଜନୈତିକ ବ୍ୟକ୍ତି ବିଶେଷ, ସାମ୍ବାଦିକ, ଠିକାଦାରଙ୍କ ଗହଳି ଦେଖାଯାଇଥିଲା।



ସେଠାରେ ଚା' ପ୍ରସ୍ତୁତ ପରେ ବିଧାୟକ ନିଜେ ପିଇବା ସହ ଅନ୍ୟମାନଙ୍କୁ ପିଆଇଥିଲେ। ଜନସମ୍ପର୍କ ଉଦ୍ଦେଶ୍ୟରେ ବିଧାୟକ ଏଭଳି କରିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ, ରୋଟାରୀ କ୍ଲବରେ ଦୁଇ ଦିନ ପୂର୍ବରୁ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ଚା'କୁ ନେଇ ବିଧାୟକ ବକ୍ତବ୍ୟ ଶୁଣିଥିବା ବ୍ୟକ୍ତିଙ୍କୁ ଏହି ଚା' ଖଟି ଆଶ୍ଚର୍ଯ୍ୟ କରିଥିଲା। ରୋଟାରୀ କ୍ଲବରେ ବିଧାୟକ ନୟାଗଡ଼ ଚା' ଖଟିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲା। ନୟାଗଡ଼ ସହରରେ ୬୪ଟି ଚା' ଦୋକାନ ରହିଥିବା ବିଧାୟକ ଏକ ଅନୁସନ୍ଧାନରୁ ଜାଣିବାକୁ ପାଇଥିବା ସେ ଦିନ କହିଥିଲେ। ଚା' ଖଟିରେ ଗୁଡ୍ଡୁକା ମାରି ସମୟ ବର୍ବାଦ କରୁଥିବା ବ୍ୟକ୍ତି ସମାଜ ପାଇଁ କ୍ଷତିକାରକ ବୋଲି ମନ୍ତବ୍ୟ ଦେଇଥିଲେ। ଆଜି ଘଟଣା ପରେ ବିଧାୟକଙ୍କ ବକ୍ତବ୍ୟ ଓ ଚା' ଆସରକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ବିଗତ ନିର୍ବାଚନରେ ଡ. ଅରୁଣ ପ୍ରତି ଗାଁକୁ ଯାଇ ଲୋକଙ୍କୁ ଭେଟିବା ଦ୍ୱାରା ରାଜନୈତିକ ବିପର୍ଯ୍ୟୟରୁ ନିଜ ଆସନକୁ ସୁରକ୍ଷିତ ରଖିଥିଲେ। ନିର୍ବାଚନ ପରେ ବିଧାୟକ ଆଗାମୀ ଦିନରେ ପ୍ରତି ଲୋକଙ୍କୁ ଭେଟିବେ ବୋଲି କହିଥିଲେ। ଯାହା ଆଜିର ଚା' ଆସରରୁ ଅନୁମାନ କରାଯାଉଛି।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲା ଭାପୁର ସଂଘ

ଭାପୁର, ୩।୮ (ସମିସ): ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଜଣେ ସଂଗ୍ରାମୀ ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ବୋଲଗଡ଼ ବ୍ଲକ ଫିରିଫିରା ଗ୍ରାମର ସାମ୍ବାଦିକ ଗଙ୍ଗାଧର ଦାଶ ଘର ବାରିପଟେ ଥିବା ପ୍ରାଚୀର ଉପରୁ ଖସି ତିନି ଦିନ ହେଲା ଗୋଡ଼ ଭାଙ୍ଗି ଘରେ ପଡ଼ି ରହିଛନ୍ତି। ଗୋଡରେ ପ୍ଲାଷ୍ଟର ହେବା ପରେ ତିନିମାସ ଘରେ ଏପରି ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏପରି ଖବର ଶୁଣି ଭାପୁର ପେସାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ବରାଡ ଓ ଅନ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଭାପୁର, ୩।୮ (ସମିସ): ଭାପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ ଓ ସମ୍ପାଦକ ପ୍ରଭାକର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇଥିଲେ। ଭୁବନେଶ୍ୱରର ୟୁରୋଲୋଜି ସୁପର ସ୍ପେଶାଲିଷ୍ଟ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗ ଦେଇ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପରିସ୍ରା ଜନିତ ଉପୁଜୁଥିବା ସମସ୍ୟା ଓ ଏହାର ନିରାକରଣ ବତାଇଥିଲେ। ମୁଖ୍ୟ ଅତିଥି ଯୁଗଳ କିଶୋର ସାହୁ କହିଥିଲେ ଚିନ୍ତାଶୂନ୍ୟ ରହିବା ସହ ଜୀବନଶୈଳୀରେ ପରିବର୍ତ୍ତନ କରିପାରିଲେ ବାର୍ଦ୍ଧକ୍ୟରେ କମ ରୋଗ ଦେଖାଦେବ। ସମ୍ମାନିତ ଅତିଥି ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଳାପଥର ଶାଖା ସଞ୍ଚାଳିକା ଭଉଣୀ ଯାଜ୍ଞସେନୀ ଯୋଗଦେଇ ଈଶ୍ୱରୀୟ ଭାବନରେ ତଲ୍ଲିନ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ସମସ୍ତେ ମିଳିତ ହୋଇ ସଂଘ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ।



## ବ୍ୟାଙ୍କ ଋଣ ଖିଲାପ ଅଭିଯୋଗରେ ଘର ନିଲାମ ଘଟଣା

# ଗୃହ କର୍ତ୍ତାଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ

ଓଡ଼ଗାଁ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ନିତ୍ୟାନନ୍ଦ ସାହିର ପ୍ରଫୁଲ୍ଲ କୁମାର ସ୍ୱାଇଁ ଋଣ ଖିଲାପ କରିବା ଅଭିଯୋଗରେ ତାଙ୍କ ଘରକୁ ବ୍ୟାଙ୍କ ନିଲାମ କରିବା ପ୍ରତିବାଦରେ ଗୃହ କର୍ତ୍ତାଙ୍କ ଆମରଣ ଅନଶନ ଦ୍ୱିତୀୟ ଦିନରେ ଜାରି ରହିଛି। ଶନିବାର ରାତିରେ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରାଙ୍କ ତତ୍ତ୍ୱାବଧାନରେ ତାଙ୍କର ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ୧୧୨ ମାଧ୍ୟମରେ ତାଙ୍କର ଡାକ୍ତରୀ ପରୀକ୍ଷା କରାଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ଗାଁ ଶାଖାରୁ ପ୍ରଫୁଲ୍ଲ ସ୍ୱାଇଁ ବ୍ୟାଙ୍କ ସହିତ ହୋଇଥିବା ଆଲୋଚନା ଅନୁଯାୟୀ ୪ ଲକ୍ଷ ଟଙ୍କାର ବ୍ୟାଙ୍କ ବଣ୍ଡ ସହିତ ଘରକୁ ବନ୍ଧକ ରଖି ୫ ଲକ୍ଷ ଟଙ୍କା ଋଣ ଉଠାଣ କରିଥିଲେ। ତେବେ ପ୍ରଫୁଲ୍ଲ ଋଣ ବାବଦକୁ ପ୍ରାୟ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଋଣ ପଇଠରେ ବିଳମ୍ବ ଦର୍ଶାଇ ପ୍ରଫୁଲ୍ଲଙ୍କ ଅଗୋଚରରେ ବ୍ୟାଙ୍କ ୪ ଲକ୍ଷର ବଣ୍ଡକୁ ଋଣ ଖାତାରେ ଜମା କରିଥିଲେ। ଏନେଇ ବ୍ୟାଙ୍କ ଏବଂ ପ୍ରଫୁଲ୍ଲଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ପ୍ରଫୁଲ୍ଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ପାଇନାହାନ୍ତି। ଏଭଳି ସ୍ଥିତିରେ ଋଣ ବାବଦକୁ ମୂଳ ଟଙ୍କା ପରିମାଣ ଜମା ହୋଇଥିଲେ ମଧ୍ୟ ସୁଧ ଟଙ୍କାକୁ ବିଚାର କରି ବ୍ୟାଙ୍କ ତାଙ୍କ ଘର ନିଲାମ କରିବାକୁ ସେ ବିରୋଧ କରି ଆଜକୁ ଦ୍ୱିତୀୟ ଦିନରେ ଖରା ବର୍ଷାରେ ଆମରଣ ଅନଶନରେ ବସିଥିବା ଦେଖାଯାଇଛି।



## ଉତ୍କଳ ସାହିତ୍ୟ ସମାଜ ନୟାଗଡ଼ ଶାଖା ବାର୍ଷିକ ଉତ୍ସବ

ନୟାଗଡ଼, ୩।୮ (ସମିସ): ଉତ୍କଳ ସାହିତ୍ୟ ସମାଜ ନୟାଗଡ଼ ଶାଖାର ସପ୍ତମ ବାର୍ଷିକ ଉତ୍ସବ ଆଜି ସ୍ଥାନୀୟ ଭାରତ ବିକାଶ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗାଳ୍ପିକ ହାଡିବନ୍ଧୁ ମହାକୁଡ ମୁଖ୍ୟଅତିଥି ଭାବେ, ସମ୍ମାନିତ ଅତିଥି ଭାବେ କବି ଅଶୋକ କୁମାର ମଲ୍ଲ ଓ ଅଧ୍ୟାପିକା ଡ. ରଶ୍ମି କର ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ସାହିତ୍ୟର ଉନ୍ମେଷ, ପ୍ରଚାର ଓ ପ୍ରସାର ସମ୍ବନ୍ଧରେ ଆଲୋଚନା କରି କହିଥିଲେ ଯେ ବର୍ତ୍ତମାନ ସମୟରେ ସାର୍ବଜନୀନ ସାହିତ୍ୟ ଆବଶ୍ୟକତା ରହିଛି, ମାତ୍ର ଚର୍ଚ୍ଚିତ ସାହିତ୍ୟ ଆବଶ୍ୟକତା ନାହିଁ। ଏହି ଅବସରରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ବ୍ୟଙ୍ଗକବି ରବିନ୍ଦ୍ର ନାଥ ମହାପାତ୍ର ଓ କବୀ କ୍ଷଣପ୍ରଭା କର ସଂଯୋଜନା କରିଥିଲେ। ବରିଷ୍ଠ ଶିଶୁ ସାହିତ୍ୟିକା ବସିରନ୍ ବିବି ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ନୟାଗଡ଼ ଶାଖାର ଆବାହକ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ସୁରେଶ କୁମାର ସେଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଡ଼. ରଶ୍ମି କର, ପ୍ରିୟମ୍ବଦା ଦାଶଙ୍କ ସମେତ ଆଠ ଜଣଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ କବି ଅନିତା କର ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ଶେଷରେ ସଂଯୋଜକ ରବୀନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ୪୨ ବର୍ଷର ମହାବିଦ୍ୟାଳୟ

# ବିଜ୍ଞାନ ବିଭାଗ ଖୋଲିବ କେବେ



ଗଣିଆ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଉଚ୍ଚଶିକ୍ଷା ନିମନ୍ତେ ୧୯୮୩ ମସିହାରେ ରଘୁନାଥଜୀଉ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ଧୀରେ ଧୀରେ ଏଠାରେ ଯୁକ୍ତ ତିନି ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟ ଖୋଲାଗଲା। ସରକାରଙ୍କର ନୂତନ ଶିକ୍ଷା ନୀତି ଅନୁସାରେ ଯୁକ୍ତ ଦୁଇ ମହାବିଦ୍ୟାଳୟ ଏବେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମିତ ହୋଇଛି। ସବୁଠାରୁ ଦୁଃଖ ଏବଂ ପରିତାପର ବିଷୟ ଗଣିଆରେ ଉକ୍ତ ମହାବିଦ୍ୟାଳୟ ୪୨ ବର୍ଷର ହୋଇଥିଲେ ମଧ୍ୟ ଏଠାରେ ଆଜି ପର୍ଯ୍ୟନ୍ତ ବିଜ୍ଞାନ ବିଭାଗ ଖୋଲିପାରିଲା ନାହିଁ। ଫଳରେ ଗଣିଆରେ ବିଜ୍ଞାନ ପଢ଼ିବାକୁ ଚାହୁଁଥିବା ଛାତ୍ର ଛାତ୍ରୀ ଅଧିକ ଖର୍ଚ୍ଚାନ୍ତ ହୋଇ ଅନ୍ୟତ୍ର ଶିକ୍ଷାଲାଭ କରୁଛନ୍ତି। ଗରୀବ ଶ୍ରେଣୀର କୃତି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ବିଜ୍ଞାନ ବିଭାଗରେ ନାମ ନଲେଖାଇ କଳା ବିଭାଗରେ ନାମ ଲେଖାଇବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ରାଜନେତାଙ୍କଠାରୁ ଆରମ୍ଭ କରି ଶିକ୍ଷାବିତ, ବୁଦ୍ଧିଜୀବୀ ବିଶେଷକରି କଲେଜ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ହିଁ ଦାୟୀ ବୋଲି ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟ ନାମରେ ମଞ୍ଜୁର ହେଉଥିବା ବିଭିନ୍ନ କାର୍ଯ୍ୟାଦେଶରେ ଠିକାଦାର ଭାବେ କାର୍ଯ୍ୟକରି ବେଶ୍ ଦି ପଇସା ରୋଜଗାର କରିବାକୁ ସମସ୍ତେ ଆଗଭର ହେଉଥିବା ବେଳେ ବିଜ୍ଞାନ ବିଭାଗ ଖୋଲିବାକୁ ପ୍ରଚେଷ୍ଟା ନକରିବାର କାରଣ କଦ'ଣ ହୋଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ବାହାସ୍ଫୋଟ ମାରି କୁମ୍ଭୀର କାନ୍ଦଣା କାନ୍ଦୁଥିବା ବ୍ୟକ୍ତି ମାନଙ୍କର ସଂଖ୍ୟା ଏଠାରେ ଅଧିକ କିନ୍ତୁ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ କିଭଳି ହେବ ସେଥିପାଇଁ ତତ୍ପରତା ପ୍ରକାଶ ପାଉନାହିଁ। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଆଗାମୀ ଦିନରେ ଗଣିଆରେ ବିଜ୍ଞାନ ବିଭାଗ ଖୋଲିବାକୁ ଛାତ୍ର ଛାତ୍ରୀ ମାନେ ସ୍ୱତଃ ପ୍ରବୃତ୍ତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଆଜିଠାରୁ ଝୁଲଣଯାତ୍ରା

# ସଜେଇ ହୋଇଛି ରାସବିହାରୀ ମନ୍ଦିର

ଭାପୁର, ୩।୮ (ସମିସ): ସୋମବାରଠାରୁ ଝୁଲଣଯାତ୍ରା ଆରମ୍ଭ ହେବ। ଏଥିପାଇଁ ଭାପୁର ବ୍ଲକର ପଦ୍ମାବତୀ ଗ୍ରାମ ରାସବିହାରୀ ମନ୍ଦିର ସଜେଇ ହୋଇଛି। ଏଠାରେ ଏହି ଯାତ୍ରା ରାକ୍ଷୀ ପୂର୍ଣ୍ଣିମାରେ ସମାପ୍ତ ହେବ। ଭାରତୀୟ ସଂସ୍କୃତିରେ ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମ କାହାଣୀର ଜ୍ୱଳନ୍ତ ନମୁନା ହେଲା ଝୁଲଣ ଯାତ୍ରା। ପଦ୍ମାବତୀ ଗ୍ରାମର ସ୍ୱର୍ଗତ ପଦ୍ମନାଭ ସାମନ୍ତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଆରାଧ୍ୟ ଦେବତା ରାସବିହାରୀ ଦେବଙ୍କ ମନ୍ଦିର ପ୍ରତିଷ୍ଠା ପରଠାରୁ ତିନି ପିଢି ହେଲା ଏହି ମନ୍ଦିରରେ ପ୍ରତିବର୍ଷ ଧୂମଧାମରେ ଝୁଲଣଯାତ୍ରା ଆୟୋଜନ କରି ଆସୁଛନ୍ତି। ଗ୍ରାମର ଶତାଧିକ ମହିଳା ଓ ବାଳିକା ଏକ ସପ୍ତାହ ଧରି ପ୍ରତି ସନ୍ଧ୍ୟାରେ ରାଧାକୃଷ୍ଣଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଝୁଲଣ ସଙ୍ଗୀତ ଗାନ କରି ସମସ୍ତଙ୍କୁ ଆମୋଦିତ କରିଥାନ୍ତି। ଏ ଉପଲକ୍ଷେ ମନ୍ଦିର ଆଲୋକ ମାଳାରେ ସଜ୍ଜିତ ହୋଇଛି। ସେହିପରି ଗ୍ରାମର ଗୋପୀନାଥ ମନ୍ଦିର ଓ କଇଁଫୁଲିଆ ରାଧାକୃଷ୍ଣ ମନ୍ଦିରରେ ମଧ୍ୟ ଧୂମଧାମରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ।



## ବିଶ୍ୱ କଲ୍ୟାଣରେ ବିଶ୍ୱଶାନ୍ତି ମହାଯଜ୍ଞ

ଓଡ଼ଗାଁ, ୩।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମରେ ରବିବାର ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର ବୈଦିକ ବ୍ରାହ୍ମଣମାନଙ୍କୁ ନେଇ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ନୀଳକଣ୍ଠ ମିଶ୍ର ଓ ପଣ୍ଡିତାଚାର୍ଯ୍ୟ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମ୍ପାଦନ କରାଯାଇଥିଲା। ୨୦୮ ବ୍ରାହ୍ମଣଙ୍କ ଦ୍ୱାରା ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିଜନକୁମାର ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ସୁରେଶ ଚନ୍ଦ୍ର ପ୍ରଧାନ, ନବୀନ ସାହୁଙ୍କ ସହିତ ଓ ଯୁବଗୋଷ୍ଠୀ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। କୁରାଳ ବୈଦିକ ବ୍ରାହ୍ମଣ ସମାଜର ସଭାପତି ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଜଗନ୍ନାଥ ମିଶ୍ର, କୋଷାଧ୍ୟକ୍ଷ ତପନ କୁମାର ତ୍ରିପାଠୀ, ମହାଜନ ଜଗମୋହନ ମିଶ୍ର, ପ୍ରଦୀପ୍ତ ଶତପଥୀ, ବିଷ୍ଣୁପ୍ରସାଦ ତ୍ରିପାଠୀ, ପବିତ୍ର ମୋହନ ମିଶ୍ର, ଲିଙ୍ଗରାଜ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ରାହ୍ମଣ ମହାଜନ ଏବଂ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



# ଶ୍ରାବଣରେ ନିଅଣ୍ଟିଆ ବର୍ଷା; ଚାଷୀ ହତାଶ

ରଣପୁର, ୩।୮ (ସମିସ)



ଜଳ ବହୁଳେ ସୃଷ୍ଟି ନାଶ ଜଳ ବିହୁନେ ସୃଷ୍ଟି ନାଶ। କେଉଁଆଡ଼େ ବନ୍ୟା ତ କୁଆଡ଼େ ବିନ୍ଦୁ ଶୂନ୍ୟ। ଆଷାଢ଼ ସରି ଶ୍ରାବଣ ମାସ ସରିବାକୁ ଆସିଲାଣି। ହେଲେ ରଣପୁର ଅଞ୍ଚଳରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ଘୋର୍ ବାଧାପ୍ରାପ୍ତ ହୋଇଛି। ମୌସୁମୀ ଦୁର୍ବଳ ହେତୁ ବର୍ଷାର ପରିମାଣ କମ୍ ରହିଛି। ପାଣି ଅଭାବ ଯୋଗୁଁ ଚାଷୀକୂଳ ହତାଶ ହୋଇପଡ଼ିଛି। ଧାରା ଶ୍ରାବଣରେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଗେଇ ପାରୁନି ଚାଷ କାମ। ବର୍ଷାର ଆଗମନ ଦେଖି ଚାଷୀ ଧାନ ବିହନ ସଂଗ୍ରହ କରି ତଳି ପକାଇଥିଲେ। କିନ୍ତୁ ବର୍ଷା ହେଉ ନ ଥିବାରୁ ଏବେ ସେ ସବୁ ତଳି ମରିବାକୁ ବସିଲାଣି। ବୁଣାଯାଇଥିବା ତଳି ବିଲ ମଧ୍ୟ ଫାଟି ଆଁ କଲାଣି। କେଉଁଠି ରୁଆ ସରିଥିବା ଜମିରୁ ପାଣି ନ ଥିବାରୁ ଫାଟିବା ସହ ରୋଇ ଖାଇଗଲାଣି। ତେଣୁ ତଳିକୁ ବଞ୍ଚାଇବା ପାଇଁ ଚାଷୀ ପାଣି ସଂଗ୍ରହ କରି ବିଲରେ ସିଞ୍ଚୁଛି। ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ସମେତ ଆଖପାଖ ପ୍ରତ୍ୟେକ ଅଞ୍ଚଳରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏବେସୁଦ୍ଧା ୫୦ ପ୍ରତିଶତ ଧାନ ଜମି ରୁଆ ସରିବାକୁ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁଁ ଆଦୌ ଧାନ ଚାଷ ଆଗେଇ ପାରୁନାହିଁ। ଫଳରେ ଚିନ୍ତାରେ ପଡ଼ିଛି ଚାଷୀ। ଜମିରେ ଗାଈ ଚରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଯଦି ଆସନ୍ତା ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ପରିମାଣରେ ବର୍ଷା ନ ହୁଏ ତେବେ ବୁଣା ଯାଇଥିବା ତଳି ନଷ୍ଟ ହୋଇଯିବ ଆଉ ତଳି ପକାଇବା ପାଇଁ ବିହନ ମୁଠେ ବି ମିଳିବ ନାହିଁ। କିଛିଦିନ ତଳେ ଭଲ ବର୍ଷା ହୋଇଥିଲା। ହେଲେ ହଠାତ୍ ବର୍ଷା ଗାଏବ ହୋଇ ପ୍ରବଳ ଖରା ଓ ଗରମ ହେଉଥିବା କାରଣରୁ ଚାଷ କାର୍ଯ୍ୟ ଆଗେଇପାରୁ ନାହିଁ। ଯାହାକୁ ନେଇ ଧାନ ଚାଷୀ ଆଶା ଓ ଆଶଙ୍କାରେ ଗତି କରୁଥିବାବେଳେ ଏ ଅଞ୍ଚଳରେ ବହୁ ଧାନ ଜମି ପଡ଼ିଆ ପଡ଼ିଛି। ଯାହାଦ୍ୱାରା ଧାନ ଜମି ପାଲଟିଛି ଗୃହପାଳିତ ପଶୁଙ୍କ ଚାରଣ ଭୂମି। ସେପଟେ ଆଖପାଖ ଅଞ୍ଚଳରେ ଜଳସମ୍ପଦ ଉପଖଣ୍ଡ ଅଧୀନରେ ଥିବା କେନାଲଗୁଡ଼ିକରେ ମାଟି ଅତଡ଼ା ଖସି ଏବଂ ଅନାବନା ଗଛ ଉଠି କେନାଲ ସଙ୍କୁଚିତ ହୋଇପଡ଼ିଛି। ବିଭାଗ କେନାଲ ସଫା କରୁଛି ନା କେନାଲ ପାଣି ଯୋଗାଇ ଦେଉଛି। ଏନେଇ ଧାନ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାଜ୍ୟ ଜଳସମ୍ପଦ ବିଭାଗ ତୁରନ୍ତ କେନାଲ ପାଣି ଯୋଗାଇଦେବା ପାଇଁ ଦାବି ହୋଇଛି।

## ଉଠାଜଳସେଚନ ଅକାମୀ; ଚାଷକୁ ମିଳୁନି ପାଣି

ଶରଣକୁଳ, ୩।୮ (ସମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋତରଙ୍ଗ ନଂ-୧ ଠାରେ ନିର୍ମିତ ଉଠାଜଳସେଚନ ପ୍ରକଳ୍ପଟି ଅକାମୀ ହୋଇପଡ଼ିଛି। ଫଳରେ ସେହି ପ୍ରକଳ୍ପ ଉପରେ ନିର୍ଭରଶୀଳ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ସେମାନେ ଧାନ ଜମି ନା କାଦୁଅ କରି ପାରୁଛନ୍ତି ନା ଧାନ ରୋଇ ପାରୁଛନ୍ତି। ପାଣି ଅଭାବରୁ ଜମି ସବୁ ଫାଟି ଆଁ କଲାଣି। ଚାଷୀଭାଇ ମାନେ ମୁଣ୍ଡରେ ହାତଦେଇ ବସିଲେଣି। ଘଟଣା ହେଲା କୋତରଙ୍ଗ ନଂ-୧ ଉଠାଜଳସେଚନ ପ୍ରକଳ୍ପଟି ମା' ବ୍ରାହ୍ମଣୀ ଦେବୀ ପାଣି ପଞ୍ଚାୟତ ଅଧୀନରେ ୨୩ ଲକ୍ଷ ଟଙ୍କା ବିନିମୟରେ ଠିକାଦାର ପ୍ରକାଶ ଚନ୍ଦ୍ର ବରାଡ ୨୦୨୪ ମସିହାରୁ ଯେନତେନ କାର୍ଯ୍ୟ ଶେଷକରି ତତ୍‌କାଳୀନ ଜେଇଙ୍କୁ ହାତ କରି ସମସ୍ତ ଅର୍ଥ ଉଠାଣ କରି ନେଇ ସାରିଛନ୍ତି। ହେଲେ ଉଠା ଜଳସେଚନ ପ୍ରକଳ୍ପଟିରୁ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ହେଉଛି କି ନାହିଁ ତାହାର ତଦାରଖ କରାଗଲା ନାହିଁ। ଫଳରେ ଚାଷୀମାନଙ୍କ ପାଇଁ ଯେଉଁ ଉଦ୍ଦେଶ୍ୟରେ ନିର୍ମିତ ହେଇଥିଲା ତାହାର ସୁଫଳ ପାଇପାରିଲେ ନାହିଁ। ଅଭିଯୋଗ କରିବାପରେ ଠିକାଦାର କହିଲେ କି ମୁଁ କାମ ଶେଷ କରି ମୋର ପ୍ରାପ୍ୟ ପାଇସାରିଛି, ତେଣୁ ମୋର କିଛି କରିବାର ନାହିଁ ବୋଲି ଚାଷୀ ମୁନା ଦୋରା ପ୍ରକାଶ କରିଛନ୍ତି। ତତ୍‌କାଳୀନ ସମ୍ପୃକ୍ତ ଜେଇ ମଧ୍ୟ ବଦଳି ହୋଇ ଅନ୍ୟତ୍ର ପଳାଇ ଗଲେଣି। ଏବେ ସମସ୍ତ ଚାଷୀ ଭାଇମାନେ ମିଳିତ ଉଠାଜଳସେଚନ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିବା ପରେ ବର୍ତ୍ତମାନ କାର୍ଯ୍ୟରତ ଜେଇ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦେଖାଦେଖି କରି ଯାଇଛନ୍ତି। ଯଥାଶୀଘ୍ର ଏହାର ପୁନଃରୁଦ୍ଧାର କରାଯାଇ କାର୍ଯ୍ୟକ୍ଷମ କରାଯିବ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ବର୍ତ୍ତମାନ ଚାଷ କାମ ଯୋରଦାର ଚାଲିଛି। ଏହି ସମୟରେ ଜମିରେ ପାଣି ଅଭାବ ହେଲେ ଧାନ ଚାଷ ହୋଇ ପାରିବ ନାହିଁ। ବର୍ଷ ତମାମ ଆମେ ଖାଇବୁ କ'ଣ ବୋଲି ଚାଷୀଭାଇ ମାନେ ଅଭିଯୋଗ କରିଛନ୍ତି।



## ଅନିୟମିତ ବୃଷ୍ଟିପାତ; ମଠେଇଛି ଚାଷ କାର୍ଯ୍ୟ

କଣ୍ଟିଲୋ, ୩।୮ (ସମିସ): ସ୍ୱାଭାବିକ ଠାରୁ କମ ବୃଷ୍ଟିପାତ କାରଣରୁ କଣ୍ଟିଲୋ ଓ ଏହାର ଆଖପାଖ ବଡ଼ବାଣପୁର, ସିଧାମୁଳା, ଧନଚାଙ୍ଗଡ଼ା, ପଥରଚକଡ଼ା ଆଦି ଅଞ୍ଚଳରେ ଧାନ ଚାଷ କାର୍ଯ୍ୟରେ ବିଳମ୍ବ ଦେଖାଯାଇଛି। ଜଳସେଚନ ସୁବିଧା ନଥିବାରୁ ଅଞ୍ଚଳର ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଶ୍ରାବଣରେ ଅନିୟମିତ ବୃଷ୍ଟିପାତ ଯୋଗୁଁ ଏବେ ଧାନ ଚାଷୀ ଆଶଙ୍କା ମଧ୍ୟରେ ରହିଛନ୍ତି। ଧାନ ଜମିରେ ପାଣି ନଥିବାରୁ ଏ ପର୍ଯ୍ୟନ୍ତ ବେଉଷଣ କାର୍ଯ୍ୟ ହୋଇପାରିନାହିଁ। ଆଉ କିଛି ଦିନ ବର୍ଷା ନହେଲେ ଧାନ ଫସଲ ମରୁଡ଼ି ହେବା ନିଶ୍ଚିତ ବୋଲି ଚାଷୀ ମାନେ କହିଛନ୍ତି। ଶିଳ୍ପ ବିହୀନ ଖଣ୍ଡପଡ଼ା ଅଞ୍ଚଳରେ ଚାଷୀଙ୍କ ଅର୍ଥନୈତିକ ବିକାଶ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ମହାନଦୀ ତଟରେ ଅବସ୍ଥିତ ଥାଇ ମଧ୍ୟ ଉପରୋକ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନାହିଁ। ନଦୀ କୂଳିଆ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଫେଲ ମାରିଛି। ଏଣୁ ଚାଷୀଙ୍କୁ ଏବେ ବର୍ଷା ଭରସା। ବର୍ଷା ନହେଲେ ମରୁଡ଼ି ନିଶ୍ଚିତ ବୋଲି ଚାଷୀ ମାନେ କହିଛନ୍ତି।

# ଗ୍ରେଡ୍ ପେ ବୃଦ୍ଧି ନ ହେଲେ ୟୁଏଏସ୍ ଉପସ୍ଥାନକୁ ଅମାନ୍ୟ

ପଦ୍ମପୁର,୩।୮ (ସମିସ)



ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜବୋଡାସମ୍ବର ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସରୋଜ ପ୍ରସାଦ ଷଡଙ୍ଗୀଙ୍କର ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଚି। ବୈଠକରେ ୪୨୦୦ ଏଣ୍ଟ୍ରି ଲେବଲ ଗ୍ରେଡ ପେ, ଶିକ୍ଷା ସହାୟକ ସମୟର ୬ ବର୍ଷ ହିସାବକୁ ନେଇ ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ସହ ଏମ୍ଏସିପିରେ ସେହି ବର୍ଷ ଗୁଡିକୁ ଯୋଡି ଆର୍ଥିକ ସୁବିଧା ପ୍ରଦାନ କରିବାକୁ ଦାବି ହୋଇଥିଲା। ଭିତ୍ତିଭୂମି ନ ଥାଇ ୟୁଏଏସ୍ ପୋର୍ଟାଲର ବ୍ୟବହାରକୁ ସରକାରଙ୍କର ଶିକ୍ଷକ ମାରଣ ନୀତି ବୋଲି କୁହାଯିବା ସହ ତୀବ୍ର ବିରୋଧ ହୋଇଥିଲା। ସରକାର ୟୁଏଏସ ଲାଗୁ କରିବାକୁ ବାଧ କରିବା ପୂର୍ବରୁ ଅପହଞ୍ଚ ଇଲାକାରେ ନେଟୱର୍କ ସମସ୍ୟାର ସମାଧାନ କରନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଏହାଛଡ଼ା ପ୍ରତ୍ୟେକ ଶିକ୍ଷକଙ୍କୁ ଟାବଲେଟ ପ୍ରଦାନ ସହ ମାସିକ ଡାଟା ପ୍ୟାକ ଖର୍ଚ୍ଚ ଦିଆଯିବାକୁ ଦାବି ହୋଇଥିଲା। ନଚେତ ଜବରଦସ୍ତ ଚାପ ପ୍ରୟୋଗ କଲେ ମହଙ୍ଗା ପଡିବ ବୋଲି ଚେତାବନୀ ଦେବାକୁ ପ୍ରସ୍ତାବ ହୋଇଥିଲା। ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଗଲା। ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ରଘୁନାଥ ପୁରୀ, ସମ୍ପାଦକ ରୂପକ ସାହୁ, ଶେଷଦେବ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବୀରକିଶୋର ସାହୁ ସଂଗଠନର ହିସାବ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରେମସାଗର ପ୍ରଧାନ, ରତ୍ନାକର ଶତପଥୀ, ପ୍ରଦୀପ ସାହୁ, ସୁମନ୍ତ ସାହୁ, ଭ୍ରମର ପ୍ରଧାନ, ନାରାୟଣ ପାଣ୍ଡେ ଅଞ୍ଜଳି ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶାନ୍ତନୁ ସରାଫ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ପଛକୁ ପିଟିଲା ଟ୍ରକ୍, ଡ୍ରାଇଭର ମୃତ

ସୋହେଲା,୩।୮ (ସମିସ): ସୋହେଲା ଥାନା ଅଧୀନ ସୀମାନ୍ତ ଲୁହୁରାଚଟି ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଟ୍ରକର ଚାଳକ ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଜିଲ୍ଲା ନନ୍ଦପୁର ଥାନାରାଈ ଗାଁର ମନୋରଞ୍ଜନ ଜନ(୨୬) ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଅନୁଗୁଳରୁ ନାଗପୁରକୁ ଏକ ଟ୍ରକ ଯାଉଥିଲା। ଓଡ଼ିଶା ଛତିଶଗଡ଼ ସୀମାରେ ଏହି ଟ୍ରକ ପହଞ୍ଚିବା ବେଳେ ପଛପଟରୁ ମହାରାଷ୍ଟ୍ର ଯାଉଥିବା ଅନ୍ୟ ଏକ ଟ୍ରକ ପ୍ରଥମ ଟ୍ରକକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଧକ୍କା ଦେଇଥିବା ପଛ ଟ୍ରକର ଚାଳକ ମନୋରଞ୍ଜନ ଚାପି ହୋଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ସୋହେଲା ପୁଲିସ, ଅଗ୍ନିଶମ ବିଭାଗ ଓ ଅଶୋକା ବିଲ୍ଡକନ କମ୍ପାନୀର କର୍ମଚାରୀମାନେ ଯାଇ ଟ୍ରକ ଭିତରେ ଚାପି ହୋଇଥିବା ଟ୍ରକ ଚାଳକଙ୍କୁ ଉଦ୍ଧାର କରିଥିଲେ। ପ୍ରଥମ ଟ୍ରକର ଚାଳକ ସୁନାଲ ଅମନ ରାମଟେକଙ୍କ ରିପୋର୍ଟ କ୍ରମେ ସୋହେଲା ପୁଲିସ ଏକ ମାମଲା ରୁଜୁ କରିଥିଲା। ଶବକୁ ଜବତ କରି ମୃତ ଟ୍ରକ ଚାଳକଙ୍କ ପରିବାର ଲୋକଙ୍କୁ ପୁଲିସ ଖବର ଦେଇଥିଲା। ପରିବାର ଲୋକେ ଆସିବା ପରେ ପୁଲିସ ବରଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଆଇଆଇସି ହରିଶଙ୍କର ଭୋଇ ସୂଚନା ଦେଇଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା



ବରପାଲି,୩।୮ (ସମିସ): ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରମୁଖ ଡା. ଶଙ୍କର୍ଷଣ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁଜୀ ରବୀନ୍ଦ୍ର ସାହୁ, ବରିଷ୍ଠ ବିଜ୍ଞାନ ଗୁରୁଜୀ ଧର୍ମେନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନ ମେଳାରେ ମୋଟ ୩୫୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସତ୍ୟନାରାୟଣ ମିଶ୍ର, ଅନ୍ତର୍ଯ୍ୟାମୀ ବେହେରା, ଅଶୋକ ପଣ୍ଡା, ଲଳାଟେନ୍ଦୁ ରଣା, ମନୋଜ ବାରିକ, ବୀର କିଶୋର ପଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପ ଗୁଡ଼ିକ ଆଗାମୀ ସମୟରେ ହେବାକୁ ଥିବା ସଂକୁଳ ସ୍ତରୀୟ ବିଜ୍ଞାନମେଳାରେ ପ୍ରଦର୍ଶିତ ହେବ ବୋଲି ସୂଚନା ଦିଆଯାଇଥିଲା।

## ବିଦାୟ ବେଳେ ଚାରା ବାଣ୍ଟିଲେ ପ୍ରଧାନଶିକ୍ଷକ



ଭଟଲି,୩।୮ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ତେଜାଗୋଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅବସରଗ୍ରହଣ କରି ବିଦାୟ ନେବା ବେଳେ ପ୍ରଧାନ ଶିକ୍ଷକ ଦେବାନନ୍ଦ ବିଶି ଶତାଧିକ ଚାରା ବାଣ୍ଟିବା ସହ ଚାରାରୋପଣ କରି ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷକ ଦେବାନନ୍ଦ ବିଶିଙ୍କୁ ବିଦ୍ୟାଳୟ ଛୁଟି ହେବା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ତାଙ୍କୁ ତାଙ୍କ ଭଟଲି ସ୍ଥିତ ବାସଭବନକୁ ଗ୍ରାମର ଶତାଧିକ ମହିଳା ପୁରୁଷ ଛାଡ଼ିବାକୁ ଆସିଥିଲେ। ଏହି ଅବସରରେ ପରିବାର ସଦସ୍ୟ ବିଦାୟୀ ଶିକ୍ଷକଙ୍କ ପଦଧୌତ କରିଥିବାବେଳେ ସମସ୍ତ ଅତିଥିମାନଙ୍କ ପାଇଁ ଜଳପାନର ବ୍ୟବସ୍ଥା କରାଯାଇଥିଲା। ପରେ ପରିବାର ସଦସ୍ୟ ତଥା ବିଦାୟୀ ଶିକ୍ଷକ ବିଶି ସପତ୍ନିକ ଅତିଥିମାନଙ୍କ ପାଦଧୌତ କରି ସମସ୍ତଙ୍କୁ ଗୋଟିଏ ଲେଖାଏଁ ଚାରା ଅର୍ପଣ କରିବା ସହ ବୃକ୍ଷରୋପଣ ପାଇଁ ନିବେଦନ କରିଥିଲେ। ଶେଷରେ ବିଶି ଦମ୍ପତ୍ତି ବନ୍ଧୁ ପରିଜନଙ୍କ ସହ ମିଶି ୫୦୦ ଚାରା ରୋପଣ କରିଥିଲେ। ଏହାସହିତ ଏହି ଚାରାରୋପଣ ସମୟରେ ଯିଏ ଯେଉଁ ଚାରା ରୋପଣ କରିଥିଲେ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜେ ନେବା ସହ ଗଛକୁ ଠିକ୍ ଭବେ ବଢ଼ିବା ପାଇଁ ଆବଶ୍ୟକ ସମସ୍ତ ଖର୍ଚ୍ଚ ନିଜେ ବହନ କରିବେ ବୋଲି ପ୍ରତିଜ୍ଞା କରିଥିଲେ।

## ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ପାଇକମାଲ,୩।୮ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ବଜାର ପ୍ରାଙ୍ଗଣ ସ୍ଥିତ ଦୁର୍ଗା ମଣ୍ଡପରେ ମାଣ୍ଡୋସିଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗାପୂଜା କିପରି କରାଯିବା ଏନେଇ ବୈଠକରେ ଆଲୋଚନା ହୋଇଥିଲା। ପୂଜା ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ମହେନ୍ଦ୍ର କୁମାର ଖୁଣ୍ଟିଆ, ଉପସଭାପତି ପ୍ରଦୀପ ଦାଶ, ସମ୍ପାଦକ ଗୋପାଳ ପ୍ରସାଦ ବେହେରା, ସହ ସମ୍ପାଦକ ଅକ୍ଷୟ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବରେ ଗିରିଧାରୀ ରଣାକୁ ମନୋନୀତ କରାଯାଇଥିଲା। ଶେଷରେ ଗ୍ରାମ୍ୟ କମିଟି ସମ୍ପାଦକ ରାଧେଶ୍ୟାମ ପଟେଲ ଧନ୍ୟବାଦ ଦେଇଥିଲେ।

## ବିକାଶ ଡିଗ୍ରୀ କଲେଜରେ ମନ ମାଷ୍ଟ୍ରେଙ୍କ ବ୍ୟଙ୍ଗ କବିତା ଆସର

ବରଗଡ,୩।୮ (ସମିସ): ବିକାଶ ହାୟର ଏଜୁକେସ୍‌ନାଲ ଇନ୍‌ଷ୍ଟିଚ୍ୟୁସନ୍ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ହାସ୍ୟ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ତଥା ମନ ମାଷ୍ଟ୍ରେଙ୍କ ବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଛି। ଏଥିରେ କବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ସଚେତନତା ଆଧାରରରେ ଅନେକ ବିଷୟ ଉପରେ ସେ ତାଙ୍କ ସ୍ୱରଚିତ ବ୍ୟଙ୍ଗ କବିତା ପାଠ କରିଥିଲେ। ତାଙ୍କ ରଚିତ "ବୋଲବମ୍' ଏବଂ "ଗଣେଶ' ଶୀର୍ଷକ କବିତା ବେଶ ମନୋରଞ୍ଜନ କରିପାରିଥିଲା। ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ସୁଭେନ୍ଦୁ ଶେଖର ମିଶ୍ର, ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ପ୍ରାରମ୍ଭିକ ଭାଷଣରେ ମନମାଷ୍ଟ୍ରେଙ୍କୁ ନିଆରା ଢଙ୍ଗରେ କବିତା ମାଧ୍ୟମରେ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମନ ମାଷ୍ଟ୍ରେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଅର୍ଡିନେଟର ସୁଦାମ ଚରଣ ମିଶ୍ର ଓ ସୁରଜ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଆଦିତ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଦେବାଶିଷ ରଥ ଆତିଥ୍ୟ ପ୍ରଦାନ କରିଥିଲେ।

## ନରେଶ ପଣ୍ଡାଙ୍କ ପରଲୋକ

ଭେଡେନ,୩।୮ (ସମିସ): ଭେଡେନ ବ୍ଲକ୍ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ଭାଇ ନରେଶ ପଣ୍ଡା(୫୦)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନରୁ କିଡିନୀ ରୋଗରେ ଆକ୍ରାନ୍ତ ହୋଇ ବରଗଡ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, କଂଗ୍ରେସ ଯୁବନେତା ଅଭିଷେକ ସେଟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଜାମଡୋଲ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ପୁତୁରା କ୍ରିସ୍ନା ପଣ୍ଡା ମୁଖାଗ୍ନି ଦେଇଥିଲେ।

## ସମଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା



ସୋହେଲା,୩।୮ (ସମିସ): ସୋହେଲା ବରପାଲି ରାସ୍ତାରେ ଥିବା ରାଞ୍ଜ ନଦୀ ଏବଂ ଗିରିସାଗରିଏନ ଉଭୟ ନଦୀର ସଙ୍ଗମ ସ୍ଥଳୀ ନିକଟରେ ସ୍ଥାନୀୟ ଯାଦବ ସମାଜ ତରଫରୁ ସମଲେଶ୍ୱରୀ ଦେବୀଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ସ୍ଥାନୀୟ ମା'ଦୁର୍ଗାଙ୍କ ମନ୍ଦିରରୁ ମନ୍ଦିର ନିର୍ମାଣସ୍ଥଳୀଙ୍କୁ ଯାଇଥିଲେ। ସେଠାରେ ପୂଜକ ରବି ନାରାୟଣ ଦେବତାଙ୍କ ଦ୍ୱାରା ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଭୂମି ପୂଜାରେ ସୋହେଲା ଗୌନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକ ପୂଜାର କର୍ତ୍ତା ରହିଥିଲେ। ଏହି ଦିବ୍ୟ କାର୍ଯ୍ୟକ୍ରମରେ ଯାଦବ ସାଂସ୍କୃତିକ ସମାଜ ସୋହେଲା ସଭାପତି ବସୁଦେବ ପରୁଆ, ସମ୍ପାଦକ ଶଙ୍କର ଶ୍ୟାମ ବାଙ୍କ, ସହ ସମ୍ପାଦକ ଶରତ ବାଗ, କୋଷାଧ୍ୟକ୍ଷ ସନ୍ତୋଷ ବାଗ, ସହ ସମ୍ପାଦକ ଭୋଲାନାଥ ମଟାରୀ, କାର୍ଯ୍ୟକାରୀ କମିଟି ଗଙ୍ଗା ବାଙ୍କ, ରଥ ପରୁଆ, ବୁଲୁ ପରୁଆ, ଅକ୍ଷୟ କାଣ୍ଡ, କେଶବ ବାଗ, ସୁବାସ କାଣ୍ଡ, ବିରଞ୍ଚି ବାଙ୍କଙ୍କ ସହ ବଞ୍ଜାରି, ଇଛପାଲି , ପିପିଲିପାଲି, ହଳଦୀ ପାଲି, କେଣ୍ଡମୁଣ୍ଡିର ପ୍ରମୁଖ ଯାଦବ ସମାଜର କାର୍ଯ୍ୟକର୍ତ୍ତାମାନେ ଥିଲେ। ସୋହେଲା ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଲିଙ୍ଗ ବାଗ, ଅକ୍ଷୟ କାଣ୍ଡ, ଅଶୋକ ବାଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ସାମ୍ବାଦିକ ସଂଘର ଜେଲ ସୁଧାର କାର୍ଯ୍ୟକ୍ରମ



ବରଗଡ଼,୩।୮ (ସମିସ): ଶନିବାର ବରଗଡ ଉପକାରାଗାରଠାରେ ଓଡିଶା କର୍ମଜିବୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଏକ ଜେଲ୍ ସୁଧାର କର୍ମଶାଳାର ଆୟୋଜନ ହୋଇଥିଲା। ପ୍ରତି ସପ୍ତାହରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟ ଆବାହକ ସଂଘର ସଭାପତି ଆଶୁତୋଷ ରଥ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଧ୍ୟାନ ମାଧ୍ୟମରେ ବ୍ୟକ୍ତିତ୍ୱ ନିର୍ମାଣ ଓ ବ୍ୟକ୍ତିତ୍ୱ ସୁଧାର ପାଇଁ ବନ୍ଦୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ସତ୍ୟଜିତ୍ ଦାଶ ଧ୍ୟାନଯୋଗ ମାଧ୍ୟମରେ ନିଜ ଭିତରୁ ସମସ୍ତ ନିଷେଧାତ୍ମକ ଭାବନା ପରିତ୍ୟାଗ କରିପାରିବେ ଏବଂ ଜେଲରୁ ବାହାରି ସମାଜର ମୁଖ୍ୟ ସ୍ରୋତକୁ ଫେରି ଭିନ୍ନ ଉଦାହରଣ ସୃଷ୍ଟି କରିପାରିବେ ବୋଲି କଏଦୀମାନଙ୍କୁ କହିଥିଲେ। ଲେଖିକା ମିନୁ ହୋତା ପଦ୍ମଚକ୍ର ଧ୍ୟାନ ଶୃଙ୍ଖଳାରେ ମଣିପୁର ଚକ୍ର ସ୍ଥିତ ଦଶପ୍ରାଣ ଏବଂ ମନ ତଥା ଶରୀରରେ ସେମାନଙ୍କର କାର୍ଯ୍ୟକାରିତା ବିଷୟରେ ବୁଝାଇଥିଲେ। ମଣିପୁର ଚକ୍ର ଶୋଧନ, ତାର ସଶକ୍ତିକରଣ ଏବଂ ଶରୀରରେ ରକ୍ତ ଓ ବାୟୁ ସଂଚାଳନ ପାଇଁ ପ୍ରାଣାୟାମର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏଥିସହ ପ୍ରାଣାୟାମର କୌଶଳ ଶିକ୍ଷା ଦେଇଥିଲେ।

## ଖରିଫ ଧାନ ପଞ୍ଜୀକରଣ ବ୍ୟବସ୍ଥାକୁ ନେଇ ଆଲୋଚନା

ବରଗଡ଼,୩।୮ (ସମିସ): ଖରିଫ ଧାନ ବିକ୍ରି ପାଇଁ ନୂତନ ପଞ୍ଜୀକରଣ ବ୍ୟବସ୍ଥାର ଜଟିଳତାର ସମାଧାନ ପାଇଁ ସଂଯୁକ୍ତ କୃଷକ ସଂଗଠନ ଓ ପ୍ରଶାସନିକ ପ୍ରତିନିଧି ଜିଲ୍ଲା ଉପନିବନ୍ଧକ ଅଧିକାରୀ ଯୁଗଳ ଦାସ, ଏଆରସିଏସ୍ ରାଧେ ମେହେରଙ୍କ ସହିତ ଦ୍ୱିପକ୍ଷୀକ ଆଲୋଚନା ହୋଇଯାଇଛି। ଆଲୋଚନାରେ ସଂଗଠନ ପ୍ରତିନିଧିମାନେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳ କରା ନ ଗଲେ ପଞ୍ଜୀକରଣରୁ ଚାଷି ବଞ୍ଚିତ ହେବା ସହ ଦଲାଲି ବଢ଼ିବ, ଖାଦ୍ୟ ସଙ୍କଟ ଦେଖାଦେବ, କୃଷି ଅର୍ଥ ନୀତି ଉପରେ ଗଭୀର ପ୍ରଭାବ ପଡିବ ଏବଂ ଉତ୍ତରାଧିକାରୀ ମାନଙ୍କ ମଧ୍ୟରେ ତିକ୍ତତା ବଢ଼ିବ ବୋଲି କହିଛନ୍ତି। ଏଣୁ ଗତ ବର୍ଷମାନଙ୍କରେ ଯେଉଁ ପଞ୍ଜୀକରଣରେ ଅଭିଯୋଗ ନାହିଁ ତାହାର ପୂର୍ବ ପଦ୍ଧତିରେ ଧାନ କାର୍ଡ ତିଆରି କରାଯାଉ ଏବଂ ଯେଉଁଠି ଅଭିଯୋଗ ଅଛି ସେ କ୍ଷେତ୍ରରେ ସହମତି ପତ୍ର ବାଧ୍ୟତାମୂଳକ କରାଯାଉ ବୋଲି ସଂଗଠନ ଦାବି କରିଥିଲା। ପରିଶେଷରେ ଜିଲ୍ଲାପାଳ ନେତୃତ୍ୱରେ ସମସ୍ତ ଅଗ୍ରଣୀ କୃଷକ ସଂଗଠନମାନଙ୍କ ପ୍ରତିନିଧିମାନଙ୍କୁ ଡାକି ଧାନ ବିକ୍ରି ପଞ୍ଜୀକରଣ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ ବୋଲି ସଂଗଠନ ପ୍ରସ୍ତାବ ଦେଇଥିଲା। ଯଦି ସମାଧାନ କରା ନ ଯାଏ ତାହାହେଲେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖାଦେବ ସେଥିପାଇଁ ଜିଲ୍ଲାପ୍ରଶାସନ ଦାୟୀ ରହିବ ବୋଲି ସଂଗଠନର ପ୍ରତିନିଧିମାନେ କହିଛନ୍ତି। ସଂଗଠନ ପ୍ରତିନିଧିମାନଙ୍କ ମଧ୍ୟରେ ଉପଦେଷ୍ଟା ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ସୁଦାମ ପାତ୍ର, ବିକାଶ ମାଝୀ, ମୋତିଲାଲ ମହାକୁଡ଼, ଭିଜନ ପାଢ଼ୀ, ଟିଣ୍ଟୁ ହୋତା, ତପନ ମିଶ୍ର, କାରଣ ସାହୁ, ଦିବାକର ପଧାନ, ରବିଶଙ୍କର ପଧାନ, ସୁରେଶ ନିକେଣ୍ଟି ସମେତ ଅନେକ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା



ବରପାଲି,୩।୮ (ସମିସ): ଆସନ୍ତା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ୍‌ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କ୍ଲବ୍ ପକ୍ଷରୁ ଶନିବାର ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍‌ର ସଭାପତି ନରେନ୍ଦ୍ର କୁମାର ହୋତା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିଚାରକମାନଙ୍କୁ ଉପଢୌକନ ପ୍ରଦାନ କରିବା ସହ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରତିଯୋଗିତାରେ ଅଧ୍ୟାପିକା ନତାଶା ସିକନ୍ଦର, ଅଜିତ ଛତ୍ରିଆ, ପ୍ରିୟ ରଂଜନ ମହାନନ୍ଦ ବିଚାରକ ଭାବରେ ଯୋଗ ଦେଇଥିଲେ। ସମଗ୍ର ପ୍ରତିଯୋଗିତାକୁ ଜୟନ୍ତୀ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ ସଂଯୋଜନା କରିଥିବା ବେଳେ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ବାଲ କିଶୋର ଖାଡଙ୍ଗା, ବାଲ କୃଷ୍ଣ ପୁଝାରୀ, ମକୁନ୍ଦ ମେହେର, ବିଭୂତି ଭୂଷଣ ମିଶ୍ର, ରାଜାରାମ ମେହେର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼,୩।୮ (ସମିସ): ନିଷ୍ଠା ପରିବାର ତରଫରୁ ସମ୍ବଲପୁରୀ ଦିନ୍ ଅବସରରେ ବରଗଡ଼ ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନିଷ୍ଠା ପରିବାରର ଉପସଭାପତି ସଚ୍ଚି ପଣ୍ଡା ତଥା ବିଶିଷ୍ଟ ହାସ୍ୟ କବି ସଚ୍ଚି ପଣ୍ଡା ଓ ଆହ୍ଲାଦିନୀ ଭୋଇ ଯୋଗ ଦେଇଥିଲେ। ଶିବିରରୁ ସର୍ବମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ଉପସଭାପତି ଆଶିଷ କର, ରାତ୍ର ପ୍ରଧାନ, ମାନସ ମେହେର ପରିଚାଳନା କରିଥିଲେ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ଓ ସମୀକ୍ଷା

ବରଗଡ଼,୩।୮ (ସମିସ)



ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତ ହୋଇଛି। ଏହି ଅବସରରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିବା ସହ ନିଜ ବିଭାଗର ସମୁଦାୟ ୫୦ କୋଟି ୨୫ ଲକ୍ଷ ଟଙ୍କାର ୧୦୭୮ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଶୁଭ ଲୋକାର୍ପଣ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଯଥା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ରୁରାଲ ହାଉସିଂ ଓ ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଆଦିର ସର୍ଭେ ସ୍ଥିତି, ଟାର୍ଗେଟ ଏବଂ ଆଚ୍ଛିଭମେଣ୍ଟର ସମୀକ୍ଷା କରିଥିଲେ। ଏତଦବ୍ୟତୀତ ଭେଡେନ ଏବଂ ବରପାଲି ବ୍ଲକ୍‌ରେ ନିର୍ମାଣାଧୀନ ବୃହତ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣର ପ୍ରଗତି, ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁବନ୍ଧ ଯୋଜନା କାର୍ଯ୍ୟ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣର ପ୍ରଗତି ପଚାରି ବୁଝିଥିଲେ।

ମନ୍ତ୍ରୀ ସମସ୍ତ ଜବ କାର୍ଡ ହିତାଧିକାରୀଙ୍କୁ କାମ ଯୋଗାଇବା ସହ ଲେବର କାର୍ଡ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରିବା ଏବଂ ଦାଦନ ମୁକ୍ତ ଜିଲ୍ଲା ଗଠନ କରିବା ପାଇଁ ବ୍ଲକ୍ ୱାରୀ ଯୋଜନା ପ୍ରସ୍ତୁତ କରି ଲୋକଙ୍କୁ କାର୍ଯ୍ୟ ଯୋଗାଇବା ପାଇଁ କହିଥିଲେ। ସମୀକ୍ଷା ବୈଠକ ପରେ ମନ୍ତ୍ରୀ ବରଗଡ଼ ବ୍ଲକ୍ ଅଧୀନ ତୁରୁଙ୍ଗା ନିକଟରେ ନିର୍ମାଣଧୀନ ଏକ ପୋଲକୁ ଯାଇ କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ୮ କୋଟି ୨୧ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ନିର୍ମିତ ହେବାକୁ ଥିବା ଦୁଇଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ୧ କୋଟି ୫୯ ଲକ୍ଷର ୩୬ ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୯ କୋଟି ୮୦ ଲକ୍ଷ ଟଙ୍କାର ୩୮ ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ମୋଟ ୪୦ କୋଟି ୪୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ୧୦୩୩ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ସମାରୋହରେ ମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ), ମନରେଗା କର୍ମନିଯୁକ୍ତି ଆଦି ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ନୂତନ ଜବ କାର୍ଡ ପ୍ରଦାନ ପ୍ରଦାନ କରିବା ସହ ଏହି ଯୋଜନା ଗୁଡିକରେ ସଫଳ ହିତାଧିକାରୀଙ୍କୁ ସମ୍ମାନିତ କରି ଓରମାସ ବରଗଡ଼ ପକ୍ଷରୁ ଦୁଇଟି ଫୁଡ ପ୍ରଡ୍ୟୁସର ଗ୍ରୁପକୁ ଏକ ଲକ୍ଷ ଟଙ୍କା ସହାୟତା ରାଶିର ଚେକ ପ୍ରଦାନ କରିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ ଗଡତିୟା, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ ଲୁହାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ।

## ମୁରାରି ପ୍ରସାଦ ସାହୁ ଓଏଭି ନୂତନ ଅଧ୍ୟକ୍ଷ



ବରଗଡ଼,୩।୮ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏମ୍ ଗଣ୍ଡପାଲି ବିଜେପୁରରେ ସ୍ଥାୟୀ ଅଧ୍ୟକ୍ଷ ଭାବେ ମୁରାରୀ ପ୍ରସାଦ ସାହୁ ଯୋଗ ଦେଇଛନ୍ତି। ଇତ୍ୟବସରରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ଗୋପ ମହାନନ୍ଦ ନବାଗତ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରିୟଙ୍କା ପ୍ରିୟଦର୍ଶିନୀ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ସେ ରାୟଗଡା ଜିଲ୍ଲା କୋଲନରା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିଲେ।

## ରାଜସ୍ୱ ଅମଲା ସଂଘ ବୈଠକରେ ନିଷ୍ପତ୍ତି

# ୧୦ ସୁଦ୍ଧା ଦାବି ପୂରଣ ନ ହେଲେ ୧୧ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ



ଜଗତସିଂହପୁର,୩।୮ (ସମିସ):

ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ବହୁ ପ୍ରତୀକ୍ଷିତ ଦାବି ପୂରଣ କରିବାରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରୁଛନ୍ତି। ତେଣୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ପରିପ୍ରେକ୍ଷୀରେ ଆଜି ଓଡ଼ିଶା ରାଜସ୍ୱ ଅମଲା ସଂଘର ଜଗତସିଂହପୁର ଜିଲ୍ଲା ସଭାପତି ନିହାର ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆସନ୍ତା ୧୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୧ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି।

ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେଭେଲ- ୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮, ୧୫।୩।୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ଯଦ୍ୱାରା ସବୁ କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ କର୍ମଚାରୀ ଉପସ୍ଥିତ ରହିବେ। ସେହିପରି ଓଡ଼ିଶା ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାଙ୍କୁ ଶତପ୍ରତିଶତ ପଦୋନ୍ନତି ଦିଆଯାଉ ବୋଲି ସଂଘ ଦାବି କରିଆସୁଛି। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଓ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ୍ୟ ହୋଇସାରିଛି। ତେବେ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ୍ୟ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ରହିଛି। ଯଦି ରାଜ୍ୟ ସରକାର ଆଗାମୀ ୧୦ ତାରିଖ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନ କରନ୍ତି, ତେବେ ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜଗତସିଂହପୁର ଜିଲ୍ଲା ସଂଘ ସଭାପତି ନିହାର ରଞ୍ଜନ ଦାସ, ସମ୍ପାଦକ ଶୁଭେନ୍ଦୁ ପ୍ରସାଦ ରାଉତ ସୂଚନା ଦେଇଛନ୍ତି। ଏହି ବୈଠକରେ ବୈଷ୍ଣବ ଚରଣ ଦାସ, ଅଶ୍ୱିନୀ ସ୍ୱାଇଁ, ଜିତେନ୍ଦ୍ର ବରାଳ, ପ୍ରମୋଦ ଦାସ, ପ୍ରତାପ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଆଶୁତୋଷ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ସୁନୀଲ ବେହେରା, ସାରଦା ନାୟକ, ମମତା ମହାପାତ୍ର, ସସ୍ମିତା ଲେଙ୍କା, କବିତା ମୁର୍ମୁ, ଗୀତା ହାଁସଦା, ମଧୁସ୍ମିତା ସାହୁ, ରଶ୍ମିରଞ୍ଜନ ମନ୍ତ୍ରୀ, ସୁଶାନ୍ତ ଦାସ, ବସନ୍ତ ସୋରେନ, ଅଭିରାମ ରାଉତରାୟ, ଗଗନ ପ୍ରଧାନ, ସଞ୍ଜୟ ପ୍ରଧାନ, ମୁକୁନ୍ଦ ଚରଣ ସ୍ୱାଇଁ, କୃତ୍ତିବାସ ସାହୁ, ଭରତ ଜେନା, ପ୍ରଭାସ ଦଳାଇ, ଶାନ୍ତନୁ ଦାସ, ଜୟନ୍ତ ନାୟକ, ସମୀର ସ୍ୱାଇଁ, ଦେବପ୍ରିୟ ଗୋଚ୍ଛାୟତ, ସଂଗ୍ରାମ ରାୟ, ଆଶିଷ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ।

■ ଆଜି ଶେଷ ସୋମବାର

## ବାନାମ୍ବର ଘାଟରୁ ପାଣି ଉଠାଇଲେ ୧୦ ହଜାର କାଉଡ଼ିଆ

ରଘୁନାଥପୁର,୩।୮ (ସମିସ): ଶ୍ରାବଣ ମାସ ଶେଷ ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ରଘୁନାଥପୁର ବ୍ଲକ୍ ତାରପୁର ମହାନଦୀ କୂଳସ୍ଥ ବାନାମ୍ବର ଘାଟରୁ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ପାଣି ଉଠାଇଛନ୍ତି। ରବିବାର ସକାଳୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ଅପରାହ୍ନରେ ଏହା କ୍ରମଶଃ ବୃଦ୍ଧି ପାଇଥିଲା।ଫଶେଷପାଳି ହେତୁ ବିଭିନ୍ନ ଆଡ଼ୁ ପାଣି ଉଠାଇବା ପାଇଁ ଆସୁଥିବା ବୋଲବମ ଭକ୍ତ ସେମାନଙ୍କ ଯାନବାହନ ନଦୀବନ୍ଧରେ ରଖି ଦେବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ କାଠିକର ପାଠ ହୋଇଥିଲା। କାଉଡିଆ ପାଣି



ଆଣିବା ପରେ ଏହାକୁ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମ୍ବର ମହାଦେବଙ୍କ ଚତୁପାର୍ଶ୍ୱରେ ପ୍ରଦକ୍ଷିଣ କରି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ଏଠାରୁ ପାଣିନେଇ ଶ୍ରଦ୍ଧାଳୁ କାଉଡିଆ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ରୁଦ୍ରେଶ୍ୱର, ନୀଳକଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୁଲିସ ଓ ଫାୟାର ଅଫିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏହାଛଡା ତାରପୁର ବାଇପାସଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜୋରଦାର କରାଯାଇଥିଲା। ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ଦାଶ, ଅକ୍ଷୟ ଦଳାଇ, ମଧୁସୂଦନ ସାହୁ, ପ୍ରତାପ ଚନ୍ଦ୍ର ରାଉତ, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ। ରଘୁନାଥପୁର, ତାରପୁର ଓ ଜଇପୁରଠାରେ ସେଚ୍ଛାସେବୀଙ୍କ ପକ୍ଷରୁ କାଉଡିଆଙ୍କ ପାଇଁ ମାଗଣା ଖାଦ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାର୍ଥୀ ମାର୍ଗଦର୍ଶନ କାର୍ଯ୍ୟକ୍ରମ



ଜଗତସିଂହପୁର,୩।୮ (ସମିସ): ଜଗତସିଂହପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବନବିହାରୀ ସଂସ୍କୃତି ଓ ସେବା ସମିତି ମିଳିତ ସହଯୋଗରେ ମହାବିଦ୍ୟାଳୟ ବିଦ୍ୟାର୍ଥୀ ମାର୍ଗଦର୍ଶନ କାର୍ଯ୍ୟକ୍ରମ ବଡ଼ ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲ୍ଲା ଚାଳକ ସୁରେଶ ଚନ୍ଦ୍ର ରାୟ, ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ କାଳନ୍ଦୀ ପ୍ରଧାନ ଓ ନଗର ମହାବିଦ୍ୟାଳୟ ପ୍ରମୁଖ ଅମିତ ରାଉତ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଜଣେ ବିଦ୍ୟାର୍ଥୀର ସମୟାନୁବର୍ତ୍ତିତା, ଭବିଷ୍ୟତ ଲକ୍ଷ୍ୟ ସ୍ଥିର, ଶୃଙ୍ଖଳା, ଧୈର୍ଯ୍ୟନିଷ୍ଠ, ଚେତନା, ରାଷ୍ଟ୍ରୀୟ ଚରିତ୍ର, ବିଚାର, ସମାଜ ପ୍ରତି କର୍ତ୍ତବ୍ୟ, ଆଧ୍ୟାତ୍ମିକତା, ଆଧୀୟତା, ଏକତା, ବୀରବ୍ରତା, ବ୍ୟକ୍ତି ନିର୍ମାଣ ମାଧ୍ୟମରେ ରାଷ୍ଟ୍ରର ପୁନର୍ଗଠନ ଓ ଦେଶ ଭକ୍ତିର ପ୍ରକଟୀକରଣ ଆଦି ସମ୍ପର୍କରେ ମାର୍ଗଦର୍ଶନ କରାଯାଇଥିଲା।

## ନରସିଂହପୁର ଶିବମନ୍ଦିର ପରିସରରେ ଚାରାରୋପଣ



ବାଲିକୁଦା,୩।୮ (ସମିସ): ବଲିକୁଦା ବ୍ଲକ ନାଗପୁର ପଞ୍ଚାୟତ ନରସିଂହପୁର୍ ଗ୍ରାମର ସମାଜସେବୀ ସ୍ୱର୍ଗତ ବିଦ୍ୟାଧର ମହାନ୍ତିଙ୍କ ଜୟନ୍ତୀ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଭଗବାନ ଦାସ, ଅରବିନ୍ଦ ରଥ, ବିଭୁଦତ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଅଜୟ ସାହୁ, ଦେବଦତ୍ତ ମହାନ୍ତି, ପ୍ରତାପ ରଥ, ମହାଦେବ ସେନାପତି, ମନୋରଞ୍ଜନ ମହାନ୍ତି, ସଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରିଥିଲେ। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ।

## ପ୍ରାଧ୍ୟାପକ ପ୍ରହଲାଦ ଜେନା ସମ୍ମାନିତ

ବାଲିକୁଦା,୩।୮ (ସମିସ): ବଲିକୁଦା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ବିଶିଷ୍ଟ ଲେଖକ ପ୍ରହଲାଦ ଜେନାଙ୍କୁ ତାଙ୍କର ସାରସ୍ୱତ କୃତୀ ଓ ମହାବିଦ୍ୟାଳୟ ସ୍ତରୀୟ ରଚନା ପାଇଁ ଜଗତସିଂହପୁର ଜିଲ୍ଲାର ପ୍ରମୁଖ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ତିର୍ତ୍ତୋଲର ଅରିଲୋ ଶିଶୁ ଅନନ୍ତ ଆଶ୍ରମରେ ବାର୍ଷିକ ଉତ୍ସବରେ ବ୍ୟାସ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ଆଧ୍ୟାତ୍ମିକ ଗୁରୁ ପଦ୍ମଶ୍ରୀ ବାବା ବଳିଆ, ଜଗତସିଂହପୁର ଜିଲ୍ଲାର ପ୍ରାକ୍ତନ ସାଂସଦ



ଡକ୍ଟର କୁଳମଣି ସାମଲ, ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥୀ, ଗାୟକ ଶେଖର ଜଗନ୍ନାଥ ବେହେରା, ମୁଖ୍ୟ ଉପଦେଷ୍ଟା ଆଡଭୋକେଟ ଡକ୍ଟର ବୀରନାରାୟଣ ପାତ୍ର, ଶିଳ୍ପପତି ଶରତଚନ୍ଦ୍ର ଖୁଣ୍ଟିଆ, ସମାଜସେବୀ କ୍ଷେତ୍ରମୋହନ ଦାସ, ରାଜନେତା ଶିଶିର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ହୋଇଥିବା ଶ୍ରୀ ଜେନାଙ୍କୁ ବାଲିକୁଦା ଅଞ୍ଚଳର ବିଭିନ୍ନ ବର୍ଗର ଜନସାଧାରଣ ଅଭିନନ୍ଦନ ଜଣାଇଛନ୍ତି।

## ଚୋରା ମଦ ଜବତ; ଜଣେ ଗିରଫ

ପାରାଦୀପ, ୩।୮ (ସମିସ): ପାରାଦୀପ ଲକ୍ ଥାନା ଅଧୀନ ଭୂତମୁଣ୍ଡାଇ ଅଞ୍ଚଳରୁ ଜଣେ ଚୋରାମଦ ବ୍ୟବସାୟୀକୁ ପୁଲିସ ଗିରଫ କରିବା ସହ ମଦ ଜବତ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ଭୂତମୁଣ୍ଡାଇ ଗ୍ରାମର କେଲୁ ମଲ୍ଲିକଙ୍କ ପୁଅ ବାବୁନି ମଲ୍ଲିକ (୪୭)। ତା' ନିକଟରୁ ୧୩୧୪୦ ଲିଟର ବିଦେଶୀ ମଦ ଜବତ ହୋଇଛି। ଲକ୍ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ଭୂତମୁଣ୍ଡାଇରେ ଚୋରମଦ ବେପାର ଚାଲିଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ପାଇ ଏକ ଟିମ ପଠାଇବା ସହିତ ଚୋରା ବ୍ୟବସାୟୀକୁ ଗିରଫ କରିଥିଲେ।

## ବିଦ୍ୟୁତ୍ ଆଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ବାଲିକୁଦା,୩।୮ (ସମିସ): ଗତକାଲି ବିଳମ୍ବିତ ରାତିରେ ବିଦ୍ୟୁତ୍ ଆଘାତରେ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ଯୁବ ବ୍ୟବସାୟୀ ଅରୁଣ ଦାସ (୫୫)ଙ୍କ ମୃତ୍ୟୁ ଘଟିଛି। ଅରୁଣ ବାଲିକୁଦା ବଜାରରେ ଥିବା ନିଜର ମାଷ୍ଟର କ୍ୟାଣ୍ଟିନ ନାମକ ଜଳଖିଆ ଦୋକାନରେ କାମ ସାରି ଘରକୁ ଫେରି ଶୋଇବା ବେଳେ ଗୁଳୁଗୁଳି ହେବା କାରଣରୁ ଶରୀରରେ ଏକ ଓଦା ଗାମୁଛା ଘୋଡ଼ାଇ ହୋଇ ମୁଣ୍ଡ ଉପରେ ଟେବୁଲ ପଙ୍ଖା ଦେଇଥିଲେ। ବିଳମ୍ବିତ ରାତିରେ ନିଦ ବାଉଳାରେ ଅରୁଣଙ୍କ ହାତ ପଙ୍ଖା ସଂସ୍ପର୍ଶରେ ଆସିଥିଲା। ଫଳରେ ପଙ୍ଖା କରେଣ୍ଟ ଲାଗି ଗୁରୁତର ହୋଇ ଚିତ୍କାର କରିଥିଲେ ଅରୁଣ। ପରିବାର ଲୋକ ଗୁରୁତର ଅବସ୍ଥାରେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର



ମୃତ ଘୋଷଣା କରିଥିଲେ। ବାଲିକୁଦା ପୁଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ଜଗତସିଂହପୁର ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁଅ ଅନିମେଷ ଦାସ ମୁଖାଗ୍ନି ଦେଇଥିଲେ। ବଜାର କମିଟି ପକ୍ଷରୁ କାଠଗୋଲା ବଜାର ବନ୍ଦ ଓଳିଏ ବନ୍ଦ ରଖାଯାଇଥିଲା। ସରପଞ୍ଚ ରାଜକିଶୋର ସାହୁ ଓ ସମିତିସଭ୍ୟା ଯାଜ୍ଞସେନୀ ରାଉତଙ୍କ ସହ ବଜାର କମିଟିର ସମସ୍ତ ସଦସ୍ୟ ଶେଷ ଦର୍ଶନ କରିଥିଲେ। ଅରୁଣଙ୍କ ମୃତ୍ୟୁରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ପୂର୍ବତନ ବିଧାୟକ ଡାକ୍ତର ଲଲାଟେନ୍ଦୁ ମହାପାତ୍ର, ବିଜେପି ନେତା ଶିବବ୍ରତ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା

# ବନ୍ଦର ଡିଏଭି ପବ୍ଲିକ୍ ସ୍କୁଲର ବାଜିମାତ୍



ଆୟୁଷ ପରିଡ଼ା ଶ୍ରେଷ୍ଠ ଖେଳାଳି

ପାରାଦୀପ,୩।୮ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ପାରାଦୀପରେ ଆୟୋଜିତ ଆନ୍ତଃବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାରେ ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲ ଚାମ୍ପିଅନ୍ ହୋଇଛି। ଫାଇନାଲ୍ ମ୍ୟାଚରେ ଡିଏଭି ପବ୍ଲିକ୍ ସ୍କୁଲ ୭ ୱିକେଟ୍‌ରେ ବେଥାନୀ କନ୍‌ଭେଣ୍ଟ ସ୍କୁଲକୁ ହରାଇ ଏହି ସଫଳତା ହାସଲ କରିଛି। ବେଥାନୀ କନ୍‌ଭେଣ୍ଟ ସ୍କୁଲ ବ୍ୟାଟିଂ କରି ୨୮.୪ ଓଭରରେ ୧୦ ୱିକେଟ୍ ବିନିମୟରେ ୯୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଡିଏଭି ପବ୍ଲିକ୍ ସ୍କୁଲ ୧୮.୪ ଓଭରରେ ୩ ୱିକେଟ୍ ହରାଇ ୯୬ ରନ୍ କରି ବିଜୟୀ ହୋଇଥିଲା। ଡିଏଭି ପବ୍ଲିକ୍ ସ୍କୁଲର ସମସ୍ତ ଖେଳାଳି ଉଭୟ ବ୍ୟାଟିଂ ଓ ବୋଲିଂରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲେ। ଡିଏଭି ପବ୍ଲିକ୍ ସ୍କୁଲ ଛାତ୍ର ଆୟୁଷ ପରିଡ଼ାଙ୍କୁ ଚମତ୍କାର ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ସ୍କୁଲର ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ବିନ୍ଦୁଶ୍ରୀ ମହାନ୍ତି ଓ ଶିକ୍ଷକ ଶିକ୍ଷୟିତ୍ରୀ ଖେଳାଳି ଓ କୋଚ୍ ଶ୍ରୀମତୀ ସୌଭାଗିନୀ ପାଢ଼ୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରକ୍ତଦାନ କରି ବନ୍ଧୁତ୍ୱ ଦିବସ ପାଳନ

ଜଗତସିଂହପୁର,୩।୮ (ସମିସ): ଆଜି ବିଶ୍ୱ ବନ୍ଧୁତ୍ୱ ଦିବସ। ଏହି ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରିଛି ଜଗତସିଂହପୁରର ଗବ୍ରୁଜ ଫାଉଣ୍ଡେସନ। ସଂଗଠନ ପକ୍ଷରୁ ବନ୍ଧୁତ୍ୱ ଦିବସ ଅବସରରେ ଜିଲ୍ଲା ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଗବ୍ରୁଜ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ। ଏ ଅବସରରେ ଅବିନାଶ ସାହୁ, ଚିରଞ୍ଜୀବ ବେହେରା, ସୌଭାଗ୍ୟ ଭୋଳ, ସୌମ୍ୟ ସୁରଜ୍ ଦାସ, ରାଜେଶ ସାହୁ, ଅମରଜିତ୍ ରାୟ, ସୌରଭ ରାୟ, ବିଶ୍ୱଜିତ୍ ସିଂହ, ସ୍ମୃତିରଞ୍ଜନ ସ୍ୱାଇଁ, ରାକେଶ ନାଥ, ଅମିତ



ନାଥ, ରୁଦ୍ରପ୍ରସାଦ ମିଶ୍ର, ଆଶୁତୋଷ ନାୟକ, ସଂଗ୍ରାମ କେଶରୀ ସାହୁ, ରାଜକିଶୋର ପାତ୍ର ଓ ସୁମନ୍ତ ଚନ୍ଦନ ରାୟ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରେ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଆଲୋକ ଦାସ, ରକ୍ତ ଭଣ୍ଡାରର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ବନ୍ଧୁତ୍ୱ ଦିବସରେ ପୁରାତନ ଛାତ୍ରଙ୍କ ଚାରାରୋପଣ

ପାରାଦୀପ, ୩।୮ (ସମିସ): ବନ୍ଧୁତ୍ୱ ଦିବସକୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୫ ସ୍ନାତକ ବ୍ୟାଚ୍ ପୁରାତନ ଛାତ୍ର ନିଆରା ଢଙ୍ଗରେ ପାଳନ କରିଛନ୍ତି। ଆଜି ସେମାନେ ପାରାଦୀପ ଗଲ୍ଫ ଫିଲଡ୍‌ରେ ଏକତ୍ରିତ ହୋଇଥିଲେ। ପରେ କେଭିନ ମାର୍କେଟ ସମ୍ମୁଖରେ ଚାରାରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଉପରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେବା ସହ ବୃକ୍ଷ ହିଁ ଜୀବନ ଆଧାରରେ ସଚେତନ କରିଥିଲେ। ପରେ ପୁରାତନ ବନ୍ଧୁଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣୟ ଦାସ, ପ୍ରେମାନନ୍ଦ ଲେଙ୍କା, ସମୀର ରାଉତ, ମିହିର ଆଚାର୍ଯ୍ୟ, ଶରତ ସିଂହ, ଅଶ୍ୱିନୀ ନାହାନ୍ତି, ସୁଶାନ୍ତ ପଣ୍ଡା, ସୌମ୍ୟଜିତ ମହାପାତ୍ର, ବସନ୍ତ ଲେଙ୍କା, ଭାଗୀରଥି ମଲ୍ଲିକଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ଜନକଲ୍ୟାଣ ସଂସ୍ଥା ପକ୍ଷରୁ ବିଜୟ ସୂତାର, ବିଚିତ୍ରାନନ୍ଦ ପ୍ରଧାନ ଓ ସ୍କୁଲ ଛାତ୍ର ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପ୍ରାଣକୃଷ୍ଣ ପଢିହାରୀଙ୍କ ସ୍ମୃତିରେ ବକ୍ତୃତା ପ୍ରତିଯୋଗିତା



ଜଗତସିଂହପୁର,୩।୮ (ସମିସ): ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ମହାନ୍ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀଙ୍କ ୬୭ତମ ତିରୋଧାନ ଦିବସ ଆସନ୍ତା ୮ ତାରିଖରେ ପାଳିତ ହେବ। ଏହି ଅବସରରେ ପ୍ରାଣକୃଷ୍ଣ ପଢିହାରୀ ସ୍ମୃତି ପରିଷଦ ପକ୍ଷରୁ ଆଜି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଭାରତର ସ୍ୱାଧୀନତା ସଂଗ୍ରାମ ଓ ପଣ୍ଡିତ ପ୍ରାଣକୃଷ୍ଣ ପଢିହାରୀ' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜଗତସିଂହପୁର ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲା। ଏଥିରେ ବିଚାରକ ଭାବେ ଏସଭିଏମ୍ କଲେଜ ଅଧ୍ୟାପକ ଡଃ. ଶରତଚନ୍ଦ୍ର ମହାରଣା, ଅଧ୍ୟାପକ ସୁବାସ ଭୋଇ ଓ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଧ୍ୟାପକ ବିପିନ ବିହାରୀ ପାତ୍ର ଯୋଗ ଦେଇଥିଲେ। ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ରୀ ଆତ୍ରେୟୀ ଭଞ୍ଜ ପ୍ରଥମ, ସୁଧାନନ୍ଦ ବିଦ୍ୟାଳୟ ଛାତ୍ରୀ କ୍ଷୀରାବ୍ଧି ତନୟା ନାୟକ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପଦ୍ମଜା ମହାନ୍ତି ତୃତୀୟ ହୋଇଥିଲେ। ସ୍ୱର୍ଗତ ପଢିହାରୀଙ୍କ ଶ୍ରାଦ୍ଧ ଦିବସ ଉତ୍ସବରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିସହିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସ୍ମୃତି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ସ୍ମୃତି ପରିଷଦ ପକ୍ଷରୁ ସଭାପତି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ସମ୍ପାଦକ ଶୁଭକାନ୍ତ ପଢିହାରୀ, ଅଳକା ଆଶ୍ରମ କର୍ମକର୍ତ୍ତା ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର, ଅଧ୍ୟାପକ ଭଗବାନ ଦାଶ, ଶିକ୍ଷାବିତ ବିଜୟ ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଦୁର୍ଯ୍ୟୋଧନ ମହାରଣା, ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍ମୃତି ପରିଷଦର ସମ୍ପାଦକ ତଥା ସଂଗ୍ରାମୀଙ୍କ ଉତ୍ତରଦାୟାଦ ସାମ୍ବାଦିକ ଶୁଭକାନ୍ତ ପଢିହାରୀ ଧନ୍ୟବାଦ ଦେଇଥିଲେ।

## ପାରାଦୀପ ବିଶ୍ୱକର୍ମା ପୂଜା

# ଦେଢ ମାସ ଆଗରୁ ପ୍ରସ୍ତୁତି ଆରମ୍ଭ

ପାରାଦୀପ, ୩।୮ (ସମିସ):



ଚଳିତ ବର୍ଷ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଧୂମ୍‌ଧାମରେ ହେବା ନେଇ ସ୍ଥିର ହୋଇଥିବାବେଳେ ଆଜିଠୁ ତୋରଣ ପ୍ରସ୍ତୁତି ନେଇ ଦୁଇଟି ସଂଗଠନ ପକ୍ଷରୁ ବାଉଁଶ ପକାଯାଇଛି। ଦେଢ ମାସ ପୂର୍ବରୁ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ତୋରଣରେ ପ୍ରତିଯୋଗିତା ନିଶ୍ଚୟ ହେବ। ତୋରଣ, ମୂର୍ତ୍ତି ସଜ୍ଜା ଓ ବାହ୍ୟ ସାଜସଜ୍ଜାରେ ସଂଗଠନକୁ ପୁରସ୍କୃତ କରାଯାଏ। ଏବେଠୁ ପ୍ରତିଯୋଗିତା ହେବା ନେଇ ସ୍ପଷ୍ଟ ବାରି ହୋଇପଡୁଛି। ଏଥର ପୂଜାରେ ଏକ ନିର୍ଦ୍ଦିଷ୍ଟ ସଂଗଠନ ଭାଗ ନ ନେବା ନେଇ ସ୍ଥିର କରିଥିବା ଶୁଣିବାକୁ ମିଳୁଛି। ତେବେ କେଉଁ ସଂଗଠନ ପୂଜାରୁ ବାଦ ପଡ଼ିବ, ସେ ନେଇ ଆଲୋଚନା ମଧ୍ୟ ଏବେ ଜୋର ଧରିଛି।

ପ୍ରଥମ ପ୍ରସ୍ତୁତି ବୈଠକରେ ଉପସ୍ଥିତ ନ ରହିବା ପୂଜାରୁ ବାଦ ପଡିବା ସନ୍ଦେହକୁ ଆହୁରି ବଢାଇ ଦେଇଛି। ପୂଜା ହେଉଥିବା ଜାଗାରେ ପ୍ରାୟ ୧୦ଟି ବିଭିନ୍ନ ସ୍ଥାନରେ ବଡ ବଡ ମେଢ କରାଯିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ କେତେକ ସଂଗଠନ ପୁରୁଣା ଜାଗା ନ ଛାଡି ନିଜ ଅକ୍ତିଆରରେ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି। ଏପରିକି ସେମାନେ ନିଜ ସଂଗଠନ କାର୍ଯ୍ୟାଳୟରେ ପୂଜା କରି ପୂଜା ପେଣ୍ଡାଲରେ କେବଳ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବା ନେଇ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଏହି ପୂଜାର ସମଗ୍ର ରାଜ୍ୟରେ ବିଶେଷତ୍ୱ ରହିଥିବାବେଳେ ଚଳିତ ବର୍ଷ ପୂଜାକୁ ବେଶ ଜାକଜକମରେ କରିବାକୁ ଚେଷ୍ଟା ଚାଲିଛି। ଏବେଠୁ ପ୍ରସ୍ତୁତି ଆରମ୍ଭ ଦେଖି ସହରବାସୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଲାଣି। ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବାରୁ ପୁଲିସ, ଜିଲ୍ଲା ଓ ପୌର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କେତେକ ସଂଗଠନ କୋଲକାତା ଭଳି ରାଜ୍ୟ ବାହାରୁ ତୋରଣ ନିର୍ମାଣ କରିବାକୁ କୁଶଳୀ କାରିଗରଙ୍କୁ ଆଣୁଥିବା ଜଣାପଡିଛି। ଗତବର୍ଷ ପୁରସ୍କାର ବିତରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଡମ୍ଫର ମାଲିକ ସଙ୍ଘ ଚଳିତବର୍ଷ ପୂଜାରୁ ବାଦ ପଡିବା ଘୋଷଣା କରିଥିବାବେଳେ ଏଥର ପୂଜା କରିବା ନେଇ ଏକ ପ୍ରକାର ସ୍ଥିର କରିଥିବା ଜଣାପଡିଛି।

## ଶତାୟୁ ସୁଲୋଚନା ଦେବୀଙ୍କ ସ୍ମୃତିଚାରଣ ସଭା

କୁଜଙ୍ଗ,୩।୮ (ସମିସ): କୁଜଙ୍ଗ ବ୍ଲକ୍ ସମାଗୋଳସ୍ଥ ସ୍ୱର୍ଗତ ଶତ୍ରୁଘ୍ନ ମହାନ୍ତିଙ୍କ ଧର୍ମପତ୍ନୀ ଶତାୟୁ ସୁଲୋଚନା ଦେବୀଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଓ ଗୀତାପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାତି ତଥା ଯୁବ ସଂଗଠକ ଅରୂପ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇଂ ଗୁରୁପ୍ରଦାଦ ମହାନ୍ତି, ଡଃ ନିବେଦିତା ମହାନ୍ତିଙ୍କ ସହ କୁଜଙ୍ଗ, ଭୁବନେଶ୍ୱରର ବହୁ ବୁଦ୍ଧଜୀବୀ, ରାଜନେତା ଓ ମୁରବୀ ଯୋଗଦେଇ ସୁଲୋଚନା ଦେବୀଙ୍କ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଝିଅ ଗୀତା, ଜ୍ୱାଇଁ ସୁରେନ୍ଦ୍ରଙ୍କ ସହ ପରିବାର ସଦସ୍ୟ ସହଯୋଗ କରିଥିଲେ। ଜ୍ୟେଷ୍ଠ ପୁଅ ପଣ୍ଡିତ ଅଭିରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।